

**ସୋନାକ୍ଷୀଙ୍କ ରୌଦ୍ର ରୂପ**

▶ଭିତର ପୃଷ୍ଠା ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-50 ◆WEDNESDAY ◆13 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୦ ◆ବୁଧବାର ◆୧୩ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# 'ଆଧାର' ନାଗରିକତ୍ୱର ପ୍ରମାଣ ନୁହେଁ: ସୁପ୍ରିମକୋର୍ଟ

## ଅଦାଲତ ତର୍ଜମା କରିବେ ନିର୍ବାଚନ କମିସନଙ୍କ ନାଗରିକତ୍ୱ ନିର୍ଦ୍ଧାରଣ କ୍ଷମତା



■ **ନୂଆଦିଲ୍ଲୀ, ୧୨।୮ (ଏଜେନ୍ସି):** ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ମାମଲାର ଶୁଣାଣି ଆଜି ସୁପ୍ରିମକୋର୍ଟରେ ଆରମ୍ଭ ହୋଇଛି। ଶୁଣାଣି ବେଳେ ଉଭୟ ଆବେଦନକାରୀ ଏବଂ ନିର୍ବାଚନ କମିସନ ସେମାନଙ୍କର ଯୁକ୍ତି ଉପସ୍ଥାପନ କରୁଥିବା ବେଳେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ଆଧାର କାର୍ଡକୁ ନାଗରିକତ୍ୱର ପ୍ରମାଣ ରୂପେ ଗ୍ରହଣ କରାଯାଇପାରିବ ନାହିଁ। ତେବେ ନାଗରିକିତ୍ୱ ନିର୍ଦ୍ଧାରଣ ପ୍ରସଙ୍ଗରେ ନିର୍ବାଚନ କମିସନର କ୍ଷମତା ରହିଛି କି ନାହିଁ ତାର ତର୍ଜମା କରାଯିବ। କୋର୍ଟ କହିଛନ୍ତି ଯେ ଏସ୍ଆଇଆରରେ କୌଣସି ପ୍ରକାର ବେଆଇନ କାମ ହୋଇଥିଲେ ଏହାକୁ ରଦ୍ଦ କରି ଦିଆଯିବ।

ଆଜି ମାମଲାର ଶୁଣାଣି ବେଳେ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି ଯେ ଭୋଟର ତାଲିକାରେ ନାଗରିକ ଓ ଅଣନାଗରିକମାନଙ୍କ ନାମ ସାମିଲ କରାଯିବା ଓ ବାଦ୍ ଦିଆଯିବାର କ୍ଷମତା କମିସନ ପାଖରେ ରହିଛି। ଆଧାର କାର୍ଡକୁ ନାଗରିକତ୍ୱର ଏକମାତ୍ର ପ୍ରମାଣ ରୂପେ ଗ୍ରହଣ କରାଯାଇ ପାରିବ ନାହିଁ ବୋଲି କମିସନଙ୍କ ଯୁକ୍ତି ବି ଠିକ୍। ଆଧାର ଆଇନର ଧାରା ୯ ଅନୁଯାୟୀ ଏହାର ଯାଞ୍ଚ କରାଯିବାର ଆବଶ୍ୟକତା ରହିଛି। ତେବେ ଏସ୍ଆଇଆର୍ ବେଳେ କମିସନ ଯେଉଁସବୁ ପ୍ରମାଣପତ୍ର ଲୋଡ଼ିଛନ୍ତି ତାହା ଅଧିକାଂଶ ବିହାର ବାସିନ୍ଦାଙ୍କ ପାଖରେ ନାହିଁ ବୋଲି କୁହାଯାଇପାରିବନାହିଁ। ମାମଲାର ଶୁଣାଣି କରୁଥିବା ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗଚିଙ୍କ ▶ପୃଷ୍ଠା-୭

# ଏସ୍ଆଇଆର୍ ପ୍ରସଙ୍ଗ: ଚାଲିପାରୁନି ସଂସଦ

## ବିରୋଧୀଙ୍କ ହଙ୍ଗାମା, ଗୃହରେ ଚିରିଲେ ଏସ୍ଆଇଆର୍ କାଗଜ



■ **ନୂଆଦିଲ୍ଲୀ, ୧୨।୮:** ବିହାରରେ ଚାଲିଥିବା ବିବାଦୀୟ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ବା ଏସ୍ଆଇଆରକୁ ନେଇ ଆଜି ୧୭ ଦିନ ଧରି ସଂସଦ ଅଚଳ ରହିଛି। ଏହି ପ୍ରସଙ୍ଗ ଉପରେ ଆଲୋଚନା ପାଇଁ ବିରୋଧୀ ଦଳ ଜିଦ ଧରିଥିବା ବେଳେ ସେମାନଙ୍କୁ ଏଥିପାଇଁ ଅନୁମତି ମିଳୁନାହିଁ। ଫଳରେ ସଂସଦର ଚଳିତ ଅଧିବେଶନ ଦୁଇ ଦିନ ଛାଡ଼ି ଅନ୍ୟସବୁ ଦିନ ଅଚଳ ରହିଛି। ବିରୋଧୀ ସଭ୍ୟମାନେ ଆଜି ଉଭୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହମଧ୍ୟକୁ ଯାଇ ପାଟିତୁଣ୍ଡ କରିଛନ୍ତି। ସ୍ଲୋଗାନବାଜି କରିଛନ୍ତି। ପରିସ୍ଥିତି ଅଶାନ୍ତ ରହିବାରୁ ଗୋଟିଏ ଦୁଇଟି ବିଲ୍ ପାସ ହେବାପରେ ସଂସଦକୁ ମୁଲତବୀ କରିଦିଆଯାଇଛି।

ଆଜି ଲୋକସଭା ବୈଠକ ଆରମ୍ଭ ହେବାମାତ୍ରେ କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳ ବିହାର ଭୋଟର ତାଲିକା ଉପରେ ଆଲୋଚନା ପାଇଁ ଦାବି କରିଥିଲେ। ବାଚସ୍ପତି ଅନୁମତି ନଦେବାରୁ ସେମାନେ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। କଳା ପୋଷାକ ପିନ୍ଧିବା ସହିତ ହାତରେ ପ୍ଲାକାର୍ଡ ଧରି ସ୍ଲୋଗାନ ଦେଇଥିଲେ। ସେମାନେ ଏସ୍ଆଇଆର୍ କାଗଜକୁ ଗୃହରେ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ବାଚସ୍ପତିଙ୍କ ଆସନ ଆଡ଼କୁ ଫୋପାଡ଼ିଥିଲେ। ଗୃହକୁ ବିଭିନ୍ନ ପର୍ଯ୍ୟାୟରେ ମୂଳତବୀ କରାଯାଇଥିଲା। ବୈଠକ ଅପରାହ୍ନ ୪ଟା ୩୦ ▶ପୃଷ୍ଠା-୭

### ବରଗଡ଼ ଛାତ୍ରୀ ଆତ୍ମଦାହ ଘଟଣାରେ ନବୀନଙ୍କ କ୍ଷୋଭ



# ବିଜେପି ସରକାରଙ୍କ ସ୍ଥାଣୁତା ଯୋଗୁ ରାଜ୍ୟରେ ଝିଅ ଅସୁରକ୍ଷିତ

■ **ଭୁବନେଶ୍ୱର, ୧୨।୮ (ସମିସ):** ରାଜ୍ୟରେ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇ ପଡ଼ିଥିବା ବେଳେ ଜଣକ ପରେ ଜଣେ ନାବାଳିକା ଓ ଛାତ୍ରୀଙ୍କର ଜୀବନ ନିଆଁର ଆଁରେ ଚାଲିଯାଉଛି। ଏପରି ସ୍ପର୍ଶକାତର ଘଟଣା ରୋକିବା ଦିଗରେ ସରକାର ଏକପ୍ରକାର ଉପାୟଶୂନ୍ୟ ହୋଇଛନ୍ତି। ଏହାକୁ ନେଇ ଜନ ଅସନ୍ତୋଷ ତୀବ୍ର ହେଲାଣି। ଏହିକ୍ରମରେ ସୋମବାର ବରଗଡ଼ ଗାଇସିଲଟ ବ୍ଲକର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢ଼ାଳି ହୋଇ ନିଜକୁ ଜାଳି ଦେବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଏପରି ହୃଦୟ ବିଦାରକ ଧାରାକୁ ରୋକିବା ପାଇଁ ବିଜେପି ସରକାର ଆଉ କେତେ ସମୟ ଅପେକ୍ଷା କରିବ? ବିଜେପି ସରକାରର ଏପରି ଅସ୍ୱାଭାବିକ ନୀରବତା ଏବଂ ସ୍ଥାଣୁତା ଓଡ଼ିଶାର ଝିଅମାନଙ୍କୁ ଆହୁରି ଅସୁରକ୍ଷିତ କରିଦେଉଛି ବୋଲି କ୍ଷୋଭର ସହ କହିଛନ୍ତି ନବୀନ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ବରଗଡ଼ର ଗାଇସିଲଟରେ ଜଣେ ▶ପୃଷ୍ଠା-୭

> **ବ୍ୟବସ୍ଥାର ବିଫଳତା ପାଇଁ ବାରମ୍ବାର ଘଟୁଛି ଏପରି ଘଟଣା**
>
> **ଏପରି ଧାରାକୁ ରୋକିବା ପାଇଁ ସରକାର କେତେ ସମୟ ନେବେ**

### କେନ୍ଦ୍ରାପଡ଼ାରେ ଲଜ୍ଜା !

# ଦଶମ ଛାତ୍ରୀଙ୍କୁ ଗଣଦୁଷ୍କର୍ମ

■ **ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଭଳି ଏକ ଅମାନବୀୟ ଘଟଣା ରାଜ୍ୟବ୍ୟାପୀ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଠାକୁର ମୂର୍ତ୍ତି କିଣିବାକୁ ନେବା ବାହାନାରେ ଛାତ୍ରୀଙ୍କ ପିଇସା ଓ ଅନ୍ୟ ୪ଜଣ ଯୁବକ ଏକ ନିଛାଟିଆ ସ୍ଥାନରେ ତାଙ୍କୁ ଦୁଷ୍କର୍ମ କରିଛନ୍ତି।

> **ଅଭିଯୁକ୍ତ ପିଇସାକୁ କୋର୍ଟ ଚାଲାଣ; ୪ ଯୁବକ ଅଟକ**

ରାଜନଗର ପୁଲିସ୍ ଏହି ଘଟଣାରେ ୫ଜଣଙ୍କୁ ଉଠାଇ ଆଣିଛି। ମଙ୍ଗଳବାର ମୁଖ୍ୟ ଅଭିଯୁକ୍ତ ପିଇସା ଚିତ୍ତରଞ୍ଜନ ମଲ୍ଲିକ ଓରଫ ହାପିଙ୍କୁ କୋର୍ଟଚାଲାଣ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପଚରାଉଚରା କରାଯାଉଛି ବୋଲି ପୁଲିସ କହିଛି। ଏହି ଘଟଣାରେ ପୁଲିସ୍ ବିଏନ୍ଏସ୍ ଦଫା ୭୦(୨) (ଗଣଦୁଷ୍କର୍ମ), ୧୧୫(୨) (ମାରପିଟ୍), ୩୫୧(୩) (ଧମକଚମକ), ୨୦୧୨, ୨୦୧୯ ପୋକ୍ସୋ ଆକ୍ଟ ୬(୧)ରେ ନମ୍ବର ୨୬୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ଗତ ଶନିବାର (ରାକ୍ଷୀ ପୂର୍ଣ୍ଣିମା) ଅପରାହ୍ଣ ୫ଟାରେ ନିଜର ପିଇସା ସହ ପୀଡ଼ିତା ଛାତ୍ରୀଜଣଙ୍କ ଖୁଦୁରୁକୁଣୀ ଓଷା ନିମନ୍ତେ ମୂର୍ତ୍ତି ଆଣିବାକୁ ବାହାରିଥିଲେ। କିନ୍ତୁ ପିଇସା ଏକ ମଶାଣି ଆଡ଼କୁ ନେବାରୁ ନାବାଳିକାର ସନ୍ଦେହ ହୋଇଥିଲା। ଏ ସମ୍ପର୍କରେ ▶ପୃଷ୍ଠା-୭

### ସରକାରୀବାବୁଙ୍କ ଉପରେ ଲାଗିବ ଲଗାମ୍

# ଏଣିକି ସବୁ ଅଫିସରେ ଏଆଇ ଭିତ୍ତିକ ଉପସ୍ଥାନ

■ **ଭୁବନେଶ୍ୱର, ୧୨।୮ (ସମିସ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଅଧିକାରୀ ଓ କର୍ମଚାରୀମାନେ ବିଳମ୍ବରେ ଆସୁଥିବା ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି ମୁଖ୍ୟ ଶାସନ ସଚିବ। ମଙ୍ଗଳବାର ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏନେଇ ବ୍ୟାପକ ଚର୍ଚ୍ଚା ଆଲୋଚନା ହୋଇଛି। କର୍ମଚାରୀମାନେ ଠିକ୍ ସମୟରେ ଅଫିସରେ ପହଞ୍ଚିବା ପାଇଁ ପୂର୍ବରୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାକୁ ନିଶ୍ଚିତ କରିବା ପାଇଁ ସରକାର କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ଭିତ୍ତିକ ଉପସ୍ଥାନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ଲୋକସେବା ଭବନ ଓ ଖାରବେଳ ଭବନରୁ ଏହାକୁ ପ୍ରାଥମିକତା ଭିତ୍ତିରେ ଆରମ୍ଭ କରାଯିବ ଓ ପରବର୍ତ୍ତୀ ସମୟରେ ସାରା ରାଜ୍ୟରେ ସବୁ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ▶ପୃଷ୍ଠା-୭

> **ଠିକ୍ ଦାୟିତ୍ୱ ନ ତୁଲାଇଲେ ଅବଧି ପୂର୍ବରୁ ଅବସର**




# ମହିଳା ମହାବିଦ୍ୟାଳୟରେ ରାଗିଂ ନିରୋଧୀ ସପ୍ତାହ ଉଦ୍‌ଘାଟିତ



ସମ୍ବଲପୁର, ୧୨।୮ (ସମିସ) : ସରକାରୀ ମହିଳା ମହାବିଦ୍ୟାଳୟର ରାଗିଂ ନିରୋଧୀ ସେଲ୍, ଅନ୍ତରୀଣ ଅଭିଯୋଗ ସେଲ୍ ଓ ଅନ୍ତରୀଣ ଗୁଣବତ୍ତା ଆଶ୍ୱାସନା ସେଲ୍ ପକ୍ଷରୁ ରାଗିଂ ନିରୋଧୀ ସପ୍ତାହ ଉଦ୍‌ଘାଟିତ ହୋଇଯାଇଛି । ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଛାତ୍ରୀଙ୍କୁ ସଚେତନ କରାଇବା ପାଇଁ ଏକ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷା ପ୍ରଫେସର ମେହେର ଛାତ୍ରୀଙ୍କୁ ପଠନରେ ଧ୍ୟାନ ଦେବା ସହ ମାନବୀୟ ସଦ୍‌ଗୁଣ ଗୁଡ଼ିକୁ ଉପଯୋଗ କରିବା ପାଇଁ ଛାତ୍ରୀମାନଙ୍କୁ ଅନୁରୋଧ କରିଥିଲେ । ରାଗିଂ ନିରୋଧୀ ପ୍ରକୋଷ୍ଠର ସଂଯୋଜିକା ପ୍ରଫେସର ସୁନନ୍ଦିନୀ ଦାଶ ଏହି ସେଲ୍ ଦ୍ୱାରା ଆଗାମୀ ସାତଦିନ ଧରି ହେବାକୁଥିବା ବିଭିନ୍ନ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ । ମହାବିଦ୍ୟାଳୟର ବାତାବରଣକୁ ସ୍ୱଚ୍ଛ ତଥା ଅଧ୍ୟୟନ ଉପଯୋଗୀ କରି ରଖିବାପାଇଁ ଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ । ଆଲୋଚକ ଭାବରେ ଓଡ଼ିଆ ବିଭାଗ ମୁଖ୍ୟ ଅଧ୍ୟାପକ ଅଖିଳ ବିଶ୍ୱାଳ ଯୋଗଦେଇ ସୁପ୍ରିମ କୋର୍ଟ, ସରକାର ଏବଂ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଦ୍ୱାରା ପ୍ରଣୀତ ଆଇନ ଏବଂ ନିର୍ଦ୍ଦେଶନାମା ଉପରେ ଆଲୋକପାତ କରିବାସହ ରାଗିଂକୁ ଏକ ଦଣ୍ଡନୀୟ ଅପରାଧ ବୋଲି କହିଥିଲେ । ଅନ୍ୟତମ ଆଲୋଚକ ଗୁଣବତ୍ତା ଆଶ୍ୱାସନା ସେଲ୍‌ର ସଂଯୋଜକ ପ୍ରଫେସର ରବୀନ୍ଦ୍ର ପାଣିଗ୍ରାହୀ ରାଗିଂର ପରମ୍ପରାକୁ ଭାଙ୍ଗିବା ପାଇଁ ଆଜି ଦିନଟି ଅଭିପ୍ରେତ ବୋଲି କହିଥିଲେ । ଅନ୍ତରୀଣ ଅଭିଯୋଗ ସେଲ୍‌ର ସଂଯୋଜିକା ପ୍ରଫେସର ମନସ୍ୱିନୀ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ । ମନୋବିଜ୍ଞାନ ବିଭାଗ ମୁଖ୍ୟ ପ୍ରଫେସର ସମିତା ଆଚାର୍ଯ୍ୟ ଆଜିର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

### ଛାତ୍ର ଓ ଯୁବ ବିଜେଡି ପକ୍ଷରୁ ସ୍ମାରକପତ୍ର ପ୍ରଦାନ

# ଶାସନ ବ୍ୟବସ୍ଥାରେ ନିଷ୍କ୍ରିୟତାରୁ ବଢୁଛି ନାରୀ ନିର୍ଯାତନା

କୁଚିଣ୍ଡା, ୧୨।୮ (ସମିସ)

ରାଜ୍ୟରେ ବଢୁଥିବା ମହିଳା ବିରୋଧୀ ହିଂସା ତଥା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥା ବିରୋଧରେ ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ଓଡିଶାର ସମସ୍ତ ଜିଲ୍ଲାର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ପୁଲିସ ମହାନିର୍ଦ୍ଦେଶକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଶୋଭାଯାତ୍ରା ଯାଇ କୁଚିଣ୍ଡା ଏସ୍‌ଡିପିଓଙ୍କ ଜରିଆରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି ।ଯୁବ ଛାତ୍ର ବିଜେଡି ପକ୍ଷରୁ ମହିଳା ବିରୋଧୀ ହିଂସା ତଥା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ନେଇ ଆନ୍ଦୋଳନ ଜାରି ରହିଛି ବୋଲି ରାଜ୍ୟ ଯୁବ ବିଜେଡ଼ି ପୂର୍ବତନ କାର୍ଯ୍ୟକାରୀ ସଭାପତି ସଂଜିତ ମହାନ୍ତି ପ୍ରକାଶ କରିଛନ୍ତି । ଯୁବଛାତ୍ର ବିଜେଡି ସଦସ୍ୟମାନେ କୁଚିଣ୍ଡା ଉପଖଣ୍ଡ ଏସ୍‌ଡିପିଓ କାର୍ଯ୍ୟାଳୟ ସମ୍ମୁଖରେ ଏସଡିପିଓ ପ୍ରଦୀପ କୁମାର ଦାସଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । କାର୍ଯ୍ୟାକ୍ରମରେ କୁଚିଣ୍ଡା ବ୍ଲକ୍ ଅଧ୍ୟକ୍ଷ ଭୁବନେଶ୍ୱର କିସାନ,ଛାତ୍ର ବିଜେଡି ସମ୍ବଲପୁର ଜୋନ ଉପସଭାପତି ଦେବଜ୍ୟୋତି ପଟ୍ଟନାୟକ, ସାଧାରଣ ସମ୍ପାଦକ ସନ୍ଦୀପ ମହାନ୍ତି, ଯୁବ ବିଜେଡି ସମ୍ବଲପୁର ଜୋନ ଉପସଭାପତି ପ୍ରତାପ ଶର୍ମା, ଛାତ୍ର ବିଜେଡି ଟାଉନ ସଭାପତି ଅଭିଳାଷ ଅଗ୍ରୱାଲ, ସମ୍ବଲପୁର ଜିଲ୍ଲା ଉପସଭାପତି ସୁମିତ ପଟେଲ, ଛାତ୍ର ବିଜେଡି ଜିଲ୍ଲା ସାଧାରଣ ସମ୍ପାଦକ ଚୁମନ ପ୍ରଧାନ, କୁଚିଣ୍ଡା ମହାବିଦ୍ୟାଳୟ କ୍ୟାମ୍ପସ ସଭାପତି ଆର୍ଯ୍ୟନ ବହିଦାର, ଭେଷଜ ପଟ୍ଟା, ରୂପା ପ୍ରଧାନ, ରୁପାଲି ମେହେର, ସୋନିଆ, ଆଲୋକ କିସାନ, ଦେଶବାସି ସାହୁ ବିକାଶ କିଶାନ, ଲୁକେଶ କିଶାନ, ସଞ୍ଜୟ ଡୁଡୁଙ୍ଗ, ସୁରଜ ପଲେଇ, ନରେନ ବାଗ, ବିମଳେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## କିଲିମାଞ୍ଜାରୋ ଶୃଙ୍ଗ ଆରୋହଣ କରି ଫେରିଲେ ଆଶୀର୍ବାଦ

ବରଗଡ଼,୧୨।୮ (ସମିସ): ଦକ୍ଷିଣ ଆଫ୍ରିକାରେ କିଲିମାଞ୍ଜାରୋ ପର୍ବତ (୫୮୯୫ ମିଟର) ଆରୋହଣ କରି, ସେଠାରେ ଜାତୀୟ ପତାକା ଉଡ଼ାଇ ଇତିହାସ ରଚିଥିବା ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ କୁଲିତା ଟିକିରା ଗାଁର ଯୁବ ପର୍ବତାରୋହୀ ଆର୍ଶୀବାଦ ମହାପାତ୍ର ଆଜି ଜନ୍ମମାଟିକୁ ଫେରିଛନ୍ତି । ବରଗଡ଼ ଗାନ୍ଧୀ ଛକ ଠାରେ ସଂକଳ୍ପ ପରିବାର, ନିଷ୍ଠା ପରିବାର, ଫାଇଟସ୍‌ର୍ ଗ୍ରୁପ, କୋଶଲ ସଂଗ୍ରାମୀ, ଅଶ୍ୱିନୀ ଦର୍ଜୀ, ସୁରେନ୍ଦ୍ର ପଣ୍ଡା ଓ ଶତାଧିକ ବରଗଡ଼ ବାସୀ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଆଶୀର୍ବାଦଙ୍କୁ ବରଗଡ଼ର ସମଲେଇ ମନ୍ଦିର ଯାଏଁ ପାଛୋଟି ନେଇଥିଲେ । ମାଁ ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ପୂଜାର୍ଚ୍ଚନା କରିଥିଲେ । ଏହି ଅବସରରେ ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ, ଜି.ରମେଶ, ଅନନ୍ତ ସାହୁ, ଚିନ୍ମୟ ପାଣ୍ଡେ, ନୀଲେଶ ପ୍ରଧାନ, ନବୀନ ବୁଡ଼େକ ସମେତ ଅନ୍ୟାନ୍ୟ ସଂଗଠନର ସଦସ୍ୟ ଗଣ ଉପସ୍ଥିତ ରହିଥିଲେ ।

## ଡୁଡୁକିଝରିଆ ଜଙ୍ଗଲରୁ ଝୁଲନ୍ତା ଶବ ଉଦ୍ଧାର

ପାଇକମାଲ,୧୨।୮ (ସମିସ): ପାଇକମାଳ ଥାନା ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ନିକଟସ୍ଥ ଜଙ୍ଗଲରୁ ଜଣେ ଯୁବକଙ୍କ ଝୁଲନ୍ତା ଶବ ପାଇକମାଳ ପୁଲିସ ଉଦ୍ଧାର କରିଛି । ପାଇକମାଳ ଥାନା ଅଧୀନ ଡୁଡୁକିଝରିଆ ଗାଁର ଦୀନବନ୍ଧୁ ଭୋଇଙ୍କ ପୁଅ ଚନ୍ଦ୍ରଶେଖର ଭୋଇ (୧୯)ଙ୍କ କିଛିଦିନ ଆଗରୁ ମାନସିକ ସ୍ଥିତି ଠିକ୍ ନ ଥିଲା । ସେ ମଝିରେ ମଝିରେ ଦିନେ ଦୁଇ ଦିନ କାହାକୁ କିଛି ନ ଜଣାଇ କୁଆଡ଼େ ପଳାଇ ଯାଉଥିଲେ । ସୋମବାର ତାଙ୍କ ବାପା ବିଲକୁ ପାଣି ମଡ଼ାଇବା ପାଇଁ ସାଙ୍ଗରେ ଯିବାକୁ କହିଥିଲେ । ମାତ୍ର ସେ ନିଜ ବାପାଙ୍କ ସହ ନଯାଇ ନିକଟସ୍ଥ ଜଙ୍ଗଲ ପାଖରେ ଥିବା ଡ୍ୟାମ ପଟକୁ ଯାଇ ଆଉ ଫେରି ନଥିଲେ । ପରେ ତାଙ୍କୁ ଖୋଜାଖୋଜି କରା ହୋଇଥିଲା । ସକାଳେ ନିକଟସ୍ଥ ଜଙ୍ଗଲରେ ଗୋଟିଏ ଗଛରେ ସେ ଆତ୍ମହତ୍ୟା କରିଥିବା ଦେଖି ପାଇକମାଳ ପୁଲିସକୁ ଖବର ଦିଆଯାଇଥିଲା । ପାଇକମାଳ ପୁଲିସ ଘଟଣାସ୍ଥଳ ପହଞ୍ଚି ଝୁଲନ୍ତା ଶବ ଉଦ୍ଧାର କରି ପଦ୍ମପୁରକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ଏନେଇ ପାଇକମାଳ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି ବୋଲି ଆଇଆଇସି କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି ।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଜେଇଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବରଗଡ଼,୧୨।୮ (ସମିସ): ଗୋବିନ୍ଦପୁର ପଞ୍ଚାୟତର ପଞ୍ଚାୟତ ନିର୍ବାହୀ ଅଧିକାରୀ ଡୋଲାମଣୀ ପ୍ରଧାନ ଓ ପଞ୍ଚାୟତରେ କାର୍ଯ୍ୟରତ ଥିବା ଜେଇ ଚିରଞ୍ଜିବୀ ନାଥଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଗୋବିନ୍ଦପୁର ପଞ୍ଚାୟତର ସ୍ଥାୟୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ଯୋଗ ଦେବା ପର୍ଯ୍ୟନ୍ତ ପର୍ଥଲା ପଞ୍ଚାୟତରେ କାର୍ଯ୍ୟରତ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଦୁଷ୍ୟନ୍ତ କରଙ୍କୁ କାର୍ଯ୍ୟ ସଞ୍ଚାଳନ ପାଇଁ ଅସ୍ଥାୟୀ ଭାବେ ଦାୟିତ୍ୱ ଦିଆଗଲା । ବିଦାୟକାଳୀନ ସମ୍ବର୍ଦ୍ଧନା ସଭାକୁ ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାଏକ ସଭାପତିତ୍ୱ କରିଥିଲେ । ଗୋବିନ୍ଦପୁର ପଞ୍ଚାୟତର ନୂତନ ଜେଇ ସାହେବ ପ୍ରଧାନ, ଡିଇଓ ସଞ୍ଜୟ ପ୍ରଧାନ, ସମିତି ସଭ୍ୟ ଜ୍ଞାନ ଚନ୍ଦ୍ର ବିଶ୍ୱାଳ, ନାଏବ ସରପଞ୍ଚ ଲୋକେଶ୍ୱରୀ ସାହୁ, ଯୋଗାଣ ସହାୟକ ଗୁଣାକର ବାରିକ, ପଞ୍ଚାୟତର ସମସ୍ତ ୱାର୍ଡ ମେମ୍ବର ସଭ୍ୟ ଓ ପଞ୍ଚାୟତବାସୀ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଅଭିଯାନ ଆରମ୍ଭ

ବିଜେପୁର,୧୨।୮ (ସମିସ): ବରଗଡ଼ ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଅଭିଯାନ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ଖରମୁଣ୍ଡା ବାପୁଜୀ ଉଚ୍ଚ ବିଦ୍ୟାଳୟ ଠାରୁ ଶୁଭାରମ୍ଭ ହୋଇଯାଇଛି । ପ୍ରଧାନଶିକ୍ଷକ ମହେନ୍ଦ୍ର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡ.ସୁଶାନ୍ତ ମେହେର ଓ ପିଏଚଇଓ ରୁଦ୍ରଦେବ ତନସନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅତିଥି ଭାବେ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ.କୁବେର ମହନ୍ତ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ବିଶ୍ୱଜିତ ଯୋଶୀ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ.ସୁବାଷ ଅଗ୍ରୱାଲ, ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡ.ସୁଶାନ୍ତ ମେହେର, ଡିଏମ ଆରସିଏଚ କୃଷ୍ଣ ଚନ୍ଦ୍ର ଲୁହା ପ୍ରମୁଖ ମଞ୍ଚାସୀନ ଥିଲେ । ଏକ ବର୍ଷରୁ ୧୯ ବର୍ଷ ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଆଲବେଣ୍ଡାଜୋଲ କୃମି ନାଶକ ଔଷଧ ମାଗଣାରେ ଖୁଆଇବାର କାର୍ଯ୍ୟକ୍ରମ ୧୨ ରୁ ୧୯ ତାରିଖ ପର୍ଯ୍ୟନ୍ତ ସ୍କୁଲ ଠାରୁ ଆରମ୍ଭ କରି ଅଙ୍ଗନବାଡି କେନ୍ଦ୍ର ପର୍ଯ୍ୟନ୍ତ ଆୟୋଜିତ ହେଉଛି । କାର୍ଯ୍ୟକ୍ରମରେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ, ସ୍କୁଲର ଶିକ୍ଷକ ସଚିଦାନନ୍ଦ ପ୍ରଧାନ, ଅଜିତ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଶେଷରେ ଶିକ୍ଷକ ଅଜିତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

### ଗଣମାଧ୍ୟମ ହେଉଛି ହାତୀ ଏବଂ ମଣିଷ ସମ୍ପର୍କର ମୂଳଦୁଆ

# ବିଶ୍ୱ ହାତୀ ଦିବସରେ ଆଲୋଚନାଚକ୍ର



ରେଢ଼ାଖୋଲ,୧୨।୮ (ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନବିଭାଗ କାର୍ଯ୍ୟାଳୟ ସଭାଗୃହରେ ବିଶ୍ୱ ହାତୀ ଦିବସ ଉପଲକ୍ଷେ ରେଢ଼ାଖୋଲ ବନଖଣ୍ଡ ତରଫରୁ ସାମ୍ବାଦିକଙ୍କୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ସମ୍ବଲପୁରର ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଟି. ଅଶୋକ କୁମାର ଯୋଗ ଦେଇ ଆମ ଓଡ଼ିଶାରେ ହାତୀଙ୍କୁ ଦେବତୁଲ୍ୟ ଭାବେ ପୂଜାର୍ଚ୍ଚନା କରାଯାଇଥାଏ । ଗଣମାଧ୍ୟମ ହେଉଛି ହାତୀ ଓ ମଣିଷଙ୍କ ମଧ୍ୟରେ ନିବିଡ଼ ସମ୍ପର୍କର ମୂଳଦୁଆ ବୋଲି ପ୍ରତିକ୍ରିୟା ଦେବା ସହ ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ହାତୀ ମଣିଷ ସଂଘର୍ଷ ଏବଂ ମୃତ୍ୟୁକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି । ହାତୀ ଉପଦ୍ରବରେ ନଷ୍ଟ ହୋଇଥିବା ଚାଷଜମିକୁ ଅନୁକମ୍ପା ଆପ ମାଧ୍ୟମରେ ଚାଷୀଙ୍କୁ ଯଥା ଶୀଘ୍ର ଅନୁକମ୍ପା କ୍ଷତି ପୂରଣ ପ୍ରଦାନ କରାଯାଉଛି ବୋଲି କହିଛନ୍ତି । ମୁଖ୍ୟବକ୍ତା ଭାବରେ ଭୁବନେଶ୍ୱର ଆରଏମଏନ୍‌ଏଚର ଡ଼.ଦେବୀ ପ୍ରିୟଦର୍ଶିନୀ ଯୋଗ ଦେଇ ହାତୀଓ ମନୁଷ୍ୟ ସଙ୍ଘର୍ଷ ବନ୍ଦ କରିବା ସାମ୍ବାଦିକଙ୍କ ଅବଦାନ ରହିଛି । ହାତୀ ପ୍ରତି ମଣିଷ ସମ୍ବେଦନଶୀଳ ହେଲେ ସଂଘର୍ଷ ସମ୍ପୂର୍ଣ୍ଣ ଭାବେ ବନ୍ଦ ହେବ, ହାତୀ ବଂଶନୁଗତ ଭାବରେ ନିର୍ଦ୍ଧାରିତ ଥିବା ଚଲାପଥ ରାସ୍ତାରେ ଯାତାୟାତ କରିଥାନ୍ତି । ସଂରକ୍ଷଣ ଜଙ୍ଗଲରେ ହାତୀଙ୍କ ପାଇଁ ଖାଦ୍ୟ ଅଭାବ ଯୋଗୁଁ ବିଭିନ୍ନ ଗ୍ରାମକୁ ହାତୀ ପ୍ରବେଶ କରୁଛି । ଜଙ୍ଗଲ ଗୁଡିକରେ ହାତୀ ଖାଦ୍ୟ ଜାତୀୟ ବୃକ୍ଷ ଲଗାଇବା ପାଇଁ ସମସ୍ତେ ସଚେତନ ବାର୍ତ୍ତା ଦେବା ପାଇଁ ଆଲୋକପାତ କରିଥିଲେ । ବନ୍ୟପ୍ରାଣୀମାନଙ୍କ ରିପୋର୍ଟ ସମୟରେ ସାମ୍ବାଦିକଙ୍କ ସୁରକ୍ଷା ତଥା ସମାଜକୁ ସୁସ୍ଥ ତଥା ପ୍ରଭାବକାରୀ ବକ୍ତବ୍ୟ ରଖିବାକୁ ଶ୍ରୀ ଅଶୋକ କୁମାର ସମ୍ବୋଧନରେ କହିଥିଲେ । ଉକ୍ତ ସଭାକୁ ବନଖଣ୍ଡ ଅଧିକାରୀ ଏଲଭରସନ୍ କେ. ପରିଚାଳନା କରିଥିବା ବେଳେ ଭୁବନେଶ୍ୱରର ଆର୍ଥ କ୍ରୁସେଡର ଆୟୋଜନ କରିଥିଲେ ।

# ଟ୍ରାନ୍ସଫର୍ମର ଚାରି ପାଖେ ପାଚେରି ବୁଲିଲା




'ସକାଳ' ପ୍ରଭାବ

ପାଇକମାଲ,୧୨।୮ (ସମିସ): ଖବର ପ୍ରସାରଣ ପରେ ଟ୍ରାନ୍ସଫର୍ମର ଚାରିପାଖେ ବାଡ଼ ଲାଗିଛି । 'ବିପଦକୁ ଆମନ୍ତ୍ରଣ କରୁଛି ମୁକୁଳା ଟ୍ରାର୍ସଫର୍ମର' ଶୀର୍ଷକ ଜୁଲାଇ ୪ ତାରିଖ ଦୈନିକ ସକାଳ ଖବରକାଗଜ ପ୍ରକାଶ ପାଇଥିଲା । ଏନେଇ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ଟ୍ରାନ୍ସଫର୍ମର ପରିସରରେ ବାଡ଼ ଦେଇ ପରିସରକୁ ସଫାସୁତୁରା କରାଯାଇଛି । ପାଇକମାଳ ବ୍ଲକ୍ ଜାମସେଠ ପଞ୍ଚାୟତ ଡୁଡୁକିଝରିଆ ଗାଁର ପତ୍ରାଗୁଡ଼ା ଯିବା ଛକ ନିକଟରେ ବିଦ୍ୟୁତ୍ ବିଭାଗ ତରଫରୁ ୧୦୦ କେଭିର ଟ୍ରାନ୍ସଫର୍ମର ଲଗାଯାଇଥିଲା । କିନ୍ତୁ ଟ୍ରାନ୍ସଫର୍ମରରେ ମୁଖ୍ୟ ସ୍ୱିଚ୍ କିମ୍ବା କଟ ଆଉଟ୍ ଲାଗିନଥିଲା । ତା ସହିତ ବର୍ଷାଋତୁ ହେତୁ ଟ୍ରାନ୍ସଫର୍ମର ଉପରେ ଘାସ, ଲତା ବଢ଼ିଯାଇଥିଲା । ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ନଥିବାରୁ ଗାଈଗୋରୁ ଚରିବାକୁ ଯାଇ ବିଦ୍ୟୁତ୍ ସଂସ୍ପର୍ଶରେ ଆସିବାରେ ସମ୍ଭାବନା ଥିଲା । ପୁଣି ସ୍କୁଲ ଯିବା ଆସିବା କରୁଥିବା କୋମଳମତୀ ଶିଶୁମାନଙ୍କ ପ୍ରତି ବିପଦ ଥିବାରୁ ଜନସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିଲା । ତେବେ ଖବର ପରେ ଏନେଇ ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ଟ୍ରାନ୍ସଫର୍ମର ଚାରିପଟେ ବାଡ଼ ଦେଇଥିବାରୁ ଜନସାଧାରଣ ବିଦ୍ୟୁତ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି ।

## ଦୁର୍ଘଟଣାରେ ଦୁଇ ଗୁରୁତର

ରେଢ଼ାଖୋଲ,୧୨।୮ (ସମିସ): ସମ୍ବଲପୁର ଅନୁଗୁଳ ୫୫ ନଂ ଜାତୀୟ ରାଜପଥର ଚାରମାଳ ଥାନା ଅନ୍ତର୍ଗତ ବଡ଼ ହିନ୍ଦୋଳ ଠାରେ ବାଇକ୍ ଦୁର୍ଘଟଣାରେ ଦୁଇ ଜଣ ଗୁରୁତର ହୋଇଛନ୍ତି । ଗୁରୁତରମାନେ ରେଢ଼ାଖୋଲ କୁରୁମଟିକିରା ସାହିରବାସିନ୍ଦା ରାମ ମହାପାତ୍ର ଓ ଦେହୁରୀ ସାହିର ଦୁର୍ଯ୍ୟୋଧନ ଦେହୁରୀ । ଦୁହେଁ ଏକ ବାଇକ୍ ଯୋଗେ ରେଢ଼ାଖୋଲ ଆସୁଥିବା ବେଳେ ଗାଡ଼ି ଦ୍ରୁତ ଗତିରେ ଥିବାରୁ ବଡ ହିନ୍ଦୋଳ ଠାରେ ଭାରସାମ୍ୟ ହରାଇ ରାସ୍ତାର ପାର୍ଶ୍ୱରେ ଥିବା ଡିଭାଇଡରରେ ଧକ୍କା ହୋଇଥିଲା । ଫଳରେ ଦୁହେଁ ଗୁରୁତର ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରେଢ଼ାଖୋଲ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଦୁହିଁଙ୍କୁ ବୁର୍ଲା ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## ନାବାଳିକା ନିଆଁରେ ଜଳି ପ୍ରାଣ ହରାଇବା ଦୁର୍ଭାଗ୍ୟଜନକ: ରୋହିତ

ସମ୍ବଲପୁର,୧୨।୮ (ସମିସ):ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ବରଗଡ଼ ଜିଲ୍ଲା ଗାଇସିଲେଟରେ ନାବାଳିକା ନିଆଁରେ ଜଳିଯାଇ ପ୍ରାଣ ହରାଇବା ଘଟଣା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ପ୍ରକାଶ କରିଛନ୍ତି ।ଶ୍ରୀ ପୂଜାରୀ କହିଛନ୍ତି ଯେ ସବୁଠୁ ବେଶୀ ଦୁଃଖଦାୟକ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିବା । ଦିନକୁ ଦିନ ରାଜ୍ୟରେ ନାରୀ ନିର୍ଯାତନା ଲଗାମ ଛାଡ଼ ହେଉଥିବା ବେଳେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିବା ସରକାରଙ୍କ ବିପର୍ଯ୍ୟସ୍ତ ବ୍ୟବସ୍ଥାକୁ ପ୍ରମାଣ କରୁଛି ।ରାଜ୍ୟରେ ଦିନକୁ ଦିନ ନାରୀ ନିର୍ଯାତନା ବଢୁଥିବା ବେଳେ ଆଇନ ଶୃଙ୍ଖଳା ମଧ୍ୟ ବିପର୍ଯ୍ୟସ୍ତ ହେବାରେ ଲାଗିଛି, ପ୍ରାୟ ସବୁଦିନ ନାରୀ ନିର୍ଯାତନା ଘଟଣା ସାମନାକୁ ଆସିବା ରାଜ୍ୟ ସରକାରଙ୍କ ଅପାରଗତାକୁ ଦର୍ଶାଉଛି ।ଏହି ସରକାର ନାରୀଙ୍କୁ ସୁରକ୍ଷା ଦେବାରେ ତଥା ସୁଶାସନ କରିବାରେ ସଂପୂର୍ଣ୍ଣ ବିଫଳ ବୋଲି ଜନସାଧାରଣ ଜାଣିସାରିଲେଣି । ଏହି ଅଭାବନୀୟ ଘଟଣାରେ ଇଂ ପୂଜାରୀ ଆତ୍ମାର ସଦଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି ।

## ଦଳିତ ଖ୍ରୀଷ୍ଟିଆନଙ୍କୁ ନ୍ୟାର୍ଯ୍ୟ ଅଧିକାର ଦାବି

ସମ୍ବଲପୁର, ୧୨।୮ (ସମିସ): ଦଳିତ ଖ୍ରୀଷ୍ଟିଆନ ଓ ମୁସଲମାନ ମାନେ ଅନୁସୂଚିତ ଜାତି (ଏସ୍‌ସି) ସାମ୍ବିଧାନିକ ଅଧିକାର ପାଇ ପାରୁନାହାନ୍ତି । ଏମାନଙ୍କ ସଶକ୍ତିକରଣର ଆବଶ୍ୟକତା ରହିଛି । ଏଣୁ ନ୍ୟାସନାଲ କାଉନସିଲ ଅଫ୍ ଦଳିତ ଖ୍ରୀଷ୍ଟିଆନ (ଏନ୍‌ସିଡିସି) ସିହିତ ଏସ୍‌ସି-ବିସି କମିଶନ ଅଫ୍ କାଥୋଲିକ୍ ବିଶପ୍ କନଫରେନ୍ସ ଅଫ୍ ଇଣ୍ଡିଆ (ସିବିସିଆଇ),ନ୍ୟାସନାଲ କାଉନସିଲ ଅଫ୍ ଚର୍ଚ୍ଚେସ୍ ଇନ୍ ଇଣ୍ଡିଆ (ଏନ୍‌ସିସିଆଇ), ନୂଆଦିଲ୍ଲୀ ପକ୍ଷରୁ ମିଳିତଭାବେ ପ୍ରତିବର୍ଷ ଅଗଷ୍ଟ ୧୦ ତାରିଖକୁ ଜାତୀୟ ପ୍ରାର୍ଥନା ଓ ପ୍ରତିବାଦ ଦିବସ ଭାବେ ପାଳନ କରାଯିବ ସହ ଦଳିତ ଖ୍ରୀଷ୍ଟିଆନ ଓ ମୁସଲମାନମାନଙ୍କୁ ଅଧିକାର ଓ ସମସ୍ୟାର ସମାଧାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି । ଏହି ପରିପ୍ରେକ୍ଷୀରେ ସୋମବାର ନ୍ୟାସନାଲ କାଉନସିଲ ଅଫ୍ ଦଳିତ ଖ୍ରୀଷ୍ଟିଆନ (ଏନ୍‌ସିଡିସି) ଓଡ଼ିଶା ଚାପ୍ଟର ପକ୍ଷରୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସୁଧାଂଶୁ କୁମାର ଭୋଇ ଦାବିପତ୍ର ଗ୍ରହଣ କରିଥିଲେ ।

## ନାବାଳିକା ଦୁଷ୍କର୍ମକାରୀକୁ ୨୦ ବର୍ଷ ଜେଲ୍

ସମ୍ବଲପୁର,୧୨।୮ (ସମିସ): ନାବାଳିକା ଦୁଷ୍କର୍ମ ଅଭିଯୋଗର ବିଚାରକରି ସମ୍ବଲପୁର ଅତିରିକ୍ତ ଜିଲ୍ଲା ଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ବିଚାରପତି ଅଭିଲାଷ ସେନାପତି ଦୋଷୀ ପବିତ୍ର ଭୋଇକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ରାୟ ଶୁଣାଇଛନ୍ତି । ସୂଚନା ଅନୁଯାୟୀ, ଘଟଣାଟି ୨୦୨୧ ମସିହା ଜାନୁଆରୀ ମାସରେ ଘଟିଥିଲା । ସେ ସମୟରେ ପିଡ଼ିତା ଷଷ୍ଠ ଶ୍ରେଣୀରେ ପାଠ ପଢୁଥିଲା । ସେ ସ୍କୁଲ ବସ୍‌ରେ ଯିବାଆସିବା କରୁଥିଲା । ସେହି ବସ୍‌ରେ ଅଭିଯୁକ୍ତ ପବିତ୍ର ଭୋଇ ଡ୍ରାଇଭର ଥିଲା । ସେ ବସ୍‌ରେ ପିଡ଼ିତା ଯିବାଆସିବା କରିବା ସମୟରେ ଅଭିଯୁକ୍ତ ପିଡ଼ିତା ସହିତ କଥାବାର୍ତ୍ତା କରିବାକୁ ବାଧ କରୁଥିଲା ଓ କଥାବାର୍ତ୍ତା ନକଲେ ବିଷ ପିଇଦେବି କହି ଅଭିଯୁକ୍ତ ବ୍ଲାକ୍ ମେଲିଂ କରୁଥିଲା । ପୀଡ଼ିତା ଭୟରେ ତା' ସହିତ କଥାବାର୍ତ୍ତା କଲା । ଏହି ସମୟ ଭିତରେ ଅଭିଯୁକ୍ତ ପୀଡ଼ିତା ସହିତ ଆପତ୍ତିଜନକ ଫଟୋ ଉଠାଇଲା । ତା' ସହିତ ମିଳାମିଶା ପାଇଁ ବାଧ କଲା । ତା'ପରେ ପୀଡ଼ିତା ସପ୍ତମ ଶ୍ରେଣୀରେ ପାଠ ପଢ଼ିଲା ବେଳେ ଘରେ କେହି ନଥିବା ସମୟରେ ଦିନେ ରାତିରେ ପୀଡ଼ିତାର ଘରକୁ ଯାଇ ଧମକ ବଳପୂର୍ବକ ଦୁଷ୍କର୍ମ କରିଥିଲା । ପରେ ଅଭିଯୁକ୍ତ ଶାରୀରିକ ସମ୍ପର୍କ ରଖିବାକୁ ବାଧ କଲା । ପୀଡ଼ିତା ମନା କରିବାରୁ ଅଭିଯୁକ୍ତ ଆପତ୍ତିଜନକ ଫଟୋ ସବୁ ଭାଇରାଲ କରି ପୀଡ଼ିତାର ଘରଲୋକଙ୍କୁ ପଠାଇଲା । ପୀଡ଼ିତା ଘରଲୋକ ସବୁ ଜାଣିବା ପରେ ଅଇଁଠାପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଇଁଠାପାଲି ଥାନାଧିକାରୀ କେସ ନଂ.୧୫୮/୧୨.୫.୨୦୨୪ ମାମଲା ରୁଜୁକରି ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଥିଲେ । ଏହାପରେ ଅଭିଯୁକ୍ତ ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ । ମଙ୍ଗଳବାର ଅତିରିକ୍ତ ଜିଲ୍ଲା ଜଜ୍ ଓ ପୋକ୍‌ସୋ ବିଚାରପତି ଅଭିଲାଷ ସେନାପତି ୧୫ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଓ ତଥ୍ୟ ଆଧାରରେ ଶୁଣାଣି କରି ପବିତ୍ର ଭୋଇକୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟଅଧିକ ଏକ ବର୍ଷ ଅଧିକ ଜେଲଦଣ୍ଡ ଭୋଗିବ ବୋଲି ରାୟରେ ପ୍ରକାଶ କରିଛନ୍ତି । ମାମଲାକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ ।

### ● ସାଇବର୍ ଠକେଇର ଶିକାର ମହିଳା

## ଅନ୍‌ଲାଇନ ବ୍ୟବସାୟ କରି ହରାଇଲେ ୫ ଲକ୍ଷ

ସମ୍ବଲପୁର,୧୨।୮ (ସମିସ): ଅନ୍‌ଲାଇନ କାରବାର ମହଙ୍ଗା ପଡ଼ିଛି । ଅନ୍‌ଲାଇନ କାରବାର କରି ଜଣେ ଜଣେ ମହିଳା ସାଇବର୍ ଠକେଇର ଶିକାର ହୋଇଛନ୍ତି । ଅନ୍ୟକୁ ଭରସା କରି ଜଣେ ମହିଳା ଅନ୍‌ଲାଇନରେ ୪ ଲକ୍ଷ ୭୬ ହଜାର ୯ ଶହ ଟଙ୍କା ହରାଇଛନ୍ତି । ଏନେଇ ମହିଳା ଜଣଙ୍କ ସମ୍ବଲପୁର ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ମହିଳା ଜଣଙ୍କ ସମ୍ବଲପୁର ଧନକୌଡ଼ାରେ ରହୁଛନ୍ତି । ଅଭିଯୋଗ ଗ୍ରହଣ ପରେ ପୁଲିସ ତଦନ୍ତ କରୁଛି । ସୂଚନାଯୋଗ୍ୟ ଯେ ଉକ୍ତ ମହିଳା ଜଣଙ୍କର ଏଜେନ୍ସି ଅଛନ୍ତି । ଯେଉଁଥିରେ ସେ ଶେଷ ୫ ବର୍ଷ ହେବ ଅନ୍‌ଲାଇନ ବେପାର କରୁଛନ୍ତି । ଏଥିର ଦେଶର ବିଭିନ୍ନ ରାଜ୍ୟରୁ ୩୦ଜଣ ଝିଅ କାମ କରୁଛନ୍ତି । ଏମାନଙ୍କ କାମ ହେଉଛି ଅନ୍‌ଲାଇନ ମାଧ୍ୟମରେ ଗିଫ୍ଟ ବିକ୍ରି କରିବା ଏବଂ ଦରମା ପାଇବା । ଗତ ଫେବୃଆରୀ ମାସରେ ଅନଲାଇନରେ ଆଶିଷ ଭୂଷଣଙ୍କ ସହିତ ମହିଳା ଜଣଙ୍କ କଥା ହେଇଥିଲେ । ଅଭିଯୁକ୍ତ ଜଣଙ୍କ ନିଜକୁ ଗିଫ୍ଟ ବିକ୍ରେତା ବୋଲି ପରିଚୟ ଦେଇଥିଲା । ଏହି ଏଜେନ୍ସି ଦ୍ୱାରା ଯେଉଁ ଗ୍ରାହକମାନେ ଗିଫ୍ଟ କିଣନ୍ତି ସେମାନଙ୍କୁ ସେ ଗିଫ୍ଟ ଯୋଗଇଦେବ ବୋଲି କହି ଥିଲେ । କିଛି ମାସ ଏହି ପ୍ରକ୍ରିୟା ଚାଲିଲା । ମହିଳା ଜଣଙ୍କ ଗିଫ୍ଟ ପାଇଁ ଆଗୁଆ ଟଙ୍କା ଦେଇଦେଲେ । କିନ୍ତୁ କୌଣସି ଗିଫ୍ଟ କି ଗ୍ରାହକମାନଙ୍କ ଠାରୁ ଟଙ୍କା ଫେରିପାଇଲେ ନାହି । ଆଶିଷ ଫୋନ ସ୍ୱିଚ ଅଫ କରିଦେଇଥିଲେ । ସେ ବ୍ୟବହାର କରୁଥିବା କ୍ରେଡିଟ କାର୍ଡ ନକଲି ବୋଲି ଜଣାପଡ଼ିଥିଲା । ସେତେବେଳକୁ ୫ ଲକ୍ଷ ଟଙ୍କାର ଠକାମୀର ଶିକାର ହୋଇସାରିଥିଲେ । ସେ ସାଇବର୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ।ଅଭିଯୋଗ ଆଧାରରେ ତଦନ୍ତ ଚାଲିଥିବା ଏସ୍‌ଡିପିଓ ବାଲେଶ୍ୱର ଗିଧି କହିଛନ୍ତି ।

## ୧୬କୁଇଣ୍ଟାଲ କେନ୍ଦୁପତ୍ର ସହ ଗାଡ଼ି ଜବତ

ନାକଟିଦେଉଳ,୧୨।୮ (ସମିସ):ନାକଟିଦେଉଳ ବନ ବିଭାଗ ମାରୱାଡିମୁଣ୍ଡା ନିକଟରୁ ପିକଅପ୍ ନଂ-ଓଡି ୦୫ଇ-୦୪୦୨ରୁ ୧୬କୁଇଣ୍ଟାଲ କେନ୍ଦୁପତ୍ର ଜବତ କରିଛି । ବନ ବିଭାଗ ସୂତ୍ରରୁ ପ୍ରକାଶ ଯେ, ରେଢ଼ାଖୋଲ ପଟରୁ ଦେବଗଡ଼ ପଟକୁ ପିକଅପ୍‌ରେ କେନ୍ଦୁପତ୍ର ଚାଲାଣ ହେଉଥିବା ବନ ବିଭାଗ ଖବର ପାଇ ମାରାୱାଡି ମୁଣ୍ଡା ଗାଁ ଛକ ନିକଟରେ ଜଗି ରହିଥିଲା । ଭୋରରୁ ଗାଡି ମାରୱାଡିମୁଣ୍ଡା ଛକରେ ପହଞ୍ଚିବା କ୍ଷଣି ବନ ବିଭାଗ ଗାଡିକୁ ଅଟକାଇଥିଲା । ଯାଞ୍ଚ କରିବାରୁ ଗାଡ଼ିରେ କେନ୍ଦୁପତ୍ର ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ ।ରେଞ୍ଜ ଅଧିକାରୀଙ୍କ ଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ଅରୁଣ କୁମାର ବେହେରା ଚଢ଼ଉ କରିଥିଲେ ।

# ପୁଲିସ ପକ୍ଷରୁ ଆତ୍ମଦାହ ନିରୋଧୀ ସଚେତନତା କାର୍ଯ୍ୟକ୍ରମ

ବରଗଡ଼,୧୨।୮ (ସମିସ):



ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ପୁଲିସ ପକ୍ଷରୁ କନ୍ୟା ଶିଶୁଙ୍କ ଆତ୍ମରକ୍ଷା ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଛି । ଏଥିରେ ବରଗଡ଼ ଆଡିସିନାଲ ଏସପି ଇନ୍ଦୁରେଖା ପଶ୍ଚିମ କବାଟ ଛାତ୍ରୀ ମାନଙ୍କୁ ସଚେତନ କରିବା ସହ ଆତ୍ମରକ୍ଷା କରିବା ଉପରେ ବୁଝାଇଥିଲେ । ଆତ୍ମଦାହ ପରି ଚରମ ନିଷ୍ପତ୍ତି ନେବା ପୂର୍ବରୁ କୌଣସି ସମସ୍ୟା ହେଲେ ଜିଲ୍ଲା ପୁଲିସ ବିଭାଗକୁ ଜଣାଇବା ପାଇଁ ଛାତ୍ରୀ ମାନଙ୍କୁ ସଚେତନ କରିବା ସହ ଆହ୍ୱାନ ଦେଇଥିଲେ । ଡିଏସପି ଭୂମିସୁତା ବେହେରା, ଏସଆଇ ପ୍ରତିମା ଡୁଙ୍ଗଡୁଙ୍ଗ, ଏଏସଆଇ କମଳିନୀ ନାଏକ, କନଷ୍ଟେବଳ ରୀନା ବେହେରା, ସ୍ୱରୂପା ବଗାର, ହୋମଗାଡର୍ ସିପ୍ରା ପ୍ରମୁଖ ଛାତ୍ରୀ ମାନଙ୍କୁ ସଚେତନ କରିଥିଲେ ।

ସୋହେଲା: ରାଜ୍ୟରେ କିଛି ଦିନ ହେବ ଛାତ୍ରୀ ମାନଙ୍କ ଆତ୍ମଦାହ ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଛାତ୍ରୀ ମାନଙ୍କୁ ଏପରି ଘଟଣାରୁ ନିବୃତ ରହିବାକୁ ବୁଝାଇବା ସହ ଅପ୍ରିତିକର ପରିସ୍ଥିତିରୁ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେଥିପାଇଁ ସୋହେଲା ପୁଲିସ ପକ୍ଷରୁ ସ୍ଥାନୀୟ ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିକ୍ରମ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସୋହେଲା ଥାନା ଆଇଆଇସି ହରିଶଙ୍କର ଭୋଇ, ମହିଳା ସବ୍ ଇନିସପେକ୍ଟର ଅନିମା ଏକ୍କା ଛାତ୍ରୀଙ୍କୁ ଆତ୍ମହତ୍ୟା କିମ୍ବା ଆତ୍ମଦାହ ରୋକିବାକୁ ବିଭିନ୍ନ ଉପାୟ ବତାଇ ଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶତାଧିକ ଛାତ୍ରୀଙ୍କ ସମେତ ବିଦ୍ୟାଳୟ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସହକାରୀ ଶିକ୍ଷୟିତ୍ରୀ ମମତା ବେହେରା, କିରଣ ଭୁଏ ମଞ୍ଚାସୀନ ଥିଲେ ।




ପଦ୍ମପୁର: ମାନସିକ ସ୍ତରରେ ଦୁର୍ବଳ ହୋଇ ଛାତ୍ରଛାତ୍ରୀ ଆତ୍ମଦାହ ପରି ଏକ ନକାରାତ୍ମକ ପଦକ୍ଷେପ ନେଉଛନ୍ତି । ସରକାର ପୁଅ ଝିଅକୁ ସମାନ ମାନ୍ୟତା ଦେଇ ଉଭୟଙ୍କୁ ପ୍ରୋତ୍ସାହନ କରୁଥିବା ସ୍ଥଳେ କୋମଳମତି ବାଳିକାମାନେ ଆତ୍ମଦାହ କରୁଛନ୍ତି । ଏପରି କାମରୁ ନିବୃତ ରହି ଦେଶମାତୃକାର ସେବା କରିବାକୁ ଆଦର୍ଶ ଥାନା ପକ୍ଷରୁ ପଦ୍ମପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ କନ୍ୟାଶ୍ରମରେ ସଚେତନତା ସଭାର ଆୟୋଜନ କରାଯାଇଥିଲା । ସଭାରେ ଥାନାଧିକାରୀ ମମତା ନାଏକ ଓ ସହକର୍ମୀ ଯୋଗ ଦେଇଥିଲେ ।



## ସ୍ନାତକ ମହାବିଦ୍ୟାଳୟରେ ତ୍ରିରଙ୍ଗା ରାଲି

ବରଗଡ଼: ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଶ୍ୟାମ ସୁନ୍ଦର ବେହେରାଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ରାଲି ଓ ଆତ୍ମଦାହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଝାରବନ୍ଧ ଥାନା ଅଧିକାରୀ କ୍ରିସେନ୍ସିଆ ସମେରିଆ ମୁଖ୍ୟ ଅତିଥି, ସାନନ୍ଦ ସାହୁ ମୁଖ୍ୟବକ୍ତା, ଥାନା ଏସ୍‌ଆଇ ସୁଶାନ୍ତ ସାହୁ, ଏଏସଆଇ ଶଶିକାନ୍ତ ବାରିକ, ମାନଭଞ୍ଜନ ବେହେରା, ହରିହର ସାହୁ, ଗୋବିନ୍ଦ ପଟେଲ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାୟ ୫୦୦ ଛାତ୍ରଛାତ୍ରୀ ଦୀର୍ଘ ୫୦୦ ମିଟର ଲମ୍ବ ବିଶାଳ ତ୍ରିରଙ୍ଗା ଧରି ମହାବିଦ୍ୟାଳୟରୁ ବାହାରି ସମଗ୍ର ଝାରବନ୍ଧ ପରିଭ୍ରମଣ କରିଥିଲେ । ଭାରତମାତାଙ୍କ ଜୟଗାନରେ ଗଗନ ପବନ ପ୍ରକମ୍ପିତ ହୋଇଥିଲା । ଏହାପରେ ଝାରବନ୍ଧ ଥାନା ପ୍ରଭାରୀଙ୍କ ଉପସ୍ଥିତିରେ ଆତ୍ମଦାହ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ମୂଲ୍ୟବାନ ଜୀବନକୁ ମୂଲ୍ୟବୋଧ ସହିତ ବଞ୍ଚିବାକୁ ମୁଖ୍ୟ ଅତିଥି ଉପଦେଶ ଦେଇଥିଲେ । ଶେଷରେ ମହାବିଦ୍ୟାଳୟ ଆଇସିସି ମୁଖ୍ୟ ଜାଜ୍ଞସେନି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ନବୀନ ମେହେର, ଗଗନ ବିହାରୀ ତନସନା, ଡ.ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାର୍ଲିଂ, ରିତାଞ୍ଜଳି ଗୁରୁ, ମିନପ୍ରଭା ପ୍ରଧାନ, ମୁକେଶ ବାଗ, ଚନ୍ଦ୍ରମଣି ବାଗ, ମନୀଷା ଭୋଇ, ବଂଶୀଧର ସେଠୀ, ଅଶୋକ ହାତୀ, ବଲ୍ଲଭ ମିର୍ଦ୍ଧା, ଅଞ୍ଜନ ବରିହା, ଦୁର୍ଯ୍ୟୋଧନ ପାଣ୍ଡେ, ପ୍ରକାଶ ପ୍ରଧାନ, ରୁକ୍ମଣୀ ସାହୁ, ମଦନ ବାଗ ତଥା ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ ।

## ହୀରାକୁଦ ଜଳସ୍ତର ୬୧୩.୬୫ ଫୁଟ୍

ସମ୍ବଲପୁର, ୧୨।୮ (ସମିସ): ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୬୫ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨୮,୬୭୬ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ସମାନ ପରିମାଣର ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୨୪,୦୯୯ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୩୬୩ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୦.୩୬ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ବର୍ଷା ହୋଇନଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୩.୪୧ ଫୁଟ୍ ରହିଥିଲା।

## ସିଆର୍‌ପିଏଫ୍ ପକ୍ଷରୁ ବାଇକ୍ ରାଲି



ସମ୍ବଲପୁର, ୧୨।୮ (ସମିସ) : ଭାରତ ସରକାରଙ୍କ ଦ୍ୱାରା ଜାରି ନିର୍ଦ୍ଦେଶାବଳୀ ଅନୁଯାୟୀ, ଆଜି 'ହର୍ ଘର୍ ତ୍ରିରଙ୍ଗା' ଅଭିଯାନକୁ ପାଳନ କରିବା ପାଇଁ ସିଆରପିଏଫ୍ ଗ୍ରୁପ ସେଣ୍ଟର, ସମ୍ବଲପୁରରେ ଗ୍ରୁପ୍ ସେଣ୍ଟର ପରିସରରୁ ଗୋଶାଳା ଏବଂ ଚିପଲିମା ଗ୍ରାମ ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ବାଇକ୍ ରାଲି ଆୟୋଜିତ ହୋଇଯାଇଛି। ଏହାକୁ ଗ୍ରୁପ ସେଣ୍ଟର, ସମ୍ବଲପୁରର ଡେପୁଟି ଇନ୍ସପେକ୍ଟର ଜେନରାଲ ସଞ୍ଜୟ କୁମାର ସିଂହ ଉଦ୍‌ଘାଟନ କରିଥିଲେ। ଏହି ରାଲିରେ ୧୪୫ରୁ ଅଧିକ ସିଆର୍‌ପିଏଫ୍ ଯବାନ ଅଂଶଗ୍ରହଣ କରିଥିଲେ ଏବଂ ସେମାନଙ୍କ ଦେଶପ୍ରେମ ଭାବନା ପ୍ରଦର୍ଶନ କରିଥିଲେ।

କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସ୍ୱାଧୀନତା ସଂଗ୍ରାମର ମହାନତାକୁ ସମ୍ମାନ କରିବା ଏବଂ ଏହାକୁ ଶ୍ରଦ୍ଧାଞ୍ଜଳି ଦେବା, ଏହାସହିତ ଆଖପାଖ ଗାଁର ଗ୍ରାମବାସୀଙ୍କ ମଧ୍ୟରେ ଦେଶପ୍ରେମ ଏବଂ ଦେଶ ପ୍ରତି ପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଆମ ଦେଶର ସୁରକ୍ଷା, ପ୍ରଗତି ଏବଂ ବିକାଶ ପାଇଁ ନିରନ୍ତର କାର୍ଯ୍ୟ କରୁଥିବା ଲୋକଙ୍କ ପ୍ରତି ଜନସାଧାରଣଙ୍କ ମଧ୍ୟରେ ସମ୍ମାନ ସୃଷ୍ଟି କରିବା। ଗ୍ରୁପ ସେଣ୍ଟର, ସିଆର୍‌ପିଏଫ୍ ଦ୍ୱାରା ଆୟୋଜିତ ଏହି ମୋଟର ସାଇକଲ ରାଲିର ସଫଳତା ପ୍ରମାଣିତ କରିଥିଲା ଯେ ସାମୁଦାୟିକ ସକ୍ରିୟତା ଏବଂ ଦେଶପ୍ରେମ ଭାବନା ମାଧ୍ୟମରେ ମହାନ୍ ଉଦ୍ଦେଶ୍ୟ ହାସଲ କରାଯାଇପାରିବ।

## ଦୁର୍ଘଟଣାଗ୍ରସ୍ତ ଟ୍ରକ୍‌ରୁ ମହାନଦୀକୁ ଖସିଲା ସାମଗ୍ରୀ

ସମ୍ବଲପୁର,୧୨।୮ (ସମିସ):କ୍ଷେତରାଜପୁର ଥାନା ବୁର୍ଲା ପିସି ବ୍ରିଜ ନିକଟରେ ସୋମବାର ବିଳମ୍ବିତ ରାତିରେ ମାଲ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣା ପରେ ଗାଡ଼ିଟି ଭାରସାମ୍ୟ ହରାଇ ବ୍ରିଜର ଗୋଟିଏ ପାଶ୍ୱର୍ରେ ଲାଗି ରହିଛି। ଫଳରେ ଗାଡ଼ିରୁ ଅଧିକାଂଶ ସାମଗ୍ରୀ ମହାନଦୀରେ ପଡ଼ି ଭାସି ଯାଇଛି। ଭୋରୁ ଲୋକ ପାଣିକୁ ଓହ୍ଲାଇ ବିଭିନ୍ନ ସାମଗ୍ରୀ ନେଇ ଯାଇଥିବା ସୂଚନା ମିଳିଛି।



ଗାଡ଼ିଟି ରାୟପରରୁ ଝାରସୁଗୁଡ଼ା ଅଭିମୁଖେ ଯାଉଥିଲା। ଗାଡ଼ିରେ ଚାଉଳ, ଡାଲି, ଡ୍ରାଏଫ୍ରୁଟର୍ସ, ଚୁଡ଼ା କସମେଟିକ ସାମଗ୍ରୀ ଯାଉଥିଲା। ପାୟ ୧୦ ଲକ୍ଷରୁ ଅଧିକ ଟଙ୍କାର ସାମଗ୍ରୀ କ୍ଷତି ହୋଇଥିବା ସୂଚନା ମିଳିଛି।

### ବିଦ୍ୟୁତଖୁଣ୍ଟ ପଡ଼ି ସ୍କୁଲ ଛାତ୍ର ମୃତ୍ୟୁ ଘଟଣା

# କ୍ଷତିପୂରଣ ସହ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ଦାବି

ସମ୍ବଲପୁର, ୧୨।୮ (ସମିସ)



ସମ୍ପୂର୍ଣ୍ଣ ଅବ୍ୟବସ୍ଥା ଭିତରେ ବୁଢ଼ାରାଜା ୟୁପି ସ୍କୁଲର ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ର ଦିପୁ ଯାଦବଙ୍କ ଜୀବନ ଚାଲିଗଲା। ରେଲୱେ ବିନା ସୁରକ୍ଷା ବଳୟରେ ଗୋଟେ ବିଦ୍ୟୁତ୍ ଖୁଣ୍ଟକୁ ହଟାଉଥିଲା, ଯୋଉଟା ଏହି ନିରୀହ ବାଳକ ଉପରେ ପଡ଼ି ତା' ଜୀବନଟା ନେଇଗଲା। ସମ୍ବଲପୁର କଟରଧୁଆ ଅଞ୍ଚଳର ଦେବକୁମାର ଯାଦବଙ୍କ ପୁଅ ଦିପୁ। ପରିବାର ଲୋକେ ସରକାର ଓ ରେଳବାଇ କର୍ତ୍ତୃପକ୍ଷଙ୍କ ଠାରୁ ସହାନୁଭୂତି ଓ ପର୍ଯ୍ୟାପ୍ତ କ୍ଷତିପୂରଣ ଆଶା କରୁଥିଲେ। ଛୁଆର ପରିବାର ଚାହୁଁଥିଲେ ନିହତ ପିଲାର ବଡ଼ଭାଇ ବା ଭଉଣୀକୁ ରେଳବାଇରେ ନିଯୁକ୍ତି। କିନ୍ତୁ ପାଞ୍ଚ ଘଣ୍ଟା ଧରି ସରକାରୀ କର୍ତ୍ତୃପକ୍ଷ, ରେଳବାଇ ଅଧିକାରୀ ଓ ପୋଲିସ ସେମାନଙ୍କ ଧୈର୍ଯ୍ୟକୁ ତଉଲୁଥିଲେ। ସମ୍ବଲପୁର ଜିଲ୍ଲା ପୂର୍ବତନ ବିଜେଡି ସଭାପତି ଇଂ. ସିଦ୍ଧାର୍ଥ ଦାସ ଓ ଅନ୍ୟମାନେ ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ହସ୍ତକ୍ଷେପ କରିବା ପରେ ରେଳବାଇ ଅଧିକାରୀଜଣକ କହିଲେ ଆମେ ରେଳବାଇ ତରଫରୁ କୋଣସି କ୍ଷତିପୂରଣ ବିଧିବଦ୍ଧ ଭାବେ ଦେବୁନାହିଁ ଏବେ ଦେଢ଼ ଲକ୍ଷ ଟଙ୍କା ନଗଦ ଓ କାଲି ଦଶ ଲକ୍ଷ ଟଙ୍କା ନଗଦ ପ୍ରଦାନ କରିବାକୁ ଚେଷ୍ଟା କରିବୁ ବୋଲି କହିଥିଲେ। ଏଠାରେ ରେଳବାଇ କାହିଁକି କ୍ଷତିପୂରଣ ଦେବନାହିଁ? କେଉଁଠାରୁ ସମ୍ପୃକ୍ତ ଅଧିକାରୀ ନଗଦ ଟଙ୍କା ଆଣିବେ? ଏହା କ'ଣ ସରକାରୀ ନିୟମ ଓ ବିଧି ବ୍ୟବସ୍ଥା ବୋଲି ଇଂ. ଦାସ ପ୍ରଶ୍ନ କରିଛନ୍ତି। ଉପସ୍ଥିତ ଥିବା ସମ୍ବଲପୁର ସଦର ପୁଲିସ ଏସ୍‌ଡିପିଓ, ଅତିରିକ୍ତ ଏସ୍‌ପି କହିଲେ ଯେ ଜିଲ୍ଲାପାଳ ମଧ୍ୟ ଦୁଇ ଲକ୍ଷ ଟଙ୍କା ସହାୟତା ଦେବେ। ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ କହିଲେ ବିଧାୟକ ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗରେ କଥା ହେଉଛନ୍ତି କିଛି ସହାୟତା ଲାଗି। ବରିଷ୍ଠ ବିଜେଡି ନେତା ଇଂ. ସିଦ୍ଧାର୍ଥ ଦାସ ଦାବି କରିଛନ୍ତି ଯେ, ନିହତଙ୍କ ପରିବାରକୁ ରେଳବାଇ ତରଫରୁ ଚେକ୍ ମାଧ୍ୟମରେ ୨୫ ଲକ୍ଷ ଟଙ୍କା ଦିଆଯାଉ, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଦିଆଯାଉ। ସମ୍ବଲପୁର ଜିଲ୍ଲାପାଳଙ୍କ ତରଫରୁ ୫ ଲକ୍ଷ ଟଙ୍କା ଦିଆଯାଉ ଏବଂ ତାଙ୍କ ପରିବାରର ଜଣଙ୍କୁ ସେପ୍ଟେମ୍ବର ୧ ତାରିଖରୁ ରେଳବାଇରେ ସିଧାସଳଖ ନିଯୁକ୍ତି ଯୋଗ୍ୟତା ହିସାବରେ ଦିଆଯାଉ। ସମ୍ବଲପୁର ଇଷ୍ଟକୋଷ୍ଟ ରେଲୱେର ଡିଆର୍‌ଏମ ସମେତ ସମ୍ପୃକ୍ତ ସମସ୍ତ ଅଧିକାରୀ ମାନଙ୍କ ନାମରେ ମକଦମା ରୁଜୁକରି ତୁରନ୍ତ ଗିରଫ କରାଯିବାକୁ ଇଂ. ଦାସ ଦାବି ଜଣାଇଛନ୍ତି।

## ଏଥର ପତାକା ଉତ୍ତୋଳନ କରିବେ ମନ୍ତ୍ରୀ

ସମ୍ବଲପୁର, ୧୨।୮ (ସମିସ): ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁରକୁ ନୂତନ ବିଜେପି ସରକାର ବାରମ୍ବାର ଅଣଦେଖା କରିଆସିଛନ୍ତି। ସମ୍ବଲପୁରରେ ଆୟୋଜିତ ହେଉଥିବା ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଓ ସ୍ୱାଧୀନତା ଦିବସ ରାଜ୍ୟ ତଥା ଜାତୀୟସ୍ତରରେ ଗୁରୁତ୍ୱ ବହନ କରିଥାଏ। ବିଜେଡି ସରକାର ସମୟରେ ପ୍ରତିଥର ରାଜ୍ୟର କ୍ୟାବିନେଟ୍ ମନ୍ତ୍ରୀ ଆସି ପତାକା ଉତ୍ତୋଳନ କରିଥାନ୍ତି। ସମ୍ବଲପୁରରେ ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ, ଉତ୍ତରାଞ୍ଚଳ ପୁଲିସ ମହାନିର୍ଦ୍ଦେଶକ କାର୍ଯ୍ୟାଳୟସହିତ ବିଭିନ୍ନ ଆଞ୍ଚଳିକ କାର୍ଯ୍ୟାଳୟ ରହିଛି। ତଥାପି ନୂତନ ସରକାର ଆସିବାପରେ ଗଣତନ୍ତ୍ର ଦିବସ ଓ ସାଧାରଣତନ୍ତ୍ର ଦିବସରେ ମନ୍ତ୍ରୀ ନଦେଇ ଜିଲ୍ଲାପାଳ ପତାକା ଉତ୍ତୋଳନ କରିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତଥର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସମ୍ବଲପୁରରେ ପତାକା ଉତ୍ତୋଳନ କରିବେ ବୋଲି ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

### ରାସ୍ତାରେ ରାଜସ୍ୱ ଅମଲା, ଅଚଳ ସରକାରୀ କାର୍ଯ୍ୟାଳୟ

# ଦ୍ୱିତୀୟ ଦିନରେ ରାଜସ୍ୱ ଅମଲାଙ୍କ ସମୂହ ଛୁଟି

ସମ୍ବଲପୁର,୧୨।୮ (ସମିସ): ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ ଧାରଣାରେ ବସିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ହଇରାଣ ହେବାସହ ହତାଶ ହୋଇ ଫେରୁଛନ୍ତି। ଅଧିକାରୀମାନେ କାର୍ଯ୍ୟାଳୟରେ ଥିବାବେଳେ କୌଣସି ଫାଇଲ ଆଗକୁ ବଢୁନାହିଁ। ସମ୍ବଲପୁର କଲେକ୍ଟୋରେଟ୍‌କୁ ବିଭିନ୍ନ ସମସ୍ୟା ନେଇ ଦୂରଦୂରାନ୍ତରୁ ଅଭିଯୋଗକାରୀ ଆସୁଥିବାବେଳେ ସେମାନଙ୍କ ସମସ୍ୟା ସମାଧାନ ହେଉନାହିଁ। ରାଜସ୍ୱ ଅମଲା ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରୁଥିବାରୁ ଦାବିପୂରଣ ନହେବା ପର୍ଯ୍ୟନ୍ତ ଧାରଣାରୁ ହଟିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି। ସମ୍ବଲପୁର ଜିଲ୍ଲା ମହକୁମାର ସହ ସଦର, କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ତଥା ବ୍ଲକ ମାନଙ୍କରେ ରାଜସ୍ୱ ଅମଲାସୋମବାର ଠାରୁ ପ୍ରତିବାଦ ଧାରଣାରେ ବସିଛନ୍ତି। ଗତ ୮ ତାରିଖରୁ ସମୂହ ଛୁଟି ନେଇଥିବା ବେଳେ ଆଜିଠାରୁ ଧାରଣାରେ ବସି ବିକ୍ଷୋଭ ପ୍ରଦର୍ଶନକରି ସରକାରଙ୍କ କର୍ମଚାରୀଙ୍କ ବିରୋଧ ନୀତିକୁ ପ୍ରତିବାଦ ଜଣାଇଛନ୍ତି।



ଏହାଦ୍ୱାରା ସମସ୍ତ ସରକାରୀ କାର୍ଯ୍ୟାଳୟ ଏକପ୍ରକାର ଅଚଳ ହୋଇଯାଇଛି। ସମ୍ବଲପୁର ଜିଲ୍ଲାରେ ପ୍ରାୟ ତିନିଶହରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ନିୟୋଜିତ ଅଛନ୍ତି। ସେମାନଙ୍କ ଅନୁପସ୍ଥିତିରେ କୌଣସି କାର୍ଯ୍ୟ ହେଉନଥିବା ଦେଖାଯାଉଛି।

ରାଜସ୍ୱ ଅମଲାଙ୍କ ଦାବି ଗୁଡ଼ିକ ମଧ୍ୟରେ ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ମୂଳ ଦରମା ଓଆ।ର୍‌ଏସ୍‌ପି ୨୦୧୭ ମସିହା ନିୟମ ଅନୁଯାୟୀ ଲେଭେଲ୍ - ୯କୁ ବୃଦ୍ଧି, ନୂତନ ପଦବୀ ସୃଷ୍ଟି କରାଯିବା ସହିତ ପଦବୀ ପୁର୍ନଗଠନ, କନିଷ୍ଠ ରାଜସ୍ୱ ଅମଲା ମାନଙ୍କ ରେସିଡେନ୍ସି ପିରିୟଡ ୬ ବର୍ଷ ଜାଗାରେ ୪ ବର୍ଷ କରାଯିବା, ବରିଷ୍ଠ ରାଜସ୍ୱ ସହାୟକ ଏବଂ ଏ.ଏସ୍.ଓ. ପଦବୀକୁ ଏକତ୍ରିକରଣ କରାଯାଇ କେବଳ ଏ.ଏସ୍.ଓ ରଖାଯିବା, ରାଜସ୍ୱ ସହାୟକରୁ ୪ ବର୍ଷ ରେସିଡେନ୍ସି ପିରିୟଡ୍ ରଖାଯାଇ ଏ.ଏସ୍.ଓ ପଦବୀକୁ ପଦୋନ୍ନତି, କାର୍ଯ୍ୟରତ ସରକାରୀ କର୍ମଚାରୀ ଏବଂ ପରିବାରବର୍ଗଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ, ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ସଦସ୍ୟ / ସଦସ୍ୟାଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀଙ୍କୁ ଓଡ଼ିଶା ରାଜସ୍ୱ ସେବା ପଦବୀରେ ଶତ ପ୍ରତିଶତ ପଦୋନ୍ନତି, ନୂତନ ପେନ୍‌ସନ୍ ଯୋଜନାକୁ ରଦ୍ଦକରି ପୁରାତନ ପେନ୍‌ସନ୍ ଯୋଜନା ଆଦି ଅନ୍ତର୍ଭୁକ୍ତ ରହିଛି।

## ବୁଢ଼ାରଜା ହାଇସ୍କୁଲରେ ଜାତୀୟ ଅଟଳ ଟିଙ୍କରିଂ ଦିବସ

ସମ୍ବଲପୁର, ୧୨।୮ (ସମିସ): ବୁଢ଼ାରଜାସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ମେଗା ଟିଙ୍କରିଂ ଦିବସ ପାଳିତ ହୋଇଯାଇଛି। ନୀତି ଆୟୋଗ ଏବଂ ଅଟଳ ଇନୋଭେସନ୍ ମିଶନ୍ ଆନୁକୂଲ୍ୟରେ ଆୟୋଜିତ ତଥା ସମଗ୍ର ରାଜ୍ୟରୁ ନିର୍ବାଚିତ ତିନୋଟି ଉଚ୍ଚ ବିଦ୍ୟାଳୟ ମଧ୍ୟରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାନ ପାଇବାରେ ଗୌରବ ଅର୍ଜନ କରିଛି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା



ପତ୍ରୀଙ୍କ ଦିଗଦର୍ଶନରେ ଆଭାସୀ ବ୍ୟବସ୍ଥାରେ ଆୟୋଜିତ କର୍ମଶାଳାରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଅଟଳ ଟିଙ୍କରିଂ ଲାବୋରେଟୋରୀ ସହିତ ସଂଶ୍ଳିଷ୍ଟ ଛାତ୍ରଛାତ୍ରୀଙ୍କ ଦ୍ୱାରା ଭେକ୍ୟୁମ୍ କ୍ଲିନର୍ ନିର୍ମିତ ହୋଇ ପ୍ରଦର୍ଶିତ ହୋଇଥିଲା। ଏହି ନିଜେ ନିଜେ କର (ଡୁ ଇଟ୍ ୟୋର୍‌ସେଲ୍ଫ) କାର୍ଯ୍ୟକ୍ରମକୁ ଅଟଳ ଇନ୍‌କ୍ୟୁବେସନ୍ ସେଣ୍ଟର, ନାଳନ୍ଦାରୁ ଆସିଥିବା ଅବିନାଶ କୁମାର ବେହେରା ଉପସ୍ଥିତରହି ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ ଏବଂ ବିଜ୍ଞାନଶିକ୍ଷୟିତ୍ରୀ ଜୟନ୍ତୀ ହୋତା, ଧନ୍ଦାମୂଳକ ଶିକ୍ଷା ବିଭାଗର ପ୍ରଶିକ୍ଷିକା ଦେବଶ୍ରୀ ଦେହୁରୀ ଓ ପ୍ରଶିକ୍ଷକ ସୁବ୍ରତ କୁମାର ସାହୁ ପ୍ରମୁଖ ସହାୟତା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଏହି ଜାତୀୟ କାର୍ଯ୍ୟକ୍ରମରେ ସମଗ୍ର ଦେଶରୁ ପ୍ରତ୍ୟେକ ରାଜ୍ୟରୁ ଦୁଇରୁ ତିନିଜଣ ଲେଖାଏଁ ବିଦ୍ୟାଳୟ ଯୋଗଦାନ କରିବାର ସୁଯୋଗ ଲାଭ କରିଥିଲେ।

## ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଗଙ୍ଗାଧର ଜୟନ୍ତୀ



ସମ୍ବଲପୁର, ୧୨।୮ (ସମିସ): ଗଙ୍ଗାଧର ମେହେର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର କୁଳଦୀପଙ୍କ ତତ୍ତ୍ୱାବଧାନରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ ଥିବା ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମର ଆରମ୍ଭ କରି କବିଙ୍କ କାଳଜୟୀ "ଅମୃତମୟ' ଏବଂ 'କିଏ ଗୋ ତୁ ଜ୍ୟୋର୍ତିମୟୀ' ସଂଗୀତରେ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ସରକାରୀ ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗ ସହକାରୀ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ମିର୍ଦ୍ଧା ମୁଖ୍ୟବକ୍ତା ଭାବେ ଯୋଗଦେଇ ଗଙ୍ଗାଧରଙ୍କ ପ୍ରତିଟି ଜନପ୍ରିୟ କବିତାର ରସାଳ ଚିନ୍ତାଧାରା ସମ୍ପର୍କରେ ଆଲୋକପାତ କରିଥିବାବେଳେ ବିଦ୍ୟାଳୟ ଅଧ୍ୟକ୍ଷ କବିଙ୍କ କବିତାରେ ମାଟି ଓ ମାତୃଭାଷା ପ୍ରୀତିରୁ ଜ୍ଞାନ ଅର୍ଜନ କରିବା ଉଚିତ ବୋଲି କହିଥିଲେ। ବରିଷ୍ଠ ଅଧ୍ୟାପକ ପରିକ୍ଷିତ ପାଣିଗ୍ରାହୀ ଏବଂ ଅଧ୍ୟାପିକା ସଙ୍ଗୀତ ନାୟକ ମଧ୍ୟ ଅଭିଭାଷଣ ରଖିଥିଲେ। ଛାତ୍ର ପରେଶ ସୁନାନୀ ସ୍ୱରଚିତ କବିତାପାଠ କରିଥିଲେ। ଛାତ୍ର ସିଞ୍ଚନ ମିଶ୍ର, ମୋକ୍ଷ ମିଶ୍ର ଏବଂ ସୁରଜ ମେହେର ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପିକା ଲଳିତା କେଶ୍ରାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ଅଧ୍ୟାପିକା ସଙ୍ଗୀତ ନାୟକ ଅତିଥି ପରିଚୟ ପ୍ରଦାନ ଓ ଅଧ୍ୟାପିକା ଜସ୍ମିନ ବେରିହା ମାନପତ୍ର ପାଠ କରିଥିଲେ। ଶେଷରେ ଅଧ୍ୟାପକ ଗୌରାଙ୍ଗ କହଁର ଧନ୍ୟବାଦ ଅର୍ପଣ କରିଥିଲେ।

## 'ସକାଳ' କାର୍ଯ୍ୟାଳୟରୁ ନାଗ ଉଦ୍ଧାର

ସମ୍ବଲପୁର,୧୨।୮ (ସମିସ):ସ୍ଥାନୀୟ ବରେଇପାଲି ଡଙ୍ଗର୍ସର୍ଗି ସ୍ଥିତ 'ସକାଳ' କାର୍ଯ୍ୟାଳୟରୁ ସୋମବାର ବିଳମ୍ବିତ ରାତିରୁ ଏକ ବିରାଟ କାୟ ନାଗ ଉଦ୍ଧାର କରାଯାଇଛି।ବିଳମ୍ବିତ ରାତିରେ ଏକ ୭ ଫୁଟର ନାଗ ସାପ କାର୍ଯ୍ୟାଳୟ ପରିସରରେ ବାହାରିଥିଲା। ସାପଧରାଳି ଦୁର୍ଗେଶ ପଣ୍ଡା ସାପକୁ କାବୁ କରି ଧରି ସ୍ଥାନୀୟ ବଣରେ ଛାଡ଼ିଦେଇଥିଲେ।



### ■ ନାବାଳିକା ନିଆଁ ଲଗାଇ ଆତ୍ମହତ୍ୟା ଘଟଣା

## ପାରିବାରିକ କଳହରୁ ଏପରି ପଦକ୍ଷେପ: ଆଇଜି

ସମ୍ବଲପୁର,୧୨।୮ (ସମିସ): ବରଗଡ ଜିଲ୍ଲା ଗାଇସିଲେଟ ଥାନା ଅନ୍ତର୍ଗତ ଫିରିଙ୍ଗିମାଳରେ ୧୩ ବର୍ଷିୟା ନାବାଳିକା ନିଆଁ ଲଗାଇ ଆତ୍ମହତ୍ୟା ଘଟଣାରେ ପୁଲିସ ଏ ପର୍ଯ୍ୟନ୍ତ ଠୋସ ପଦକ୍ଷେପ ଗ୍ରହଣ କରିନାହିଁ। ନାବାଳିକା ଜଣଙ୍କ କାହିଁକି ଆତ୍ମହତ୍ୟା କରିଛନ୍ତି, ତାହା ତଦନ୍ତ ଚାଲିଛି ବୋଲି ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ କହିଛନ୍ତି। ତେବେ ପାରିବାରିକ କଳହରୁ ନାବାଳିକା ଜଣକ ଏପରି ପଦକ୍ଷେପ ଗ୍ରହଣ କରିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଥିବା ସେ କହିଛନ୍ତି। ଗତକାଲି ନାବାଳିକା ଜଣକ ନିଆଁ ଲଗାଇ ପୋଡ଼ି ଯାଇଥିବା ବେଳେ ବୁର୍ଲା ଭୀମସାରରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ଆତ୍ମହତ୍ୟା ପଛରେ ଆଉ କଣ ରହସ୍ୟ ରହିଛି, ନା କିଏ ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଛି, ପେଟ୍ରୋଲ କିଏ ଯୋଗାଇଲା, ଏଭଳି ଅନେକ ଦିଗ ନେଇ ପୁଲିସ ତଦନ୍ତ ଜାରି ରଖିଛି। ଏହାସହ ଆଇଜିଙ୍କ ନିର୍ଦ୍ଦେଶ ଅନୁସାରେ ପୁଲିସ ୬ଟି ଟିମ୍ ଗଠନ କରି ତଦନ୍ତ ଜାରି ରଖିଛି। ମୃତ୍ୟୁ ପୂର୍ବରୁ ନାବାଳିକଙ୍କ ଭାଇରାଲ ଭିଡିଓ ବୟାନ ରେକର୍ଡ କରିଛି। ଭିଡ଼ିଓରେ ନାବାଳିକା ଜଣକ ସେ ଝିଅ ମତେ

### ଅଟକା ରଖାଯାଇନି, ତଦନ୍ତ ଚାଲିଛି

ଏମିତି ସେମିତି କହିଲା ବୋଲି ନାବାଳିକା କହୁଛନ୍ତି। ତାକୁ ମଧ୍ୟ ଗମ୍ଭୀରତାର ସହ ଯାଞ୍ଚ କରୁଛି। ଏପର୍ଯ୍ୟନ୍ତ ଏହି ଘଟଣାରେ ପୁଲିସ କାହାକୁ ଅଟକ ରଖିନଥିବା ନେଇ ଆଇଜି ସୂଚନା ଦେଇଛନ୍ତି। ବିଭିନ୍ନ ଦିଗ ଆଡେ ତଦନ୍ତ କରାଯାଉଛି। ଅନ୍ୟପଟେ କେହି ବି କୌଣସି ପରିସ୍ଥିତିରେ ଆତ୍ମହତ୍ୟା ନକରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। କିଛି ବି ଅସୁବିଧା ହେଲେ ପୁଲିସ ସେଥିପାଇଁ ରହିଛି। ତେଣୁ ଆତ୍ମହତ୍ୟା କଲେ ସମସ୍ୟାର ସମାଧାନ ହେବ ନାହିଁ ବୋଲି ଶ୍ରୀ ଲାଲ ସୂଚନା ଦେଇଛନ୍ତି।

## ଭେରାଇଟି ଷ୍ଟୋରରୁ ଚୋରି, ଜଣେ ଗିରଫ

ସମ୍ବଲପୁର,୧୨।୮ (ସମିସ): ଭେରାଇଟି ଷ୍ଟୋରରୁ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗରେ ୟୁୟୁମୁରା ଥାନା ପୁଲିସ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେ ହେଉଛି ୟୁୟୁମୁରା ଥାନା ଅନ୍ତର୍ଗତ ସୂଜଳ ମୁଣ୍ଡୁ(୧୯)। ତା ନିକଟରୁ ୩ ଗୋଟି ବ୍ଲୁଟୁଥ ସ୍ପିକର, ୨ଟି ୟୁଏସବି ଚାର୍ଜିଂ କେବଲ, ୨ଟି ହେୟାର କଟିଂ ଟ୍ରିମର ଓ ଅନ୍ୟାନ ସାମଗ୍ରୀ ଉଦ୍ଧାର କରିଛି। ୟୁୟୁମୁରା କେସପାଲି ଗ୍ରାମର ଉମେଶ ଚନ୍ଦ୍ର ବିଶ୍ୱାଳଙ୍କ ଭେରାଇଟି ଷ୍ଟୋରରୁ ଗତ ମାସ ୨୫/୨୬ ବିଳମ୍ବିତ ରାତିରେ ଚୋରି ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଲୁଟ୍ ଅଭିଯୋଗରେ ୨ ଗିରଫ

ସମ୍ବଲପୁର,୧୨।୮ (ସମିସ):ଲୁଟ ଅଭିଯୋଗରେ ଅଇଁଠାପାଲି ପୁଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଅଇଁଠାପାଲି ଥାନା କର୍ମଟୋଲିର ତାପସ ଚନ୍ଦ୍ର ମହାଲ(୩୯) ଓ ସିଙ୍ଗପାଲିର ଏନ. ଲୋକନାଥ(୨୦)। ସୁନ୍ଦରଗଡ଼ର ରୁପେଶ ସିଂହ(୨୩) ନିକଟରୁ ଗତ ୩ ତାରିଖ ରାତି ପ୍ରାୟ ୧୧ଟା ସମୟରେ ଦୁଇ ଅଭିଯୁକ୍ତ ଗୋଟାଏ ମୋବାଇଲ ଓ ୪୮୦୦ ଟଙ୍କା ଲୁଟି ନେଇଥିଲେ। ଅଭିଯୋଗ ପରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଚୋରି ମୋବାଇଲ ଉଦ୍ଧାର କରିଥିବା ସୂଚନା ରହିଛି।

## ସର୍ବସାଧାରଣ ରାସ୍ତାକୁ ଜବରଦଖଲ ଅଭିଯୋଗ



ସମ୍ବଲପୁର, ୧୨।୮ (ସମିସ): ମାନେଶ୍ୱର ବ୍ଲକ ଧମାସ୍ଥିତ ସହରାପଡ଼ାରେ ନଦୀ ଆଡ଼କୁ ଏକ କଂକ୍ରିଟ ରାସ୍ତା ରହିଛି। ଜଣେ ଜମି ଦଲାଲ ଏହି ରାସ୍ତାକୁ ବିନା ସରକାରୀ ଡିମାର୍କେସନ୍‌ରେ ତାହାକୁ ନିଜ ରାସ୍ତା ବୋଲି ଦାବି କରୁଛନ୍ତି। ସେ ରାସ୍ତାକଡ଼ର ମାଟି ଆଣି ଏହି କଂକ୍ରିଟ୍ ରାସ୍ତା ଉପରେ ପକାଇ ଦେଇଛନ୍ତି। ଅଞ୍ଚଳବାସୀ ମନା କରିବା ସତ୍ତ୍ୱେ ସେ ତାହାକୁ ମାନିଲେନି। ଡିମାର୍କେସନ ପରେ ଯାହା କିଛି କରିବାକୁ କହିଲେ ବି ସେ ଶୁଣିଲେନି। ବର୍ତ୍ତମାନ ଲୋକେ ଯିବାଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଦୁଇରୁ ତିନିଶହ ଲୋକେ ଏହି ୧୫ ଫୁଟ୍ ବିଶିଷ୍ଟ ରାସ୍ତାରେ ଦୈନିକ ଯିବାଆସିବା କରିଥାନ୍ତି। ମାଟି ପକାଇ ଦେଇଥିବାରୁ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏନେଇ ଆଜି ଶତାଧିକ ମହିଳା ଓ ପୁରୁଷ ଜିଲ୍ଲାପାଳଙ୍କୁ ସାକ୍ଷାତ କରିବାକୁ ଆସିଥିବାବେଳେ ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କ ଅନୁପସ୍ଥିତିରେ ତହସିଲ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ, ସେଠାରେ ତହସିଲଦାର ମଧ୍ୟ ନଥିବାରୁ ତାଙ୍କ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାନଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବୁ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

### ୨ରେ ସ୍ଥାୟୀ କଲେ, ୭ରେ ଫେରାଇଦେଲେ

# ସ୍ଥାୟୀ ନିଯୁକ୍ତି ଦାବିରେ କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ



ସମ୍ବଲପୁର, ୧୨।୮ (ସମିସ) : ଗତ ୨୦୨୪ ମସିହା ଅଗଷ୍ଟ ମାସରେ କନିଷ୍ଠ ଶିକ୍ଷକ ଭାବେ ନିଯୁକ୍ତ ସମ୍ବଲପୁର ଜିଲ୍ଲାର କନିଷ୍ଠ ଶିକ୍ଷକମାନେ ଆଜି ଶୋଭାଯାତ୍ରା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଗତ ୨ ତାରିଖରେ ସରକାର ପତ୍ର ଜାରିକଲେ ଯେ ଯେଉଁମାନେ କନିଷ୍ଠ ଯନ୍ତ୍ରୀ ଭାବେ ନିଯୁକ୍ତ ହୋଇଛନ୍ତି ସେମାନଙ୍କୁ ସ୍ଥାୟୀ (ରେଗୁଲାର) କରିଦିଆଯିବ ଏବଂ ଆଗାମୀ ଦିନରେ ଆବଶ୍ୟକତା ଅନୁସାରେ ସମସ୍ତ ନିଯୁକ୍ତି ରେଗୁଲାର ଭାବେ କରାଯିବ। କିନ୍ତୁ ସେହି ପତ୍ରକୁ ୭ ତାରିଖରେ ଫେରାଇ ନିଆଗଲା। ସରକାର ୨ ତାରିଖରେ ଲାଗୁ କରିଥିବା ନିର୍ଦ୍ଦେଶ ଗୃହୀତ ହୋଇ କାର୍ଯ୍ୟକାରୀ କରାଯିବାକୁ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନେ ଦାବି କରିଛନ୍ତି।

ଆଗକୁ ସରକାର ସକାରାତ୍ମକ ପଦକ୍ଷେପ ଗ୍ରହଣ ନକଲେ କନିଷ୍ଠ ଶିକ୍ଷକମାନେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି। କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ସ୍ମାରକ ପତ୍ର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଶୋକ କୁମାର ଭୋଇ ଗ୍ରହଣ କରିଥିଲେ।

ସମ୍ବଲପୁର ଜିଲ୍ଲାରେ ୧୮୪ ଜଣ କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀ ଥିବାବେଳେ ରାଜ୍ୟରେ ପ୍ରାୟ ୧୩ ହଜାର ଜଣ ରହିଛନ୍ତି। ନୂତନ ସରକାର ଆସିବା ପରେ ସମସ୍ତ ଠିକା ନିଯୁକ୍ତିକୁ ଉଚ୍ଛେଦ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଠିକା ଶିକ୍ଷକଙ୍କୁ ଛାଡ଼ି ଅନ୍ୟ ସବୁ ବିଭାଗରେ ଠିକା ନିଯୁକ୍ତି ଉଚ୍ଛେଦ କରାଯାଇଥିବା ଅଭିଯୋଗ ହୋଇଛି। ଉପରୋକ୍ତ ଶିକ୍ଷକମାନେ ଅଗଷ୍ଟ ୭, ୨୦୨୪ ଦିନ କାର୍ଯ୍ୟରେ ଯୋଗ ଦେଇଥିଲେ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ପତ୍ର ସଂଖ୍ୟା ୨୧୨୬୮ ତା ୦୨.୦୮.୨୦୨୫ ଜରିଆରେ ବର୍ତ୍ତମାନ ଜୁନିଅର ଟିଚର (ସ୍କିମାଟିକ) / ଜୁନିଅର ଟିଚର ଭାବେ କାର୍ଯ୍ୟରତ ସମସ୍ତଙ୍କୁ ସ୍ଥାୟୀ (ରେଗୁଲାର) ଶିକ୍ଷକ କରାଗଲା ଏବଂ ଅନ୍ୟ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ବିଷୟରେ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଇଥିଲେ। ତେବେ, ତାହାର ୫ ଦିନ ନଯାଉଣୁ କ'ଣ ହେଲା କେଜାଣି ତାହା ଫେରାଇ ନିଆଗଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପତ୍ର ସଂଖ୍ୟା ୨୧୯୦୯ ତା ୦୭.୦୮.୨୦୨୫ ଜରିଆରେ ଅତିରିକ୍ତ ସଚିବ ଦୁର୍ଗାପ୍ରସାଦ ମହାପାତ୍ର ଉପରୋକ୍ତ ଶିକ୍ଷକ ସ୍ଥାୟୀକରଣ (ରେଗୁଲାର) ପତ୍ରକୁ ଫେରାଇ ନିଆଗଲା ବୋଲି ଉଲ୍ଲେଖ କରିଛନ୍ତି। ସରକାରଙ୍କ ୨ ତାରିଖର ସୁପାରିଶ ଦ୍ୱାରା ଓଡ଼ିଶାର ଧ୍ୱଂସ ପାଇବାକୁ ବସିଥିବା ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ନୂତନ ଦିଗଦର୍ଶନ ମିଳିପାରିଥାନ୍ତା। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ଭାବେ ଶିକ୍ଷକ ନିଯୁକ୍ତି କରିବା, ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ଓ କନିଷ୍ଠ ଶିକ୍ଷକ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହାକୁ ସେହି ସୁପାରିଶ ମାଧ୍ୟମରେ ପୂରଣ କରାଯାଇଥାନ୍ତି, ତାହାକୁ ବିଭାଗ ହଟାଇ ଦେଇଛି। ସେହି ସମାନ ସୁପାରିଶ ପୁନଃସଂସ୍ଥାପନ କରିବା ପାଇଁ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି।



# ୨ ବ୍ୟାଙ୍କ କର୍ମଚାରୀଙ୍କ ସମେତ ୧୪ ସାଇବର ଠକ ଗିରଫ



- ନକଲି ବ୍ୟାଙ୍କ ଖାତା ଖୋଲି ଲୁଟୁଥିଲେ ଟଙ୍କା
- ସନ୍ଦେହ ଘେରରେ ବନ୍ଧନ ଓ ଆଇଡିବିଆଇ ବ୍ୟାଙ୍କ କର୍ମଚାରୀଙ୍କ ଭୂମିକା

ରାଉରକେଲା, ୧୨।୮ (ସମିସ)

ରାଉରକେଲା ସାଇବର ଥାନା ପୁଲିସ ସାଇବର ଠକେଇର ପର୍ଦ୍ଦାଫାସ କରିଛି। ଦୁଇଟି ପର୍ଯ୍ୟାୟରେ ୧୪ ଜଣ କୁଖ୍ୟାତ ସାଇବର ଠକଙ୍କୁ ପୁଲିସ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୨ ଜଣ ବ୍ୟାଙ୍କ କର୍ମଚାରୀ ରହିଛନ୍ତି। ଏହି ଠକମାନେ ବିଭିନ୍ନ ଲୋକଙ୍କ ଆଧାର କାର୍ଡ, ସିମ୍ କାର୍ଡ ଯୋଗାଡ କରି ବିନା କେୱାଇସିରେ ବ୍ୟାଙ୍କରେ ନକଲି ଆକାଉଣ୍ଟ ଖୋଲି ଲକ୍ଷ ଲକ୍ଷ ଟଙ୍କା ଲୁଟୁ ଥିଲେ। ବିନା କେୱାଇସିରେ ତଥା ବିନା ପ୍ରକୃତ ଗ୍ରାହକଙ୍କ ଉପସ୍ଥିତିରେ ବ୍ୟାଙ୍କ ଖାତା ବନ୍ଧନ ବ୍ୟାଙ୍କ ଓ ଆଇଡିବିଆଇ ବ୍ୟାଙ୍କର କିଛି କର୍ମଚାରୀ ଖୋଲି ବଡ ସାଇବର ଠକେଇକୁ ପ୍ରୋତ୍ସାହନ ଦେଉଥିଲେ। ଯାହାଦ୍ୱାରା ଅନେକ ଗ୍ରାହକ ସାଇବର ଠକେଇର ଶିକାର ହୋଇ ସେମାନଙ୍କ ଜମା ପୁଞ୍ଜି ହରାଉଥିଲେ। ଏହି ସାଇବର ଠକେଇ ମାମଲାରେ ବନ୍ଧନ ବ୍ୟାଙ୍କ ଓ ଆଇଡିବିଆଇ କର୍ମଚାରୀଙ୍କ ଭୂମିକା ସନ୍ଦେହ ଘେରରେ ରହିଛି। ଏନେଇ ମଙ୍ଗଳବାର ରାତିରେ ରାଉରକେଲା ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାଏ ଓ ରାଉରକେଲା ଏସ୍‌ପି ନିତେଶ ୱାଧୱାନୀ ଏନେଇ ସୂଚନା ଦେଇଛନ୍ତି।

ଏହି ସାଇବର ଠକେଇ ମାମଲାରେ ରାଉରକେଲା ସାଇବର ଥାନା ପୁଲିସ ଗତ ୯ ତାରିଖ ଦିନ ୫ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ମଙ୍ଗଳବାର ପୁଣି ୯ ଜଣ ସାଇବର ଠକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗତ ୯ ତାରିଖରେ ଗିରଫ ୫ ଅଭିଯୁକ୍ତମାନେ ହେଲେ ସେକ୍ଟର-୧୫ ପାର୍କ ବସ୍ତିର ରାଜେଶ ନାଗ (୪୩), ସେକ୍ଟର - ୬ ଏଚ୍ ବ୍ଲକର ଶତ୍ରୁଘ୍ନ ନାଗ ଓରଫ ପୁରା (୩୫), ପ୍ଲାଣ୍ଟସାଇଟ୍ ଥାନା ଡିଲକ୍ସ ଗଳିର ବିକାଶ କୁମାର ସାହୁ (୨୫), ସେକ୍ଟର - ୧୭ ପାର୍କ ବସ୍ତିର ରାହୁଲ କୁମ୍ଭାର (୨୩), ସେକ୍ଟର - ୧୮ ଉତ୍କଳବସ୍ତିର ଲକ୍ଷ୍ମଣ ରାଓ (୩୬)। ସେହିପରି ୧୨ ତାରିଖରେ ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଲାଠିକଟା ଥାନା ବଲାଣୀ ଗାଁର ଜୟନ୍ତ ପ୍ରଧାନ (୨୬), ପାନପୋଷ ବସ୍ତିର ମେହୁଲ ସାହୁ (୨୩), ଟ୍ରାଫିକ ଗେଟ ଗଞ୍ଜାମ ବସ୍ତିର ସଚିନ୍ ଜେନା (୨୩), ସେକ୍ଟର - ୧୫ ଉତ୍କଳ ବସ୍ତିର ଆଦିତ୍ୟ ନାଗବଂଶୀ ଓରଫ ବାବୁଲାଲ (୧୯), ବୀରମିତ୍ରପୁର କରବାଲା ରୋଡର ମୋଶିମ ଖାନ୍ (୨୮), ପାନପୋଷ ବସ୍ତିର ଦୀପକ ମୁଖୀ (୨୬), ସେକ୍ଟର - ୬ ବିବେକାନନ୍ଦ ପଲ୍ଲୀର ସେକ୍ ସାହିଦୁଲ୍ ଅଲି (୩୧), ଗୋପବନ୍ଧୁ ପଲ୍ଲୀ ୱାର୍ଡ ନଂ -୧୩ର ଶିଲ୍ପୀ ସାହୁ(୨୩), ଗାନ୍ଧୀ ରୋଡ ମଛଲି ମାର୍କେଟ ଅଞ୍ଚଳର ସାହିଲ ଖୁଣ୍ଟିଆ (୨୩)। ସାହିଲ ଖୁଣ୍ଟିଆ ଉଦିତନଗର ଶାଖା ବନ୍ଧନ ବ୍ୟାଙ୍କର ମ୍ୟାନେଜର ହୋଇଥିବା ବେଳେ ଶିଳ୍ପି ସାହୁ ଆଇଡିବିଆଇ ବ୍ୟାଙ୍କର ଏଜେଣ୍ଟ ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ଗୋଟିଏ କାର, ଗୋଟିଏ ବୁଲେଟ, ୧୫ଟି ମୋବାଇଲ, ୩୦ଟି ଆଧାର କାର୍ଡ, ୧୦ଟି ପାନ୍ କାର୍ଡ, ୧୭ଟି ପାସ ବୁକ୍, ୪ଟି ଚେକ୍ ବୁକ୍ ଓ ଗୋଟିଏ ଲ୍ୟାପଟପ୍ ଜବତ କରାଯାଇଛି ବୋଲି ଡିଆଇଜି ସୂଚନା ଦେଇଛନ୍ତି। ସାଇବର ଠକମାନେ କୌଣସି ମତେ ବିଭିନ୍ନ ଲୋକଙ୍କ ଠାରୁ ସେମାନଙ୍କ ଆଧାର କାର୍ଡ, ସିମ କାର୍ଡ, ଭୋଟ ପରିଚୟ ପତ୍ର ସଂଗ୍ରହ କରୁଥିଲେ। ସେମାନେ ବିଶେଷ କରି ଛତିଶଗଡ଼, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ ଅଞ୍ଚଳର ଲୋକମାନଙ୍କୁ ଟାର୍ଗେଟ କରି ସେମାନଙ୍କ ଠାରୁ ଡକ୍ୟୁମେଣ୍ଟ ହାସଲ କରୁଥିଲେ। ପ୍ରତି ଡକ୍ୟୁମେଣ୍ଟ ପାଇଁ ୧ ହଜାରରୁ ୧୫ ଶହ ଟଙ୍କା ଦେଉଥିଲେ। ଏହାପରେ ସେହି ଡକ୍ୟୁମେଣ୍ଟ ଜରିଆରେ ସେମାନେ ରାଉରକେଲାରେ ବନ୍ଧନ ବ୍ୟାଙ୍କ ଓ ଆଇଡିବିଆଇ ବ୍ୟାଙ୍କରେ ଆକାଉଣ୍ଟ ଖୋଲିଥିଲେ। ବ୍ୟାଙ୍କର କିଛି ଅସାଧୁ କର୍ମଚାରୀଙ୍କୁ ହାତ କରି ବିନା କେୱାଇସିରେ ବ୍ୟାଙ୍କ ଖାତା ଖୋଲିବା ପାଇଁ ସକ୍ଷମ ହେଉଥିଲେ। ଏହାପରେ ଏହି ବ୍ୟାଙ୍କ ଆକାଉଣ୍ଟଗୁଡିକୁ ବିଭିନ୍ନ ସାଇବର ଅପରାଧରେ ବ୍ୟବହାର କରି ଲକ୍ଷ ଲକ୍ଷ ଟଙ୍କା ଗ୍ରାହକଙ୍କ ଠାରୁ ଲୁଟୁ ଥିଲେ।

ଏନସିଆର ଅନୁସାରେ ରାଉରକେଲାର ଚଳିତ ବର୍ଷ ୮୦୦ରୁ ଅଧିକ ଜାଲ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ଯାହାର ତଦନ୍ତ ଆରମ୍ଭ ହୋଇଛି ବୋଲି ଏସ୍‌ପି କହିଛନ୍ତି। ଏବେ ୭ଟି ଫ୍ୟାକ୍ ଆକାଉଣ୍ଟ ହୋଲଡରକୁ ଗିରଫ ପାଇଁ ତଦନ୍ତ ହେଉଛି। ପ୍ରତି ମାସରେ ପ୍ରତି ଆକାଉଣ୍ଟରୁ ୮ରୁ ୧୦ ହଜାର ଆୟ ହୋଇଥାଏ। ପ୍ରତି ମାସରେ ୧୮ରୁ ୨୦ଟି ଖାତାକୁ ସେମାନେ ୨ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଆୟ କରୁଥିଲେ। ଗିରଫ ୧୪ ଜଣ ଛୋଟ ଛୋଟ ଚୋରୀ, ଛିନତାଇ ଘଟଣାରେ ଜେଲରେ ଥିବା ବେଳେ ଅନ୍ୟ ଅପରାଧୀଙ୍କ ସହ ଆଲୋଚନା କରି ଏହି ଅଭିନବ ସାଇବର ଠକେଇ ଆରମ୍ଭ କରିଥିଲେ ବୋଲି ଏସ୍‌ପି ଶ୍ରୀ ୱାଧୱାନୀ ସୂଚନା ଦେଇଛନ୍ତି। ତେଣୁ କୌଣସି ଅଜଣା ବ୍ୟକ୍ତିକୁ ନିଜର ଆଧାର କାର୍ଡ, ଭୋଟ ପରିଚୟ ପତ୍ର, ସିମ କାର୍ଡ, ପାନ କାର୍ଡ ନ ଦେବା ପାଇଁ ଏସ୍‌ପି ନିବେଦନ କରିଛନ୍ତି। ଛତିଶଗଡ଼, ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗର ନେଟୱର୍କ ରହିଛି। ଆଗମୀ ଦିନରେ ଗିରଫ ଅଭିଯୁକ୍ତ ମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଡିଆଇଜି ଶ୍ରୀ ରାଏ କହିଛନ୍ତି। ଏଥିରେ ଆହୁରି ଦୁର୍ବୃତ୍ତ ସାମିଲ ଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି। ଅତିରିକ୍ତ ଏସ୍‌ପି ଶ୍ରାବଣୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାଇବର ଥାନା ଡିଏସ୍‌ପି ସେରୋଫିନା ଖେସ, ସାଇବର ଥାନା ଅଧିକାରୀ ପି. ମିର୍ଦ୍ଧା, ସବ୍‌ଇନ୍ସପେକ୍ଟର ଏସ୍. ମହାନ୍ତି ଏହି ମାମଲାର ତଦନ୍ତ କରିଥିବା ବେଳେ ରଘୁନାଥପାଲୀ, ପ୍ଲାଣ୍ଟସାଇଟ୍, ସେକ୍ଟର-୭ ଓ ବ୍ରାହ୍ମଣୀ ତରଙ୍ଗ ଥାନା ପୁଲିସ ଠକଙ୍କୁ ଗିରଫ କରିବାରେ ସହାୟତା କରିଥିଲେ ବୋଲି ଏସ୍‌ପି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

## ତରଭା ବ୍ଲକ୍ ଆଗରେ ଗର୍ଜିଲେ ଚାଷୀ

ତରଭା,୧୨।୮ (ସମିସ): ସୋନପୁର ଜିଲ୍ଲା ତରଭା ବ୍ଲକ୍ ମରାଡୁଗୁଛା ପଞ୍ଚାୟତର ଟୋକାନ ପାଇଥିବା ଚାଷୀ ଗତ ରବି ଋତୁରେ ପ୍ୟାକ୍ସରେ ଧାନ ଦେଇ ଆଜି ସୁଦ୍ଧା ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇ ନାହାନ୍ତି। ଏହାର ପ୍ରତିବାଦରେ ସେମାନେ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାନ ବିକି କରି ସେମାନେ ସମ୍ପୂର୍ଣ୍ଣ ପାଉଣା ପାଇ ନ ଥିବା ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି। ଗତ ୨୮ ତାରିଖ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରକୁ ଶତାଧିକ ଚାଷୀ ଆସି ଅଭିଯୋଗ କରିଥିଲେ। ସୋମବାର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତରଭା ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଦାବିପତ୍ରରେ ମରାଡୁଗୁଛା ପ୍ୟାକ୍ସରେ ବକେୟା ଥିବା ଧାନର ମୂଲ୍ୟ ନ ପାଇବା, ବିକ୍ରୟ ପାଇଁ ପ୍ୟାକ୍ସରୁ ମିଲ୍‌କୁ ଯାଇଥିବା ଗାଡିର ଭଡା ନ ମିଳିବା ଓ ସାରର କଳାବଜାର ପ୍ରତିବାଦରେ ୧୨ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ଉଲ୍ଲେଖ କରିଥିଲେ। ସେହି ଅନୁସାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଚାଷୀ ନେତା ମିତ୍ରବ୍ରତ ମିଶ୍ର, ଜୟଚନ୍ଦ୍ର ଭୋଇ, ପଦ୍ମଲୋଚନ ଦଳବେହେରା, ବସୁ ସାହୁ, କାହ୍ନୁ ଚରଣ, ରବୀନ୍ଦ୍ର ମିଶ୍ର, କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ଅନେକ ଚାଷୀ ଧାରଣାରେ ବସିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଭବାନୀପାଟଣା,୧୨।୮ (ସମିସ): କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ବସ୍ ଟର୍ମିନାଲରୁ ମଙ୍ଗଳବାର ସକାଳରେ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସ୍ଥାନୀୟ ପୁଲିସ ଉଦ୍ଧାର କରିଛି। ମୃତବ୍ୟକ୍ତିଙ୍କ ପରିଚୟ ଜଣା ପଡିନି। ବ୍ୟବଚ୍ଛେଦ ପରେ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବ ଗୃହରେ ରଖାଯାଇଛି। ପୋଲିସ ଘଟଣା ର ତଦନ୍ତ ଜାରି ରଖିଛି।

## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ

କୋମନା,୧୨।୮ (ସମିସ):ନୂଆପଡ଼ ଜିଲ୍ଲା କୋମନା ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ମୁଖ୍ୟାଳୟରେ ବିଜେପିର ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ପାତଳେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ଠାକୁର ଙ୍କ ନେତୃତ୍ୱରେ ମଣ୍ଡଳ ସାଧାରଣ ସମ୍ପାଦକ ରଣଜିତ ସିଂ ଦଣ୍ଡସେନା, ଏସସି ମୋର୍ଚ୍ଚା ସଭାପତି ଲୋକନାଥ ସିନ୍ଧୁର, ବୁଥ ସଭାପତି ଦୟା ମାଝୀ, ଗୁପ୍ତେଶ୍ୱର ନିଆଲ, ସମ୍ଭବ ପଣ୍ଡା, ଜିତୁ ନିଆଲ ତଥା ସ୍ଥାନୀୟ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ପତାକା ଧରି ପଦଯାତ୍ରା କରିବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ଆହ୍ୱାନକୁ କାର୍ଯ୍ୟକାରୀ କରିବାକୁ ଲୋକଙ୍କୁ ସଚେତନ କରିଥିଲେ।

## ଯୋଜନା ଭିତ୍ତିକ ଶିକ୍ଷକଙ୍କ ଶୋଭାଯାତ୍ରା

ବୌଦ୍ଧ,୧୨।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନିଷ୍ଠ ଶିକ୍ଷକ ସଂଘ ବୌଦ୍ଧ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛି। ସମସ୍ତେ ଶୋଭାଯାତ୍ରାରେ କଚେରି ଛକରୁ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଏହି ଦାବିପତ୍ର ଦେଇଥିଲେ। ଜିଲ୍ଲା କନିଷ୍ଠ ଶିକ୍ଷକ (ଯୋଜନା ଭିତ୍ତିକ) ସଂଘର ସଭାପତି ଅଂଶୁମାନ ପାତ୍ର, ଉପ ସଭାପତି ପ୍ରତିମା ନାୟକ, କୋଷାଧ୍ୟକ୍ଷ ରବିନାରାୟଣ ମେହେର, ସମ୍ପାଦକ ବନିତା ସେଠୀ ପ୍ରମୁଖ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

## ଶିକ୍ଷକ ସମସ୍ୟାକୁ ନେଇ ବିଇଓ ଅଫିସ୍ ଘେରାଉ

ସିନାପାଲି,୧୨।୮ (ସମିସ): ସିନାପାଲି ବ୍ଲକ୍ ଅନ୍ତର୍ଗତ କେନ୍ଦୁମୁଣ୍ଡାସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ବଦଳି ବ୍ୟବସ୍ଥାରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରୁ ଏକାଥରକେ ଚାରି ଜଣ ତାଲିମପ୍ରାପ୍ତ ଶିକ୍ଷକଙ୍କୁ ବଦଳି କରାଯାଇଥିବା ବେଳେ ବର୍ତ୍ତମାନ ଜଣେ ସିଟି ତାଲିମପ୍ରାପ୍ତ ଶିକ୍ଷକଙ୍କ ହାତରେ ବିଦ୍ୟାଳୟ ପରିଚାଳିତ ହେଉଥିବା ଅଭିଯୋଗ କରିଛନ୍ତି। ଫଳରେ ବିଦ୍ୟାଳୟର ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏନେଇ ସ୍ଥାନୀୟ ଅବିଭାବକ ତଥା ଛାତ୍ରଛାତ୍ରୀ ଅସନ୍ତୋଷ ପ୍ରକାଶ କରିବା ସହ ସିନାପାଲି ବିଇଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଥିଲା। ପ୍ରାପ୍ତ ଖବର ଅନୁସାରେ ୧୯୬୧ ମସିହାରେ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ବର୍ତ୍ତମାନ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତିନୋଟି ଶ୍ରେଣୀରେ ମୋଟ ୧୮୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରନ୍ତି। ସେମାନଙ୍କ ଶିକ୍ଷାଦାନ ପାଇଁ ପାଞ୍ଚଜଣ ଅଭିଜ୍ଞ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତ ଥିଲେ। ହେଲେ ଚଳିତ ଶିକ୍ଷା ବର୍ଷରେ ଶିକ୍ଷକଙ୍କ ବଦଳି କରାଯାଇଥିବା ବେଳେ ଉକ୍ତ ବିଦ୍ୟାଳର ଚାରି ଜଣ ତାଲିମ ପ୍ରାପ୍ତ ଶିକ୍ଷକଙ୍କ ବଦଳି ହୋଇଯାଇଛି। ଫଳରେ ବିଦ୍ୟାଳୟରେ ବର୍ତ୍ତମାନ ଜଣେ ମାତ୍ର ଶିକ୍ଷକ +୨ ସିଟି ତାଲିମ ପ୍ରାପ୍ତ ଶିକ୍ଷକ ଅଛନ୍ତି। ହେଲେ ଜଣେ ଶିକ୍ଷକରେ ତିନୋଟି ଶ୍ରେଣୀର ୧୮୦ ଜଣ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ସମ୍ଭବ ନୁହେଁ। ଯଦ୍ୱାରା ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଫଳରେ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷାଦାନରୁ ବଞ୍ଚିତ ହେଉଛନ୍ତି। ଉକ୍ତ ବିଦ୍ୟାଳୟ ଅଞ୍ଚଳର ଏକ



**ତୁରନ୍ତ ତାଲିମପ୍ରାପ୍ତ ଅଭିଜ୍ଞ ଶିକ୍ଷକ ପୂରଣ ଦାବ**

ପ୍ରମୁଖ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଥିରୁ ହଜାର ହଜାର ଛାତ୍ରଛାତ୍ରୀ ଉପକୃତ ହୋଇ କୃତିତ୍ୱ ଅର୍ଜନ କରିବା ସହିତ ବିଭିନ୍ନ ବିଭାଗରେ ନିଯୁକ୍ତି ପାଇ ଉପକୃତ ହୋଇଛନ୍ତି। ସେଭଳି ଏକ ପ୍ରମୁଖ ଅନୁଷ୍ଠାନର ସୈକ୍ଷିକ ବ୍ୟବସ୍ଥା ଆଜି ଭୁଶୁଡ଼ି ପଡ଼ିବା ଅତ୍ୟନ୍ତ ଦୁଃଖର ବିଷୟ ବୋଲି ଅବିଭାବକ ମହଲ ରେ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଅନୁଷ୍ଠାନର ଶୈକ୍ଷିକ ବ୍ୟବସ୍ଥା ପୁନଃ ଫେରାଇ ଆଣିବା ପାଇଁ ଦାବି କରି ବିଦ୍ୟାଳୟରୁ ବଦଳି କରାଯାଇଥିବା ସମସ୍ତ ତାଲିମ ପ୍ରାପ୍ତ ଶିକ୍ଷକ ମାନଙ୍କୁ ପୁନଃ ଫେରାଇ ଆଣିବା କୁ ଅବିଭାବକ ତଥା ଛାତ୍ରଛାତ୍ରୀ ଦାବି କରି ସିନାପାଲି ବିଇଓ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଘେରାଉ କରିଥିଲେ। ଦୀର୍ଘ ସମୟ ପରେ ସିନାପାଲି ବିଇଓ ଯତୀନ୍ଦ୍ର ସେଠ୍ ଘଟଣାସ୍ଥଳରେ ପହଞ୍ଚି ଅବିଭାବକ ତଥା ଛାତ୍ରଛାତ୍ରୀଙ୍କୁ ବୁଝାସୁଝା କରିଥିଲେ। ପରେ ଆଗାମୀ ଏକ ସପ୍ତାହ ମଧ୍ୟରେ ଶିକ୍ଷକ ନିଯୁକ୍ତି ଦେବାର ପ୍ରତିଶ୍ରୁତି ପରେ ଶାନ୍ତ ପଡ଼ିଥିଲେ। ଆଗାମୀ ଏକ ସପ୍ତାହ ମଧ୍ୟରେ ଆବଶ୍ୟକ ଶିକ୍ଷକ ପୂରଣ ନକଲେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନରେ ବସିବୁ ବୋଲି ସ୍ଥାନୀୟ ଅବିଭାବକ ଦିଲ୍ଲୀପ ପାତ୍ରୀ, ନିରନ୍ ବାଗ, ସୂର୍ଯ୍ୟଭାନୁ ହଂସ, ଶିବଲାଲ ଖର୍ସେଲ, ଚନ୍ଦ୍ର ବାଗ, ଡିଙ୍ଗର ଲୋହାର, ଧନୁର୍ଜୟ ମାଝୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସେଲେଡି ପାକ୍ସରେ ତାଲା ମାରି ଚାଷୀଙ୍କ ଧାରଣା



ବିନିକା,୧୨।୮ (ସମିସ): ସୋନପୁର ଜିଲ୍ଲା ବିନିକା ତହସିଲ ଅଧୀନ ମହଦେବପାଲି ପଞ୍ଚାୟତ ସକମା ଗ୍ରାମର ଚାଷୀ ସେଲେଡି ପାକ୍ସରେ ତାଲା ମାରି ଧାରଣା ଦେଇଛନ୍ତି। ମଙ୍ଗଳବାର ସେମାନେ କାଗଜପତ୍ର ଧରି ପଞ୍ଜୀକରଣ ପାଇଁ ସେଲେଡି ପାକ୍‌ସରେ ପହଞ୍ଚିଥିଲେ; ହେଲେ ସେଠାରେ ଦାୟିତ୍ୱରେ ଥିବା ଅଧିକାରୀ ମନା କରି ଦେଇଥିଲେ। ଏହାକୁ ନେଇ ଚାଷୀ ହୋ ହାଲ୍ଲା କରିଥିଲେ। ପଞ୍ଜିକରଣ ପାଇଁ କିଏ ମନା କରିଛି ବୋଲି ପାକ୍ସ କର୍ମଚାରୀଙ୍କୁ ଜବାବ ମାଗିଥିଲେ। ଶେଷରେ କୌଣସି ଠିକ ଉତ୍ତର ନ ମିଳିବାରୁ ବାଧ ହୋଇ ଚାଷୀମାନେ ପାକ୍ସକୁ ତାଲା ପକାଇ ଧାରଣା ଦେଇଥିଲେ। ନାରାବାଜି କରି ଦାବି ପୂରଣ ନ ହେବା ଯାଏ ଉଠିବେ ନାହିଁ ବୋଲି କହିଥିଲେ। କିଛି ସମୟ ପରେ ବିନିକା ତହସିଲଦାର ଓ ଥାନା ଅଧିକାରୀ ପହଞ୍ଚିଥିଲେ। ଚାଷୀଙ୍କ ସମସ୍ୟା ଉପରେ ଅବଗତ ହୋଇଥିଲେ; ହେଲେ କୌଣସି ସନ୍ତୋଷ ଜନକ ଉତ୍ତର ଦେଇ ପାରି ନ ଥିଲେ। ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲାପାଳ ଆସି ସମସ୍ୟା ସମାଧାନ କରିବାକୁ ଚାଷୀ ଦାବି କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଧାରଣାରେ ବସି ରହିଥିଲେ ହେଁ ବିଭାଗୀୟ ଅଧିକାରୀଙ୍କ ଦେଖା ମିଳି ନ ଥିଲା। ଏଣୁ ବୁଧବାରୁଠାରୁ ଚାଷୀ ରାସ୍ତାକୁ ଓହ୍ଲାଇବେ ବୋଲି ସଜବାଜ ହୋଇଥିଲେ। ଏହା ପରେ ରଘୁନାଥ ସ୍ୱୟଂ ସହାୟକ ଗୋଷ୍ଠୀ ଚାଷୀଙ୍କ ଧାନ ବିକ୍ରି ପଞ୍ଜିକରଣ ଚାଲୁ କରିବାକୁ ସ୍ୱୀକୃତି ଦେଇଥିଲା। ଏଣୁ କିଛି ଚାଷୀ ମଧ୍ୟ ପଞ୍ଜିକରଣ କରିଥିଲେ।

## ହକି ଷ୍ଟିକ୍‌ରେ ପିଟି ଯୁବକଙ୍କୁ ହତ୍ୟା

ରାଉରକେଲା, ୧୨।୮ (ସମିସ): ସେକ୍ଟର -୧୯ ଇସ୍ପାତ ମାର୍କେଟ ନିକଟ ତଥା ରିଙ୍ଗ ରୋଡରୁ ସଂଯୋଗ ହୋଇଥିବା ରାସ୍ତାରେ ଜଣେ ଯୁବକଙ୍କୁ ହକି ଷ୍ଟିକ୍‌ରେ ପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ଏସ୍‌କେ ଲାଲଟୁ ବୋଲି ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମଙ୍ଗଳବାର ରାତିରେ କୌଣସି କଥାକୁ ନେଇ କିଛି ଯୁବକଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ତାହା ଝଗଡ଼ା ଆଡ଼କୁ ଘଟଣା ଯାଇଥିଲା। ଏହାକୁ ସମାଧାନ କରିବାକୁ ଲାଲଟୁ ଯାଇଥିବା ବେଳେ ତାଙ୍କୁ ଉକ୍ତ ଯୁବକମାନେ ହକି ଷ୍ଟିକ୍‌ରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସେକ୍ଟର-୧୯ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ହତ୍ୟାକାରୀଙ୍କୁ ଧରିବା ପାଇଁ ପୁଲିସ ତନାଘନା ଆରମ୍ଭ କରିଛି।

## ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଲେ ଜିଲ୍ଲାପାଳ

ନୂଆପଡା,୧୨।୮ (ସମିସ): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ମଙ୍ଗଳବାର ନୂଆପଡା ଜିଲ୍ଲା ସଦର ମହକୁମାରେ ଥିବା ନ୍ୟାସନାଲ ହାଇସ୍କୁଲର ସ୍ଥିତି ଦେଖିବା ସହ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ପାଠ ପଢାଇଛନ୍ତି। ଶ୍ରୀ ଦାଶ ଦଶମ ଶ୍ରେଣୀର ଇଂରାଜୀ ବ୍ୟାକରଣ ଉପରେ ମାର୍ଗଦର୍ଶନ କରିଥିଲେ। କିପରି କୌଶଳ ସହ ଅଧ୍ୟବସାୟ ରଖି ପଢିବା ଦରକାର ଟିପ୍ସ ଦେଇଥିଲେ। ଭଲ ପାଠ ପଢି ବଡ ମଣିଷ ନୁହେଁ ବରଂ ଭଲ ମଣିଷହେବାକୁ ପରାମଶ ଦେଇଥିଲେ। ପିଲାମାନେ ଆଗ୍ରହର ସହ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ। ଜିଲ୍ଲା ଶିକ୍ଷାଧିକାରୀ କରୁଣାକର ଭୁଏ, ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୁଲାପ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ କୃମି ନାଶକ କାର୍ଯ୍ୟକ୍ରମ ଶୁଭାରମ୍ଭ

ସିନାପାଲି,୧୨।୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚଟିଆଗୁଡା ଆଶ୍ରମ ବିଦ୍ୟାଳୟରେ ଜାତୀୟ କୃମି ନାଶକ ଦିବସ ପାଇଁ ଔଷଧ ସେବନ କାର୍ଯ୍ୟକ୍ରମର ଶୁଭ ଉଦଘାଟନ ହୋଇ ଯାଇଛି। କାର୍ଯ୍ୟକ୍ରମକୁ ସିନାପାଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ କାର୍ମି ଓରାମ ଉଦଘାଟନ କରିଛନ୍ତି। ଗୋଷ୍ଠୀ ଚିକିତ୍ସାଧିକାରୀ ଡାକ୍ତର ଶ୍ରୀମାନ ସାହୁ, ପ୍ରଧାନ ଶିକ୍ଷକ ଅଶୋକ କୁମାର ଧରୁଆ, ପିଟଇଓ ଅଙ୍ଗଦରାମ ମାଝୀ, ବିପିଏମ ରତ୍ନମଣି ଭୁଏ, ସ୍ୱାସ୍ଥ୍ୟ ପରିଦର୍ଶକ ହୃଷିକେଶ ସା, ଧବଳେଶ୍ୱର ମେହେର, ଏମଆରଏ ଡିଙ୍ଗର ଦଳପତି, ସ୍ୱାସ୍ଥ୍ୟ କର୍ମୀ ପିତାମ୍ବର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ସମସ୍ତ ଆଗନୱାଡି କେନ୍ଦ୍ର, ବିଦ୍ୟାଳୟ ତଥା ଗ୍ରାମରେ ଥିବା ୧ରୁ ୧୯ ବର୍ଷର ସମସ୍ତ ଶିଶୁଙ୍କୁ କୃମି ନାଶକ ବଟିକା ଆଲବେଣ୍ଡାଜୋଲ ଖୁଆ ଯାଇଥିବା ବେଳେ ଆସନ୍ତା ୧୯ ତାରିଖ ଅବଶିଷ୍ଟ ଥିବା ଶିଶୁଙ୍କୁ ବଟିକା ଖୁଆଯିବାର କାର୍ଯକ୍ରମ ରହିଥିବା ସ୍ୱାସ୍ଥ୍ୟ ବିଭାଗରୁ ସୂଚନା ଦିଆଯାଇଛି।

## ବଜ୍ରପାତରେ ୩ ଗାଈ, ବାଛୁରୀ, ୪ ଛେଳି ମୃତ

ଲାଞ୍ଜିଗଡ଼,୧୨।୮ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ବେନଗାଁ ପଞ୍ଚାୟତ ଲିଟିବୁଣ୍ଡେଲ ଗ୍ରାମ ନିକଟରେ ବଜ୍ରପାତରେ ୩ ଗାଇ, ବାଛୁରୀ, ୪ ଛେଳି ଓ ଗୋଟିଏ ମେଣ୍ଢାର ମୃତ୍ୟୁ ଘଟିଛି। ବର୍ଷା ଶହ ବଜ୍ରପାତ ହୋଇଥିଲା। ଏହି ସମୟରେ ଲିଟିବୁନ୍ଦେଣ୍ଡଲ ଗ୍ରାମର କାଖନୁ ମାଝୀଙ୍କ ଏହି ଗୃହପାଳିତ ପ୍ରାଣୀଗୁଡ଼ିକ ଗାଁ ନକଟସ୍ଥ ଜଙ୍ଗଲରେ ଏକ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଘଟଣା ସ୍ଥଳରେ ଏମାନଙ୍କ ମୃତ୍ୟୁ ଘଟିଥିଲା।

## ପଣ୍ଡିତ ପୀତବାସ ମିଶ୍ରଙ୍କ ପରଲୋକ

ସୋନପୁର,୧୨।୮ (ସମିସ): ପଣ୍ଡିତ ପୀତବାସ ମିଶ୍ର ଆଉ ନାହାନ୍ତି। ୯୫ ବର୍ଷ ବୟସରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ରାୟଗୁରୁପଡାସ୍ଥିତ ବାସଭାବନରେ ହୃଦ୍‌ଘାତରେ ତାଙ୍କର ପରଲୋକ ହୋଇଯାଇଛି। ସୋନପୁରରେ ଏଡି ପ୍ରଚାରିତ ହେବା ପରେ ତାଙ୍କ ବାସ ଭବନରେ ସହରର ଅନେକ ବ୍ୟକ୍ତି ପହଞ୍ଚି ଶେଷ ଦର୍ଶନ କରିଥିଲେ। ରାମେଶ୍ୱର ତ୍ରିବେଣୀ ସଙ୍ଗମଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ବଡ଼ପୁଅ ଚନ୍ଦ୍ରଶେଖର ମୁଖାଗ୍ନି ଦେଇଥିଲେ।

**ଜିଲ୍ଲାପାଳଙ୍କୁ ଅଭିଯୋଗ କଲେ ଗ୍ରାମବାସୀ**

## ଗୋଡ଼ାଳ ପଞ୍ଚାୟତରେ ବ୍ୟାପକ ଅନିୟମିତତା

ସିନାପାଲି,୧୨।୮ (ସମିସ):

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ୍ ଗୋଡ଼ାଳ ପଞ୍ଚାୟତରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ନିକଟରେ ଗୋଡ଼ାଳଗ୍ରାମବାସୀ ଅଭିଯୋଗ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଗୋଡ଼ାଳ ପଞ୍ଚାୟତ ସିନାପାଲି ସଦର ମହକୁମା ଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ।ପ୍ରଶାସନ ଠାରୁ ଅଳ୍ପ ଦୂରରେ ଥିବା ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା କରି ହରିଲୁଟ କରାଯାଇଥିବା ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଏହି ପଞ୍ଚାୟତ ୭ଟି ଗ୍ରାମକୁ ନେଇ ଗଠିତ ହୋଇଥିବା ବେଳେ ଗୋଡ଼ାଳ ପଞ୍ଚାୟତରେ ବିନା କାମରେ ଟଙ୍କା ଆତ୍ମସାତ ଅଭିଯୋଗ ନେଇ ସିନାପାଲି ବ୍ଲକ୍ ସଭାଗୃହରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସ୍ଥାନୀୟ ଲୋକେ ଲିଖିତ ଅଭିଯୋଗ କରିଥିବା

**ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ**

ଜଣାପଡିଛି। ଅଭିଯୋଗ ଅନୁସାରେ ଗତ ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ପାଣ୍ଠିର ଦୂରୁପଯୋଗ କରି ପଞ୍ଚାୟତ କର୍ତ୍ତୃପକ୍ଷ ଟଙ୍କା ଆତ୍ମସାତ କରିଥିବା ଜଣାପଡିଛି। ବିଭିନ୍ନ ଗ୍ରାମର ଘରକୁ ଘର ବୁଲି ଅଳିଆ ଆବର୍ଜନା ସଂଗ୍ରହ କରିବା ନାଁରେ ମିଥ୍ୟା ବିଲ କରି ଟଙ୍କା ହରିଲୁଟ କରାଯାଇଛି। ସେହିପରି ପଞ୍ଚାୟତ କାର୍ଯ୍ୟାଳୟ ମରାମତି କିମ୍ବା ମୁଖ୍ୟ ଗେଟ ନିର୍ମାଣ କରାନଯାଇ ମଧ୍ୟ ଟଙ୍କା ହଡ଼ପ କରାଯାଇଥିବା ଜଣାପଡିଛି। ସେହିପରି ପିଡିଏସ ପାଣ୍ଠିରୁ ବେଆଇନ ଭାବେ ଚାରି ଲକ୍ଷ ୯୦ ହଜାର ଟଙ୍କା ଉଠାଣ କରି ହଡ଼ପ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ପୁଣି ପଞ୍ଚଦଶ ଅର୍ଥ କମିଶନର ପାଣ୍ଠି ଦୁରୁପଯୋଗ କରାଯାଇ ଟଙ୍କା ହଡ଼ପ କରିଥିବା ବେଳେ କୌଣସି କାମ କରାନଯାଇ ପିଇଓ କ୍ୱାର୍ଟର ମରାମତି କରାଯାଇଥିବା ଦର୍ଶାଯାଇଛି। ସେହିପରି ଗୋଡାଳ ଗ୍ରାମରେ ପାନୀୟଜଳ ଯୋଗାଣ ପ୍ରକଳ୍ପ ରହିଥିଲେବି ଲୋକେ ନିୟମିତ ପାନୀୟଜଳ ପାଇପାରୁ ନାହାନ୍ତି। କିନ୍ତୁ ଲକ୍ଷ ଲକ୍ଷ ଟଙ୍କା ଏଥିରେ ବ୍ୟୟବରାଦ କରି ଆତ୍ମସାତ କରାଯାଉଥିବା ଜଣାପଡିଛି। ଏନେଇ ସ୍ଥାନୀୟ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଉକ୍ତ ଟଙ୍କା ହରିଲୁଟର ତଦନ୍ତ କରି ସଂପୃକ୍ତ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଗ୍ରାମର ଖିତିନ୍ଦ୍ର ମାଲି, ଚନ୍ଦ୍ର ଶେଖର ହାତୀ, ଆନନ୍ଦ ନାଏକ, ଉଆସୁ ମାଲି, ତ୍ରିଲୋଚନ ମାଲି, ଚନ୍ଦ୍ରମଣି ନାଏକ, ମନୋଜ ମାଝି, ରମେଶ ମାଲି, ଅଲେଖ ନାଏକ ସମେତ ଅନେକ ଦାବି କରିଛନ୍ତି। ଏ ନେଇ ନୂଆପଡ଼ା ଜିଲ୍ଲାପାଳ ସିନାପାଲି ବିଡ଼ିଓ କାର୍ମୀ ଓରାମଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## କୁହୁରା-ଭୁର୍ଷାଗୁଡା ରାସ୍ତା ଅବସ୍ଥା ଶୋଚନୀୟ

ଧର୍ମଗଡ଼,୧୨।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକରୁ ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡାକୁ ସଂଯୋଗ କରୁଥିବା ସୀମାନ୍ତ ମୁଖ୍ୟ ରାସ୍ତା ଦୀର୍ଘ ଦିନ ଖାଲଖମାରେ ଭର୍ତ୍ତି ହୋଇ ରହିଛି। ଏହି ରାସ୍ତା ଶୋଚନୀୟ ହୋଇ ପଡିଥିଲେ ମଧ୍ୟ ଏଥିପ୍ରତି କାହାର ନଜର ପଡୁନି। ଏଣୁ ଏହି ରାସ୍ତା ଦେଇ ଯାଉଥିବା ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକକୁ କୁହୁରା ଭୁର୍ଷାଗୁଡା ରାସ୍ତା ବଲାଙ୍ଗିର ଜିଲ୍ଲା ସହ ସଂଯୋଗ କରୁଛି। ଦୀର୍ଘ ୪ କିମି ବିଶିଷ୍ଟ ଏହି ରାସ୍ତା ଦୀର୍ଘ ଦିନ ଧରି କଚ୍ଚା ସଡକ ଥିଲା। ୧୦ ବର୍ଷ ତଳେ ସରକାର ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ସାମିଲ କରି ପକ୍କା ସଡକ ନିର୍ମାଣ କରିଥିଲେ; କିନ୍ତୁ ୫ ବର୍ଷ ହେଲା ଏହି ରାସ୍ତା ଉପରେ ସଂପୃକ୍ତ ବିଭାଗର ଆନ୍ତରିକତା ନାହିଁ। ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ୪ କିମି ବିଶିଷ୍ଟ ଏହି ରାସ୍ତାରେ ବଡ ବଡ ଖାଲ ସୃଷ୍ଟି ହୋଇଛି। ରାସ୍ତା ପାରି ହେବାକୁ ହେଲେ ଅଧିକ ସମୟ ଲାଗି ଯାଉଛି। ବଡ ବଡ ଗାଡି ବହୁ କଷ୍ଟରେ ଯାଉଛି। ଛୋଟ ଛୋଟ ଗାଡି ଯିବା କଷ୍ଟକର ହୋଇ ପଡୁଛି। ଏହି ରାସ୍ତା ଉପରେ ଗୋଲାମୁଣ୍ଡା ବ୍ଲକର ୨୦ଟି ପଞ୍ଚାୟତ ତଥା ଧର୍ମଗଡ, କୋକସରା ବ୍ଲକ ଅଞ୍ଚଳର ଲୋକେ ବଲାଙ୍ଗିର ଜିଲ୍ଲାର ସିନ୍ଧେକେଲା, କଣ୍ଟାବାଞ୍ଜି ଓ ଟିଟିଲାଗଡକୁ ଯିବା ଆସିବା କରିବାକୁ ନିର୍ଭର କରିଥାନ୍ତି। ଦୀର୍ଘ ବର୍ଷ ହେଲା ଏହି ରାସ୍ତା ଶୋଚନୀୟ ହୋଇ ପଡଛି। ଏଣୁ ଲୋକେ ଏହି ରାସ୍ତାରେ ଯିବାକୁ ସୁରକ୍ଷିତ ମଣୁ ନାହାନ୍ତି। ବାଧ ହୋଇ କଣ୍ଟାମାଳ



କୁରୁସୁଡ ଦେଇ ଯିବାକୁ ପଡୁଛି। ଏହା ଫଳରେ ଲୋକଙ୍କୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ସମୟ ମଧ୍ୟ ଅପଚୟ ହେଉଛି। ପୂର୍ବରୁ ଏହି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ମାଣ କରିଥିଲା। ଏଣୁ ଧର୍ମଗଡ ଗ୍ରାମ୍ୟ ଯନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ଅଶିଷ ସେଠୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାରୁ ଏହି ରାସ୍ତା ପୂର୍ତ୍ତ ବିଭାଗକୁ ହସ୍ତାନ୍ତ ହୋଇ ସାରିଛି ବୋଲି ସେ କହିଛନ୍ତି।

## ୱାରେଣ୍ଟି ଗିରଫ

କର୍ଲାମୁଣ୍ଡା, ୧୨ା୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧୀନ ପୌରକେଲା ପଞ୍ଚାୟତର ଶିରାବାହାଲ ଗ୍ରାମରୁ ରିଷିଡା ପୁଲିସ ଜଣେ ୱାରେଣ୍ଟିକୁ ଗିରଫ କରିଛି। ଶିରାବାହାଲ ଗ୍ରାମର ଯାଦବ ଦଣ୍ଡସେନାଙ୍କ ନାଁରେ ୨୦୦୯ ମସିହାରେ ଏକ ମାମଲା ରହିଛି। ତାଙ୍କ ବିପକ୍ଷରେ ମ ରାମପୁର ଜେଏମଏଫସିରେ ମାମଲା ବିଚାରାଧୀନ ରହିଛି। ସେ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଯାଦବକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ



କୋକସରା, ୧୨ା୮ (ସମିସ): କୋକସରା ବ୍ଲକ ସଦର ମହକୁମାସ୍ଥିତ ପଞ୍ଚାୟତ ସମିତି ଡିଗ୍ରୀ ମହାବିଦ୍ୟାଳୟରେ ମଙ୍ଗଳବାର ସଂସ୍କୃତ ସପ୍ତାହ ପାଳିତ ହୋଇଛି। ଏଥିରେ କଲେଜ ଅଧ୍ୟକ୍ଷ ପୁଷ୍ପରାଜ ମେହେର, ଜବାହର ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟତ୍ରୀ ବନିତା ଦତ୍ତା, ଦେବସ୍ମିତା ସାହୁ, ଅଧ୍ୟାପକ ଜଗନ ଚନ୍ଦାନୀ, ଅଧ୍ୟାପକ କ୍ୟାପଟେନ ଅଶ୍ୱିନୀ ପଟ୍ଟନାୟକ, ଅଧ୍ୟାପିକା ସୁଶ୍ରୀ ବେଦମୟୀ ବାରିକ, କନକ ମଞ୍ଜରୀ ବେହେରା, ଶୁଭଶ୍ରୀ ସହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଧର୍ମଗଡ଼ରେ ତିରଙ୍ଗା ଶୋଭାଯାତ୍ରା



ଧର୍ମଗଡ଼, ୧୨ା୮ (ସମିସ): ଧର୍ମଗଡ଼ ଏନଏସି ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଅଶୋକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ, ଧର୍ମଗଡ଼ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ସରକାରୀ, ବେସରକାରୀ ସ୍କୁଲକଲେଜର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଏସଏଚଜି ଗ୍ରୁପର ମହିଳା, ଅଙ୍ଗନୱାଡି କର୍ମୀ, ଏନଏସି କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଧର୍ମଗଡ଼ର ଇଷ୍ଟ ଦେବୀ ମା' ଭଣ୍ଡାର ଘରଣୀଙ୍କ ମନ୍ଦିରଠାରୁ ଏହି ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା।

## ସ୍ୱାଧୀନତା ଦିବସ ପାଇଁ ଡିଲେଶ୍ୱରଙ୍କୁ ଦିଲ୍ଲୀରୁ ନିମନ୍ତ୍ରଣ



ଭବାନୀପାଟଣା, ୧୨ା୮ (ସମିସ): କଳାହାଣ୍ଡିର ଯୁବ ଲେଖକ ଡିଲେଶ୍ୱର ରଣା ନୂଆଦିଲ୍ଲୀସ୍ଥିତ ଲାଲକିଲ୍ଲାରେ ଆୟୋଜିତ ହେବାକୁ ଥିବା ୭୯ତମ ସ୍ୱାଧୀନତା ଦିବସରେ ଯୋଗଦେବେ। ଏଥିପାଇଁ ତାଙ୍କୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିମନ୍ତ୍ରଣ ମିଳିଛି। ଭାରତ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ଅତିଥି ଭାବେ ତାଙ୍କୁ ନିମନ୍ତ୍ରିତ କରାଯାଇଛି। କଳାହାଣ୍ଡିର ଜଣେ ଯୁବଲେଖକ ଭାବେ ପ୍ରଥମଥର ପାଇଁ ଲାଲକିଲ୍ଲାସ୍ଥିତ କାର୍ଯ୍ୟକ୍ରମରେ ସାମିଲ ହେବେ।

## କେନ୍ଦୁମୁଣ୍ଡାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର



ସିନାପାଲି, ୧୨ା ୮ (ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ କେନ୍ଦୁମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତସ୍ତରୀୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପକ୍ଷୀ ପାଇଁ ଦିନଟିଏ, ସବୁଘରେ ତ୍ରିରଙ୍ଗା ସବୁଘରେ ସ୍ୱଚ୍ଛତା, ପ୍ଲାଷ୍ଟିକ ନିଷେଧ ଅଭିଯାନ, ପ୍ରାଣୀ ପାଇଁ ଦିନଟିଏ, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାପାଳ ମଧୁସୂଦନ ଦାସ, ସରପଞ୍ଚ ମଦନ ଦଣ୍ଡସେନା, ସିନାପାଲି ବିଡିଓ କାର୍ମି ଓରାମ, ସିଡିପିଓ ଉର୍ମିଳା ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ମିନା ଘିଭେଲା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଦ୍ୱିତୀୟ ଦିନରେ ରାଜସ୍ୱ ଅମଲା ସଂଘର ଆନ୍ଦୋଳନ

ଭବାନୀପାଟଣା, ୧୨ା୮ (ସମିସ)



ଓଡ଼ିଶା ରାଜସ୍ୱ ଅମଲା ସଙ୍ଘର ଆହ୍ୱାନ କ୍ରମେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। ଦାବି ପୂରଣ ନେଇ ସଂଘ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ନ ହେବାରୁ ଶେଷରେ ବାଧହୋଇ ସେମାନେ ଏହି ଆନ୍ଦୋଳନ ଡାକରା ଦେଇଛନ୍ତି। ଏହି ଆନ୍ଦୋଳନ ଯୋଗୁଁ କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ ଉପଖଣ୍ଡରେ ସରକାରୀ କାର୍ଯ୍ୟ ଏକ ପ୍ରକାର ଧିମେଇଯାଇଛି। ଦାବି ପୂରଣ ନ ହେବା ଯାଏଁ ଏହି ଆନ୍ଦୋଳନ ବଳବତ୍ତର ରହିବ ବୋଲି କଳାହାଣ୍ଡି ଜିଲ୍ଲା ସମ୍ପାଦକ ଆଶୁତୋଷ ମିଶ୍ର ଓ ଉପ ସଭାପତି ନୀଳକଣ୍ଠ ଗୌଡ଼ ପ୍ରକାଶ କରିଛନ୍ତି। ସ୍ଥାନୀୟ ଅମଲା ଭବନରେ ଅନୁଷ୍ଠିତ ବୈଠକରେ ସୁନୀଲ କାନୁନଗୋ, ଲକ୍ଷ୍ମୀନାରାୟଣ ପୃଷ୍ଟି, କାଶୀନାଥ ଦଣ୍ଡସେନା, ବିଷ୍ଣୁ ଚରଣ ପାତ୍ର, ସୁଦୀପ୍ତ ରଞ୍ଜନ ସିଂ, ଚିନ୍ମୟୀ ଠାକୁର, ଲେଖାରମ ଗହୀର ଓ ବିନାୟକ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଅଜବ କଥା ହେଉଛି ଯେ ରାଜ୍ୟରେ ୩୨ଟି ବିଭାଗକୁ ନେଇ ଗଢି ଉଠିଥିବା ଓଡ଼ିଶା ଅମଲା ସଂଘ ଏହି କାର୍ଯ୍ୟବନ୍ଦ ଡାକରାକୁ ସମର୍ଥନ ନ କରି ଦୂରେଇ ରହିଛି। ଗତ ୯ ତାରିଖ ଓଡ଼ିଶା ରାଜସ୍ୱ ଅମଲା ସଂଘର ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ଓ ସାଧାରଣ ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ରଙ୍କଠାରୁ ପୃଥକ୍ ଭାବେ ଓଡ଼ିଶା ଅମଲା ସଂଘର ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ତରାସିଆଙ୍କ ମୋବାଇଲକୁ ମେସେଜ ଦ୍ୱାରା ୨ଟି ଅନୁରୋଧ ପତ୍ର ଆସିଥିଲା; ଯେଉଁଥିରେ ଉଲ୍ଲେଖ ଥିଲା ଯେ, ରାଜସ୍ୱ ଅମଲା ସଂଘର ଜୁଲାଇ ୧୩ କାଉନ୍‌ସିଲ୍ ବୈଠକ ମୁତାବକ ଅଗଷ୍ଟ ୧୧ରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବ। ଓଡ଼ିଶା ଅମଲା ସଂଘକୁ ସମର୍ଥନ ଦେବାପାଇଁ ଏଥିରେ ଉଲ୍ଲେଖ ଥିଲା; କିନ୍ତୁ କେହି ଫୋନ୍ କରି ଜଣାଇ ନ ଥିଲେ। ଏଥିରେ ରାଜସ୍ୱ ଅମଲା ସଂଘର ଦାବି କ'ଣ ଥିଲା ତାହା ମଧ୍ୟ ପଠା ଯାଇ ନ ଥିଲା। କେଉଁ ଦାବି ପୂରଣ ପାଇଁ ଓଡ଼ିଶା ଅମଲା ସଂଘ ସମର୍ଥନ ଜଣାଇବ ତାହାର ମଧ୍ୟ ଆଭିମୁଖ୍ୟ କିଛି ସ୍ପଷ୍ଟ ନ ଥିଲା। ସେଥିପାଇଁ ଓଡ଼ିଶା ଅମଲା ସଂଘ ଅନୁରୋଧ ପତ୍ର ପାଇବା ସତ୍ତ୍ୱେ ସଂଘର ସମର୍ଥନ ଦେବା ସପକ୍ଷରେ ନ ଥିବା ଲକ୍ଷ୍ୟ କରାଯାଇଛି। ଓଡ଼ିଶା ଅମଲା ସଂଘର ଯୁକ୍ତି ଯେ ଜୁଲାଇ ୧୩ ପୂର୍ବରୁ କିମ୍ବା ସେହିଦିନ ଓଡ଼ିଶା ଅମଲା ସଂଘର ମତାମତ ନିଆଯାଇପାରିଥାନ୍ତା; ହେଲେ ଦୁର୍ଭାଗ୍ୟର ବିଷୟ କେହି କିଛି ଜଣାଇବାକୁ ଚେଷ୍ଟା କରିନାହାନ୍ତି। ଏଭଳି ସ୍ଥିତିରେ ଓଡ଼ିଶା ଅମଲା ସଂଘ ୧୧ ତାରିଖରେ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନରୁ ଦୂରେଇ ରହିବ ବୋଲି ପ୍ରେସ୍ ବିବୃତ୍ତି ଦେଇ ସ୍ପଷ୍ଟ କରିଛି। ଏଣୁ ଦାବି ହାସଲ କ୍ଷେତ୍ରରେ ଅମଲା ସଂଘ ଭାଗ ଭାଗ ହୋଇ ଆନ୍ଦୋଳନ କରିବା ଦୁର୍ବଳ ମାନସିକତାକୁ ସୂଚାଉଛି। ପୂର୍ବର ଦୀର୍ଘ ଦିନର ଆନ୍ଦୋଳନ ସରକାରଙ୍କୁ ବ୍ୟତିବ୍ୟସ୍ତ କରିଥିଲେ ସୁଦ୍ଧା ସମୟସୀମା ପାର ହୋଇଯାଇଥିଲା। ତଥାପି ସରକାର କିଛି ସିଦ୍ଧାନ୍ତ ନେଇ ଅମଲାମାନଙ୍କ ଦାବି ପୂରଣ କରିବା ପାଇଁ ସଜବାଜ ହେଉଥିବା ଆଭାସ ମିଳୁଥିବାବେଳେ ଏବେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କି ପ୍ରକାର ପ୍ରଭାବ ପକାଇବ ତାହା ଆଗକୁ ଜଣାପଡ଼ିବ। କିନ୍ତୁ ଅନିର୍ଦ୍ଦିଷ୍ଟ ସମୟ କାର୍ଯ୍ୟବନ୍ଦ ଆନ୍ଦୋଳନ ପାଇଁ ଜନ ସାଧାରଣ ଯେଉଁ ଅସୁବିଧା ଭୋଗିବେ ସେଥିପାଇଁ ଉତ୍ତରଦାୟୀ କିଏ ହେବେ ବୋଲି ପ୍ରଶ୍ନ ଉଠୁଛି। ରାଜ୍ୟର ବୃହତ୍ତ ଓଡ଼ିଶା ଅମଲା ସଂଘକୁ ଅନ୍ଧାରରେ ରଖି ଓଡ଼ିଶା ରାଜସ୍ୱ ଅମଲା ସଂଘର ଏହି ଆନ୍ଦୋଳନ ଡାକରାକୁ ସରକାର କେଉଁ ଦୃଷ୍ଟିରେ ଦେଖିବେ ତାହା ଜାଣିବା ଅତ୍ୟନ୍ତ ଜରୁରୀ।

- **କର୍ମଚାରୀଙ୍କ ସମୂହ ଛୁଟି, ଜନ ସାଧାରଣ ହଟହଟା**
- **ସହଯୋଗ କରୁନି ଓଡ଼ିଶା ଅମଲା ସଂଘ**

## କନିଷ୍ଠ ଶିକ୍ଷକଙ୍କ ଆନ୍ଦୋଳନ

ଭବାନୀପାଟଣା, ୧୨ା୮ (ସମିସ): କଳାହାଣ୍ଡି ଜିଲ୍ଲାର କନିଷ୍ଠ ଶିକ୍ଷକ ସଂଘ ରାଜ୍ୟ ସରକାରଙ୍କ ପ୍ରାଥମିକ ଶିକ୍ଷା ତଥା ଶିକ୍ଷକଙ୍କ ପ୍ରତି ବୈମାତୃକ ମନୋଭାବ ବିରୋଧରେ ରାଜରାସ୍ତାକୁ ଓହ୍ଲାଇଛି। ଗତ ୨ ତାରିଖ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପତ୍ର (୨୧୨୬୮) ରେ ସମସ୍ତ ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକଙ୍କୁ ନିଯୁକ୍ତିର ପ୍ରଥମ ଦିନରୁ ନିୟମିତ କରିବା ପାଇଁ ପ୍ରସ୍ତାବ ରହିଥିଲା; ଯାହା କନିଷ୍ଠ ଶିକ୍ଷକମାନଙ୍କ ମଧ୍ୟରେ ଆନନ୍ଦ ଖେଳାଇ ଦେଇଥିଲା। କିନ୍ତୁ ଏହାର ଠିକ୍ ୫ ଦିନ ପରେ ୭ ତାରିଖରେ ସରକାରଙ୍କ ଦ୍ୱାରା ଏହି ପତ୍ରକୁ ପ୍ରତ୍ୟାହାର କରି ଦିଆଯାଇଛି। ଶିକ୍ଷା ବିଭାଗର ଏଭଳି ନିଷ୍ପତ୍ତି କାରଣରୁ ସରକାରଙ୍କ ପ୍ରତି ବଶ୍ୱାସ ତୁଟୁଛି। ଯୋଜନାଭିତ୍ତିକ ଶିକ୍ଷକଙ୍କୁ ନେଇ ସରକାରଙ୍କ ବୈମାତୃକ ମନୋଭାବ ଭାବାବେଗକୁ କୁଠାରଘାତ କରିଛି ବୋଲି ବହୁ ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି। ଇତିମଧ୍ୟରେ କନିଷ୍ଠ ଶିକ୍ଷକମାନଙ୍କୁ ଉଚ୍ଚ ଶିକ୍ଷା ପାଇଁ ଏନଓସିର ବ୍ୟବସ୍ଥାକୁ ମଧ୍ୟ କିଛି ଦିନ ପୂର୍ବରୁ ହଟାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସମସ୍ତ ମହିଳା କର୍ମଚାରୀଙ୍କ ପାଇଁ ମାସିକ ଋତୁସ୍ରାବ ଜନିତ ଛୁଟିକୁ କିଛି ବିଦ୍ୟାଳୟରେ ଦିଆଯାଉଥିବା ବେଳେ କିଛି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏହି ଛୁଟି ଯୋଜନା ଭିତ୍ତିକ ଶିକ୍ଷୟତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବୋଲି ମତ ପୋଷଣ କରୁଛନ୍ତି। ସରକାରଙ୍କୁ ଏହି କଥା ବାରମ୍ବାର ଜଣାଇଲା ପରେ ମଧ୍ୟ ଏହାର ସୁଫଳ ମିଳୁନାହିଁ। ଏହି ସବୁ କାର୍ଯ୍ୟ ବିରୋଧରେ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ କଳାହାଣ୍ଡି ତରଫରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସବୁ ଦାବି ୬ ଦିନ ମଧ୍ୟରେ ପୂରଣ ନ ହେଲେ ସାରା ଓଡ଼ିଶାର କନିଷ୍ଠ ଶିକ୍ଷକ ୧୮ ତାରିଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱର ଲୋୟର ପିଏମଜି (ଗାନ୍ଧୀ ମାର୍ଗ) ରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। କଳାହାଣ୍ଡି ଜିଲ୍ଲାର ପ୍ରାୟ ୭ଶହରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।



## ୧୨୦ତମ ଶିକ୍ଷା ଚେତନା ଅଭିଯାନ

ଥୁଆମୂଳ ରାମପୁର, ୧୨ା୮ (ସମିସ): ସ୍ଥାନୀୟ ମା' ମାଣିକେଶ୍ୱରୀ ପ.ସ.ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଫେସର ଭୁବନେଶ୍ୱର ବେହେରା ୟୁଥ ଅର୍ଗାନାଇଜେସନ ତରଫରୁ ୧୨୦ତମ ଶିକ୍ଷା ଚେତନା ଅଭିଯାନ-୨୦୨୫ ଆୟୋଜିତ ହୋଇଥିଲା। ଏଥିରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶ୍ରୀ ଜଗନ୍ନାଥ ସଂସ୍କୃତି, ଓଡ଼ିଆ ଭାଷା ସାହିତ୍ୟ, ବିଜ୍ଞାନ, ପୁରାଣ, ତିଥି, ଦିବସ, ଇତିହାସ ଓ ବିବିଧ ପ୍ରସଙ୍ଗରେ ପ୍ରଶ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଧ୍ରୁବ ଚରଣ ମୁଦୁଲି, ସ୍ଥାନୀୟ ଭାରତୀୟ ଷ୍ଟେଟ ବ୍ୟାଙ୍କର କ୍ଷେତ୍ର ଅଧିକାରୀ ଶମ୍ଭୁନାଥ ସ୍ୱାଇଁ, ବିଶିଷ୍ଟ ନିମନ୍ତ୍ରିତ ଅତିଥି ଲଳିତ ବିଶି, ଉପେନ୍ଦ୍ର ନାଏକ, ସଞ୍ଜୀବ ଠାକୁର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଉଦ୍ଧବ ବାରିକ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ସରୋଜ ପଟ୍ଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ। ଅବିନାଶ ମୁଣ୍ଡ ପରିଚାଳନା କରିଥିବା ବେଳେ ବିଚାରକ ଭାବେ ଅଧ୍ୟାପକ ବବୃ ବୁଢ଼ିଆ ଓ ଗଣକ ଭାବେ ବନବିହାରି ପରିଡ଼ା ଯୋଗ ଦେଇଥିଲେ। ଇନ୍ଦ୍ରବନ ଦଳ ପ୍ରଥମ ହୋଇଥିବା ବେଳେ କଳାହାଣ୍ଡି ଦଳ ଦ୍ୱିତୀୟ ହୋଇଥିଲେ। ପ୍ରତ୍ୟୁଷା ମିଶ୍ର, ମାଧୁରୀ ନାଏକ, ରାଜକିଶୋର ନାଏକ, ଜୟନ୍ତୀ ଗୌଡ଼, ରଶ୍ମିତା ନାଏକ, ମୁରଲୀ ରାଉତ, ମୋହନ ମାଝୀ, ଦୀପକ ମାଝୀ, ପ୍ରାଞ୍ଜଳ ପାଣିଗ୍ରାହୀ, ମାଧବୀ ନାଏକ, ଜୟନ୍ତୀ ମାଝୀ, ଜୟନ୍ତୀ ଗୌଡ଼ଙ୍କୁ ପୁରସ୍କୃତ କରାଯାଇଥିଲା।



## ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ଶିବିର

କର୍ଲାମୁଣ୍ଡା, ୧୨ା୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରାରେ ସରକାରଙ୍କ ଶ୍ରୀ ଅନ୍ନ ଅଭିଯାନ ପ୍ରକଳ୍ପ ପକ୍ଷରୁ ଦୁଇ ଦିନିଆ ସ୍ୱୟଂ ସହାୟକ ଗୋଷ୍ଠୀର ତାଲିମ ଶିବିର ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସାଧନ କର୍ମୀ ଭାବେ କୃଷି ବିଭାଗ ଭାରପ୍ରାପ୍ତ ଓଭରସିଅର ଲୋକନାଥ ନାଗ, ମିଲେଟ୍ସ ମଦର ନିଳେନ୍ଦ୍ରୀ ସାହୁ ଯୋଗ ଦେଇ କ୍ଷୁଦ୍ର ଶସ୍ୟରେ କିଭଳି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହୋଇଥାଏ, ମିଲେଟ୍ସ ଖାଦ୍ୟର ସ୍ୱାସ୍ଥ୍ୟ ଲାଭ ଓ ଏହାର ପୁଷ୍ଟିକର ମୂଲ୍ୟ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନ୍ନ ଅଭିଯାନର ବ୍ଲକ କାର୍ଯ୍ୟକ୍ରମ ସଂଯୋଜକ ଜଗଦୀଶ ପ୍ରସାଦ ରଣା, ଅତିରିକ୍ତ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ ସାହୁ, ଜୟ ଥୁଆମୁଲ ରାମପୁର ଅର୍ଗାନିକ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ର ଆକାଉଣ୍ଟାଣ୍ଟ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇ କ୍ଷୁଦ୍ରଶସ୍ୟ ଚାଷର ବିଭିନ୍ନ ପଦ୍ଧତି, ରୋଗ ପୋକ ନିୟନ୍ତ୍ରଣ, ସରକାରୀ ସହାୟତା ତଥା ବଜାର ଚାହିଦା ଉପରେ ଆଲୋଚନା ଥିଲେ। କାର୍ଯ୍ୟକ୍ରମକୁ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ସୋସାଇଟି ଆୟୋଜନ କରିଥିଲା। ସିଆରପି ଭାନୁମତି ପଧାନ, ଜୀବର୍ଦ୍ଧନ ସାହୁ, ବାଲ୍ମୀକି ଛତ୍ରିଆ, ଧୁରାବନ ବାଗ, କମଳ ସୁନା, ପ୍ରବୀଣ ଭୋଇ ସହଯୋଗ କରିଥିଲେ।

## ସାମ୍ବାଦିକ ବିଦ୍ୟାଧର ସାହୁ ସମ୍ବର୍ଦ୍ଧିତ



ଧର୍ମଗଡ଼, ୧୨ା୮ (ସମିସ): ଓଡ଼ିଶାର ଅଗ୍ରଣୀ ଅନୁଷ୍ଠାନ ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି (ଇପିଏ) ର ପ୍ରତିଷ୍ଠାତା ଅନିଲ ପ୍ରସାଦ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଅବସରରେ କଳାହାଣ୍ଡି ଜିଲ୍ଲା ପ୍ରତିନିଧି ବିଦ୍ୟାଧର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନଠାରେ ଇପିଏର ମୁଖ୍ୟ ସମ୍ପାଦିକା ଅଞ୍ଜଳୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ପିସିସି ସଭାପତି ଭକ୍ତଚରଣ ଦାସ, ପୂର୍ବତନ ମନ୍ତ୍ରୀ ସୁରେଶ ଚନ୍ଦ୍ର ରାଉତରାୟ, ଏକାମ୍ର ବିଧାୟକ ବାବୁ ସିଂ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ନୂତନ ବିଜେଡି ଜିଲ୍ଲା ସଭାପତିଙ୍କୁ ସମ୍ବର୍ଦ୍ଧନା



ଜୟପାଟଣା, ୧୨ା୮ (ସମିସ): କଳାହାଣ୍ଡି ଜିଲ୍ଲା ନୂତନ ବିଜେଡି ଜିଲ୍ଲା ସଭାପତି ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଛି। ବାନେର ମା ଡୋକରି ବୁଢ଼ୀ ମନ୍ଦିରଠାରୁ ଏକ ବାଇକ ରେଲି ଶୋଭାଯାତ୍ରାରେ ଶ୍ରୀ ଦିଶାରୀଙ୍କୁ ସ୍ୱାଗତ କରି ହୀରାପୁର ପର୍ଯ୍ୟନ୍ତ ନିଆଯାଇଥିଲା। ଏଥିରେ ଅଞ୍ଚଳର ବହୁ ବିଜେଡି କର୍ମୀ, ମହିଳା ଓ ଜନସାଧାରଣ ସାମିଲ ହୋଇଥିଲେ। ଶ୍ରୀ ଦିଶାରୀ ବର୍ତ୍ତମାନ ଜିଲ୍ଲାରେ ବିଜେଡିକୁ ମଜବୁତ କରିବା ସହ ପଞ୍ଚାୟତ ତଥା ସାଧାରଣ ନିର୍ବାଚନରେ ଦ କୁ ବିଜୟୀ କରାଇବା ଲକ୍ଷ୍ୟ ରହିବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ମୋହନ ସରକାର ବିରୋଧରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସାଧାରଣ ଜନତାଙ୍କ ଦାବିଗୁଡ଼ିକୁ ବିଧାନସଭା ତଥା ବିଧାନସଭା ବାହାରେ ଉପସ୍ଥାପନ କରାଯିବ ବୋଲି କହିଛନ୍ତି।

## ବର୍ଷା ପାଇଁ ଜୋରାଡବରାରେ ଇନ୍ଦ୍ରପୂଜା



କର୍ଲାମୁଣ୍ଡା, ୧୨ା୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ଜୋରାଡବରାରେ ବର୍ଷା ଅଭାବ ଯୋଗୁଁ ଗ୍ରାମବାସୀ ଇନ୍ଦ୍ର ପୂଜା କରିଛନ୍ତି। ଇନ୍ଦ୍ରଙ୍କୁ ପୂଜାର୍ଚ୍ଚନା କଲେ ବର୍ଷା ହେବାର ବିଶ୍ୱାସ ରହିଛି। ଜୋରାଡବରା ଗ୍ରାମବାସୀ ସୋମବାର ରାତିରେ ଦୁମପଟାଠାରେ ମାଟି ମାଆର ପୂଜାର୍ଚ୍ଚନା କରିବା ସହ ବିଭିନ୍ନ ଋଷି ମୁନୀ, ଦେବତାଙ୍କ ବେଶରେ ସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଗାଁ ଧରଣୀ ପୀଠରେ ପହଞ୍ଚି ଇନ୍ଦ୍ର ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏଥିରେ କର୍ତ୍ତା ଭାବେ ଗୋପାଳ ମାଝୀ ଓ ତାଙ୍କ ପତ୍ନୀ ମାନସୀ ମାଝୀ, ପୂଜକ ଭାବେ ଡମ୍ବରୁଧର ତ୍ରିପାଠୀ ଦାୟିତ୍ୱ ତୁଲାଇଥିଲେ। ସନ୍ତୋଷ ଭୋଇ, ରବି ମଲ୍ଲିକ, କାର୍ତ୍ତିକ ସାହୁ, ଅନିରୁଧ ସାହୁ, ପରମାନନ୍ଦ ବେହେରା ପ୍ରମୁଖ ଅଭିନୟ କରିଥିଲେ। ଯୋରାଡବରା ଗ୍ରାମବାସୀ ସହଯୋଗ କରିଥିଲେ।

# ମା' ଘାଟିମୁଣ୍ଡିଆଣୀ ସର୍ବମଙ୍ଗଳାଙ୍କ ଡଙ୍ଗରଯାତ୍ରା



କୋକସରା, ୧୨ା୮ (ସମିସ)

କଳାହାଣ୍ଡିର ପ୍ରାଚୀନ ଧର୍ମଧାରା ପ୍ରକୃତି ପୂଜନକୁ ନେଇ ପରିପୃଷ୍ଟ। ଆଦିବାସୀଙ୍କ ଚିନ୍ତା ଚେତନାରେ ପ୍ରକୃତି ଦେବୀ ବିଭିନ୍ନ ରୂପରେ ପୂଜା ପାଇଥାନ୍ତି। ତେଣୁ କଳାହାଣ୍ଡିର ପ୍ରାଚୀନ ଦେବତା ମାନଙ୍କୁ ମା' ବୋଲି ମଧ୍ୟ ସମ୍ବୋଧିତ କରା ଯାଇଥାଏ। ଏଠାରେ ପିତୃପୁରୁଷଙ୍କ ପୂଜା ଓ ମାତୃ ଉପାସନା ମୁଖ୍ୟ। ପ୍ରାଚୀନ ଭାରତୀୟ ଅଭିଚାର ତନ୍ତ୍ର ଧାରାର ଏକ କ୍ଷୀଣ ସ୍ରୋତ ଆଜିବି କଳାହାଣ୍ଡିରେ ଦେଖିବାକୁ ମିଳେ। ସେହି କ୍ରମରେ କେଉଁ ଏକ ଆବାହମାନ କାଳରୁ ମା' ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀ ପୂଜା ପାଇ ଆସୁଛନ୍ତି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡା ସୀମାନ୍ତ ସାହାଜଖୋଲ ସଂରକ୍ଷିତ ଜଙ୍ଗଲ ପାଦଦେଶରେ ଥିବା ଅଠରନଳା ଘାଟିରେ ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣୀ ପୂଜା ପାଉଛନ୍ତି। ଏବର୍ଷ ମଧ୍ୟ ପାରମ୍ପରିକ ବିଧିବିଧାନ ଅନୁସାରେ ଦେବୀଙ୍କ ଡଙ୍ଗରଯାତ୍ରା ପାଳିତ ହୋଇଛି। ପ୍ରତିବର୍ଷ ଶ୍ରାବଣ ମାସ ପୂର୍ଣ୍ଣିମା ପରେ ପଡୁଥିବା ମଙ୍ଗଳବାର ଦେବୀ ସର୍ବମଙ୍ଗଳା ଘାଟି ମୁଣ୍ଡିଆଣୀଙ୍କୁ ପୂଜା କରାଯାଏ। ଗ୍ରାମ ପୁଝାରୀଙ୍କ ଗହଣରେ ଗୋତମୁଣ୍ଡା ଗ୍ରାମରୁ ପ୍ରାୟ ଅଢେଇ କିମି ରାସ୍ତା ଚାଲିଚାଲି କାଲିସି ଓ ଲାଠି ଯାତ୍ରାରେ ବାହାରି ଦେବୀଙ୍କ ଆସ୍ଥାନରେ ପହଞ୍ଚିଥାନ୍ତି। ଏହାପରେ ପୂର୍ବ ନିର୍ଦ୍ଧାରିତ ନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଡଙ୍ଗରଯାତ୍ରାରେ ଶତାଧିକ ମାନସିକଧାରୀ ମା'ଙ୍କ ନିକଟରେ ଭୋଗ ଲଗାଇଥିଲେ। ମା' ସର୍ବମଙ୍ଗଳାଙ୍କ ପୁଝାରୀ ମନୋହର ପୁଝାରୀ ଦେବୀଙ୍କ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ।


**THE BISRA STONE LIME COMPANY LTD.**

CIN: L14100OR1910GOI033904

Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Financial Results For the Quarter Ended 30th June 2025**

(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

# ରାଜପଥ କଡ଼ରେ ଟ୍ରକ୍ ପାର୍କିଂରୁ ବଢ଼ୁଛି ଦୁର୍ଘଟଣା

ବଲାଙ୍ଗିର,୧୨।୮ (ସମିସ)



● ଆଲୋକୀକରଣ କି ସୁରକ୍ଷା ବ୍ୟବସ୍ଥା ନାହିଁ
● ସକାଳୁ ରାତି ପର୍ଯ୍ୟନ୍ତ ଅଟକି ରହୁଛି ଭାରୀଯାନ

ବଲାଙ୍ଗିର ବାଇପାସ କାମ ଯେତିକି ବିଳମ୍ବ ହେଉଛି ୨୬ ନଂ ଜାତୀୟ ରାଜପଥରେ ସେତିକି ବିପଦ ବଢ଼ିବାରେ ଲାଗିଛି। ବାଇପାସ ରାସ୍ତା କାମ ସଂପୂର୍ଣ୍ଣ ହେଉନଥିବାରୁ ୨୬ ନଂ ଜାତୀୟ ରାଜପଥର ଉଭୟ ପାଶ୍ୱର୍ରେ ବହୁ ସଂଖ୍ୟାରେ ଟ୍ରକ ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଅଟକି ରହୁଛି ଯାହାକି ସଂଧ୍ୟାରୁ ରାତ୍ରୀ ପର୍ଯ୍ୟନ୍ତ ଏହି ରାଜପଥରେ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ବିପଦ ସାଜିଛି। ଅଟକି ରହୁଥିବା ଟ୍ରକ୍‌ରେ ପିଟି ହୋଇ ବାଇକ ଓ ଅନ୍ୟ ଗାଡି ସବୁ ଦୁର୍ଘଟଣାଗ୍ରସ୍ତ ହେଉଥିବା ବେଳେ ଅନେକ ସମୟରେ ଧନଜୀବନ ନଷ୍ଟ ହେଉଛି। ରାଜପଥର ବଲାଙ୍ଗିର-ବରଗଡ ରାସ୍ତାରେ ଟର୍ମିନାଲ ନଥିବାରୁ ଅସ୍ଥାୟୀ ଭାବେ ଟ୍ରକ ପାର୍କିଂ ବ୍ୟବସ୍ଥା କରାଯାଇଛି। ସେହିପରି ବଲାଙ୍ଗିର-ବେଲଗାଁ ରାସ୍ତାରେ ମଧ୍ୟ ନିର୍ମାଣ ଚାଲିଥିବା ଟର୍ମିନାଲ କାମ ସରିନଥିବାରୁ ରାସ୍ତାରେ ହିଁ ଟ୍ରକ୍ ପାର୍କିଂ କରାଯାଉଛି ଯାହାକି ରାଜପଥ ଯାତ୍ରୀଙ୍କ ପାଇଁ କାଳ ସାଜିଛି।

ବଲାଙ୍ଗିର ସହର ଦେଇ ୨୬ ନଂ ଜାତୀୟ ରାଜପଥ ବରଗଡରୁ ବୋରିଗମ୍ମାକୁ ସଂଯୋଗ କରିଅଛି। ତେବେ ବଲାଙ୍ଗିର ସହର ଏକ ବ୍ୟସ୍ତବହୁଳ ସହର ହୋଇଥିବାରୁ ସହର ଦେଇ ସକାଳ ୬ ଟାରୁ ରାତି ୧୨ ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ବନ୍ଦ କରାଯାଇଛି। ବାଇପାସ ରାସ୍ତା ନଥିବାରୁ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଛି। ତେବେ ବାଇପାସ କାମ ଆରମ୍ଭ ହୋଇଛି ଓ ତାହା ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା କିନ୍ତୁ ତାହା ସରିନାହିଁ। ଆହୁରି ୬ ମାସରୁ ଊର୍ଦ୍ଧ୍ୱ ସମୟ ଲାଗିବ ବୋଲି ଆକଳନ କରାଯାଇଛି। ତେବେ ଏହାରି ଭିତରେ କିନ୍ତୁ ଏହି ଜାତୀୟ ରାଜପଥ ବିପଦପୂର୍ଣ୍ଣ ହୋଇପଡିଛି। ସହରର ଉଭୟ ପାଶ୍ୱର୍ରେ ସକାଳୁ ରାତ୍ରୀ ପର୍ଯ୍ୟନ୍ତ ଅଟକି ରହୁଥିବା ଟ୍ରକ୍ ଦୁର୍ଘଟଣାର କାରଣ ସାଜିଛନ୍ତି। ବିଶେଷ କରି ସଂଧ୍ୟା ସମୟରେ ଦୁର୍ଘଟଣା ସଂଖ୍ୟା ଅଧିକ ରହିଛି। ଟ୍ରକ ପାର୍କିଂ ସ୍ଥାନରେ ଆଲୋକୀରଣ ବ୍ୟବସ୍ଥା ନାହିଁ ଫଳରେ ରାସ୍ତାରେ ଟ୍ରକ ପାର୍କିଂ ହୋଇଥିବା ଜାଣିନପାରି ଲୋକେ ଦୁର୍ଘଟଣାର ଶୀକାର ହୋଇ ଜୀବନ ହରାଉଛନ୍ତି। ଦୁଇ ଦିନ ତଳେ ଏକ ବାଇକ୍ ଚାଳକ ଏକ ଟ୍ରକ୍‌କୁ ଧକ୍କା ଦେଇ ଦୁର୍ଘଟଣାର ଶୀକାର ହୋଇ ଜୀବନ ଯାଇଛି। ଗତ ସପ୍ତାହେ ଭିତରେ ଏହିଭଳି ତିନିରୁ ଅଧିକ ଦୁର୍ଘଟଣା ହୋଇଥିବା ବେଳେ ଆଗକୁ ସଜାଗ ନହେଲେ କେତେ ଦୁର୍ଘଟଣା ହେବ ତାହା କହିବା ମୁସ୍କିଲ। ସୂଚନା ଅନୁସାରେ ୨୬ ନଂ ଜାତୀୟ ରାଜପଥ ବଲାଙ୍ଗିର - ବରଗଡ ରାସ୍ତାରେ ମାଧିଆପାଲି ପାରିହେବା ପରେ ଟ୍ରକ ପାର୍କିଂ ପାଇଁ ବ୍ୟବସ୍ଥା ରହିଛି। ସ୍ଥାୟୀ ପାର୍କିଂ ବ୍ୟବସ୍ଥା ନଥିବାରୁ ଏକ ଛୋଟିଆ ସ୍ଥାନକୁ ସମାନ କରାଯାଇ ଏକ ଚେକ୍ ପୋଷ୍ଟ କରାଯାଇଛି। ଯେଉଁଠାରେ ଏକ ହୋମଗାର୍ଡ ଡ୍ୟୁଟି କରୁଥିବା ବେଳେ କିଛି ଲାଇନ ଲଗାଯାଇଛି। ଉକ୍ତ ଲାଇଟ୍ ଲଗାଇ ଯାହା ନଲଗାଇଲେ ବି ତାହା। କୌଣସି ବି ଟ୍ରକ୍ ଭିତରକୁ ଯାଇ ପାର୍କିଂ କରୁନଥିବା ଦେଖିବାକୁ ମିଳିଛି। ବର୍ଷା ଯୋଗୁଁ ଚକ ଭାସିବା ଭୟରେ ବହୁ ସଂଖ୍ୟାରେ ଟ୍ରକ୍ ଜାତୀୟ ରାଜପଥ କଡରେ ହିଁ ପାର୍କିଂ କରୁଛନ୍ତି। ସେହିପରି ବଲାଙ୍ଗିର-ବେଲଗାଁ ରାସ୍ତାରେ କଦଲୀମୁଣ୍ଡା ନର୍ସରୀ ପାରି ହେବା ପରେ ଟ୍ରକ୍ ପାର୍କିଂ କରାଯାଉଥିବା ଜଣାପଡିଛି। ଏହି ନିକଟରେ ଏକ ଟର୍ମିନାଲ ନିର୍ମାଣ କାମ ଚାଲିଥିବା ବେଳେ ତାହା ମଧ୍ୟ ସଂପୂର୍ଣ୍ଣ ହୋଇନାହିଁ। ମନ୍ଥର ଗତିରେ କାମ ଚାଲିଥିବାରୁ ତାହା ମଧ୍ୟ କେବେ ସରିବ କହିବା ମୁସ୍କିଲ। ଫଳରେ ରାଜପଥରେ ହିଁ ଟ୍ରକ ଗୁଡିକ ପାର୍କିଂ କରାଯାଉଥିବା ଦେଖିବାକୁ ମିଳିଛି। ବଡ ବଡ ଟ୍ରକ୍ ହୋଇଥିବାରୁ ରାସ୍ତାର ଏକ ବଡ ଅଂଶରେ ଏହି ସବୁ ଟ୍ରକ୍ ପାର୍କିଂ ହେଉଥିବାରୁ ସଂଧ୍ୟାରୁ ରାତି ପର୍ଯ୍ୟନ୍ତ ଯାତାୟାତ କରୁଥିବା ଯାତ୍ରୀଙ୍କ ପାଇଁ ବଡ ସମସ୍ୟା ସାଜିଛି। ଅନେକ ସମୟରେ ଛିଡା ହୋଇଥିବା ଟ୍ରକ୍ ସହ ଧକ୍କା ଲାଗି ଅନେକଙ୍କ ଜୀବନ ହାନି ହୋଇସାରିଛି।

ତେବେ ଏହି ସବୁ ଟ୍ରକ ଗୁଡିକ ଠିକ ଭାବେ ପାର୍କିଂ ନକରିବା, ପାର୍କିଂ କରୁଥିବା ଅଞ୍ଚଳରେ ଆବଶ୍ୟକ ପରିମାଣର ଆଲୋକୀକରଣ ବ୍ୟବସ୍ଥା ନଥିବାରୁ ଏହି ସବୁ ଦୁର୍ଘଟଣା ଘଟୁଥିବା ବେଳେ ଜାତୀୟ ରାଜପଥ ବିଭାଗ କିମ୍ବା ସ୍ଥାନୀୟ ପ୍ରଶାସନ ଏହାକୁ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି। ତେବେ ଜାତୀୟ ରାଜପଥରେ ଯାତାୟାତ କରୁଥିବା ଅନ୍ୟ ଯାତ୍ରୀଙ୍କ ସୁରକ୍ଷା ପାଇଁ ଉଭୟ ଜାତୀୟ ରାଜପଥ ବିଭାଗ ଓ ଜିଲ୍ଲା ପ୍ରଶାସନ ଟ୍ରକ୍ ପାର୍କିଂ ଅଞ୍ଚଳରେ ଆଲୋକୀକରଣ ବ୍ୟବସ୍ଥା ଓ ଏହା ସହିତ ବାଇପାସ ଟର୍ମିନାଲ କାମ ଶୀଘ୍ର ସାରିବାକୁ ଦାବି ହୋଇଛି।

## ବିଜେଡି ନେତା ଉମାକାନ୍ତ ସାହୁଙ୍କ ପରଲୋକ



କଣ୍ଟାବାଞ୍ଜି,୧୨।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ବଙ୍ଗୋମୁଣ୍ଡା ବ୍ଲକ୍ ସିନ୍ଧେକେଲା ଅଞ୍ଚଳର ବିଜେଡିର ବରିଷ୍ଠ ନେତା ଉମାକାନ୍ତ ସାହୁଙ୍କ ସୋମବାର ପରଲୋକ ହୋଇଛି।ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ ନ ଥିବାରୁ ସେ ବିଭିନ୍ନ ଘରୋଇ ଡାକ୍ତରଖାନାରେ ଚିକିତ୍ସା ହେଉଥିଲେ। ସୋମବାର ଅସୁସ୍ଥ ମନେ କରିବାରୁ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଛତିଶଗଡ଼ ରାୟପୁର ନେଉଥିବା ବେଳେ ଖଡ଼ିଆଳ ରୋଡ଼ ନିକଟରେ ପ୍ରାଣତ୍ୟାଗ କରିଥିଲେ।ସେ ପୂର୍ବରୁ ବଲାଙ୍ଗିର ଜିଲ୍ଲା ବିଜୁ ଜନତା ଦଳ ଉପ ସଭାପତି ସହ ଦଳର ବିଭିନ୍ନ ପଦପଦବୀରେ ରହିବ ଆସିଛନ୍ତି। ତାଙ୍କ ପରଲୋକ ପରେ ବରିଷ୍ଠ ବିଜେଡ଼ି ନେତା ଅଜିତ ଯୋଶୀ,ଯୁବ ବିଜେଡ଼ି ନେତା ଗିରିରାଜ ସିଂ ମାଝୀ ସହ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

## ଜାତୀୟ କୃମି ନାଶକ ଦିବସ



ଦେଓଗାଁ,୧୨।୮ (ସମିସ): ଦେଓଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଆନୁକୂଲ୍ୟରେ ଜରାସିଂହା ନେତ୍ରଭାନୁ ହାଇସ୍କୁଲ ଠାରେ ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକ୍ଷକ ଡ. ଚିତ୍ତ ରଞ୍ଜନ ମିଶ୍ରଙ୍କ ସଭାପତିତ୍ୱରେ ଦେଓଗାଁ ବିଡିଓ ପ୍ରିୟ ରଞ୍ଜନ କୁମାର, ଏବିଡିଓ ପୁଷ୍ପାଞ୍ଜଳୀ ନାୟକ, ବ୍ଲକ୍ ଶିକ୍ଷା ଅଧିକାରୀ ମମତା ମହାଡିକ ପ୍ରମୁଖ ଯୋଗଦେଇ କୃମି ସଂକ୍ରମଣ ଦ୍ୱାରା ହେଉଥିବା ସ୍ୱାସ୍ଥ୍ୟଗତ ଅସୁବିଧା ଓ ତାର ତାତ୍ପର୍ଯ୍ୟ ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। ଏହି ଦିବସରେ ଏକ ବର୍ଷରୁ ଆରମ୍ଭ କରି ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ବ୍ୟକ୍ତି କୃମି ନାଶକ ଔଷଧ ବା ଆଲବେଣ୍ଡାଜୋଲ ଆବଶ୍ୟକତା ଅନୁଯାୟୀ ସେବନ କରିବା ଆବଶ୍ୟକତା ରହିଛି ବୋଲି ଡ.ଶ୍ରୀ ମିଶ୍ର କହିଥିଲେ। ଯାହାଫଳରେ ଭବିଷ୍ୟତରେ ଦୃଷ୍ଟି ହୀନତା ଓ ରକ୍ତହୀନତା ଆଦି ରୋଗରୁ ବଞ୍ଚାଇବା ସହ ଶାରୀରିକ ଓ ମାନସିକ ଅଭିବୃଦ୍ଧିରୁ ସହାୟକ ହେବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମ.ରୀ, ସିଏଚଓ ସୁଜାତା ମିଶ୍ର, ବିବିଏମ ବିପ୍ଳବ ମିଶ୍ର, ବିପିଏମ ପରେଶ ସାହୁ, ପିଏଚ୍ଇଓ ସ୍ନେହଲତା ସାହୁ ସମେତ ଆଶା କର୍ମିମାନେ ଉପସ୍ଥିତ ଥିଲେ।

## ପୁଲିସ ପକ୍ଷରୁ ସଚେତନତା ଅଭିଯାନ

ସଇଁତଲା,୧୨।୮ (ସମିସ): ଦିନକୁ ଦିନ ଛାତ୍ରୀଙ୍କ ମଧ୍ୟରେ ଆତ୍ମହତ୍ୟା ପରି ହୀନ ମାନସିକତା ବଢ଼ି ଚାଲିଛି। ଆତ୍ମହତ୍ୟା, ଆତ୍ମାହୁତି ପରି ହୀନମାନସିକତା ଠାରୁ କିପରି ଛାତ୍ରଛାତ୍ରୀ କିପରି ଦୂରେଇ ରହିବେ ଓ ସୁସ୍ଥ ସମାଜ ଗଠନରେ ସହାୟକ ହେବେ ସେଥିପାଇଁ କଲେଜ ଅଧ୍ୟକ୍ଷ ସରୋଜ କୁମାର ବାରିକଙ୍କ ସଭାପତିତ୍ୱରେ ସଚେତନତା କାର୍ଯ୍ୟକ୍ରମ ହୋଇଥିଲା।ମୁଖ୍ୟଅତିଥି ଭାବେ ଥାନା ଅଧିକାରୀ ସୁଶାନ୍ତ ବଡ଼େଇ ଯୋଗଦେଇଙ୍କ ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ସଚେତନତା ସଭା କରି ଛାତ୍ରୀଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। କିଛି ବି ଅସୁବିଧାର ସମ୍ମୁଖୀନ ହେଲେ ନିର୍ଭୟରେ ପୁଲିସକୁ ଜଣାଇପାରିବେ। ପୁଲିସ ତାଙ୍କ ସହିତ ସବୁବେଳେ ଅଛି। ଏଣୁ ଆତ୍ମହତ୍ୟା, ଆତ୍ମାହୁତି ପରି ହୀନମାନସିକତା ଠାରୁ ଦୂରେଇ ରହିବା ପାଇ ଛାତ୍ରୀଙ୍କୁ ଅନୁରୋଧ କରିଥିଲେ।ସଚେତନତା କାର୍ଯ୍ୟକ୍ରମର ସ୍ଥାନୀୟ କଲେଜ ଅଧ୍ୟକ୍ଷ ସରୋଜ କୁମାର ବାରିକ,ଅଧ୍ୟାପକ ଡିଲେଶ୍ୱର ଭୋଇ,ଶଶୀ ଭୂଷଣ ସାହୁ, ଏସଏସ୍ଆଇ ଥବିର ମହାରଣା,ହେମନ୍ତ ବେହେରା, ମଙ୍ଗଳ ମାରକାମି ସମେତ କଲେଜ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ବଲାଙ୍ଗିର ଗସ୍ତରେ ଉପମୁଖ୍ୟମନ୍ତ୍ରୀ



ବଲାଙ୍ଗିର,୧୨।୮ (ସମିସ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦିନିକିଆ ବଲାଙ୍ଗିର ଜିଲ୍ଲା ଗସ୍ତରେ ଆସି ରାଣୀପୁର ଝରିଆଲର ଚଉଷଠି ଯୋଗିନୀ ପୀଠ, ସୋମେଶ୍ୱର ମନ୍ଦିର, ଇନ୍ଦ୍ରଲାଧ ମନ୍ଦିର ଏବଂ ହରିଶଙ୍କର ପୀଠ ପରିଦର୍ଶନ କରିଥିଲେ। ଏହାସହ ଜିଲ୍ଲାରେ ପର୍ଯ୍ୟଟନ କ୍ଷେତ୍ରର ସାମଗ୍ରିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି।ଏହି ଅବସରରେ ବଲାଙ୍ଗିର ସହରର ଏକ ହୋଟେଲ ମ୍ୟାନେଜମେଣ୍ଟରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନସ୍ଥ ସୁଭଦ୍ରା ଯୋଜନା, ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା, ପୋଷଣ, ଅଙ୍ଗନବାଡି ଆଦି ବିଷୟର କାର୍ଯ୍ୟକାରିତା ଉପରେ ପ୍ରାରମ୍ଭରେ ଆଲୋଚନା କରାଯାଇଥିଲା। ଶେଷରେ ପର୍ଯ୍ୟଟନ ବିଭାଗ ଅଧୀନରେ ଥିବା ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନ ସ୍ଥଳୀର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପଦକ୍ଷେପ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ପରେ ଏସଆଇଏଚଏମର ଛାତ୍ରଛାତ୍ରୀଙ୍କ ସହ ବୈଠକ ହୋଇଥିଲା। ଗସ୍ତ ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ସମେତ ଜିଲ୍ଲାପାଳ(ସାଧାରଣ) ଡ. ବିଜୟାନନ୍ଦ ସେଠି, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରା, ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ ତରଣୀ ସୁନା, ଉପଜିଲ୍ଲାପାଳ, ବଲାଙ୍ଗିର, ଟିଟିଲାଗଡ ଓ ପାଟଣାଗଡ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ବ୍ଲକ୍‌ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଏଡ୍‌ସ ଓ ଯୌନ ସଂକ୍ରମଣ ସମ୍ପର୍କିତ ସଚେତନତା




ବଲାଙ୍ଗିର,୧୨।୮ (ସମିସ): ଆନ୍ତର୍ଜାତୀୟ ଯୁବ ଦିବସ ଅବସରରେ, ଜିଲ୍ଲା ସ୍ୱାସ୍ଥ୍ୟ ସମିତି ବଲାଙ୍ଗୀର ଏଚ୍ଆଇଭି. / ଏଡ୍‌ସ ଓ ଯୌନ ସଂକ୍ରମଣ ଜନିତ ରୋଗ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମର ସରକାର ବାଳିକା ମହାବିଦ୍ୟାଳୟରେ ଶୁଭାରମ୍ଭ କରାଯାଇଛି।

କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଅରବିନ୍ଦ କୁମାର ଓଝା, ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡା.ସିଦ୍ଧେଶ୍ୱର ମାଝୀ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. ଦିବ୍ୟକିଶୋର ପତି ଓ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥାର ଅଧିକାରୀ ହେମନ୍ତ କୁମାର ଦାଶ, ରେଡ଼କ୍ରସ୍‌ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଅଂଶ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୧୧ ତାରିଖରେ ସରିବ।ଦୁଇ ମାସ କାର୍ଯ୍ୟ ମଧ୍ୟରେ ବିଭିନ୍ନ ବର୍ଗର ଜନସାଧାରଣ ମାନଙ୍କୁ ଓ ବ୍ୟକ୍ତି ବିଶେଷଙ୍କୁ ସଚେତନତା କରାଯିବ।

ଗ୍ରାମାଞ୍ଚଳରେ ବସବାସ କରୁଥିବା ବ୍ୟକ୍ତି ବିଶେଷ, କଲେଜ ଛାତ୍ର/ଛାତ୍ରୀ, ପଞ୍ଚାୟତରାଜ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ ସଦସ୍ୟାଙ୍କୁ ସଚେତନ କରାଯିବ।ଏଚ୍ଆଇଭି / ଏଡ୍‌ସ ଓ ଯୌନ ସଂକ୍ରମଣ ଜନିତ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବ। ଆଜିର କର୍ମଶାଳାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରବିନ୍ଦ କୁମାର ଓଝା ସ୍ୱାଗତ ଭାଷଣ ଦେଇଥିଲେ। ଏଡ୍‌ସ ପ୍ରକଳ୍ପର ଅଧିକାରୀ ଶ୍ରୀ ଦାଶ ଏଚ୍ଆଇ ଭି / ଏଡ୍‌ସ ଓ ଯୌନ ସଂକ୍ରମିତ ରୋଗର କାରଣ ଓ ଏହାର ପ୍ରତିକାର ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ (ଟିବି) ଡ. ମାଝୀ ଏଚ୍ଆଇଭି ଓ ଯକ୍ଷ୍ମା ସମ୍ପର୍କରେ ଆଲୋକପାତ କରିଥିଲେ। ଡ. ଦିବ୍ୟକିଶୋର ପତି ଏଚ୍ଆଇଭିର ପରୀକ୍ଷା ଓ ପରାମର୍ଶ ସମ୍ପର୍କରେ ବୁଝାଇ କହିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସାହୁ ଆନ୍ତର୍ଜାତିକ ଯୁବ ଦିବସ ସମ୍ପର୍କରେ ଓ ଯୁବଗୋଷ୍ଠୀର ସମାଜ ଗଠନ ଦିଗରେ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।

ମହାବିଦ୍ୟାଳୟର ଯୁବ ରେଡ଼କ୍ରସ୍‌ର ଅଧିକାରୀ ସୁଶ୍ରୀ ସଙ୍ଗୀତା ଦାସ ଓ ସରଦର ମାଝୀ ନିଜର ସୁଚିନ୍ତିତ ମତାମତ ପୋଷଣ କରିଥିଲେ। କର୍ମଶାଳାରେ ୭୦୦ରୁ ଉର୍ଦ୍ଧର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। କର୍ମଶାଳାକୁ ଜିଲ୍ଲା ଏଡ୍‌ସ ନିୟନ୍ତ୍ରଣ ସମିତିର ସଦସ୍ୟ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ସଂଜୀବ କୁମାର କାନୁନଗୋ ଅଂଶ ଗ୍ରହଣ କରିଥିଲେ।

## ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କଣ୍ଟାବାଞ୍ଜି,୧୨।୮ (ସମିସ):ବଲାଙ୍ଗୀର ଜିଲ୍ଲାର ପ୍ରସିଦ୍ଧ ପୁଞ୍ଜିପଥର ଡଙ୍ଗରବୁଢା ପୀଠକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଓ ବିକାଶ ଏବଂ ଛତ୍ରଙ୍ଗର ଗୁମ୍ଫା ଡ୍ୟାମ୍‌କୁ ଇକୋଟୁରିଜିମ କରିବା ଦାବି ନେଇ ବଙ୍ଗୋମୁଣ୍ଡା ସାମ୍ବାଦିକ ସଂଘ ପକ୍ଷରୁ ବଲାଙ୍ଗିର ଗସ୍ତରେ ଆସିଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।ସାମ୍ବାଦିକ ସଂଘର ସଭାପତି ରଶ୍ମିରଞ୍ଜନ ପୁଟେଲଙ୍କ ନେତୃତ୍ୱରେ ଦାବି କରାଯାଇଥିଲା। ସୂଚନା ଅନୁସାରେ ,ବଲାଙ୍ଗିର ଜିଲା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ଅନେକ ଐତିହାସିକ ତଥା ପର୍ଯ୍ୟଟନସ୍ଥଳ ରହିଛି। ଏହାର ଭିତ୍ତିଭୂମିର ବିକାଶ ସହିତ ପାରିପାର୍ଶ୍ୱିକ ଉନ୍ନତି ପ୍ରତି ଦୃଷ୍ଟି ଦିଆଗଲେ ବହୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ପୁଞ୍ଜିପଥର ଠାରେ ଥିବା ଡଙ୍ଗରବୁଢା ପୀଠର ବିକାଶ ଓ ପାରିପାର୍ଶ୍ୱିକ ଉନ୍ନତି, ପର୍ଯ୍ୟଟକଙ୍କ ରହିବାର ବ୍ୟବସ୍ଥା କରାଗଲେ ପର୍ଯ୍ୟଟକଙ୍କ ସଂଖ୍ୟା ବହୁ ପରିମାଣରେ ବୃଦ୍ଧି ପାଇବ। ପୁଞ୍ଜିପଥର ଡଙ୍ଗର ଉପରେ ଥିବା ମନ୍ଦିରକୁ ଯିବା ପାଇଁ ଆହୁରି ସୁବ୍ୟବସ୍ଥା, ଆଲୋକିକରଣ, ପାନୀୟଜଳର ବ୍ୟବସ୍ଥା, ପର୍ଯ୍ୟଟକଙ୍କ ପାଇଁ ବିଶ୍ରାମଗାର, ଶୌଚାଳୟ ଆଦି ଦିଗରେ ପଦକ୍ଷେପ ନେଲେ ରାଜ୍ୟର ପ୍ରମୁଖ ପର୍ଯ୍ୟଟନ ସ୍ଥଳ ହୋଇପାରିବ। ବଙ୍ଗୋମୁଣ୍ଡା ବ୍ଲକ୍ କୁରାବନ୍ଧ ପଞ୍ଚାୟତ ଛତ୍ରଙ୍ଗ ଗ୍ରାମରେ ଥିବା ଗୁମ୍ଫା ଡ୍ୟାମ୍‌କୁ ଇକୋଟୁରିଜିମ କରାଯାଉ।ପୁଞ୍ଜିପଥର ଡଙ୍ଗରବୁଢା ପୀଠକୁ ପର୍ଯ୍ୟଟନର ମାନ୍ୟତା ଓ ବିକାଶ ,ଛତ୍ରଙ୍ଗର ଗୁମ୍ଫା ଡ୍ୟାମକୁ ଇକୋଟୁରିଜିମରେ ପରିଣତ କରିବା ପାଇଁ ପଦକ୍ଷେପ ନେବା ପାଇଁ ସାମ୍ବାଦିକ ସଂଘ ବଙ୍ଗୋମୁଣ୍ଡା ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ଦେବା ସମୟରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ସଂଘର ସମ୍ପାଦକ ହୁଲେଶ୍ୱର ହଂସ, କାର୍ଯ୍ୟକାରୀ ସଭାପତି ଅଶୋକ ନାରାୟଣ ଭୋଇ, ଉପସଭାପତି ଅନିଲ ତ୍ରିପାଠୀ, କୋଷାଧକ୍ଷ ଦୀପକ ଯାଦବ, ସଦସ୍ୟ ନାରାୟଣ ମିଶ୍ର, ନିତ୍ୟାନନ୍ଦ ପୃସେଠ, ରାଧେଶ୍ୟାମ ମେହେର ପ୍ରମୁଖଙ୍କ ସହ ଅନ୍ୟ ମାନେ ଉପସ୍ଥିତ ଥିଲେ।

## ସରକାରୀ ମହାବିଦ୍ୟାଳୟରେ ମେହେର ଜୟନ୍ତୀ



ବଲାଙ୍ଗିର,୧୨।୮ (ସମିସ):ଗଙ୍ଗାଧରଙ୍କର ସାହିତ୍ୟରେ ଶାନ୍ତିର ବାର୍ତ୍ତା ସଂପ୍ରତିକ ସମୟରେ ବିଶେଷ ପ୍ରଯୁଜ୍ୟ କାରଣ ଆଜି ସାରା ପୃଥିବୀରେ ଜାନ୍ତବ ତଥା ହିଂସ୍ର ଆଚରଣ ବ୍ୟାପୀ ଯାଇଛି। ସେଥିପାଇଁ ଆମେ ମୁଖ୍ୟ ଭାବେ ଛାତ୍ରଛାତ୍ରୀ ମେହେର ସାହିତ୍ୟ ଅଧ୍ୟୟନ କରି ଆଚରଣରେ ପ୍ରତିଫଳିତ କଲେ ଏକ ସୁସ୍ଥ ସମାଜ ଗଠନ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଠାରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳନ ହୋଇଯାଇଛି। ପ୍ରଥମେ କବିଙ୍କ ଫଟୋଚିତ୍ରରେ ପୂଜନ ପରେ ଛାତ୍ରୀଙ୍କ ଦ୍ୱାରା ଆବାହନୀ ସଙ୍ଗୀତ 'ବିଶ୍ୱ ଦେଖ ମଧୁମୟ'ରେ ଗାୟନ ହୋଇଥିଲା। ବକ୍ତା ଭାବେ ଚନ୍ଦନଭାଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ତଥା ଅଧ୍ୟାପକ ଅଶୋକ କୁମାର ପଣ୍ଡା ଓ ମାଣ୍ଡୋସିଲ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ସନ୍ତୋଷ ସିଂ ଠାକୁର ଯୋଗଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ କୌତୁକ ପନ୍ଦର ତାଙ୍କର ସଭାପତିତ୍ୱ ଅଭିଭାଷଣରେ କବି ମେହେର କିଭଳି ପ୍ରକୃତିକୁ ଖୁବ୍ ସୁନ୍ଦର ଏବଂ ମାନବୀୟ ଢଙ୍ଗରେ ଉପସ୍ଥାପନ କରି ଭାରତୀୟ ସାହିତ୍ୟକୁ ଉଜ୍ଜୀବିତ କରିଥିଲେ ବୋଲି କହିଥିଲେ। ଅତିଥି ପରିଚୟ ଓ ଉଦ୍ଦେଶ୍ୟଜ୍ଞାପନ ଅଧ୍ୟାପକ ହୃଷୀକେଶ ଦାସ ଏବଂ ସଂଯୋଜନା କରିଥିଲେ ଅଧ୍ୟାପକ ଆଶୀର୍ବାଦ ସାହୁ। ଧନ୍ୟବାଦ୍ ଦେଇଥିଲେ ଅଧ୍ୟାପକ ସୁମନ୍ତ ରଣା।

# ଓଡ଼ିଶା ଶିଳ୍ପୀ ମହାସଂଘର ଶୋଭାଯାତ୍ରା

ବଲାଙ୍ଗିର,୧୨।୮ (ସମିସ)



ବଲାଙ୍ଗିର ଜିଲ୍ଲା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡ଼ିଶା ହସ୍ତତନ୍ତ, ହସ୍ତତନ୍ତ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଦାବିରେ ଶୋଭାଯାତ୍ରା ବାହାରି ଜିଲ୍ଲାପାଳ ଅଫିସ ରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସୂଚନା ଅନୁସାରେ ପୂର୍ବ ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ମାତ୍ର ୧୫୦୦ରୁ ପାଖାପାଖି ବରିଷ୍ଠ ବୁଣାକାର ମାସିକ ଦୁଇ ହଜାର ଟଙ୍କା ପାଉଛନ୍ତି। ହେଲେ ଏଥିରୁ ହସ୍ତଶିଳ୍ପୀ ଉପକୃତ ହୋଇନାହାନ୍ତି। ଯୋଜନାରେ କିନ୍ତୁ କଳାକାରଙ୍କ ଭଳି ୪୦ ବର୍ଷର ମହିଳା ଓ ୫୦ ବର୍ଷର ପୁରୁଷ ବୁଣାକାର ଏବଂ ହସ୍ତଶିଳ୍ପୀ ଯୋଜନାର ଲାଭାର୍ଥୀ ହୋଇପାରିବେ ବୋଲି ସରକାରୀ ନିୟମ ରହିଥିବାରୁ ଅନେକ ଯୋଗ୍ୟ ଏଥିରୁ ବାଦ୍ ପଡ଼ିଥିବା ଓଡ଼ିଶା ଶିଳ୍ପୀ ମହାସଂଘ ଅଭିଯୋଗ କରିଛି। ତେବେ ସହାୟତା ରାଶି ଦୁଇ ହଜାରରୁ ପାଞ୍ଚ ହଜାର କରିବା ସହ ଏହା କୌଳିକ ବୃତ୍ତି ହୋଇଥିବାରୁ ପରିବାରର ସମସ୍ତଙ୍କୁ ସାମିଲ କରିବାକୁ ସଂଘ ଦାବି କରିଛି। ଓଡିଶା ଶିଳ୍ପୀ ମହାସଂଘର ଉଦ୍ୟମ ବଳରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡକୁ ଶୀଘ୍ର ରାଜ୍ୟ ସରକାର ଗଠନ କରିବାକୁ ମଧ୍ୟ ସଂଘ ଦାବି କରିଛି। ସେହିପରି ପୂର୍ବ ସରକାର ସମୟରେ ନିପୁଣ ଶିଳ୍ପୀ /ବୁଣାକାରଙ୍କ ଦରମା ବୃଦ୍ଧି, ପ୍ରଶିକ୍ଷାର୍ଥୀଙ୍କ ଭତା ବୃଦ୍ଧି, ଦେଢଶହରୁ ଉଦଢଶ ହସ୍ତଶିଳ୍ପ ଗ୍ରାମ ବା ପୁଂଜର ଚିହ୍ନଟ ପାଇଁ ସାଇନ ବୋର୍ଡ ବ୍ୟବସ୍ଥା, ଶିଳ୍ପୀ ଓ ବୁଣାକାରଙ୍କ ପାଇଁ କର୍ମଶାଳା, ଉକ୍ରିକା ମାଧ୍ୟମରେ ସାହାଣ ପଥର ଯୋଗାଣ ଓ ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ପ୍ରତିଷ୍ଠା ଆଦି ଅନେକ ନିଷ୍ପତି ନିଆଯାଇ ପାରିଥିଲା। କିନ୍ତୁ ବର୍ତ୍ତମାନର ସରକାର ଏହାକୁ ଅଣଦେଖା କରୁଥିବା ସଂଘ ଦାବି କରିଛି। ଯାହାକୁ ନେଇ ସଂଘ ଅସନ୍ତୋଷ ପ୍ରକାଶ କରିବା ସହ ଏହାର ଶୀଘ୍ର ସମାଧାନ କରିବା ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଜିଲ୍ଲା ସଭାପତି ଗୌର ରଣାଙ୍କ ନେତୃତ୍ୱ ରେ ଶତାଧିକ ସଂଘ ର ସଦସ୍ୟ ମାନେ ଶୋଭାଯାତ୍ରାରେ ଆସି ଦାବିପତ୍ର ପ୍ରଦାନ କରିଥିଲେ।ଏଥିରେ ମହାସଂଘର ରାଜ୍ୟ ସଂପାଦକ ପ୍ରିୟରଂଜନ କର,କୃଷ୍ଣଚନ୍ଦ୍ର ରଣା,ଲୋଚନ ମେହେର, ରଶ୍ମିତ ବିଶି,ପ୍ରମୋଦିନୀ ପଟେଲ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଉପମୁଖ୍ୟମନ୍ତ୍ରୀ ଗସ୍ତ ପାଇଁ କଂଗ୍ରେସ କର୍ମୀ ଅଟକ



ଦେଓଗାଁ,୧୨।୮ (ସମିସ):ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଲାଙ୍ଗିର ଗସ୍ତ ସାରି ଫେରିବା ବେଳେ ଆଇନ ଶୃଙ୍ଖଳାକୁ ନେଇ ଦେଓଗାଁ ବଙ୍ଗଳା ଛକ ଠାରୁ ଜିଲ୍ଲା କଂଗ୍ରେସ ସଂପାଦକ ତଥା ହାତୀସରା ସମିତି ସଭ୍ୟ ବିଶ୍ୱଜିତ ପାତ୍ର କୁ ସ୍ଥାନୀୟ ପୁଲିସ ଥାନାରେ ଅଟକ ରଖିଥିଲା। ଗତ ଦୁଇ ଦିନ ଧରି ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ଦାୟିତ୍ୱରେ ଥିବା ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ବଲାଙ୍ଗିର ଗସ୍ତ ରହିଥିଲା। ଉପ ମୁଖ୍ୟମନ୍ତ୍ରୀ ବଲାଙ୍ଗିରରୁ ବାହାରି ତୁଷୁରା ଉଡାଜାହାଜ ପଡିଆରୁ ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଥିଲା। ବାଟରେ ବିରୋଧି ଦଳ କର୍ମିମାନେ ଦେଓଗାଁ ବ୍ଲକ୍‌ରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଉପମୁଖ୍ୟମନ୍ତ୍ରୀ ଚାଷୀଙ୍କ ସ୍ୱାର୍ଥକୁ ନେଇ କୌଣସି ପଦକ୍ଷେପ ବା ସମୀକ୍ଷା କରିନଥିବା ଅଭିଯୋଗ ଆଣିଥିଲେ।ଏହାକୁ ନେଇ ଉପ ମୁଖ୍ୟମନ୍ତ୍ରୀଙ୍କୁ ଧାନ ବିଲରେ ମରିଯାଇଥିବା ଧାନ ଗଛକୁ ଦେଖାଇବା ପାଇଁ ବଙ୍ଗଳା ଛକ ଠାରେ ପୂର୍ବ ପ୍ରସ୍ତୁତି ହୋଇଥିଲା।ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ ଖବର ପାଇ କଂଗ୍ରେସ ଯୁବନେତା ବିଶ୍ୱଜିତ ପାତ୍ରଙ୍କୁ ଉଠାଇ ଥାନାରେ ଅଟକ ରଖି ଉପମୁଖ୍ୟମନ୍ତ୍ରୀ ଗଲା ପରେ ଛାଡି ଦେଇଥିବା ଜଣାପଡିଛି।

ସକାଳ THE SAKALA



# ଦୁଇ ଗାଁ ମଧ୍ୟରେ ସଂଘର୍ଷ; ୬ ଗିରଫ

ଜୟପୁର, ୧୨।୮ (ସମିସ): ଗତ ଦୁଇଦିନ ମଧ୍ୟରେ ସ୍ଥାନୀୟ ଟାଙ୍କୁଆ ଗ୍ରାମପଞ୍ଚାୟତର କୁସୁମପୁଟ ଏବଂ ଝିକରଗୁଡା ଗ୍ରାମମଧ୍ୟରେ ଗଣ୍ଡଗୋଳ ହୋଇ ସଦର ଥାନାରେ ପୃଥକ ପୃଥକ ଦୁଇଟି ମାମଲା ରୁଜୁ କରାଯାଇଛି । ଏନେଇ ଉଭୟପକ୍ଷରୁ ୬ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରଯାଇଛି । ଗିରଫ ଅଭିଯୁକ୍ତ ମାନେ ହେଲେ କୁସୁମପୁଟର ସୁଧିର ହରିଜନ ଓରଫ ରାଜା, ସହଦେବ ହରିଜନ (୪୧) ଓରଫ ବାବୁଲା, ଭଗବାନ ହରିଜନ (୨୫) ଓରଫ ବିଶାଲ, ଶଙ୍କର ହରିଜନ (୨୫), ସୁରେଶ ହରିଜନ (୨୫) ଏବଂ ଝିକରଗୁଡା ଗ୍ରାମର ଭକ୍ତ ନାୟକ (୪୧) । ପୁଲିସ ସୂଚନା ଅନୁଯାୟୀ, ଅଭିଯୋଗକାରୀ ତଥା ଗିରଫ ଝିକରଗୁଡା ଗ୍ରାମର ଭକ୍ତ ଗତ ୧୦ ତାରିଖରେ ବାମୁଣି ଗାଁରୁ ନିଜ ଗ୍ରାମ ଝିକରଗୁଡାକୁ ବାଇକ୍‌ରେ ଯାଉଥିବା ବେଳେ ଆଇନ ମହାବିଦ୍ୟାଳୟ ରାସ୍ତାରେ କୁସୁମପୁଟ ଗ୍ରାମର ୫ ଜଣ ଅଭିଯୁକ୍ତଙ୍କ ସମେତ ୧୦ରୁ ୧୨ ଜଣ ବିଭିନ୍ନ ମାରଣାସ୍ତ୍ର ନେଇ ଆକ୍ରମଣ କରିବା ସହ ଡକାୟତି କରିବା ଉଦ୍ଦେଶ୍ୟରେ ତାଙ୍କର ବାଇକ୍ ଲୁଟ୍ କରିବାକୁ ପ୍ରୟାସ କରିଥିଲେ । ଫଳରେ ତାଙ୍କ ମୁଣ୍ଡ ଏବଂ ହାତରେ ଗଭୀର ଆଘାତ ଲାଗିଛି । ସେହିପରି ଅଭିଯୋଗକାରୀ ତଥା ଗିରଫ ଅଭିଯୁକ୍ତ ଶଙ୍କର ଲିଖିତ ଭାବେ ଅଭିଯୋଗ କରିଛି ଯେ, ଗତ ୧୧ ତାରିଖରେ ଅଭିଯୁକ୍ତ ଭକ୍ତ ଏବଂ ତାଙ୍କ ଭାଇ ଚିଣ୍ଟୁ ନାୟକ ସେମାନଙ୍କ ପୂର୍ବର ଗଣ୍ଡଗୋଳର ସମାଧାନ କରିବା ନେଇ କେନାଲ ନିକଟକୁ ଡାକିଥିଲେ । ଗ୍ରାମର କିଛି ଯୁବକ ସେଠାକୁ ଯାଇଥିବା ବେଳେ ବିଭିନ୍ନ ମାରଣାସ୍ତ୍ର ଆକ୍ରମଣ କରିବା ଯୋଗୁଁ ଏକାଧିକ ଯୁବକ ଆହତ ହୋଇଛନ୍ତି । ଏନେଇ ସଦରଥାନା ପୁଲିସ ପକ୍ଷରୁ ଦୁଇଟି ପୃଥକ ପୃଥକ ମାମଲା ରୁଜୁ କରାଯିବା ସହ ତଦନ୍ତକାରୀ ଅଧିକାରୀ ଏଏସଆଇ ପଙ୍କଜିନୀ ଶବର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଉଭୟ ପକ୍ଷରୁ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛନ୍ତି ବୋଲି ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

# ମୁଖ୍ୟରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ



ଜୟପୁର,୧୨।୮ (ସମିସ): ଜୟପୁର ମୁଖ୍ୟ ରାସ୍ତାରେ ଟ୍ରାଫିକ୍ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା ପାଶ୍ୱର୍ ପନିପରିବା ବିକାଳି, ଉଠାଦୋକାନୀଙ୍କୁ ତୁରନ୍ତ ସେଠାରୁ ଉଠିବାକୁ ନିର୍ଦ୍ଦେଶ ଦିଆଯାଇଥିଲା ଏବଂ ପନିପରିବା ବିକାଳି ମାନେ ୨ୟ ଦୈନିକ ବାଜରରେ ଖାଲି ରହିଥିବା ପିଣ୍ଡିରେ ବସି ବିକ୍ରି କରିବାକୁ ସଚେନତ କରାଯାଇଥିଲା । ଉପଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଏ.ଶଶ୍ୟାରେଙ୍କ ନିର୍ଦ୍ଦେଶକ୍ରମେ ଆଜି ପୂର୍ବାହ୍ନରେ ଅତିରିକ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ପୂଜା ରାଉତଙ୍କ ନେତୃତ୍ୱରେ ପୌରସଂସ୍ଥାର ଏବଂ ପୁଲିସ କର୍ମଚାରୀ ଉଚ୍ଛେଦ କରିଛନ୍ତି । ସୂଚନା ଅନୁସାରେ, ପ୍ରଥମେ ମୁଖ୍ୟ ଡାକଘର ସମ୍ମୁଖରେ ଜବରଦଖଲ କରାଯାଇ କିଛି ଠେଲା ଏବଂ ଉଠା ଷ୍ଟଲରେ ଦୋକାନ କରୁଥିବା ଯୋଗୁଁ ମୁଖ୍ୟ ଡାକଘରକୁ ଆସୁଥିବା ଗ୍ରାହକ ମାନେ ବାଇକ ଏବଂ ଗାଡି ରଖିବାରେ ସମସ୍ୟା ସୃଷ୍ଟି ହେଉଥିଲା । ଫଳରେ ରାସ୍ତା ଉପରେ ବାଇକ୍ ଏବଂ ଗାଡି ରଖିବା ଦ୍ୱାରା ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଥିଲା । ସେହିପରି ୱେଲକମ ଛକ ଠାରୁ ରାଜନହର ପର୍ଯ୍ୟନ୍ତ ମୁଖରାସ୍ତାର ଉଭୟ ପାଶ୍ୱର୍ରେ ଉଠା ଦୋକାନୀ, ଷ୍ଟଲ ମାନେ ନିଜ ନିଜର କାଉଣ୍ଟର ବାହରକୁ ଆଣି ରାସ୍ତା ଅବରୋଧ କରୁଛନ୍ତି । ତେଣୁ ଆଗାମୀ ଦିନରେ ରାସ୍ତା କଡରେ ଦୋକାନ ପକାଇଲେ ପୌରପାଳିକା ପକ୍ଷରୁ ସମସ୍ତ ସାମଗ୍ରୀ ଉଠାଇଦିଆଯିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତାଗିଦ କରାଯାଇଥିଲା । ସେହିପରି ପନିପରିବା ବେପାରୀଙ୍କୁ ୨ୟ ଦୈନିକ ବଜାର ପିଣ୍ଡିକୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ପୌରସଂସ୍ଥାର ଏହି ଚଢଉ ବେଳେ ସ୍ଥାନୀୟ ଉଠା ଦୋକାନୀ ମାନେ ବିରୋଧ କରିଥିଲେ ଏବଂ ପ୍ରଥମେ ଥଇଥାନ କରିବା ସହ ଭିତ୍ତିଭୂ ଯୋଗାଇ ଦେବା ନିମନ୍ତେ ଦାବି କରିଥିଲେ । ଏମ.ଜି ରୋଡରେ ଥିବା ବଡ ବଡ ବ୍ୟବସାୟୀ ମାନେ ରାସ୍ତା ଉପରକୁ ଦୋକାନ ଗୁଡିକ ସଂପ୍ରସାରଣ କରିଥିବା ବେଳେ ସେମାନଙ୍କୁ କାହିଁକି ତାଗିଦ କରାଯାଉନାହିଁ ବୋଲି ପ୍ରଶ୍ନ କରିଥିଲେ । କିଛି ପରିବା ବିକାଳି ସକାଳୁ ପନିପରିବା ଦୋକାନ କରିବା ସହ ମଧ୍ୟାହ୍ନ ୧୨ଟାରେ ସେମାନେ ଘରକୁ ଚାଲିଯାଉଛନ୍ତି । ଦୀର୍ଘ ୫୦ ରୁ ୬୦ ବର୍ଷ ହେଲା ମୁଖ୍ୟ ରାସ୍ତାରେ ପରିବା ବିକ୍ରି କରୁଛନ୍ତି । ସେଠାରୁ ସେମାନେ ଯିବେ ନାହିଁ ଜିଦ୍ କରିଥିଲେ । ଏହି ଉଚ୍ଛେଦ ଅଭିଯାନ ବେଳେ ସ୍ୱାସ୍ଥ୍ୟ ନିରୀକ୍ଷକ ଭୁବନୀ ହାଲବ, ଅମିନ ଅବିନାଶ ସାନ୍ତାପାତ୍ର, ଶୁଭସ୍ମିତା ଜେନା, କର୍ମଚାରୀ ଓମକାର ସିଂ, ସତ୍ୟନାରାୟଣ ପାତ୍ର ସମେତ ଟାଉନ ପୁଲିସର ଏଏସଆଇ ସନ୍ଦିପ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପୁଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକଙ୍କ ପଦଯାତ୍ରା

**● ଆନ୍ଦୋଳନ ଚେତାବନୀ**




କୋରାପୁଟ,୧୨।୮ (ସମିସ): ତୃଣମୂଳ ସ୍ତରରେ ଶିକ୍ଷାର ବିକାଶ ନିମନ୍ତେ ଜୀବନକୁ ବାଜୀ ଲଗାଇ ଦାୟିତ୍ୱ ପାଳନ କରୁଥିବା ଯୋଜନାଭିତ୍ତିକ କନିଷ୍ଠ ଶିକ୍ଷକ ମାନଙ୍କ ଦାବି ଗ୍ରହଣ ପାଇଁ ରାଜ୍ୟ ସଂଘର ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲା କନିଷ୍ଠ ଶିକ୍ଷକ ସଂଘ ମଙ୍ଗଳବାର କୋରାପୁଟ ସହରରେ ଶାନ୍ତି ପଦଯାତ୍ରା କରି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଛନ୍ତି । କନିଷ୍ଠ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ଅଭିଯୋଗ ଅନୁଯାୟୀ ରାଜ୍ୟରେ କୌଣସି ବିଭାଗରେ ଠିକା ନିଯୁକ୍ତି ବ୍ୟବସ୍ଥା ନାହିଁ । ସମସ୍ତ କର୍ମଚାରୀ ଆରମ୍ଭରୁ ସରକାରୀ ମାନ୍ୟତା ସହ ନିୟମିତ ନିଯୁକ୍ତି ପାଉଛନ୍ତି । ହେଲେ ସେମାନଙ୍କ କ୍ଷେତ୍ରରେ ସରକାର ଯୋଜନାଭିତ୍ତିକ ଭଳି ଏକ ଦୁଷ୍ଟ ଶବ୍ଦ ଯୋଡ଼ି ସମାଜର ମୂଳଦୁଆ ପକାଉଥିବା ଶିକ୍ଷକ ମାନଙ୍କ ପ୍ରତି ଅନ୍ୟାୟ କରିଛନ୍ତି । ଯୋଜନା ଭିତ୍ତିକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ମୂଳରୁ ନିୟମିତ କରିବା , କାର୍ଯ୍ୟରତ କନିଷ୍ଠ ଶିକ୍ଷକ ମାନଙ୍କ ଚାକିରି ଆରମ୍ଭ ଠାରୁ କାର୍ଯ୍ୟକାଳ ଗଣନା କରିବା, ଖାଲିଥିବା ୪୪ ହଜାର ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା ଇତ୍ୟାଦି ଦାବି କରାଯାଇଛି । ଏହାର ସମାଧାନ ପାଇଁ କନିଷ୍ଠ ଶିକ୍ଷକ ସଂଘର ଦାବି ଗୁଡ଼ିକ ଉପରେ ତର୍ଜମା କରି ରିପୋର୍ଟ ଦେବାକୁ ରାଜ୍ୟ ସରକାର ଏକ ବିଧାନସଭା କମିଟି ଗଠନ କରିଥିଲେ । କମିଟି ସବୁ ଦିଗକୁ ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀ ମାନଙ୍କ ଅନୁମୋଦନ ପରେ ଅଗଷ୍ଟ ୨ ରେ ରାଜ୍ୟ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିବା ପରେ ଗଣ ଶିକ୍ଷା ବିଭାଗ ଏକ ତାଲିକା ପ୍ରକାଶ କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଉକ୍ତ ରିପୋର୍ଟ ଉପଯୁକ୍ତ ସ୍ତରରେ ଅନୁମୋଦନ ଲାଭ କରିନଥିବା ଦର୍ଶାଇ ରାଜ୍ୟ ସରକାର ୮ ତାରିଖରେ ପ୍ରକାଶିତ ତାଲିକା ପ୍ରତ୍ୟାହାର କରି ନେଇଛନ୍ତି । ତେଣୁ ୧୭ ତାରିଖ ମଧ୍ୟରେ କନିଷ୍ଠ ଶିକ୍ଷକ ମାନଙ୍କୁ ନ୍ୟାୟ ପ୍ରଦାନ ନ କଲେ ସେମାନେ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ ହେବେ ବୋଲି ଚେତାବନୀ ଦେଇଛନ୍ତି ।

# ତେଲେଙ୍ଗାନାରେ ୩ ଓଡିଆ ଶ୍ରମିକ ମୃତ

ଉମରକୋଟ,୧୨।୮ (ସମିସ): ତେଲେଙ୍ଗାନାରେ ରାସ୍ତା ଦୁର୍ଘଟଣାରେ ତିନି ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ଉମରକୋଟ ଥାନା ବକୋଡାବେଡା ଗାଁର ୧୪ଜଣ ଶ୍ରମିକ ୧୪ ଦିନ ପୂର୍ବେ ଦାଦନ ଖଟିବାକୁ ତେଲେଙ୍ଗାନା ରାଜ୍ୟର କିସାରା ଥାନା ଅର୍ନ୍ତଗତ ସିକେନ୍ଦର କମମକୁ ଯାଇଥିଲେ । ସେଠାରେ ରାସ୍ତାକଡ଼ରେ ଗଛ ଲଗାଇବା କାମରେ ନିୟୋଜିତ ଥିଲେ । ଗଛ ଲଗାଇବା ବେଳେ ପଛପଟୁ ଏକ ଟାଟା ଏସିଇ ଗାଡ଼ି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ନାରାୟଣ ମାତ୍ରା , ଜୟରାମ ମାତ୍ରା , ଚୈତମନ ଭତ୍ରାଙ୍କ ମୃତ୍ୟୁ ଘଟିଥିବା ଗାଁ ଲେକେ କହିଛନ୍ତି । ତେଲେଙ୍ଗାନା ପୁଲିସ ତିନି ଶ୍ରମିକଙ୍କ ମୃତଦେହକୁ ବ୍ୟବଛେଦ କରି ଆଦି ଦିନ ୯ ଟା ସମୟରେ ସେମାନଙ୍କ ପରିବାରର ଲୋକଙ୍କୁ ଖବର ଦେଇଥିଲେ । ଆସନ୍ତାକାଲି ଶ୍ରମିକ ମାନଙ୍କ ମୃତଦେହ ଗାଁରେ ପହଞ୍ଚିବ । ଏହି ଘଟଣା ନେଇ ବକୋଡାବେଢ଼ା ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

# ୫ ମାସ ହେଲା ବସୁନି ପୌର ପରିଷଦ ବୈଠକ



ଜୟପୁର,୧୨।୮ (ସମିସ): ଜୟପୁର ପୌର ପରିଷଦ ବୈଠକ ଦୀର୍ଘ ୫ ମାସ ହେଲା ହେଉନାହିଁ । ଏଥିଯୋଗୁଁ କାଉନସିଲର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଗତ ମାର୍ଚ୍ଚ ୧୧ ତାରିଖରେ ସ୍ୱତନ୍ତ୍ର କାଉନ୍‌ସିଲ ବୈଠକ ମାଧ୍ୟମରେ ଆର୍ଥିକ ଅଟକଳ ହୋଇଥିଲା । କିନ୍ତୁ ଦୀର୍ଘ ୫ ମାସ ହେଲାଣି ବୈଠକ ଆୟୋଜନ ହେଉନଥିବା ନେଇ ଗତ ୨ ତାରିଖରେ ଉପାଧ୍ୟକ୍ଷା ବି.ସୁନିତାଙ୍କ ନେତୃତ୍ୱରେ ୧୧ ଜଣ କାଉନସିଲର ସ୍ୱାକ୍ଷରିତ ଏକ ଦାବିପତ୍ର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କୁ ପ୍ରଦାନ କରାଯାଇଥିଲା । କିନ୍ତୁ ଏଥିନେଇ ୨ ସପ୍ତାହ ହୋଇଯାଇଥିଲେ ସୁଦ୍ଧା ବୈଠକ ଆହ୍ୱାନ କରାଯାଇ ନଥିବା ବେଳେ ଏଥିନେଇ କୌଣସି ପଦକ୍ଷପ ଗ୍ରହଣ କରାଯାଇନାହିଁ ବୋଲି ଉପଧକ୍ଷା ଶ୍ରୀମତି ସୁନତା ଏବଂ ଦାବିପତ୍ର ପ୍ରଦାନ କରିଥିବା କାଉସିଲର ଯଶପାଲ ସିଂ, ସିମାଞ୍ଚଳ ବିଶୋୟୀ, ବିଷ୍ଣୁ ବର୍ଦ୍ଧନ ରେଡ୍ଡି, ଏମ. ଲକ୍ଷ୍ମୀନାରାୟଣ, ଅଜିତ ବେହେରା ,ପାର୍ଥ ସାରଥୀ ମଲ୍ଲିକ, ଦେବେନ୍ଦ୍ର ଚୌଧୁରୀ, ଶଶିରେଖା ପରଜା, ଅର୍ପିତା ଷଡଙ୍ଗୀ, ଅନତା ରାୟ ପ୍ରମୁଖ ଅଭିଯୋଗ କରିଛନ୍ତି । ତେଣୁ ତୁରନ୍ତ କାଉନ୍‌ସିଲ ବୈଠକ ଡକାଯାଇ ସହରର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାକୁ ଦାବି କରାଯାଇଛି । ଅନ୍ୟଥା ଆଗାମୀ ଦିନରେ କାଉନସିଲର ମାନେ ପୌରସଂସ୍ଥା ବିରୋଧରେ ଦୃଢ ପଦକ୍ଷପ ଗ୍ରହଣ କରିବେ ଏବଂ ଆବଶ୍ୟକ ସ୍ଥଳେ କାର୍ଯ୍ୟାଳୟରେ ତାଲା ପକାଇ ଦେବେ ବୋଲି ଚେତାବନୀ ଦେଇଛନ୍ତି । ଲୋକଙ୍କ ସମସ୍ୟ ସମାଧାନ ନ ହେଲେ ସେମାନେ ଇସ୍ତଫା ଦେବ ଶ୍ରେୟସ୍କର ବୋଲି କାଉନସିଲର ମାନେ କହିଛନ୍ତି ।

# ସୁଭଦ୍ରା ଟଙ୍କା ଉଠାଇବାକୁ ଯାଇ ମା' ଓ ଶିଶୁ ନିଖୋଜ



ପାପଡାହାଣ୍ଡି,୧୨।୮ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଶିରିଶି ପଞ୍ଚାୟତ ପାଲପୁର ନୁଆଁଗୁଡା ଗ୍ରାମରେ ମା' ତାର ୫ ମାସର ଶିଶୁକୁ ଧରି ବ୍ୟାଙ୍କକୁ ସୁଭଦ୍ରା ଟଙ୍କା ଉଠାଇବା ପାଇଁ ଆସି ନିଖୋଜ ହୋଇଥିବା ନେଇ ମଙ୍ଗଳବାର ଥାନାରେ ଏତଲା ହୋଇଛି । ମହିଳାଙ୍କ ବାପା ଗୁରୁବାରୁ ଗୌଡ଼ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ପାଲପୁର ନୁଆଁଗୁଡା ଗ୍ରାମର ଇନ୍ଦ୍ର ଗୌଡ଼ଙ୍କ ପତ୍ନୀ ଡମ୍ବୁଣି ଗୌଡ଼ ଗତ ୯ ତାରିଖରେ ସୁଭଦ୍ରା ଟଙ୍କା ଜମା ହେବା ପରେ ୧୧ ତାରିଖ ଦିନ ୧୧ ଘଣ୍ଟା ସମୟରୁ ନିଜ ୫ ମାସର ଶିଶୁପୁତ୍ରକୁ ଧରି ଟଙ୍କା ଉଠାଣ ପାଇଁ ପାପଡାହାଣ୍ଡି ଗ୍ରାମକୁ ଆସିଥିଲେ । ଡମ୍ବୁଣି ଗୌଡ଼ ଓ ଶିଶୁ ଏହା ପରେ ଘରକୁ ଫେରିନଥିଲେ । ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରି ପାଇନଥିଲେ । ଗତ ୧୫ ଦିନ ତଳେ ସ୍ୱାମୀ ଇନ୍ଦ୍ର ଗୌଡ଼ ଦାଦନ ଖଟିବାକୁ ବାହାର ରାଜ୍ୟ ଯାଇଛନ୍ତି । ଏଥପାଇଁ ଡମ୍ବୁଣିଙ୍କ ପିତା ଗୁରୁବାରୁ ଗୌଡ଼ ପାପଡାହାଣ୍ଡି ଥାନାରେ ନିଖୋଜ ରହିଥିବା ଅଭିଯୋଗ କରିଛନ୍ତି ।

# ଘିଉରୀ ଗାଁରେ ଗୋଷ୍ଠୀ ସଂଘର୍ଷ, ୩ ଅଭିଯୁକ୍ତ ଗିରଫ

ଜୟପୁର,୧୨।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନାର ଘିଉରୀ ଗ୍ରାମଠାରେ କମେଣ୍ଟ ମରାକୁ ନେଇ ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଗତ ୩୧ ତାରିଖରେ ମାରପିଟ ହୋଇଥିଲା । ସଦର ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଦୁଇଟି ମାମଲା ରୁଜୁ ହୋଇଥିଲା । ଆଜି ଗୋଟିଏ ଗୋଷ୍ଠୀର ଜଣେ ୧୫ ବର୍ଷର ନାବାଳକଙ୍କ ସମେତ ୩ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଘିଉରୀ ଗ୍ରାମର ସୁରେନ୍ଦ୍ର ନାୟକ (୨୭) ଓରଫ ସୁରି, ନିଳାମ୍ବର ନାୟକ (୨୩) ଏବଂ ୧୫ ବର୍ଷର ନାବାଳକ । ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ ସମ୍ମୁଖରେ ହାଜର କରାଯାଇଛି । ଏହି ମାମଲାରେ ପୂର୍ବରୁ ଅନ୍ୟଗୋଷ୍ଠୀର ଜଣେ ଗିରଫ ହୋଇଛନ୍ତି ।

# ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

କୋଷାଗୁମୁଡ଼ା, ୧୨।୮ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଯୁବ ରେଡକ୍ରସ , ଓ ରେଡ ରିବନ କ୍ଲବ ତରଫରୁ ଅନ୍ତର୍ଜାତୀୟ ଯୁବ ଦିବସ ଏବଂ ପ୍ରାଥମିକ ଚିକିତ୍ସା ତାଲିମକାର୍ଯ୍ୟକ୍ରମ ଆୟୋଜନ ହୋଇଯାଇଛି । ପ୍ରଥମ ଅଧିବେଶନ କାର୍ଯ୍ୟକ୍ରମରେ କୋଡିଙ୍ଗା ତହସିଲଦାର ତୁଳା ମୁଦୁଲି ମୁଖ୍ୟ ଅତିଥି , ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ରଞ୍ଜନ କୁମାର ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ଉପାଧ୍ୟକ୍ଷ ବିବେକ କୁମାର ମହଳିକ, ଅଧ୍ୟାପକ ଦାମୋଦର ସାହୁ, ରବି ନାରାୟଣ ପାଣିଗ୍ରାହୀ, ପଞ୍ଚାନନ ଦୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଯୁବ ରେଡକ୍ରସ ସଂଯୋଜକ ତଥା ଅନୁଷ୍ଠାନର ରେଡ଼କ୍ରସ କାଉନସିଲର ଅଖିଳ କୁମାର ଭଟ୍ଟ ମଞ୍ଚ ପରିଚାଳନା କରିଥିଲେ । ଦ୍ୱିତୀୟ ଅଧିବେଶନରେ ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ଜାତୀୟ ସ୍ତରୀୟ ପ୍ରାଥମିକ ଚିକିତ୍ସାର ତାଲିମଦାତା ଡ. ରଞ୍ଜନ କୁମାର ସ୍ୱାଇଁ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିଥିଲେ । ଶେଷରେ ଯୁବ ରେଡ୍‌କ୍ରସ କାଉନସିଲର ଶ୍ରୀ ଭଟ୍ଟ ଯୁବ ରେଡକ୍ରସ୍‌ର ଏଭଳି କାର୍ଯ୍ୟକ୍ରମରେ ସମସ୍ତଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଶ୍ୱକର୍ମା ମନ୍ଦିରରୁ ଚୋରି

ଦାମନଯୋଡି,୧୨।୮ (ସମିସ): ନାଲ୍‌କୋ ଶିକ୍ଷାଞ୍ଚଳ ସେକ୍ଟର ୩ ସ୍ଥିତ ଶ୍ରୀ ବିଶ୍ୱକର୍ମା ମନ୍ଦିରରୁ ଚୋରି ହୋଇଥିବା ଜଣାପଡ଼ିଛି । ଦାମନଯୋଡି ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ପକ୍ଷରୁ ଅନୁସନ୍ଧାନ ଜାରି ରହିଛି । ସକାଳେ ଡଗ୍ ସ୍କାର୍ଡ ସହ ସାଇଣ୍ଟିଫିକ୍ ଟିମ ମନ୍ଦିରରେ ପହଞ୍ଚି ତନାଘନା କରି ଫେରିଥିବା ଜଣାପଡିଛି । ଠାକୁରଙ୍କ ମୁକୁଟ ଏବଂ ସୁନା ଆଖି ଚୋରି ହୋଇଥିବା ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ମିଳିଛି । ପ୍ରକାଶ ଥାଉ କି ନାଲ୍‌କୋ ଟାଉନ୍‌ସିପ ଘରୋଇ ସିକ୍ୟୁରିଟି ସଂସ୍ଥା ସୁରକ୍ଷା ବ୍ୟବସ୍ଥାରେ ରହିଛି । ଏହା ବାବଦରେ ନାଲକୋ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛି । ତା ପରେ ବି ସୁରକ୍ଷା ବ୍ୟବସ୍ଥା ଢିଲା ବୋଲି ନାଲ୍‌କୋ କର୍ମଚାରୀ ମହଲରେ ଆଲୋଚନା ହେଉଛି । ମନ୍ଦିରଟି ଟାଉନସିପ୍‌ର ମଧ୍ୟ ଭାଗରେ ଏବଂ ମୁଖ୍ୟରୋଡ଼ ପାଶ୍ୱର୍ରେ ଅବସ୍ଥିତ । ସେହି ପାଖରେ ଦିନ ରାତି ସୁରକ୍ଷା କର୍ମୀ ପଇଁତରା ମାରିଥାନ୍ତି । ଏହା ପରେ ମଧ୍ୟ ଟାଉନ୍‌ସିପରୁ ବାରମ୍ବାର ଚୋରି ହେଉଥିବା ଅଭିଯୋଗ ହେଉଛି । ଚୋରି ହେବାର ୨୪ଘଣ୍ଟା ପୁରି ଯାଇଥିଲେ ମଧ୍ୟ ପୁଲିସ ଚୋରର କୌଣସି ସନ୍ଧାନ ପାଇ ପାରି ନଥିବା ଜଣାପଡ଼ିଛି । ଢିଲା ସୁରକ୍ଷା ବ୍ୟବସ୍ଥାକୁ କର୍ମଚାରୀ ମାନେ ଦାୟୀ କରିବା ସହ ନାଲ୍‌କୋ ପ୍ରଶାସନ ଏହାକୁ ଦୃଢ଼ତାର ସହବିଚାର କରିବାକୁ ଦାବି ହେଉଛି । ପୁଲିସ ଆଖପାଖ ଅଞ୍ଚଳରେ ସିସି ଟିଭିକୁ ଯାଞ୍ଚ କରୁଥିବା ଜଣାପଡିଛି ।

# ନଦୀରେ ପାଣି କମ୍, ପୋଲ ଉପରେ ଅଧିକ



ନାରାୟଣପଟଣା,୧୨।୮ (ସମିସ): ଆଜି ଅପରାହ୍ନରେ ବର୍ଷାରେ ନାରାୟଣପଟଣା ଝଞ୍ଜାବତୀ ନଦୀ ଉପରେ ଥିବା ପୋଲ ଉପରେ ଆଣ୍ଠୁଏ ପାଣି ଜମି ଥିଲା । ଫଳରେ ପୋଲ ଦେଇ ପାଖାପାଖି ଏକଘଣ୍ଟା ଯାତାୟାତ ପୁରା ଠପ୍ ହୋଇଯାଇଥିଲା । ଏହି ପୋଲଟି ପୂର୍ତ୍ତ ବିଭାଗ ଅଧୀନରେ ଯାଉଥିବା ବେଳେ ବର୍ଷାଦିନ ପୂର୍ବରୁ ପୋଲ ଉପରୁ ଜଳ ନିଷ୍କାସନ ନଳାକୁ ସଫା ରଖିବା କଥା । କିନ୍ତୁ ଦାୟୀତ୍ୱରେ ଥିବା ଅଧିକାରୀ ଆଗୁଆ ପଦକ୍ଷେପ ଦୃଷ୍ଟି ଦେଉନଥିବା ପରିଲକ୍ଷିତ ହେଉଛି । ଏହାସହ ନାରାୟଣ ପାଟଣା ବ୍ଲକ ପ୍ରଶାସନ ପଞ୍ଚାୟତ ଅଳିଆ ଆବାଜନା ସଫା ପ୍ରତି ଦୃଷ୍ଟି ଦେଉନଥିବା ବେଳେ ରାସ୍ତାର ଦୁଇ ପାଶ୍ୱର୍ରେ ଲୋକେ ଫିଙ୍ଗି ଦେଉଛନ୍ତି । ଫଳରେ ସହରର ସମସ୍ତ ଆବର୍ଜନା ଧୋଇ ହୋଇ ଯାଇ ପୋଲ ଉପରେ ଅଟକି ବନ୍ୟାର ଏକ ଭ୍ରମ ସୃଷ୍ଟି କରୁଛି । ଜଳ ନିଷ୍କାସନର କୌଣସି ବ୍ୟବସ୍ଥା ନାହିଁ । ଫଳରେ ପୋଲର ସ୍ଥାୟୀତ୍ୱ ନେଇ ଆଶଙ୍କା ପ୍ରକାଶ ପାଉଛି ।

**● ଜୟପୁରରେ ପ୍ରବଳ ବର୍ଷା,**

# ବଜାର, ସାହି ବସ୍ତି ରାସ୍ତାରେ ପାଣି



ଜୟପୁର,୧୨।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ଆଜି ସଂଧ୍ୟାରେ ପ୍ରବଳ ବର୍ଷା ହୋଇଥିଲା । ଫଳରେ ସହରର ମୁଖ୍ୟ ଦୈନିକ ବଜାର , ଜୟନଗର, ପାଇକ ସାହି, ଶ୍ରୀରାମ ନଗର, ସନ୍ତୋଷୀ ମା' ନଗର , ପାୱାର ହାଉସ, ନୂଆସାହି ଅଞ୍ଚଳରେ ଡ୍ରେନ ପାଣି ବାହାରକୁ ଆସି ରାସ୍ତା ଉପରେ ପ୍ରବାହିତ ହୋଇଥିଲା । ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଲୋକ ସମସ୍ୟାର ସମ୍ମୁଖିନ ହୋଇଥିଲେ । ବସ୍ତି ଅଞ୍ଚଳ ଗୁଡିକରେ ମଧ୍ୟ ଜଳ ପ୍ରବେଶ କରିଥିବା ନେଇ ସୂଚନା ମିଳିଛି । କିନ୍ତୁ କାହାର ଘର ଭାଙ୍ଗିବା ନେଇ ସୂଚନା ମିଳିନାହିଁ । ସଂଧ୍ୟାରୁ ରାତି ୯ ଘଟିକା ମଧ୍ୟରେ ଅବିଶ୍ରାମ ବର୍ଷା ଲାଗି ରହିବା ଯୋଗୁଁ ଲୋକମାନେ ବାହାରକୁ ବାହିବାରେ ସମସ୍ୟା ହେବା ସହ ବାଇକ୍ ଚଳାଇବାରେ ମଧ୍ୟ ସମସ୍ୟା ଦେଖାଦେଇଥିଲା । ରାସ୍ତା ଓ ଘାଟରେ ପାଣି ପ୍ରବାହିତ ହେବା ନେଇ ରାସ୍ତା ଓ ଖାଲ ଜାଣିବାରେ ସମସ୍ୟା ଦେଖା ଦେଇଥିଲା ।

# ବନାଞ୍ଚଳ ଅଧିକାରୀଙ୍କ ଯୋଗଦାନ



ଡାବୁଗାଁ, ୧୨।୮ (ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ମହକୁମାରେ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ନୂତନ ବନାଞ୍ଚଳ ଅଧିକାରୀ ଭାବେ ରାମ ଚନ୍ଦ୍ର ଭତ୍ରା ଯୋଗ ଦେଇ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥି ପୂର୍ବରୁ ସେ କୋରାପୁଟ ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ କାର୍ଯ୍ୟରତ ଥିଲେ । ଆଗାମୀ ଦିନର ଡାବୁଗାଁ ବନାଞ୍ଚଳ ଅଧୀନରେ ଥିବା ବନାଞ୍ଚଳ କିପରି ସୁରକ୍ଷିତ ରହିବ, ତା ପ୍ରତି ଧ୍ୟାନ ଦିଆଯିବ ବୋଲି ମତ ବ୍ୟକ୍ତ କରିଥିଲେ । ପୂର୍ବରୁ ଅସୀତ କୁମାର ସାହୁ ଡାବୁଗାଁ ବନାଞ୍ଚଳ ଅଧିକାରୀ ଭାବେ କାର୍ଯ୍ୟରତ ଥିଲେ । ସେ ବର୍ତ୍ତମାନ ଝରିଗାଁ ବନାଞ୍ଚଳକୁ ବଦଳି ହୋଇଛନ୍ତି । ନୂତନ ବନାଞ୍ଚଳ ଅଧିକାରୀଙ୍କୁ ସମସ୍ତ କର୍ମଚାରୀ ସ୍ୱାଗତ କରିଥିଲେ । ଏହି ସ୍ୱାଗତ ସମୟରେ ଡାବୁଗାଁ ବନପାଳ ଉମାକାନ୍ତ ପଟ୍ଟନାୟକ, ମୈଦଲପୁର ବନପାଳ ମଧୁସୂଦନ ପାତ୍ର ଓ ଜଟାବାଲ ବନପାଳ ବିଷ୍ଣୁ ବିଶୋଇ, ବନରକ୍ଷୀ ତାପସ ରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ମାଝି, ଉମାଶଙ୍କର ମିଶ୍ର, ବସନ୍ତ ନାୟକ, ରିତାରାଣୀ ବିଶ୍ୱାସରାୟ, ସରସ୍ୱତୀ ମେହେର, ମଧୁସ୍ମିତା ତ୍ରିପାଠୀ, ଅନିତା ହିଆଲ ଓ ଶସ୍ମିତା ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ ।

# କରାଟେ ବେଲ୍ଟ ପରୀକ୍ଷା




କୋରାପୁଟ,୧୨।୮ (ସମିସ): ଉତ୍କଳ କରାଟେ ସ୍କୁଲ ପକ୍ଷରୁ କୋରାପୁଟ ଜିଲ୍ଲାର କରାଟେ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଛି । କୋରାପୁଟ, ଜୟପୁର, ସୁନାବେଡ଼ା ଓ ସେମିଳିଗୁଡାରେ ଥିବା ଉତ୍କଳ କରାଟେ ସ୍କୁଲର ମିଳିତ ଭାବେ ଛାତ୍ରଛାତ୍ରୀଙ୍କ ବେଲ୍ଟ ପରୀକ୍ଷା ସୁନାବେଡ଼ା ସ୍ଥିତ ଇନଡୋର୍ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିଲା । କୋରାପୁଟ ଶାଖାରୁ ୧୧ ଜଣ, ଜୟପୁର ଶାଖାରୁ ୨୧ ସୁନାବେଡ଼ା ଶାଖାରୁ ୧୦ ଓ ସେମିଳିଗୁଡା ଶାଖାରୁ ୪୨ ଜଣ କରାଟେକା ଅଂଶଗ୍ରହଣ କରିଥିଲେ ଓ ସଫଳତା ସହ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ । ସେମାନଙ୍କ ମଧ୍ୟରୁ ୧୩ ଜଣ ବ୍ଲାକ ବେଲ୍ଟ ହାସଲ କରିଥିଲେ । କୋରାପୁଟର ସୌରଭି ଦାଶ, ଜୟପୁରର ଅଂଶ ପ୍ରିୟରଞ୍ଜନ ପଣ୍ଡା ଓ ସୁନାବେଡ଼ାର ରତୁମ୍ବରା ସିଂ, ଶୁଭାଙ୍ଗୀ ଯାଦବ, ରିଆନ ଡୁଙ୍ଗଡୁଙ୍ଗ, ଅଂଶିତା ଦାସ , ସାଇନାଥ ସାସମଲ, ପଦ୍ମେଶ ପ୍ରିତେଶ ସାହୁ, ସଚିନ୍ ସିଦ୍ଧେଶ୍ ସାହୁ, ଜି ବର୍ଷିତା ରାଣୀ,ଜି ଭେଙ୍କଟ କୁମାର, ରିତେଶ ସ୍?ାଇଁ ବ୍ଲାକ ବେଲ୍ଟ ହାସଲ କରିଥିଲେ । ଭୁବନେଶ୍ୱରରେ ଥିବା ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହାନସି ଡ. ହରିପ୍ରସାଦ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉତ୍କଳ କରାଟେ ସ୍କୁଲର ବରିଷ୍ଠ ଛାତ୍ର ସିହାନ ଖାରବେଳ ମଲ୍ଲିକ ଓ ସେନସେଇ ସନ୍ତୋଷ କୁମାର ମହାରଣା ଉପରୋକ୍ତ ପରୀକ୍ଷା ପରିଚାଳନା କରିଥିଲେ । ସେନସେଇ ମହେଶ ଚନ୍ଦ୍ର ବରାଳ, ସେନସେଇ ଦୁର୍ଗା ପ୍ରସାଦ ରଥ, ସେନସେଇ ତ୍ରିନାଥ ସିଂ ଲାଲ୍,ସେନସେଇ ରାଜେନ୍ଦ୍ର କେଶରୀ ସାମଲ, ଏସ୍. ଭି. ସନ୍ତୋଷ କୁମାର, ଆୟୁଷ ପ୍ରସାଦ ରଥ ଓ ଅନ୍ୟାନ୍ୟ ବ୍ଲାକ ବେଲ୍ଟ ଧାରଣ କରିଥିବା କରାଟେକା ମାନେ ପରୀକ୍ଷା ପରିଚାଳନାରେ ସାହାଯ୍ୟ କରିଥିଲେ । କୋରାପୁଟ ଜିଲ୍ଲା କରାଟେ ସଂଘର ସମସ୍ତ କର୍ମକର୍ତ୍ତା କରାଟେକା ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

**ନାଲ୍‌କୋ ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ୍**

# ଭାଗନେଲେ ରେକର୍ଡ ସଂଖ୍ୟକ ୧୫୪ ଦଳ



ଦାମନଯୋଡ଼ି,୧୨।୮ (ସମିସ): ୨୬ତମ ନାଲକୋ ଇଣ୍ଡିପେଣ୍ଡେନ୍ସ କପ୍ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ନାଲକୋ ସ୍ପୋର୍ଟସ ସେଲ୍ ଓ ନାଲକୋ କମ୍ୟୁନିଟି ସେଣ୍ଟର ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ଅବିଭକ୍ତ କୋରାପୁଟରୁ ରେକଡର୍ ସଂଖ୍ୟକ ୧୫୪ଟି ଦଳ ଭାଗ ନେଇଛନ୍ତି । ନାଲ୍‌କୋ ଟାଉନ୍‌ସିପ ସେକ୍ଟର ୨ ସ୍ଥିତ ଡ.ବି.ଆର. ଆମ୍ବେଦକର ଷ୍ଟାଡିୟମ ଓ ଚମ୍ପାପଦର ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ଷ୍ଟାଡିୟମରେ ଖେଳ ଅନୁଷ୍ଠିତ ହେଉଛି । ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ନିରଞ୍ଜନ ସାମଲ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଉଭୟଷ୍ଟାଡିୟମରେ ଖେଳକୁ ଉଦ୍‌ଘାଟନ କରିଥିଲେ । ନାଲକୋର ମୁଖ୍ୟ ମହାପ୍ରବନ୍ଧକ ପୁରୁଷୋତ୍ତମ ମହାନ୍ତ, ସଞ୍ଜୟ କୁମାର ପଟ୍ଟନାୟକ ଓ ଅଜିତ ସେଠୀ ସମ୍ମାନିତଅତିଥିରୂପେଯୋଗଦେଇଥିଲେ । ୧୫ ତାରିଖ ସ୍ୱାଧୀନତା ଦିବସ ଦିନ ଅପରାହ୍ନରେ ସେକ୍ଟର ୩ ନେତାଜୀ ଷ୍ଟାଡିୟମରେ ସେମି ଫାଇନାଲ ଓ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇ ପୁରସ୍କାର ବିତରଣ କରାଯିବା କାର୍ଯ୍ୟକ୍ରମ ରହିଛି । ନାଲ୍‌କୋ ସ୍ପୋର୍ଟସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି, କମ୍ୟୁନିଟି ସେଣ୍ଟର ସଭାପତି ସତ୍ୟକାମ ନାୟକ, ସମ୍ପାଦକ ମନୋଜ କୁମାର ପୃଷ୍ଟି ଓ ବହିଃ କ୍ରୀଡ଼ା ସମ୍ପାଦକ ଭାସ୍କର ଶ୍ରୀହରିଆ ପ୍ରମୁଖଙ୍କ ସହିତ ସ୍ପୋର୍ଟସ ସେଲ ଓ କମ୍ୟୁନିଟି ସେଣ୍ଟର ସଦସ୍ୟ ଉପସ୍ଥିତ ରହି ପରିଚାଳନା କରିଥିଲେ । ଉଭୟ ଆଲୁମିନା ରିଫାଇନାରୀ ଓ ମାଇନ୍ସର ସ୍ୱୀକୃତିପ୍ରାପ୍ତ ଶ୍ରମିକ ସଂଗଠନ କର୍ମକର୍ତ୍ତା, ନାଲକୋ ଅଫିସର୍ସ୍ ଆସୋସିଏସନ, ଅନୁସୂଚିତ ଜାତି ଜନଜାତି ଆସୋସିଏସନ କର୍ମକର୍ତ୍ତା ଅତିଥି ରୂପେ ଯୋଗ ଦେଇଥିଲେ । ମୁଖ୍ୟ ରେଫରୀ ଡ.ରମେଶ ଚନ୍ଦ୍ର ସ୍ୱାଇଁଙ୍କ ସହିତ ରେଫରୀ ଚଞ୍ଚଳ ମାଝୀ, ମନୋରଞ୍ଜନ ମାଝୀ, ପ୍ରଦୀପ ହାଁସଦା, ବିଶ୍ୱେଶ୍ୱର ପ୍ରଧାନ, ଅବିନାଶ କୁଳଦୀପ ଓ ସାହିଲ ଦୀପ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଉଭୟ ଷ୍ଟାଡିୟମରେ ଭରପୁର ଦର୍ଶକ ଉପସ୍ଥିତ ରହି ଖେଳ ଦେଖିଥିଲେ ।

## ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

କୋଷାଗୁମୁଡ଼ା,୧୨।୮ (ସମିସ): ମଙ୍ଗଳବାର ଦିନ ଡ୍ରିମ୍ ଇଣ୍ଡିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଏହି ସଭାରେ ବିଦ୍ୟାଳୟର ପ୍ରତିଷ୍ଠାତା ପଙ୍କଜ କୁମାର ସିପା, ଏବଂ ଅଧ୍ୟକ୍ଷା କୁଞ୍ଜଲତା ନାୟକ ଉପସ୍ଥିତ ରହି ଯୁବପିଢିମାନେ ନିଜର ଉଜ୍ଜ୍ୱଳ ଭବିଷ୍ୟତ ଓ ବିଭିନ୍ନ ବିଭାଗରେ କିପରି ଭାବେ ନିଜକୁ ନିୟୋଜିତ କରାଇବା ସହ ଭଲ ଭାବରେ ଚରିତ୍ର ଗଠନ କରିବା ଉପରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ। ଏଥି ସହିତ ଉପ-ଅଧ୍ୟକ୍ଷ ଶିଶିର ବଳିଆର ସିଂ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଭବିଷ୍ୟତ ଗଠନ କରି ଭଲ ଚରିତ୍ରବାନ୍ ହେଇ ଆମ ସମାଜର ସଂକଳ୍ପବୋଧ କାମ କରିବାକୁ ଉପଦେଶ ଦେଇଥିଲେ। ସଭାରେ ଉକ୍ତ ବିଦ୍ୟାଳୟର ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ବୃନ୍ଦ ଏବଂ ସମସ୍ତ ଯୁକ୍ତ ଦୁଇ କଳା ଓ ବିଜ୍ଞାନର ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

## ଏରୋନଟିକ୍ସ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ



ସୁନାବେଡ଼ା,୧୨।୮ (ସମିସ): ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭାଗୃହରେ ହର ଘର ତ୍ରିରଙ୍ଗା, ଆଣ୍ଟି ରେଗିଂ ସପ୍ତାହ ଏବଂ ୟୁଥ୍ ରେଡକ୍ରସ ତରଫରୁ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ ହୋଇଯାଇଛି। ଏହି ତିନି ଅଧିବେଶନରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡକ୍ଟର ରବି ନାରାୟଣ ସାମନ୍ତରାୟ ଓ ମୁଖ୍ୟବକ୍ତା ଭାବେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ଡକ୍ଟର ସଞ୍ଜୟ କୁମାର ଲେଙ୍କା ଯୋଗ ଦେଇଥିଲେ। ଏହି ସଭାର ପରିଚାଳନା ୟୁଥ୍ ରେଡକ୍ରସର କାଉନସିଲର ଡକ୍ଟର ଶାନ୍ତନୁ ନାୟକ କରିଥିଲେ। ଆଣ୍ଟି ର୍ୟାଗି ସପ୍ତାହ ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମରେ ଅତିଥି ଭାବେ ଇଂରାଜୀ ବିଭାଗର ପ୍ରାଧ୍ୟାପକ ଡକ୍ଟର ସଞ୍ଜୟ ପୁରୋହିତ ଓ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ହିରଣ୍ମୟୀ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ଦୁଇ ଅଧିବେଶନର ପରିଚାଳନା ରବିନାରାଣ ସାମନ୍ତରାୟ କରିଥିଲେ। ପ୍ରାଧ୍ୟାପିକା ପ୍ରଜ୍ଞା ଦେବହୂତୀ ଦାସ, ଚିନ୍ମୟ ମିଶ୍ର, ଚିନ୍ମୟୀ ସାହୁ, ସ୍ମୃତିରଞ୍ଜନ ରାଉତ, ଦିଲ୍ଲୀପ ସାମଲ, ମଗ୍ନେଶ୍ୱର ନାଗ, ଉତ୍କର୍ଷା କୁମାରୀ, ରୁଚିକା ମାଣିଆ, ଯାଶୋବନ୍ତୀ ସ୍ୱାଇଁ, ମଦନ ହରିଜନ,ଶ୍ରୀଲତା ଜେନା, ରଶ୍ମି ରେଖା ନାୟକ ଆଦି ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀଙ୍କ ସମେତ ୟୁଥ୍ ରେଡକ୍ରସ ର ସ୍?ଚ୍ଛାସେବୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସଂସ୍କୃତ ସପ୍ତାହ ପାଳିତ



ନବରଙ୍ଗପୁର,୧୨।୮ (ସମିସ)

ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ମଲେଶ୍ୱରୀ ସାହୁ ଯୋଗଦେଇ ସଂସ୍କୃତ ସପ୍ତାହ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇବା ସହିତ ସଂସ୍କୃତ ଭାଷାକୁ କିପରି ଛାତ୍ରୀମାନେ ଅପଣାଇବା ସହିତ ସମାଜରେ କିପରି ଏହିଭାଷା ଆଦୃତ ହୋଇପାରିବ ସେ ଦିଗରେ ଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ରୂପେ ଇନ୍ଦିରା ପ୍ରିୟଦର୍ଶିନୀ ଉଚ୍ଚ ବିଦ୍ୟାଳୟର ଶାସ୍ତ୍ରୀୟ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ଯୋଗଦେଇ ସଂସ୍କୃତ ଭାଷାର ପ୍ରୟୋଗ, ବ୍ୟବହାର ଓ ସମସ୍ତ କ୍ଷେତ୍ରରେ କିପରି ଏହା ଉପଯୋଗ ହେଇପାଇଛି ବିଭିନ୍ନ ଶ୍ଳୋକ ମାଧ୍ୟମରେ ଛାତ୍ରୀଙ୍କୁ ବୁଝାଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ସଂସ୍କୃତ ଭାଷା ସାହିତ୍ୟ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତି ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀ ଲକ୍ଷ୍ମୀକାନ୍ତ ସୌରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହିତ ସଂସ୍କୃତ ଭାଷା ଓ ସାହିତ୍ୟର ପ୍ରସାର ନିମନ୍ତେ ଛାତ୍ରୀଙ୍କୁ ଉତ୍ସାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ବହୁ ସଂଖ୍ୟକ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପରିଶେଷରେ ଇତିହାସ ବିଭାଗର ଅଧ୍ୟାପିକା ଶ୍ରୀମତୀ ସୁନୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଭିତ୍ତିଭୂମି ନାହିଁ
# ବିଦ୍ୟାଳୟ ପ୍ରତି ବିମୁଖ ଛାତ୍ରଛାତ୍ରୀ, ଅଭିଭାବକ



ଦାମନଯୋଡି,୧୨।୮ (ସମିସ): ସଠିକ୍ ଭିତ୍ତିଭୂମି ନଥିବାରୁ ବିଦ୍ୟାଳୟ ପ୍ରତି ବିମୁଖ ହେଉଛନ୍ତି ଛାତ୍ରଛାତ୍ରୀ ଓ ଅଭିଭାବକ। ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲ୍ଲା ସିମିଳିଗୁଡା ପଞ୍ଚାୟତ ସମିତି ଅଧିନସ୍ଥ ଚାରାଙ୍ଗୁଲ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଭେଜାପୁଟ ଗ୍ରାମରେ। ୧୯ ୯୦ ମସିହାରେ ଗାଁ ଠାରୁ କିଛି ଦୂରରେ ୪୦ ଡିସିମିଲ ପରିମିତ ଅଞ୍ଚଳରେ ପ୍ରଥମେ ଝୁପୁଡ଼ି ଘରେ ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଦୁଇ ଜଣ ଶିକ୍ଷୟତ୍ରୀ ଙ୍କୁ ନେଇ ବିଦ୍ୟାଳୟ ଚାଲିଥିଲା। ହେଲେ କିଛି ବର୍ଷ ବିଦ୍ୟାଳୟ ସେହି ସ୍ଥାନରେ ଚାଲିବା ପରେ ୨୦୦୫ ମସିହାରେ ଉକ୍ତ ପ୍ରାଥମିକ ବିଦ୍ୟାଳୟ ମାନ୍ୟତା ପାଇବା ସହ ବିଦ୍ୟାଳୟଟିକୁ ଗାଁ ମଝିରେ ନୂତନ କୋଠା ନିର୍ମାଣ କରାଯାଇ ସ୍ଥାନାନ୍ତର କରାଯାଇଥିଲା। ତେବେ ସ୍ଥାନାନ୍ତରର କାରଣ ଅସ୍ପଷ୍ଟ ରହିଛି। ବର୍ତମାନ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ା ହେଉଛି ଓ ଚାରିଜଣ ଶିକ୍ଷୟତ୍ରୀ ଏଠାରେ ନିଯୁକ୍ତ ହୋଇଛନ୍ତି। ହେଲେ ବିଦ୍ୟାଳୟରେ ଚଳିତ ବର୍ଷ ଠାରୁ ପ୍ରଣୀତ ହୋଇଥିବା ବାଲ୍ ବାଟିକା ଶ୍ରେଣୀର ୫ ଶିଶୁଙ୍କୁ ନେଇ ମାତ୍ର ୫୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ତେବେ ବିଦ୍ୟାଳୟରେ ସଂଖ୍ୟା ହ୍ରାସ ପାଇବାର ମୁଖ୍ୟ କାରଣ ହେଉଛି ଏହାର ଭିତ୍ତିଭୂମି। ବିଦ୍ୟାଳୟଟି ଗାଁ ମଝିରେ ଅବସ୍ଥିତ ହୋଇଥିବାରୁ ବିଦ୍ୟାଳୟ ମଧ୍ୟ ଦେଇ ଗାଁର ମୁଖ୍ୟ ରାସ୍ତା ଯାଇଛି। ଦୁଇପଟେ ଶ୍ରେଣୀଗୃହ ଓ ମଝିରେ ରାସ୍ତା। ପଦଚାରୀ ଓ ଗାଡ଼ି ମଟର ଚଳାଚଳ ସହ କୋଳାହଳ ଯୋଗୁଁ ପିଲାଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହେଉଛି। ବିଦ୍ୟାଳୟରେ ନା ଅଛି ଖେଳ ପଡ଼ିଆ ନା ସୁରକ୍ଷା ପ୍ରାଚୀର। ପ୍ରତି ସମୟରେ ବିଦ୍ୟାଳୟ ପରିସର ମଧ୍ୟକୁ ଅସାମାଜିକ ଓ ଅବୈଧ ଲୋକଙ୍କ ଅନୁପ୍ରବେଶ ଦେଖିବାକୁ ମିଳୁଛି। ସ୍ୱାଧୀନତା ଦିବସ ଓ ଗଣତନ୍ତ୍ର ଦିବସ ଭଳି ଉତ୍ସବ ପାଳନ ପାଇଁ ୧୦୦ ଜଣ ଛାତ୍ରଛାତ୍ରୀ ଠିଆ ହେବାକୁ ସ୍ଥାନ ମଧ୍ୟ ନାହିଁ। ବିଦ୍ୟାଳୟ ଚତୁଃପାର୍ଶ୍ୱକୁ ଲାଗି ଗ୍ରାମବାସୀଙ୍କ ବ୍ୟକ୍ତିଗତ ଜାଗା ଓ ଘର ରହିଥିବାରୁ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇପାରୁ ନାହିଁ। ଏହି ବିଦ୍ୟାଳୟ ପ୍ରତି କାହାର ଦରଦ ନାହିଁ। ଅନ୍ୟ ପକ୍ଷରେ ନାଲକୋ ଭଳି ନବରତ୍ନ ଉଦ୍ୟୋଗ ଏହାର ଅତି ନିକଟରେ ଥାଇ ମଧ୍ୟ ବିଦ୍ୟାଳୟର ଭିତ୍ତିଭୂମି ସୁଦୃଢ଼ ହୋଇ ପାରୁନାହିଁ ଭେଜାପୁଟର ଉକ୍ତ ବିଦ୍ୟାଳୟକୁ ଗାଁ ଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇ ଦୃଢ଼ ଭିତ୍ତିଭୂମି ସ୍ଥାପନ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ସହିଦ ସ୍ମୃତି ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ



ନବରଙ୍ଗପୁର,୧୨।୮ (ସମିସ): ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ପଞ୍ଚାୟତ ସମିତି ସଭାଗୃହ ଠାରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆସନ୍ତା ୨୪ ଅଗଷ୍ଟରେ ସହିଦ ସ୍ମୃତି ଦିବସ ୨୦୨୫ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜିର ଆୟୋଜିତ ଏହି ବୈଠକରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ,ପୂର୍ବତନ ବିଧାୟକ ଭୁଜବଳ ମାଝୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଲିଙ୍ଗରାଜ ଭତରା, ନବରଙ୍ଗପୁର ବିଧାୟକ ପ୍ରତିନିଧି ମାନସ ରଞ୍ଜନ ଦାସ,ସାଂସଦ ପ୍ରତିନିଧି ସୋମନାଥ ପୂଜାରୀ,ଡ଼ାବୁ ଗାଁ ବିଧାୟକ ପ୍ରତିନିଧି ରଜନୀକାନ୍ତ ସାସମଲ୍ ,ବ୍ଲକ୍ ଅଧ୍ୟକ୍ଷା ହେମଲତା ମାଝୀ,ବ୍ଲକ୍ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ପ୍ରମୁଖ ମଞ୍ଚାସିନ ଥିଲେ। ପ୍ରଥମେ ବିଡିଓ କପିଳଦେବ ସାହୁ ସମସ୍ତଙ୍କୁ ସ୍ୱାଗତ ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବିପିସି ଶଶିକାନ୍ତ ଦାସ ଏଜେଣ୍ଡା ଅନୁଯାୟୀ କାର୍ଯ୍ୟକ୍ରମର ବିଭିନ୍ନ ପ୍ରସ୍ତା କୁ ସଭାରେ ଉପସ୍ଥାପନ କରି ସଭା ପରିଚାଳନା କରିଥିଲେ। ବୈଠକରେ ଗାନ୍ଧୀ ପାର୍କ ଓ ସହିଦ ମିନାର ପରିସର ସଫା ସୁତୁରା ଓ ରଙ୍ଗ କାର୍ଯ୍ୟ,ସହିଦ ସ୍ମୃତି ଦିବସରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ନିମନ୍ତ୍ରଣ, ମଶାଲ ଶୋଭାଯାତ୍ରା, ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଇଥିବା ସହିଦଙ୍କ ଓ ଜିଲ୍ଲାର ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦ ବ୍ୟକ୍ତିମାନଙ୍କୁ ନିମନ୍ତ୍ରଣ, ସ୍ୱାଧୀନତା ସଂଗ୍ରାମୀ ଓ ସହିଦ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧନା, ତିଳତର୍ପଣ ଓ ମାଲ୍ୟାର୍ପଣ, ସର୍ବଧର୍ମ ପାର୍ଥନା ସଭା, କାର୍ଯ୍ୟକ୍ରମର ବହୁଳ ପ୍ରଚାର, ପ୍ରସାର, ପାନୀୟ ଜଳ, ଅଗ୍ନିଶମ, ପାର୍କିଂ, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ବିଶେଷ ଆଲୋଚନା ହୋଇଥିଲା। ସୂଚନା ଯେ, ପୂର୍ବରୁ ସହିଦ ସ୍ମୃତିସ୍ତମ୍ଭ ଭବ୍ୟ ଭାବରେ ନିର୍ମାଣ ପାଇଁ ରାଜ୍ୟ ସରକାର ୬ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଜିଲ୍ଲାପାଳ ପାପଡ଼ାହାଣ୍ଡି ବ୍ଲକ,ସହର,ରାସ୍ତା,ବଜାର ଓ ସଂଲଗ୍ନ ଜାତୀୟ ରାଜପଥରେ ଅଳିଆ ଆବର୍ଜ୍ଜନାକୁ ଦେଖି ଏହା ତୁରନ୍ତ ସଫା ସୁତୁରା ଓ ପ୍ଲାଷ୍ଟିକମୁକ୍ତ ରଖିବା ପାଇଁ ପଦକ୍ଷେପ ନେବାକୁ ପଞ୍ଚାୟତ ଅଧିକାରୀ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସହିଦ ସ୍ମୃତି ଦିବସ ପାଳନ ପାଇଁ ସମସ୍ତଙ୍କ ସହଯୋଗ ଲୋଡିଥିଲେ। ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ସହିଦ ସ୍ମୃତି ଦିବସ ପାଳନ ପାଇଁ ରାଜ୍ୟ ସରକାରଙ୍କ ମାନ୍ୟତା, ଭବ୍ୟ ନିର୍ମାଣ ପାଇଁ ଅନୁଦାନକୁ ପ୍ରଶଂସା ସହ ଜାତି, ଧର୍ମ,ରାଜନୈତିକ ଭେଦଭାବ ଭୁଲି ଏହି ଦିବସକୁ ସମସ୍ତଙ୍କ ସହଯୋଗରେ ପାଳନ କରିବାକୁ କହିଥିଲେ। ରାଜ୍ୟ ସହିଦ ସ୍ମୃତି କମିଟି, କାର୍ଯ୍ୟକାରୀ ସଭାପତି ମନୋରଂଜନ ତ୍ରିପାଠୀ ପୂର୍ବତନ ସାଂସଦ ,ବିଧାୟକ ଏବଂ ଜନପ୍ରତିନିଧିଙ୍କୁ ଅତିଥି ରୂପେ ନିମନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉ ବୋଲି କହିଥିଲେ। ସଭାରେ ଜିଲ୍ଲା ଓକିଲ ସଂଘ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ସଭାପତି ସିରାଜୁଦ୍ଦିନ ଅହମ୍ମଦ, ହରି ନାରାୟଣ ଚୌଧୁରୀ, ଏ ଅନନ୍ତ ମୂର୍ତ୍ତି, ତ୍ରିନାଥ ଅମାନତ୍ୟ, ଜଗନ୍ନାଥ ମହାପାତ୍ରଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀ, ରାସ୍ତା ଓ ଗୃହ ନିର୍ମାଣ, ପ୍ରକଳ୍ପ ପ୍ରଶାସକ, ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଜିଲ୍ଲା ସୁଚନା ଓ ଲୋକ ସମ୍ପର୍କ ଅଧିକାରୀ, ତହସିଲଦାର ପାପଡ଼ାହାଣ୍ଡି ,ଜିଲ୍ଲା ସଂସ୍କୃତି ଅଧିକାରୀ, ପଞ୍ଚାୟତ ସଭ୍ୟ,ସ୍ମୃତି କମିଟି ସଭ୍ୟ , ପାପଡ଼ାହାଣ୍ଡି ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ପମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

ନବରଙ୍ଗପୁର,୧୨।୮ (ସମିସ): ଯୁବ ରେଡ଼କ୍ରସ ଓ ରେଡ୍ ରିବନ କ୍ଲବ ତରଫରୁ ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ମାଲେଶ୍ୱରୀ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦିତ ହୋଇଥିଲା। ଯୁବ ରେଡ଼କ୍ରସ ଓ ରେଡ ରିବନ କ୍ଲବ ସଂଯୋଜିକା ଡଃ ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମଟିକୁ ପରିଚାଳନା କରିବା ସହିତ ଏ ବର୍ଷର ବିଷୟବସ୍ତୁ "ଏସ୍‌ଡିଜୀ ଓ ସମ୍ମିଳିତ ସମାଜ ପ୍ରତି ଯୁବ ପୀଢିର ଭୂମିକା' ସମ୍ପର୍କରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକାଙ୍କ ସମେତ ବହୁ ସଂଖ୍ୟାରେ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ।

## କୋରାପୁଟ ପୌର ପରିଷଦ ପକ୍ଷରୁ ଜବରଦଖଲ ଉଚ୍ଛେଦ



କୋରାପୁଟ,୧୨।୮ (ସମିସ): କୋରାପୁଟ ସହରରେ ପୌର ପରିଷଦ ତରଫରୁ ଏବେ ବିଭିନ୍ନ ସ୍ଥାନରେ ଜବରଦଖଲ ଉଚ୍ଛେଦ କାର୍ଯ୍ୟକ୍ରମ ଜାରି ରହିଛି। ପୌର ପରିଷଦ ଅନ୍ତର୍ଗତ ମେଡିକାଲ ରାସ୍ତା ଓ ଗୁଣ୍ଡିଚା ମନ୍ଦିର ଛକରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଦୀର୍ଘ ଦିନ ହେବ କିଛି ବ୍ୟବସାୟୀ ରାସ୍ତା କଡ଼ରେ ଥିବା ଡ୍ରେନକୁ ମାଡ଼ି ଦୋକାନ ସବୁ କରିଥଲେ। ବାରମ୍ବାର ସେମାନଙ୍କୁ କହିବା ପରେ ମଧ ସେମାନେ ହଟୁ ନଥିଲେ। ତେଣୁ ପୂର୍ବରୁ ପ୍ରଦତ୍ତ ନୋଟିସକୁ ଖିଲାଫ କରିଥିବାରୁ ଜେସିବି ମେସିନ ଧରି ନିର୍ବାହୀ ଅଧିକାରୀ ଜ୍ଞାନଜିତ୍ ତ୍ରିପାଠି ନିଜେ ଉପସ୍ଥିତ ରହି ସମସ୍ତ ଜବରଦଖଲକାରୀଙ୍କୁ ହଟାଇଛନ୍ତି। ମିଶନ ମୋଡ଼ରେ ଡ୍ରେନ ଉପରୁ ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ କରାଯାଇଥିବା ପୌର ନିର୍ବାହୀ ଅଧିକାରୀ ଶ୍ରୀ ତ୍ରିପାଠୀ କହିଛନ୍ତି। ଆଗକୁ ସହରର ବିଭିନ୍ନ ସ୍ଥାନରେ ଥିବା ଜବରଦଖଲ ଉଚ୍ଛେଦ କାର୍ଯ୍ୟ କରାଯିବ। ଯେଉଁ ମାନେ ଜବରଦଖଲ କରି ରହୁଛନ୍ତି, ସ୍ୱତପ୍ରବୃତ ଭାବେ ହଟି ଯିବାକୁ ସେ ପରାମର୍ଶ ଦେଇଛନ୍ତି। କୋରାପୁଟ ସହରରେ ଉଠାଦୋକାନୀ ଓ ବେଆଇନ୍ ଗାଡ଼ି ପାର୍କିଂ ଯୋଗୁଁ ବିଭିନ୍ନ ସମୟରେ ଟ୍ରାଫିକ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ବିଗତ ଦିନରେ ସହରର କିଛି ବୁଦ୍ଧିଜୀବୀ ଜବର ଦଖଲ ଉଚ୍ଛେଦ କରିବା ସହ ସହର ମଧ୍ୟରେ ପାର୍କିଂ ପାଇଁ ବିକଳ୍ପ ବ୍ୟବସ୍ଥା କରିବାକୁ ଦାବି କରିଆସୁଥିଲେ। କୋରାପୁଟ ପୌରପରିଷଦ ପକ୍ଷରୁ ପୂର୍ବରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସୂଚନା ଦେବା ସହ ଆଜି ସକାଳୁ ସକାଳୁ ଜବର ଦଖଲ ଉଚ୍ଛେଦ ପକ୍ରିୟା ଆରମ୍ଭ କରାଯାଇଥିଲା।

## ଅନ୍ତର୍ଜାତୀୟ ଯୁବ ଦିବସ ପାଳିତ

ଲକ୍ଷ୍ମୀପୁର,୧୨।୮ (ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସ୍ନାତକ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଯୁବ ରେଡକ୍ରସ ୟୁନିଟ୍ ତରଫରୁ ଆନ୍ତର୍ଜାତୀୟ ଯୁବ ଦିବସ ଉଭୟ ଅଧ୍ୟକ୍ଷଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା। ଏଥିରେ ଅଧ୍ୟକ୍ଷ ଯୁବ ଶକ୍ତିର ଭୂମିକା ଉପରେ ସୂଚନା ଦେବା ସହ ସବୁ ଯୁବ ବର୍ଗ ସର୍ବଦା ସେବା ମନୋଭାବ ନେଇ କାମ କରିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଏହାକୁ ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଷିନୀ ଦାସ ପରିଚାଳନା କରିଥିଲେ ଓ ଅଧ୍ୟାପିକା ମହିମା ରାଣୀ ରାଜୁ, ଜୟଶ୍ରୀ ପଟ୍ଟନାୟକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ଏବଂ ଅଧ୍ୟାପକ ରମାକାନ୍ତ ଖରା ସହଯୋଗ କରିଥିଲେ।

## ଭୀମଭୋଇ ଭିନ୍ନକ୍ଷମ ସ୍ୱାସ୍ଥ୍ୟସେବା ଶିବିର



ନାରାୟଣପାଟଣା,୧୨।୮ (ସମିସ): ଆଜି ସ୍ଥାନୀୟ ବ୍ଲକ ପରିସରରେ ନାରାୟଣପଟଣା ପଞ୍ଚାୟତ ସମିତି ଆନୁକୁଲ୍ୟରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନାରାୟଣପଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ କୁମାର ଦୋରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ,ବ୍ଲକ ଅଧ୍ୟକ୍ଷ ଗୋଲାଦି ତ୍ରିନାଥ, ସରପଞ୍ଚ ରେବତୀ କୁନ୍ଦାରିଆ, ସାଂସଦ ପ୍ରତିନିଧି ସପନ ସରିତ ତୁରୁକ, ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ ପ୍ରମୁଖଙ୍କ ଉପସ୍ଥିତରେ ଶିବିର ଉଦ୍‌ଘାଟନ ହୋଇଥିଲା। ବିଧାୟକ ପବିତ୍ର ସାଉଁନ୍ତା କହିଲେ ଯେ, ସରକାରଙ୍କ ତରଫରୁ ଭିନ୍ନକ୍ଷମମାନଙ୍କ ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ତେଣୁ ବ୍ଲକର ସମସ୍ତ ଭିନ୍ନକ୍ଷମ ଭାଇ ଉଣୀମାନେ ଏହାର ଲାଭ ଉଠାଇ ଉପକୃତ ହେବା ଆବଶ୍ୟକ ବୋଲି କହିଛନ୍ତି। ଶିବିରରେ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଭିନ୍ନକ୍ଷମ ମାନଙ୍କର ପରୀକ୍ଷା କରାଯାଇଥିଲା। ଏହି ଶିବିରରେ ୩୫୬ଜଣ ପଞ୍ଜୀକୃତ ହୋଇଥିବା ବେଳେ ୯୬ ଜଣଙ୍କୁ ସାର୍ଟିଫିକେଟ୍ ପାଇଁ ଡାକ୍ତରୀ ଦଳ ଚିହ୍ନଟ କରିଥିବା ସୂଚନା ମିଳିଛି। ଅସ୍ଥିଶଲ୍ୟ ବିଭାଗ ତରଫରୁ ୧୦୦ଜଣ ପଞ୍ଜିକୃତ କରିଥିଲେ। ସେଥିରୁ ୧୫ ଜଣଙ୍କୁ ସାର୍ଟିଫିକେଟ୍ ପ୍ରଦାନ ପାଇଁ ଚିହ୍ନଟ କରାଗଲା ,ଶ୍ରବଣ ବାଧିତ ବିଭାଗ ତରଫରୁ ୧୫୮ ଜଣ ପଞ୍ଜିକୃତ କରିଥିଲେ। ସେଥିରୁ ୩୯ ଜଣ ମନୋନୀତ ହୋଇଥିଲେ। ଦୃଷ୍ଟିବାଧିତ ବିଭାଗ ତରଫରୁ ୪୧ ଜଣ ପଞ୍ଜିକୃତ ହୋଇଥିବା ବେଳେ ୧୪ ଜଣ ସାର୍ଟିଫିକେଟ ପାଇଁ ଚିହ୍ନଟ ହୋଇଥିଲେ। ବୌଦ୍ଧିକ ଅକ୍ଷମତା ରୋଗାକ୍ରାନ୍ତରେ ୪୪ଜଣରୁ ୨୫ଜଣ ଚିହ୍ନଟ ହୋଇଥିଲେ। ଅନ୍ୟାନ୍ୟ ରୋଗରେ ୧୩ ଜଣ ପଞ୍ଜିକୃତ ହୋଇଥିଲେ। ଶିବିରରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରୁ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ଏସ୍‌ଏସ୍ ପାତ୍ର , ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ଡି ସୁନିଲ କୁମାର , ଡକ୍ଟର ରାଜେଶ ପଣ୍ଡା , ଡଃ ସାଲମ୍ ଏମ୍ କେ , ସୁନିଲ କୁମାର ପଣ୍ଡା , ଡଃ ଦିନବନ୍ଧୁ ଚୈଧୁରୀ, ଡଃ ସୁଜିତ କୁମାର ସାହୁ ପ୍ରମୁଖ ୬ ଜଣ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ଚିକିତ୍ସା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଆକାଶ ପାଲ, ପ୍ରଶାନ୍ତ ହିଆଲ, ମହେଶ ତାଡିଙ୍ଗି, ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରଛାତ୍ରୀ, ଶିକ୍ଷକ ବୃନ୍ଦ, ବ୍ଲକ କାର୍ଯ୍ୟାଳୟର ସମସ୍ତ କର୍ମକର୍ତା ଉପସ୍ଥିତ ଥିଲେ।

## ଈଶ୍ୱରଙ୍କୁ ଶ୍ରଦ୍ଧାଞ୍ଜଳି



ନନ୍ଦପୁର,୧୨।୮ (ସମିସ): ନନ୍ଦପୁର ସଦର ମହକୁମାର ଲୋକପ୍ରିୟ ବିଦ୍ୟୁତ୍ କର୍ମଚାରୀ ଈଶ୍ୱରଙ୍କ ଶ୍ରାଦ୍ଧ ଦିବସ ରେ ତାଙ୍କୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହି ଅବସରରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ସରପଞ୍ଚ ଜଗନ୍ନାଥ ପାଙ୍ଗି, ପ୍ରେସ୍ କ୍ଲବ୍ ସଭାପତି ତ୍ରିନାଥ ଖରା, କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ପାଢି, ହିରଣ୍ୟ ବିଶୋଇ, ବିଦ୍ୟୁତ୍ କର୍ମଚାରୀ ଜୀବନ ଜ୍ୟୋତିଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପ୍ରେସ କ୍ଲବ ସମ୍ପାଦକ ରମେଶ ଅଧିକାରୀ ପରିଚାଳନା କରିଥିଲେ। ସୂଚିତ ଯେ ନନ୍ଦପୁର ସଦର ମହକୁମା ବାହିରି ପଡ଼ା ଗ୍ରାମର ଈଶ୍ୱର ରାୟ, ନନ୍ଦପୁର ବିଦ୍ୟୁତ୍ ବିଭାଗର ଜଣେ କର୍ମଠ ଓ ଲୋକପ୍ରିୟ କର୍ମଚାରୀ ଥିଲେ। ମଧୁମେହ ରୋଗରେ ଆକ୍ରାନ୍ତ ହୋଇ କିଛି ଦିନ ପୂର୍ବେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।

## ଅବ୍ୟବସ୍ଥାରେ ଅଙ୍ଗନବାଡି କେନ୍ଦ୍ର
# ସହରର ଅଧିକାଂଶ କେନ୍ଦ୍ରର ନାହିଁ ନିଜସ୍ୱ ଭବନ



ଜୟପୁର, ୧୨।୮ (ସମିସ): ଜୟପୁର ପୌରାଞ୍ଚଳ ଓ ବ୍ଲକ ଅଞ୍ଚଳରେ ରହିଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକ ଅବ୍ୟବସ୍ଥାରେ ରହିଛି। ମହିଳା ଓ ଶିଶୁ ବିଭାଗର ଅଧିନରେ ରହିଥିବା ଅଙ୍ଗନବାଡି କେନ୍ଦ୍ର ଗୁଡିକର ନିଜସ୍ୱ ଭବନ ନଥିବା ବେଳେ କିଛି ଭଡାଗୃହ, କ୍ଲବ ଗୃହ ଓ ଗୋଷ୍ଠୀ କେନ୍ଦ୍ର ଗୁଡିକ ଅବ୍ୟବସ୍ଥାରେ ଚାଲୁଛି। କ୍ଲବ ଗୃହ ଏବଂ ଗୋଷ୍ଠୀ କେନ୍ଦ୍ର ଗୁଡିକ ବର୍ଷା ଦିନରେ ପାଣି ଗଳୁଥିବା ବେଳେ ପଙ୍ଖା ଏବଂ ଅନ୍ୟାନ୍ୟ କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଛି। ଏହି ଅଙ୍ଗନବାଡି କେନ୍ଦ୍ର ପରିଚାଳନା ନିମନ୍ତେ ଲକ୍ଷାଧିକ ଟଙ୍କା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିଲେ ସୁଦ୍ଧା କେବଳ ନାମକୁମାତ୍ର ଶିଶୁ ମାନଙ୍କ ଉପସ୍ଥାନ ଖାତାରେ ନାମ ରହୁଛି। କିନ୍ତୁ କାଁ ଭାଁ ଶିଶୁ ମାନେ ଅଙ୍ଗନବାଡି କେନ୍ଦ୍ରକୁ ଆସୁଛନ୍ତି। ଏହିପରି ଅଧିକାଂଶ ଅଙ୍ଗନବାଡି କେନ୍ଦ୍ର ଗୁଡିକ ବିପଦଶଙ୍କୁଳରେ ରହିଥିବା ଯୋଗୁଁ ଅଭିଭାବକ ମାନେ ସେମାନଙ୍କୁ ଏହି କେନ୍ଦ୍ର ମାନଙ୍କୁ ପଠାଇବା ପାଇଁ ଆଗ୍ରହ ପ୍ରକାଶ କରୁନାହାଁନ୍ତି। ଏହିପରି ଜୟପୁର ସହର ବସ୍ତି ଅଞ୍ଚଳ ସମେତ ଗ୍ରାମାଞ୍ଚଳରେ ଗରିବ, ଆଦିବାସୀ ଅନ୍ୟାନ୍ୟ ପଛୁଆ ବର୍ଗର ଲୋକମାନେ ରହୁଥିଲେ ସୁଦ୍ଧା ଉକ୍ତ ଅଞ୍ଚଳରେ ଅଙ୍ଗନବାଡ଼ି କେନ୍ଦ୍ର ଗୁଡିକର ଅବସ୍ଥା ନେଇ ଅଭିଭାବକ ମାନେ ନିଜ ନିଜ ଛୁଆଙ୍କୁ ଉକ୍ତ କେନ୍ଦ୍ରକୁ ପଠାଇବା ପାଇଁ ପଛଘୁଞ୍ଚା ଦିଆଯାଉଛି। କିନ୍ତୁ ବିଭାଗ ପକ୍ଷରୁ ପୁଷ୍ଟିକର ଖାଦ୍ୟ ପ୍ରଦାନ, ଖେଳନା ଏବଂ ଅନ୍ୟାନ୍ୟ ଆନସଙ୍ଗିକ ସାମଗ୍ରୀ ପ୍ରଦାନରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ ପରିଚାଳନାରେ ତୃଟି କିମ୍ବା ବିଭାଗ ଆନ୍ତରିକତା ଅଭାବ ଯୋଗୁଁ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ଏବଂ ଉପଯୁକ୍ତ ସରକାରୀ ଜମି ଅଧିଗ୍ରହଣ ନେଇ ମଧ୍ୟ କାର୍ଯ୍ୟ ହୋଇପାରୁନାହିଁ। ଏହିପରି ଜୟପୁର ସହରରେ ୧ ନମ୍ବର ୱାର୍ଡରେ ଯୁବକ ସଂଘର ଏକ ଗୃହରେ ଏହି କେନ୍ଦ୍ର ଚାଲିଥିବା ବେଳେ ଏହା ପୁଣି ପାଣି ଗଳୁଛି। କେନ୍ଦ୍ରରେ ସମୁଦାୟ ୩୦ଜଣ ଶିଶୁଙ୍କ ନାମ ପଞ୍ଜୀକରଣ କରାଯାଉଥିବା ବେଳେ ଗତ ସୋମବାର ମାତ୍ର ୪ଜଣ ଏଠାରେ ଉପସ୍ଥିତ ରହିଥିଲେ। ସେହିପରି ୨ ନମ୍ବର, ୧୩ ନମ୍ବର, ୨୧ ଏବଂ ୧୮ ନମ୍ବର ୱାର୍ଡ ସମେତ ଅନ୍ୟାନ୍ୟ ୱାର୍ଡ ଗୁଡିକରେ ଏହିପରି ଅବ୍ୟବସ୍ଥାରେ ଅଙ୍ଗନବାଡ଼ି କେନ୍ଦ୍ରଗୁଡିକ ରହିଛି । ତେଣୁ ଶିଶୁ ମାନଙ୍କ ଉପସ୍ଥାନ ମଧ୍ୟ କମ୍ ରହୁଛି। ପ୍ରକାଶ ଯେ, ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜୟପୁର ପୌରାଞ୍ଚଳ ଏବଂ ବ୍ଲକରେ ନୂତନ ଭାବେ ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ ନେଇ ପ୍ରତ୍ୟେକ ୭ ଲକ୍ଷ ଟଙ୍କା ପ୍ରଦାନ କରିବା ନେଇ ପୌର ନିର୍ବାହୀ ଅଧିକାରୀ ଏବଂ ବିଡିଓ ମାନଙ୍କୁ ଚିଠି ମାଧ୍ୟମରେ ଜଣାଇଥିବା ବେଳେ ସରକାରୀ ଜମି ପ୍ରଦାନ କରିବା ନେଇ ତହସିଲଦାରଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି। ଏହିପରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ନିଜ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଲେଖାଏଁ ଦେଇ କେତେକ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ପ୍ରଦାନ ନେଇ ଘୋଷଣା କରିଛନ୍ତି। କିନ୍ତୁ ଏତେ କମ୍ ଟଙ୍କାରେ ନିର୍ମାଣ କରିବାକୁ ଜୟପୁର ପୌରସଂସ୍ଥା ଏବଂ ବ୍ଲକ ପକ୍ଷରୁ ଆରାଜି ହେଉଛନ୍ତି। ଜୟପୁର ପୌରସଂସ୍ଥାର ୨୮ଟି ୱାର୍ଡରେ ୧୮ଟି ଭବନରେ ନିଜସ୍ୱ ଭବନରେ କେନ୍ଦ୍ର ଚାଲିଥିବା ବେଳେ ୨ଟି ଗୃହ କାର୍ଯ୍ୟକାରୀ ହେଉନାହିଁ। ସେହିପରି ୨୪ଟି ଭଡା କିମ୍ବା ଅନ୍ୟାନ ଗୃହରେ କାର୍ଯ୍ୟକାରୀ ହେଉଛି। ଜୟପୁର ବ୍ଲକରେ ୨୨ଟି ଗ୍ରାମପଞ୍ଚାୟତରେ ୨୯୫ଟି କେନ୍ଦ୍ର ରହିଥିବା ବେଳେ ୨୪୦ଟି ନିଜସ୍ୱ ଭବନ ରହିଛି ଏବଂ ୫୫ଟି ଅନ୍ୟାନ୍ୟ ଗୃହରେ ଚାଲୁ ରହିଛି। ଏହିପରି ଅଧିକାଂଶ ଭବନ ଦୂରବସ୍ଥାରେ ରହିଛି ତେଣୁଏହାର ମରାମତି କିମ୍ବା ନୂତନ ଭବନର ଆବଶ୍ୟକତା ରହିଛି। ସେହିପରି ନଳକୂପ, ବିଦ୍ୟୁତ ବ୍ୟବସ୍ଥାର ଆବଶ୍ୟକତା ରହିଛି। ସେହିପରି ଜୟପୁର ବ୍ଲକ ଓ ପଞ୍ଚାୟତରେ ୧୨ଟି ସେକ୍ଟର ରହିଥିବା ବେଳେ ୧୨ଜଣ ଆଇସିଡିଏସ ସୁପରଭାଇଜରଙ୍କ ପଦବୀ ରହିଥିଲେ ସୁଦ୍ଧା ୬ଟି ସୁପରଭାଇଜର ରହିଛନ୍ତି। ତେଣୁ ଏତେ ସଂଖ୍ୟକ ଅଙ୍ଗନବାଡ଼ି କେନ୍ଦ୍ରର ତଦାରଖରେ ସମସ୍ୟା ସୃଷ୍ଟି ହେଉଛି। ଏଥିନେଇ ସିଡିପିଓ କାଞ୍ଚନ ରାଣି ପଣ୍ଡା କହିଛନ୍ତି ଯେ, ଜୟପୁର ପୌରସଂସ୍ଥା ଏବଂ ବ୍ଲକରେ ଅଙ୍ଗନବାଡ଼ି କେନ୍ଦ୍ର ଭବନ ନିର୍ମାଣ, ପଦବୀ ପୂରଣ ନିମନ୍ତେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ସେହିପରି ଜମି ପ୍ରଦାନ ନେଇ ଗତ ବର୍ଷ ନଭେମ୍ବର ୨୯ ଏବଂ ଚଳିତ ବର୍ଷ ମାର୍ଚ୍ଚ ୪ ତାରିଖରେ ଦୁଇଟି ପତ୍ର ଜୟପୁର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

THE BISRA STONE LIME COMPANY LTD.
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
Statement of Financial Results For the Quarter Ended 30th June 2025
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

### ମାସେ ବିତିବାକୁ ବସିଲାଣି; ବାରମ୍ବାର ବଦଳୁଛି ତାରିଖ

# ହୋଇପାରିଲାନି ଜିଲ୍ଲା ପରିଷଦ ସମନ୍ୱୟ ବୈଠକ

ନୟାଗଡ଼, ୧୨।୮ (ସମିସ)

ନୟାଗଡ଼ ଜିଲ୍ଲା ପରିଷଦ ୧୦ମ ସାଧାରଣ ଅଧିବେଶନ ଗତ ଜୁଲାଇ ୧୮ ତାରିଖରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକକୁ ଜିଲ୍ଲା ପରିଷଦ ସଦସ୍ୟମାନେ ନ ଆସି ଆର୍‌ଡି କାର୍ଯ୍ୟାଳୟ ସଭାଗୃହରେ ବୈଠକ କରିଥିଲେ। ଦୀର୍ଘ ସମୟ ବୁଝାଶୁଝା ପରେ ସଦସ୍ୟମାନେ ଆସିଥିଲେ ବି ଅସନ୍ତୁଷ୍ଟ ଅବସ୍ଥାରେ ଉଠି ଚାଲି ଯାଇଥିଲେ। ବିଗତ ଦିନରେ ୯ଟି ସାଧାରଣ ସଭାରେ ହୋଇଥିବା ନିଷ୍ପତ୍ତି ଠିକ ଭାବେ କାର୍ଯ୍ୟକାରୀ ହୋଇନଥିବା, ଜିଲ୍ଲା ପରିଷଦ ସଦସ୍ୟଙ୍କୁ ଅଣଦେଖା କରାଯାଉଥିବା, ସରକାରୀ ସ୍ତରରେ ହେଉଥିବା ଶିଳାନ୍ୟାସ ଓ ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଫଳକରେ ସଦସ୍ୟଙ୍କ ନାଁ ରଖା ଯାଉନଥିବା ସଦସ୍ୟମାନେ ଅଭିଯୋଗ କରିଥିଲେ। ଏହାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ଆହ୍ୱାନ କ୍ରମେ ବରିଷ୍ଠ ସଦସ୍ୟ ରାମେଶ୍ୱର ଶତପଥି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଯାହାକୁ ନେଇ ଜିଲ୍ଲାପାଳ ତା' ପର ବୁଧବାର ଏକ ସମନ୍ୱୟ ବୈଠକ କରାଯାଇ ଏ ସମସ୍ତ ବିଷୟ ଆଲୋଚନା କରିବାକୁ ପ୍ରସ୍ତାବ ଦେଇଥିଲେ। ଏହା ମଧ୍ୟରେ ୪ଟି ବୁଧବାର ଅତିକ୍ରାନ୍ତ ହୋଇ ସାରିଥିବା ବେଳେ ସମନ୍ୱୟ ବୈଠକ ବସି ପାରିନଥିବା ଜଣାପଡ଼ିଛି। ଜିଲ୍ଲା ସମସ୍ତ ବିଧାୟକ, ଜିଲ୍ଲା ପରିଷଦ ସଦସ୍ୟ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବୈଠକ ବସିବା ପାଇଁ ଯଦି ମାସେ ସମୟ ଲାଗୁଛି, ତେବେ ବିକାଶ ମୂଳକ କାର୍ଯ୍ୟ କେଉଁ ଭଳି ଜିଲ୍ଲାରେ ଚାଲିଥିବା ତାହା ବେଶ ବୁଝାପଡୁଛି। ବାରମ୍ବାର ବୈଠକ ବସିବା ପାଇଁ ସ୍ଥିର ହୋଇ ତାହାକୁ ବାତିଲ କରାଯାଉଥିବା ଜନୈକ ସଦସ୍ୟ କହିଛନ୍ତି। ଏହା ପଛରେ କି କାରଣ ରହିଛି ଏବଂ କାହା ସ୍ୱାର୍ଥରେ ବାଧା ସୃଷ୍ଟି ହେଉଛି ବୋଲି ମତ ପ୍ରକାଶ ପାଇଛି। ନୟାଗଡ଼ ଜିଲ୍ଲା ବିକାଶରେ ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଜିଲ୍ଲା ପରିଷଦ ରହିଛି। ଜିଲ୍ଲା ପରିଷଦ ବୈଠକରେ ଅନେକ ପ୍ରସ୍ତାବ ପାରିତ ହୋଇଥିବା ବେଳେ ତାହା କାର୍ଯ୍ୟକାରୀ ହୋଇପାରୁନି। ଅନେକ ପ୍ରସ୍ତାବ ମଧ୍ୟରୁ ବନବିଭାଗ କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ସୁପାରିଶ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହୋଇଥିବା ବେଳେ ଏହି ନିଷ୍ପତ୍ତିକୁ ଚାପି ଦିଆଯାଇଛି। ସେହିଭଳି ଭାବେ ଅନେକ ନିଷ୍ପତ୍ତିକୁ ଆଲୋଚନା କରାଯାଉଥିବା ବେଳେ ରିଜୋଲେସନରେ ତାହାକୁ ଉଲ୍ଲେଖ କରାଯାଉନଥିବା ଗତ ବୈଠକରେ ବରିଷ୍ଠ ସଦସ୍ୟ ଅଭିଯୋଗ କରିଥିଲେ। ଜିଲ୍ଲା ପରିଷଦ ବୈଠକ ଆଲୋଚନା ଓ କାର୍ଯ୍ୟକୁ ଲକ୍ଷ୍ୟ କଲେ ଅନେକ ଫରକ ଦେଖିବାକୁ ମିଳୁଛି। ଜିଲ୍ଲାରେ ପ୍ରଶାସନିକ ଅଧିକାରୀ ଓ ରାଜନେତାଙ୍କ ମଧ୍ୟରେ ସମନ୍ୱୟ ଅଭାବ ବଡ଼ ସମସ୍ୟା ସୃଷ୍ଟି କରିଛି। ଭାପୁର ବ୍ଲକରେ ବିଡିଓଙ୍କ ମନମୁଖୀ କାର୍ଯ୍ୟକୁ ନେଇ ଦିନକୁ ଦିନ ଜନଅସନ୍ତୋଷ ସୃଷ୍ଟି ହେଉଥିଲେ ମଧ୍ୟ ଏହାକୁ ଗୁରୁତ୍ୱ ଦିଆ ଯାଉନାହିଁ। ବିଜେପି ଦଳର କିଛି ନିର୍ବାଚିତ ଓ ଅଣନିର୍ବାଚିତ ନେତାଙ୍କ ପ୍ରରୋଚନାରେ ପ୍ରଶାସନ ପରିଚାଳିତ ହେଉଥିବା ବେଳେ ସାଧାରଣ ଲୋକଙ୍କ ସମସ୍ୟା ଓ ଜିଲ୍ଲା ବିକାଶ କେବଳ ଯୋଜନାରେ ସୀମିତ ରହିଯାଉଛି। ଯାହାକୁ ଆଲୋଚନା କରିବା ପାଇଁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ମଧ୍ୟ କେବେ ସମନ୍ୱୟ ବୈଠକ ବସିବ ତାକୁ ନେଇ ଦ୍ୱନ୍ଦ ସୃଷ୍ଟି ହୋଇଛି।

### ■ ଓଡ଼ଗାଁ ଡବଲ ମର୍ଡର ମାମଲା

## ଫାଶୀଦଣ୍ଡ କୋହଳ କଲେ ହାଇକୋର୍ଟ

କଟକ,୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ଦୁଇଜଣଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ନିରଞ୍ଜନ ମଲ୍ଲିକକୁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଫାଶୀ ଦଣ୍ଡାଦେଶକୁ ଆଜି ହାଇକୋର୍ଟ କୋହଳ କରିଛନ୍ତି। ଅଭିଯୁକ୍ତକୁ ଭାରତୀୟ ପିଙ୍ଗଳ କୋଡ୍(ଆଇପିସି) ଧାରା ୩୦୭/୩୨୫/୩୨୬ ଓ ୪୫୮ରେ ଓଡ଼ଗାଁ ଅତିରିକ୍ତ ଦୌରା ଅଦାଲତଙ୍କ ୨୦୨୪ ଏପ୍ରିଲ୨୪ର ଦଣ୍ଡାଦେଶ ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି। ଅନ୍ୟପଟରେ ଆଇପିସିର ଦଫା ୩୦୨ରେ ଫାଶୀ ଦଣ୍ଡ ବଦଳରେ ଅଭିଯୁକ୍ତକୁ ଯାବତ୍‌ଜୀବନ ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ଅଭିଯୁକ୍ତ ଓଡ଼ଗାଁ କୁଶଢ଼ିପି ଗ୍ରାମର ନିରଞ୍ଜନ ମଲ୍ଲିକ ପକ୍ଷରୁ ଓଡ଼ଗାଁ ଅତିରିକ୍ତ ଦୌରାଜଜ୍‌ଙ୍କ ଦୋଷୀ ସାବ୍ୟସ୍ତ ଓ ଫାଶୀ ଦଣ୍ଡାଦେଶକୁ ଚାଲେଞ୍ଜ କରି ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ବି.ପି ରାଉତରାୟ ଓ ଜଷ୍ଟିସ ଚିତ୍ତରଂଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଅଭିଯୁକ୍ତ ଆବେଦନକାରୀ ପାଇଁ ଜୀବନକାଳର ଅନ୍ତ ପର୍ଯ୍ୟନ୍ତ ଆଜୀବନ ଜେଲଦଣ୍ଡ ଉଦ୍ଦିଷ୍ଟ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଅନ୍ୟପଟରେ ମୃତକଙ୍କ ପରିବାରକୁ ୫ଲକ୍ଷ ଟଙ୍କା ଲେଖାଁଏ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିମ୍ନ ଅଦାଲତ ପ୍ରଦାନ କରିଥିବା ଆଦେଶକୁ ହାଇକୋର୍ଟ କାଏମ ରଖିଛନ୍ତି।

**● ଯାବତ୍‌ଜୀବନ ଜେଲ୍‌ରେ ରହିବେ ଦୋଷୀ**

ମାମଲାରୁ ପ୍ରକାଶ, ଗତ ୨୦୧୯ ଜାନୁଆରି ୧୭ତାରିଖ ରାତିରେ ଓଡ଼ଗାଁ ପରିବା ମାର୍କେଟ୍‌ରେ ରାତ୍ର ଜଗୁଆଳ ଥିବା ଲୋଚନ ସେଠୀ ଓ ଓଡ଼ଗାଁର ଏକ ଘରୋଇ କ୍ଲିନିକ ପରିସରରେ ଅନ୍ୟ ଜଣେ ବୃଦ୍ଧା ବଦାନୀ ପ୍ରଧାନଙ୍କୁ ନିଶାସକ୍ତ ଅବସ୍ଥାରେ ନିରଞ୍ଜନ କାଠଫାଳିଆରେ ପିଟି ହତ୍ୟା କରିବା ସହ ବଦାନିଙ୍କ ଗର୍ଭବତୀ ଝିଅଙ୍କ ସମେତ ଆଉ ଦୁଇ ଜଣଙ୍କୁ ଆହତ କରିଥିବା ନେଇ ଅଭିଯୋଗ ହୋଇଥିଲା। ୨୦୨୪ ଏପ୍ରିଲ୨୪ରେ ଅଭିଯୁକ୍ତକୁ ୨୭ଜଣ ସାକ୍ଷୀଙ୍କ ବୟାନ ଓ ୯୨ଟି ଦସ୍ତାବିଜ୍ ପ୍ରମାଣ ଆଧାରରେ ଓଡ଼ଗାଁ ଅତିରିକ୍ତ ଦୌରାଜଜ୍ ଫାଶୀଦଣ୍ଡ ପ୍ରଦାନ କରିଥିଲେ।

## ମହିଳାଙ୍କ ଗଳାକାଟି ହତ୍ୟା ମାମଲା

### ■ ଆଉ ଜଣେ ଗିରଫ

ଭାପୁର, ୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ଗ୍ରାମରେ ମହିଳାଙ୍କ ଗଳାକାଟି ହତ୍ୟାକାଣ୍ଡ ନୂଆ ମୋଡ଼ ନେଇଛି। ପୂର୍ବରୁ ୨ ଜଣ ଗିରଫ ହୋଇଥିଲା ବେଳେ ଗତକାଲି ଆଉ ଜଣେ ଗିରଫ ହୋଇଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି। ଭାପୁର ପଞ୍ଚାୟତ ଭାପୁର ମହୋତ୍ସବ ପଡ଼ିଆ ନିକଟରେ ରହୁଥିବା ଭାପୁର ଗ୍ରାମର ସ୍ୱର୍ଗତ ମିଟୁ ବେହେରାଙ୍କ ବିଧବା ପତ୍ନୀ ଜୟନ୍ତୀ ବେହେରାଙ୍କୁ ତାଙ୍କର ଦୁଇ ନାବାଳକ ପିଲାଙ୍କ ସମ୍ମୁଖରେ ରବିବାର ରାତିରେ ଗଳାକାଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ସେହି ରାତିରେ କଟକ ଜିଲ୍ଲା ବୈଦେଶ୍ୱର ଥାନା ବୈଦେଶ୍ୱର ଗ୍ରାମର ଜୟନ୍ତୀଙ୍କ ସମ୍ପର୍କୀୟ ଦିଅର ମନୋଜ ବେହେରା ଓ ତାର ସହଯୋଗୀ ରାଜା ଗିରଫ ହୋଇଛନ୍ତି। ସେମାନଙ୍କୁ ପଚରାଉଚରା ପରେ ସେହି ବୈଦେଶ୍ୱର ନିକଟସ୍ଥ ଜଣେ ଯୁବକଙ୍କୁ ସୋମବାର ରାତିରେ ପୁଲିସ ଉଠାଇ ଆଣି ତଦନ୍ତ ଚଳାଇଛି। ପୂର୍ବରୁ ଏହି ହତ୍ୟାକାଣ୍ଡ ଅନୈତିକ ସମ୍ପର୍କରୁ ହୋଇଥିବା ଜଣାପଡୁଥିଲା ବେଳେ ବର୍ତ୍ତମାନ ଏହା ନୂଆ ମୋଡ ନେଇଛି। ବର୍ତ୍ତମାନ ପୁଲିସ ଅଧିକ କିଛି କହିବାକୁ ମନା କରୁଥିବା ବେଳେ ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ତାହା ଦିନେ ଦୁଇ ଦିନ ଭିତରେ ପରବର୍ତ୍ତୀ ତଦନ୍ତରେ ଜଣାପଡ଼ିବ ବୋଲି କୁହାଯାଉଛି।

## ୨୮ ଲିଟର ଦେଶୀ ମଦ ୨ ଗିରଫ

ଭାପୁର, ୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଞ୍ଚଳରେ ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଅବକାରୀ ବିଭାଗ ଚଢ଼ଉ କରି ୨୮ ଲିଟର ଚୋରା ଦେଶୀ ମଦ ଜବତ କରିବା ଦୁଇ ଜଣଙ୍କୁ ଗିରଫ କରିଛି। ଫତେଗଡ଼ ଥାନା ପୁରୁଷୋତ୍ତମ ପୁର ଗ୍ରାମରେ ଚଢ଼ଉ କରି୧୫ ଲିଟର ଦେଶୀ ମଦ ଜବତ କରିବା ସହ ମୃତ୍ୟୁଞ୍ଜୟ ତ୍ରିପାଠୀଙ୍କୁ ଗିରିଫ କରାଯାଇଛି। ସେହିପରି ଏହି ଥାନା ପଥରଚକଡା ଗ୍ରାମରେ ଚଢାଉ କରି ୧୩ ଲିଟର ଦେଶୀ ମଦ ଜବତ କରିବା ସହ ଆରତ ରାଉତଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଏହି ଚଢଉରେ ଖଣ୍ଡପଡ଼ା ଅବକାରୀ ଅଧିକାରୀ ଦୀପକ କୁମାର ଜେନା, ଲକ୍ଷ୍ମୀଧର ବେହେରା, ପ୍ରତ୍ୟୁଷ ରଞ୍ଜନ ଦେହୁରୀ ଓ ମିତାରାଣୀ ନାୟକ ଭାଗ ନେଇଥିଲେ।

## ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭାପୁର, ୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ଭ୍ରମର ରଣା(୬୫) ପାଞ୍ଚ ଦିନ ପୂର୍ବେ ନିଖୋଜ ଥିଲେ। ତାଙ୍କର ମୃତଦେହ କାଠଯୋଡ଼ି ନଦୀର ବୟାଳିସ ମୌଜାଠାରୁ ଉଦ୍ଧାର ହୋଇଛି। ବିଜୟନଗର ଗ୍ରାମର ଭ୍ରମର ରଣାଙ୍କ ମୁଣ୍ଡ କିଛି ଦିନ ହେଲା ଖରାପ ଥିଲା। ତାଙ୍କ ଚିକିତ୍ସା କରାଇବା ପାଇଁ ପାଞ୍ଚ ଦିନ ପୂର୍ବେ ତାଙ୍କର ବଡ଼ପୁଅ ଓ ସ୍ତ୍ରୀ କଟକ ବଡ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ଡାକ୍ତରଖାନାରୁ ବାଦାମବାଡି ବସ୍‌ଷ୍ଟାଣ୍ଡ ଆସିବା ପାଇଁ ଏକ ଅଟୋରେ ସମସ୍ତେ ଆସିଥିଲେ। ପୁଅ ଅଟୋ ବାଲାକୁ ଭଡ଼ା ଦେଉଥିବା ସମୟରେ ବାପା କେଉଁ ଆଡ଼େ ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ଭ୍ରମରଙ୍କ କୌଣସି ପତ୍ତା ମିଳିନଥିଲା। ମଙ୍ଗଳବାର ଭ୍ରମରଙ୍କ ମୃତଦେହ କାଠଯୋଡ଼ି ନଦୀର ବୟାଳିସ ମୌଜା ଠାରୁ ଉଦ୍ଧାର କରାଯାଇଥିଲା। କଟକରେ ଶବ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ଗାଁରେ ଶବ ପହଞ୍ଚିଥିଲା।

## କିଡ୍‌ନୀ ରୋଗରେ ଯୁବକ ମୃତ

କଣ୍ଟିଲୋ, ୧୨।୮ (ସମିସ): କଣ୍ଟିଲୋ ହାଟମୁଣ୍ଡ ପାଟଣାର ଜନୈକ ଯୁବକ କାହ୍ନା ସାଥୁଆ (୨୪)ଙ୍କ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଇଛନ୍ତି। ସେ ପୁରୀର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ୬ବର୍ଷ ପୂର୍ବେ ବାପାଙ୍କ ପରଲୋକ ପରେ କାହ୍ନା ପାଠ ପଢ଼ାରେ ଡୋରି ଲାଗିଥିଲା। ବିଧବା ମା', ଭଉଣୀ ଓ ଛୋଟ ସାନ ଭାଇଙ୍କୁ ପ୍ରତିପୋଷଣ ପାଇଁ କଲେଜ ପାଠପଢ଼ା ଛାଡି ବ୍ୟବସାୟ ପ୍ରତିଷ୍ଠାନରେ କାମ କରୁଥିଲେ। କିଡ୍‌ନୀ ରୋଗରେ ପଡ଼ିବା ପରେ ଚିକିତ୍ସାରେ ସର୍ବସ୍ୱାନ୍ତ ପରିବାର ଏବେ କାହ୍ନାଙ୍କ ମୃତ୍ୟୁ ପରେ ମୁଣ୍ଡରେ ହାତ ଦେଇ କାହ୍ନା କୁ ଝୁରୁଛନ୍ତି। ବିଧବା ମା' ବର୍ତ୍ତମାନ କଲେଜ ପଢୁଆ ଝିଅ ଓ ୧୦ମ ଶ୍ରେଣୀରେ ପଢୁଥିବା ସାନ ପୁଅକୁ କିଭଳି ପ୍ରତିପୋଷଣ କରିବେ ସେହି ଚିନ୍ତାରେ। ତାଙ୍କୁ ସରକାରୀ ସହାୟତା ପାଇଁ ଦାବି ହେଉଛି।

## ରାମଚନ୍ଦ୍ର ପ୍ରାଣବନ୍ଧୁ ବିଦ୍ୟାପୀଠରେ ସଂସ୍କୃତ ଦିବସ



ଗଣିଆ, ୧୨।୮ (ସମିସ): ରାମଚନ୍ଦ୍ର ପ୍ରାଣବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ରାସଂଗରେ ବିଶ୍ୱ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ପଣ୍ଡିତ ଅଜିତ କୁମାର ନାୟକ ସଂଯୋଜନାରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ସଂସ୍କୃତ ଓ ସଂସ୍କୃତି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ବୋଲି ସଭାର ସଭାପତି ଭାଗୀରଥି ଜାନି ମତ ରଖିଥିଲେ। ବରିଷ୍ଠ ଶିକ୍ଷକ ଦଣ୍ଡଧର ରାଉତଙ୍କ ସଂଗ୍ରାମୀ ଭାଷଣ ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇଥିଲା। ସଂଘର୍ଷରତ ସଂସ୍କୃତ ଭାଷାର ସୁରକ୍ଷା ପାଇଁ ଭାଷା ଆନ୍ଦୋଳନରେ ଛାତ୍ରଛାତ୍ରୀ ସୈନିକ ହେବାକୁ ଶିକ୍ଷକ ଦୀପକ କୁମାର କୁଅଁର ପରାମର୍ଶ ଦେଇଥିଲେ। ଦଶମ ଶ୍ରେଣୀର ଛାତ୍ରୀ କୃଷ୍ଣା ମୁଦୁଲିଙ୍କ ସଂସ୍କୃତ ଭାଷାରେ ଭାଷଣ ସମସ୍ତଙ୍କ ମନକୁ ଛୁଇଁଥିଲା। ଛାତ୍ରଛାତ୍ରୀଙ୍କ ସଂସ୍କୃତ ଶ୍ଳୋକ ଉଚ୍ଚାରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ପ୍ରଶଂସାଯୋଗ୍ୟ ହୋଇଥିଲା। ଶିକ୍ଷକ ବିଶ୍ୱମ୍ବର ବେହେରା, ବିଶ୍ୱକର୍ମା କହଁର ଏବଂ ଶିକ୍ଷୟିତ୍ରୀ ଅନିତା ମହାପାତ୍ର, ଲୋପାମୁଦ୍ରା ବେହେରା ଓ ମୋନାଲିସା ରାଉତ କର୍ଯ୍ୟକର୍ମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶିକ୍ଷୟିତ୍ରୀଙ୍କ ମାଡ଼ରେ ଆଦର୍ଶ ବିଦ୍ୟାଳୟ ଛାତ୍ରୀ ଆହତ

ଦଶପଲ୍ଲା, ୧୨।୮ (ସମିସ): ଦଶପଲ୍ଲା ବ୍ଲକର ଦ୍ୱାରଗାଁରେ ଅବସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଜନୈକା ଶିକ୍ଷୟିତ୍ରୀଙ୍କ ମାଡ଼ରେ ଦଶମ ଶ୍ରେଣୀର ଜନୈକା ମେଧାବୀ ଛାତ୍ରୀ ପ୍ରଜ୍ଞା ସିଂ ଆହତ ହୋଇଥିବା ଜଣାଯାଇଛି। ଏଥି ନେଇ ଛାତ୍ରୀଙ୍କ ଅଭିଭାବକ ଅରୁଣ ସିଂ ଅନୁଷ୍ଠାନର ଅଧ୍ୟକ୍ଷ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅବଗତ କରିଛନ୍ତି। ଏହାର କିଛି ସୁଫଳ ନ ମିଳିବାରୁ ସେ ନୟାଗଡ଼ ଜିଲ୍ଲାପାଳ, ଜିଲ୍ଲା ଶିକ୍ଷାଧିକାରୀ, ରାଜ୍ୟ ଗଣଶିକ୍ଷା ସଚିବ ଓ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ସହିତ ଗଣମାଧ୍ୟମକୁ ଜଣାଇଛନ୍ତି।

ସୂଚନାରୁ ପ୍ରକାଶ ଯେ ଗତକାଲି ଚତୁର୍ଥ ପିରିୟଡ଼ ଜୀବବିଜ୍ଞାନ ପାଠ୍ୟକ୍ରମ ଜାରି ରହିଥିବା ବେଳେ ବିଭାଗୀୟ ଶିକ୍ଷୟିତ୍ରୀ ପ୍ରୀତି ସାଗରିକା ପଣ୍ଡା ପୀଡିତା ଛାତ୍ରୀଙ୍କୁ ପ୍ରବଳ ମାଡ଼ ମାରିଥିଲେ। ମାଡରେ ଛାତ୍ରୀ ଜଣକ କାନ, ମୁଣ୍ଡ ଓ ମୁହଁରେ ଆଘାତ ପାଇଥିବା ସହିତ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏଥିନେଇ ଛାତ୍ରୀ ଜଣକ ଘରକୁ ଫେରି ଅସୁସ୍ଥ ଅନୁଭବ କରିବା ସହିତ ଜ୍ୱରାକ୍ରାନ୍ତ ହୋଇଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ବର୍ତ୍ତମାନ ଛାତ୍ରୀ ଜଣକ ଚିକିତ୍ସାଧୀନ ଥିବା ଜଣାଯାଇଛି। ତେବେ ଏଥି ନେଇ ଗାଷ୍ଟୀ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯିବାରେ ସେ ଅଭିଯୋଗ ଅନୁସାରେ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି। ତେବେ ଅନୁସନ୍ଧାନରୁ ଜଣାଯାଇଛି ଯେ ଛାତ୍ରୀ ଜଣକ ସମ୍ପୃକ୍ତ ବିଷୟରେ କମ ନମ୍ବର ରଖିଥିବାରୁ ଶିକ୍ଷୟିତ୍ରୀ ଜଣକ ମାଡ଼ ମାରି ତାଗିଦ କରିବାକୁ ଯାଇ କଠୋର ହୋଇଥିବା ନେଇ ଅନୁତପ୍ତ ବୋଲି ନିଜସ୍ୱ ପ୍ରତିକ୍ରିୟା ରଖିଥିବା ବେଳେ ଏହାକୁ ନେଇ ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି।

## ଜାତୀୟ କୃମି ନାଶକ ଦିବସ



ନୟାଗଡ଼, ୧୨।୮ (ସମିସ): ଜାତୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ନୟାଗଡ଼ ଖଣ୍ଡପଡ଼ା ରୋଡ଼ରେ ଅବସ୍ଥିତ ପିୟୁପିଏସ୍‌ରେ ଏହି କାର୍ଯ୍ୟ ଶୁଭାରମ୍ଭ ହୋଇଯାଇଛି। ଏଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ସୁଶାନ୍ତ ଦାସ, ଜିଲ୍ଲା ପରିବାର ଓ କଲ୍ୟାଣ ଅଧିକାରୀ ଡ. ପ୍ରସନ୍ନ ପ୍ରସାଦ ସାହୁ, ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରକାଶ ବାନାର୍ଜୀଗୋଷ୍ଠୀ ସ୍ୱାସ୍ଥ୍ୟ ତଥା ଅନ୍ୟ ସ୍ୱାସ୍ଥ୍ୟ ଏବଂ ଶିକ୍ଷ୍ୟା ବିଭାଗ ଅଧିକାରୀମାନେ ଉପସ୍ଥିତି ଥିଲେ। ଏହି ସ୍କୁଲରେ ମୋଟ ୧୨୩ ଜଣ ଛାତ୍ର ଓ ଛାତ୍ରୀ ଆଜି କୃମିନାଶକ ବଟିକା ସେବନ କରିଥିବା ବେଳେ ଜିଲ୍ଲାରେ ସମୁଦାୟ ୩, ୩୨, ୯୪୬ ଜଣ ୧-୧୯ ବର୍ଷ ବୟସ ପିଲା ଏବଂ ୨୦-୨୪ ବର୍ଷ ବୟସରେ ପ୍ରସୂତି ଓ ପ୍ରଜନନ ନଥିବା ବର୍ଗ ମହିଳାମାନେ ଏହି ଔଷଧ ନେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୧-୫ ବର୍ଷ ଛୁଆ ସିରପ୍ ଖାଇବେ ଓ ଅନ୍ୟମାନେ ବଟିକା ଖାଇବେ। ଏହି କାର୍‌ୟକ୍ରମକୁ ଜିଲ୍ଲା ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଅଧିକାରୀ ଆଶିଷ କୁମାର ମହାନ୍ତି ପରିଚାଳନା କରିଥିଲେ। ଯିଏ ଆଜି କୃମିନାଶକ ଔଷଧ ଖାଇବାରୁ ବଞ୍ଚିତ ହେଇଥିବ, ସେ ଆସନ୍ତା ଅଗଷ୍ଟ ମାସ ୧୯ ତାରିଖରେ ନିକଟସ୍ଥ ବିଦ୍ୟାଳୟ କିମ୍ବା ଅଙ୍ଗନବାଡ଼ି କେନ୍ଦ୍ରରେ ଖାଇ ପାରିବ।

### ■ ସେବକ ସୁଆର ପରିଷଦର ଧାରଣା

## ଖେଚୁଡ଼ି ଭୋଗ ନୀତି ୨ ଘଣ୍ଟା ବିଳମ୍ବ



ଓଡଗାଁ, ୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀ ରଘୁନାଥଜିଉ ମନ୍ଦିର ପୂଜକ ଓ ସୁଆର ସେବକ ପରିଷଦ ମଙ୍ଗଳବାର ବିଭିନ୍ନ ପୂର୍ବ ଅଭିଯୋଗ ନେଇ ହଠାତ୍ ଧାରଣାରେ ବସିବାରୁ ସକାଳ ୧୦ରେ ହେବାକୁ ଥିବା ଖେଚୋଡି ଭୋଗ ନୀତି ୨ ଘଣ୍ଟା ବିଳମ୍ବ ଅର୍ଥାତ୍ ୧୨ ବେଳେ ଅନୁଷ୍ଠିତ ହୋଇଥିବା ବେଳେ ଅନ୍ୟାନ୍ୟ ସମସ୍ତ ନୀତି ସେହି ଅନୁପାତରେ ବିଳମ୍ବ ହୋଇଥିଲା। ସୂଚନା ଥାଉକି ପୂଜକ ସୁଆର ସେବକ ତରଫରୁ ବିଭିନ୍ନ ୭ ଦାବିନେଇ ଭଞ୍ଜ ମଣ୍ଡପରେ ଧାରଣାରେ ବସିଥିଲେ। ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ର ଏବଂ ପୂର୍ବତନ ଓଡ଼ଗାଁ ଗ୍ରାମ ପଞ୍ଚାୟତ ସରପଞ୍ଚ ଧାରଣା ସ୍ଥଳରେ ପହଁଚି ବୁଝାଶୁଝା କଲା ପରେ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ପରେ ଓଡ଼ଗାଁ ତହସିଲଦାର ଡ. ମାନସ ରଞ୍ଜନ ଭୋଇ ମନ୍ଦିରରେ ପହଁଞ୍ଚି ଦାବି ଗୁଡ଼ିକ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ସହ ଆଲୋଚନା କରି ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଥିଲେ।

## ସମୂହ ଛୁଟିରେ ରାଜସ୍ୱ ଅମଲା ସଂଘ

ଦଶପଲ୍ଲା, ୧୨।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ଡାକରାରେ ଦଶପଲ୍ଲା ତହସିଲ କାର୍ଯ୍ୟାଳୟର ସମସ୍ତ ଅମଲା ସାମିଲ ହେବା ସହିତ ଗତକାଲି ଠାରୁ ସମୂହ ଛୁଟିରେ ଅଛନ୍ତି। ଫଳରେ ତହସିଲର ସମସ୍ତ ବିଭାଗୀୟ ତଥା ଆନୁସଙ୍ଗିକ କାର୍ଯ୍ୟ ଠପ ହୋଇପଡ଼ିଛି। ଗତକାଲି ନୟାଗଡ଼ ଜିଲ୍ଲା ସଦର ମହକୁମା ରେ ସମସ୍ତ କର୍ମକର୍ତ୍ତା ସାମିଲ ହେବା ସହ ଆଜିଠାରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସମୂହ ଧାରଣାରେ ବସି ରହିଛନ୍ତି। ତେବେ କର୍ମଚାରୀମାନଙ୍କର ୧୦ଟି ନ୍ୟାଯ୍ୟ ଓ ମୌଳିକ ଅଧିକାର ପ୍ରତି ରାଜ୍ୟ ସରକାର ଉଦାସୀନ ଥିବା ଓ ବିଗତ ଦିନର ପ୍ରତିଶ୍ରୁତି ପୂରଣ କରିବାରେ ଅବହେଳା ବିରୁଦ୍ଧରେ ଏହି ୧୦ ଦଫା ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସମ୍ପାଦକ ନରେଶ ଚନ୍ଦ୍ର ମହାପାତ୍ର ଜଣାଇଛନ୍ତି। ଏହି ଧାରଣାରେ ଦଶପଲ୍ଲା ବ୍ଲକ ସମେତ ଶିଶୁ ବିକାଶ ଯୋଜନା କର୍ମଚାରୀ ମାନେ ମଧ୍ୟ ସାମିଲ ହୋଇଥବା ଜଣାଯାଇଛି।

## ପରିପୂର୍ତ୍ତି ସଚେତନତା କର୍ମଶାଳା

ଓଡଗାଁ, ୧୨।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ରଙ୍ଗଣିପାଟଣା ସଭାଗୃହରେ ଗ୍ରାମପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼ ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ଲୋହିତ ନନ୍ଦ, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଲକ୍ଷ୍ମୀଧର ସୁବୁଦ୍ଧି, ସରପଞ୍ଚ ସସ୍ମିତା ପାତ୍ର, ଆର୍ମି ଭେଟେରାନ ତଥା ବରିଷ୍ଠ ସାମ୍ବାଦିକ ଆଦର୍ଶ କୁମାର ପଟ୍ଟନାୟକ, ସାମ୍ବାଦିକ ସଙ୍ଘ ସଭାପତି ଅଶୋକ କୁମାର ମହାପାତ୍ର ମଞ୍ଚାସୀନ ଥିଲେ। ଏଥିରେ ପ୍ରଥମେ ବ୍ୟାଙ୍କ ସମନ୍ୱୟ ସଂଯୋଜିକା ଗାୟତ୍ରୀ ରଥ ବିଭିନ୍ନ ବ୍ୟାଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ସମସ୍ତ ଜନସୁରକ୍ଷା ଯୋଜନା ଓ ଏହାର ସଙ୍ରକ୍ଷଣ ସମ୍ପର୍କରେ ଉପସ୍ଥିତ ମହିଳାମାନଙ୍କୁ ବୁଝାଇଥିଲେ। ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ନିଷ୍କ୍ରିୟ ଜମା ଖାତାକୁ ପୁନଃ ପ୍ରମାଣୀକରଣ ସହିତ ଡିଜିଟାଲ ଠକେଇରୁ ବର୍ତ୍ତିବା ନିମନ୍ତେ ବ୍ୟାଙ୍କ ଅଧିକାରୀ ଏବଂ ଅନ୍ୟ ଅତିଥି ମାନେ ଆଦୌ ଓଟିପି କୌଣସି ଅଜଣା ବ୍ୟକ୍ତିଙ୍କୁ ନଦେବା ସମ୍ପର୍କରେ ପରାମର୍ଶ ଦେଇଥିଲେ।

## ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାରୋହ




ଖଣ୍ଡପଡ଼ା, ୧୨।୮ (ସମିସ): ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ସମାରୋହ ପାଳିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ସଂସ୍କୃତ ବିଭାଗ ମୁଖ୍ୟ ଡ. ରବୀନ୍ଦ୍ର କୁମାର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱଚ୍ଛସଲିଳା ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ଗରିମା ଏବଂ ସାମ୍ପ୍ରତିକ ସମାଜରେ ଏହାର ଉପଯୋଗୀତା ବାବଦରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଅଧ୍ୟାପକ ଭାଗୀରଥି ମହାରଣା ସଂସ୍କୃତ ହିଁ ସଂସ୍କୃତିର ମୂଳମନ୍ତ୍ର ତଥା ଇଂରାଜୀ ଭାଷା ସହ ଏହି ଭାଷାର ସମ୍ବନ୍ଧ ବାବଦରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ପ୍ରବନ୍ଧ, ଗୀତାବୃତ୍ତି, ସଂସ୍କୃତ ସମ୍ଭାଷଣ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭାଗୀୟ ଅଧ୍ୟାପକ ଚଣ୍ଡୀଚରଣ ରଥ, ଇତିଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରିଥିବା ବେଳେ ଅଧ୍ୟାପକ ସର୍ବେଶ୍ୱର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

### ପୂର୍ତ୍ତ ବିଭାଗର ନିଘା ନାହିଁ

## ନୟାଗଡ଼ରୁ ଭଞ୍ଜନଗର ରାଜପଥ ସଙ୍କୁଚିତ

ଓଡ଼ଗାଁ, ୧୨।୮ (ସମିସ)



ନୟାଗଡ଼ ଜିଲ୍ଲା ସଦରମହକୁମାଠାରୁ ଓଡ଼ଗାଁ ବ୍ଲକ ମଧ୍ୟ ଦେଇ ଭଞ୍ଜନଗର ଅଭିମୁଖେ ଯାଇଥିବା ରାଜ୍ୟ ୨୧ ନମ୍ବର ରାଜ୍ୟ ରାଜପଥର ଉଭୟ ପାର୍ଶ୍ୱ ଦିନକୁ ଦିନ ସଙ୍କୁଚିତ ହେବାରେ ଲାଗିଛି। ବିଶେଷକରି ହରିହର ପୁର ଛକ ନିକଟ ବ୍ରିଜ୍ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଫଳରେ ଯାନବାହାନ ଓ ସାଧାରଣ ଗମନାଗମ ନେଇ ବିଶେଷ ସମସ୍ୟା ଦେଖାଦେଇଛି। ଖବର ଅନୁସାରେ ନୟାଗଡ଼ ଭଞ୍ଜନଗର ରାଜ୍ୟ ରାଜପଥ ଏକ ପୁରାତନ ଓ ଗୁରୁତ୍ୱପୂର୍ଣ୍ଣ ପଥ ଭାବେ ପରିଚିତ। ପ୍ରତ୍ୟେହ ଏହି ରାସ୍ତା ଦେଇ ଭୁବନେଶ୍ୱର ଏବଂ ବିଭିନ୍ନ ଜିଲ୍ଲା ମହକୁମାରୁ ଶହ ଶହ ସରକାରୀ ଓ ବେସରକାରୀ ଦୂରଗାମୀ ବସ୍ ସହିତ ବହୁ ପରିମାଣରେ ମାଲବାହୀ ଭାରି ଯାନବାହାନ ଗମନାଗମନ କରିଥାଏ। ପୂର୍ବରୁ ରାସ୍ତାର ଗୁରୁତ୍ୱକୁ ବିଚାର କରି ହରିହର ପୁର ନିକଟ ଶରଣକୁଳ ପୁରୁଣା ବ୍ରିଜକୁ ଭାଙ୍ଗି ନୂତନ ଭାବେ ନିର୍ମାଣ ହୋଇଥିବା ବେଳେ ନୟାଗଡ଼ ଭଞ୍ଜନଗର ଏହି ଅଣ ଓସାରିଆ ରାଜ୍ୟ ରାଜପଥକୁ ପ୍ରଶସ୍ତିକରଣ କରାଯାଇଥିଲା। ତେବେ ନିର୍ମାଣ ପରେ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ଦ୍ୱାରା ସ୍ଥାୟୀତ୍ୱ ବୃଦ୍ଧି ପାଇଥାଏ। ହେଲେ ଉକ୍ତ ବ୍ୟସ୍ତବହୁଳ ରାସ୍ତାର ଓଡ଼ଗାଁ ଠାରୁ ନୟାଗଡ଼ ମଧ୍ୟରେ ଉଭୟ ପଟରୁ ଘାସ ଓ ଲଟା ବୁଦା ସହିତ କେତେକ କ୍ଷେତ୍ରରେ ଗଛର ଡାଳ ରାସ୍ତା ଉପରକୁ ମାଡ଼ି ରହିଛି। ଫଳରେ ସାମ୍ନା ପାଖରୁ କୌଣସି ବଡ଼ ଗାଡ଼ି ଆସୁଥିବା ବେଳେ ତାହାର ଗତିବିଧି ଅନୁଧ୍ୟାନ କରିବା କଷ୍ଟକର ହୋଇପଡୁଥିଲା ବେଳେ ଉକ୍ତ ଗାଡିକୁ ପାସ ଦେବା ପାଇଁ ସମୟ ସମୟରେ ରାସ୍ତାକାଛ ଘାସ ଉପରକୁ ଓହ୍ଲାଇବାକୁ ପଡୁଛି। ଏତଦବ୍ୟତୀତ ହରିହର ପୁର ଛକ ନିକଟ ବ୍ରିଜ୍ ଉପରେ ଓ ତଳପାଖରେ ବହୁଦିନ ଧରି ଲଟା ବୁଦା ଓ ଘାସ ମାଡ଼ି ରହିଥିବା ବେଳେ ତାହାକୁ ମଧ୍ୟ ସଫା କରାଯାଉନାହିଁ। ଫଳରେ ଏହାର ସ୍ଥାୟୀତ୍ୱ ମଧ୍ୟ ହ୍ରାସ ପାଇବା ନେଇ ଆଶଙ୍କା ଦୃଢିଭିତ ହୋଇଛି।

## ସ୍କିମାଟିକ୍ ନିଯୁକ୍ତି ଉଚ୍ଛେଦ ପ୍ରସ୍ତାବ ପ୍ରସଙ୍ଗ

# ଚିଠି ପ୍ରତ୍ୟାହାର ପ୍ରତିବାଦରେ କନିଷ୍ଠ ଶିକ୍ଷକଙ୍କ ବିକ୍ଷୋଭ






ଖୋର୍ଦ୍ଧା,୧୨।୮ (ସମିସ): ନିୟମିତ ଚାକିରି ଦାବିରେ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ମଙ୍ଗଳବାର ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲା ସଭାପତି ଅଶୋକ କୁମାର ସେଠୀ ଓ ସମ୍ପାଦକ ଦୀନେଶ ମହାରଥିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟମଣ୍ଡିତ ପ୍ରଧାନଙ୍କୁ ଭେଟି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ଗତ ୨ ତାରିଖ ବିଧାନସଭା କମିଟି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ସ୍ତରରୁ ଚୁକ୍ତିପ୍ରଥା ଉଚ୍ଛେଦ ତଥା ନିୟମିତ ନିମନ୍ତେ ପ୍ରସ୍ତାବପତ୍ର ପାରିତ ହୋଇଥିଲା। କିନ୍ତୁ ୫ ଦିନ ପରେ ଚିଠିକୁ ପ୍ରତ୍ୟାହାର କରିଛି ବିଭାଗ। ଚିଠି ପ୍ରତ୍ୟାହାର ଘଟଣା କନିଷ୍ଠ ଶିକ୍ଷକ ସଂଘ ଓ ପ୍ରାଥମିକ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷର ଦାନା ବାନ୍ଧିଛି। ପ୍ରସ୍ତାବପତ୍ରକୁ ପ୍ରତ୍ୟାହୃତ କରାଯାଇଥିବାରୁ ଏହାର ପ୍ରତିବାଦରେ କନିଷ୍ଠ ଶିକ୍ଷକ ସଂଘ ଆଗାମୀ ଦିନରେ ଆନ୍ଦୋଳନ ପାଇଁ ସଜବାଜ ହେଉଛି। ସଂଘ ପକ୍ଷରୁ ମଙ୍ଗଳବାର ଏ ନେଇ ଦାବିପତ୍ର ଦିଆଯାଇଛି। ସେମାନଙ୍କ ଦାବିକୁ ବିଚାରକୁ ନେଇ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ ନ କଲେ କନିଷ୍ଠ ଶିକ୍ଷକମାନେ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏହାକୁ ଦୃଢ଼ ସମର୍ଥନ କରିଛି ଖୋର୍ଦ୍ଧା ପ୍ରାଥମିକ ଶିକ୍ଷକ ସଂଘ। ପୁନର୍ବାର ନିଷ୍ପତ୍ତି ନେବା ପାଇଁ ସରକାରଙ୍କୁ ସେମାନେ ଅନୁରୋଧ କରିଛନ୍ତି। ସରକାର ଯଦି ଟାଳଟୁଳ ନୀତି ଅବଲମ୍ବନ କରନ୍ତି ତେବେ ରାଜ୍ୟସାରା ସମସ୍ତ ପ୍ରାଥମିକ ଶିକ୍ଷକ ଆନ୍ଦୋଳନକୁ ଓହ୍ଲାଇବେ। ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଯୁଧିଷ୍ଠିର ସାହୁ, ଜଟଣୀ ବ୍ଲକ ସଭାପତି ଜିତ୍‌ରଞ୍ଜନ ମହାପାତ୍ର, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା, ସହ-ସମ୍ପାଦକ ଜ୍ୟୋତିର୍ମୟୀ ନାୟକ, କନିଷ୍ଠ ଶିକ୍ଷକ ସଂଘ ଜିଲ୍ଲା ଉପସଭାପତି ନୃସିଂହମଣି ବେହେରା, ଲକ୍ଷ୍ମୀଧର ଭୋଳ, ସତ୍ୟରଞ୍ଜନ ବାରିକ, ଜଗମୋହନ ପଟ୍ଟନାୟକ, ସୌମ୍ୟରଞ୍ଜନ ରଥ, ବୀରେନ ରଞ୍ଜନ ପାତ୍ର, ସରୋଜ ଲାକ୍ରା, ରାଜଶ୍ରୀ ଚାଟର, ଅନନ୍ୟା ହରିଚନ୍ଦନ, ପଦ୍ମାଳୟା ବେହେରା, ତାରିଣୀ ଦେବଦୀପ୍ତି ମହାନ୍ତିଙ୍କ ସମେତ ଜିଲ୍ଲାର ୧୦ ବ୍ଲକରୁ ଆସିଥିବା ଶତାଧିକ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହୋଇଥିଲେ।

## ହୁତୁହୁତୁ ହୋଇ ରାସ୍ତାରେ ଜଳିଗଲା ୧୦୮ ଆମ୍ବୁଲାନ୍ସ

**● ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର, ଫାର୍ମାସିଷ୍ଟ ଓ ଆଟେଣ୍ଡାଣ୍ଟ**

ବାଣପୁର/ଗମ୍ଭାରୀମୁଣ୍ଡା,୧୨।୮ (ସମିସ): ରୋଗୀ ନେବାକୁ ଆସିଥିବା ଏକ ୧୦୮ ଆମ୍ବୁଲାନ୍ସ ବୁଧବାର ରାତି ୩ଟାରେ ବାଣପୁର ବ୍ଲକ ଆୟଉପୁର-ଦେଓଗାଁ ରାସ୍ତା ମଝିରେ ହୁତୁହୁତୁ ହୋଇ ଜଳି ପାଉଁଶ ହୋଇଯାଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ସୂଚନା ମିଳିଛି। ଆମ୍ବୁଲାନ୍ସରେ ଥିବା ଡ୍ରାଇଭର, ଫାର୍ମାସିଷ୍ଟ ଓ ଆଟେଣ୍ଡାଣ୍ଟ ଅଳ୍ପକେ ବର୍ତ୍ତିଯାଇଛନ୍ତି।



ବାଣପୁର ପଲଟନ ପଡ଼ିଆ ନିକଟରୁ ଜଣେ ରୋଗୀଙ୍କୁ ବାଣପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେବା ପାଇଁ ପରିବାର ଲୋକେ ରାତି ୨ଟାରେ ୧୦୮କୁ ଯୋଗାଯୋଗ କରିଥିଲେ। ଗମ୍ଭାରୀମୁଣ୍ଡା ସିଏଚସିରୁ ଆମ୍ବୁଲାନ୍ସ ବାଣପୁର ଆସୁଥିବା ବେଳେ ବାଟରେ ରୋଗୀ ଜଣକ ମେଡିକାଲ ଚାଲିଯାଇଥିବା ଖବର ପାଇ ଉକ୍ତ ଆମ୍ବୁଲାନ୍ସ କୋଲଥଡିହ ଛକରୁ ଫେରି ଆସୁଥିଲା। ତେବେ ରାତି ପ୍ରାୟ ୩ଟାରେ ଆୟଉପୁର-ଦେଓଗାଁ ରାସ୍ତା ମଝିରେ ଥିବା କୁକୁଡ଼ା ଫାର୍ମ ନିକଟରେ ହଠାତ୍ ଗାଡ଼ିରୁ ଏକ ଶବ୍ଦ ଶୁଣି ଓ ପୋଡ଼ା ଗନ୍ଧ ବାରି ଡ୍ରାଇଭର, ଆଟେଣ୍ଡାଣ୍ଟ ଓ ଫାର୍ମାସିଷ୍ଟ ସେଥିରୁ ଓହ୍ଲାଇ ପଡ଼ିଥିଲେ। ଗାଡ଼ିର ବ୍ୟାଟେରି ବାକ୍ସ ନିକଟରେ ସର୍ଟସର୍କିଟ ହୋଇ ଆମ୍ବୁଲାନ୍ସର ପଛ ଭାଗ ହୁତୁହୁତୁ ହୋଇ ଜଳୁଥିବା ସେମାନେ ଦେଖି ତୁରନ୍ତ ଗାଡ଼ିରେ ଥିବା ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାର କରି ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ତେବେ ଏହି ସମୟରେ ଏକ ବିସ୍ଫୋରଣ ହୋଇଥିଲା। ତେଣୁ କର୍ମଚାରୀମାନେ ଭୟରେ ଜୀବନ ବଞ୍ଚାଇବା ପାଇଁ ଦୂରକୁ ଦୌଡ଼ି ଯାଇ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଏହି ସମୟରେ ଆମ୍ବୁଲାନ୍ସରେ ପୁଣି ଏକ ବଡ଼ ଧରଣର ବିସ୍ଫୋରଣ ଘଟି ଜଳୁଥିବା ଆମ୍ବୁଲାନ୍ସ ଖଣ୍ଡ ଖଣ୍ଡ ହୋଇ ଏଥିରୁ ଲୁହାଖଣ୍ଡଗୁଡ଼ିକ ବହୁ ଦୂର ଯାଏଁ ଛିଟିକି ପଡ଼ିଥିଲା। ପରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ବେଳେ ସେତେବେଳକୁ ଆମ୍ବୁଲାନ୍ସ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। ଗମ୍ଭାରୀମୁଣ୍ଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଜେସିବି ସାହାଯ୍ୟରେ ଜଳି ଯାଇଥିବା ଆମ୍ବୁଲାନ୍ସକୁ ରାସ୍ତା ମଝିରୁ ହଟାଇଥିଲା।

## ମହିଳାଙ୍କୁ ଆକ୍ରମଣ ଘଟଣାରେ ଯୁବକ ଗିରଫ



ଜଟଣୀ,୧୨।୮ (ସମିସ): ଜଟଣୀ ଥାନା ଅନ୍ତର୍ଗତ ଦେଉଳବସ୍ତ ଶବରପଲ୍ଲୀ ସାହିରେ ଜଣେ ମହିଳାଙ୍କୁ ଅସଦାଚରଣ ସହ ଆକ୍ରମଣ ଘଟଣାରେ ମଙ୍ଗଳବାର ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦେଉଳବସ୍ତ ଶବରପଲ୍ଲୀ ସାହିରେ ରହୁଥିବା କେନ୍ଦ୍ରାପଡ଼ା ନିକିରାଇ ଅଞ୍ଚଳର ରଞ୍ଜନ କୁମାର ଦାସ (୩୭)।

ଅଭିଯୋଗକାରିଣୀ ଓ ରଞ୍ଜନ ଉଭୟ ପଡ଼ୋଶୀ। କିଛିଦିନ ହେଲା କୌଣସି କାରଣକୁ ନେଇ ଉଭୟ ପରିବାର ମଧ୍ୟରେ ବିବାଦ ଲାଗି ରହିଛି। ତେବେ ଗତ ୯ ତାରିଖ ରଞ୍ଜନ ମହିଳାଙ୍କ ଘରେ ପଶି ଅସଦାଚରଣ କରିବା ସହ ତାଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏଥିରେ ରଞ୍ଜନଙ୍କ ସ୍ତ୍ରୀ ମଧ୍ୟ ତାଙ୍କୁ ସହଯୋଗ କରିଥିଲେ। ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ରଞ୍ଜନଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରି ରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ଅଭିଯୁକ୍ତ ନାଁରେ ପୂର୍ବରୁ ଜଟଣୀ ଥାନାରେ ଏକ ଅପରାଧିକ ମାମଲା ଥିବା ଜଣାପଡ଼ିଛି।

## ବାରମ୍ବାର ରେଳ ଫାଟକ ଜାମ କାରଣରୁ ସର୍ଭେ ଆରମ୍ଭ

ନିରାକାରପୁର,୧୨।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଦେଇ ଯାଇଥିବା ନୂଆ ଜଗନ୍ନାଥ ସଡ଼କ ଉପରେ ଥିବା ରେଳ ଫାଟକ ସବୁବେଳେ ଅସମ୍ଭବ ଭିଡ଼ ରହୁଥିବାରୁ ଯାତାୟାତ କରୁଥିବା ଲୋକେ, ଜରୁରୀକାଳୀନ ଗାଡ଼ି ହଇରାଣ ହେଉଛନ୍ତି। ଏ ନେଇ ବାରମ୍ବାର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ମଧ୍ୟ ହେଉଛି। କିଛି ଲୋକ ନୂଆ ଜଗନ୍ନାଥ ସଡ଼କକୁ ବାଇପାସ୍ କରାଇ ନେବାକୁ ଦାବି କରୁଥିବାବେଳେ କିଛି ଲୋକ ରେଳ ଫାଟକ ଉପରେ ନିରାକାରପୁର ବଜାର ମଧ୍ୟ ଦେଇ ଓଭର ବ୍ରିଜ ନିର୍ମାଣ ପାଇଁ ମତ ରଖୁଛନ୍ତି। ତେବେ ରେଳ ଓଭର ବ୍ରିଜ ଯେଉଁଠାରେ ହେଲେ ବି ସ୍ଥାନୀୟ ଜନସାଧାରଣଙ୍କ ଯାତାୟାତ ପାଇଁ ରେଳ ଫାଟକ ଉତ୍ତର ଦିଗରେ ଏକ ଅଣ୍ଡରପାସ ନିର୍ମାଣ ପାଇଁ ପ୍ରସ୍ତାବ ଥିବା ସୂଚନା ରହିଛି। ପ୍ରକୃତରେ ଅତ୍ୟଧିକ ଦୁଇ ଚକିଆ ଯାନ ଭିଡ଼କୁ ଦୁଇଗୁଣିତ କରୁଛି। ଯଦି ଅଣ୍ଡର ପାସ ମାଧ୍ୟମରେ ଏଗୁଡ଼ିକ ଅତିକ୍ରମ କରିଦିଅନ୍ତି ତେବେ କେତେକାଂଶରେ ଭିଡ଼ କମିଯାଇ ପାରିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ବର୍ତ୍ତମାନ ଏହି ରେଳ ଫାଟକରେ ଦିନକୁ ଦିନ ଭିଡ଼ ବୃଦ୍ଧି ପାଇବାରେ ଲାଗିଛି। ଫାଟକ ଜଗୁଆଳି ଫାଟକ ପକାଇ ପାରୁ ନ ଥିବା ବେଳେ ଟ୍ରେନ ଆସି ଅନେକ ସମୟରେ ସିଗ୍ନାଲ ପୂର୍ବରୁ ଛିଡ଼ା ହେବାକୁ ପଡୁଛି। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ଭିଡ଼ କମାଇବା ଉଦ୍ଦେଶ୍ୟରେ ଦୁଇଦିନ ତଳେ ରେଳ ବିଭାଗ ତରଫରୁ କିଛି କର୍ମଚାରୀ ଆସି ଡ୍ରୋନ ସର୍ଭେ କରିଛନ୍ତି। ସେମାନେ ରେଳ ଫାଟକର ଉଭୟ ପାଖରେ, ଉତ୍ତର ଦିଗ ଓ ଦକ୍ଷିଣ ଦିଗରେ ଧଳା ଚୂନରେ କିଛି ଚିହ୍ନିତ କରିଥିବାରୁ ଏହା ରେଳ ବିଭାଗ ତରଫରୁ ଅଣ୍ଡର ପାସ କିମ୍ବା ଓଭର ବ୍ରିଜ ନିର୍ମାଣ କାର୍ଯ୍ୟ ପାଇଁ ସର୍ଭେ ହେଉଥିବା ଆଲୋଚନା ହେଉଛି। କିନ୍ତୁ ରେଳ ବିଭାଗ ତରଫରୁ କୌଣସି ନିର୍ଦ୍ଦିଷ୍ଟ ସୂଚନା ଏ ପର୍ଯ୍ୟନ୍ତ ମିଳିପାରି ନାହିଁ।

## ୯ ନଂ ଜୋନରେ ତ୍ରିରଙ୍ଗା ଶୋଭାଯାତ୍ରା



ନିରାକାରପୁର,୧୨।୮ (ସମିସ): ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ବଡ଼ପୋଖରିଆ ମଣ୍ଡଳ (ଜୋନ ନଂ-୯)ରେ ମଣ୍ଡଳ ସଭାପତି ମାଧବ ପ୍ରସାଦ ମହାନ୍ତିଙ୍କ ନେତୃତ୍ୱରେ ମଙ୍ଗଳବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଶତାଧିକ ବାଇକ ସାମିଲ ହୋଇଥିଲା। ବିଜେପି ନେତା ନିକୁଞ୍ଜ କିଶୋର ପଟ୍ଟନାୟକ, କାଳୁ ବଳିଆରସିଂହ, କୃଷକ ନେତା କେଳୁଚରଣ ଜଗଦେବ, ତୋଫାନ ବୈରିସଲ, ଜ୍ୟୋସ୍ନାରାଣୀ ଜେନା, ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ସଂସ୍କୃତ ସପ୍ତାହ ପାଳନ ଉଦଯାପିତ



ବେଗୁନିଆ,୧୨।୮ (ସମିସ): ବେଗୁନିଆ ବ୍ଲକ ସଦର ମହକୁମାସ୍ଥିତ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସଂସ୍କୃତ ସପ୍ତାହ ପାଳନ ମଙ୍ଗଳବାର ଉଦଯାପିତ ହୋଇଛି। ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ହରିପ୍ରସାଦ ଦାସ ମୁଖ୍ୟଅତିଥି, ସଂଘମିତ୍ରା ରଥ ମୁଖ୍ୟବକ୍ତା, ଶିବକୁମାର ମୁନି, ଦୀନବନ୍ଧୁ ଦାସ, ସତ୍ୟନାରାୟଣ ସାମନ୍ତରାୟ, ଦେବାଶିଷ ସାହୁ ଓ ପୂର୍ବତନ ନାଏବ ସରପଞ୍ଚ ପ୍ରସନ୍ନ କୁମାର ବାରିକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରଶାସନ ସର୍ବପୁରାତନ ଦେବନାଗରୀ ଭାଷାକୁ ଉଦ୍ଧାର କରି ଛାତ୍ରଛାତ୍ରୀଙ୍କ ନିକଟରେ ପହଞ୍ଚାଇବା ପାଇଁ ଚେଷ୍ଟା କରିବା ଉଚିତ ବୋଲି ମତ ପ୍ରକାଶ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସାହୁ, ପୂର୍ଣ୍ଣମିତ୍ର ବଳିଆରସିଂହ, ସ୍ମୃତିରଞ୍ଜନ ପଣ୍ଡା, ଶୁଭାଶିଷ ଭୁଜବଳ ଓ ପ୍ରଦୀପ ବେହେରା ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ପୁରାତନ ଛାତ୍ର ସରୋଜ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିବା ବେଳେ କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା ସହଯୋଗ କରିଥିଲେ।

## ରାଜସ୍ୱ ଅମଲା କର୍ମଚାରୀଙ୍କ ଧାରଣା

ବାଣପୁର,୧୨।୮ (ସମିସ): ୧୦ ଦଫା ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘ ଡାକରାରେ ବାଣପୁର ତହସିଲ, ବ୍ଲକ ଏବଂ ଆଇସିଡିଏସର ରାଜସ୍ୱ ଅମଲା କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ ଧାରଣାରେ ବସିଛନ୍ତି। ୧୦ଦଫା ଦାବି ପୂରଣ କରିବାକୁ ସଂଘ ଦୀର୍ଘବର୍ଷ ଧରି ଦାବି କରିଆସୁଛି। ଦାବି ପୂରଣ ପାଇଁ ବିଭିନ୍ନ ସମୟରେ କର୍ମଚାରୀମାନେ କଳା ବ୍ୟାଜ୍ ଧାରଣ କରି କାର୍ଯ୍ୟ କରିଥିବା ବେଳେ ସରକାର ଦୃଷ୍ଟି ଦେଉ ନ ଥିବାରୁ ଏହାର ପ୍ରତିବାଦ କରି ବର୍ତ୍ତମାନ ସାରା ରାଜ୍ୟରେ ଅମଲା କର୍ମଚାରୀମନେ ନିଜ କାର୍ଯ୍ୟାଳୟ ନିକଟରେ ଧାରଣା ଦେଇଛନ୍ତି। ଏପରି ସ୍ଥଳେ ବାଣପୁର ରାଜସ୍ୱ ଅମଲା କର୍ମଚାରୀମାନେ ତହସିଲ କାର୍ଯ୍ୟାଳୟ ନିକଟରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଶାନ୍ତିପୂର୍ଣ୍ଣ ଧାରଣା ଦେଇଛନ୍ତି। ଫଳରେ ବାଣପୁର ବ୍ଲକ, ତହସିଲ ଏବଂ ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।



## ଅଧ୍ୟାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଟାଙ୍ଗୀ,୧୨।୮ (ସମିସ): ଟାଙ୍ଗୀ ବ୍ଲକ କୁହୁଡ଼ି ଜନତା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପିକା ପୁଷ୍ପଲତା ଦେଇଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଟୁକୁନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସଞ୍ଜୟ କୁମାର ମହାପାତ୍ର, ବିଶେଷ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ମୁଖ୍ୟବକ୍ତା ଭାବେ ବାଲୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧି, ସମ୍ମାନିତ ଅତିଥି ଭାବେ ବାଳକୃଷ୍ଣ ମିଶ୍ର, ଅଶୋକ କୁମାର ବେହେରା, ରଶ୍ମିତା ଜେନା, ସ୍ୱାତି ସ୍ୱାଗତିକା ସାହୁ, କୀର୍ତ୍ତିମୟୀ ବାରିକ, ଉତ୍ତମ କୁମାର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ 'ଅଭିନନ୍ଦନିକା' ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସୁରେନ୍ଦ୍ର କୁମାର ସ୍ୱାଇଁ ଓ ଅଧ୍ୟାପିକା ସୋନାଲି ଶ୍ରୀଚନ୍ଦନ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୁଷ୍ପଲତା ଦେଇ ଜଣେ କର୍ତ୍ତବ୍ୟନିଷ୍ଠ, ଛାତ୍ରବତ୍ସଳ ଅଧ୍ୟାପକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ଅଭ୍ୟାସ ପରେଡ୍





ଖୋର୍ଦ୍ଧା,୧୨।୮ (ସମିସ): ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପଳନ ଉପଲକ୍ଷେ ସ୍ଥାନୀୟ ବିଜେବି ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ରିଜର୍ଭ ଇନ୍ସପେକ୍ଟର ଅଫ ପୁଲିସ ସତ୍ୟକାନ୍ତ ମନୋରଞ୍ଜନ ଜେନାଙ୍କ ପରିଚାଳନାରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଛି। ଏଥିରେ ଆଇଟିବିପି, ତରତୁଆ ସମେତ ଏପିଆର, ଗୃହରକ୍ଷୀ ବାହିନୀ, ପୁଲିସ ବ୍ୟାଣ୍ଡ ପାର୍ଟି ଏବଂ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟସ୍ତରୀୟ ଏନ୍‌ସିସି, ସ୍କାଉଟ୍, ଗାଇଡ, ସିଭିଲିଆନ୍ ବିଭାଗର ବିଭିନ୍ନ ବର୍ଗର ୫୪ ଟ୍ରୁପ୍ ଅଂଶଗ୍ରହଣ କରିଥିଲେ। ବୁଧବାର ପୂର୍ବାହ୍ନ ୮ଟାରେ ତୃତୀୟ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଆଜିର ଅଭ୍ୟାସ ପରେଡ୍‌ରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟାଳୟ କର୍ମଚାରୀ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କର୍ମଚାରୀ, ବିଜେବି ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଚିନ୍ମୟ ମାର୍ଥା, ସାଂସ୍କୃତିକ ଦଳ ଚୟନ ବିଚାରକ ମଣ୍ଡଳୀ ବିରଞ୍ଚି ସାହୁ, ସ୍ମରଣିକା ପ୍ରିୟଦର୍ଶିନୀ, ମଣିପାଲ ସଞ୍ଚାଳିକା ରେବତୀ ପଣ୍ଡା ଏବଂ ରିଜର୍ଭ ଇନ୍ସପେକ୍ଟର ଅଫ ପୁଲିସ କାର୍ଯ୍ୟାଳୟ ସର୍ଜଣ୍ଟ, ହାବିଲଦାର ଏବଂ ସମସ୍ତ ଟ୍ରୁପର ଗାଇଡ ଶିକ୍ଷକ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ପୌରପରିଷଦ

# ସରକାରଙ୍କ ସେବା ନିୟମାବଳୀକୁ ଖୋଲା ଉଲ୍ଲଙ୍ଘନ

ଖୋର୍ଦ୍ଧା,୧୨।୮ (ସମିସ): ରାଜ୍ୟ ସରକାରଙ୍କ ସେବା ନିୟମାବଳୀ ମାର୍ଗଦର୍ଶିକା ଅନୁଯାୟୀ ସବୁ ବର୍ଗର ସରକାରୀ କର୍ମଚାରୀଙ୍କ ନିମନ୍ତେ ସୁବିଧା ସୁଯୋଗ ପ୍ରଦାନ ନେଇ ବିଭିନ୍ନ ଧାରା ଏବଂ ଉପଧାରାରେ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ରହିଛି। ଏହାକୁ ଉଲ୍ଲଙ୍ଘନ କଲେ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେବା ନିୟମାବଳୀ ତଥା ସର୍ଭିସ କୋଡ୍‌ରେ ଉଲ୍ଲେଖ ରହିଛି। ମାତ୍ର ଖୋର୍ଦ୍ଧା ପୌରପରିଷଦ କାର୍ଯ୍ୟାଳୟରେ ଏହି ନିୟମାବଳୀକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଥିବା ଅଭିଯୋଗ ହେଉଛି। ଜଣେ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଶୀତତାପ ନିୟନ୍ତ୍ରିତ ପ୍ରକୋଷ୍ଠ ଯୋଗାଇ ଦିଆଯାଇ ଥିବାବେଳେ ତାଙ୍କ ସୌଖିନ ଦାମୀ କାର ପାର୍କିଂ ପାଇଁ ମଧ୍ୟ ପୌର ପରିଷଦ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ଏପରିକି ସ୍ଥାୟୀ ଭାବେ ସରକାରୀ ଚାକିରି କରୁଥିବା ଚତୁର୍ଥ ଶ୍ରେଣୀ କର୍ମଚାରୀ ତାଙ୍କ ଭଲମନ୍ଦ ବୁଝିବା ନିମନ୍ତେ ପୌରକାର୍ଯ୍ୟାଳୟ ପକ୍ଷରୁ ନିୟୋଜିତ କରାଯାଇଛି। ମାତ୍ର ସେ କେଉଁ ବର୍ଗର କର୍ମଚାରୀ ଯେ ତାଙ୍କ ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ବ୍ୟବସ୍ଥା କରାଯାଇଛି, ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସମ୍ପୃକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀ ଜଣକ ସେବା ନିୟମାବଳୀକୁ ଖୋଲା ଉଲ୍ଲଙ୍ଘନ କରି ଚାଲିଥିଲେ ମଧ୍ୟ ତାଙ୍କ ପ୍ରତି ଉଚ୍ଚ ଅଧିକାରୀ ସେଭଳି କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ଅନ୍ୟପଟେ ପୌର ଉପାଧ୍ୟକ୍ଷଙ୍କ ପାଇଁ କିନ୍ତୁ ପୌରପରିଷଦରେ ଶୀତତାପ ନିୟନ୍ତ୍ରିତ କୋଠରି ତ ଦୂରକଥା ବିଲକୁଲ ପ୍ରକୋଷ୍ଠଟିଏ ବି ନ ଥିବା ଭଳି ଲଜ୍ଜାଜନକ ଘଟଣା ପାଇଁ ପୌରାଞ୍ଚଳବାସୀ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଉପାଧ୍ୟକ୍ଷ ଓ କାଉନସିଲରମାନେ କାର୍ଯ୍ୟାଳୟ ପୋଟିକ ତଳେ ପୌରବାସୀଙ୍କ ସମସ୍ୟା ଶୁଣିଥିବା ଭଳି ଲଜ୍ଜାଜନକ ଚିତ୍ର ବୁଦ୍ଧିଜୀବୀଙ୍କୁ ଅନେକ ସମୟରେ ବ୍ୟଥିତ କରୁଛି। ସେହିପରି କେତେବେଳେ ପୌରାଧ୍ୟକ୍ଷାଙ୍କ ପ୍ରକୋଷ୍ଠ ବାହାରେ ତ ଆଉକେତେ ବେଳେ ଉନ୍ନୟନ ବିଭାଗ ସମ୍ମୁଖରେ ଉପାଧ୍ୟକ୍ଷ ପୌରବାସୀଙ୍କ ସମସ୍ୟା ଶୁଣୁଥିବାର ବିକଳ ଚିତ୍ର ଦେଖିବାକୁ ମିଳୁଛି।



ପୌର ପରିଷଦର ବିଭିନ୍ନ ଉନ୍ନୟମୂଳକ ନିଷ୍ପତ୍ତି ନିମନ୍ତେ ପୌରାଧ୍ୟକ୍ଷା, ଉପାଧ୍ୟକ୍ଷ ଏବଂ ନିର୍ବାଚିତ କାଉନସିଲରଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ। ୱାର୍ଡବାସୀଙ୍କ ବିଭିନ୍ନ ସମସ୍ୟା ଏବଂ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ପ୍ରତିଦିନ ପୌର କାର୍ଯ୍ୟାଳୟକୁ ମହିଳା ପୁରୁଷ କାଉନସିଲରମାନେ ଆସିଥାନ୍ତି। ସେମାନେ ଏବଂ ସେମାନଙ୍କ ସହ ଆସୁଥିବା ବରିଷ୍ଠ ନାଗରିକଠାରୁ ଆରମ୍ଭ କରି ଭିନ୍ନକ୍ଷମ ବ୍ୟକ୍ତିଙ୍କ ସହ ବସି ସେମାନଙ୍କ ସମସ୍ୟା ଶୁଣିବା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଯାହାପାଇଁ ଅନେକ ସମୟରେ କାଉନସିଲରମାନେ ଅପ୍ରୀତିକର ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି। ପୌର କାର୍ଯ୍ୟାଳୟରେ ବାସ୍ତବରେ ନିର୍ବାଚିତ ପ୍ରତିନିଧିମାନଙ୍କ ପାଇଁ ସାମୂହିକ ଭାବେ ବସି ଆଲୋଚନା କରିବାକୁ ବ୍ୟବସ୍ଥା ନ ଥିବା ଭଳି ଶୋଚନୀୟ ଅବସ୍ଥା ପାଇଁ ପୌରବାସୀ ଉଦବେଗ ପ୍ରକାଶ କରିଛନ୍ତି। ମାତ୍ର ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ କୋଠରି ସହ ତାଙ୍କର ଦାମୀ କାର ରହିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। କିନ୍ତୁ ଉପାଧ୍ୟକ୍ଷ ଏବଂ କାଉନସିଲରଙ୍କ ଗାଡ଼ି ରଖିବା ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନ ଥିବା ବେଳେ ସମ୍ପୃକ୍ତ କର୍ମଚାରୀଙ୍କ କାର ରହିବାକୁ ଗାଡ଼ି ହଟାଇବା ଘଟଣା ଉଦବେଗଜନକ ଘଟଣା ବୋଲି ପୌର କାର୍ଯ୍ୟାଳୟକୁ ପ୍ରତିଦିନ ଆସୁଥିବା ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ମତ ପ୍ରକାଶ କରିଛନ୍ତି।

**▶ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କୁ ଶୀତତାପ କୋଠରି**
**▶ ପୋଟିକ ତଳେ ସମସ୍ୟା ଶୁଣୁଛନ୍ତି ଉପାଧ୍ୟକ୍ଷ, କାଉନସିଲର**
**▶ ଅସ୍ଥାୟୀ କର୍ମଚାରୀଙ୍କୁ ଅନୁକମ୍ପାର ଉଚ୍ଚସ୍ତରୀୟ ତଦନ୍ତ ଦାବି**

ପାଣିଠାରୁ ପରିବା ପର୍ଯ୍ୟନ୍ତ ଏକାଧିକ ବିଭାଗର ଦାୟିତ୍ୱ ଦିଆଯାଇଥିବା ଉକ୍ତ ଅସ୍ଥାୟୀ ଡିଏଲଆର କର୍ମଚାରୀଙ୍କ ପ୍ରତି ଅଧିକାରୀଙ୍କ ଅହେତୁକ ଅନୁକମ୍ପା ସାଧାରଣରେ ସନ୍ଦେହ ସୃଷ୍ଟି କରୁଛି। ପୌର କାର୍ଯ୍ୟାଳୟରେ ଅବସ୍ଥାପିତ ରାଜ୍ୟ ସରକାରଙ୍କ ସ୍ଥାୟୀ ଏକାଧିକ ବରିଷ୍ଠ କର୍ମଚାରୀ ବିନା କାର୍ଯ୍ୟରେ ଏଣେ ତେଣେ ବସି ସମୟ ଅତିବାହିତ କରୁଥିବା ବେଳେ କାହା ସ୍ୱାର୍ଥରେ ଉକ୍ତ ଡିଏଲଆର କର୍ମଚାରୀଙ୍କୁ ଏଭଳି ସୁବିଧା ଯୋଗାଯାଉଛି, ତାହା ପୌରପରିଷଦର ସ୍ୱଚ୍ଛତା ପ୍ରତି ସନ୍ଦେହ ଦ୍ୱିଗୁଣିତ କରିଛି। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ସନ୍ଦେହ ଉପରୁ ପରଦା ହଟାଇବାକୁ ଜିଲ୍ଲାପାଳ ଏବଂ ଜିଲ୍ଲା ପରିଷଦ ସହରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ରିଜିୱାନା କଅକବଙ୍କୁ ପଚାରିବାରେ କହିଲେ, ଉପାଧ୍ୟକ୍ଷଙ୍କ ଲାଗି ଉପରେ କୋଠରି ବ୍ୟବସ୍ଥା ହୋଇଥିଲା। ମାତ୍ର ସେଠାକୁ ସେ ଆସୁ ନ ଥିବାରୁ ଅନ୍ୟ କର୍ମଚାରୀ ବସି କାମ କରୁଥିବା କହିଛନ୍ତି।

# ଭୈରବେଶ୍ୱର ମନ୍ଦିରରେ ରୁଦ୍ରାକ୍ଷ ଚାରାରୋପଣ



**ବାରିପଦା, ୧୨।୮ (ସମିସ):** ମଙ୍ଗଳବାର ମଧୁବନ ସ୍ଥିତ ମା'ଭୈରବୀ ମନ୍ଦିର ସଂଲଗ୍ନ ବାବା ଭୈରବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଏକମୁଖୀ ରୁଦ୍ରାକ୍ଷ ବୃକ୍ଷ ଚାରା ରୋପଣ କରାଯାଇଛି। ମନ୍ଦିର କମିଟି ସଦସ୍ୟ ଓ ମଧୁବନ ଅଞ୍ଚଳବାସୀଙ୍କ ସୁଖ, ସମୃଦ୍ଧି କାମନା ପୂର୍ବକ ସଂସାରରେ ଶାନ୍ତି ବିରାଜମାନ ଅଭିପ୍ରାୟ ରଖି ବିଧି ବିଧାନ ଅନୁଯାୟୀ ଏହି ଚାରା ରୋପଣ କରାଯାଇଥିଲା। ମନ୍ଦିର ପୂଜକ ରାଜେଶ କୁମାର ଦ୍ୱିବେଦୀଙ୍କ ପୂଜାର୍ଚ୍ଚନା, ମନ୍ତ୍ରପାଠ ଓ ପ୍ରବଚକ ଡ. ଭାଗବତ ପଣ୍ଡାଙ୍କ ବେଦପାଠ ପୂର୍ବକ ମା'ଭୈରବୀ ମନ୍ଦିର ଚେରିଟେବୁଲ ଟ୍ରଷ୍ଟର ସମସ୍ତ ଟ୍ରଷ୍ଟି, ମନ୍ଦିର କମିଟିର ସଦସ୍ୟବୃନ୍ଦ, ମଧୁବନ ଅଞ୍ଚଳ ବାସୀ ତଥା ବାରିପଦାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ସହଯୋଗିତାରେ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଦ୍ୱାରା ଚାରାରୋପଣ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। କମିଟି ସଦସ୍ୟ ଇଂ.ସରୋଜ କୁମାର ଦଣ୍ଡପାଟଙ୍କ ୬୮ତମ ଜନ୍ମ ତିଥି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ କମିଟି ସଭାପତି ଡ.ଯୋଗେନ୍ଦ୍ର ନାଥ ପଣ୍ଡା ଓ ବାରୁଣେଶ୍ୱର ଦୁର୍ଗାପୂଜା କମିଟିର ସଭାପତି ଡ.କୁଞ୍ଜବନ ପୃଷ୍ଟି, ମ୍ୟାନେଜିଂ ଟ୍ରଷ୍ଟି ବିକ୍ରମ କେଶରୀ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମନ୍ଥର ଗତିରେ ବାରିପଦା ଷ୍ଟାଡିୟମ ଉନ୍ନୟନ କାମ

ବାରିପଦା, ୧୨।୮ (ସମିସ)



ତତ୍କାଳୀନ ମୟୂରଭଞ୍ଜ ରାଜ୍ୟର ଏକ ବଡ଼ ମୂକସାକ୍ଷୀ ହେଉଛି ବାରିପଦା ଷ୍ଟାଡିୟମ। ବାରିପଦା ସହରର ମୁଖ୍ୟ ଭାଗରେ ଏକ ବିସ୍ତୃତ ଅଞ୍ଚଳ ବ୍ୟାପି ରହିଥିବା ଏହି ଷ୍ଟାଡିୟମରୁ ଅନେକ ପ୍ରତିଷ୍ଠିତ କ୍ରୀଡ଼ାବିତ୍ ଜନ୍ମ ନେଇଛନ୍ତି। ତତ୍କାଳୀନ ମୟୂରଭଞ୍ଜ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ତତ୍କାଳୀନ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ ଏହି ଷ୍ଟାଡିୟମଟି ୧୯୧୮ ମସିହାରେ ନିର୍ମାଣ କରିଥିଲେ। ପରବର୍ତ୍ତୀ ସମୟରେ ମୟୂରଭଞ୍ଜ ଏକ ଜିଲ୍ଲା ଭାବେ ଓଡ଼ିଶାରେ ସାମିଲ ହେବାର କିଛି ବର୍ଷ ପରେ ଅର୍ଥାତ୍ ୧୯୬୦ ମସିହାରେ ପୁଣି ସୋସାଇଟି ରେଜିଷ୍ଟ୍ରେସନ୍ ଆକ୍ଟରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ୍' (ଏମଏଏ ବା ମା) ନାମରେ ପୁନଃ ପଞ୍ଜୀକୃତ ହୋଇଥିଲା। ଫୁଟବଲ, କ୍ରିକେଟ୍, ଭଲିବଲ, ଆଥଲେଟିକ୍ ଭଳି ବହୁମୁଖୀ କ୍ରୀଡାର ପେଣ୍ଠସ୍ଥଳୀ। ପ୍ରଥମେ ଏହାର ପରିଧି ୧୯ ଏକରରୁ ଅଧିକ ରହିଥିବା ବେଳେ ଏବେ ଏହା ୬ ଏକର ଜାଗାରେ ସୀମିତ ରହିଛି। ଏବେ ଏଠାରେ ଓଡ଼ିଶା ଅଲମ୍ପିକ୍ସ ଆଫିଲେଟେଡ୍ ବିଭିନ୍ନପ୍ରକାର ଖେଳ ହେଉଥିବା ବେଳେ ଖେଳାଳିଙ୍କ ପାଇଁ ଏଠାରେ ସ୍ୱତନ୍ତ୍ର ଜିମ୍‌ର ମଧ୍ୟ ବ୍ୟବସ୍ଥା ରହିଛି। ବିଶେଷ କରି ମୟୂରଭଞ୍ଜକୁ ଫୁଟବଲର ଏନ୍ତୁଡ଼ିଶାଳ କୁହାଯାଉଥିବା ବେଳେ ସେତେବେଳେ ରାଜାମହରାଜା ନିଜେ ମଧ୍ୟ ଫୁଟବଲ ଖେଳୁଥିଲେ ଏବଂ ଏହାର ବିକାଶକୁ ଲକ୍ଷ୍ୟ ରଖି ଏଠାରେ ଫୁଟବଲ ତାଲିମ ଦିଆଯାଉଥିଲା। ଏଠାକାର ପ୍ରଥମ କ୍ରୀଡାଗୁରୁ ହେଉଛନ୍ତି ମୟୂରଭଞ୍ଜର ସୁଯୋଗ୍ୟ ସନ୍ତାନ ସ୍ୱର୍ଗତ ବ୍ରଜସୁନ୍ଦର ଦାସ। ଯାହାଙ୍କୁ ଫୁଟବଲର ପ୍ରାଣ ପ୍ରତିଷ୍ଠା ବୋଲି କୁହାଯାଏ। ତାଙ୍କର ଶିକ୍ଷା ଓ ମାର୍ଗଦର୍ଶନରେ ସେତେବେଳେ ମୟୂରଭଞ୍ଜ ଫୁଟବଲ ଟିମ୍ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ୧୯୧୮ରୁ ୧୯୯୧ ମସିହା ପର୍ଯ୍ୟନ୍ତ ୭୩ ବର୍ଷ ଧରି ଏଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ମେମୋରିଆଲ ନାମରେ ସର୍ବଭାରତୀୟ ସ୍ତରରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେଉଥିଲା। ଯେଉଁଥିରେ ଦେଶର ବିଭିନ୍ନ ରାଜ୍ୟର ଫୁଟବଲ ଟିମ୍ ଆସି ଏଥିରେ ଅଂଶଗ୍ରହଣ କରିଥିଲେ। ଏଠାରେ ଇଂଲଣ୍ଡର କରିନ୍‌ଠିଆନ୍ ଟିମ୍ ମଧ୍ୟ ଆସି ଫୁଟବଲ ମ୍ୟାଚ୍ ଖେଳିଥିବା ବେଳେ ସେତେବେଳେ ମୟୂରଭଞ୍ଜର ଦିଗଜ୍ ଖେଳାଳିମାନେ ଖାଲିପାଦରେ ଖେଳି ଇଂଲଣ୍ଡ ଦଳକୁ ପରାସ୍ତ କରିଥିଲେ। ବର୍ତ୍ତମାନ ପୁଣିଥରେ ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ପାଇଁ ଦାବି ଉଠିଲାଣି। କେବଳ ଫୁଟବଲ ନୁହେଁ ଦୀର୍ଘ ବର୍ଷ ଧରି ଏଠାରେ ରଣଜୀ ଟ୍ରଫି ମ୍ୟାଚ୍ ମଧ୍ୟ ହୋଇଛି। ଦଶ ଥର ରଣଜୀ ଟ୍ରଫି ଅନୁଷ୍ଠିତ ମଧ୍ୟରେ ଭାରତର ବଡ଼ ବଡ଼ କ୍ରିକେଟର ଶୋଭାକରିମ୍, ରୋହନ ଗଭାସ୍କର, ଦେବାଶିଷ ମହାନ୍ତି, ଶିବସୁନ୍ଦର ଦାସ ଏବଂ ଭାରତର ଅନ୍ୟତମ ଅଧିନାୟକ ମହେନ୍ଦ୍ର ସିଂ ଧୋନି ମଧ୍ୟ ଏହି ଷ୍ଟାଡିୟମରେ ଧୂଆଁଧାର ବ୍ୟାଟିଂ ପ୍ରଦର୍ଶନ କରି ୯୬ ରନ୍ ସଂଗ୍ରହ କରିଥିଲେ। ହେଲେ ସେତେବେଳେ ତାଙ୍କୁ କେହି ଚିହ୍ନି ନ ଥିଲେ। ଗତ ୨୦୦୦ ମସିହାରେ ଏଠାରେ ଶେଷ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିବା ବେଳେ ଏବେ ବିସିସିଆଇର ଅନେକ କୋଠର ନିୟମାବଳୀ ପାଇଁ ତାହା ବନ୍ଦ ହୋଇଯାଇଛି। ୧୯୬୦ରୁ ସାହାଣୀ କପ୍ ଅଧ ଏଠାରେ ଆରମ୍ଭ ହୋଇଥିଲା। ତେବେ ୧୦୭ ବର୍ଷ ତଳର ଏହି କିମ୍ବଦନ୍ତୀ ଷ୍ଟାଡିୟମ ତାର ପୂର୍ବ ଗୁଣଗରିମାକୁ କିଛି ମାତ୍ରାରେ ହରାଇଛି। ସମୟର ପରିବର୍ତ୍ତନରେ ଅନେକ କିଛି ପରିବର୍ତ୍ତନ ବି ହୋଇଛି। ତେଣୁ ଏହି ପଡ଼ିଆରେ ଖେଳି ଜଣେ ସୁନାମଧନ୍ୟ ଫୁଟବଲ ଖେଳାଳି ଭାବେ ପରିଚୟ ସୃଷ୍ଟି କରିଥିବା ବାରିପଦା ସହରର ୮୮ ବର୍ଷର କ୍ରୀଡ଼ାବିତ୍ ପରେଶ ଚନ୍ଦ୍ର ଦାସ ତାଙ୍କର ଲେଖନୀରେ ସାଇତି ରଖିଛନ୍ତି ଅନେକ ସ୍ମୃତି। ବୟସର ଅପରାହ୍ନରେ ବି 'ଫୁଟବଲ ଖେଳ ସଫଳତାର ରହସ୍ୟ' ନାମରେ ଏକ ପୁସ୍ତକ ଲେଖି ଆଜି ବି ସମସ୍ତଙ୍କୁ ଖେଳପ୍ରତି ଉତ୍ସାହିତ କରିଛନ୍ତି। ଆଜକୁ ଶହେ ବର୍ଷ ତଳେ ଦେଶ ବିଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାରିପଦା ଷ୍ଟାଡିୟମକୁ ପୁଣିଥରେ ପୂର୍ବାବସ୍ଥାକୁ ଫେରାଇ ଆଣିବା ପାଇଁ ତତ୍କାଳନୀ ନବୀନ ପଟ୍ଟନାୟକଙ୍କ ସରକାର ଫ୍ଲଡ ଲାଇଟର ବ୍ୟବସ୍ଥା ସାଙ୍ଗକୁ ଉନ୍ନତିକରଣ ପାଇଁ ପର୍ଯ୍ୟାପ୍ତ ଅର୍ଥ ମଞ୍ଜୁର କରିଥିଲେ। ମାତ୍ର ସରକାର ବଦଳିବା ପରେ ଉନ୍ନୟନ କାର୍ଯ୍ୟରେ ମନ୍ଥରତା ଦେଖାଦେଇଛି। ଶତାୟୁ ଷ୍ଟାଡିୟମକୁ ଏକ ନୂତନ ପରିଚୟ ଦେବାକୁ ଜିଲ୍ଲାବାସୀ ଦାବି କରୁଛନ୍ତି।

**ପୁଣି ସର୍ବଭାରତୀୟ ଟୁର୍ଣ୍ଣାମେଣ୍ଟ ଓ ରଣଜୀ ଟ୍ରଫି ଆରମ୍ଭ ଦାବି**

# ଦ୍ୱିତୀୟ ଦିନରେ ରାଜସ୍ୱ ଅମଲାଙ୍କ ଆନ୍ଦୋଳନ



**ବାରିପଦା ୧୨।୮ (ସମିସ):** ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁସାରେ ଗତ ୧୧ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଯାଏ ଅମଲାମାନେ ସାମୂହିକ ଛୁଟିରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଦ୍ୱିତୀୟ ଦିବସରେ ମୟୂରଭଞ୍ଜ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୂହିକ ଛୁଟିରେ ଅଛନ୍ତି। ଦାବି ପୂରଣ ହେବଯାଏ ଏହି ଆନ୍ଦୋଳନ ଜାରି ରହିବ ବୋଲି ମୟୂରଭଞ୍ଜ ଜିଲ୍ଲା ଅଧ୍ୟକ୍ଷ କପିଳାସ ବେହେରା, ଜିଲ୍ଲା ସମ୍ପାଦକ ରୂପକ ମହାରଣା, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସନ୍ତୋଷ ମହାନ୍ତି, ଉପସଭାପତି (ଉପଖଣ୍ଡ) ବାରିପଦା ତପନ ବେହେରା, ଜିଲ୍ଲା ଉପଦେଷ୍ଟା ଅଶୋକ ବେହେରା ଏବଂ ଜିଲ୍ଲା କୋର କମିଟି ସଦସ୍ୟ ପାର୍ଥସାରଥୀ ଦାସ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଜିଲ୍ଲା ସମ୍ପାଦକ ଶ୍ରୀ ମହାରଣା କହିଛନ୍ତି ଯେ, ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦୋନ୍ନତି ପୂର୍ବରୁ ଅବସର ନେଇସାରିଲେଣି। ଫଳରେ ସେମାନେ ନ୍ୟାଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଦକ୍ଷତାର ସହ ରାଜ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ହେଲେ ସେମାନଙ୍କୁ ସରକାର ଅଣଦେଖା କରି ଆସୁଛନ୍ତି। ପ୍ରମୁଖ ଦାବିଗୁଡିକ ହେଲା, ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲା ମାନଙ୍କ ମୂଳ ଦରମା ଓଆରଏସପି-୨୦୧୭ ନିୟମ ଅନୁଯାୟୀ ଲେବେଲ୍- ୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ଅନୁଯାୟୀ ତଥା ସମସ୍ତ ୩୦ଟି ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାୟୀ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ଅନୁକମ୍ପାମୂଳକ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ୍ ଯୋଜନା ରେ ଅନ୍ତର୍ଭୁକ୍ତ କରାଯିବା ଇତ୍ୟାଦି ଅଛି। ଆନ୍ଦୋଳନ ଫଳରେ ସରକାରୀ ସେବା ବ୍ୟାହତ ପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ, ବାରିପଦା ଉପଜିଲ୍ଲାପାଳ ଏବଂ ଜିଲ୍ଲାସ୍ତରୀୟ ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ ତଥା ବାରିପଦା ଉପଖଣ୍ଡର ସମସ୍ତ ବ୍ଲକ, ତହସିଲ, ଆଇସିଡିଏସ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିବା ସମସ୍ତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ।

## ଏମ୍‌ପିସି ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ

# ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ



ବାରିପଦା, ୧୨।୮ (ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ପକ୍ଷରୁ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଉଦଯାପନୀ ଦିବସରେ ମହାବିଦ୍ୟାଳୟର ସଂସ୍କୃତ ବିଭାଗର ମୁଖ୍ୟ ଡ଼ ପ୍ରିୟବ୍ରତ ବେହେରାଙ୍କ ତତ୍ତ୍ୱାବଧାନରେ ନିଖିଳ ଓଡ଼ିଶା ସଂସ୍କୃତ ବିଦ୍ୟାର୍ଥୀ ମହାସଂଘ, ଓଡ଼ିଶାର ଆବାହକ ଦେବେନ୍ଦ୍ର ଆଚାର୍ଯ୍ୟଙ୍କ ସଂଯୋଜନାରେ ବିଭାଗର ଛାତ୍ରଛାତ୍ରୀଙ୍କ ପକ୍ଷରୁ 'ସଂସ୍କୃତ ବଞ୍ଚିଲେ ଅସ୍ମିତା ବଞ୍ଚିବ, ସଂସ୍କୃତ ବଞ୍ଚାଓ' ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥିଭାବେ ଅଧ୍ୟାପିକା କଳ୍ପନା ନାୟକ, ସୁଚିତ୍ରା ସାହୁ, ସୁଚିସ୍ମିତା ବେହେରା, ଅଧ୍ୟାପକ ଭୋଳାନାଥ ଦାଶ ପ୍ରମୁଖ ଯୋଗଦେଇ ଆଧୁନିକ ସମାଜ ସଂସ୍କୃତ ଭାଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୁଚାଇଥିଲେ। ଏହି ଅବସରରେ ଶ୍ଳୋକ ଆବୃତ୍ତି, ସଂସ୍କୃତ ପଠନ, ସଂସ୍କୃତ ସଙ୍ଗୀତ ଗାନ, ସଂସ୍କୃତ ସାଧାରଣଜ୍ଞାନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶ୍ଳୋକ ଆବୃତ୍ତିରେ ସୁବ୍ରତ ପଞ୍ଚାଧ୍ୟାୟ, ଅନ୍ନପୂର୍ଣ୍ଣା ଦାସ, ସଞ୍ଜିତ୍ ବିନ୍ଧାଣି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ସେହିପରି ସଂସ୍କୃତ ପଠନରେ ପୁଷ୍ପଲତା ମହାନ୍ତ, ପୂଜା ଦେଓ, ମେଘବର୍ଣ୍ଣ ସି ଏବଂ ସଂସ୍କୃତ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ମେଘବର୍ଣ୍ଣ ସି, ପୁଷ୍ପଲତା ମହାନ୍ତ, ଲୀଳାବତୀ ବେହେରା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଶେଷରେ ବିଦ୍ୟାର୍ଥୀ ପୁଷ୍ପଲତା ମହାନ୍ତ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଲେଡି ହାମିଲଟନ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

**ବାରିପଦା, ୧୨।୮ (ସମିସ):** ପାଲବଣିସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ମିନାରାଣୀ ପାତ୍ରଙ୍କ ମାର୍ଗଦର୍ଶନରେ ସଂସ୍କୃତ ଶିକ୍ଷୟିତ୍ରୀ ଅନୁପମା ବେହେରାଙ୍କ



ପୌରୋହିତ୍ୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। ସଂସ୍କୃତ ଶିକ୍ଷୟିତ୍ରୀ ସଂସ୍କୃତ ଭାଷାର ପ୍ରାଚୀନତା, ଭାଷା ଓ ବ୍ୟାକରଣ ଗତ ଶୁଦ୍ଧତା, ସାରା ବିଶ୍ୱରେ ଏହି ଭାଷାର ଆଦରଣୀୟତା ବିଶେଷ କରି ବର୍ତ୍ତମାନ ସମୟରେ କେବଳ ଭାରତବର୍ଷ ନୁହଁ ସାରା ବିଶ୍ୱରେ ଏହି ଭାଷାର ଆବଶ୍ୟକତା ବିଷୟରେ ସବିଶେଷ ବର୍ଣ୍ଣନା କରିଥିଲେ। ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ସଂସ୍କୃତ କିପରି ଗଣିତ, ବିଜ୍ଞାନ ଏପରିକି ଆଧୁନିକ ଜ୍ଞାନକୌଶଳ ଓ ପ୍ରଯୁକ୍ତି ବିଦ୍ୟାର ଜନନୀ ତାହା ବୁଝାଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଗୀତା ପାଠ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା। ଗୀତା ପାଠରେ ସ୍ୱାଗତିକା ପଣ୍ଡା, ପ୍ରାଚୀତନୟା ଦାସ ଓ ନିର୍ଜଳା ପରିଛା, ବକ୍ତୃତାରେ ନିର୍ଜଳା ପରିଛା, ସୁବ୍ରତ କୁମାର ବାରିକ ଓ ସ୍ୱାଗତିକା ପଣ୍ଡା ଏବଂ ଚିତ୍ରାଙ୍କନରେ ଦିବ୍ୟାଂଶୀ ପ୍ରିୟଦର୍ଶନୀ ସ୍ୱାଇଁ, ଶ୍ରଦ୍ଧା ରଣା ଓ ପୁଷ୍ପାଞ୍ଜଳି ପାତ୍ର ଯଥାକ୍ରମେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।

# ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ କନିଷ୍ଠ ଶିକ୍ଷକ ସଂଘ



**ବାରିପଦା, ୧୨।୮ (ସମିସ):** ମୟୂରଭଞ୍ଜ କନିଷ୍ଠ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଦିବ୍ୟରଞ୍ଜନ ଗିରିଙ୍କ ନେତୃତ୍ୱରେ ଜିଲ୍ଲାରେ କର୍ମରତ କନିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ସହିତ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧ୍ୟମରେ ଦେଇଛନ୍ତି। ଦାବି ଅନୁସାରେ ଦୀର୍ଘ ଦଶନ୍ଧି ପରେ ସରକାର ପ୍ରାଥମିକ ଶିକ୍ଷା ଓ ଶିକ୍ଷକଙ୍କ ଦୁଃଖ ବୁଝିପାରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ଅଗଷ୍ଟ ୨ତାରିଖରେ ଜାରି ଚିଠିକୁ ସମସ୍ତ ଶିକ୍ଷକ ସମାଜ ଓ ବୁଦ୍ଧିଜୀବି ମଣ୍ଡଳୀ ମଧ୍ୟ ସ୍ୱାଗତ କରିଥିଲେ। ମାତ୍ର ଚିଠି ଜାରି ହେବାର ୫ ଦିନପରେ ଏହି ଚିଠି କୁ ଉପଯୁକ୍ତ ସ୍ତରରେ ଗ୍ରହଣୀୟ ହୋଇନାହିଁ ଦର୍ଶାଇ ପ୍ରତ୍ୟାହାର କରି ନେଇଛନ୍ତି। ସରକାରଙ୍କ ଏପରି ପ୍ରତ୍ୟାହାର ନୀତିକୁ ସଂଘ ଦୃଢ଼ ନିନ୍ଦା କରିବା ସହିତ ଏହା ସମ୍ପୂର୍ଣ୍ଣ ଅମାନବୀୟ ରୂପେ ସମାଲୋଚନା କରିଛି। ଏଣୁ ପ୍ରତ୍ୟାହାର କରା ଯାଇଥିବା ପ୍ରସ୍ତାବିତ ଚିଠିକୁ ପୁନର୍ବାର ଅନୁମୋଦନ ସହିତ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଂଘ ଦାବି କରିଛି। ଆଗାମୀ ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ସଂଘ।




## ବିଶ୍ୱ ହାତୀ ଦିବସ ମହାସମାରୋହ

# 'ମଣିଷ-ହାତୀ ଲଢ଼େଇରେ ମଣିଷ ଆୟୁଧ ନ ହେଉ'

ବାରିପଦା, ୧୨।୮ (ସମିସ)



ପ୍ରାଣୀ ଜଗତର ବୃହତ ପ୍ରାଣୀ ହାତୀଙ୍କୁ ସୁରକ୍ଷା ଦେଲେ ସେମାନେ କାହାରି ଅନିଷ୍ଟ କରିବେନି। ଆମକୁ ଶାନ୍ତିରେ ରହିବାକୁ ଦେବେ। ମଣିଷ-ହାତୀ ମଧ୍ୟରେ ଲଢେଇରେ ମଣିଷ ଆୟୁଧ ନ ହେଉ ବୋଲି କହିଛନ୍ତି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ବାରିପଦା ମଣ୍ଡଳର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ। ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ଓ ବନବିଭାଗ ପକ୍ଷରୁ ବାରିପଦାର ସହିଦ ସ୍ମୃତି ଭବନ ପରିସରରେ ମଙ୍ଗଳବାର ବିଶ୍ୱ ହାତୀ ଦିବସ-୨୦୨୫ ପାଳନ ଅବସରରେ ସେ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିବିଶେଷ, ପରିବେଶବିତ୍ ଓ ବନ୍ୟଜନ୍ତୁ ପ୍ରେମୀମାନେ ଏକତ୍ରିତ ହୋଇ ହାତୀ ସଂରକ୍ଷଣ ଏବଂ ତାଙ୍କର ଆବାସସ୍ଥଳୀ ରକ୍ଷା ପାଇଁ ସଚେତନତା ସୃଷ୍ଟି କରିଥିଲେ। ଏହାପରେ ଶିମିଳିପାଳ ଟାଇଗର ରିଜର୍ଭର ଦିବଙ୍ଗତ ଗଜରାଜ 'ମହେନ୍ଦ୍ର', 'ଭବାନୀ' ଓ 'ଶୋଭା'ଙ୍କର ସ୍ମୃତିଚାରଣ ପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦଚନ୍ଦ୍ର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଥିଲେ। ମୁଖ୍ୟଅତିଥିଭାବେ ମୟୂରଭଞ୍ଜର ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, କିଟ ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରାଧ୍ୟାପିକା ତୁଳସୀ ପ୍ରଧାନ ସେଭ୍ ଏଲିଫାଣ୍ଟ ଫାଉଣ୍ଡେସନ ଟ୍ରଷ୍ଟର ପ୍ରୟାସକୁ ପ୍ରଶଂସା କରିଥିଲେ। ମୁଖ୍ୟଅତିଥି ମହାରାଜା ଶ୍ରୀ ଭଞ୍ଜଦେଓ ସମାଜର ସମ୍ମିଳିତ ଅଂଶଗ୍ରହଣ ଦ୍ୱାରା ବନ୍ୟଜନ୍ତୁ ସଂରକ୍ଷଣର ଗୁରୁତ୍ୱ ଉପରେ ପ୍ରେରଣାଦାୟୀ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାକ୍ତନ ପିସିସିଏଫ ଡ. ଦେବବ୍ରତ ସ୍ୱାଇଁ ସଭାପତିଙ୍କ ଅଭିଭାଷଣ ଦେଇଥିବା ବେଳେ ଅତିଥିମଙ୍କୁ ଉତ୍ତରୀୟ ଓ ସ୍ମାରକୀ ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଡ. ଶ୍ରୀ ସ୍ୱାଇଁଙ୍କ ଦ୍ୱାରା ରଚିତ ପୁସ୍ତକ 'ଦି ସିକ୍ରେଟ୍ସ ଅଫ ଶିମିଳିପାଳ' (ପେପରବ୍ୟାକ ସଂସ୍କରଣ) ଉନ୍ମୋଚିତ ହୋଇଥିଲା। ଶିମିଳିପାଳ (ଦକ୍ଷିଣ) ର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ଶିମିଳିପାଳରେ ହାତୀ ପରିଚାଳନା ବିଷୟରେ ଆଲୋଚନା କରି ଶିମିଳିପାରେ ରହିଥିବା ୧୦୫ରୁ ଅଧିକ ହାତୀଙ୍କୁ ସୁରକ୍ଷିତ ଭାବେ ଚଳପ୍ରଚଳ କରିବାକୁ ଅଭୟ ଦିଆଯାଇଛି, ଏଆଇ କ୍ୟାମେରା ରହିଥିବାରୁ ଦିନକୁ ଦିନ ଶିକାରୀଙ୍କୁ ଗିରଫ କରାଯାଉଛି। ଏହି ଶିକାର ଓ ଶିକାରୀ ସଂଖ୍ୟା ଏବେ ନଗନ୍ୟ ରହିଥିବାବେଳେ ଆସନ୍ତା କିଛି ଦିନମଧ୍ୟରେ ଏହା ଶୂନ୍ୟକୁ ହ୍ରାସ କରାଯିବ ବୋଲି ସେ କିହଛନ୍ତି। ପୂର୍ବତନ ଶିକ୍ଷା ସଚିବ ତଥା ଅବସରପ୍ରାପ୍ତ ଆଇଏଏସ ଡ. ଅରୁଣ କୁମାର ରଥ କେନ୍ଦ୍ର ସରକାର ଓ ବନ୍ୟଜନ୍ତୁ ସଂରକ୍ଷଣ ବିଷୟରେ ମତ ପ୍ରକାଶ କରିଥିଲେ। ଏଥିରେ ରାଇରଙ୍ଗପୁର ଡିଏଫଓ ସୁବ୍ରତ ପାତ୍ର ଏବଂ ବାଲେଶ୍ୱର ଡିଏଫଓ ପି.କେ ମଲ୍ଲିକ ବନ୍ୟଜନ୍ତୁ ସୁରକ୍ଷା ଓ ଶିକାରୀଙ୍କୁ ସମୂଳେ ନାଷ କରିବା କାର୍ଯ୍ୟକୁ ନେଇ ଆଲୋଚନା କରିଥିଲେ। ଏହି ଅବସରରେ ଅନୁରାଧାଙ୍କ ଦ୍ୱାରା ଗଣେଶ ବନ୍ଦନା ଓ କୁମାରୀ ସମୀକ୍ଷା ପାଢ଼ୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପରିବେଷଣ କରାଯାଇଥିଲା। ଫରେଷ୍ଟର ପଦ୍ମା ବେହେରାଙ୍କ ନେତୃତ୍ୱରେ ହାତୀ ସଂରକ୍ଷଣ ଉପରେ ଛଉ ନୃତ୍ୟ ପରିବେଷଣ ସହ ପର୍ଣ୍ଣରୂପା ମହାନ୍ତି ଓ ଗୋଷ୍ଠୀଙ୍କ ଦ୍ୱାରା ଝୁମର ନୃତ୍ୟ ପରିବେଷଣ ହୋଇଥିଲା। ଏହି ଅବସରରେ ଆୟୋଜିତ ବିତର୍କ, ରଚନା ଲେଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାର ବିଜେତାଙ୍କୁ ସମ୍ମାନିତ କରାଯାଇ ଯୁବବର୍ଗଙ୍କୁ ସଂରକ୍ଷଣ ପ୍ରୟାସରେ ଅଂଶଗ୍ରହଣ ପାଇଁ ଉତ୍ସାହିତ କରାଯାଇଥିଲା। ଟ୍ରଷ୍ଟର ଅଧ୍ୟକ୍ଷ ଡ. ରଜନୀକାନ୍ତ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବ ଚଳିତ ବର୍ଷର ବିଷୟବସ୍ତୁ 'ମହାନ ଗଜରାଜଙ୍କୁ ସଂରକ୍ଷଣ ପାଇଁ ହାତ ମିଳାଇବା' ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରି ସଚେତନତା ସୃଷ୍ଟି କରି ହାତୀ ସଂରକ୍ଷଣ ପାଇଁ ଦୃଢ଼ ସଂକଳ୍ପ ନେବାକୁ ସମସ୍ତେ ଆହ୍ୱାନ ଦେଇଥିଲେ। ସେହିପରି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଆନୁକୂଲ୍ୟରେ ବିଶ୍ୱ ହାତୀ ଦିବସ ପାଳନ କରାଯାଇଛି। ଶାନ୍ତମୟ ଜଙ୍ଗଲୀ ହାତୀମାନଙ୍କୁ ହାତୀଘରେ ଏକ ବିଶେଷ ପୂଜା ସହିତ ସମ୍ବର୍ଦ୍ଧିତ କରାଯାଇଛି।



## ଟ୍ରକ୍ ପଛରେ ପିଟିଲା ବାଇକ୍ ଜଣେ ମୃତ, ଜଣେ ଗୁରୁତର

କେନ୍ଦୁଝର/ବଡ଼ବିଲ,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ରୁଗୁଡ଼ି ଥାନା ଜାତୀୟ ରାଜପଥ ୫୨୦ରେ ଗନ୍ଧଲପଦା ଛକ ନିକଟରେ ଆଉ ଏକ ଦୁର୍ଘଟଣାରେ ଜଣେ ବାଇକ୍ ଆରୋହୀ ପ୍ରାଣ ହରାଇଛନ୍ତି। ମୃତକ ହେଲେ କୋଇଡ଼ା ଥାନା ସାଗାସାହି ଅଞ୍ଚଳର ଜୟରାମ ସାଇ। ସେ ଗୁଆଲି ସ୍ଥିତ ତ୍ରିବେଣୀ ଅର୍ଥ ମୁଭର୍ସ କମ୍ପାନୀର କର୍ମଚାରୀ ବୋଲି ଜଣାପଡିଛି। ଡ୍ୟୁଟି ସାରି ଘରକୁ ଫେରୁଥିବା ବେଳେ ଭାରସାମ୍ୟ ହରାଇ ଗନ୍ଧଲପଦା ଛକ ନିକଟରେ ଏକ ଟ୍ରକ୍ ପଛରେ ପିଟିହେବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ଜବତ୍ କରି ରୁଗୁଡ଼ି ପୁଲିସ ତଦନ୍ତ ଆରମ୍ଭ କରିଛି।

## ଭତ୍ତା ଓ ରାସନରୁ ବଞ୍ଚିତ ଦୁଇ ବୃଦ୍ଧା




ତେଲକୋଇ,୧୨।୮ (ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ଝୁମୁକା ପଶିମୁଣ୍ଡା ସାହିର ଦୁଇ ଅସହାୟବୃଦ୍ଧା ଭତ୍ତା ଓ ରାସନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହେଉଛି। ଦୁଇ ଅସହାୟ ବୃଦ୍ଧା ନିରାଶ ମୁଣ୍ଡା (୮୨) ଓ ସୁବୁନି ମୁଣ୍ଡା (୭୦) ଦୀର୍ଘ ବର୍ଷ ହେବ ଭତା ଓ ରାସନରୁ ବଞ୍ଚିତ ଅଛନ୍ତି। ତେବେ ଉଭୟଙ୍କୁ କିଛି ବର୍ଷ ବିଧବା ଭତ୍ତା ମିଳିଥିଲା ମାତ୍ର ମାତ୍ର କୌଣସି କାରଣ ବଶତଃ ଏଇ ୪ରୁ ୫ ବର୍ଷ ହେବ ପୁଣି ଭତ୍ତାରୁ ବଞ୍ଚିତ ହୋଇଛନ୍ତି। ତୁରନ୍ତ ତେଲକୋଇ ବ୍ଲକ ପ୍ରଶାସନ ସମ୍ପୃକ୍ତ ଅସହାୟ ବୃଦ୍ଧାଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଦାବି ହୋଇଛ।

## ହଜିଗଲା ଗୁରୁତ୍ୱପୂର୍ଣ୍ଣ ଫାଇଲ୍

ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ୍ କେଶଦୁରାପାଳ ଗ୍ରାମର ଶୁଭଦର୍ଶନ ମିଶ୍ରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଫାଇଲ୍‌ଟି ବସ୍‌ରେ ହଜିଯାଇଛି। ଶୁଭଦର୍ଶନ ଭୁବନେଶ୍ୱରରେ ପାଠ ପଢୁଛନ୍ତି। ବସ୍‌ରେ ଘରକୁ ଫେରୁଥିବା ବେଳେ ବିଟେକ୍‌ର ସାର୍ଟିଫିକେଟ ସହ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ ବିଭିନ୍ନ ପ୍ରମାଣପତ୍ର ଥିବା ଫାଇଲ୍‌ଟି ହଜିଯାଇଛି। କେହି ସହୃଦୟ ବ୍ୟକ୍ତି ପାଇଥିଲେ ୭୦୦୮୧୯୭୩୪୨ରେ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

## ଖବର ପାଇ ନିଖୋଜ ପୁଅ ଘରକୁ ଫେରିଲା


• ମାସେ ହେଲା ପୁଅ ନିଖୋଜ
ଖୋଜିଖୋଜି ନୟାନ୍ତ ହେଲେଣି ବାପା

ରାମଚନ୍ଦ୍ରପୁର,୧୨।୮ (ସମିସ): ଗଣମାଧ୍ୟମରୁ ଖବର ପାଇ ନିଖୋଜ ଥିବା ଭେଣ୍ଡିଆ ପୁଅ ଦୀର୍ଘ ମାସେ ପରେ ଘରକୁ ଫେରିଛି। ଏନେଇ ପରିବାରରେ ଖୁସି କହିଲେ ନସରେ। କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ଗଡବାନ୍ଧଗୋଡା ମୁସଲମାନ ବସ୍ତିର ଏସକେ ଖୈରୁଦ୍ଦିନଙ୍କ ପୁଅ ଏସକେ ରିୟାଜୁଦ୍ଦିନ ଓଫଫ-ରମଜାନ୍ (୩୨) ଯାଜପୁର ଜିଲ୍ଲା କୁଆଖିଆ ବଜାର ଏକ ହୋଟେଲରେ ବର୍ଷେ ହେଲା କାମ କରୁଥିଲେ। ଗତ ଜୁଲାଇ ୧୪ ତାରିଖରୁ ଘରକୁ ଯିବା ପାଇଁ କହି କେଉଁଆଡେ ନିଖୋଜ ହୋଇଯାଇଥିଲା। ପୁଅକୁ ବହୁତ ଖୋଜାଖୋଜି ପରେ ବି ସନ୍ଧାନ ନମିଳିବାରୁ ପରିବାର ପକ୍ଷରୁ ରାମଚନ୍ଦ୍ରପୁର ଥାନା ସମେତ କୁଆଖିଆ ଥାନାରେ ପୁଅ ନିଖୋଜ ସମ୍ପର୍କରେ ଏତଲା ଦାଏର କରାଯାଇଥିଲା। ଗତ ୫ ତାରିଖରେ "ସକାଳ'ରେ "ମାସେ ହେଲା ନିଖୋଜ ପୁଅ, ଖୋଜିଖୋଜି ନୟାନ୍ତ ହେଲେଣୀ ବାପା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ପରେ ଯାଜପୁର ଜିଲ୍ଲା ଚଣ୍ଡିଖୋଲ ବଜାରରେ ବୁଲୁଥିବା ସମୟରେ ଖବରକାଗଜରୁ ନିଜେ ନିଖୋଜ ଥିବା ସମ୍ପର୍କରେ ଖବର ଦେଖି ପୁଅ ରମଜାନ୍ ଗତକାଲି ଘରକୁ ଆସିଥିଲେ। ପୁଅକୁ ଫେରି ପାଇ ଗଣମାଧ୍ୟମ ସହ ଆମ ପ୍ରତିନିଧିଙ୍କୁ କୃତଜ୍ଞତା ଜଣାଇଛନ୍ତି ପରିବାର ସଦସ୍ୟ।

## କୁଶେଇ ନଦୀରୁ ମହାଭାର ଯାତ୍ରା



ବେଲବାହାଲି,୧୨।୮ (ସମିସ): ଶ୍ରାବଣ ମାସର ଶେଷ ସୋମବାରରେ ଘସିପୁରା ବ୍ଲକ୍ ଖାଳିଆମେଣ୍ଟାର ମାନସିକଧାରୀଙ୍କ ଦ୍ୱାରା ମହାଭାର ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଳୁମାନେ ଦେଓଗାଁ କୁଶେଇ ନଦୀ କୂଳରେ ପୂଜାର୍ଚ୍ଚନା କରିବା ପରେ ବିଶାଳ ଶୋଭାଯାତ୍ରାରେ ଆସି ଖାଳିଆମେଣ୍ଟା ବାରମାସୀ ମନ୍ଦିରରେ ଜଳଲାଗି କରିଥିଲେ। ଏଥିରେ କମିଟି ସଦସ୍ୟ ଆଲୋକ କୁମାର ଜେନା, ଦିଲକ ଜେନା, ବବୁଲ ଜେନା, ଧର୍ମାନନ୍ଦ ଜେନା, ସତ୍ୟବ୍ରତ ଜେନା, ଚଗୁଲୁ ଜେନା, ସ୍ୱେନିଓ ଚକ୍ର, ଶକ୍ତି ସାଇ ଜେନା, ବୂଟା ଜେନା ସନ୍ତୋଷ ଜେନା, ଚିନ୍ମୟ ଜେନା, ସରୋଜ ଭୂୟାଁ, ସୌମ୍ୟ ରଞ୍ଜନ ଜେନା, ପବିତ୍ର ଜେନା, ଗୁଲିଆ ଚକ୍ର, ଜଗମୋହନ ଜେନା, ଆଶିଷ ଜେନା, ରାକେଶ ଚକ୍ର, ଦେବବ୍ରତ ଜେନା, ନକୁଳ ଜେନା, ଗାନ୍ଧୀ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ଅବହେଳିତ ନଟିଆ ଗାଁ / ସନ୍ଧ୍ୟା ହେଲେ ଡିବିରି ଆଲୁଅ ଭରସା




### ଏବେ ବି ଗାଁରେ ନାହିଁ ବିଜୁଳି
### ଗ୍ରାମବାସୀଙ୍କ ଗୁହାରି ଶୁଣୁନି ପ୍ରଶାସନ

ଆନନ୍ଦପୁର,୧୨।୮ (ସମିସ): ସ୍ୱାଧିନତାର ୭୯ ବର୍ଷ ପରେ ବି ଏଭଳି ଏକ ଗାଁ ଅଛି; ଯେଉଁ ଗାଁର ଲୋକଙ୍କ ପାଇଁ ଆଜି ମଧ୍ୟ ବିଜୁଳୀ ଆଲୁଅ ସାତ ସପନ ପାଲଟିଛି। ଗାଁକୁ ଆଜି ପର୍ଯ୍ୟନ୍ତ ସଂଯୋଗ ହୋଇପାରିନି ବିଦ୍ୟୁତ୍। ବିଭାଗ ଠାରୁ ଆରମ୍ଭ କରି ଉପଖଣ୍ଡ ପ୍ରଶାସନ, ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭକରି ରାଜ୍ୟ ପଦାଧିକାରୀ ସମସ୍ତଙ୍କୁ ଗୁହାରୀ କଲେଣି। ଏଥିପାଇଁ ଧାରଣା ଏପରିକି ହରତାଳ ମଧ୍ୟ କରିଛନ୍ତି ଗ୍ରାମବାସୀ; ହେଲେ ଫଳଶୁନ। ବିନା ବିଜୁଳୀରେ କଲବଲ ହେଉଛନ୍ତି ଗ୍ରାମବାସୀ। ଅନ୍ୟପଟେ ୨୦୦୮ରୁ ଚାଲିଛି ଗାଁର ଅଙ୍ଗନବାଡ଼ି ଗୃହନିର୍ମାଣ କାମ; ଯାହା ଆଜିସୁଦ୍ଧା ସରିନାହିଁ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ୍ ସାମୁକାନାଣ୍ଡି ପଞ୍ଚାୟତ ନଟିଆ ଗାଁରେ କେବେ ହେବ ବିକାଶ ସେନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଘଷିପୁରା ବ୍ଲକ୍‌ର ଆଦିବାସୀ ଅଧ୍ୟୁଷିତ ସାମୁକାନାଣ୍ଡି ପଞ୍ଚାୟତର ଇଏ ହେଉଛି ନଟିଆ ଗାଁ। ଦେଢ଼ଶହ ଘରକୁ ନେଇ ଏହି ଗାଁ ଲୋକଙ୍କ ସଂଖ୍ୟା ପାଖାପାଖି ପାଞ୍ଚଶହ ହେବ। ଏହି ଆଦିବାସୀ ଗାଁକୁ ନୂଆକରି ହେଉଥିବା ସଡ଼କକୁ ଛାଡ଼ିଦେଲେ ଦୂର ଦୂର ପର୍ଯ୍ୟନ୍ତ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଗାଁକୁ ଆଜିଯାଏ ପହଁଞ୍ଚିପାରିନି ବିଜୁଳି ଆଲୁଅ। ଫଳରେ ଲୋକଙ୍କ ପାଇଁ ଦିନତ ଯେମିତି ହେଲେ କଟିଯାଉଛି, କିନ୍ତୁ ରାତି ହେଲେ ଭୟରେ ରହୁଛନ୍ତି ଗାଁ ଲୋକେ। ଜଙ୍ଗଲିଆ ଅଞ୍ଚଳ ଯୋଗୁଁ ସରୀସୃପ ମାନଙ୍କର ଭୟ ସବୁବେଳେ ଘାରିଥାଏ ଗାଁ ଲୋକଙ୍କୁ। ବିଜୁଳି ନ ଥିବାରୁ ପିଲାଙ୍କର ପାଠପଢା ଠାରୁ ଆରମ୍ଭକରି ସବୁକ୍ଷେତ୍ରରେ ସମସ୍ୟା ଭୋଗୁଛନ୍ତି ଗାଁ ଲୋକେ। ଗାଁକୁ ବିଜୁଳୀ ଆଲୁଅ ପାଇଁ ପୂର୍ବରୁ ଅନେକ ଥର ବିଭାଗୀୟ ଅଧିକାରୀଙ୍କ ଠାରୁ ଆରମ୍ଭକରି ଜିଲ୍ଲାପାଳ, ରାଜ୍ୟ ଶକ୍ତି ବିଭାଗ ପର୍ଯ୍ୟନ୍ତ ବାରମ୍ବାର ପତ୍ର ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି। ହେଲେ କେହି ଏମାନଙ୍କ କଥା ଶୁଣୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। କେବଳ ବିଦ୍ୟୁତ୍ ଆଲୁଅ ନୁହେଁ ଅନ୍ୟ କେତେକ କ୍ଷେତ୍ରରେ ମଧ ଗାଁକୁ ପ୍ରଶାସନିକ ସ୍ତରରେ କରାଯାଇଛି ଅବହେଳା ବୋଲି ଅଭିଯୋଗ ହେଉଛି। ଗାଁରେ ଗୋଟିଏ ଅଙ୍ଗନବାଡି ଅଛି ଏବଂ ପିଲା ସେଠାରେ ପାଠ ପଢୁଛନ୍ତି। ହେଲେ ପାଠପଢା ଚାଲିଛି ସ୍କୁଲ ବାରଣ୍ଡାରେ। ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣପାଇଁ ଅର୍ଥ ଆସିଛି ହେଲେ ଠିକାଦାର ଗୃହନିର୍ମାଣ କାମ ୨୦୦୮ ମସିହାର ଆରମ୍ଭ କରିଥିବା ବେଳେ ଆଜି ପର୍ଯ୍ୟନ୍ତ ସରିନାହିଁ। ଆଦିବାସୀ ଲୋକ ବୋଲି ସମସ୍ତେ ଠକି ଦେଉଥିବା ଅନୁଭବ କରୁଛନ୍ତି ଗ୍ରାମବାସୀ। ନଟିଆ ଗାଁକୁ ବିଦ୍ୟୁତ୍ ସଂଯୋଗ ନଥିବା ନେଇ ବାରମ୍ବାର ଅଭିଯୋଗ ହେବାରୁ ୨୦୧୯ ମସିହାରେ ସୌଭାଗ୍ୟ ଯୋଜନାରେ ସୌରଶକ୍ତି ମାଧ୍ୟମରେ ଗାଁ ଲେକଙ୍କୁ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା। ଗାଁରେ ମୋଟ ୧୫୦ ପରିବାର ରହିଥିବା ବେଳେ ମାତ୍ର ୮୦ ପରିବାରକୁ ସୌରଶକ୍ତି ବିଜୁଳି ଯୋଗାଣ କରାଯାଇଥିଲା। ଏକ କମ୍ପାନୀ ଏହି କାମର ଠିକା ନେଇଥିବା ବେଳେ ଲଗାଇବାର ମାତ୍ର କିଛିଦିନ ପରେ ଧିରେ ଧିରେ ଏହା ଖରାପ ହେବାରେ ଲାଗିଲା। ଏବେ ଘରମାନଙ୍କରେ କେବଳ ସୋଲାର ପ୍ୟାନେଲ ଝୁଲୁଛି। ମୋବାଇଲ ଚାର୍ଜ କରିବାକୁ ହେଲେ ଲୋକଙ୍କୁ ଅନ୍ୟ ଗାଁକୁ ଯିବାକୁ ପଡୁଛି। ତେବେ ନଟିଆ ଗାଁକୁ କେବେ ବିଦ୍ୟୁତ୍ ଯୋଗାଣ ସମ୍ପର୍କରେ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ବିଦ୍ୟୁତ୍ ବିଭାଗ ସହ ଏନେଇ ଆଲୋଚନା ହୋଇ ଆକଳନ ପ୍ରସ୍ତୁତ କରିବାକୁ ପ୍ରସ୍ତାବ ଦିଆଯାଇଛି। କୌଣସି ସରକାରୀ ଅନୁଦାନ ଦିଆଯାଇ ନଟିଆ ଗାଁକୁ ବିଦ୍ୟୁତ୍ କରଣ କରାଯିବ।

## ନାରୀ ସୁରକ୍ଷା ପାଇଁ ପୁଲିସ ବନ୍ଧୁ ସଚେତନତା କାର୍ଯ୍ୟକ୍ରମ



ଚମ୍ପୁଆ,୧୨।୮ (ସମିସ): ବଢୁଥିବା ମହିଳା ହିଂସା ଓ ରାଜ୍ୟରେ ଆତ୍ମହତ୍ୟା ଜନିତ ମୃତ୍ୟୁକୁ ପ୍ରତିରୋଧ କରିବା ପାଇଁ ବିଭିନ୍ନ ବର୍ଗ ତଥା ସରକାରୀସ୍ତରରେ ପଦକ୍ଷେପ ସରୂପ ଆଜି ଚମ୍ପୁଆ ପୁଲିସ ପକ୍ଷରୁ ମହିଳା ସୁରକ୍ଷା ପାଇଁ ପୁଲିସ ବନ୍ଧୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ଚମ୍ପୁଆ ଏସଡିପିଓ ରସ୍ମିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନାଧିକାରୀ ରମାକାନ୍ତ ମୁଦୁଲି, ଏସଆଇ ହିମାଂଶୁ ଶେଖର ପ୍ରଧାନ, ମହାବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କର, ପ୍ରଧାପକ ଶୁନିଲ କୁମାର ସାହୁ, ଅଧାପକ ଚମ୍ପେଶ୍ୱର ମିଶ୍ର, ରାଜକିଶୋର ମହାନ୍ତ ପ୍ରମୁଖଙ୍କ ସହ ଶତାଧିକ ଛାତ୍ରୀ ଯୋଗଦେଇଥିଲେ। ମହିଳାମାନେ କାର୍ଯ୍ୟକ୍ଷେତ୍ର, ରାସ୍ତାଘାଟ, ଘରେ, ଗାଁ ଓ ସାଧାରଣ ସ୍ଥାନଗୁଡିକରେ ସମ୍ମାନହାନୀ ଭଳି ସମସ୍ୟା ଉପୁଜିଲେ ତୁରନ୍ତ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା। ଏପରିକି ଭାରତୀୟ ନ୍ୟାୟସଂହିତା ମହିଳା ନିର୍ଯ୍ୟାତନା ଦଫା ବିଷୟରେ ଆଲୋକପାତ କରାଯାଇଥିଲା। ଛାତ୍ରୀମାନେ ସଚେତନ ହେଲେ ନିଜେ ନିଜର ସୁରକ୍ଷା ବିଷୟରେ ଅବଗତ ହୋଇ ନିଜନିଜ ଅଞ୍ଚଳରେ ସଚେତନତାର ବାର୍ତ୍ତା ବାଣ୍ଟିବାକୁ ପରାମର୍ଶ ଦିଆଯାଇ ୨୪ଘଣ୍ଟିଆ ପୁଲିସ ସହାୟତା ପ୍ରଦାନ କରାଯିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା।

## କୈରାଳି +୩ ବିଜ୍ଞାନ କଲେଜରେ ବନମହୋତ୍ସବ



ଚମ୍ପୁଆ,୧୨।୮ (ସମିସ): ଚମ୍ପୁଆ ସ୍ଥିତ କୈରାଳି +୩ ବିଜ୍ଞାନ ମହାବିଦ୍ୟାଳୟରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସଭାଧକ୍ଷ ଡଃ ରାଜମୋହନ ପି.ଏସ, ସମ୍ପାଦିକା ଉମା ରାଜମୋହନ, ପରିଚାଳକ ମୁରଲୀଧରନ କେ.ଏସ, କଲେଜର ଅଧ୍ୟକ୍ଷ ଡଃ. ବି.ରାମାରାଜୁ ଏବଂ ପ୍ରାଧ୍ୟାପକ ଗିରିଜା ଶଙ୍କର କରଙ୍କ ମିଳିତ ତତ୍ତ୍ୱାବଧାନରେ ବନମହୋତ୍ସବ ଉପଲକ୍ଷେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ଅତିଥି ବୃନ୍ଦ, ଅଧ୍ୟାପକ/ଅଧ୍ୟାପିକା ତଥା ଛାତ୍ରଛାତ୍ରୀଙ୍କ ଦ୍ୱାରା ମହାବିଦ୍ୟାଳୟ ପରିସରରେ ବିଭିନ୍ନ ଚାରାରୋପଣ କରାଯାଇଥିଲା। ଏତଦବ୍ୟତୀତ ଛାତ୍ରଛାତ୍ରୀଙ୍କୁ ଚାରାରୋପଣର ଆବଶ୍ୟକତା, ଜଙ୍ଗଲ ନଷ୍ଟ ହେବା ଦ୍ୱାରା ଜଳବାୟୁ ପରିବର୍ତ୍ତନର କୁପରିଣାମ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା।

## ଅମଲାଙ୍କ କଲମ ଛାଡ଼ ଆନ୍ଦୋଳନ

ହାଟଡ଼ିହୀ,୧୨।୮ (ସମିସ): ବିଭିନ୍ନ ଦାବି ନେଇ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଅଗଷ୍ଟ ୧୧ ତାରିଖ (ସୋମବାର) ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଅଛନ୍ତି। ଏହି ପରିପ୍ରେକ୍ଷୀରେ ହାଟଡ଼ିହୀ ବ୍ଲକର ବ୍ଲକ, ତହସିଲ, ଆଇସିଡିଏସ୍, କୋଷାଗାର ସହ ଅନ୍ୟାନ୍ୟ କାର୍ଯ୍ୟାଳୟ ମାନଙ୍କରେ କାର୍ଯ୍ୟରତ ଅମଲାମାନେ ସମୂହ ଭାବେ ନିଜ ନିଜ କାର୍ଯ୍ୟାଳୟର ଅଧିକାରୀଙ୍କୁ ନିଜର ଛୁଟି ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆବେଦନ କରିଛନ୍ତି। ରାଜସ୍ୱ ଅମଲାମାନେ ଏକତ୍ରିତ ହୋଇ ସେମାନଙ୍କ ଦାବି ଗୁଡ଼ିକ ପୂରଣ କରିବା ଦିଗରେ ସରକାର ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଅମଲାମାନଙ୍କ କଲମ ଛାଡ଼ ଆନ୍ଦୋଳନ ଯୋଗୁଁ ଗତ ୨ଦିନ ଧରି ଜନସାଧାରଣ ସେମାନଙ୍କର ଜରୁରୀକାଳୀନ ସେବାରୁ ବଞ୍ଚିତ ହୋଇଛନ୍ତି। ଅମଲା ମାନଙ୍କ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ସାଧାରଣ ଲୋକଙ୍କୁ ପ୍ରଭାବିତ କରିବା ନେଇ ଆଶଙ୍କା ବୃଦ୍ଧି ପାଇଛି।

## କଇନିପୁରା ଗ୍ରାମରେ ସ୍ୱଚ୍ଛ ଭାରତ ଅଭିଯାନ



ଆନନ୍ଦପୁର/ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ ଅଧୀନ ବଳରାମପୁର ପଞ୍ଚାୟତର କଇନିପୁରା ଗ୍ରାମରେ ହରଘର ତ୍ରିରଙ୍ଗା ଓ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଯୁବଗୋଷ୍ଠୀଙ୍କ ସହଯୋଗରେ ଘସିପୁରା ବ୍ଲକ ଉପାଧ୍ୟକ୍ଷ ପଞ୍ଚାନନ ବେହେରା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରେ ଆୟୋଜିତ ସ୍ୱଚ୍ଛ ଭାରତ ଅଭିଯାନରେ ଦେବବ୍ରତ ବେହେରା, ଲିଙ୍କୁନ ସାହୁ, ପ୍ରତୋଷ ସାହୁ, ଖଗେଶ୍ୱର ବେହେରା, ରାଜେଶ ସାହୁ, ଚିନ୍ମୟ କୁମାର ସାହୁ, ଦୀପକ ବେହେରା, ବିକ୍ରମ ସାହୁ, ସୁନୀଲ କୁମାର ସାହୁ, ସୂତ୍ରଘନ ସାହୁ, ରାହୁଲ ବେହେରା, ଯୁଧିଷ୍ଠିର ବେହେରା, ଅଲେଖ ପୃଷ୍ଟି, ଭରତଚନ୍ଦ୍ର ସାହୁ, ଦିଲୀପ ସାହୁ ପ୍ରମୁଖ ସାମିଲ ହୋଇଥିଲେ।

## କେନ୍ଦୁଝରରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା



କେନ୍ଦୁଝର,୧୨।୮ (ସମିସ): ଦେଶପ୍ରେମର ଏକ ଚମତ୍କାର ପ୍ରଦର୍ଶନ କରି କେନ୍ଦୁଝର ଜିଲ୍ଲା ପ୍ରଶାସନ ଆଜି ହର୍‌ଘର୍ ତିରଙ୍ଗା ଅଭିଯାନର ଅଂଶ ଭାବରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରିଛି। ହଜାର ହଜାର ଛାତ୍ର, ଅଧିକାରୀ ଏବଂ ଜନସାଧାରଣ ଉତ୍ସାହ ଓ ଗର୍ବର ସହିତ ଜାତୀୟ ପତାକା ଧରି ଏବଂ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରାଟି କେନ୍ଦୁଝର ଷ୍ଟାଡିୟମରୁ ଆରମ୍ଭ ହୋଇ ସହରର ମୁଖ୍ୟ ରାସ୍ତାଦେଇ ଆଗେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ପର୍ଯ୍ୟନ୍ତ ଆସିଥିଲା। ୧୦୦ ମିଟର ଲମ୍ବା ପତାକା ଜାତୀୟ ଏକତା ଏବଂ ଉତ୍ସବର ପରିବେଶ ସୃଷ୍ଟି କରିଥିଲା। ଏହି ଅବସରରେ ଜିଲ୍ଲାପାଳ ବିଶାଳ ସିଂହ, କେନ୍ଦୁଝରଗଡ଼ ପୌରାଧକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ଲଳିତ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଦେଶପ୍ରେମକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ସ୍ୱାଧୀନତା ପାଇଁ ଦିଆଯାଇଥିବା ବଳିଦାନକୁ ନାଗରିକମାନଙ୍କୁ ମନେ ପକାଇବାରେ ହର ଘର ତିରଙ୍ଗା ପଦକ୍ଷେପର ଗୁରୁତ୍ୱ ଉପରେ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇଥିଲେ।

## ପଣ୍ଡୁଆ ହାଇସ୍କୁଲ୍‌ରେ ପରିବେଶ ସଚେତନତା କାର୍ଯ୍ୟକ୍ରମ




ବେଲବାହାଲି,୧୨।୮ (ସମିସ): ଘସିପୁରା ବ୍ଲକ ଅଧୀନ ପଣ୍ଡୁଆ ଉଚ୍ଚବିଦ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ ଦ୍ୱାରା ପରିବେଶ ପ୍ରଦ୍ୟୁଷଣ ଓ ଏହାର ନିରାକରଣ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିଳମଣୀ କରଙ୍କ ସଭାପତିତ୍ୱରେ ଓ ଶକ୍ତି କ୍ଲବର ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଅଭିଲିପ୍ସା ଦାସଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମସ୍ତ ପ୍ରତିଯୋଗୀମାନଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା। ଏକକ ପ୍ଲାଷ୍ଟିକର ବିକଳ୍ପ ସମ୍ବନ୍ଧରେ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଆଲୋକପାତ କରିଥିଲେ। ଆଗାମୀ ଦିନରେ ପିଲାମାନଙ୍କ ମଧ୍ୟରେ ଏହି ସମ୍ବନ୍ଧରେ ଏବଂ ଓଡ଼ିଆ ରଚନା ପ୍ରତିଯୋଗିତା ହେବାପାଇଁ ଘୋଷଣା କରାଯାଇଥିଲା। ସର୍ବଶେଷରେ ବିଦ୍ୟାଳୟ ପରିସରକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବା ତଥା ନିଜ ନିଜ ପରିବାରରେ ଏହାର ବିକଳ୍ପ ବ୍ୟବହାର ଉପରେ ଗୁରୁତ୍ୱ ଦେବା ପାଇଁ ଛାତ୍ରଛାତ୍ରୀ ବଦ୍ଧ ପରିକର ହୋଇଥିଲେ।

## ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ତୁରୁମୁଙ୍ଗା,୧୨।୮ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ୨୨୦ ନମ୍ବର ଜାତୀୟରାଜପଥର ଧାନବେଣି ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡ ବାରୁଆରୁଆ ଥାନା ଅବରାଟୋଲା ଗ୍ରାମର ଇମାମ୍ ସେକ୍। ସେ ରାଜମିସ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ବେଳେ କୌଣସି କାମରେ ବାଇକ୍ ଯୋଗେ ଆସୁଥିବା ସମୟରେ ଭାରସାମ୍ୟ ହରାଇ ରାସ୍ତାକଡ଼ର ସୁରକ୍ଷା ବାଡ଼କୁ ଧକ୍କାଦେବାରୁ ଏଭଳି ଅଘଟଣ ଘଟିଥିଲା। ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତୀ କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ହଦଗଡ଼ ଅଭୟାରଣ୍ୟ: ବର୍ଷକରେ ମରିଛନ୍ତି ୨ଛୁଆ, ୨ଦନ୍ତା ହାତୀ

ହାଟଡ଼ିହୀ,୧୨।୮ (ସମିସ): ହଦଗଡ଼ ବନାଞ୍ଚଳରେ ଏକ ବର୍ଷ ମଧ୍ୟରେ ୨ଟି ଛୁଆହାତୀ ଓ ୨ଟି ଦନ୍ତାର ମୃତ୍ୟୁକୁ ମିଶାଇ ମୋଟ ୪ଟି ହାତୀର ଜୀବନ ଯାଇଛି। ୧୯୭୮ରେ ହଦଗଡ଼ ଜଙ୍ଗଲକୁ ଅଭୟାରଣ୍ୟ ମାନ୍ୟତା ମିଳିଥିଲା। ୧୯୧ କି.ମି ପରିସୀମା ଭିତରେ ଥିବା ଏହି ଅଭୟାରଣ୍ୟ ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟକୁ ସଂଯୋଗ କରୁଛି। ୨୦୨୪ ଗଣନା ଅନୁସାରେ ହଦଗଡ଼ ଅଭୟାରଣ୍ୟରେ ୨୪ରୁ ଉର୍ଦ୍ଧ୍ୱ ହାତୀ ରହିଛନ୍ତି। ଗତ ମାର୍ଚ୍ଚ ୯ ତାରିଖରେ କାଠକଟା ସେକ୍ସନର ବାହିଆ ଡ୍ୟାମ୍ ନିକଟରେ ୪ମାସର ଛୁଆହାତୀର ମୃତ୍ୟୁ ହୋଇଥିଲା। ୬ତାରିଖରେ ହାତୀକୁ ତା'ର ମା' ଛାଡ଼ି ଯିବାପରେ ଏହା ଜଙ୍ଗଲରେ ଏକୁଟିଆ ହୋଇଯାଇଥିଲା। ଛୁଆହାତୀ ଅସୁସ୍ଥ ଅବସ୍ଥାରେ ଜଙ୍ଗଲ ବିଭାଗ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିଲା। ବାରିପଦାରୁ ଆସିଥିବା ସ୍ୱତନ୍ତ୍ର ଚିକିତ୍ସକ ଦଳ ଚିକିତ୍ସା କରିଥିଲେ ମଧ୍ୟ ହାତୀ ଛୁଆଟି ବଞ୍ଚି ନଥିଲା। ସେହିପରି ୨୦୨୪ ମାର୍ଚ୍ଚ ୮ରେ କାଠକଟା ସେକ୍ସନ ମଶାଘାଟି ନିକଟରେ ବଡ଼ ଦନ୍ତାହାତୀ ଓ ଛୁଆ ଦନ୍ତାହାତୀ ମଧ୍ୟରେ ବହୁ ସମୟ ଧରି ଲଢ଼େଇ ହୋଇଥିଲା। ଏଥିରେ ଛୁଆଦନ୍ତାର ମୃତ୍ୟୁ ହୋଇଥିଲା। ଏହାଛଡ଼ା ସୋସୋ ନିକଟ ନିଉଦାନୀରେ ବିଦ୍ୟୁତ୍ ଆଘାତରେ ଏକ ଦନ୍ତାହାତୀର ମୃତ୍ୟୁ ହୋଇଥିଲା। ମାମଲାରେ ଜଣେ ଅଭିଯୁକ୍ତକୁ କୋର୍ଟଚାଲାଣ କରିଥିଲା ବନବିଭାଗ। ସେହିପରି ପିତାନାଉ ଜଙ୍ଗଲରେ ଆଉ ଏକ ହାତୀର ମୃତ୍ୟୁ ହୋଇଥିଲା। ବନବିଭାଗ ବିଶ୍ୱ ହାତୀ ଦିବସ ପାଳନ କରୁଥିବା ବେଳେ ହଦଗଡ଼ ଜଙ୍ଗଲରେ ହାତୀ ସୁରକ୍ଷା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ସହିତ ଅଧିକ କର୍ମଚାରୀ ମୁତୟନ କରାଯିବା ଜରୁରୀ ହୋଇପଡ଼ିଛି। ଏବେ ହଦଗଡ଼ ବନାଞ୍ଚଳରେ ୨୪ଟି ହାତୀ ରହିଥିବା ବେଳେ ଏହି ଐତିହ୍ୟ ପ୍ରାଣୀର ସୁରକ୍ଷା ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଚମ୍ପୁଆରେ ବିଶ୍ୱ ହସ୍ତୀ ଦିବସ ପାଳିତ



ଚମ୍ପୁଆ,୧୨।୮ (ସମିସ): ଓଡ଼ିଶାର ସଂସ୍କୃତି, ଐତିହ୍ୟ ଓ ଗୌରବର ପରିଚୟ ଭାବରେ ପରିଚିତ ହେଉଛି ହାତୀ। ଜୈବବିବିଧତାର ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ଏହି ବିରାଟକାୟ ପ୍ରାଣୀର ସୁରକ୍ଷାପାଇଁ ସବୁବର୍ଗରେ ଚିନ୍ତାପ୍ରକଟ କରାଗଲାଣି। ଏହି ଅବକ୍ଷୟମୁଖୀ ପ୍ରାଣୀର ସୁରକ୍ଷା ପାଇଁ ଅଗଷ୍ଟ ୧୨ତାରିଖକୁ ବିଶ୍ୱ ହସ୍ତୀ ଦିବସ ଭାବରେ ପାଳନ କରାଯାଉଥିବା ବେଳେ ଏମାନଙ୍କ ନିରାପଦ ଭବିଷ୍ୟତ ପାଇଁ ସରକାରୀସ୍ତରରେ ବହୁବିଧି ଯୋଜନା ଗ୍ରହଣ କରାଗଲାଣି। ତଥାପି ହାତୀ-ମଣିଷ ଲଢେଇ ଜାରିରହିଛି। କେତେବେଳେ ହାତୀପାଦ ତଳେ ଚାଲିଯାଉଛି ମଣିଷର ଜୀବନ ତ କେତେବେଳେ ହାତୀ ଶିକାରୀଙ୍କ ଲୋଲୁପ ଦୃଷ୍ଟିରୁ ବର୍ତ୍ତୀ ପାରୁନାହାନ୍ତି। ଆଜି ଚମ୍ପୁଆ ବନାଞ୍ଚଳ ପକ୍ଷରୁ ହାତୀ ସୁରକ୍ଷା ପାଇଁ ଆହ୍ୱାନ ଦିଆଯିବା ସହିତ ପାଳିତ ହୋଇଯାଇଛି ବିଶ୍ୱ ହସ୍ତୀ ଦିବସ। ଚମ୍ପୁଆ ବନାଂଚଳ ଅଧିକାରୀ ଅକ୍ଷୟ ଛତ୍ରୀୟାଙ୍କ ତତ୍ତ୍ୱାବଧାନରେ ସ୍ଥାନିୟ ଯୁକ୍ତ ୨ ମହିଳା ବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ହାତୀ ସୁରକ୍ଷା ସ୍ଲୋଗାନ ସହିତ ମହିଳା କଲେଜ ଠାରୁ ନିକଲସନ ବନବିଦ୍ୟାଳୟ ପର୍ଯ୍ୟନ୍ତ୍ୟ ଏକ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବିଦ୍ୟାଳୟ ପରିବେଶରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଦିବସ ଉପଲକ୍ଷେ ହାତୀର ସୁରକ୍ଷା ପରିବେଶ ରକ୍ଷା ଉପରେ ଏକ କାର୍ଯ୍ୟକ୍ରମରେ ଚମ୍ପୁଆ,ଉଖୁଣ୍ଡା,ବାଲିବନ୍ଧ,ଯୋଡା ଓ ବାମେବାରୀ ଆଦିସେକ୍ସନର ବନକର୍ମଚାରୀ ଯୋଗ ଦେଇଥିବା ବେଳେ ଅଧକ୍ଷ ଭକ୍ତବନ୍ଧୁ ପ୍ରଧାନ ଓ ସମସ୍ତ ଅଧାପକ ଓ ଅଧାପିକା ସହଯୋଗ କରିଥିଲେ।

# ଖୋଲାନାଳ ଆଁ ଭିତରେ ଚାଷ ଜମି

ବାରିକପୁର, ୧୨।୮ (ସମିସ)



ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ଚର୍ଚ୍ଚିତ କଣ୍ଟି ଏସକେପରୁ ଜନ୍ମ ନେଇଛି ଖୋଲାନାଳ। ଖରାଦିନେ ଚାଷୀଙ୍କ ପାଇଁ ନାଳଟି କିଛି ମାତ୍ରାରେ ଉପଯୋଗୀ ହେଉଥିବା ବେଳେ ବର୍ଷା ଦିନେ ଏହାର ଭୟଙ୍କର ରୂପ ଦେଖା ଯାଇଥାଏ। ବିଶେଷ କରି ବୈତରଣୀ ବନ୍ୟା ଜଳ ଏସକେପ ଅତିକ୍ରମ କରି ଖୋଲା ନାଳରେ ପ୍ରବାହିତ ହେଲେ ଏହାର ଉଗ୍ରରୂପ ଦେଖିବାକୁ ମିଳିଥାଏ। ଅତୀତରେ ବନ୍ୟା ଜଳ ଦ୍ୱାରା କେତେଯେ ପାଳବାଡି ଓ ଚାଷ ଜମି ଏହି ଖୋଲା ନାଳରେ ଲୀନ ହୋଇଯାଇଛି। ଏବେବି ବନ୍ୟା ଆସିଲେ ନାଳ ପାର୍ଶ୍ୱରେ ଥିବା ପାଳ ଓ ଧାନ ଚାଷ ଉପଯୋଗୀ ଜମି ଧିରେଧିରେ ନଷ୍ଟ ହେଉଛି। ପ୍ରତ୍ୟେକ ବର୍ଷ କିଛି ନା କିଛି ଜମି ନାଳରେ ମିଶି ଯାଉଥିବା ନିକଟସ୍ଥ ଚାଷୀମାନେ କହିଛନ୍ତି। ନିକଟସ୍ଥ ଚାଗୁଆଁ, ରଘୁନାଥପୁର, ଷୋଳମପୁର, ବରାହନୂଆପଡ଼ା, ଖପୁରିଆପଦା, ବାହାଣିଆ, ବିରୋଳୀ, ଟିଖିଲିଆ, ଜଳହରି ପ୍ରମୁଖ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି। ଉକ୍ତ ଗ୍ରାମର କ୍ଷୁଦ୍ର ଓ ମଧ୍ୟମ ଧରଣର ଚାଷିମାନଙ୍କ ପାଳବାଡି ଜମି କ୍ରମଶଃ ଖୋଲା ନାଳ ଆଁ ଭିତରେ ଲୀନ ହେବାକୁ ବସିଲାଣି। ହେଲେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ମନୁଷ୍ୟକୃତ ନାଳଟି ବର୍ଷକୁ ବର୍ଷ ଗତିପଥ ବଦଳାଇ ଚାଷଜମି ମୁହାଁ ହେଉଛି। ନାଳର କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପଥର ପ୍ୟାଙ୍କିଂ ଆବଶ୍ୟକ ଥିବାବେଳେ ଏହା ଉପରେ ଜଳସମ୍ପଦ ବିଭାଗ ପକ୍ଷରୁ କୌଣସି ଦୃଷ୍ଟି ଦିଆଯାଉନାହିଁ। ଏହାଛଡା ଟିଖିଲିଆ ନିକଟରୁ ବିରୋଳି ଜଳହରି ଯାଏଁ ନାଳର ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଆବଶ୍ୟକ ହୋଇପଡ଼ିଛି। ଏସକେପଠାରୁ ବାହାଣିଆ ଗ୍ରାମ ଯାଏଁ ନାଳଟି ଗଭୀର ଥିବା ଯୋଗୁଁ ବନ୍ୟାବେଳେ ପାଣିର ସ୍ରୋତ ଅଧିକ ରହୁଛି। ତେଣୁ ଏହି ସବୁ ସ୍ଥାନରେ ନାଳ ଦ୍ୱାରା ଚାଷ ଜମି ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହୋଇଛି।

# ବନ୍ତ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି



ବନ୍ତ/ଆଗରପଡ଼ା, ୧୨।୮ (ସମିସ): ବନ୍ତ ବ୍ଲକରେ ଜିଲ୍ଲାପାଳଙ୍କ ଦ୍ୱାରା ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟ ଉକ୍ତ ଶିବିରରେ ଯୋଗଦେଇ ୧୯ଟି ବ୍ୟକ୍ତିଗତ, ୩୦ଟି ସାମୂହିକ ଓ ୨ଟି ରେଡକ୍ରସ୍ ସମ୍ବନ୍ଧୀୟ ଏହିପରି ସମୁଦାୟ ୫୧ଟି ଅଭିଯୋଗ ଶୁଣିଥିଲେ। ସହକାରୀ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅରୂପ ଅଭିଷେକ ବେହେରା, ଏଡିଏମ୍ ସରୋଜ ଦତ୍ତ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର କୁମାର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମା ପ୍ରସାଦ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡେଇ, ବିଡିଓ ସୀତାକାନ୍ତ ରାଉତ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ, ଅତିରିକ୍ତ ତହସିଲଦାର ପ୍ରସନ୍ନ କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ବିଆର୍‌ସିସି ହରେକୃଷ୍ଣ ଆପଟ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି, ସହକାରୀ ଉଦ୍ୟାନ କୃଷି ଅଧିକାରୀ ପାୟଲ ଚୌଧୁରୀ, ଡିସିପିଓ ଅବିନାଶ ମହାନ୍ତି, ମୃତ୍ତିକା ସଂରକ୍ଷଣ ବିଭାଗ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ଦାସ, ସହକାରୀ ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଗୀତାଞ୍ଜଳି ବେହେରା, ଶିଳ୍ପ ବିଭାଗ ଜେନେରାଲ ମ୍ୟାନେଜର୍ ସୂର୍ଯ୍ୟକାନ୍ତ ବେହେରା, ସହକାରୀ ଶ୍ରମ ଅଧିକାରୀ ପ୍ରତ୍ୟୁଷ କୁମାର ବେହେରା, ଅବକାରୀ ବିଭାଗ ଅଧୀକ୍ଷକ ନରୋତ୍ତମ ମିଶ୍ର, ବ୍ଲକ ଯୋଗାଣ ଅଧିକାରୀ ଶ୍ରଦ୍ଧାଞ୍ଜଳି ମଲ୍ଲିକ, ବ୍ଲକ ଜଳ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ବେହେରା, ଜଳ ପରିମଳ ବିଭାଗର ସହକାରୀ ଯନ୍ତ୍ରୀ ମୁକୁଲ ଚନ୍ଦ୍ର ଦାସ, ବିପିଏମ୍ ଦୁର୍ଗା ପ୍ରସାଦ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଭ୍ୟାନ୍ ଓ ୬୦ ବ୍ୟାଗ୍ କୋଇଲା ଜବତ

ତିହିଡି, ୧୨।୮ (ସମିସ): କୌଣସି ସୂତ୍ରରୁ ଖବର ପାଇ ତିହିଡ଼ି ପୁଲିସ ରାତ୍ରି ୪ ଟାରେ କାଁପଡ଼ା-ଈଶ୍ୱରପୁର ରାସ୍ତାରେ ପାଟ୍ରୋଲିଂ କରୁଥିବା ବେଳେ ଏକ କୋଇଲା ବୋଝେଇ ପିକଅପ ଗାଡ଼ିକୁ ଜବତ କରିଛି। ଗାଡ଼ିରେ ୬୦ ବସ୍ତା କୋଇଲା ମଧ୍ୟ ଥିଲା। ତେବେ ଡ୍ରାଇଭର ଫେରାର ହୋଇଯାଇଛି। ତିହିଡ଼ି ଥାନାରେ ଏନେଇ ଏକ ମାମଲା ରୁଜୁ କରାଯାଇଛି। ସୂଚନା ଯୋଗ୍ୟ, ତିହିଡ଼ିରୁ କାଁପଡ଼ା ଓ ଶ୍ୟାମସୁନ୍ଦରପୁର ଦେଇ ପ୍ରତିଦିନ ରାତ୍ରିରେ ବହୁ ପରିମାଣରେ ଚୋରା କୋଇଲା ଚାଲାଣ କରାଯାଉଛି।

## ବିଷ ପିଇ ଯୁବକଙ୍କ ମୃତ୍ୟୁ ଅଭିଯୋଗ

ତିହିଡି, ୧୨।୮ (ସମିସ): ବିଷପାନ କରି ଜନୈକ ଯୁବକର ମୃତ୍ୟୁ ଘଟିଛି। ସୂଚନାନୁଯାୟୀ, ତିହିଡ଼ି ଥାନା ଅଧୀନ ନୂଆନନ୍ଦ ପଞ୍ଚାୟତର କରୁଣାକର ମଲିକଙ୍କ ପୁଅ ରାଜେନ୍ଦ୍ର ମଲିକ (୨୭) ରବିବାର ପୂର୍ବାହ୍ନରେ କୌଣସି କାରଣରୁ ବିଷ ପିଇ ଦେବା ପରେ ପରିବାର ଲୋକଙ୍କୁ ଜଣାଇଥିଲେ। ତାଙ୍କୁ ତୁରନ୍ତ ଭଦ୍ରକ ଓ ପରେ କଟକ ନିଆଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ କଟକରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତାଙ୍କ ମୃତ୍ୟୁରେ ନୂଆନନ୍ଦ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମହୁରା ହାଇସ୍କୁଲରେ ସଂସ୍କୃତ ସପ୍ତାହ

ଭଣ୍ଡାରିପୋଖରୀ, ୧୨।୮ (ସମିସ): ଭଣ୍ଡାରୀପୋଖରୀ ବ୍ଲକର ମହୁରା ସରକାରୀ ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ପୌରୋହିତ୍ୟରେ ସଂସ୍କୃତ ସପ୍ତାହ ପାଳନ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଏ ନେଇ ଅନୁଷ୍ଠିତ ଉତ୍ସବରେ ଶିକ୍ଷା ସଂଯୋଜକ ଧର୍ମେନ୍ଦ୍ର ସ୍ୱାଇଁ, ବରିଷ୍ଠ ଶିକ୍ଷକ ପ୍ରସନ୍ନ ମହାକୁଳ, ସୁକାନ୍ତ କୁମାର ଦାସ, ସୌମ୍ୟରଞ୍ଜନ ମଲ୍ଲିକ, ଆଶିଷ ସାହୁ, ମନସ୍ୱିନୀ ରାଉତ ଓ ସଙ୍ଗୀତା ବେହେରା ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାକୁ ଋଦ୍ଧିମନ୍ତ କରିଥିବା ମନୀଷି କାଳିଦାସ, ପାନୀନି, ଆଦିଶଙ୍କରାଚାର୍ଯ୍ୟ, ବିଷ୍ଣୁ ଶର୍ମା, ପାତାଞ୍ଜଳୀଙ୍କ ଅବଦାନକୁ ସ୍ମରଣ କରିବା ସହ ପିଲାମାନଙ୍କ ମଧ୍ୟରେ ସଂସ୍କୃତ ଶ୍ଳୋକ ଆବୃତ୍ତି ଓ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ଛାତ୍ରୀ ସଙ୍ଗୀତା ପାତ୍ର ଓ ସୋର୍ଣ୍ଣମ ରାଉତ ସଂସ୍କୃତରେ ବକ୍ତବ୍ୟ ରଖିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ଜାତୀୟ ଗ୍ରନ୍ଥାଗାରିକ ଦିବସ

ଭଣ୍ଡାରିପୋଖରୀ, ୧୨।୮ (ସମିସ): ଭଣ୍ଡାରୀପୋଖରୀ ବ୍ଲକର ପଦିନାରାୟଣପୁର ପ୍ରାଣକୃଷ୍ଣ ଧଳ ପାଠାଗାର ଆନୁକୂଲ୍ୟରେ ଜାତୀୟ ଗ୍ରନ୍ଥାଗାରିକ ଦିବସ ଶିକ୍ଷାବିତ ପୁରୁଷୋତ୍ତମ ଧଳଙ୍କ ସଭାପତିତ୍ୱରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ଘନଶ୍ୟାମ ସ୍ୱାଇଁ, କବି ଜଗନ୍ନାଥ ନାୟକ, ସମାଜସେବୀ ଅକ୍ଷୟ କୁମାର ମହାନ୍ତି, ସୁରେଶ ଚନ୍ଦ୍ର ସ୍ୱାଇଁ, ଅତୁଲ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇ ଗନ୍ଥାଗାରର ଆବଶ୍ୟକତା ଓ ଉପଯୋଗୀତା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମର ପାଠକମାନଙ୍କୁ ଉକ୍ତ ପାଠାଗାର ବିଭିନ୍ନ ପ୍ରକାର ବହି ଓ ଖବରକାଗଜ ଯୋଗାଇ ଦେଉଥିବାରୁ ଏହାର ଉଦ୍ୟମ ପ୍ରଶଂସନୀୟ ବୋଲି ମତପ୍ରକାଶ ପାଇଥିଲା। ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଦେଇଥିଲେ।

## ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକଙ୍କ ପରିଦର୍ଶନ

ବନ୍ତ/ଆଗରପଡ଼ା, ୧୨।୮ (ସମିସ): ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପଶୁସମ୍ପଦ ନିର୍ଦ୍ଦେଶକ ଏମଡି ସାଦିକ୍ ଆଲାମ୍ ମଙ୍ଗଳବାର ବନ୍ତ ବ୍ଲକ ଅନ୍ତର୍ଗତ କାଦବରାଙ୍ଗ ଓ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ରୁରାଲ ଇଣ୍ଡଷ୍ଟ୍ରିଆଲ ପାର୍କ ଓ ମିଶ୍ରିତ କୃଷି କ୍ଷେତ୍ରକୁ ପରିଦର୍ଶନରେ ଆସି ଏହି କାର୍ଯ୍ୟରେ ସଂଶ୍ଳିଷ୍ଟ ଶତାଧିକ ମିଶନ ଶକ୍ତି କର୍ମଚାରୀ, ମହିଳା ନେତ୍ରୀ ଓ ଲକ୍ଷପତି ଦିଦିଙ୍କ ସହିତ କାର୍ଯ୍ୟକ୍ରମର ଅଗ୍ରଗତି ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ, ଜିଲ୍ଲା ପରିଷଦମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ବିଡ଼ିଓ ସୀତାକାନ୍ତ ରାଉତ, ଡିପିଏମ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ପିଇଓ ସଙ୍ଗୀତାରାଣୀ ପାଣିଗ୍ରାହୀ, ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ଏଇଇ ଶ୍ରଦ୍ଧା ସୁମନ ନାଥ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

■ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକଙ୍କ ବିରୋଧରେ ସିଏଚ୍‌ଓଙ୍କ ଅଭିଯୋଗ ଘଟଣା

# ଜିଲ୍ଲା ମେଡିକାଲ କମିଟିର ତଦନ୍ତ ଶେଷ

ଭଣ୍ଡାରିପୋଖରୀ, ୧୨।୮ (ସମିସ): ଭଣ୍ଡାରିପୋଖରୀ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ କମଳାକାନ୍ତ ସ୍ୱାଇଁଙ୍କ ବିରୋଧରେ ମହିଳା ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରିଣୀଙ୍କ ମିଳିତ ଅଭିଯୋଗର ତଦନ୍ତ ଶେଷ ହୋଇଛି। ମଙ୍ଗଳବାର ମେଡିକାଲର ଏକ ସ୍ୱତନ୍ତ୍ର ଗଠିତ ତଦନ୍ତ କମିଟି ଅଧ୍ୟକ୍ଷା ତଥା ଜିଲ୍ଲା ପରିବାର କଲ୍ୟାଣ ଅଧିକାରୀ ଡା. କନକଲତା ସାହୁ, ସଦସ୍ୟ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ବନହରି ମିଶ୍ର ଓ ଜିଲ୍ଲା ଯକ୍ଷ୍ମାରୋଗ ନିୟନ୍ତ୍ରଣ ଅଧିକାରୀ ଡା. ସନ୍ତୋଷ କୁମାର ପୃଷ୍ଟି ଜିଲ୍ଲା ମେଡିକାଲ ସମ୍ମିଳନୀ କକ୍ଷରେ ମିଳିତ ଭାବେ ତଦନ୍ତ କରିଥିଲେ। ଆଜି ଅଧୀକ୍ଷକ ଡା. ସ୍ୱାଇଁ ଓ ଅବଶିଷ୍ଟ ୧୩ ଜଣ ଅଭିଯୋଗକାରୀ ସି.ଏଚ.ଓ.ଙ୍କୁ ତଦନ୍ତ ପାଇଁ ଡକାଯାଇଥିଲା। ଦୁଇଘଣ୍ଟା ତଦନ୍ତ ଶେଷ ହେବାପରେ ଅଭିଯୋଗକାରୀଙ୍କୁ ଲିଖିତ ବୟାନ ଦେବା ପାଇଁ କମିଟି ପକ୍ଷରୁ କୁହାଯାଇଥିଲା। ଏହି ସମୟରେ ତଦନ୍ତ କମିଟିର ଜନୈକ ସଦସ୍ୟ ବାହାରକୁ ଆସି ଲିଖିତ ବୟାନ ପ୍ରସ୍ତୁତ କରୁଥିବା ଅଭିଯୋଗକାରୀଙ୍କୁ ତାଗିଦ କରି ଘରକଥା ଘରେ ରଖିବା ସହ ଗଣମାଧ୍ୟମକୁ ଏଡାଇବାକୁ ଧମକ ଦେଇଥିଲେ ବୋଲି ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ଅନ୍ୟଥା ଚାନ୍ଦବାଲି ନ ହେଲେ ବାସୁଦେବପୁର ବଦଳିର ରାସ୍ତା ଦେଖାଇ ଦିଆଯିବ ବୋଲି ସମ୍ପୃକ୍ତ ତଦନ୍ତ ସଦସ୍ୟ କହିଥିଲେ। ତଦନ୍ତ କମିଟିର ସଦସ୍ୟଙ୍କ ଏଭଳି ପକ୍ଷପାତପୂର୍ଣ୍ଣ ଧମକ ଘଟଣାକୁ ନେଇ ଅଭିଯୋଗକାରୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହ ଲିଖିତ ବୟାନ ଦାଖଲ କରିଥିଲେ। ଅଭିଯୋଗକାରୀମାନେ ପଛକୁ ଆଦୌ ହଟିବେ ନାହିଁ ଓ ଅଭିଯୋଗକୁ ନିର୍ଣ୍ଣାୟକ ସ୍ତରକୁ ନେବାକୁ ସଙ୍କଳ୍ପ କରିଥିଲେ। ଏବେ ତଦନ୍ତ ରିପୋର୍ଟକୁ ଅପେକ୍ଷା କରାଯାଇଛି। ଏହା ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଅଭିଯୋଗକାରୀ ପ୍ରକାଶ କରିଛନ୍ତି।

# ଶ୍ରେୟାଂଶୁ ଜାତୀୟ ସ୍କୁଲ କ୍ରିକେଟ ପାଇଁ ମନୋନୀତ



ଭଦ୍ରକ, ୧୨।୮ (ସମିସ): ନିକଟରେ ଅନୁଷ୍ଠିତ ହୋଇଯାଇଥିବା ମଣ୍ଡଳସ୍ତରୀୟ ସିବିଏସ୍‌ଇ କ୍ରିକେଟ୍ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲାର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ତଥା ଏସବିଡି ଇଣ୍ଟରନ୍ୟାସନାଲ୍ ସ୍କୁଲର +୨ ପ୍ରଥମ ବର୍ଷ ବାଣିଜ୍ୟ ଛାତ୍ର ଶ୍ରେୟାଂଶୁ ଶେଖର ପାତ୍ର ଜାତୀୟସ୍ତରୀୟ ସ୍କୁଲ କ୍ରିକେଟ୍ ପାଇଁ ମନୋନୀତ ହୋଇଛନ୍ତି। ସେ ଆସନ୍ତା ସେପ୍ଟେମ୍ବର ମାସରେ ଦିଲ୍ଲୀରେ ହେବାକୁ ଥିବା ପ୍ରତିଯୋଗିତରେ ଭାଗ ନେବେ। ପୂର୍ବରୁ ସେ ଗତ ୬ ଅଗଷ୍ଟରୁ ଆରମ୍ଭ ହୋଇ ୧୦ ଅଗଷ୍ଟରେ କେ.ଟି. ଗ୍ଲୋବାଲ ସ୍କୁଲ, ଖୋର୍ଦ୍ଧାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୭ବର୍ଷରୁ କମ୍ ବିଭାଗରେ ଅଂଶ ଗ୍ରହଣ କରିଥିଲେ। ଏହି ମଣ୍ଡଳ ସ୍ତରୀୟ ପ୍ରତିଯୋଗିତାରେ ୪ଟି ରାଜ୍ୟର ବିଭିନ୍ନ ସିବିଏସ୍‌ଇ ସ୍କୁଲରୁ ମୋଟ ୫୬ଟି ସ୍କୁଲ ଅଂଶ ଗ୍ରହଣ କରିଥିଲେ। ପଶ୍ଚିମବଙ୍ଗ, ଆସାମ, ଛତିଶଗଡ଼ ଏବଂ ଓଡ଼ିଶାର ୮୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ ଉନ୍ନତ ଖେଳ ପ୍ରର୍ଦ୍ଦଶନ କରିଥିବା ୧୮ ଜଣ ଖେଳାଳଙ୍କୁ ଗୋଲ୍ଡ ମେଡ଼ାଲ ପ୍ରଦାନ କରାଯିବା ସହିତ ଜାତୀୟ ସ୍ତରକୁ ଚୟନ କରାଯାଇଛି। ଏହି ଜାତୀୟ ସ୍ତରର ପ୍ରତିଯୋଗିତା ସେପ୍ଟେମ୍ବର ମାସ ଦିଲ୍ଲୀସ୍ଥିତ ନୋଏଡ଼ାରେ ଅନୁଷ୍ଠିତ ହେବ। ଶ୍ରେୟାଂଶୁଙ୍କ ଘର ଭଦ୍ରକ ଜଗନ୍ନାଥପୁର। ଏହି ସଫଳତା ହାସଲ କଲାପରେ ବିଦ୍ୟାଳୟର ଅଧ୍ୟକ୍ଷ ଯୁଧିଷ୍ଠିର ଦେବତା, ଚେୟାରମ୍ୟାନ୍ ଦେବାଶିଷ ଦୀକ୍ଷିତ୍, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ୍, ଟ୍ରଷ୍ଟିର ସମସ୍ତ ସଦସ୍ୟ, ବିଦ୍ୟାଳୟର ସମସ୍ତ ଶିକ୍ଷକଗଣ ଏବଂ ସମସ୍ତ ସଦସ୍ୟ ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଛନ୍ତି।

# ଧାମନଗର କଲେଜ ଇତିହାସ ବିଭାଗର ପାଠଚକ୍ର

ଦୋବଲ, ୧୨।୮ (ସମିସ): ଧାମନଗର ଡ଼ିଗ୍ରୀ ମହାବିଦ୍ୟାଳୟ ପରିସରରେ ଇତିହାସ ବିଭାଗ ଆନୁକୂଲ୍ୟରେ ସୋମବାର 'କୀର୍ତ୍ତିରାଜିରେ ଭାରତର ଇତିହାସ' ବିଷୟ ଉପରେ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅଜୟ କୁମାର ବେଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପାଠଚକ୍ରରେ ମୁଖ୍ୟବକ୍ତା ଭାବେ ଇଂରାଜୀ ବିଭାଗର ମୁଖ୍ୟ ପ୍ରଦୀପ କୁମାର ରାୟ ଓ ମୁଖ୍ୟଅତିଥି ଭାବେ ପୂର୍ବତନ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଆଶିଷ କୁମାର ସ୍ୱାଇଁ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସଞ୍ଜୟ କୁମାର ପଣ୍ଡା ସଭା ପରିଚାଳନା କରିଥିବାବେଳେ ଅଧ୍ୟାପକ ସତ୍ୟନ କୁମାର ଜେନା ବିଷୟ ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ବୈରଗଞ୍ଜନ ଦାଶ ବିଷୟ ପ୍ରସଙ୍ଗ ଭିତ୍ତିକ ସୁଚିନ୍ତିତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ସ୍ମରଣିକା ପ୍ରଧାନ, ବସ୍ତବିକା ଦାସ, ଗୀତାଞ୍ଜଳି ଦେବତା, କଲ୍ୟାଣୀ ଦାଶ, ସ୍ୱାଗତିକା ରାୟ, ଶାଜିଆ ତମକିନ, ଅଧ୍ୟାପକ ଡକ୍ଟର ମନୋଜ କୁମାର କର, ସଜଲ୍ କୁମାର ମହାନ୍ତି, ଚିନ୍ମୟ ଜେନା, ଲଲାଟେନ୍ଦୁ ମଲ୍ଲିକ, ଡକ୍ଟର୍ ଦେବାଶିଷ ମଲ୍ଲିକ ଆଦି ପାଠଚକ୍ର ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ +୩ ତୃତୀୟ ବର୍ଷ ଛାତ୍ର ଧନେଶ୍ୱର ବାରିକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ଏହି ଅବସରରେ +୩ ପ୍ରଥମ ବର୍ଷା ର ନୂତନ ବର୍ଷର ଛାତ୍ରାଛତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଶେଷରେ ଛାତ୍ରୀ ଶ୍ରଦ୍ଧା ସୁମନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ମାନସିକ ରୋଗୀଙ୍କ ଦୁଃଖ ବୁଝିବ କିଏ

■ ବ୍ୟବସ୍ଥା ଅଛି, କାର୍ଯ୍ୟକାରୀ ହେଉନି



ବନ୍ତ/ଆଗରପଡ଼ା, ୧୨।୮ (ସମିସ): ମାନସିକ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଘୂରି ବୁଲୁଥିବା ମାନସିକ ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ ସରକାରଙ୍କ ଯୋଜନା ରହିଛି। ସେମାନଙ୍କୁ ଚିକିତ୍ସା କରାଇ ଆବଶ୍ୟକ ଥଇଥାନ ନିମନ୍ତେ ସରକାରୀସ୍ତରରେ ବ୍ୟବସ୍ଥା ଅଛି; ହେଲେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଉକ୍ତ ଯୋଜନାର କାର୍ଯ୍ୟକାରୀ ହେଉନଥିବା ଦେଖିବାକୁ ମିଳିଛି। ତେବେ ଯୋଜନା ଥାଇ ଯଦି କାର୍ଯ୍ୟକାରୀ ହେଉନି; ତେବେ ମାନସିକ ରୋଗୀଙ୍କ ଦୁଃଖ କିଏ ବୁଝିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ସୂଚନାନୁଯାୟୀ, ଗତ କିଛି ଦିନ ହେବ ବନ୍ତ ବ୍ଲକ ଆଗରପଡ଼ା ମୁଖ୍ୟ ବଜାରରେ ଏକ ମାନସିକ ରୋଗୀଙ୍କୁ ଦେଖିବାକୁ ମିଳୁଛି। ପରିଚୟ ପଚାରିଲେ ସେ କିଛି ନ କହି ଦୌଡି ପଳାଉଛନ୍ତି। ସେ ଅତି ପରିତ୍ୟକ୍ତ ଅବସ୍ଥାରେ ରହୁଥିବାବେଳେ ଆଗରପଡ଼ା ଓ ଆଖପାଖ ଅଞ୍ଚଳରେ ଘୂରି ବୁଲୁଛନ୍ତି। ଯିଏ ଯାହାଦେଲା ତାକୁ ଖାଇଦେଉଛନ୍ତି। କିଛି ନ ମିଳିଲେ ଖାଲି ପେଟରେ ପଡ଼ିରହୁଛନ୍ତି। ମାନସିକ ଦିବ୍ୟାଙ୍ଗ, ବିଧବା, ଅବିବାହିତ ମା', ଘରୋଇ ହିଂସାର ଶିକାର ମହିଳାଙ୍କୁ ୫ ବର୍ଷ ନିମନ୍ତେ ସରକାରୀସ୍ତରରେ ଥଇଥାନ କରିବା ପାଇଁ ଯୋଜନା ରହିଛି। ଏହି ମହିଳା ଓ ପୁରୁଷଙ୍କୁ କାଉନସେଲିଂ କରାଯିବା ସହିତ ଆବଶ୍ୟକ ସ୍ଥଳେ ମାମଲା ଲଢିବାର ବ୍ୟବସ୍ଥା ମଧ୍ୟ ଅଛି। କିନ୍ତୁ ବନ୍ତ ବ୍ଲକରେ ସେମାନଙ୍କ ଥଇଥାନ ପାଇଁ ଏପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା କାର୍ଯ୍ୟକାରୀ ହେଉନାହିଁ। ସାମାଜିକ ସୁରକ୍ଷା ଅଧିକାର ବଳରେ ଏମାନଙ୍କୁ ଥଇଥାନ କରିବା ପାଇଁ ବନ୍ତ ଓ ଆଗରପଡ଼ା ଅଞ୍ଚଳର ବିଭିନ୍ନ ମହଲରୁ ଦାବି ହୋଇଛି।

# ଚାଷୀଙ୍କୁ ମିଳିବନି ବନ୍ୟା ସହାୟତା



ବାରିକପୁର, ୧୨।୮ (ସମିସ): ଚଳିତ ବର୍ଷ ବୈତରଣୀ ନଦୀରେ ଦୁଇଥର ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ପ୍ରଥମ ବନ୍ୟା ନଦୀ ଭିତରେ ପ୍ରବାହିତ ହୋଇଥିବା ବେଳେ ଦ୍ୱିତୀୟଥର ଜନବସତି ମୁହାଁ ହୋଇଥିଲା। ବିଶେଷ କରି ଭଣ୍ଡାରିପୋଖରୀ ବ୍ଲକର ବନ୍ଦାଳମଢିଆଳୀ ଓ ଝୁଟଣା ପଞ୍ଚାୟତ ନଦୀପଠାରେ ଅବସ୍ଥିତ ଥିବା ବେଳେ ଦ୍ୱିତୀୟ ବନ୍ୟା ଯୋଗୁଁ ହଜାର ହଜାର ଜନସାଧାରଣ ପ୍ରାୟ ୨୪ ଘଣ୍ଟା ଧରି ପାଣି ଘେରରେ ରହିଥିଲେ। ଏହାଛଡ଼ା ଚାଷ ଜମିଗୁଡିକ ଜଳମଗ୍ନ ହୋଇଥିଲା। ସେହିଭଳି କଣ୍ଟି ଏସ୍‌କେପ ଦେଇ ପ୍ରବାହିତ ହୋଇଥିବା ବନ୍ୟାଜଳରେ ରହଣିଆ, ନପଙ୍ଗ, ଷୋଳମପୁର, ମାଳଦା, କୋରିଗାଁ ଅଞ୍ଚଳର ଚାଷଜମି ବୁଡି ଯାଇଥିଲା। ବନ୍ୟା ଜଳ ଦ୍ୱାରା ସଦ୍ୟ ପଡ଼ିଥିବା ଧାନ ତଳି ଓ ପନିପରିବା ଚାଷ ମଧ୍ୟ ଅନେକାଂଶରେ ନଷ୍ଟ ହୋଇଥିଲା। ଏସବୁ ସତ୍ତ୍ୱେ ଚାଷୀମାନେ; କିନ୍ତୁ ବନ୍ୟା କ୍ଷୟକ୍ଷତି ଜନିତ ସହାୟତା ରାଶି ପାଇଣାରୁ ବଞ୍ଚିତ ହେବେ। କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ ପରେ କ୍ଷୟକ୍ଷତି ଆକଳନ କରାଯାଇ ତଥ୍ୟ ପ୍ରଦାନ କରାଯାଇଛି। ପରିତାପର ବିଷୟ ଧାନ ରୁଆ ପରବର୍ତ୍ତୀ ସମୟରେ ବନ୍ୟା ଜନିତ କ୍ଷୟକ୍ଷତି ପ୍ରଦାନ ପାଇଁ ବ୍ୟବସ୍ଥା ଥିବା ବେଳେ ତଳି ନଷ୍ଟ ପାଇଁ କୌଣସି ନୀୟମ ନାହିଁ। ତେଣୁ ତଳି ନଷ୍ଟ ହୋଇଥିଲେ ସୁଦ୍ଧା ଚାଷୀ ମାନେ କ୍ଷୟକ୍ଷତି ରାଶି ପାଇବାରୁ ବଞ୍ଚିତ ହେବେ ବୋଲି କୃଷି ବିଭାଗ ପକ୍ଷରୁ କୁହାଯାଇଛି। ସେହିଭଳି ପନିପରିବା ଚାଷ କରିଥିବା ଚାଷୀମାନେ ମଧ୍ୟ କୌଣସି ସହାୟତା ପାଇବେ ନାହିଁ। ଉଦ୍ୟାନ କୃଷି ବିଭାଗ ସୂଚନା ମୁତାବକ ବନ୍ୟା ପାଣିରେ ଶତକଡା ୪୦ ଭାଗରୁ ଅଧିକ ପନିପରିବା ଚାଷ ନଷ୍ଟ ହୋଇନାହିଁ। ତେଣୁ ନିୟମ ଆଧାରରେ ଚାଷୀମାନେ ସହାୟତା ପାଇବାରୁ ବଞ୍ଚିତ ହେବେ ଏପଟେ କ୍ଷତିଗ୍ରସ୍ତ ବୋହୁ ଚାଷୀ ସହାୟତା ପାଇଁ ଅପେକ୍ଷା କରିଥିଲେ ସୁଦ୍ଧା ପ୍ରଚଳିତ ସରକାରୀ ନିୟମ ଆଧାରରେ ସେମାନେ ଏବେ ନିରାଶ ହୋଇଛନ୍ତି।

## ଚରମ୍ପା ମହାବିଦ୍ୟାଳୟରେ ମାନସିକ ସୁସ୍ଥତା କର୍ମଶାଳା

ଭଦ୍ରକ, ୧୨।୮ (ସମିସ): ଭଦ୍ରକ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଆନୁକୂଲ୍ୟରେ ଚରମ୍ପା କଲେଜ ପରିସରେ ମାନସିକ ଅବସାଦ ନିରାକରଣ ସମ୍ବନ୍ଧିତ କର୍ମଶାଳା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତାମୂଳକ ସମାଜରେ ଲକ୍ଷ୍ୟ ହାସଲରେ ବିଫଳତା, ଚାକିରି, ବ୍ୟବସାୟ, ବୃତ୍ତିଗତ କ୍ଷେତ୍ରରେ ସଫଳତା ଅଭାବରେ ମାନସିକ ଅବସାଦ ସୃଷ୍ଟି ହେବା ସ୍ୱାଭାବିକ ଘଟଣା। ମାନସିକ ଚାପ ସହ୍ୟ ନକରିପାରି ବ୍ୟକ୍ତି ଆତ୍ମହତ୍ୟାର ଆଶ୍ରୟ ନେଉଥିବା ଦୁଃଖଦ ଘଟଣାମାନ ସମାଜରେ ବଢ଼ିବଢ଼ି ଚାଲିଛି। ଏହାର କାରଣ ଓ ପ୍ରତିକାର ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ କଲେଜର ଅଧ୍ୟକ୍ଷ ଅମରେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମନସ୍ତତ୍ତ୍ୱବିତ୍ ଡା. ଲୋନି ଲିଓନି ବେହେରା, ନିମନ୍ତ୍ରିତ ମୁଖ୍ୟଅତିଥି ଅବସରପ୍ରାପ୍ତ ପ୍ରାଧାପକ ସଂଗ୍ରାମ କିଶୋର ମହାନ୍ତି ଆଲୋଚନା କରିଥିଲେ। ଶତାଧିକ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସଂଯୋଜକ ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥଲେ।



# ପ୍ରଫୁଲ୍ଲଙ୍କ ପାଇଁ ଆବାସ ଯୋଜନା ସାତସପନ

ଦୋବଲ, ୧୨।୮ (ସମିସ)



ଆଉ ଦୁଇ ଦିନ ପରେ ସ୍ୱାଧୀନତା ଦିବସ। ସାରା ଭାରତ ଖୁସି ହେଉଥିବା ବେଳେ ଦି ଭାଇଙ୍କ ପାଇଁ ଏ ସବୁର କିଛି ମାନେ ରଖୁନି। ସକାଳୁ ଘର ଛାଡ଼ିଯାଇ ପର ଦୁଆରେ ମୂଲ ଲାଗିଲେ ପରିବାର ଚଳିବ। ପିଲାମାନେ ପାଠ ପଢ଼ିବେ ଏବଂ ରୋଗ ପାଇଁ ଔଷଧ କିଣିବେ। ତା ଭିତରେ ବର୍ଷାର କଷଣ ବି କମ୍ ନୁହଁ। ସମସ୍ତେ କହୁଛନ୍ତି ଇନ୍ଦ୍ର ଦେବତା ପୃଥିବୀର କଥା ବୁଝି ପାରନ୍ତି। ଆଉ ଦୁଃଖ ସହିନପାରି ବର୍ଷା କରନ୍ତି। ହେଲେ ପୃଥିବୀ ପୃଷ୍ଠରେ ରହୁଥିବା ଏ ଅଭାଗାଙ୍କ ଘର ଯେ ବର୍ଷା ପାଣିରେ ଉବୁଟୁବୁ ହେଉଛି, ସେ କଥା ବୋଧ ହୁଏ ଇନ୍ଦ୍ର ଦେବତା ଜାଣନ୍ତି ନାହିଁ। ଧାମନଗର ବ୍ଲକ ମୁସ୍ତଫାପୁର ପଞ୍ଚାୟତ ରଘୁନାଥପୁର ଗାଁର ଦି ଭାଇ ରବୀନ୍ଦ୍ର ନାୟକ ଓ ପ୍ରଫୁଲ୍ଲ ନାୟକ। ଦିହିଁଙ୍କ ବୟସ ପାଖପାଖି ୭୦। ଭଙ୍ଗା ଦଦରା ଘର ଯୋଗୁଁ ଦୁଇଟି ପରିବାର ଭାରି ଦୟନିୟରେ ରହୁଛନ୍ତି। ସ୍ତ୍ରୀ, ପିଲାଙ୍କୁ ମିଶାଇ ୪ ଜଣ ପରିବାରରେ ରବୀନ୍ଦ୍ର ଏକା ରୋଜଗାରିଆ। ଦିନକୁ ୩୫୦ ଟଙ୍କା ମଜୁରୀ। ସେମିତି ପ୍ରଫୁଲ୍ଲ ନାୟକଙ୍କର ପରିବାର କହିଲେ ୫ ଜଣ। ମୂଲ ଲାଗନ୍ତି ନ ହେଲେ ମାଗିଯାଚି ଚଳନ୍ତି। ବର୍ଷା ଦିନେ ବିଲ କାମ ଛାଡ଼ିଦେଲେ ଆଉ କିଛି କାମ ମିଳେନି। ପୁଣି ବାର୍ଦ୍ଧକ୍ୟକୁ ଦୁର୍ବଳ ଶରୀର ଯୋଗୁଁ ବିଲର ପାଣି କାଦୁଅର କାମ କରିହେଉନି। ଏଥିପାଇଁ ଦି ଭାଇ ବର୍ଷା ଦିନେ ବିଲକୁ ଯାଇ ପାରୁନାହାନ୍ତି। ଏ ଚତୁର୍ମାସରେ କାମ ନଥିବାକୁ ଘରର ଅବସ୍ଥା ଖରାପ। ଗୁହାଳ ଭଳି ଦୁଇଟି ଝାଟିମାଟି ଘରେ ଦି ଭାଇଙ୍କ ପରିବାର ଆଶ୍ରୟ ନେଇଛି। ବର୍ଷା ଅସରାଏ ହେଲେ ଘର ଭିତରେ ପାଣି ପଶୁଛି। ପଇସା ଅଭାବ ଯୋଗୁଁ ଏଥର ଛପର କରିପାରିଲେନି। ଏଣୁ ପଲିଥିନ ହିଁ ଏକମାତ୍ର ସାହାଭରସା। ମାଙ୍କଡ଼ଙ୍କ ଉପଦ୍ରବରେ ସେଟା ବି ଫୁଟିଗଲାଣି। ସେପଟେ ସରକାରୀ ଆବାସ ଯୋଜନାରେ ଘର ଖଣ୍ଡିଏ ପାଇବାକୁ ଦୁଇ ଭାଇ କେତେ ଯେ ଗୁହାରି କରିଛନ୍ତି ତାର ହିସାବ ନାହିଁ। ତାଙ୍କ ଆଖି ଆଗରେ ଇନ୍ଦିରା ଆବାସ ଯୋଜନା, ବିଜୁ ପକ୍କା ଘର, ମୋ କୁଡ଼ିଆ, ନିର୍ମାଣ ଶ୍ରମିକ ଆବାସ, ପ୍ରଧାନମନ୍ତ୍ରୀ ଆବାସ ଆଉ ଅନ୍ତ୍ୟୋଦୟ ଗୃହ ଯୋଜନା ପ୍ରଚଳନ ହୋଇଛି। ହେଲେ କୌଣସି ଯୋଜନା ଉଭୟଙ୍କୁ ଛୁଇଁ ପାରିଲାନି। ସବୁଥର ନିର୍ବାଚନ ପୂର୍ବରୁ ସରପଞ୍ଚ, ସମିତି ସଭ୍ୟ, ବିଧାୟକ ଓ ଅନ୍ୟ କର୍ମୀ ପ୍ରତିଶ୍ରୁତି ଦିଅନ୍ତି ଘରଟିଏ ଦେବାକୁ; ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ଘର ମିଳି ପାରିଲାନି। ସେପଟେ ରବୀନ୍ଦ୍ରଙ୍କୁ ମହାବାତ୍ୟା ପରେ ପରେ ୨୨୦୦୦ ଟଙ୍କିଆ ଘର ଖଣ୍ଡେ ମିଳିଥିଲା। ସେତେବେଳେ ସେହି ଆଜବେଷ୍ଟସ ଘର ସିନା ନଷ୍ଟ ହୋଇଗଲାଣି। ହେଲେ ତାଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଆସିଲାନି। ସରକାରୀ ଆବାସ ଯୋଜନାରେ ଘର ଯୋଗାଇଦେବା ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ କହିଛନ୍ତି ଯେ, ସର୍ଭେ ହୋଇ ଦୁଇ ଭାଇଙ୍କ ନାଁ ଯାଇଛି। ଆବାସ ଯୋଜନାରେ ଘର ମଞ୍ଜୁର ହେଲେ ତାଙ୍କୁ ମିଳିବ।

## ୪ ଲକ୍ଷ ଟଙ୍କା ହଡ଼ପ୍ ଅଭିଯୋଗ

# ଏସ୍ଏଚ୍‌ଜିର ସମ୍ପାଦକ ଫେରାର

ବିଞ୍ଝାରପୁର, ୧୨।୮ (ସମିସ)



ବିଞ୍ଝାରପୁର ବ୍ଲକ ବଡ଼ ମଲ୍ଲୀପୁର ବେଲେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀର ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅର୍ଥ ଚତୁରତାର ସହ ହଡ଼ପ କରି ଘର ଛାଡ଼ି ଫେରାର ହୋଇଯାଇଛନ୍ତି ଗୋଷ୍ଠୀର ସମ୍ପାଦକ ଚିନ୍ମୟୀ ସାମଲ। ଏନେଇ ଗୋଷ୍ଠୀ ପକ୍ଷରୁ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରି ନ୍ୟାୟ ଅପେକ୍ଷାରେ ବସି ରହିଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ। ଗୋଷ୍ଠୀର ସଭାପତି ଏବଂ ସଦସ୍ୟମାନେ

**● ନ୍ୟାୟ ପାଇଁ ୧୬ ଦିନ ହେଲା ଚାହିଁ ରହିଛନ୍ତି ମହିଳା**

ପ୍ରକାଶ କରିଛନ୍ତି ଯେ ୨୦୨୩ ମସିହା ଜାନୁଆରୀ ମାସରେ ସେମାନେ ବିଞ୍ଝାରପୁର ଷ୍ଟେଟ ବ୍ୟାଙ୍କ ଶାଖାରୁ ୪ଲକ୍ଷ ଟଙ୍କାର ଋଣ ଉଠାଇଥିଲେ। ଏହି ଦଶ ଜଣଙ୍କ ମଧ୍ୟରୁ ବାସନ୍ତୀ ସେଠୀ ୪୦ ହଜାର ଟଙ୍କା ନ ନେଇ ବ୍ୟାଙ୍କରେ ଲୋନ ସୁଝିବା ପାଇଁ ସମ୍ପାଦକ ଚିନ୍ମୟୀଙ୍କୁ ପ୍ରଦନ କରିଥିଲେ। ଅନ୍ୟମାନେ ୪୦ ହଜାର କରି ଋଣ ନେଇଥିଲେ। ଅନ୍ୟମାନେ ବ୍ୟାଙ୍କର ଚୁକ୍ତି ଅନୁସାରେ ପ୍ରତି ମାସରେ ୨୧୦୦ ଟଙ୍କା ପ୍ରଦାନ କରିଥିଲେ। ଏପରିକି ସମ୍ପାଦକ ଚିନ୍ମୟୀଙ୍କୁ ୨୨ ମାସ ପର୍ଯ୍ୟନ୍ତ କରିଥିବା ଋଣ ପରିଶୋଧ ପାଇଁ ୨୧୦୦ ଲେଖାଏ ଟଙ୍କା ପ୍ରଦାନ କରିଛନ୍ତି। ଏହା ସହ ପ୍ରତିମାସରେ ସଞ୍ଚୟ ଖାତାରେ ୧୦୦ଟଙ୍କା ଲେଖାଏ ସଞ୍ଚୟ ପାଇଁ ମଧ୍ୟ ପ୍ରଦାନ କରିଛନ୍ତି। ତେବେ ଋଣ ସୁଝିବା ନେଇ ବ୍ୟାଙ୍କ୍‌ରୁ ଏକ ନୋଟିସ୍ ଆସିବା ପରେ ଗୋଷ୍ଠୀର ସଦସ୍ୟ ମାନଙ୍କ ଚିନ୍ତା ବଢ଼ିଯାଇଥିଲା। ସେମାନେ ସମ୍ପାଦକକୁ ଡାକି ଏକ ବୈଠକ କରିବାରୁ ସମ୍ପାଦକ ଏ ନେଇ ବୁଝିବି ବୋଲି କହିଥିଲେ। କିନ୍ତୁ ସମ୍ପାଦକ ଏହି କଥା ନ ବୁଝି ସ୍ୱାମୀ ସୁଦାମ ସେଠୀଙ୍କ ସହ ଗ୍ରାମ ଛାଡ଼ି ଫେରାର ହୋଇଯାଇଛନ୍ତି। ମହିଳାମାନେ ଏ ନେଇ ଖୋଳତାଡ଼ କରିବା ପରେ ଜାଣିବାକୁ ପାଇଲେ ତାଙ୍କ ଋଣ ପରିଶୋଧ ହୋଇ ନାହିଁ କିମ୍ବା ୨୦୧୭ ମସିହାରୁ ନିଜ ସଞ୍ଚୟ ଖାତାରେ ଥିବା ଅର୍ଥ ମଧ୍ୟ ହଡ଼ପ ହୋଇଯାଇଛି। ଏ ନେଇ ବିଞ୍ଝାରପୁର ଥାନା ଦ୍ୱାରସ୍ଥ ହୋଇଛନ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା। ଦୀର୍ଘ ୧୬ ଦିନ ବିତି ଯାଇଛି। ପୁଲିସ ଉପରେ ଭରସା। କରି ମହିଳାମାନେ ବସି ରହିଥିବା ବେଳେ ସମ୍ପାଦକ ଚିନ୍ମୟୀ ସାମଲ ସ୍ୱାମୀଙ୍କ ସହ ଫେରାର ହୋଇ ବୁଲୁଛନ୍ତି।

## ପକ୍ଷାଘାତ ରୋଗୀଙ୍କୁ ଆର୍ଥିକ ସହାୟତା



ଧର୍ମଶାଳା, ୧୨।୮ (ସମିସ): ଜାରକା ରୋଟାରି କ୍ଲବ ତରଫରୁ ଆର୍ଥିକ ଅନଟନରେ ଦିନକାଟୁଥିବା ଜଣେ ପକ୍ଷାଘାତ ରୋଗୀଙ୍କୁ ତାଙ୍କର ଅଧିକ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛିଫ ଏହି ବ୍ଲକ ଅନ୍ତର୍ଗତ ଚୋରମୁହାଁ ପଞ୍ଚାୟତ ବଡ଼ମଙ୍ଗଳପୁର ଗ୍ରାମର ରାମଚନ୍ଦ୍ର ମହାନ୍ତି (ଦାମ) କିଛି ଦିନ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି। ସେ ପେଷାରେ ଜଣେ ଖବର କାଗଜ ବିତରକ। ଦୀର୍ଘ ୨୦ ବର୍ଷ ହେବ ସେ ଜାରକା ବଜାରରେ ଖବରକାଗଜ ବିକି ଯାହା ଉପାର୍ଜନ କରନ୍ତି ସେଥିରେ ନିଜ ପରିବାରକୁ ପ୍ରତିପୋଷଣ କରିଥାନ୍ତି। ତାଙ୍କ ପରିବାରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି। ସେ ଏହି ରୋଗରେ ଆକ୍ରାନ୍ତ ହେବା ଦିନଠାରୁ କାମ ଧନ୍ଦା ନ କରିବାରୁ ତାଙ୍କ ପରିବାର ବହୁ ଦୁଃଖ ଦୁର୍ଦ୍ଦଶା ସହ ଦିନ କାଟୁଛନ୍ତି। ଉକ୍ତ ଖବର ପାଇ ରୋଟାରି କ୍ଲବ ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁ ଓ ସମ୍ପାଦକ ରୋଟାରୀଆନ ଦୀପକ କୁମାର ଜେନାଙ୍କ ନେତୃତ୍ୱରେ କ୍ଲବର ସଦସ୍ୟମାନେ ରାମଙ୍କୁ ତାଙ୍କ ଘରେ ଭେଟି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହିତ ଆର୍ଥିକ ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ କ୍ଲବ ପକ୍ଷରୁ ରୋଟାରିଆନ ପ୍ରମୋଦ କୁମାର ସାମଲ, ଜୟପ୍ରକାଶ ତ୍ରିପାଠୀ ଓ ଜୟଗୁରୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଧୁ ଗୌରେଶ୍ୱର କଲେଜରେ ସଂସ୍କୃତ ସପ୍ତାହ



ମଙ୍ଗଳପୁର/କୟାଁଗୋଲା, ୧୨।୮ (ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ କନିକାପଡ଼ା ସ୍ଥିତ ସାଧୁ ଗୌରେଶ୍ୱର କଲେଜରେ ଗତ ସପ୍ତାହ ଧରି ସଂସ୍କୃତ ସପ୍ତାହ ବିଶେଷ ଉତ୍ସାହର ସହିତ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ଜିତେନ୍ଦ୍ର କୁମାର ଦାସଙ୍କ ସଭାପତିତ୍ୱରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ବିଭାଗର ଅଧ୍ୟାପିକା ସ୍ମିତାରାଣୀ ଭଞ୍ଜ ପରିଚାଳନା କରିଥିଲେ। ଏହି ସଭାରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ ଉଜ୍ୱଳକାନ୍ତ ଦାସ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ପ୍ରାଚୀନ ସାହିତ୍ୟରେ ଏହାର ଅବଦାନ ବିଷୟରେ ଆଲୋକପାତ କରିଥିଲେ। ସପ୍ତାହ ବ୍ୟାପୀ ସଂସ୍କୃତ ଶ୍ଳୋକ ପାଠ, ଅଭିଭାଷଣ ପ୍ରତିଯୋଗିତା, ନାଟକ ଓ କୁଇଜ୍ ପରି ଅନେକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରାଧ୍ୟାପକ ଡ. ସୁକାନ୍ତ ପାଢ଼ୀ, ଅଧ୍ୟାପିକା ବିମଳିନୀ କର, ସଙ୍ଘମିତ୍ରା ସାହୁ ଏବଂ ଅନ୍ୟ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ବୃଦ୍ଧି କରିଥିଲା ଓ ସାହିତ୍ୟ ସଂସ୍କୃତିକୁ ନବ ଦିଗନ୍ତ ଦେଇଥିଲା। ସମାପନୀ ଅବସରରେ ବିଜେତା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଅଧ୍ୟାପିକା ଭାଗ୍ୟଶ୍ରୀ ରାୟ ଧାନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ବିଜେଡି ଯୁବନେତା ଗୁରୁତର

ସୁକିନ୍ଦା, ୧୨।୮ (ସମିସ): ୫୩ନଂ ଜାତୀୟ ରାଜପଥ ସୁକିନ୍ଦା-ଭୁବନ ରାସ୍ତାର ମଙ୍ଗଳପୁର ଛକ ନିକଟରେ ବାଇକ୍ ଦୁର୍ଘଟଣାରେ ସୁକିନ୍ଦା ବ୍ଲକ ବିଜୁ ଜନତା ଦଳର ଯୁବନେତା ସିପକ୍ ସାହୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ସୁକିନ୍ଦା ଗ୍ରାମର ହରେକୃଷ୍ଣ ସାହୁଙ୍କ ପୁଅ ସିପକ (୩୬) ମଙ୍ଗଳବାର ବାଇକ୍ ସର୍ଭିସିଂ ସାରି ଭୁବନରୁ ଘରକୁ ଫେରୁଥିବା ସମୟରେ ମଙ୍ଗଳପୁର ଛକ ନିକଟ ରାସ୍ତା କଡ଼ରେ ଗୁରୁତର ଆହତ ଅବସ୍ଥାରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସିପକର ମୁଣ୍ଡ ଓ ଦେହର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗି ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଛି। ସୂଚନା ପାଇ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ କଟକ ବଡ଼ ଡାକ୍ତରଖାନାରେ ପହଞ୍ଚି ସିପକର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି।

## ଆର୍‌ଏସ୍‌ଏସ୍‌ର ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ

କୁଆଖିଆ, ୧୨।୮ (ସମିସ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ୧୦୦ ବର୍ଷ ଉପଲକ୍ଷେ ଶ୍ରୀରାମପୁର ଖଣ୍ଡ ଯାଜପୁରରେ ସ୍ୱାଗତ ସଞ୍ଚଳନ କାର୍ଯ୍ୟକ୍ରମ କୁଆଖିଆ ବଜାରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ରୂପେ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ବୃନ୍ଦାବନ ପାଣି, ମୁଖ୍ୟବକ୍ତା ରୂପେ ଓଡ଼ିଶା ପୂର୍ବ ପ୍ରାନ୍ତର ଶାରୀରିକ ଶିକ୍ଷଣ ପ୍ରମୁଖ ଆଦରଣୀୟ ବସନ୍ତ କୁମାର ମଲ୍ଲିକ, ଯାଜପୁର ଜିଲ୍ଲାର ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ କୁମାର ବିଶ୍ୱାଳ ଯୋଗଦେଇଥିଲେ। ଏଥିରେ ଶ୍ରୀରାମପୁର ଖଣ୍ଡର ୬ଟି ମଣ୍ଡଳର ୧୫୦ରୁ ଊର୍ଦ୍ଧ୍ୱ ସ୍ୱୟଂସେବକ ଯୋଗ ଦେଇଥିଲେ। ଏହି ଅବସରରେ ହାଇଟେକ୍ ମହାବିଦ୍ୟାଳୟ ଆଗରୁ ଏକ ପଟୁଆର ବାହାରି ସମ୍ପୂର୍ଣ୍ଣ କୁଆଖିଆ ବଜାର ପରିକ୍ରମା କରିବା ପରେ ହାଇଟେକ୍ ମହାବିଦ୍ୟାଳୟ ସମ୍ମୁଖରେ ଥିବା ଶାଖା ପଡ଼ିଆକୁ ଫେରିଥିଲେ। ପରେ ବ୍ୟାୟମ ଯୋଗ ଓ ଆସନ ଇତ୍ୟାଦି ଶାରୀରିକ ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରାର୍ଥନା କରାଯାଇ କାର୍ଯ୍ୟକ୍ରମକୁ ସମାପ୍ତ ଘୋଷଣା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଖଣ୍ଡ କାର୍ଯ୍ୟବାହ ନିଗମାନନ୍ଦ ମିଶ୍ର ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀରାମପୁର ଖଣ୍ଡର କାର୍ଯ୍ୟକର୍ତ୍ତା ସିଦ୍ଧାର୍ଥ ଶଙ୍କର ପଣ୍ଡା, ଯଶୋବନ୍ତ ଦାସ, ଅଜୟ କୁମାର ପୃଷ୍ଟି, ସ୍ୱାଧୀନ ରାଉତ, ଅମିୟ ସାହୁ, ପ୍ରମୋଦ ଦଳେଇ, ଶରତ କୁମାର ସାହୁ ଉପସ୍ଥିତ ରହି ସହଯୋଗ କରିବା ସହିତ ଜିଲ୍ଲା, ବିଭାଗ ଓ ପ୍ରାନ୍ତର କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।

# ନାବାଳିକାଙ୍କୁ ଅସଦାଚରଣ; ଜଣେ ଗିରଫ



ଦଶରଥପୁର, ୧୨।୮ (ସମିସ): ଦଶରଥପୁର ଥାନା ଅଞ୍ଚଳର ଜନୈକା ୪ର୍ଥ ଶ୍ରେଣୀ ନାବାଳିକା ଛାତ୍ରୀକୁ ଚକୋଲେଟ ଦେବା ଆଳରେ ସ୍ଥାନୀୟ ଅଞ୍ଚଳର ଜଣେ ଦୋକାନୀ ଅସଦାଚରଣ କରିଥିବା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୁଲିସ ଅଭିଯୁକ୍ତ ଦୋକାନୀକୁ ଗିରଫ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ନାବାଳିକାକୁ ଡାକ୍ତରୀ ମଇନା କରିଛି।

ଅଭିଯୋଗ ମୁତାବକ ଦଶରଥପୁର ଥାନା ଅଞ୍ଚଳର ଡୋଭାବିଲ ପ୍ରାଥମିକ ବିଦ୍ୟାଳୟର ଜନୈକା ୪ର୍ଥ ଶ୍ରେଣୀର ନାବାଳିକା ଛାତ୍ରୀ ଗତକାଲି ଦିନ ପ୍ରାୟ ସାଢେ ୧ଟା ସମୟରେ ବିଦ୍ୟାଳୟ ଖେଳ ଛୁଟିରେ ନିକଟରେ ଦୋକାନ କରିଥିବା କୁଶ ପଣ୍ଡାଙ୍କ ପୁଅ ବଳରାମ ପଣ୍ଡା (୪୫)ଙ୍କ ଦୋକାନରୁ ଚକୋଲେଟ କିଣିବାକୁ ଯାଇଥିବା ବେଳେ ବଳରାମ ନାବାଳିକା ଛାତ୍ରୀକୁ ଅଧିକ ଚକୋଲେଟ ଏବଂ ଅନ୍ୟ କିଛି ଦେବାକୁ କହି ଦୋକାନ ଭିତରେ ଅସଦାଚରଣ କରିଥିଲା। ନାବାଳିକା କାନ୍ଦିବାରୁ ତାକୁ ଏ କଥା କାହାକୁ କହିଲେ ମାରିଦେବାକୁ ଧମକ ଦେଇ ଛାଡି ଦେଇଥିଲା। ନାବାଳିକା ଘଟଣା ସମ୍ପର୍କରେ ଘରେ ପହଞ୍ଚି ପରିବାର ଲୋକଙ୍କୁ କହିବା ପରେ ପରିବାର ଲୋକେ ବଳରାମକୁ ପଚାରିବାରୁ ସେ ଓଲଟି ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଏଠାରୁ ତୁରନ୍ତ ଚାଲିଯିବାକୁ ଧମକ ଦେଇଥିଲା। ଘଟଣା ସମ୍ପର୍କରେ ଦଶରଥପୁର ଥାନାରେ ଆଜି ଲିଖିତ ଅଭିଯୋଗ ପରେ ପୁଲିସ ବଳରାମକୁ ଗିରଫ କରିଥିବା ଦଶରଥପୁର ଥାନା ଭାରପ୍ରାପ୍ତ ଅଧିକାରୀ ଶରତ ଚନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଥାନା କେସ ନମ୍ବର ୧୪୩/୨୫ ନାବାଳିକାକୁ ଅସଦାଚରଣ ସହ ପୋକ୍‌ସୋ ଆଇନ୍‌ରେ ମାମଲା ରୁଜୁ ହୋଇଛି ବୋଲି କହିଛନ୍ତି। ସୂଚନା ଥାଉକି ବଳରାମ ବିବାହିତ ଏବଂ ଘରେ ତାର ପତ୍ନୀ ଓ ୨ ଝିଅ, ଗୋଟିଏ ପୁଅ ରହିଥିବା ବେଳେ ପୂର୍ବରୁ ତା' ବିରୁଦ୍ଧରେ ୪ଟି ଅସଦାଚରଣ ଅଭିଯୋଗ ରହିଛି।

# ଇଞ୍ଜିନିୟରଙ୍କ ପାଇଁ ପ୍ରଶିକ୍ଷଣ ଶିବିର



ଦାନଗଦି, ୧୨।୮ (ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନରେ ଥିବା ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ (ବିପିଏନ୍‌ଏସ୍‌ଆଇ)ର ବୃତ୍ତିଗତ ପ୍ରାକ୍-କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ଯାଜପୁରର ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡରେ ଏହାର ସ୍ନାତକ ଇଞ୍ଜିନିୟର ପ୍ରଶିକ୍ଷାର୍ଥୀ ଏବଂ ସ୍ନାତକୋତ୍ତର ଇଞ୍ଜିନିୟର ପ୍ରଶିକ୍ଷାର୍ଥୀମାନଙ୍କ ପାଇଁ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆରମ୍ଭ ହୋଇଛି।

ବିପିଏନ୍‌ଏସ୍‌ଆଇର ମାନବସମ୍ବଳ ବିଭାଗ ଉପସଭାପତି ରାକେଶ ପାଠକଙ୍କ ଦ୍ୱାରା ଆୟୋଜିତ କର୍ମଶାଳାରେ ବରିଷ୍ଠ ସହାୟକ ପ୍ରଫେସର ସତ୍ୟପ୍ରିୟ ଶତପଥୀ, କର୍ମଶାଳାର ଗୁରୁତ୍ୱ ଏବଂ କାର୍ଯ୍ୟକ୍ରମ ସୂଚୀ ବିଷୟରେ ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଆଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡ. ରାମକୃଷ୍ଣ ସାବତ, 'ଇସ୍ପାତ ଗୁଣବତ୍ତା ପରିଚାଳନା ଏବଂ ମିଶ୍ରଣ କୌଶଳ' ବିଷୟରେ ଆଲୋଚନା କରିଥିଲେ। ଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡ. ଅମୃତେନ୍ଦୁ ରାୟ, 'ଲାଡଲ୍ ରିଫାଇନିଂ ପ୍ରକ୍ରିୟାରେ ଇସ୍ପାତ ରିଫାଇନିଂ ପ୍ରକ୍ରିୟା ଏବଂ ଉପକରଣ ବିଫଳତା' ବିଷୟରେ ସୂଚନା ଦେଇଥିଲେ। କର୍ମଶାଳାରେ ପ୍ରଫେସର ଏସ୍‌ପି ଶତପଥୀ ଅଂଶଗ୍ରହଣକାରୀଙ୍କୁ ଇସ୍ପାତ ଶିଳ୍ପରେ ଡିକାର୍ବୋନାଇଜେସନ ଏବଂ ପ୍ରକ୍ରିୟା ପରିବର୍ତ୍ତନ ବିଷୟରେ ସଂକ୍ଷିପ୍ତ ଟିପ୍ସ ପ୍ରଦାନ କରିଥିଲେ। ଏଜିଏମ୍ (ମାନବସମ୍ପଦ) ଶ୍ୟାମ ତ୍ରିପାଠୀ ମଧ୍ୟ କର୍ମଶାଳାରେ ଉପସ୍ଥିତ ଥିଲେ।

**■ ସମ୍ପୂର୍ଣ୍ଣ ହେବାର ଦୁଇ ବର୍ଷ ବିତିଲାଣି**

# କାର୍ଯ୍ୟରେ ଲାଗୁନି ମାର୍କେଟ କମ୍ପ୍ଲେକ୍ସ



ଯଖପୁରା, ୧୨।୮ (ସମିସ): ପୂର୍ବ ସରକାର ସମୟରେ କରାଯାଇଥିବା ଅନେକ ଗୁଡିଏ କାର୍ଯ୍ୟ ଶେଷ ହେବା ଅଥବା ଶେଷ ଅବସ୍ଥାର ଥିବା ବେଳେ ମଧ୍ୟ ତାହା ସେତିକିରେ ଅଟକି ରହିଛି। ଦାନଗଦି ବ୍ଲକ ଅନ୍ତର୍ଗତ ଚାନ୍ଦିଆ ପଞ୍ଚାୟତ ବାଇସାଇ ଛକଠାରେ ନିର୍ମାଣ ହୋଇଥିବା ଏକ ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ଦୁଇ ବର୍ଷ ପୂର୍ବରୁ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହାର ସୁବିଧା ସ୍ଥାନୀୟ ବାସିନ୍ଦା ନେବାରୁ ବଞ୍ଚିତ ହେଉଛନ୍ତି। ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ତିନୋଟି ବଖରା ଘର କାର୍ଯ୍ୟ ଗତ ଦୁଇ ବର୍ଷ ପୂର୍ବରୁ ସରିଥିଲେ ମଧ୍ୟ ଏଯାଏଁ ଭଡ଼ା ସୂତ୍ରରେ କାହାରିକୁ ଦିଆଯାଇନାହିଁ। ଏବିଷୟରେ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରୁ, ଅଳ୍ପ କିଛି ଟଙ୍କା ବିଲ୍ ବାବଦରେ ବାକି ରହିଯାଇଥିବାରୁ କାର୍ଯ୍ୟ କରୁଥିବା ସ୍ଥାନୀୟ ଲୋକ ଘର ହସ୍ତାନ୍ତର କରିନାହାନ୍ତି ବୋଲି ସେ କହିଛନ୍ତି। ଚାନ୍ଦିଆ ପଞ୍ଚାୟତର ଭିଏଲଡବ୍ଲୁ (ଗ୍ରାମସେବକ) ଓ ଜେଇ (ପଞ୍ଚାୟତ ନିର୍ବାହୀ ଅଧିକାରୀ) ମଧ୍ୟ ସମାନ ଉତ୍ତର ରଖିଥିଲେ। ବାଇସାଇ ଛକଟି ୫୩ ନମ୍ବର ଜାତୀୟ ରାଜପଥରେ ଅବସ୍ଥାପିତ ଥିବାରୁ ଏଠାରେ ପ୍ରଶାସନ ତରଫରୁ ସ୍ଥାନୀୟ ପଞ୍ଚାୟତର ଲୋକ ବ୍ୟବସାୟ କରିବା ପାଇଁ ତିନି ବଖରା ବିଶିଷ୍ଟ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଯାଇଥିଲା। ବାଇସାଇ ଛକରେ ଅସ୍ଥାୟୀ ଗୃହ ନିର୍ମାଣ କରି ଚାନ୍ଦିଆ ପଞ୍ଚାୟତର କିଛି ଲୋକ ଛୋଟ ବଡ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ବେପାରୀମାନଙ୍କୁ ଉପଯୁକ୍ତ ଥଇଥାନ କରିବା ପାଇଁ ପଞ୍ଚାୟତ ତରଫରୁ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଗଲା। ମାତ୍ର ପଞ୍ଚାୟତ ଓ ବ୍ଲକର ଖାମଖିଆଲି ମନୋଭାବ ପାଇଁ ଦୁଇବର୍ଷ ପୂର୍ବରୁ ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଥିବା ମାର୍କେଟ କମ୍ପ୍ଲେକ୍ସକୁ ସ୍ଥାନୀୟ ବାସିନ୍ଦା ମାନଙ୍କୁ ବେପାର ବାଣିଜ୍ୟ ପାଇଁ ହସ୍ତାନ୍ତର କରାଯାଇ ପାରୁନାହିଁ। ଏଠି ପ୍ରଶ୍ନ ଉଠିଛି ମାର୍କେଟ କମ୍ପ୍ଲେକ୍ସଟି ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ନାମରେ ଥିବା ବେଳେ ଘର କାର୍ଯ୍ୟର ଅଳ୍ପ କିଛି ଟଙ୍କା କିପରି ସ୍ଥାନୀୟ ଲୋକେଙ୍କ ରହିଗଲା। ଯାହାଫଳରେ ସମ୍ପୂର୍ଣ୍ଣ ହୋଇସାରିଥିବା ମାର୍କେଟ କମ୍ପ୍ଲେକ୍ସର ଚାବି ଗତ ଦୁଇ ବର୍ଷ ହେବ ସେମାନଙ୍କ ପାଖରେ ରହିଛି। ତିନି ବଖରା ବିଶିଷ୍ଟ ମାର୍କେଟ କମ୍ପ୍ଲେକ୍ସକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସ୍ଥାନୀୟ ବାସିନ୍ଦା ପ୍ରଶାସନକୁ ଦାବି

**■ ବାବା ଭୈରବାନନ୍ଦ ମହାବିଦ୍ୟାଳୟ**

# ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ବଡଚଣା, ୧୨।୮ (ସମିସ): ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୦ତମ ପ୍ରତିଷ୍ଠା ଦିବସ ଓ ଗୌରବମୟ ସୁବର୍ଣ୍ଣ ଜୟନ୍ତୀର ଉଦ୍‌ଘାଟନୀ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଯୋଗଦେଇ ଜ୍ଞାନକୁ ନିଜ ଭିତର ଆବଦ୍ଧ ନକରି, ସମାଜ ଓ ଅନ୍ୟମାନଙ୍କ ପାଇଁ ବିତରଣ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି କହିଥିଲେ। ଜୀବନର ୫ଟି 'ଧ', ଯଥା-ଧର୍ମ, ଧରିତ୍ରୀ, ଧୈର୍ଯ୍ୟ, ଧନ୍ଦା ଓ ଧନକୁ ଉପଯୁକ୍ତ ବାଟରେ ପରିଚାଳିତ କଲେ ଜୀବନ ସଫଳ ହେବ। ମୁଖ୍ୟବକ୍ତା ଭାବେ ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ବଡ଼ଚଣା ବିଧାୟକ ଅମର ନାୟକ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୃଷ୍ଣଚନ୍ଦ୍ର ଶତପଥୀ, କଲେଜ ପରିଚାଳନା କମିଟି ସଭାପତି ଯୁଧିଷ୍ଠିର ନାୟକ, ପୁରାତନ ଛାତ୍ର ସଂସଦର ସଭାପତି ପବିତ୍ର ମୋହନ ମାହାଲା ଯୋଗଦେଇଥିଲେ।



ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପୁରାତନ ଛାତ୍ର ସଂସଦ ସମ୍ପାଦକ ଦେବରାଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସୁବର୍ଣ୍ଣଜୟନ୍ତୀ ଗୃହ, ଖେଳପଡ଼ିଆ ଉନ୍ନତିକରଣ ଓ ଦର୍ଶକ ଗ୍ୟାଲେରୀ ସହିତ ଦ୍ୱିତୀୟ ଛାତ୍ରୀନିବାସର ଶିଳାନ୍ୟାସ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର ମୁଖପତ୍ର ଶୈଳଜା ଉନ୍ମୋଚନ କରିଥିଲେ। ଗତ ବାର୍ଷିକ ପରୀକ୍ଷାରେ ବିଭିନ୍ନ ସ୍ନାତକ ବିଭାଗରେ ଶ୍ରେଷ୍ଠ ସ୍ନାତକମାନଙ୍କୁ ପୁରସ୍କାର ପ୍ରଦାନ କରଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ବନ୍ଦେ ଉତ୍କଳ ଜନନୀ ଗାନ କରାଯିବା ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ପିସି ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଉଲଗ୍ନ କରି ଯୁବତୀଙ୍କୁ ପିଟିଲେ ପୂଜକ

**■ ଗୁଣିଗାରେଡ଼ି, ପୂଜା ନାଁରେ ଉନ୍ମତକାଣ୍ଡ ■ ୨ ଗୁରୁତର, ୪ ଥାନାରେ ଅଟକ**

ଜେନାପୁର/କବାଟବନ୍ଧ/ଯାଜପୁର, ୧୨।୮ (ସମିସ)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଞ୍ଚଳରେ ଅନ୍ଧବିଶ୍ୱାସର ଶିକାର ହୋଇ ୨ ଭଉଣୀ ନିର୍ଯାତିତ ହୋଇଛନ୍ତି। ଏହି ଘଟଣାରେ ପୁଲିସ୍ ପୂଜକଙ୍କ ସମେତ ୪ ଜଣଙ୍କୁ ଅଟକ ରଖିଛି। ଅଟକଙ୍କ ମଧ୍ୟରେ ଦୁଇ ଜଣ ମହିଳା ଏବଂ ଦୁଇ ଜଣ ପୁରୁଷ ରହିଛନ୍ତି।



ପ୍ରାପ୍ତ ଖବର ଅନୁସାରେ ଜେନାପୁର ଥାନା ଅନ୍ତର୍ଗତ ଗଡ଼ମଧୁପୁର ପଞ୍ଚାୟତ ଅଧୀନ ପନ୍ତୁରୀ ଗ୍ରାମରେ ଦୀର୍ଘ ପ୍ରାୟ ୧୦ ବର୍ଷ ହେଲା ମଣିତାରିଣୀ ପୀଠ ନାମରେ ଉକ୍ତ ଗ୍ରାମର ଜଣେ ଲୋକ ଠାକୁରାଣୀଙ୍କ ନିକଟରେ ପୂଜା ପାଠ କରି ସ୍ୱାସ୍ଥ୍ୟ ସମସ୍ୟା, ଧନ ବୃଦ୍ଧି, ଜମିବାଡ଼ି ସମ୍ପର୍କିତ ମାମଲା, ବିବାହ ଆଦି ବିଭିନ୍ନ ସମସ୍ୟାର ସମାଧାନ କରିଆସୁଛନ୍ତି। ସେହି ଗ୍ରାମର ପ୍ରଶାନ୍ତ କୁମାର ଲେଙ୍କାଙ୍କ ଝିଅ ଜ୍ୟୋତି ଲେଙ୍କା (୨୧) ଗତ ୮/୧୦ ଦିନ ଧରି ଅସୁସ୍ଥ ଥିଲା। ଚିକିତ୍ସା ପାଇଁ ପ୍ରଶାନ୍ତ ନିଜ ଝିଅକୁ କଟକ ବଡ଼ ମେଡ଼ିକାଲକୁ ନେଇ ବିଭିନ୍ନ ଡାକ୍ତରୀ ପରୀକ୍ଷା ନିରୀକ୍ଷା କରିବା ପରେ ମଧ୍ୟ କୌଣସି ରୋଗ ନ ଥିବା ଡାକ୍ତର ପ୍ରକାଶ କରିଥିଲେ। ତେବେ ବିଳମ୍ବିତ ରାତିରେ ହଠାତ ବିଚଳିତ ହୋଇ ଚିତ୍କାର କରିବାରୁ ପରିବାର ଲୋକେ ପୁନର୍ବାର ମେଡ଼ିକାଲ ନେଇ ଯିବାକୁ ବାହାରିଥିବା ସମୟରେ ମଣିତାରିଣୀ ପୀଠର ପୂଜକ ସେହି ଗ୍ରାମର ବାବା ନାମରେ ପରିଚିତ ସୁଦାମ ଦେହୁରୀ ପୂଜାପାଠ ଏବଂ ତନ୍ତ୍ରମନ୍ତ୍ର ବଳରେ ଭଲ କରି ଦେବାର ପ୍ରତିଶ୍ରୁତି ଦେଇ ସେହି ଠାକୁରାଣୀ ପୀଠକୁ ନେଇଥିଲେ। ଜ୍ୟୋତିଙ୍କ ସହିତ ତାଙ୍କ ନାବାଳିକା ସାନ ଭଉଣୀ ଜ୍ୟୋତ୍ସ୍ନା ମଧ୍ୟ ସାଥିରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ବାବା ସୁଦାମ, ତାଙ୍କ ପତ୍ନୀ, ଝିଆରୀ ଏବଂ ସେହି ପୀଠକୁ ଭକ୍ତ ଭାବରେ ପୂଜା କରିବାକୁ ଆସିଥିବା କୁଆଖିଆ ଥାନା ଅନ୍ତର୍ଗତ ଆଦମପୁର ଅଞ୍ଚଳର ଜଣେ ମହିଳା ପୂଜା ପାଠ କରି ଜ୍ୟୋତିକୁ ଗୁଣି କରାଯାଇଥିବା କହିଥିଲେ। ଏହାର ପ୍ରତିକାର ପାଇଁ ଏକ ସ୍ୱତନ୍ତ୍ର ପୂଜା ଆରମ୍ଭ କରିଥିଲେ। ପୂଜା ପାଠ ଚାଲୁଥିବା ସମୟରେ ଭୂତ ଛଡ଼ାଇବା କହି ତା' ଦେହରୁ ବସ୍ତ୍ର ଖୋଲି ଉଲଗ୍ନ ଅବସ୍ଥାରେ ବେତ ପାହାର ଦେଇଥିଲେ। ଅତ୍ୟଧିକ ବେତ ମାଡ଼ କାରଣରୁ ଜ୍ୟୋତିର ଦେହ ରକ୍ତାକ୍ତ ହୋଇଥିଲା। ପୂଜା ପାଠ କରୁଥିବା ବ୍ୟକ୍ତି ମାନେ ମାଡ଼ି ବସି ତା' ପାଟି ଭିତରେ ବେତ ପୁରାଇ ଦେଇଥିଲେ। ତାଙ୍କୁ ଉଲଗ୍ନ ଅବସ୍ଥାରେ ଗାଁ ଦାଣ୍ଡରେ ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଚଲାଇ ଚଲାଇ ନେଇଥିଲେ। ଏହାକୁ ସହ୍ୟ କରି ନ ପାରି ଜ୍ୟୋତି ସେଠାରୁ ଖସିବାକୁ ଚେଷ୍ଟା କରିବାରୁ ସେମାନେ ଇଟାରେ ଆକ୍ରମଣ କରିଥିଲେ। ଅତ୍ୟଧିକ ମାଡ଼ ସହି ନପାରି ଜ୍ୟୋତି ଜୀବନ ବଞ୍ଚେଇବାକୁ ଜୋରରେ ଚିତ୍କାର କରିଥିଲେ। ଏହା ସହିତ ଜ୍ୟୋତିଙ୍କ ସାଙ୍ଗରେ ଯାଇଥିବା ତାଙ୍କ ସାନ ଭଉଣୀଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ଅସହ୍ୟ ହେବାରୁ ସେଠାରେ ଉପସ୍ଥିତ ଥିବା ଗ୍ରାମବାସୀ ପ୍ରତିବାଦ କରିଥିଲେ। ଏଭଳି ଅମାନବୀୟ କାର୍ଯ୍ୟକୁ ବିରୋଧ କରି ଗ୍ରାମବାସୀ ପୂଜା କରୁଥିବା ବାବା ଓ ତାର ସହଯୋଗୀମାନଙ୍କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ। ଜ୍ୟୋତି ଏବଂ ତାଙ୍କ ସାନ ଭଉଣୀ ଜ୍ୟୋତ୍ସ୍ନାଙ୍କୁ ଗ୍ରାମବାସୀଙ୍କ ସାହାଯ୍ୟରେ ପରିବାର ଲୋକେ ଧର୍ମଶାଳା ମେଡ଼ିକାଲକୁ ନେଇଥିଲେ। ଜ୍ୟୋତିର ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରିଥିଲେ। ଏହି ଘଟଣାରେ ଜ୍ୟୋତିର ବାପା ଜେନାପୁର ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

**ବ୍ୟବସାୟୀଙ୍କୁ ଗୁଳି କରି ହୀରା ଲୁଟ୍ ଘଟଣା**

# ମାଷ୍ଟର ମାଇଣ୍ଡ ମଳୟଙ୍କ ସମେତ ୪ ଗିରଫ

ବ୍ରହ୍ମପୁର, ୧୨।୮ (ସମିସ)



ବ୍ରହ୍ମପୁର ଶାସ୍ତ୍ରୀନଗରର ହୀରା ବ୍ୟବସାୟୀ ଏସ୍ ବାଲକ୍ରିଷ୍ଣା ଆଚାରୀ ଓରଫ ରୁନା ଏବଂ ତାଙ୍କ ପୁତୁରା ସୁନୀଲ କୁମାର ସାହୁଙ୍କୁ ଗୁଳିମାଡ଼ କରି ହୀରା ଲୁଟ୍ ଘଟଣାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଆସିକା ନିକଟ ଭେଟନଇ ପନ୍ଦରାସାହିର ମାଷ୍ଟର ମାଇଣ୍ଡ ଅରୁଣ କୁମାର ଉପାଧ୍ୟାୟ ଓରଫ ମଳୟ(୫୦), ଭୁବନେଶ୍ୱର ଖଣ୍ଡଗିରି ଥାନା ଅନ୍ତର୍ଗତ ବେଗୁନିଆ ମସ୍‌ଜିଦ ନିକଟ ଗୋଲ୍‌ଡେନ ସୋସାଇଟିର ସରୋଜ କୁମାର ମହାନ୍ତି(୫୯), ଯଦୁପୁର ମାଦ୍ରାସା ମସ୍‌ଜିଦ ସେଖ୍ ରାଜୁ(୨୩) ଓ ସାହିଲ ଖାନ(୨୧)। ଅଭିଯୁକ୍ତ ମଳୟ ହିଁ ଏହି ଗୁଳିମାଡ଼ ଓ ଲୁଟ ଘଟଣାର ମାଷ୍ଟର ମାଇଣ୍ଡ ହୋଇଥିବା ବେଳେ ଅଭିଯୁକ୍ତମାନେ ଦୁବାଇର ହୀରା ବ୍ୟବସାୟୀ ବୋଲି ପରିଚୟ ଦେଇ ସେଭଳି ପୋଷାକ ପିନ୍ଧି ରୁନାଙ୍କ ଘରକୁ ଆସିବା ପରେ ଗୁଳିମାଡ଼ କରି ଲୁଟ କରିବା ପରେ ଫେରାର ହୋଇଯାଇଥିଲେ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ପୁଲିସ ଏକ କାର, ୩ଟି ମୋବାଇଲ ଓ ୨ ଟି ଗୁଳି ଓ କ୍ୟାଟ୍ରିଜ୍ ଜବତ କରିଛି।

ସୂଚନାଯୋଗ୍ୟ ଯେ, ଗତ ଅଗଷ୍ଟ ୫ ତାରିଖରେ ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ୫ମ ଲାଇନ୍‌ରୁ ବ୍ୟବସାୟୀ ବାଲକୃଷ୍ଣ ଆଚାରୀ ଓରଫ ରୁନା ଓ ଶଳା ସୁନିଲ ସାହୁଙ୍କୁ ଗୁଳି କରି ହୀରା ଲୁଟ୍ ହୋଇଥିଲା। ରୁନା ଆଚାରୀ ଜଣେ ମୂଲ୍ୟବାନ ପଥର ଓ ହୀରା ବ୍ୟବସାୟୀ। ମୁଖ୍ୟ ଅଭିଯୁକ୍ତ ତଥା ମୂଲ୍ୟବାନ ପଥର ବ୍ୟବସାୟରେ ଦଲାଲ ଭାବେ କାର୍ଯ୍ୟ କରୁଥିବା ମଳୟ ସହ ପୂର୍ବରୁ ରୁନାଙ୍କ ବ୍ୟବସାୟିକ ସମ୍ପର୍କ ରହିଥିଲା। ବିଶାଖାପାଟଣାର ପ୍ରେମ କୁମାର ନାମକ ଜଣେ ରତ୍ନପଥର ବ୍ୟବସାୟୀଙ୍କ

**କାର୍, ୩ ମୋବାଇଲ ଓ ୨ ଗୁଳି ସହ କ୍ୟାଟ୍ରିଜ୍ ଜବତ**

ନିକଟରେ ୯.୯୬ କ୍ୟାରେଟର ଏକ ମୂଲ୍ୟବାନ ପଥର ରହିଥିବା ରୁନା ଜାଣିବାକୁ ପାଇଥିଲେ। ସେହିକ୍ରମରେ ଅଭିଯୁକ୍ତ ମଳୟଙ୍କ ଜରିଆରେ ସେ ଉକ୍ତ ମୂଲ୍ୟବାନ ପଥର କିଣିବାକୁ ଚାହିଁଥିଲେ। ଏହାପରେ ଅଭିଯୁକ୍ତ ମଳୟ ଓ ଉପରୋକ୍ତ ୩ ଅଭିଯୁକ୍ତ ମିଶି ପ୍ରେମ କୁମାର ଠାରୁ ଉକ୍ତ ମୂଲ୍ୟବାନ ପଥର ଲୁଟ୍ ପାଇଁ ଯୋଜନା କରିଥିଲେ। ରୁନା ଏବଂ ମଳୟଙ୍କ କହିବା ପ୍ରକାରେ ବିଶାଖାପାଟଣାରୁ ପ୍ରେମ କୁମାର ଭୁବନେଶ୍ୱରକୁ ଆସିଥିଲେ। ହେଲେ ସେଠାରେ ଡିଲ୍ ହୋଇନପାରିବାରୁ ରୁନା ଓ ପ୍ରେମ ବ୍ରହ୍ମପୁର ଚାଲି ଆସିଥିଲେ। ଏହାପର ଦିନ ଅଭିଯୁକ୍ତମାନେ ବ୍ରହ୍ମପୁରକୁ ଆସି ଦୁବାଇର ଜଣେ ବ୍ୟବସାୟୀ ଆସିଥିବା କହି ରୁନାଙ୍କ ଘରେ ପହଞ୍ଚି ଉକ୍ତ ଅଳଙ୍କାର ଲୁଟ କରି ନେଇ ଯାଇଥିଲେ। ତେବେ ରୁନା ଏହାର ପ୍ରତିବାଦ କରିବାରୁ ସେମାନେ ରୁନାଙ୍କ ଉପରକୁ ଗୁଳି ମାଡ଼ କରିଥିଲେ। ଏଥିରେ ରୁନା ଗୁରୁତର ଆହତ ହୋଇ ଏମ୍‌କେସିଜିରେ ଭର୍ତ୍ତି ହୋଇଥିଲେ। ରୁନାଙ୍କ ପୁତୁରା ସୁନୀଲଙ୍କ ଅଭିଯୋଗ ପ୍ରକାରେ ବଡ଼ବଜାର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଅଭିଯୁକ୍ତଙ୍କୁ ଧରିବାକୁ ବ୍ରହ୍ମପୁର ଏସ୍‌ପି ଏକ ସ୍ୱତନ୍ତ୍ର ଟିମ ଗଠନ କରିଥିଲେ। ସେହି ଟିମ ରାଜ୍ୟ ବାହାରକୁ ଯାଇ ଉପରୋକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି।

**● କାର୍ ଧକ୍କାରେ ଯୁବକଙ୍କ ମୃତ୍ୟୁ**

## ହତ୍ୟା ଅଭିଯୋଗ ଆଣିଲେ ପରିବାର

କବିସୂର୍ଯ୍ୟନଗର, ୧୨।୮ (ସମିସ): କବିସୂର୍ଯ୍ୟନଗର ଥାନା ଝାଡବନ୍ଧ ଗାଁ ଛକରେ କାର୍ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କୃଷ୍ଣ ପାତ୍ର। ତେବେ ଏହାକୁ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ସେହିପରି ଏହି ମାମଲାରେ ସମ୍ପୃକ୍ତ କିଛି ବ୍ୟକ୍ତିଙ୍କୁ ଅଟକ ରଖି ପଚରା ଉଚରା କରୁଛି। ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ ମୃତ କୃଷ୍ଣ ଓ କାର୍ ଧକ୍କା ଦେଇଥିବା ବ୍ୟକ୍ତିଙ୍କ ମଧ୍ୟରେ ପାରିବାରିକ ଶତ୍ରୁତା ଲାଗି ରହିଥିଲା। ଦୁର୍ଘଟଣା ଘଟାଇଥିବା ବ୍ୟକ୍ତିଙ୍କ ଘର ଶେରଗଡ଼ ଥାନା ଇଲାକାର ଶାଗରପଲ୍ଲୀ ଗାଁ ବୋଲି ଜଣାପଡ଼ିଛି। ସେହିପରି ଦୁର୍ଘଟଣା ଘଟାଇଥିବା କାର ୧୦ଦିନ ହେଲା ଏହି ଅଞ୍ଚଳରେ ବୁଲୁଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଏପରକି ମୃତକଙ୍କ ପେଟରେ ଛୁରାମାଡ଼ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେବେ ଏହା ହତ୍ୟା ନା ଦୁର୍ଘଟଣା ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି ପୁଲିସ କହିଛି।

**ମୃତକଙ୍କ ପେଟରେ ହୋଇଛି ଛୁରାମାଡ଼**

## ଏଟିଏମ୍ କାର୍ଡ ବଦଳାଇ ୩୭ ହଜାର ଟଙ୍କା ଲୁଟ୍

ବ୍ରହ୍ମପୁର, ୧୨।୮ (ସମିସ): ଏଟିଏମ୍‌କୁ ଟଙ୍କା ଜମା କରିବାକୁ ଯାଇଥିବା ଜଣେ ମହିଳାଙ୍କୁ ସାହାଯ୍ୟ କରିବାକୁ ଯାଇ ଏଟିଏମ୍ କାର୍ଡ ବଦଳାଇ ଟଙ୍କା ଲୁଟ୍ ହୋଇଛି। ସୂଚନାପ୍ରକାରେ, ନିଗମନଗର ୪ର୍ଥ ଲାଇନ ପ୍ରଭାସିନୀ ପାଢ଼ୀ ନିଜ ଆକାଉଣ୍ଟରେ କିଛି ଟଙ୍କା ଜମା କରିବାକୁ ୨ଦିନ ତଳେ ମର୍ଦ୍ଦରାଜପୁର ଭେଣ୍ଟିଂ ଜୋନ୍ ନିକଟ ଏଟିଏମ୍‌କୁ ଯାଇଥିଲେ। ମାତ୍ର ଜମା କରିବାରେ ଅସୁବିଧା ହେବାରୁ ସେଠାରେ ଉପସ୍ଥିତ ଜଣେ ବ୍ୟକ୍ତି ସହାୟତା କରି ପ୍ରଭାସିନୀଙ୍କ ଆକାଉଣ୍ଟରେ ସମସ୍ତ ଟଙ୍କା ଜମା କରି ଦେଇଥିଲେ। ହେଲେ କୌଶଳକ୍ରମେ ପ୍ରଭାସିନୀଙ୍କ ଏଟିଏମ୍ କାର୍ଡ ବଦଳାଇ ଅନ୍ୟ ଜଣେ ବ୍ୟକ୍ତିଙ୍କ କାର୍ଡ ପ୍ରଭାସିନୀଙ୍କୁ ଧରାଇ ଦେଇଥିଲେ। ଡିପୋଜିଟ୍ ବେଳେ ପିନ୍ ଜାଣିଯାଇଥିବାରୁ ୩୭ ହଜାର ଟଙ୍କା ଉଠାଇ ନେଇ ଯାଇଥିଲେ। ପ୍ରଭାସିନୀଙ୍କ ମୋବାଇଲ୍‌କୁ ମେସେଜ ଆସିବାରୁ ସେ ତାଙ୍କ ପାଖରେ ଥିବା ଏଟିଏମ୍ ଚେକ୍ କରିବାରୁ ତାହା ତାଙ୍କର ନୁହେଁ ବୋଲି ଜଣାପଡ଼ିଥିଲା। ଏନେଇ ସେ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏଟିଏମ୍‌ରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## ଘରେ ପଶି ବୃଦ୍ଧଙ୍କୁ ଆକ୍ରମଣ; ଜଣେ ଗିରଫ

ବ୍ରହ୍ମପୁର, ୧୨।୮ (ସମିସ): ଘରେ ପଶି ଜଣେ ବୃଦ୍ଧଙ୍କୁ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଗଜପତି ଜିଲ୍ଲା ମହେନ୍ଦ୍ରଗଡ଼ର ଟିସେପାର୍କ ଦୋର୍ଜି(୫୬)। ଗତ ୧୧ତାରିଖରେ ଲାଞ୍ଜିପଲ୍ଲୀ ଜେଲ ସାହିରେ ଅନ୍ନପୂର୍ଣ୍ଣା ଆଚାରୀ(୮୩) ଘରେ ଶୋଇଥିବା ବେଳେ ଅଭିଯୁକ୍ତ ଜଣକ ଘରେ ପଶି ତାଙ୍କୁ ଆକ୍ରମଣ କରିଥିଲେ। ଅନ୍ନପୂର୍ଣ୍ଣାଙ୍କ ପୁଅ ମନ୍ମଥ କୁମାର ଆଚାରୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

## ଆକ୍ରମଣ କରି ଲୁଟ୍ ମାମଲା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, ୧୨।୮ (ସମିସ): ଦାଦାବଟି ନ ଦେବାରୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରି ଲୁଟ୍ ଅଭିଯୋଗରେ ବଡ଼ବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉତ୍ତରମୁଖୀ ଗ୍ରାମର ଶିବ ପଟ୍ଟନାୟକ (୩୫)। ହରିଡ଼ାଖଣ୍ଡି ଆନନ୍ଦ ନଗର ନିବାସୀ ଉଦୟନାଥ ସାହୁ(୫୦) ରବିବାର ସକାଳେ ଅଫିସକୁ ଯାଉଥିଲେ ହରିଡ଼ାଖଣ୍ଡି ଛକରେ ଶିବ ତାଙ୍କୁ ଅଟକାଇ ୨୦ହଜାର ଟଙ୍କା ଦାଦାବଟି ମାଗିଥିଲା। ଉଦୟ ମନା କରିବାରୁ ଶିବ ତାଙ୍କୁ ଆକ୍ରମଣ କରି ସେ ପିନ୍ଧିଥିବା ସୁନାଚେନ୍ ଓ ୨୫୦୦ ଟଙ୍କା ନେଇ ଯାଇଥିବା ଅଭିଯୋଗ କରିଥିଲେ। ସୋମବାର ଶିବଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଏଏସ୍‌ଆଇ ସୁନିଲ ପରିଡ଼ା ସୂଚନା ଦେଇଛନ୍ତି।

## ଓଡ଼ିଶା କୃଷକ ସଭା ପକ୍ଷରୁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଦିଗପହଣ୍ଡି, ୧୨।୮ (ସମିସ): ଓଡ଼ିଶା କୃଷକ ସଭା ଦିଗପହଣ୍ଡି ଶାଖା ପକ୍ଷରୁ ୭ ଦଫା ଦାବି ନେଇ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଚାଷୀ ସଂଗଠନର ସଭ୍ୟ ଓ କର୍ମକର୍ତ୍ତା ବୃନ୍ଦ ଦିଗପହଣ୍ଡି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଆଶିଷ କୁମାର ନାୟକଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମ୍ପ୍ରତି ଚାଷୀମାନେ ଚାଷକାର୍ଯ୍ୟରେ ଲାଗିଥିବା ବେଳେ ଧାନ ବିକ୍ରୟ ପାଇଁ ମଣ୍ଡିରେ ଚାଷୀ ପଞ୍ଜୀକରଣ ପାଇଁ ସମୟସୀମା ବୃଦ୍ଧି କରାଯିବା, ସମସ୍ତ ଚାଷୀ, ଭାଗଚାଷୀଙ୍କ ନିଜସ୍ୱ ଘୋଷଣାନାମା ଦ୍ୱାରା ରେଜିଷ୍ଟ୍ରେସନ କରାଯିବା, ମଣ୍ଡିରେ ଧାନ ବିକ୍ରୟ ପାଇଁ ରେଜିଷ୍ଟ୍ରେସନ ନିୟମାବଳୀ ସରଳୀକରଣ କରାଯିବା, ଇକେୱାଇସି ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ କରାଯିବା ପ୍ରଭୃତି ୭ ଦଫା ଦାବି ସ୍ମାରକପତ୍ରରେ ଉଲ୍ଲେଖ ରହିଛି। ଅତିରିକ୍ତ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ ସମୟରେ ଓଡ଼ିଶା କୃଷକ ସଭା ଗଞ୍ଜାମ ଜିଲ୍ଲା ଉପସଭାପତି କୈଳାସ ଷଡଙ୍ଗୀ, ଆଇନଜୀବି କୁରେଶୁ ପଣ୍ଡା, ପି. ଶିବଶଙ୍କର, ସୁଶାନ୍ତ କୁମାର ଷଡଙ୍ଗୀ, ପୁଷ୍ପଧ୍ୱଜ ସାହୁ, ଏ. ହରି, ଏ. ସୂର୍ଯ୍ୟନାରାୟଣ, ଏମ୍. ରାମଚନ୍ଦ୍ର, ଅର୍ଜ୍ଜୁ ମାଧା, ଏ. ଗଣେଶ ପ୍ରମୁଖ ଚାଷୀ ସଙ୍ଗଠନର ବହୁସଂଖ୍ୟକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ; ଯୁବକ ଗିରଫ

ବାଲିଗୁଡ଼ା, ୧୨।୮ (ସମିସ): ନାବାଳିକାକୁ ଦୁଷ୍କର୍ମ ସହ ଗର୍ଭବତୀ କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇଛି। ଗିରଫ ଯୁବକ ଜଣକ କନ୍ଧମାଳ ଜିଲ୍ଲା କ.ନୂଆଗାଁ ପୁଲିସ ଜି.ଉଦୟଗିରି ଥାନା ଅନ୍ତର୍ଗତ କିରାମାହା ଗ୍ରାମର ପିଙ୍କୁ ପ୍ରଧାନ। ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ନାବାଳିକା ଯୁବତୀ ଜଣକ ଜି.ଉଦୟଗିରି ଅଞ୍ଚଳକୁ ଯାଇଥିବାବେଳେ ସମ୍ପୃକ୍ତ ଯୁବକ ଜଣକ ଦୁଷ୍କର୍ମ କରିଥିଲା। ଏ ନେଇ ପରିବାର ଲୋକେ କ.ନୂଆଗାଁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଯୁବକଙ୍କୁ ଗିରଫ କରିଥିବା ଜଣାପଡ଼ିଛି।

## ଛାତ୍ରୀଙ୍କୁ ଅପହରଣ ଅଭିଯୋଗ

ଦିଗପହଣ୍ଡି, ୧୨।୮ (ସମିସ): ଦିଗପହଣ୍ଡି ବ୍ଲକ ଅଧିନ ଏକ ଡିଗ୍ରୀ କଲେଜରେ ଯୁକ୍ତ ୩ କଳା ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ଛାତ୍ରୀ ୫ ଦିନ ହେଲା ନିଖୋଜ ଅଛନ୍ତି। ଛାତ୍ରୀଙ୍କ ବାପା ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିବା ପରେ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ଏକ ମାମଲା ରୁଜୁ କରି ଏଏସ୍‌ଆଇ ମନୋଜ ସିଂଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗତ ଗୁରୁବାର ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଛାତ୍ରୀ ଜଣକ ଘରୁ ସାଇକେଲ ନେଇ କଲେଜକୁ ପରୀକ୍ଷା ଦେବାକୁ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ଘରକୁ ନଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଗାଁ ନିକଟ ଅନ୍ୟ ଏକ ଗାଁ ଛକରୁ ତାଙ୍କ ସାଇକଲ ମିଳିଥିଲା। ଘଟଣା ପରଦିନ ଛାତ୍ରୀଙ୍କ ବାପା ଏନେଇ ଥାନାରେ ଏତଲା ଦେଇଥିଲେ। ତଦନ୍ତକାରୀ ଅଧିକାରୀ ସଦଳବଳେ ବିଭିନ୍ନ ସନ୍ଦିଗ୍ଧ ଅଞ୍ଚଳରେ ଚଢ଼ଉ କରିଥିଲେ ମଧ୍ୟ ଛାତ୍ରୀଙ୍କ ପତ୍ତା ମିଳିପାରିନାହିଁ।

## ବିଦ୍ୟୁତ ଆଘାତରେ ଯୁବକ ମୃତ

ଦିଗପହଣ୍ଡି, ୧୨।୮ (ସମିସ): ଦିଗପହଣ୍ଡି ଥାନା ନୂଆଅନନ୍ତାଇ ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଗ୍ରାମର କାହ୍ନା ସେଠୀ (୧୮)। କାହ୍ନା ସୋମବାର ରାତି ପ୍ରାୟ ୧୧ଟାରେ ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ନିକଟରେ ବସି ନିଜ ମୋବାଇଲରେ ଗେମ୍ ଖେଳୁଥିବା ବେଳେ ଅସାବଧାନତା କାରଣରୁ ସେଠାରେ ଥିବା ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦିଗପହଣ୍ଡି ପୁଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ଥାନା ଅପମୃତ୍ୟୁ ମାମଲା ରୁଜୁ କରିଥିଲେ। ମଙ୍ଗଳବାର ସକାଳେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ଅପରାହ୍ନରେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସତ୍କାର କରାଯାଇଛି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ବୁଗୁଡା, ୧୨।୮ (ସମିସ): ବୁଗୁଡ଼ା ଥାନା ମାଣିତରା ଗ୍ରାମରେ ସାପ କାମୁଡ଼ାରେ ଜଣୈକା ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଲେ ମାଧୁରୀ ବେହେରା (୬୫)। ଏନେଇ ବୁଗୁଡା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି। ମଙ୍ଗଳବାର ଅପରାହ୍ନରେ ମାଧୁରୀ ବିଲରେ କାମ କରୁଥିବା ବେଳେ ସାପ କାମୁଡ଼ି ଦେଇଥିଲା। ଦେହ ଜଳାପୋଡ଼ା ହେବାରୁ ତାଙ୍କୁ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ପୁଲିସ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ବସ୍ ଧକ୍କାରେ ଜଣେ ଗୁରୁତର

ବୁଗୁଡା, ୧୨।୮ (ସମିସ): ସ୍ଥାନୀୟ ବେତାରସିଂ ଛକରେ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ଜଣକ ହେଲେ ଏଆରଆରଏସ୍ ସଂସ୍ଥାରେ କାର୍ଯ୍ୟରତ ମହମ୍ମଦ ଇସଗାଦିଲ୍। ମଙ୍ଗଳବାର ପୂର୍ବାହ୍ନରେ ଇସଗାଦିଲ୍ କାମକୁ ଯାଉଥିବା ବେଳେ ବେତାରସିଂ ଛକରେ ତାଙ୍କୁ ଏକ ଯାତ୍ରୀବାହୀ ବସ୍ ଧକ୍କା ଦେଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡା ମେଡିକାଲକୁ ଅଣାଯାଇଥିଲା। ଦୁର୍ଘଟଣାରେ ତାଙ୍କର ଡାହାଣ ଗୋଡ ଓ ଗୋଇଠି ଭାଙ୍ଗି ଯାଇଛି।

## ଦୁର୍ଘଟଣାରେ ଆହତଙ୍କୁ ଉଦ୍ଧାର କଲେ ଗୁଇନ୍ଦା ଡିଏସ୍‌ପି





ପାରଳାଖେମୁଣ୍ଡି, ୧୨।୮ (ସମିସ): ମାନବିକତା ଦେଖାଇଲେ ଗଜପତି ଜିଲ୍ଲା ଗୁଇନ୍ଦା ବିଭାଗ ଡିଏସ୍‌ପି ଠାକୁରଦାସ ମୁର୍ମୁ ଓ ତାଙ୍କ ଗାଡ଼ି ଚାଳକ ଅଶ୍ୱିନୀ କୁମାର ନାୟକ। ଉଭୟେ ଆଜି ରାଣୀପେଣ୍ଠ ସ୍ଥିତ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟରୁ ଦିନ ସାଢ଼େ ୨ଟାରେ ଯାଉଥିବା ବେଳେ ରାଣୀପେଣ୍ଠ ରୋଡ୍‌ରେ ଥିବା ଶ୍ରୀୟାପ୍ୟାଲେସ୍ ନିକଟରେ ଦୁଇ ବାଇକ୍ ଚାଳକ ଦୁର୍ଘଟଣାର ସମ୍ମୁଖୀନ ହୋଇ ରାସ୍ତା ଉପରେ ଛଟପଟ ହେଉଥିବା ଦେଖିଥିଲେ। ଡିଏସ୍‌ପି ଶ୍ରୀ ମୁର୍ମୁ ଓ ଗାଡ଼ି ଚାଳକ ଯୁବକ ଦ୍ୱୟଙ୍କୁ ଉଦ୍ଧାର କରି ନିଜେ ଯାଉଥିବା ବୋଲେରୋରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଗୁରୁତର ଆହତ ଯୁବକ ଦ୍ୱୟ କାଶୀନଗର ବ୍ଲକ ଅନ୍ତର୍ଗତ ଗୋରିବନ୍ଧା ଗ୍ରାମର ବି. ଉମା ପ୍ରସାଦ ଏବଂ ବି. ଶିବଶଙ୍କର। ସଠିକ୍ ସମୟରେ ମେଡ଼ିକାଲରେ ପହଞ୍ଚିବାରୁ ଉଭୟଙ୍କ ଜୀବନ ବଞ୍ଚିଯାଇଛି। ଡିଏସପି ଶ୍ରୀ ମୁର୍ମୁ ଓ ତାଙ୍କ ଗାଡ଼ି ଚାଳକଙ୍କ ଏପରି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

## ଆଇନଜୀବୀଙ୍କଠାରୁ ୬୦ ଲକ୍ଷ ଟଙ୍କା ଠକେଇ ଅଭିଯୋଗ

**● ରାଜେଶଙ୍କ ନାଁରେ ୫ଟି ଠକେଇ ମାମଲା**

ବ୍ରହ୍ମପୁର, ୧୨।୮ (ସମିସ): ବ୍ରହ୍ମପୁରର ଜଣେ ଆଇନଜୀବୀଙ୍କଠାରୁ ୬୦ ଲକ୍ଷ ଟଙ୍କା ଠକେଇ ହୋଇଛି। ତାଙ୍କର ଜଣେ ବନ୍ଧୁ ହିଁ ଏହି ଟଙ୍କା ଠକି ନେଇଥିବା ସେ ଅଭିଯୋଗ କରିଛନ୍ତି। ଠକେଇର ଶିକାର ହୋଇଥିବା ଆଇନଜୀବୀ ହେଲେ ଶାସ୍ତ୍ରୀନଗର ଅଞ୍ଚଳର ଲଳିତ ମୋହନ ମଙ୍ଗରାଜ। ଏନେଇ ଗୋଷାଣୀନୂଆଗାଁ ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ୨୦୨୩ରେ ଗୋଷାଣୀନୂଆଗାଁ ନିକଟ ଗଣେଶନଗରର ସିଏଚ. ରାଜେଶ କୁମାର ସୁବୁଦ୍ଧି ଆଇନଜୀବୀ ଲଳିତଙ୍କ ଠାରୁ ଅଳ୍ପଦିନରେ ଫେରାଇଦେବା ସର୍ତ୍ତରେ ୬୦ଲକ୍ଷ ଟଙ୍କା ଧାର ନେଇଥିଲେ। ଏନେଇ ଏକାଧିକ ବ୍ୟାଙ୍କ ଚେକ୍ ମଧ୍ୟ ଦେଇଥିଲେ। ହେଲେ ପ୍ରତିଶ୍ରୁତି ମୁତାବକ ସମୟ ଅବଧି ସରିବା ପରେ ମଧ୍ୟ ରାଜେଶ ଟଙ୍କା ଫେରସ୍ତ କରି ନଥିଲେ। ଫଳରେ ଲଳିତ ଉକ୍ତ ଚେକ୍ ନେଇ ବ୍ୟାଙ୍କରେ ଜମା କରିଥିଲେ। ହେଲେ ରଜେଶଙ୍କ ଆକାଉଣ୍ଟରେ ଟଙ୍କା ନଥିବାରୁ ବାଉନ୍ସ ହୋଇଯାଇଥିଲା। ଏନେଇ ପଚାରିବାରୁ ସେ ଗାଳିଗୁଲଜ କରିଥିଲେ ବୋଲି ଲଳିତ ନିଜ ଅଭିଯୋଗରେ ଦର୍ଶାଇଛନ୍ତି। ପ୍ରକାଶଥାଉକି ଗୋଷାଣୀନୂଆ ଗାଁ ମାଣ୍ଡିଆପଦର ସାହିର ସୁନିଲ କୁମାର ପାଣିଗ୍ରାହୀ, କ୍ରୀଷ୍ଟାପେଟା ସାହି ନିବାସୀ ପ୍ରଶାନ୍ତ କୁମାର ଦାସ, ପଞ୍ଚୁଦେଉଳ ସାହିର କିଶୋର ପାତ୍ର ଓ ପ୍ରେମ ନଗର ୭ମ ଲାଇନର ଏମ କ୍ରୀଷ୍ଟା ପ୍ରିୟାଙ୍କ ଠାରୁ ସମାନ ଭାବରେ ରାଜେଶ ସୁବୁଦ୍ଧି ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ବିଭିନ୍ନ ଥାନାରେ ଅଭିଯୋଗ ରହିଛି।

## ଅଙ୍ଗନବାଡ଼ି କର୍ମୀଙ୍କ ଧାରଣା




ଛତ୍ରପୁର, ୧୨।୮ (ସମିସ): ଦୁଇ ଦଫା ଦାବି ନେଇ ନିଖିଳ ଓଡ଼ିଶା ଅଙ୍ଗନବାଡ଼ି ସଂଘ ଛତ୍ରପୁର ବ୍ଲକ କମିଟି ପକ୍ଷରୁ ଆଜି ସିଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ସୁନ୍ଦରପୁର ଅଞ୍ଚଳରେ ଦାୟିତ୍ୱରେ ଥିବା ଜୈନକ ଅଧିକାରୀ ଗ୍ରାମବାସୀଙ୍କୁ ଅଙ୍ଗନବାଡ଼ି କର୍ମୀ ବିରୋଧରେ ଉସକାଇ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଫଳରେ ଗ୍ରାମବାସୀ ଓ କର୍ମୀଙ୍କ ଉପରେ ମାନସିକ ଚାପ ରହୁଥିଲା ବେଳେ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ବୋଲି ଅଭିଯୋଗ କରିଛନ୍ତି। ଏହାର ସମାଧାନ ସହିତ ଉଚିତ୍ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସେମାନେ ଦାବି କରିଛନ୍ତି। ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ ଆନ୍ଦୋଳନସ୍ଥଳକୁ ଯାଇ ଆନ୍ଦୋଳନରତ ଅଙ୍ଗନବାଡ଼ି କର୍ମୀଙ୍କୁ ବୁଝାସୁଝା କରିଥିଲେ। ଏହି ଆନ୍ଦୋଳନରେ ସଭାନେତ୍ରୀ ବାସନ୍ତୀ ସାହୁ, ସମ୍ପାଦିକା ମିନାକ୍ଷୀ ପ୍ରଧାନ, ଉପ ସଭାନେତ୍ରୀ ସଂଯୁକ୍ତା ପଟ୍ଟନାୟକ, ସହସମ୍ପାଦିକା କାମେଶ୍ୱର ରେଡିଙ୍କ ସମେତ ବହୁ କର୍ମୀ ଓ ସହାୟିକା ଉପସ୍ଥିତ ଥିଲେ।

## ୨ ଯୁବକଙ୍କୁ ପଥରରେ ଆକ୍ରମଣ ଅଭିଯୋଗ

ବ୍ରହ୍ମପୁର, ୧୨।୮ (ସମିସ): ସ୍ଥାନୀୟ ଗଣପତି ନଗର ୩ୟ ଲାଇନରେ ଫାଷ୍ଟଗେଟ ଅଞ୍ଚଳର ଚିଣ୍ଟୁ ନାହାକ ଓ ଗଣପତି ନଗର ଦେବରାଜ ଗୌଡ଼ଙ୍କୁ ପଥରରେ ଆକ୍ରମଣ ହୋଇଛି। ୧୦ ତାରିଖ ପୂର୍ବାହ୍ନର ଚିଣ୍ଟୁ ଓ ତାଙ୍କ ସାଙ୍ଗ ଦେବରାଜଙ୍କୁ ଛାଡ଼ିବାକୁ ତାଙ୍କ ଘରକୁ ଯାଉଥିବା ବେଳେ ଗଣପତି ନଗର ୩ୟ ଲାଇନ ଦେବରାଜଙ୍କ ଭାଇ ଅରୁଣ କୁମାର ଗୌଡ଼ ଓ ଅଜୟ କୁମାର ଗୌଡ଼ ପୂର୍ବ ଶତ୍ରୁତାରୁ ପଥରରେ ଆକ୍ରମଣ କରିଥିଲେ। ଆକ୍ରମଣରେ ଚିଣ୍ଟୁ ଓ ଦେବରାଜ ଆହତ ହୋଇ ମେଡ଼ିକାଲରେ ଭର୍ତ୍ତି ହୋଇଥିଲେ। ପରେ ଘଟଣାକୁ ନେଇ ଚିଣ୍ଟୁ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

**● ତୋଫାନ ସ୍ୱାଇଁ ହତ୍ୟା ମାମଲା**

## ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ ଦାବି



ଛତ୍ରପୁର, ୧୨।୮ (ସମିସ): ଛତ୍ରପୁର ଥାନା ଅନ୍ତର୍ଗତ ଗୋବା ଗ୍ରାମର ତୋଫାନ ସ୍ୱାଇଁ ହତ୍ୟା ମାମଲାରେ ଜଡ଼ିତ ଅନ୍ୟ ଅପରାଧୀଙ୍କୁ ଗିରଫ ଦାବିରେ ମଙ୍ଗଳବାର ମୃତ ତୋଫାନଙ୍କ ପରିବାର ଏବଂ ଗ୍ରାମବାସୀ ଗଞ୍ଜାମ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସ୍‌ପିଙ୍କ ଅନୁପସ୍ଥିତରେ ଅତିରିକ୍ତ ଏସ୍‌ପି ରଞ୍ଜିତ କୁମାର ପୃଷ୍ଟିଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜୁଲାଇ ୧୮ରେ ଗୋବା ଗ୍ରାମର ତୋଫାନ ସ୍ୱାଇଁଙ୍କୁ ସଂଘବଦ୍ଧ ଭାବେ ହତ୍ୟା କରାଯାଇଥିଲା। ଏଥିରେ ଜଡ଼ିତ ୮ ଜଣଙ୍କୁ ପୁଲିସ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ନିର୍ଭୟରେ ବୁଲୁଛନ୍ତି। ସେହିପରି ଅଭିଯୁକ୍ତ ମାନେ ଗ୍ରାମର ବିଭିନ୍ନ ପିଲାମାନଙ୍କୁ ହ୍ୱାଟସ୍‌ଆପ୍ ମାଧ୍ୟମରେ କଲ କରି ଧମକାଇ ମୁଖ୍ୟ ସାକ୍ଷୀମାନଙ୍କୁ ଡରାଉଛନ୍ତି। ଫଳରେ ସେମାନେ ଭୟଭୀତ ଅବସ୍ଥାରେ ଅଛନ୍ତି ବୋଲି କହିଛନ୍ତି ପରିବାର ଲୋକ। ଏଣୁ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

**କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ**

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଛତ୍ରପୁର, ୧୨।୮ (ସମିସ)




ବିଧାନସଭା କମିଟି ଦ୍ୱାରା ସୁପାରିଶ କରାଯାଇଥିବା ନିଷ୍ପତ୍ତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଚିଠି ନଂ. ୨୧୨୬୮କୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ କରାଯାଇ କାର୍ଯ୍ୟକାରୀ କରିବା ସମେତ ବିଭିନ୍ନ ଦାବି ନେଇ ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘ ଗଞ୍ଜାମ ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ସୁନୀଲ କୁମାର କେର୍କଟାଙ୍କୁ ପ୍ରଦାନ କରିଛନ୍ତ। ରାଜ୍ୟର ସମସ୍ତ ବିଭାଗର କର୍ମଚାରୀ ନିୟମିତ ଥିବା ବେଳେ କେବଳ କନିଷ୍ଠ ଶିକ୍ଷକମାନେ ହିଁ ଯୋଜନା ଭିତ୍ତିକ ପରି ଗୋଟିଏ କୁପ୍ରଥାରେ ସଢୁଛନ୍ତି। ଯାହାକୁ ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଥିବା ଅଧିକାରୀମାନେ ହୃଦବୋଧ କରିଥିଲେ। ସେଥିପାଇଁ ଶିକ୍ଷା ବିଭାଗରେ ଏକ ଐତିହାସିକ ପରିବର୍ତ୍ତନ ଆଣିବା ନିମନ୍ତେ କମିଟି ଗତ ତା ୦୨ ଅଗଷ୍ଟ ୨୫ ଦିନ ଚିଠା ନଂ-୨୧୨୬୮ରେ କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ (ଯୋଜନା ଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ନିଯୁକ୍ତି ଦେବା ୪୪ହଜାର ନୂତନ ଶିକ୍ଷକ ପଦ ସୃଷ୍ଟି କରିବା ତତ୍ ସହିତ ପୁରୁଣା ଶିକ୍ଷକମାନଙ୍କର ଚୁକ୍ତିଭିତ୍ତିକ ସମୟକୁ ଚାକିରି ସମୟ ଅବଧି ଭିତରେ ଗଣନା କରିବା ନିମନ୍ତେ ସୁପାରିଶ କରିଥିଲେ ଏବଂ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଅନୁମୋଦନ କ୍ରମେ ଗଣଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା। ସରକାରଙ୍କ ଏହି ପଦକ୍ଷେପ ଆମ ମନରେ ନୂତନ ଆଶା ସଞ୍ଚାର କରିଥିଲା। କିନ୍ତୁ ଗତ ୭ ଅଗଷ୍ଟ ୨୦୨୫ ରିଖ ଦିନ ବିଭାଗ ଏହି ଚିଠାକୁ ଉପଯୁକ୍ତ ସ୍ୱରରେ ଅନୁମୋଦିତ ହୋଇନାହିଁ ବୋଲି ଦର୍ଶାଇ ପ୍ରତ୍ୟାହାର କରି ନେଇଛନ୍ତି। ପ୍ରାଥମିକ ଶିକ୍ଷାର ସୁନେଲି ଭାଗ୍ୟଦ୍ୱୟ କରୁଥିବା ଏ ସୁପାରିଶକୁ ସରକାର ପ୍ରତ୍ୟାହାର କରିନେବା ସତରେ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ। ପ୍ରାରମ୍ଭରେ ସ୍ଥାନୀୟ ଅରବିନ୍ଦ ସ୍କୁଲ ନିକଟରୁ ଏକ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲା ସଭାପତି ବଳରାମ ପ୍ରଧାନ, ସମ୍ପାଦକ ଗଜାନନ ଦଳାଇ, ଜଗବନ୍ଧୁ ଗୌଡ଼ ଓ ଗୀତାଞ୍ଜଳି ପ୍ରଧାନଙ୍କ ସମେତ ଶତାଧିକ କନିଷ୍ଠ ଶିକ୍ଷକ/ଶିକ୍ଷୟିତ୍ରୀ ସାମିଲ ଥିଲେ।

## ବିଦ୍ୟୁତ୍ କାଟ୍ ନେଇ ତେଜୁଛି ଅସନ୍ତୋଷ

ଭଞ୍ଜନଗର,୧୨।୮(ସମିସ): ଭଞ୍ଜନଗର ଟାଟା ପାୱାର ପକ୍ଷରୁ ମରାମତି ନାମରେ ମାସରେ ଏକାଧିକ ଥର ପାୱାର କାଟ୍ କରାଯାଉଛି। ଏଥିସହ ଅନ୍ୟାନ୍ୟ ସମୟରେ ମଧ୍ୟ ଯାନ୍ତ୍ରିକ ତ୍ରୁଟି ଏବଂ ପ୍ରାକୃତିକ ଦୁର୍ବିପାକ ଦର୍ଶାଇ ଘଣ୍ଟା ଘଣ୍ଟା ବିଦ୍ୟୁତ୍ କାଟ୍ ହେଉଛି। ଏହିଭଳି ପରିସ୍ଥିତିରେ ମଙ୍ଗଳବାର ସକାଳ ୮ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ୩୩ କେଭି ମରାମତି ପାଇଁ ବିଦ୍ୟୁତ ସେବା ବନ୍ଦ ରହିବ ବୋଲି ଟାଟା ପାୱାର ପକ୍ଷରୁ ଘୋଷଣା କରାଯାଇଥିଲା। କିନ୍ତୁ ମଙ୍ଗଳବାର ସକାଳୁ ହଠାତ୍ ୬.୪୫ରେ ବିଦ୍ୟୁତ କାଟି ଦିଆଯାଇଥିଲା। ଘୋଷଣା ସମୟର ୧ଘଣ୍ଟା ପୂର୍ବରୁ ହଠାତ୍ ଯାନ୍ତ୍ରୀକ ତ୍ରୁଟି ଦର୍ଶାଇ ବିଦ୍ୟୁତ କାଟି ଦେବାଦ୍ୱାରା ଗ୍ରାହକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଯାହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ବେଦ ପ୍ରଚାର ସମିତି ପକ୍ଷରୁ ଶ୍ରାବଣୀ ଉପାକର୍ମ

ଭଞ୍ଜନଗର,୧୨।୮(ସମିସ): ଶ୍ରାବଣ ମାସରେ ପ୍ରତ୍ୟେକ ବ୍ୟକ୍ତିବିଶେଷ ନିଜର ସାଧ୍ୟ ମତେ ଘରେ ହୋମକର୍ମ କରିବା ସହ ନିଜକୁ ସଂସ୍କାର କରିବାର ସମୟ ଆସିଛି ବୋଲି ଭଞ୍ଜନଗର ଚକାଡୋଳା ମଣ୍ଡପ ଠାରେ ବେଦ ପ୍ରଚାର ସମିତି ପକ୍ଷରୁ ଆୟୋଜିତ ଶ୍ରାବଣୀ ଉପାକର୍ମ ସହ ୫୧ କୁଣ୍ଡୀୟ ବୈଦିକ ଯଜ୍ଞ ଅବସରରେ ଶ୍ରୁତିନ୍ୟାସର ଅଧ୍ୟକ୍ଷ ପୂଜ୍ୟ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ କହିଛନ୍ତି। ଏଥିରେ ୫୧ କୁଣ୍ଡୀୟ ବୈଦିକ ଯଜ୍ଞରେ ମୋଟ ୫୧ ପରିବାର ଉପସ୍ଥିତ ରହି ଆହୁତି ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ପୁରୋଧା ଭାବେ ଶତ୍ରୁଘ୍ନ ଦାସ ଓ ଶ୍ରୀକୃଷ୍ଣ ଦାସ ଯଜ୍ଞବିଧି ସଂଚାଳନ କରିଥିବାବେଳେ ଏଥିରେ ପ୍ରମୋଦ ମହାନ୍ତି, ସୀମାଞ୍ଚଳ ପଟ୍ଟନାୟକ, ଲିଙ୍ଗରାଜ ନାୟକ, ଟୁନା ଜେନା, ଶରତ ମହାନ୍ତିଙ୍କ ସମେତ ବହୁ ଶ୍ରଦ୍ଧାଳୁ ସହଯୋଗ କରିଥିଲେ।

## ପରିବେଶ ଓ ବନ୍ୟଜନ୍ତୁ ସୁରକ୍ଷା ସଚେତନତା

ରମ୍ଭା,୧୨।୮(ସମିସ): ସ୍ଥାନୀୟ ଗାୟତ୍ରୀ ଶକ୍ତି ପୀଠ ପ୍ରଜ୍ଞା ଭବନ ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି, ପଣ୍ଡିତ ଶ୍ରୀରାମ ଶ୍ରମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଓ ରମ୍ଭା ସାହିତ୍ୟ ଘରର ମିଳିତ ସହଯୋଗରେ ଆମ ପରିବେଶ ସୁରକ୍ଷାରେ ବନ୍ୟଜନ୍ତୁ ମାନଙ୍କର ଭୂମିକା ଓ ସେମାନଙ୍କର ସୁରକ୍ଷା ଏବଂ ନିଶା ନିବାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପଞ୍ଚାନନ ଖଟୁଆ ଏବଂ ସଂଯୋଜକ ରବିନାରାୟଣ ସେନାପତିଙ୍କ ତତ୍ତ୍ୱାବଧାନରେ ପରିଚାଳିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରମ୍ଭା ସାହିତ୍ୟ ଘର ସଭାପତି ଶିକ୍ଷକ ଜୟକୃଷ୍ଣ ତ୍ରିପାଠୀ, ସମ୍ମାନୀତ ଅତିଥି ଭାବେ ରମ୍ଭା ସାହିତ୍ୟ ଘର ସମ୍ପାଦକ ପ୍ରକୃତି ବନ୍ଧୁ ଶିକ୍ଷକ ଶେଷଦେବ ବେହେରା, ଗାୟତ୍ରୀ ପରିବାରର ଟ୍ରଷ୍ଟି ଉମାକାନ୍ତ ସାହୁ, ବିଜୟ କୁମାର ମିସ୍ତ୍ରୀ, ଝଡ଼ିଆ ନାହାକ ଯୋଗଦେଇ ସାଂପ୍ରତିକ ସମୟରେ ପରିବେଶର ସୁରକ୍ଷା ଜରୁରୀ ହୋଇପଡ଼ିଛି ବୋଲି କହିଥିଲେ। ସେହିପରି ନିଜେ ନିଶା ସେବନରୁ ଦୂରେଇ ରହିବା ସହ ଅନ୍ୟମାନଙ୍କୁ ଯଥାସାଧ୍ୟ ଦୂରେଇ ରଖିବାକୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମକୁ ସତ୍ୟ ନାରାୟଣ ଆଚାରୀ ଓ ସୁମନ୍ତ କୁମାର ନାହାକ ପରିଚାଳନା କରିଥିବା ବେଳେ ଚାନ୍ଦିନୀ ବେହେରା ଓ ବାସନ୍ତୀ ମିସ୍ତ୍ରୀ ସହଯୋଗ କରିଥିଲେ। ତପନ କୁମାର ସାମନ୍ତ, ସୁରେନ୍ଦ୍ର ନାଥ ସାହୁ, ଟୁକୁନା ତରାଇ, ରଙ୍କନିଧି ନାହାକ, ମହେଶ୍ୱର ସେଠୀ ଉପସ୍ଥିତ ଥିଲେ।

## ଲକ୍ଷ୍ମୀନାରାୟଣ କଲେଜରେ ସଂସ୍କୃତ ସପ୍ତାହ ପାଳିତ

କୋଦଳା,୧୨।୮(ସମିସ): କୋଦଳା ସ୍ଥିତ ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ରଘୁନାଥ ମୁଦୁଲି ଅଧ୍ୟକ୍ଷତା କରି ସଂସ୍କୃତ ସପ୍ତାହର ମହତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏକାଡେମିକ ଅଧିକାରୀ ବିନୋଦ କୁମାର ମିଶ୍ର କାର୍ଯ୍ୟକ୍ରମ ପ୍ରାରମ୍ଭରେ ବେଦପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ସଂସ୍କୃତ ଭାରତୀର ସଦସ୍ୟ ଦୁର୍ଗା ପ୍ରସାଦ ଦାଶ ଯୋଗଦେଇ ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଛାତ୍ରଛାତ୍ରୀ ବ୍ରତୀ ହେବା ପାଇଁ ପ୍ରେରଣା ଯୋଗାଇଥିଲେ। ସଂଯୋଜିକା ଅଧ୍ୟାପିକା ରଞ୍ଜୁବାଳା ନନ୍ଦ ଏ ସପ୍ତାହର ଉଦ୍ଦେଶ୍ୟ ସମ୍ପର୍କେ କହିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର ପ୍ରଦୀପ କୁମାର ପଣ୍ଡା, ପ୍ରିୟଦର୍ଶିନୀ ସାହୁଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇଥିବା ବେଳେ ବହୁ ଛାତ୍ରଛାତ୍ରୀ ସଂସ୍କୃତ ଗଳ୍ପ, ପଦ୍ୟ ଓ ଶ୍ଳୋକ ପଠନ କରିଥିଲେ। ଅନ୍ତର୍ନିହିତ ଗୁଣାବଳୀ ବର୍ଦ୍ଧକ ସଂଯୋଜକ ସପନ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ଯୁବ ଦିବସ ପାଳିତ

ଧରାକୋଟ,୧୨।୮(ସମିସ): ସ୍ଥାନୀୟ ଅନନ୍ତ ନାରାୟଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରେଡକ୍ରସ ଓ ରେଡ୍ ରିବନ୍ କ୍ଲବ ତରଫରୁ ଆନ୍ତର୍ଜାତିକ ଯୁବ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ସମାଜ ଗଠନରେ ଯୁବ ସମାଜର ଭୂମିକା ବିଷୟରେ ସଚେତନ କରାଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଯୁବ ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ବଳରାମ ସ୍ୱାଇଁ ସଂଯୋଜନା କରିଥିଲେ। ଅଧ୍ୟାପିକା ଖିରାବ୍ଧୀ ସାହୁ, ରାଜଶ୍ରୀ ବେହେରା, ଶୁଭସ୍ମିତା ନାୟକ, ଆଶାଞ୍ଜଳୀ ନାୟକ, କ୍ରୀଡା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସଙ୍କ ସମେତ ଯୁବ ରେଡକ୍ରସର ସ୍ୱେଚ୍ଛାସେବୀ ମାନେ ସହଯୋଗ କରିଥିଲେ।

## ବନ୍ଧା ପଡ଼ିଛି ଅଙ୍ଗନବାଡ଼ି କେନ୍ଦ୍ର

# ବାହାରେ ତାଲା; କାଗଜପତ୍ରରେ ହସ୍ତାନ୍ତର



ଧରାକୋଟ,୧୨।୮(ସମିସ): ବନ୍ଧା ପଡ଼ିଛି ଅଙ୍ଗନବାଡ଼ି କେନ୍ଦ୍ର। ନୂତନ ଭାବରେ ଦୁଇ ବର୍ଷ ପୂର୍ବରୁ ନିର୍ମାଣ ହୋଇ ସମସ୍ତ କାମ ସରିଥିଲେ ମଧ୍ୟ ଏହା ବ୍ୟବହାରରେ ଆସୁନାହିଁ। ନିର୍ମାଣ କାମ କରିଥିବା ଠିକାଦାରଙ୍କ ପାଖରେ ଏହା ବନ୍ଧା ପଡ଼ିଛି। ଠିକାଦାର ଜଣକ ବିଲ୍ ପାଇନଥିବାରୁ ଏଥିରେ ତାଲା ପକାଇ ରଖିଛନ୍ତି। ଆଶ୍ଚର୍ଯ୍ୟର କଥା ଏଥିପ୍ରତି ବ୍ଲକ ପ୍ରଶାସନର ତିଳେ ହେଲେ ନିଘା ନାହିଁ। ଧରାକୋଟ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର ମାଣିକପୁର ସେକ୍ଟର ଅନ୍ତର୍ଗତ ବାହାରପୁର ପଞ୍ଚାୟତରେ ଏଭଳି ଘଟଣା ଦେଖିବାକୁ ମିଳିଛି।

ରାଜ୍ୟ ସରକାରଙ୍କ ପକ୍ଷରୁ କୋମଳମତି ଶିଶୁ, ଗର୍ଭବତୀ, ପ୍ରସୂତି ଏବଂ କିଶୋରୀ ମାନଙ୍କ ସ୍ୱାସ୍ଥ୍ୟ, ପୋଷଣ, ଟୀକାକରଣ, ମମତା ଦିବସ କିଶୋରୀ ବାଳିକା ଏବଂ ପ୍ରାକ ବିଦ୍ୟାଳୟରେ ୦୩ ବର୍ଷରୁ ୦୬ ବର୍ଷର ଶିଶୁ ମାନଙ୍କ ଅଧ୍ୟୟନ ଏବଂ ପୋଷଣ ଯୁକ୍ତ ଆହାର ପ୍ରଦାନ ନିମନ୍ତେ ଏକ ଅଙ୍ଗନବାଡି କେନ୍ଦ୍ର ନୂତନ ଭାବେ ନିର୍ମାଣ ନିମନ୍ତେ ଆର୍ଥିକ ଅନୁଦାନ ପ୍ରଦାନ କରିଥାନ୍ତି। ବ୍ଲକର ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ରହି କାମ ସମ୍ପୂର୍ଣ୍ଣ ହେବା ପରେ ଏହି କୋଠାଟି ସିଡିପିଓଙ୍କୁ ହସ୍ତାନ୍ତର କରାଯିବା ନିୟମ ରହିଛି। ସିଡିପିଓ ସରକାରଙ୍କ ନିର୍ଦ୍ଦେଶନାମାର ନିୟମ ଅନୁସାରେ ରୋଷେଇ ଘର, ମମତା ଗୃହ, ଷ୍ଟୋର ରୁମ, ପିଲାମାନଙ୍କ ପାଇଁ ପ୍ରାକ ବିଦ୍ୟାଳୟ କୋଠରୀ, ଘରର ରଙ୍ଗ, ବିଦ୍ୟୁତ, ବିଶୁଦ୍ଧ ପାନୀୟଜଳ ବ୍ୟବସ୍ଥା, ଦିବ୍ୟାଙ୍ଗ ପାଇଁ ଖସଡ଼ା, ଇତ୍ୟାଦିର କାମ ସମ୍ପୂର୍ଣ୍ଣ ହେଲା ବୋଲି ନିରୀକ୍ଷଣ ପରେ ସଂପୃକ୍ତ ଅଙ୍ଗନବାଡି କର୍ମୀଙ୍କୁ କେନ୍ଦ୍ର ପରିଚାଳନା ନିମନ୍ତେ ଅନୁମତି ଦିଅନ୍ତି। ହେଲେ ବାହାରପୁର ଦୁଇ ନମ୍ବର କେନ୍ଦ୍ର କୋଠା ଦୀର୍ଘ ବର୍ଷ ହେଲା ତିଆରି ହୋଇଥିଲେ ମଧ୍ୟ ପିଲାଙ୍କ କାମରେ ଆସୁନି।

ବାହାରପୁରରେ ରହିଛି ତିନୋଟି ଅଙ୍ଗନବାଡ଼ି କେନ୍ଦ୍ର। ଏକ ନମ୍ବର କେନ୍ଦ୍ରରେ ୨୪ ଜଣ ଶିଶୁ, ଦୁଇ ନମ୍ବରରେ ୨୧ ଓ ତିନି ନମ୍ବରରେ ୨୦ ଜଣ ଶିଶୁ ରହିଛନ୍ତି। ଏକ ନମ୍ବର ଓ ତିନି ନମ୍ବର କେନ୍ଦ୍ରର ନିଜସ୍ୱ କୋଠା ରହିଥିବା ବେଳେ ଦୁଇ ନମ୍ବର କେନ୍ଦ୍ର ପାଇଁ ଦୁଇବର୍ଷ ପୂର୍ବେ ବସ୍‌ଷ୍ଟାଣ୍ଡ ନିକଟରେ ତିଆରି ହୋଇଛି ନୂତନ କୋଠା। ହେଲେ ଧର୍ମକୁ ଅଖି ଠାର ଭଳି ପ୍ରାପ୍ୟ ପାଇନଥିବାରୁ ଠିକାଦାର ଜଣକ ଜୋରଜବରଦସ୍ତି ଏଥିରେ ତାଲା ପକାଇ ରଖିଛନ୍ତି।

**● ଅଣନିଃଶ୍ୱାସୀ ହେଉଛନ୍ତି ଦୁଇ କେନ୍ଦ୍ର ପିଲା**
**● ବ୍ଲକ ପ୍ରଶାସନ ବେଫିକର**

ସେପଟେ ବାହାରପୁର ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ତିନି ନମ୍ବର କେନ୍ଦ୍ରରେ ଉଭୟ ଦୁଇ ଓ ତିନି କେନ୍ଦ୍ରର ମୋଟ ୪୧ ଜଣ ଶିଶୁ ପାଠ ପଢୁଛନ୍ତି। ଉଭୟ କେନ୍ଦ୍ର ସହାୟିକା ଗୋଟିଏ ସ୍ଥାନରେ ରୋଷେଇ କରୁଥିବାରୁ ପିଲାଏ ଅଣନିଶ୍ୱାସୀ ହୋଇପଡୁଛନ୍ତି। ଏଣୁ କୋମଳମତି ଶିଶୁ ମାନଙ୍କର ବୌଦ୍ଧିକ ଓ ଶାରୀରିକ ବିକାଶ କିପରି ହେଉଥିବ ଏଥିରୁ ସ୍ପଷ୍ଟ ଅନୁମେୟ। ଘଟଣା ସମ୍ପର୍କରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ କାଗଜ ପତ୍ରରେ ଏହି କୋଠା ତାଙ୍କୁ ବ୍ଲକ ତରଫରୁ ବିଡିଓ ହସ୍ତାନ୍ତର କରିଛନ୍ତି କିନ୍ତୁ ଚାବି ହସ୍ତାନ୍ତର କରିନାହାନ୍ତି। ଏଣୁ ଏହି ନୂତନ କୋଠାରେ କେନ୍ଦ୍ର ଆରମ୍ଭ ହୋଇନାହିଁ। ଏହି ଘଟଣା ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଣୁ ସ୍ଥିତାବସ୍ଥା ଦୃଷ୍ଟିରୁ ତୁରନ୍ତ ବିଡିଓଙ୍କୁ ତାଲା ପଡ଼ିଥିବା ସମ୍ପର୍କରେ ଚିଠି ଲେଖି ଜଣାଇବେ ବୋଲି ପ୍ରକାଶ କରିଛନ୍ତି। ଅନ୍ୟ ପକ୍ଷରେ ଜିଲ୍ଲା ପ୍ରଶାସନ ଅଙ୍ଗନବାଡି କେନ୍ଦ୍ର ବିଷୟରେ ସମୀକ୍ଷା କଲାବେଳେ ଧରାକୋଟ ବ୍ଲକର ବାହାରପୁର ଦୁଇ ନମ୍ବର ଅଙ୍ଗନବାଡି କେନ୍ଦ୍ରର ସମସ୍ୟା ବିଷୟରେ କେହି ଜଣାଇ ନଥିବାରୁ ଏହି ସମସ୍ୟା ସମାଧାନ ହୋଇପାରିନାହିଁ। ଯନ୍ତ୍ରୀ ଓ ଠିକାଦାରଙ୍କ ଦାୟିତ୍ୱ ହୀନତା ଯୋଗୁଁ ଛୋଟ ଛୋଟ ପିଲାଏ ତାର ଫଳ ଭୋଗୁଛନ୍ତି। ଏଣୁ ଗଞ୍ଜାମ ଜିଲ୍ଲାପାଳ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଅଖିଳ ଭାରତ ଛାତ୍ର ସଂଘର ପ୍ରତିଷ୍ଠା ଦିବସ



ଛତ୍ରପୁର,୧୨।୮(ସମିସ): ସ୍ଥାନୀୟ ଲକ୍ଷ୍ମଣ ଭବନ ପରିସରରେ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍ଏଫ୍)ର ୯୦ ତମ ପ୍ରତିଷ୍ଠା ଦିବସ ଏଆଇଏସ୍ଏଫ୍‌ର ଗଞ୍ଜାମ ଜିଲ୍ଲା ଆବାହକ ଅନୁରାଗ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅଖିଳ ଭାରତ ଛାତ୍ର ସଂଘ ନେତା ପପୁନ ରାଉତ ଯୋଗଦେଇ ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଡି. ଆଦିନାରାୟଣ ରେଡ୍ଡୀ, ଯୁବ ସଂଘର ରାଜ୍ୟ ନେତା କାମଦେବ ନାହାକ, ଅଖିଳ ଭାରତ ଛାତ୍ର ସଂଘର ପୂର୍ବତନ ରାଜ୍ୟ ସଭାପତି ନୀଳକଣ୍ଠ ଦାଶ, ଗିରିଶ କୁମାର ନାହାକ, ପ୍ରହ୍ଲାଦ ବେହେରା, ଶୋଭିନ କୁମାର ନାୟକ, ଅନିଲ କୁମାର ନାହାକ, ସନ୍ଧ୍ୟାରାଣୀ ଦାଶ ଓ ଭାରତି ରେଡ୍ଡୀ ଯୋଗଦେଇ ଆଜିର ଦିବସ ସମ୍ପର୍କରେ କହିବା ସହିତ ଛାତ୍ର ସଂଗଠନର ଇତିହାସ ଉପରେ କହିଥିଲେ। ଏଆଇଏସ୍ଏଫ୍‌ର ପତାକାକୁ ଆଇନଜୀବୀ ଡି. ଆଦିନାରାୟଣ ରେଡ୍ଡୀ ଉତ୍ତୋଳନ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ଚାରା ରୋପଣ



ପାତ୍ରପୁର,୧୨।୮(ସମିସ): ପାତ୍ରପୁର ବ୍ଲକ ବାଦପୁର ସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ମଙ୍ଗଳବାର ଓଡିଶା ପରିବେଶ ସମିତି ପକ୍ଷରୁ ଚାରାରୋପଣ କରାଯାଇଛି। ଅଧ୍ୟକ୍ଷା ସଞ୍ଜୁବାଳା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାତ୍ରପୁର ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ଏସ୍‌ବିଆଇ ପାତ୍ରପୁର ଶାଖା ପରିଚାଳକ ବିଜୟ କୁମାର ସାହୁ, ଓଡ଼ିଶା ପରିବେଶ ସମିତିର ଆଜୀବନ ସଭ୍ୟ ସୁକାନ୍ତ ପଟ୍ଟନାୟକ, ଶିବ ପ୍ରସାଦ ଦାସ ଓ ପୁରୁଷୋତ୍ତମ ସାହୁ ଯୋଗଦେଇ ବିଦ୍ୟାଳୟ ପରିସରରେ ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ପ୍ରାୟ ୨୦୦ ଚାରାରୋପଣ କରାଯାଇଛି। ଚାରା ରୋପଣ ବେଳେ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ



ଆସିକା,୧୨।୮(ସମିସ): ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟ, କେନ୍ଦୁପଦର ଏବଂ ଜାତୀୟ ସେବା ଯୋଜନାର ସହଯୋଗରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ବିଶ୍ୱ ଯୁବ ଦିବସ ପାଳନ ହୋଇଯାଇଛି। ସେହିପରି ନୂତନ ସ୍ୱେଚ୍ଛାସେବୀ ପଞ୍ଜୀକରଣ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସମେତ ଜାତୀୟ ସେବା ଯୋଜନା ଅଧିକାରୀ ସିଲୁ ସେଠୀ ଓ ଯୁବ ରେଡ୍‌କ୍ରସ ଅଧିକାରୀ ଡ଼କ୍ଟର କୁନା ସୁନା ଉପସ୍ଥିତ ଥିଲେ। ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ଗୋବିନ୍ଦ ରାଉତ, ରାଜେଶ ମଲ୍ଲିକ, ଅଙ୍କିତା ବିଷୋୟୀ ଏବଂ ଅନ୍ୟାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଅଧ୍ୟାପକ ଓ ଅଧ୍ୟାପିକାଙ୍କ ମଧ୍ୟରେ ଆଲୋକ ପ୍ରଧାନ, ଉପେନ୍ଦ୍ର ମାଝୀ, ଡ଼. ଜୀବନ କୃଷ୍ଣ ଦାସ, ଅଜିତ୍ କୁମାର ପଟ୍ଟନାୟକ, ଅଜିତ୍ କୁମାର ମହାପାତ୍ର, ବିକାଶ ଦିଗାଲ, ଉଦିତ ନାରାୟଣ ଦାସ, ଅଧ୍ୟାପିକା ସ୍ୱପ୍ନାରାଣି ପଟ୍ଟନାୟକ, ସଂଗୀତା ପଟ୍ଟନାୟକ, ଅର୍ପିତା ପ୍ରିୟଦର୍ଶିନୀଙ୍କ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ଶ୍ରୀଭରତପତି ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପାତ୍ରପୁର,୧୨।୮(ସମିସ): ପାତ୍ରପୁର ବ୍ଲକ ସାମନ୍ତିଆପଲ୍ଲୀ ସ୍ଥିତ ଶ୍ରୀଭରତପତି ମହାବିଦ୍ୟାଳୟର ୪୭ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ବିକାଶ ପାଇଁ ସମସ୍ତଙ୍କ ସାହାର୍ଯ୍ୟ ଓ ସହଯୋଗର ଆବଶ୍ୟକତା ଦରକାର ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆଞ୍ଚଳିକ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ବ୍ରହ୍ମପୁରର ଉପ-ନିର୍ଦ୍ଦେଶକ ଡ଼. କୁଳମଣି ଓଝା, ସମ୍ମାନୀତ ଅତିଥି ଭାବେ ସହକାରୀ ନିର୍ଦ୍ଦେଶକ ପ୍ରଣୟ କୁମାର, ପୁରାତନ ଛାତ୍ର ସଂସଦ ସଭାପତି ରାଧାନାଥ ପଣ୍ଡା, ପ୍ରତିଷ୍ଠାତା ପରିବାର ସଦସ୍ୟ ଭାସ୍କର ଚରଣ ପତି, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରତିଷ୍ଠାତା ସଦସ୍ୟ ବି. ହରିକୃଷ୍ଣ, ଅଧ୍ୟାପକ ଡ଼. ଜୟପ୍ରକାଶ ପାଢ଼ୀ, ସ୍ଥାନୀୟ ସରପଞ୍ଚ ଏନ. ତିରୁପତି, ସମିତିସଭ୍ୟ ପ୍ରଶାନ୍ତ ସାହୁ,ମଞ୍ଚାସୀନ ଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ଼. ଅଶୋକ କୁମାର ପଣ୍ଡା ପ୍ରତିଷ୍ଠାତା ପରିବାରଙ୍କ ସମ୍ପର୍କରେ ବିସ୍ତୃତ ତଥ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ଅଧ୍ୟାପକ ଓ ଆଲୁମିନି ସଦସ୍ୟଙ୍କୁ ଏହି ଅବସରରେ ସମ୍ମାନୀତ କରାଯାଇଥିଲା। ଆଲୁମିନି ସମ୍ପାଦକ ବଳରାମ ପ୍ରଧାନ ସହଯୋଗ କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କମାକର୍ତ୍ତା ସହଯୋଗ କରିଥିଲେ।

## ଦେଶୀମଦ ସହ କାର୍ ଜବତ; ଜଣେ ଗିରଫ

ଖଲ୍ଲିକୋଟ,୧୨।୮(ସମିସ): ଖଲ୍ଲିକୋଟ ପୁଲିସ ଗୁରୁବାର ଚଢ଼ଉ କରି ୭୦୫ ଲିଟର ମଦ ସହିତ କାର୍ ଓ ଦୁଇଟି ବାଇକ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରିଥିଲା। ପୁଣି ମଙ୍ଗଳବାର ହରିଡ଼ାମୂଳ ଛକରେ ଚଢ଼ଉ କରି ୧୨ଶହ ଲିଟର ଚୋରା ଦେଶୀମଦ ସହ ଗୋଟିଏ କାର୍ ଜବତ କରିଛି ଏବଂ ଏଥିରେ ସମ୍ପୃକ୍ତ ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ମଙ୍ଗଳବାର ସାଢ଼େ ୧୧ ଟାରେ ଗୁହାରିଆପାଟ ଅଞ୍ଚଳରୁ ଏକ କାର୍ (ନଂ.ଓଆର୦୨ବିବି- ୭୪୪୭) ଯୋଗେ ବେଆଇନ ଦେଶୀମଦ ଭୁବନେଶ୍ୱରକୁ ଚୋରା ଚାଲାଣ ହେଉଥିବା ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନଙ୍କ ନେତୃତ୍ୱରେ ଥାନା ଏସ୍ଆଇ ଦେବଦତ୍ତ ପ୍ରିୟଦର୍ଶୀ, ମାନସୀ ସାହୁ, ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର, ଥାନା ଏଏସଆଇ ହରିକୃଷ୍ଣ ସାମଲ, କନେଷ୍ଟବଲ ଅଜୟ କୁମାର ବେହେରା, ରମାକାନ୍ତ ନାୟକ, ପ୍ରସନ୍ନ ରଇତଙ୍କ ସହ ପୁଲିସ ଟିମ ହରିଡ଼ାମୂଳ ଛକରେ କାର୍‌କୁ ଜବତ କରିବା ସହ ରମ୍ଭା ଅଞ୍ଚଳର ଅଶୋକ ବାରିକଙ୍କୁ ଗିରଫ କରିଥିଲା।

## ଗଞ୍ଜାମ ଜିଲ୍ଲାପାଳଙ୍କ ଶେରଗଡ଼ ଗସ୍ତ

ଶେରଗଡ଼,୧୨।୮(ସମିସ): ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ମଙ୍ଗଳବାର ଶେରଗଡ ବ୍ଲକ ଗସ୍ତ କରିଥିଲେ। ତାକରଡା ପଞ୍ଚାୟତ ସ୍ଥିତ ପାକିଡି ପାହାଡ ଉପରେ ଅବସ୍ଥିତ ମା'ତାରାତାରିଣୀ ମନ୍ଦିର ନିର୍ମାଣ କାର୍ଯ୍ୟ ବୁଲି ଦେଖିଥିଲେ ଏବଂ ମନ୍ଦିରର ସୌନ୍ଦର୍ଯ୍ୟକରଣ ଲାଗି ଆବଶ୍ୟକ ଥିବା ଅନେକ କାମ ସ୍ଥାନୀୟ ଜନସାଧାରଣ ଜିଲ୍ଲାପାଳଙ୍କୁ ଅବଗତ କରିଥିଲେ। ପ୍ରକାଶ ଥାଉକି, ପୂର୍ବତନ ସରକାର ୫-ଟି ଜରିଆରେ ବିଭିନ୍ନ ମନ୍ଦିରର ଉନ୍ନତିକରଣ ଲାଗି ଅନୁଦାନ ପ୍ରଦାନ କରିଥିଲେ। ଏହି କ୍ରମରେ ପାକିଡ଼ି ପାହାଡ଼ ସ୍ଥିତ ତାରାତାରିଣୀ ମନ୍ଦିରକୁ ୪୫ ଲକ୍ଷ ଅନୁଦାନ ମିଳିଥିଲା ଏବଂ ଏହି ଅର୍ଥରେ ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଥିଲା। ଏହି ତାରାତାରିଣୀ ମନ୍ଦିର ପାହାଡ଼ ଉପରେ ଅବସ୍ଥିତ ଥିବାରୁ ବର୍ଷର ପ୍ରାୟ ଦିନ ଭିଡ଼ ଲାଗି ରହିଥାଏ। ଯଦି ରାଜ୍ୟ ସରକାର ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିଥାନ୍ତେ, ତେବେ ଅଧିକରୁ ଅଧିକ ପର୍ଯ୍ୟଟକ ଆସନ୍ତେ ଏବଂ ମନ୍ଦିରର ଉନ୍ନତି ହୋଇ ପାରନ୍ତା ବୋଲି ସ୍ଥାନୀୟ ଜନସାଧାରଣ ମତପ୍ରକାଶ କରିଛନ୍ତି। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ବ୍ଲକ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ନାୟକ, ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଏବିଡିଓ ସୁଧାଂଶୁ ଶେଖର ତରାଇ, ଏଇଇ ରଶ୍ମିତା ଶବର, ଯୁବନେତା ବାସୁଦେବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## ପଦ୍ମଶ୍ରୀ ଗୋପୀନାଥ ସ୍ୱାଇଁଙ୍କୁ ଭେଟିଲେ ସ୍ୱାସ୍ଥ୍ୟମନ୍ତ୍ରୀ



ଶେରଗଡ଼,୧୨।୮(ସମିସ): ରାଧାପ୍ରେମଲୀଳାକୁ ସମଗ୍ର ଓଡ଼ିଶାରେ ପରିଚିତ କରିଥିଲେ ଶେରଗଡ଼ ବ୍ଲକ ଗୋବିନ୍ଦପୁର ଗ୍ରାମର ଗୁରୁ ଗୋପୀନାଥ ସ୍ୱାଇଁ। ଏଥିପାଇଁ ଶତାୟୁ ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ୨୦୨୩ରେ କେନ୍ଦ୍ର ସରକାରଙ୍କ ତରଫରୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନୀତ କରାଯାଇଥିଲା। ଶତାୟୁ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ଗୁରୁ ଗୋପୀନାଥ ଗତ କିଛିଦିନ ହେଲା ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଅଛନ୍ତି। ଏହି ଅବସରରେ ମଙ୍ଗଳବାର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଗୁରୁ ଗୋପୀନାଥଙ୍କ ପୈତୃକ ଗ୍ରାମ ଗୋବିନ୍ଦପୁରରେ ପହଞ୍ଚି ତାଙ୍କୁ ସାକ୍ଷାତ କରିବା ସହ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟର ଯତ୍ନ ନେବା ଲାଗି ପରାମର୍ଶ ଦେଇଥିଲେ। ଆବଶ୍ୟକ ସ୍ଥଳେ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବେ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ଅବସରରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି.କିର୍ତିଭାସନ, ସ୍ଥାନୀୟ ତହସିଲଦାର ତ୍ରିଦେବ ରଥ, ବିଡ଼ିଓ ତୃପ୍ତିମୟୀ ଜେନା, ଆରଡବ୍ଲ୍ୟୁଏସଏସ୍ ଯନ୍ତ୍ରୀ ମଳୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍ଥାନୀୟ ମେଡିକାଲରେ ଡାକ୍ତର ଓ କର୍ମଚାରୀ ପଦ ପୂରଣ ଦାବି

**ସ୍ୱାସ୍ଥ୍ୟମନ୍ତ୍ରୀଙ୍କ କୋଦଳା ଗସ୍ତ**

କୋଦଳା,୧୨।୮(ସମିସ): ମଙ୍ଗଳବାର କୋଦଳା ଗସ୍ତରେ ପହଞ୍ଚିଥିଲେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। କୋଦଳା ବସ୍‌ଷ୍ଟାଣ୍ଡରେ ମନ୍ତ୍ରୀ ପହଞ୍ଚିବା ପରେ କବିସୂର୍ଯ୍ୟନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକଙ୍କ ସମେତ ଏନ୍ଏସି ଅଧ୍ୟକ୍ଷ୍ୟ ସୂର୍ଯ୍ୟନାରାୟଣ ନାୟକ, ଉପାଧ୍ୟକ୍ଷ୍ୟା ରଞ୍ଜିତା ସେଠୀ, ମେଡିକାଲ ଏବଂ ଏନଏସି କର୍ମଚାରୀ, ବିଜେପି କର୍ମୀ ଓ କର୍ମକର୍ତ୍ତା ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସ୍ୱାସ୍ଥ୍ୟସେବା ସମସ୍ୟା ଉପରେ ବିଧାୟକ ଓ ମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା କରାଯାଇଥିଲା। କୋଦଳା ଏନ୍ଏସି ଉପାଧ୍ୟକ୍ଷ୍ୟା ରଞ୍ଜିତା ସେଠୀ ମନ୍ତ୍ରୀଙ୍କ ସହିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ଆଲୋଚନା କରି ଏକ ଅନୁରୋଧ ପତ୍ର ପ୍ରଦାନ କରିଥିଲେ। ଦୀର୍ଘବର୍ଷ ହେବ ସହରାଞ୍ଚଳ ହସ୍ପିଟାଲରେ ସ୍ଥାୟୀ ଡାକ୍ତର, ଆବଶ୍ୟକୀୟ କର୍ମଚାରୀ ନଥିବାରୁ ସ୍ୱାସ୍ଥ୍ୟସେବା ପ୍ରଭାବିତ ହେଉଛି। ତେଣୁ ଆବଶ୍ୟକ କର୍ମଚାରୀ ଯୋଗାଇ ଦେବା ସହିତ କୋଦଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାୟୀ ଶିଶୁ ରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେଲେ ଅଞ୍ଚଳବାସୀ ଉଚିତ ସ୍ୱାସ୍ଥ୍ୟ ସେବା ପାଇପାରିବେ ବୋଲି ଉପାଧ୍ୟକ୍ଷ୍ୟା ଉଲ୍ଲେଖ କରିଥିଲେ। ଏହାପରେ ଶତ ପ୍ରତିଶତ ନ ହେଲେ ବି ଆବଶ୍ୟକେ ଡାକ୍ତର ପଦବୀ ପୂରଣ କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।



# ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ବିପର୍ଯ୍ୟସ୍ତ

ଅଡ଼ଶପୁର,୧୨।୮ (ସମିସ):

କଟକ ଜିଲ୍ଲା ଅନ୍ତର୍ଗତ ଅଡ଼ଶପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ଼ାକ୍ତରଙ୍କ ଘୋର ଅଭାବ ସାଙ୍ଗକୁ ଚିକିତ୍ସା ସେବା ଔଷଧ ମିଳୁ ନ ଥିବାରୁ ଏଠାରେ ସରକାରୀ ରୋଗୀ ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ଜଣ ଉର୍ଦ୍ଧ୍ୱ ଡାକ୍ତର ନିଯୁକ୍ତିର ଆବଶ୍ୟକ ଥିବାବେଳେ ଏଠାରେ ମାତ୍ର ୩ ଜଣ ଡାକ୍ତର ରହିଛନ୍ତି, ସେଥିମଧ୍ୟରୁ ଜଣେ ଡାକ୍ତର ଡେପୁଟେସନରେ ଯାଇଛନ୍ତି। ଏହି ଅଡ଼ଶପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଯେଉଁ ୩ ଜଣ ଡାକ୍ତର ରହିଛନ୍ତି ସେଥିମଧ୍ୟରୁ ପାଳିକରି ଡାକ୍ତରଖାନାକୁ ଡାକ୍ତର ଆସୁଛନ୍ତି। ଏଠାରେ ଡାକ୍ତରଙ୍କ ଅଭାବ ଯୋଗୁଁ ବାଧ୍ୟ ହୋଇ ରୋଗୀମାନେ କଟକ ଏବଂ ଭୁବନେଶ୍ୱର ଭଳି ଦୂର ସ୍ଥାନକୁ ଖର୍ଚ୍ଚାନ୍ତ ହୋଇ ଚିକିତ୍ସା ଲାଗି ଯାଉଛନ୍ତି। ଅପରପକ୍ଷରେ ଡାକ୍ତରଙ୍କ ଅଭାବ ଯୋଗୁଁ ମେଡିକାଲରେ ରୋଗୀମାନଙ୍କୁ ଚିକିତ୍ସା ସେବା ଲାଗି ଘଣ୍ଟା ଘଣ୍ଟା ସମୟ ଧରି ଅପେକ୍ଷା କରିବାକୁ ପଡୁଛି। ବଡ ଦୁଃଖର ବିଷୟ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଦୀର୍ଘ ୮ ବର୍ଷ ହେବ ମହିଳା ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଏବଂ ଶିଶୁ ରୋଗ ବିଶେଷଜ୍ଞ ନ ଥିବାରୁ ଗର୍ଭବତୀ ମହିଳା ଓ ଶିଶୁମାନେ ଏଠାରେ ଚିକିତ୍ସା ସେବା ନ ପାଇ ବହୁ ହଇରାଣ ହରକତ ହେଉଥିବାର ଦେଖିବାକୁ ମିଳିଛି। କିନ୍ତୁ ଜନସାଧାରଣଙ୍କ ପକ୍ଷରୁ ମହିଳା ଓ ଶିଶୁ ବିଭାଗର ଡ଼ାକ୍ତରଙ୍କୁ ତୁରନ୍ତ ଏଠାରେ ନିଯୁକ୍ତି ପ୍ରଦାନ କରିବା ପାଇଁ ବହୁ ବାର ନିବେଦନ କରାଯାଉଥିଲେ ମଧ୍ୟ ଏହି ଗୁରୁତର ସମସ୍ୟା ପ୍ରତି ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀ ନା, ନିର୍ବାଚିତ ପ୍ରତିନିଧି କେହି ଦୃଷ୍ଟି ଦେଉ ନାହାଁନ୍ତି। ସେଥିପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଖାଲି ସେତିକି ନୁହେଁ ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଜୁନ ମାସ ୩୦ ତାରିଖରୁ ୩ ଜଣ କର୍ମଚାରୀ ଅବସର ନେଇଥିବାବେଳେ ଏ ପର୍ଯ୍ୟନ୍ତ ତାଙ୍କ ବଦଳରେ ସରକାରଙ୍କ ପକ୍ଷରୁ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। କର୍ମଚାରୀ ଅଭାବରୁ ମେଡିକାଲରେ ଗୁରୁତର ଅବସ୍ଥାରେ ଥିବା ରୋଗୀଙ୍କୁ ସାଲାଇନ ଟିକେ ଦେବାକୁ କେହି ଜଣେ ହେଲେ କର୍ମଚାରୀ ନ ଥିବାରୁ ରୋଗୀମାନେ ଅକଥନୀୟ କଷ୍ଟ ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏକ୍ସରେ ମେସିନ ସଜଡା ହୋଇଥିଲେ ମଧ୍ୟ

**ସରକାରଙ୍କ ନିଘା ନାହିଁ**
**ଖତ ଖାଉଛି ଏକ୍ସ-ରେ ମେସିନ**

ଏଠାରେ କୌଣସି ଟେକ୍ନିସିଆନ କର୍ମଚାରୀ ଚଳାଇବାକୁ ନ ଥିବାରୁ ଏହା ଏବେ ଅକାମୀ ହୋଇ ଖତ ଖାଉଛି। ସେହିପରି ସରକାରଙ୍କ ପକ୍ଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଅସ୍ତ୍ରୋପଚାର ଏବଂ ପ୍ରସୂତି ଗୃହ ନିର୍ମାଣ କରାଯାଇଥିଲେ ମଧ୍ୟ ଏବେ ଏହା କାମରେ ଆସୁ ନ ଥିବାରୁ ଭୂତ କୋଠରୀରେ ପରିଣତ ହୋଇଛି। ଉକ୍ତ ମେଡିକାଲ ପରିସରରେ ଡାକ୍ତର କିମ୍ବା କର୍ମଚାରୀଙ୍କ ରହିବା ପାଇଁ କୌଣସି କ୍ୱାର୍ଟର ନ ଥିବାରୁ କର୍ମଚାରୀମାନେ ନାନା ହଇରାଣ ହେଉଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ୩ ଜଣ ଷ୍ଟାଫ ନର୍ସ ନିଯୁକ୍ତି ହୋଇଥିଲେ ମଧ୍ୟ ୨ ଜଣଙ୍କୁ ଅନ୍ୟ ସ୍ଥାନକୁ ଡେପୁଟେସନରେ ପଠାଯାଇଥିବାରୁ ଏଠାରେ କର୍ମଚାରୀଙ୍କ ଘୋର ଅଭାବ ଦେଖାଦେଇଛି। ଏହି ମେଡିକାଲରେ ଦୀର୍ଘ ୮ ମାସ ଧରି ସରକାରଙ୍କ ନୀରାମୟ ଯୋଜନାରେ ମାଗଣା ମିଳୁଥିବା ସରକାରୀ ଔଷଧ ଯଥା ବ୍ଲଡ ପ୍ରେସର, ଡାଇବେଟିସ ଆଦି ବିଭିନ୍ନ ଜରୁରୀକାଳୀନ ଔଷଧ ମିଳୁ ନ ଥିବାରୁ ରୋଗୀମାନେ ନାହିଁ ନ ଥିବାର ଦୁଃଖ ଭୋଗୁଛନ୍ତି। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ପ୍ରତିଦିନ କଟକ ଜିଲ୍ଲାର ନିଆଳୀ, କଣ୍ଟାପଡ଼ା ବ୍ଲକ ସମେତ ଖୋର୍ଦ୍ଧା ଜିଲ୍ଲାର ବାଲିପାଟଣା ବ୍ଲକ ଅଞ୍ଚଳରୁ ଦୈନିକ ୫ ଶହରୁ ଉର୍ଦ୍ଧ୍ୱ ରୋଗୀମାନେ ଚିକିତ୍ସା ସେବା ଲାଗି ନିର୍ଭର କରି ଆସିଥାନ୍ତି। କିନ୍ତୁ ଏଠାରେ ଚିକିତ୍ସା ସେବା ମିଳୁ ନ ଥିବାରୁ ସେଥି ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ଦେଖାଦେଇଛି। ଏବେ ଚାରିଆଡ଼େ ଝାଡା ବାନ୍ତି ସାଙ୍ଗକୁ ଜ୍ୱର ବ୍ୟାପିବାରେ ଲାଗିଛି, ଏହି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରତିଦିନ ବହୁ ଝାଡା ବାନ୍ତି ରୋଗୀ ଆସୁଛନ୍ତି ହେଲେ ଏଠାରେ ଚିକିତ୍ସା ସେବା ମିଳୁ ନ ଥିବାରୁ ରୋଗୀମାନେ ନାହିଁ ନ ଥିବାର ଦୁଃଖ ଭୋଗୁଛନ୍ତି। ସେଥିପାଇଁ ଏଠାରେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହି ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ସମେତ କର୍ମଚାରୀଙ୍କ ଅଭାବ ଏବଂ ବିଭିନ୍ନ ଅସୁବିଧା, ସମସ୍ୟା ସମ୍ପର୍କରେ ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ସମାଜସେବୀ ପ୍ରେମାନନ୍ଦ ସାହୁ, ପ୍ରଭାତ ପ୍ରଧାନ, ପ୍ରାଚୀ ଗବେଷକ ବାବା ହଂସନାଥ ସାହୁ, ସୁରେଶ ମହାନ୍ତି, ବ୍ରହ୍ମାନନ୍ଦ ପ୍ରଧାନ, ହରେକୃଷ୍ଣ ଚୌଧୁରୀ, କଂଗ୍ରେସ ନେତା ପ୍ରଦ୍ୟୁମ୍ନ ଖଟେଇ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରାମୀଣ ସେବକ ସମାଜ ଟ୍ରଷ୍ଟ ସମେତ ବହୁ ବୁଦ୍ଧିଜୀବି ନିବେଦନ କରିଛନ୍ତି। ଯଦି ରାଜ୍ୟ ସରକାର ତଥା ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ନ ଦିଅନ୍ତି ତେବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପକ୍ଷରୁ ବ୍ୟାପକ ଆନ୍ଦୋଳନପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର



ସାଲେପୁର,୧୨।୮ (ସମିସ): ସାଲେପୁର ଓ ଟାଙ୍ଗୀ ବ୍ଲକ୍ ଅଞ୍ଚଳରେ ଥିବା ଡାକ୍ତରଖାନାରେ ଆବଶ୍ୟକୀୟ ଡାକ୍ତରୀ ପଦ ପୂରଣ କରିବା ଓ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ କରାଯିବା ପାଇଁ ସାଲେପୁର ଟାଙ୍ଗୀ ବିକାଶ ପରିଷଦର ଆବାହକ ତଥା ସାଲେପୁର ବିଧାନସଭାର ପୂର୍ବତନ ସ୍ୱାଧୀନ ପ୍ରାର୍ଥୀ ବିଶେଶ୍ୱର ସ୍ୱାଇଁ ରାଜ୍ୟ ସରକାରଙ୍କର ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ସାକ୍ଷାତ କରି ଏକ ଦାବିପତ୍ର ଦେବା ସହ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ଦିଗରେ ଧ୍ୟାନ ଦେବାକୁ ଅନୁରୋଧ କରିଛନ୍ତି। ଏ ପ୍ରସଙ୍ଗରେ ମନ୍ତ୍ରୀ ପଦକ୍ଷେପ ନେବେ ବୋଲି କହିଥିବା ଜଣାଯାଇଛି।

## ଜାଗୃତି ପକ୍ଷରୁ ବର୍ଷା ଆସର



ଫୁଲନଖରା,୧୨।୮ (ସମିସ): ସେବା, ସାହିତ୍ୟ ଓ ସଂସ୍କୃତିର ସମର୍ପିତ ସଂଗଠନ ଜାଗୃତି ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ସ୍ୱତନ୍ତ୍ର ବର୍ଷା ଆସର 'ବର୍ଷା: କିଛି ପ୍ରେମ... କିଛି ଈର୍ଷା' ଶୀର୍ଷକ ଏକ ଆଲୋଚନାଚକ୍ର ନଡିଆ ଗୁରୁଡିସ୍ଥିତ ଆମ୍ରପଲ୍ଲୀ ରିସର୍ଟରେ ଅନୁଷ୍ଠିତ ହୋଇଯାଇଛି। ଜାଗୃତିର ସଂପାଦକ ନାଟ୍ୟକାର ଅଧ୍ୟାପକ ଚିନ୍ମୟ ଦାସଙ୍କ ସଭାପତିତ୍ୱରେ ଉକ୍ତ ଆସରରେ ମେହେରଙ୍କ ସାହିତ୍ୟରେ ପରିବେଶ, ପ୍ରକୃତି ଓ ବର୍ଷା ସଂପର୍କରେ ଆଲୋଚନା ରଖିଥିଲେ। ପରିବେଶ ବିଜ୍ଞାନୀ ଓ ସାହିତ୍ୟିକ ଡ. ମିହିର ପଟ୍ଟନାୟକ ଓଡ଼ିଶାର ପରମ୍ପରା, ସଂସ୍କୃତିର ମହାନ ଧାରାରେ ପ୍ରାଚୀ ନଦୀର ସଂପର୍କ ଏବଂ ପ୍ରାଚୀ ଭୂଖଣ୍ଡର ପୌରାଣିକ ତଥା ଐତିହାସିକ ଭିତ୍ତିଭୂମି ସଂପର୍କରେ ଆଲୋକପାତ କରିଥିଲେ। କ୍ଷଣପ୍ରଭା ମହାନ୍ତିଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରାଚୀପ୍ରଜ୍ଞା ପରିଷଦର ଅଧ୍ୟକ୍ଷ ଅଶ୍ୱିନୀ କୁମାର ମହାପାତ୍ର, ସଂଗ୍ରାମ କେଶରୀ ରାଉତରାୟ, ସୁଧାଂଶୁ ଲେଙ୍କା, ରଶ୍ମି ସାମଲ, ଚିନ୍ମୟୀ ପ୍ରଧାନ, ଯତୀନ୍ଦ୍ର ମିଶ୍ରଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ କବି ବର୍ଷା କବିତା ପାଠ କରିଥିଲେ। ସଂଗଠକ ନାରାୟଣ ବେହେରା ଏବଂ ଅଧ୍ୟାପିକା ମୀରା ବେଉରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡା. ସତ୍ୟ କାନୁନ୍‌ଗୋ ଧନ୍ୟବାଦ ଦେଇଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀ ପକ୍ଷରୁ ରକ୍ଷାବନ୍ଧନ



କନ୍ଦରପୁର,୧୨।୮ (ସମିସ): ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ବେଣ୍ଟକାର ଶାଖା ତରଫରୁ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଓଁ ଶାନ୍ତି ଆଶ୍ରମରେ ସମାଜସେବୀ ତଥା ଆଶ୍ରମର ଭାଇ ରୁଦ୍ର ନାରାୟଣ ଦାସଙ୍କ ପୌରାହିତ୍ୟରେ ଏକ ଆଧ୍ୟାତ୍ମିକ ସଭା ହୋଇଥିବା ବେଳେ ଆଶ୍ରମର ମୁଖ୍ୟ ବି.କେ. ରୀନା ଭଉଣୀ, ବିକେ ଶ୍ୱେତପଦ୍ମା ଭଉଣୀ ଓ ବେଣ୍ଟକାର ନୋଡାଲ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ମହାପାତ୍ର ଅତିଥି ଭାବରେ ରକ୍ଷା ବନ୍ଧନର ମହତ୍ୱ ଉଦ୍ଦେଶ୍ୟ ଓ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ କାର୍ଯ୍ୟକ୍ରମ ଉପରେ ସମ୍ୟକ ସୂଚନା ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୟ ରାଉତରାୟ, ଇଂ.ଅଶୋକ ବିଶ୍ୱାଳ, ବିନୋଦ ବିହାରୀ ବେହେରା, ଗଣେଶ୍ୱର ଦାଶ, ଡ. କଲିମୁଲ୍ଲା, ଅଭୟ ଦାସ, ପ୍ରଫୁଲ ଦାସ, ପ୍ରଭାତ ଖଟୁଆ, ନାରାୟଣ ଚନ୍ଦ୍ର ମହାନ୍ତି, ବିଶ୍ୱଜିତ ପ୍ରଧାନ, ଅଭିରାମ ଦଳେଇ ଓ ଅନ୍ୟ ଭାଇ ଭଉଣୀମାନେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଆର୍ତ୍ତ ଭାଇ ଧନ୍ୟବାଦ ଦେଇଥିଲେ।

## ସାଂସ୍କୃତିକ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ

ନିଆଳି,୧୨।୮ (ସମିସ): ନିଆଳି ପଞ୍ଚାୟତ ପୂର୍ବଖଣ୍ଡ ସଂଖ୍ୟାଲଘୁ ସଂପ୍ରଦାୟ ବସ୍ତି ଓ ନୂଆଗାଁ ପଞ୍ଚାୟତ ମଝିଖଣ୍ଡ ସଂଖ୍ୟାଲଘୁ ବସ୍ତିରେ ଦୁଇଟି ବହୁମୁଖୀ ସଂଖ୍ୟାଲଘୁ ସାଂସ୍କୃତିକ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ଜାତି ଉନ୍ନୟନ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଉକ୍ତ ଦୁଇଟି ପ୍ରକଳ୍ପ ସାଂସ୍କୃତିକ କେନ୍ଦ୍ରର ଅଟକଳ ମୂଲ୍ୟ ୬୦ ଲକ୍ଷ ଟଙ୍କା ରହିଛି। ମୁଖ୍ୟଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଯୋଗଦେଇ ଉକ୍ତ ଦୁଇଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏହି ପ୍ରକଳ୍ପ ଖୁବ୍‌ଶୀଘ୍ର ଶେଷ କରାଯିବ ଏବଂ ଏଡି ବହୁମୁଖୀ ସଂଖ୍ୟାଲଘୁ ସାଂସ୍କୃତିକ କେନ୍ଦ୍ର ନିର୍ମାଣ ଫଳରେ ସଂଖ୍ୟାଲଘୁ ଭାଇମାନେ ବିଶେଷ ଉପକୃତ ହେବେ ବୋଲି କହିଥିଲେ। ଅନୁଷ୍ଠିତ ଉତ୍ସବରେ ବିଜେପି ନେତା ଶଶୀକାନ୍ତ ଲେଙ୍କା, ନୂଆଗାଁ ସରପଞ୍ଚ ଜ୍ୟୋତିରଞ୍ଜନ ମଲ୍ଲିକ, ନିଆଳି ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସିଂହ, ସୁଜିତ ସେନାପତି, ଗଣେଶ୍ୱର ମିଶ୍ରଙ୍କ ସମେତ ସେକ୍ ନୁର୍ ମହମ୍ମଦ୍, ଏସ୍‌କେ ଇବ୍ରାହିମ୍, ନିନା ଖାନ୍, ଏସ୍‌କେ କାଲୁ, ଏସ୍‌କେ କବିଲ୍, ଅଲ୍‌ତଫା ଶାହା, ଟିଙ୍କୁ ଖାନ୍, ସେକ୍ ଅଲ୍‌ତାଫ୍, ଅର୍ସଦ୍ ଖାନ୍, ଇବୁ ଖାନ୍ ,ରିହାନ୍ ଖାନ୍, କଲିମ୍ ଶାହା, ଶେଖ୍ ଆବୋ ପ୍ରମୁଖ ଉପସ୍ଥିତ ଥିଲେ।



## ବେଆଇନ ବାଲି ଚାଲାଣ, ଟ୍ରକ ଜବତ

ଟାଙ୍ଗୀ,୧୨।୮ (ସମିସ): ବାଲି ଚାଲାଣ ଉପରେ ରାଜ୍ୟ ସରକାର କଟକଣା ଲଗାଇଥିଲେ ହେଁ ବେଆଇନ ବାଲି ଚାଲାଣ ଉପରେ କୌଣସି ଅଙ୍କୁଶ ନାହିଁ। ପ୍ରତିଦିନ ବେଆଇନ୍ ବାଲି ଚାଲାଣ କରାଯାଉଥିବାବେଳେ ମଙ୍ଗଳବାର ଟାଙ୍ଗୀ ପୁଲିସ ଭଟିମୁଣ୍ଡା ଅଞ୍ଚଳରେ ଚଢଉ କରି ଏକ ବାଲି ବୋଝେଇ ଟ୍ରକ ଜବତ କରିଛି। ଓଡ଼ି ୦୫ ୫୩୩୫ ନଂ ବିଶିଷ୍ଟ ଉକ୍ତ ଟ୍ରକର ନମ୍ବରକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲାବେଳେ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

## ଭାରତୀୟ କିସାନ ସଂଘ ପ୍ରଭୁ ବଳଭଦ୍ରଙ୍କ ଜନ୍ମଜୟନ୍ତୀ



କନ୍ଦରପୁର,୧୨।୮ (ସମିସ): ଭାରତୀୟ କିସାନ ସଂଘ ପକ୍ଷରୁ କଟକ ସଦର କିଶୋରନଗର ମଣ୍ଡଳର ବରଦା ପଞ୍ଚାୟତ, କନ୍ଦରପୁର ମଣ୍ଡଳର ଆଲାରପୁର, ବମ୍ଭରୀ ବଡ ମଠ, ୪୨ ମୌଜା ମଣ୍ଡଳର ଠାକୁର ସାହି ବରାଳ ନୀଳକଣ୍ଠ ମନ୍ଦିରରେ ରକ୍ଷା ବନ୍ଧନ, ଗୋ-ପୂଜନ, ନୃସିଂହ ଦେବତା ସଫଳ ଚାଷୀ ସମ୍ମାନ ପର୍ବ ଆଦି ପାଳିତ ହୋଇଯାଇଛି। ସଭାରେ ଭାରତୀୟ କିଶାନ ସଂଘ ରାଷ୍ଟ୍ରୀୟ ସାଧାରଣ ସଂପାଦକ ମୋହିନୀ ମୋହନ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଜାନକୀ ବଲ୍ଲଭ ସ୍ୱାଇଁ, ରାଜ୍ୟ ସମ୍ପାଦକ କେନ୍ଦ୍ର ସରକାରଙ୍କ ସିଫାର ବୋର୍ଡ ସଦସ୍ୟ କୃଷକ ନେତା ଦେବୀ ପ୍ରସାଦ ପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ରାଉତରାୟ, ଦରଦି ବନ୍ଧୁ ଫାଉଣ୍ଡେସନ ସଭାପତି ସ୍ୱରୂପ ସୁମନ ଦାସ, ଓଡ଼ିଶା ସରକାରଙ୍କ ମହିଳା କମିଶନ ସଭ୍ୟା ପ୍ରତିଭା ଶତପଥୀ, ପୂର୍ବତନ ସମିତି ସଭ୍ୟ ଗୋକୁଳ ପ୍ରଧାନ, ଅଟଳ ଶିକ୍ଷା ଓ ଦକ୍ଷତା ଟ୍ରଷ୍ଟ ସଭାପତି ନିର୍ମଳ ଦାସ, ରାଷ୍ଟ୍ରୀୟ ସନାତନୀ ପରିଷଦ ସଭାପତି ସଞ୍ଜୟ ସାହୁ, କଟକ ଜିଲ୍ଲା ସଂଯୋଜକ ସତ୍ୟ ନାରାୟଣ ମହାନ୍ତି, ଜିଲ୍ଲା କୋଷାଧକ୍ଷ ଯୁବରାଜ ପଣ୍ଡା, ଯୁବ ପ୍ରମୁଖ ରଞ୍ଜନ ନାୟକ, ବୀମା ପ୍ରମୁଖ ତାପସ ମହାପାତ୍ର, ନେତା ଅନୀଲ ମହାପାତ୍ର, ନାଟ୍ୟକାର ଅଶୋକ ପଟ୍ଟନାୟକ, ଉପସଭାପତି ବିଶ୍ୱରଞ୍ଜନ ଜେନା, କଟକ ସଦର ବ୍ଲକ ସଂଯୋଜକ ରବୀନ୍ଦ୍ର ପାତ୍ର, ଦୁର୍ଗା ବାହିନୀର ଦୀପ୍ତି ସ୍ୱାଇଁ, ବ୍ୟବସ୍ଥା ପ୍ରମୁଖ ପୀୟୁଷ ରଞ୍ଜନ ପରିଡ଼ା, ଦୀପକ ଜେନା ଗୋ ପ୍ରମୁଖ, ସହଯୋଗ ଅନୁଷ୍ଠାନ ସଭାପତି ପ୍ରତାପ ବେହେରା, ବିକ୍ରମ କେଶରୀ ମାଝୀ, ରବୀନ୍ଦ୍ର ମାହାଲିକ, ବଳରାମ ନାୟକ, ସନ୍ତୋଷ ଜେନା, ପ୍ରଭଞ୍ଜନ ମଲ୍ଲିକ, ଚିତ୍ତ ରଞ୍ଜନ ମଲ୍ଲିକ, ଅଭିଜିତ ଜେନା, ରଶ୍ମିତା ଦାସ, ଦାଶରଥି ଚୌଧୁରୀ, ସଂଗଠକ ସନ୍ତୋଷ ଭୋଇ, ଉଲ୍ଲାସ ଦାସ ଏବଂ ବହୁ ଚାଷୀ ଯୋଗଦେଇଥିଲେ। ୧୩୮ ଜଣ ଚାଷୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଗକୁ ଚାଷୀ ସମସ୍ୟାକୁ ନେଇ ବ୍ଲକ ଓ ଜିଲ୍ଲାପାଳଙ୍କ ଅଫିସ ଘେରଉ ଓ ସମବାୟ ସମିତିରେ ଭେଟି ଆଲୋଚନା କରାଯିବ। ଗଜେନ୍ଦ୍ର ବେଉରା ଧନ୍ୟବାଦ୍ ଦେଇଥିଲେ।

## ବୟାଳିଶମୌଜା ଥାନା ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କନ୍ଦରପୁର,୧୨।୮ (ସମିସ): ରାଜ୍ୟରେ ଥାନାୱାରି ହୋଇଥିବା ବିଭାଗୀୟ କାର୍ଯ୍ୟଦକ୍ଷତା ପ୍ରଦର୍ଶନରେ କଟକ କମିଶନରେଟ ବୟାଳିଶମୌଜା ଥାନା ପ୍ରଥମ ସ୍ଥାନ ଗ୍ରହଣ କରିଥିବା ଜଣାପଡିଛି। ୨୦୨୫ ଜାନୁଆରୀ ୧ରୁ ଜୁଲାଇ ୩୧ ଯାଏଁ ଅର୍ଥାତ ଗତ ୭ ମାସର ମାମଲାର ତଦନ୍ତ ଶେଷ କରିବା ଠାରୁ ଅପରାଧୀ ଚିହ୍ନଟ, ଉତ୍ତମ ପ୍ରଦର୍ଶନ ଇତ୍ୟାଦିକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। କଟକ କମିଶନରେଟ ବୟାଳିଶମୌଜା ଥାନା ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ (ଆଇଆଇସି) ଗିରିଶ ଚନ୍ଦ୍ର ମହାରଣା ୮୮.୫୬ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହା ଜଣାପଡିବା ପରେ ଥାନା ଅଧିକାରୀ ଗିରିଶ ମହାରଣାଙ୍କ ନିକଟକୁ ଅଭିନନ୍ଦନ ଓ ଶୁଭେଚ୍ଛାର ସୁଅ ଛୁଟିଛି। ଏହି ଅବସରରେ କଟକ ସଦର କଂଗ୍ରେସ ପକ୍ଷରୁ ବରିଷ୍ଠ କଂଗ୍ରେସ ନେତା ତଥା ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଚ୍ଛାୟତଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଥାନା ଅଧିକାରୀ ଶ୍ରୀ ମହାରଣାଙ୍କୁ ସାକ୍ଷାତ୍ କରି ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସର ବରିଷ୍ଠ ଉପସଭାପତି ଶିଶିର ରଥ, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ନଗର (ଜିଲ୍ଲା) କଂଗ୍ରେସ ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ଦୁର୍ଗା ଶଙ୍କର ଦାସ, ମଧୁସୂଦନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



## ଖୁଣ୍ଟକଟା ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ଦିବସ

ବଡମ୍ବା,୧୨।୮ (ସମିସ): ବଡମ୍ବା ବ୍ଲକ ଅଧୀନ ଖୁଣ୍ଟକଟା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷକ ଅରୁଣ କୁମାର ବଳଙ୍କ ସଭାପତିତ୍ୱ ତଥା ଭାରାପ୍ରାପ୍ତ ପ୍ରଧାନଶିକ୍ଷକ ହୃଦାନନ୍ଦ ମଙ୍ଗରାଜଙ୍କ ପରିଚାଳନାରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ସଂସ୍କୃତ ଶିକ୍ଷୟିତ୍ରୀ କଳ୍ପନା ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମାଣିଆବନ୍ଧ ମହାବିଦ୍ୟାଳୟର ଅଧ୍ୟାପକ ସାରଦନନ୍ଦ ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ସଂସ୍କୃତ ଶିକ୍ଷକ ବିପ୍ରଚରଣ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହନୀୟତା, ଉପକାରିତା ତଥା ଆବଶ୍ୟକତା ଉପରେ ନିଜନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଶ୍ଳୋକାବୃତି, ସଙ୍ଗୀତଗାନ ତଥା ବକ୍ତବ୍ୟ ସଂସ୍କୃତ ଭାଷାରେ ଉପସ୍ଥାପନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଯୋଗଦାନ କରି ସାହାର୍ଯ୍ୟ ସହଯୋଗ କରିଥିଲେ।

## ବଡମ୍ବା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ବଡମ୍ବା,୧୨।୮ (ସମିସ): ୭୯ ତମ ସ୍ୱାଧୀନତା ଦିବସ ଉତ୍ସବ ପାଳନ କମିଟି, ବଡମ୍ବାର ସଭାପତି ତହସିଲଦାର ଶାଶ୍ୱତ ରଞ୍ଜନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ମୋହନ ସୁବୁଦ୍ଧି ଉଚ୍ଚ ବିଦ୍ୟାଳୟ, ବଡମ୍ବା ପ୍ରାଙ୍ଗଣରେ ବରିଷ୍ଠ ଓ କନିଷ୍ଠ ବିଭାଗର ତର୍କ, ପ୍ରବନ୍ଧ ଓ ସାଧାରଣଜ୍ଞାନ ପ୍ରତିଯୋଗିତା ସମ୍ପର୍ଣ୍ଣ ହୋଇଯାଇଛି। ବିଚାରକ ଭାବେ ମୋହନ ସୁବୁଦ୍ଧି ମହାବିଦ୍ୟାଳୟର ଅଧ୍ୟାପକମାନେ ଉପସ୍ଥିତ ଥିଲେ। ସୋମବାର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବରିଷ୍ଠ ଓ କନିଷ୍ଠ ବିଭାଗର ଝୋଟି, ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ରମେଶ ଚନ୍ଦ୍ର ବେହେରା, ବଡମ୍ବା ବିକାଶ ପରିଷଦର ସଭାପତି ସନ୍ତୋଷ ପଟ୍ଟନାୟକ, ସମ୍ପାଦକ ସନ୍ତୋଷ ଦେବତା, କାର୍ଯ୍ୟକାରୀ ସଭ୍ୟ ଜିତେନ୍ଦ୍ର ମହାରଣା ଓ ବଡମ୍ବା ଓକିଲ ସଂଘର ସଭାପତି କୈଳାଶ ଚନ୍ଦ୍ର ଜେନାଙ୍କ ସହିତ ବଡମ୍ବା ଓକିଲ ସଂଘ ତରଫରୁ ବିଚାରକ ଭାବେ ଅଧିବକ୍ତା ମାୟାଧର ମଲ୍ଲିକ, ପ୍ରଭାତ ନାୟକ, ଗିରିଜା ପ୍ରସାଦ ମିଶ୍ର ପ୍ରଭୃତି ଯୋଗଦାନ କରିଥିଲେ। ଆସନ୍ତାକାଲି ଶାସ୍ତ୍ରିଜୀ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ବଡମ୍ବା ନିଜିଗଡ଼ ଅଧିନସ୍ଥ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟର ସର୍ବକନିଷ୍ଠ ବିଭାଗର ସାଧାରଣଜ୍ଞାନ, ତର୍କ ଓ ସଂଗୀତ ପ୍ରତିଯୋଗିତା ଏବଂ ବୁଧବାର ମୋହନ ସୁବୁଦ୍ଧି ମହାବିଦ୍ୟାଳୟ, ବଡମ୍ବା ପ୍ରାଙ୍ଗଣରେ ଚିତ୍ରାଙ୍କନ ଓ ପ୍ରବନ୍ଧ ହେବ ବୋଲି ଉତ୍ସବ ପାଳନ କମିଟି ତରଫରୁ ହେବ ବୋଲି ସୂଚନା ପ୍ରଦାନ କରାଯାଇଛି।



## ଅଜଣା ଗାଡ଼ି ଧକ୍କାରେ ଯୁବକ ମୃତ

ତ୍ରିଶୂଳିଆ,୧୨।୮ (ସମିସ): ବାରଙ୍ଗ ଥାନା ଅନ୍ତର୍ଗତ କୁଆଖାଇ ସେତୁ ଉପରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ମୃତ ହୋଇଛି। ମୃତ ଯୁବକ ଜଣକ ସ୍ଥାନୀୟ ବେଲଗଛିଆ ଗ୍ରାମ ପଞ୍ଚାୟତର ଗୋଠପୁର ଗ୍ରାମର ଆକାଶ ମାଝିଙ୍କ ପୁଅ ସାହିଲ ମାଝି (୨୨) ଓରଫ ପାପା ବୋଲି ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଯେ ମଙ୍ଗଳବାର ଭୋର ସାହିଲ କଟକରୁ ନିଜ ଘର ଗୋଠପୁର ଗ୍ରାମକୁ ନିଜର ଓଡି ୦୫ଜେ ୩୪୭୫ ସ୍କୁଟି ଗାଡ଼ିରେ ଘରକୁ ଫେରିବା ସମୟରେ କାଠଯୋଡି ସେତୁ ଉପରେ ଅଜଣା ଗାଡ଼ି ଧକ୍କାରେ ସାହିଲ ଗୁରୁତର ଆହତ ହୋଇ ତଳେ ପଡ଼ିଥିଲେ। ସ୍ଥାନୀୟ ଲୋକମାନେ ନିକଟସ୍ଥ ବାରଙ୍ଗ ଥାନାକୁ ସୂଚନା ଦେଇଥିଲେ। ଏହି ସମୟରେ ଜୋନ ୪ ଏସିପି ଶଶିକାନ୍ତ ରାଉତ ସଦର ଅଞ୍ଚଳକୁ ଫେରୁଥିଲେ। ଗୁରୁତର ଆହତ ସାହିଲଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରିଥିଲେ। ସେଠାରେ ଡ଼ାକ୍ତର ସାହିଲଙ୍କୁ ମୃତ ଘୋଷଣା କରିଥିଲେ। ଏ ସଂପର୍କରେ ପରିବାର ଲୋକ ବାରଙ୍ଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

**ସମସ୍ୟାରେ ଅଢ଼ୋଇଗୁଣ୍ଠି ନରସିଂହ ସାମନ୍ତରା ହାଇସ୍କୁଲ**

# ୧୭୩ ଛାତ୍ରଛାତ୍ରୀଙ୍କ ପାଇଁ ମାତ୍ର ୩ ଶିକ୍ଷକ

ନରସିଂହପୁର,୧୨।୮ (ସମିସ):

ନରସିଂହପୁର ବ୍ଲକ ଅନ୍ତର୍ଗତ ଅଢେଇଗୁଣ୍ଠି ନରସିଂହ ସାମନ୍ତରା ହାଇସ୍କୁଲଟି ସମସ୍ୟା ମଧ୍ୟରେ ଗତି କରୁଛି। ବିଶେଷ କରି ଆବଶ୍ୟକୀୟ ଶିକ୍ଷକ ଅଭାବରୁ ପାଠପଢା ବାଧାପ୍ରାପ୍ତ ହେବା ସହ ବିଦ୍ୟାଳୟର ମସିହାରେ କରିଲୋ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ଏହି ବିଦ୍ୟାଳୟରେ ମିଶିଥିଲା। ପୂର୍ବରୁ ଏହି ବିଦ୍ୟାଳୟର ସ୍ଥାନୀୟ ଅଞ୍ଚଳରେ ସ୍ୱତନ୍ତ୍ର ପରିଚୟ ରହିଥିଲା। କିନ୍ତୁ ଆବଶ୍ୟକୀୟ ଭିତ୍ତିଭୂମି ଅଭାବ ସହିତ ବିଶେଷ କରି ଶିକ୍ଷକ ଅଭାବରୁ ଏହି ବିଦ୍ୟାଳୟରେ ପାଠପଢା ବାଧାପ୍ରାପ୍ତ ହେବା ସହ ଅନେକ

### ବର୍ଷେ ପୂରିଲା; ନିର୍ମାଣ ହୋଇପାରିଲାନି ଭୁଶୁଡ଼ିଥିବା ପାଚେରି

ପାଚେରୀ ଭାଙ୍ଗି ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହେଉନି। ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ଏହି ବିଦ୍ୟାଳୟଟି କାହାର ଆନ୍ତରିକତା ନ ଥିବାର ଆଲୋଚିତ ହେଉଛି। ପ୍ରକାଶ ଯେ ୧୯୭୭ ମସିହାରେ ନରସିଂହ ସାମନ୍ତରା ଉଚ୍ଚବିଦ୍ୟାଳୟଟି ସ୍ଥାପନ ହୋଇଥିଲା। ଏହି ବିଦ୍ୟାଳୟଟି ୨୦୧୮ ମସିହାରେ ହାଇସ୍କୁଲ ସହିତ ମିଶିଥିବା ବେଳେ ୨୦୨୦ ସମସ୍ୟା ସୃଷ୍ଟି ହେଉଛି। ଚଳିତ ବର୍ଷ ଠାରୁ ଆରମ୍ଭ ହୋଇଥିବା ଶିଶୁ ବାଟିକା ଠାରୁ ଆରମ୍ଭ କରି ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୯ଟି ଶ୍ରେଣୀରେ ୧୭୩ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି ମାତ୍ର ସେମାନଙ୍କ ପାଇଁ ୭ ଜଣ ଶିକ୍ଷକ ବଦଳରେ ମାତ୍ର ୩ ଜଣ ପାଠ ପଢ଼ାଉଛନ୍ତି। ଏହି ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେଉଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ହୋଇଥିଲେ ମଧ୍ୟ ପାଚେରୀ ମରାମତି ହୋଇପାରି ନ ଥିଲା। ଯାହା ଫଳରେ ସ୍ଥାୟୀ ପାଚେରୀ ବଦଳରେ ଭଙ୍ଗା ପାଚେରୀ ବାଉଁଶ ବାଡ଼ ମଧ୍ୟରେ ପରୀକ୍ଷା କେନ୍ଦ୍ର ପରିଚାଳନା ହୋଇଥିଲା। ଗତ ବର୍ଷ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ବିଧାୟକ ଆସି ପରୀକ୍ଷା ପୂର୍ବରୁ ପାଚେରୀ କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପାଚେରୀ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଯାହା ଫଳରେ ଏହି ବାଉଁଶ ବାଡ଼ ଡେଇଁ କେହି ଦୁର୍ବୃତ୍ତ ବିଦ୍ୟାଳୟର ପାଇଖାନା ପରିସ୍ରାଗାର କବାଟ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସେହିପରି ସପ୍ତମ ଓ ଅଷ୍ଟମ ଦୁଇଟି ଶ୍ରେଣୀ ଭଙ୍ଗା ଆଜବେଷ୍ଟ ଘରେ ବିପଦସଂକୁଳ ଘରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଦୀର୍ଘ ଦୁଇବର୍ଷ ହେଲାଣି ଦୁଇଟି ଶ୍ରେଣୀ ଗୃହ ବିପଦସଂକୁଳ ଘୋଷଣା କରାଯାଇଛି। ଏଭଳି ଅନେକ ସମସ୍ୟା ଦେଇ ଗତି କରୁଛି ଏହି ବିଦ୍ୟାଳୟ। ଏନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରାକାର ବେହେରାଙ୍କୁ ପଚାରିବାରୁ ବିଦ୍ୟାଳୟରେ ଶିକ୍ଷକ ଅଭାବରୁ ପାଠପଢା ବାଧାପ୍ରାପ୍ତ ହେଉଛି। ପାଚେରୀ ସହିତ ଅନେକ ସମସ୍ୟା ରହିଛି, ଏନେଇ ଆମେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଛୁ ଶୀଘ୍ର କାମ ହୋଇଯିବ ବୋଲି ଆଶା କରାଯାଉଛି ପ୍ରଧାନ ଶିକ୍ଷକ ଶ୍ରୀ ବେହେରା କହିଛନ୍ତି।







## ଅବ୍ୟବସ୍ଥିତ ଇ-ଟଏଲେଟ୍

# ପାଣି ଆସୁନି କି ଡୋର୍ ଖୋଲୁନି

ଭୁବନେଶ୍ୱର, ୧୨।୮ (ସମିସ)




- ଶୌଚ ପାଇଁ ଯାଇ ନିରାଶ ହୋଇ ଫେରୁଛନ୍ତି ଲୋକେ
- ପ୍ରଦୂଷିତ ହେଉଛି ରାଜଧାନୀ ରାସ୍ତାଘାଟ

ସହରବାସୀଙ୍କୁ ଶୌଚ ସୁବିଧା ପାଇଁ ରାଜଧାନୀ ରାସ୍ତାକଡ଼ରେ ଖୋଲିଛି ମାଳମାଳ ଇ-ଟଏଲେଟ୍। କିନ୍ତୁ ସେଥି ମଧ୍ୟରୁ ଅଧିକାଂଶ ଇ-ଟଏଲେଟ୍‌ରେ ପାଣି ଆସୁନାହିଁ କି ଡୋର୍ ଜାମ ହୋଇ ଖୋଲୁନାହିଁ। ଅଧିକାଂଶ ଇ-ଟଏଲେଟ୍ ଅତି ଅପରିଷ୍କାର ଅବସ୍ଥାରେ ପଡ଼ି ରହିଛି ଏବଂ ଦୁର୍ଗନ୍ଧରେ ଫାଟିପଡୁଛି। ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି କିଟ୍ ଛକରେ।

ଖବର ନେବାରୁ ଜଣାପଡ଼ିଛି ଯେ, ୨୦୧୮ ମସିହା ହକି ବିଶ୍ୱକପ୍ ସମୟରେ ଜନଗହଳିକୁ ଦୃଷ୍ଟିରେ ରଖି କିଟ୍ ଛକ, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ସିଆରପିଏଫ୍, ଉତ୍କଳ ମଣ୍ଡପ, ସମେତ ପାର୍କ, ମେଡ଼ିକାଲ, ହାଟ ସମେତ ଜନଗହଳି ଆଦି ସ୍ଥାନମାନଙ୍କରେ ଏହି ଇ-ଟଏଲେଟ ବ୍ୟବସ୍ଥା କରାଯାଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସହରର ସୌନ୍ଦର୍ଯ୍ୟ ଓ ପରିମଳ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା। ବୈଦ୍ୟୁତିକ ଜ୍ଞାନ କୌଶଳକୁ ନେଇ ଏହି ଇ-ଟଏଲେଟ୍ ତିଆରି ହୋଇଥିଲା। ଏଥିରେ ଗୋଟେ ପଟେ ମହିଳା ଆଉ ଗୋଟେ ପଟେ ପୁରୁଷ ବ୍ୟବହାର କରିବା ପାଇଁ ପ୍ରାୟ ୨୫ଟି ଇ-ଟଏଲେଟ୍ ତିଆର ହୋଇଥିଲା। ଏଥିରେ ପ୍ରାୟ ୫ କୋଟି ୭୬ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିଲା। ବର୍ତ୍ତମାନ ଏହି ଇଟଏଲେଟ୍ ୧୪ଟି ବିଡ଼ିଏ ହାତରେ ରହିଥିବା ବେଳେ ଆଉ ୧୧ଟା ବିଏମ୍‌ସି ଅଧୀନରେ ରହିଛି।

କିନ୍ତୁ ଏବେ ଏହି ଇ-ଟଏଲେଟ୍‌ଗୁଡ଼ିକ ଏବେ ଏକ ପ୍ରକାରର ଅଚଳ ହୋଇ ପଡ଼ିଛି। ରକ୍ଷଣାବେକ୍ଷଣା ଅଭାବରୁ ଲୋକମାନେ ଏହି ଇ-ଟଏଲେଟ୍‌କୁ ବ୍ୟାବାହର କରି ପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ରହିଥିବା ଏହି ଇ-ଟଏଲେଟ୍‌ରେ କିଛି ସ୍ଥାନରେ ପାଣି ଆସୁନି ତ ଆଉ କେଉଁଠି ଡ଼ୋର ଖୋଲୁ ନ ଥିବା ବେଳେ ଆଉ କେଉଁଠି ତାଲା ପଡ଼ି ରହିଛି। ଏଥିସହିତ ଆଉ କିଛି ସ୍ଥାନରେ ଇ-ଟଏଲେଟ୍‌ରୁ ଦୁର୍ଗନ୍ଧ ବାହାରୁଛି। ଫଳରେ ସାଧାରଣ ଲୋକମାନେ ଏହି ଇ-ଟଏଲେଟ୍ କୁ ବ୍ୟବହାର କରି ନ ପାରି ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରାୟ ୬ ମାସ ହୋଇଗଲାଣି ଏହି ସ୍ଥାନରେ ଆସି ବେପାର କରୁଛି। ପ୍ରତିଦିନ ଅନେକ ଲୋକ ଏଠାକୁ ଶୌଚାଳୟ ପାଇର୍ ଆସି ନିରାଶ ହୋଇ ଫେରୁଛନ୍ତି। ହେଲେ କେବେ ବି ଗୋଟେ ଦିନ କେହିବି ଏହି ଇ-ଟଏଲେଟ୍‌କୁ ବ୍ୟବହାର କରୁଥିବାର ଦେଖିନି। ଆମକୁ ବି ଏକ କିମ୍ବା ଦୁଇ ଲାଗିଲେ ଶୌଚାଳୟ ବ୍ୟବହାର କରିବା ପାଇଁ ବହୁତ ଅସୁବିଧା ହେଉଛି। ରାସ୍ତାକଡ଼ରେ ଶୌଚାଳୟ ଅଛି ହେଲେ ବ୍ୟବହାର ଉପଯୋଗୀ ନୁହେଁ। ଫଳରେ ଆମେ ରାସ୍ତା କଡ଼କୁ ଭରସା କରୁଛୁ ବୋଲି କିଟ୍ ଛକରେ ଥିବା ଜଣେ ବ୍ୟବସାୟୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଇ-ଟଏଲେଟ୍ ଯେହେତୁ ଇଲେକ୍ଟ୍ରୀରେ ତିଆରି ହୋଇଛି। ଏଥିରେ କିଛିଟା ସେନ୍‌ସର ଅଛି ବେଳେବେଳେ ଖରାପ ହୋଇଯାଉଛି। କିନ୍ତୁ ଏହାକୁ ମରାମତି କିମ୍ବା ବଦଳା ଯାଉନାହିଁ।

● ପାତ୍ରପଡ଼ାରେ ଆଉ ଏକ ଦୁର୍ଘଟଣା

## ବାଇକ୍ ଚାଳକଙ୍କୁ ପିଟିଲା ଟ୍ରକ

ଭୁବନେଶ୍ୱର, ୧୨।୮ (ସମିସ): ମଙ୍ଗଳବାର ବିଳମ୍ବିତ ରାତିରେ ୧୬ ନମ୍ବର ଜାତୀୟ ରାଜପଥର ପାତ୍ରପଡା ଫ୍ଲାଏଓଭର ଉପରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ବାଇକ ସହ ଟ୍ରକ (ଓଡି୩୪ଭି-୭୩୧୬) ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ବାଇକ୍ ଚାଳକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଚିକିତ୍ସା ନିମନ୍ତେ ହସ୍ପିଟାଲ ପଠାଯାଇଥିବାବେଳେ ଘଟଣାସ୍ଥଳରୁ ଟ୍ରକ୍ ଛାଡି ଡ୍ରାଇଭର ଚମ୍ପଟ ମାରିଛି।





ଖବର ନେବାରୁ ଜଣାପଡ଼ିଛି ଯେ, ମଙ୍ଗଳବାର ରାତି ପ୍ରାୟ ୧୧ ଟା ୩୦ ସମୟରେ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଥାଉକି ଠିକ ଏହି ସ୍ଥାନରେ ଗତ ଶନିବାର ରାତିରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା। ଏକ ଥାର୍ ଗାଡ଼ି ଦୁର୍ଘଟଣା ଦେବାରୁ ମହିଳା ଏବଂ ତାଙ୍କର ୮ ବର୍ଷୀୟା ଝିଅର ମୃତ୍ୟୁ ହୋଇଥିବାବେଳେ ତାଙ୍କ ପୁଅ ଏବେବି ଗୁରୁତର ଅଛନ୍ତି। ଥାର୍ ଗାଡ଼ିକୁ ପୋଲିସ ଜବତ କରିଥିବାବେଳେ ଗାଡିଚାଳକଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇପାରି ନାହିଁ।

## ଦୋକାନରେ ନିଆଁ ଲଗାଇ ମହିଳାଙ୍କୁ ହତ୍ୟା ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୧୨।୮ (ସମିସ): ଦୋକାନରେ ନିଆଁ ଲଗାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜଗତସିଂହପୁର ଥାନା ହରିରାମ ପାଟଣାର ନଳିନୀକାନ୍ତ ସାହୁ ଓରଫ୍ ବୁଲୁ (୨୫)। ସେ ମା କୋଟିଳେଇ ହାଟରେ ଦୋକାନ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ଗତ ଶନିବାର ଦିନ ବୁଲୁ ଓ ଭାରତୀ ବେଉରାଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେହି ସମୟରେ ବୁଲୁ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦେଇ ହତ୍ୟା କରିବାକୁ ଧମକ ଦେଇଥିଲା। ଏଥିସହିତ ଥାନାରେ ଖବର ଦେଲେ ତାଙ୍କ ଦୋକାନରେ ନିଆଁ ଲଗାଇ ଜିନିଷପତ୍ର ନଷ୍ଟ କରିଦେବାର ଚେତାବନୀ ମଧ୍ୟ ଦେଇଥିଲା। ରବିବାର ରାତିରେ ଭାରତୀ ତାଙ୍କ ଦୋକାନ ଭିତରେ ଶୋଇଥିବା ବେଳେ ବୁଲୁ ଲାଇଟର ଦ୍ୱାରା ଦୋକାନରେ ନିଆଁ ଲଗାଇ ଦେଇ ପଳାଇ ଯାଇଥିଲା। ଭାରତୀ ପୋଡ଼ା ଗନ୍ଧ ଅନୁଭବ କରି ଉଠି ପଡ଼ିଥିଲେ। ଜୀବନ ବଞ୍ଚାଇବାକୁ ସେଠାରୁ ପଳାଇଥିଲେ। ନିଆଁ ଲାଗି ଦୋକାନ ଭିତରେ ଥିବା ଜିନିଷପତ୍ର ପୋଡ଼ି ଯାଇଥିଲା। ଏନେଇ ସେ ସହିଦନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଦୋକାନରୁ ଅଧା ପୋଡ଼ି ଯାଇଥିବା କାଠ ଖଣ୍ଡ ଓ ପାଉଁଶ ଜବତ କରାଯାଇଥିଲା। ଆଜି ବୁଲୁକୁ ଗିରଫ କରିବା ସହ ଲାଇଟର ଜବତ କରିଛି।

## ବନ୍ୟାଞ୍ଚଳରେ ରିଲିଫ୍ ବଣ୍ଟନ

ଭୁବନେଶ୍ୱର, ୧୨।୮ (ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିଚାଳିତ ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ବନ୍ୟା ପ୍ରପୀଡ଼ିତ କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରଭାବିତ ଅଞ୍ଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବନ୍ୟା ପ୍ରପୀଡ଼ିତ ତରେଇପାଟଣା, ସିଦ୍ଧବାଲି ଓ ବାଲୁରିଆ ଆଦି ଅଞ୍ଚଳରେ ଲୋକଙ୍କ ମଧ୍ୟରେ ସୋଆ ବିଶ୍ୱବିଦ୍ୟାଳୟ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ଓ ସମ୍ ନର୍ସିଂ କଲେଜର ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଚୁଡ଼ା, ଗୁଡ଼, ଦିଆସିଲି, ମହମବତି, ସାନିଟାରୀ ପ୍ୟାଡ୍, ମଶା ଧୂପ ଆଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲ'ର ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଅମ୍ବରୀଶ ମଙ୍ଗରାଜ ଓ ବିଶ୍ୱ ବିଦ୍ୟାଳୟ ଏନ୍‌ଏସ୍‌ଏସ୍ କର୍ମଚାରୀ ରାଜ ଶେଖର ବେହେରା ପରିଚାଳନା କରିଥିବା ବେଳେ ଏନ୍‌ଏସ୍‌ଏସ୍‌ର




ଉପଦେଷ୍ଟା ପ୍ରଫେସର ନଚିକେତା ଖମାରୀ ଶର୍ମା ଓ ପ୍ରୋଗ୍ରାମ୍ ସଂଯୋଜକ ଡ. କମଳ ଲୋଚନ ମହନ୍ତଙ୍କ ସମ୍ପାଦନା କରିଥିଲେ। ପ୍ରତିକୂଳ ପରିସ୍ଥିତିରେ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଏଭଳି ଉଦ୍ୟମ ସାଧାରଣ ଜନମାନସରେ ପ୍ରଶଂସିତ ହେବା ସହ ଅନ୍ୟକୁ ପ୍ରେରଣା ମଧ୍ୟ ଯୋଗାଇଛି।

# ସ୍ୱାଧୀନତା ଦିବସ ଲାଗି ପରେଡ୍ ରିହର୍ସାଲ୍





**ପରେଡ୍ କମାଣ୍ଡର୍ ଆଇପିଏସ୍ ଅନନ୍ୟା**

ଭୁବନେଶ୍ୱର, ୧୨।୮ (ସମିସ): ଶୁକ୍ରବାର ଦେଶ ପାଳିବ ୭୯ତମ ସ୍ୱାଧୀନତା ଦିବସ। ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଲାଗି ଗାନ୍ଧୀମାର୍ଗରେ ଜୋରଦାର ପ୍ରସ୍ତୁତ କରାଯାଇଛି। ସୋମବାର ଠାରୁ ଗାନ୍ଧୀମାର୍ଗରେ ପରେଡ୍ ରିହର୍ସାଲ୍ ଆରମ୍ଭ ହୋଇଛି। ଚଳିତବର୍ଷ ୧୨୦ ବାଟାଲିୟନ୍, ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆର୍‌ପିଏଫ୍, ସପ୍ତମ ବାଟାଲିୟନ, ସ୍ପେଶାଲ ସିକ୍ୟୁରିଟି ବାଟାଲିୟନ, ଏସ୍‌ଓଜି ଚନ୍ଦକା, ଓଏସ୍‌ଏଏଫ୍, ଓଆଇଏସ୍‌ଏଫ୍, ଓଡ୍ରାଫ୍, ଟ୍ରାଫିକ ପୁଲିସ, ଅଗ୍ନିଶମ ବିଭାଗ, ହୋମଗାର୍ଡ, ସିଭିଲ୍ ଡିଫେନ୍ସ, ଏନ୍‌ସିସି, ସ୍କାଉଟଗାଇଡ୍, ଅର୍ଦ୍ଧସାମରିକ ଓ ସାମରିକ ଭଳି ବିଭିନ୍ନ ପ୍ରାୟ ୫୦ରୁ ଅଧିକ କଣ୍ଟିଜେଣ୍ଟ ଗ୍ରୁପ ଅଂଶଗ୍ରହଣ କରିବେ। ସେହିପରି ପରେଡ୍‌କୁ କମାଣ୍ଡ କରିବେ ୨୦୨୨ ବ୍ୟାଚ୍‌ର ଆଇପିଏସ ଅନନ୍ୟା ଅଓସ୍ଥି। ସେ ଏବେ ସୁନ୍ଦରଗଡ଼ରେ ଟ୍ରେନିଂରେ ଅଛନ୍ତି। ସୋମବାର ପ୍ରଥମ ଦିନରେ ରିହର୍ସାଲ ହୋଇଥିବା ବେଳେ ଆହୁରି ୨ ଦିନ ଚାଲିବ। ୧୩ ତାରିଖ ଦିନ ପରେଡ୍ ପାଇଁ ଫୁଲଡ୍ରେସ୍ ରିହର୍ସାଲ ହେବ ବୋଲି କମିସନରେଟ ପୁଲିସ ପକ୍ଷରୁ କୁହାଯାଇଛି। କମିସନରେଟ ପୁଲିସ ପକ୍ଷରୁ ପ୍ରତିଦିନ ସନ୍ଧାନୀ କୁକୁର ଓ ବୋମା ନିଷ୍କ୍ରିୟ ଦଳ ପଡ଼ିଆକୁ ତନ୍ନତନ୍ନ କରି ଯାଞ୍ଚ କରିବେ। ଏଥିସହ ଗାନ୍ଧୀମାର୍ଗର ସୁରକ୍ଷା ଉପରେ କମିସନରେଟ ପୁଲିସ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

**ପ୍ରକାଶ ପାଉନି ସଂସ୍କୃତ ଓ ହିନ୍ଦୀ ଶିକ୍ଷକଙ୍କ କ୍ୟାଡର ରୁଲ୍**

## ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଅନଶନ ଚେତାବନୀ




ଭୁବନେଶ୍ୱର, ୧୨।୮ (ସମିସ): ହାଇସ୍କୁଲ ଶିକ୍ଷକଙ୍କ ପାଇଁ ନୂତନ ଡ୍ରାଫ୍ଟ କ୍ୟାଡର ରୁଲ୍ ଚୂଡ଼ାନ୍ତ ହୋଇସାରିଛି। ହେଲେ କାର୍ଯ୍ୟକାରୀ ହୋଇ ନାହିଁ। ଫଳରେ ରାଜ୍ୟରେ ହଜାର ହଜାର ସଂଖ୍ୟାରେ ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ଉପଯୁକ୍ତ କ୍ୟାଡ଼ର ଅଭାବରୁ ପଦୋନ୍ନତି, ବଦଳି ଆଦି ଅନେକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ସରକାର କୌଣସି ପଦକ୍ଷେପ ନେଉ ନ ଥିବାରୁ ଚରମବାଣୀ ଶୁଣାଇଛି ହିନ୍ଦୀ ଶିକ୍ଷକ ସଂଘ ଓ ଉତ୍କଳ ପ୍ରଶିକ୍ଷିତ ସଂସ୍କୃତ ଶିକ୍ଷକ ସଂଘ। ଆସନ୍ତା ସପ୍ତାହେ ମଧ୍ୟରେ କ୍ୟାଡର ରୁଲ୍ ଲାଗୁ କରା ନ ଗଲେ ଆସନ୍ତା ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସଂଘ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସଂଘର ସଭାପତି ବିଜୟ କୁମାର ତ୍ରିପାଠୀଙ୍କ କହିବା କଥା, ଗତ ମେ' ୭ ତାରିଖରେ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କୁ ଦୁଇ ମାସ ମହଲତ ଦେଇଥିଲେ। ହେଲେ ଏହାକୁ ପ୍ରାୟ ତିନିମାସ ଅତିକ୍ରମ କରିଥିଲେ ମଧ୍ୟ ଫାଇଲ୍ ବିଭାଗରେ ପଡ଼ିରହିଛି। ଫଳରେ ଅନଶନରେ ବସିବାକୁ ନିଷ୍ପତ୍ତି ନେଇଥିବା ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୀ ଶିକ୍ଷକ ସଂଘର ସଭାପତି ଡ. ତବାରକ ଅଲୀ ସୁମନଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ନାବାଳିକାକୁ ଅସଦାଚରଣ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୧୨।୮ (ସମିସ): ନାବାଳିକାଙ୍କୁ ଅସଦାଚରଣ କରିଥିବା ଅଭିଯୋଗରେ ଏୟାରଫିଲ୍ଡ ଥାନା ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଦିଲ୍ଲୀପ ଭୋଇ।

ପୁଲିସ ସୂଚନା ଅନୁସାରେ, ନାବାଳିକା ଜଣକ ଘରେ ଏକାକୀ ଥିବାବେଳେ ଦିଲ୍ଲୀପ ତାଙ୍କୁ ଅସଦାଚରଣ କରିଥିଲା। ସେହି ସମୟରେ ପରିବାର ସଦସ୍ୟ ଚାଲି ଆସିବାରୁ ସେ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲା। ନାବାଳିକାଙ୍କ ଠାରୁ ଘଟଣା ବିଷୟରେ ଜାଣିବା ପରେ ପରିବାର ଲୋକେ ଏୟାରଫିଲ୍ଡ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଦିଲ୍ଲୀକୁ ଗିରଫ କରିଛି।

## ଲୋକନାଥ ତ୍ରିପାଠୀଙ୍କର ଜୟନ୍ତୀ ଉତ୍ସବ

ଭୁବନେଶ୍ୱର, ୧୨।୮ (ସମିସ): ସେବତୀ ଲୋକନାଥ ସାହିତ୍ୟ ସେବା ଅନୁଷ୍ଠାନ ତରଫରୁ ସାରଳା ମାଟିର ବରପୁତ୍ର ସାହିତ୍ୟ ସାଧକ ସ୍ୱର୍ଗତ ଲୋକନାଥ ତ୍ରିପାଠୀଙ୍କର ୯୯ତମ ଜୟନ୍ତୀ ଉତ୍ସବ ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ସାରସ୍ୱତ କବିତା ଆସର ସହିତ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ନିକୁଞ୍ଜ କିଶୋର ପଣ୍ଡା, ମୁଖ୍ୟ ବକ୍ତା ଭାବେ ସୁଲେଖିକା ତଥା ଅଧ୍ୟାପିକା ଡ. ପ୍ରତିଭା ମହାରଥୀ, ତ୍ରିନାଥ ପ୍ରସାଦ ତ୍ରିପାଠୀ, ବିଜୟ କୁମାର ଦାଶ, ମଞ୍ଜୁଳା ତ୍ରିପାଠୀ ଉପସ୍ଥିତ ଥିଲେ। ପ୍ରଦୀପ ପ୍ରଜ୍ୱଳନ ପରେ ତରୁଣବାଳା ମହାପାତ୍ର ଓ ସୌଦାମିନୀ ତ୍ରିପାଠୀଙ୍କ ବେଦ ପାଠ ପରେ ସମ୍ମିଳିତ ଭାବେ ଦେଶାତ୍ମବୋଧକ ସଙ୍ଗୀତ ଗାନ ଏବଂ ଭକ୍ତି ନୃତ୍ୟ ପରିବେଷଣ ହୋଇଥିଲା। ତ୍ରୈଲୋକ ତ୍ରିପାଠୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ଓଡ଼ିଶା ଲେଖିକା ସଂସଦ ପକ୍ଷରୁ ସ୍ମୃତିସଭା



ଭୁବନେଶ୍ୱର, ୧୨।୮ (ସମିସ): ଓଡ଼ିଶା ଲେଖିକା ସଂସଦ କାର୍ଯ୍ୟାଳୟଠାରେ ପୂର୍ବତନ ଉପସଭାପତି ପ୍ରଭା ପଟ୍ଟନାୟକଙ୍କ ବିୟୋଗରେ ସଭ୍ୟାମାନେ ଏକ ସ୍ମୃତି ସଭାର ଆୟୋଜନ କରିଥିଲେ। ଲେଖିକା ଇନ୍ଦିରା ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପ୍ରାୟ ୫୦ଜଣ ଲେଖିକା ଯୋଗ ଦେଇଥିଲେ। ଲେଖିକା କାନନବାଳା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଏହି ସଭାରେ ଲେଖିକା ସଂସଦର ସଭାପତି ଡ. ଶକୁନ୍ତଳା ବଳିୟାରସିଂ, କାନନବାଳା ପଟ୍ଟନାୟକ, ସୁଚେତା ରାଉତ, ଗୋଲାପମଞ୍ଜରୀ କର, ବିଦେଶୀ ଭଞ୍ଜ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ବାରିପଦା ଲେଖିକା ସଂସଦର ଆବାହିକା ରାଜଲକ୍ଷ୍ମୀ ତ୍ରିପାଠୀ ସଭାରେ ଯୋଗ ଦେଇ ସ୍ୱର୍ଗତ ଆତ୍ମାର ସଦ୍ ଗତିକାମନା କରିଥିଲେ। ସନ୍ଧ୍ୟାରାଣୀ ପୃଷ୍ଟି ଓ ଶାନ୍ତିଲତା ପାଲ୍ ଗୀତା ପାଠ କରିଥିଲେ।

## ରାଜ୍ୟ ଗ୍ରନ୍ଥାଗାରରେ ଗ୍ରନ୍ଥାଗାରିକ ଦିବସ



ଭୁବନେଶ୍ୱର, ୧୨।୮ (ସମିସ): ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ପାଠାଗାର ବିଜ୍ଞାନର ଜନକ ପଦ୍ମଶ୍ରୀ ଏସ ଆର ରଙ୍ଗନାଥନଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଗ୍ରନ୍ଥାଗାରର ଅଧିକାରୀ ଅନୁଜା ତାରିଣୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ଡ. ପୁଷ୍ପାଞ୍ଜଳି ଜେନା ମୁଖ୍ୟଅତିଥି ଭାବରେ ଯୋଗଦେଇ ଥିବା ବେଳେ ଉତ୍କଳ ବିଶ୍ୱବିଦ୍ୟାଳୟ ପାଠାଗାର ଓ ସୂଚନା ବିଜ୍ଞାନର ପୂର୍ବତନ ମୁଖ୍ୟ ପ୍ରଫେସର ବାମନ ପରିଡ଼ା ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ।

**ଜରାଜୀର୍ଣ୍ଣ ବିଜୁ ପଟ୍ଟନାୟକ ଖେଳପଡ଼ିଆ**

# ଚିନ୍ତା ବଢ଼ାଉଛି ଅଧପନ୍ତରିଆ ପାଚେରି, ମୁକୁଳା ଗେଟ୍

ଭୁବନେଶ୍ୱର, ୧୨।୮ (ସମିସ): ସଞ୍ଜ ନଇଁଲେ ଖେଳ ପଡ଼ିଆରେ ଆସର ଜମୁଛି ନିଶାଡ଼ିମାନଙ୍କର। ମାଳ ମାଳ ଅସାମାଜିକ ବ୍ୟକ୍ତି ଏଠାରେ ଆଡ୍ଡା ଜମାଉଥିବାରୁ ସ୍ଥାନୀୟ ଲୋକେ ମଧ୍ୟ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ତା ସାଙ୍ଗକୁ ପଡ଼ିଆ ଭିତରେ ଆଣ୍ଠୁଏ ଉଚ୍ଚର ଅନାବନା ଗଛଲତା ଭର୍ତ୍ତି ହୋଇଥିବାରୁ ବିଷାକ୍ତ ଜୀବଜନ୍ତୁଙ୍କ ବାସସ୍ଥଳୀ ପାଲଟିଲାଣି। ସାମ୍ନା ପଟରେ ଗେଟ୍ ନିର୍ମାଣ କରାଯାଇଥିବା ବେଳେ ପାଚେରୀ ମଧ୍ୟ ଅଧାପନ୍ତରିଆ ହୋଇ ରହିଛି। ଫଳରେ ଯେକୌଣସି ବ୍ୟକ୍ତି ଅବାଧରେ ପଡ଼ିଆ ଭିତରକୁ ପ୍ରବେଶ କରିପାରୁଛନ୍ତି। ସ୍ଥାନୀୟ ପିଲା ଓ ଯୁବଗୋଷ୍ଠୀଙ୍କ ଖେଳିବା ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଏବେ ଅସାମାଜିକ ବ୍ୟକ୍ତିଙ୍କ ପେଣ୍ଠସ୍ଥଳ ପାଲଟିଛି।

ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନମ୍ବର ୧୮ ଅଧୀନସ୍ଥ ରସୁଲଗଡ଼ ଜିଜିପି ଅଞ୍ଚଳରେ ରହିଛି ପ୍ରାୟ ୩ଏକର ପରିମିତ ଏହି ଖେଳ ପଡ଼ିଆ। ରସୁଲଗଡ଼, ଜିଜିପି, ପ୍ରାଚୀବିହାର, ପଳାଶୁଣି ଆଦି ଅଞ୍ଚଳର ଶତାଧିକ ପିଲାମାନେ ଏହି ଖେଳ ପଡ଼ିଆକୁ ନିର୍ଭର କରିଥାନ୍ତି। ପୂର୍ବରୁ ଏହି ପଡ଼ିଆ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଥିବା ବେଳେ ଅଞ୍ଚଳର ପିଲାମାନଙ୍କ ଖେଳକୁଦ ନିମନ୍ତେ ଏହାକୁ ମରାମତି କରାଯିବାକୁ ବାରମ୍ବାର ନିବେଦନ କରାଯାଇଥିଲା। ଯଦିଓ ପୂର୍ବରୁ ଏହା ପଳାଶୁଣି ଖେଳ ପଡ଼ିଆ ଜଣାଶୁଣା ଥିଲା, ହେଲେ ୨୦୧୨ ମସିହାରେ ବିଜୁ ପଟ୍ଟନାୟକ ସ୍ମୃତି କମିଟି ପଳାଶୁଣି ପକ୍ଷରୁ ସ୍ୱର୍ଗତଃ ବିଜୁ



**ସଞ୍ଜ ହେଲେ ନିଶାଡ଼ିଙ୍କ ଆଡ୍ଡା**

ପଟ୍ଟନାୟକଙ୍କର ଏକ ପ୍ରତିମୂର୍ତ୍ତି ଏଠାରେ ସ୍ଥାପନ କରାଯାଇଥିଲା। ସେବେଠାରୁ ବିଧିବଦ୍ଧ ଭାବେ ଏହି ପଡ଼ିଆର ନାମ ବିଜୁ ପଟ୍ଟନାୟକ ଖେଳ ପଡ଼ିଆ ଭାବେ ପରିଚିତ। ଏହାପରେ ୨୦୨୨ ମସିହାରେ ପଡ଼ିଆର ଉନ୍ନତିକରଣ କରାଯାଇଥିଲା। ଏମଏଲ୍ଏ ଲ୍ୟାଡ୍‌ରୁ ୪ଲକ୍ଷ ଟଙ୍କାରେ ପଡ଼ିଆର ଗେଟ୍ ଓ ପାଚେରୀ ନିର୍ମାଣ କରାଯାଇଥିଲା। ସେହିପରି ୨୦୨୩ରେ ମୁକ୍ତା ଯୋଜନାରେ ଅଧୀନରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପଡ଼ିଆରେ ଘାସ ଲଗାଯିବା ସହ ଉନ୍ନତିକରଣ କରାଯାଇଥିଲା। ହେଲେ ଦିନ କେଇଟା ପରେ ପଡ଼ିଆର ଅବସ୍ଥା ପରିତ୍ୟକ୍ତ ହୋଇଥିବା ଦେଖିବାକୁ ମିଳିଛି। ପଡ଼ିଆ ସମ୍ମୁଖରେ କେବଳ ପାଚେରୀ ନିର୍ମାଣ କରାଯାଇଥିବା ବେଳେ ପଛପାଖ ସମ୍ପୂର୍ଣ୍ଣ ଫାଙ୍କା ପଡ଼ିଛି।

ଏହାସହ ଗେଟ୍ ନିର୍ମାଣ ହୋଇଥିଲେ ବି ତାହା ମୁକୁଳା ପଡ଼ିଛି। ଫଳରେ ପଡ଼ିଆ ଭିତରକୁ ବୁଲା କୁକୁର, ଷଣ୍ଢଙ୍କ ସମେତ ବିଷାକ୍ତ ଜୀବଜନ୍ତୁ ଆସୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ସୁବଠାରୁ ଚିନ୍ତାର ବିଷୟ ହେଉଛି ଏହି ପଡ଼ିଆଟି ପୁରୀ ବାଇପାସ୍ ଜାତୀୟ ରାଜପଥଠାରୁ ମାତ୍ର ଅଳ୍ପ ଦୂରରେ ରହିଥିବାରୁ ଅଜଣା ବ୍ୟକ୍ତିମାନେ ରାତି ଅଧରେ ଏଠାରେ ଆଡ୍ଡା ଜମାଉଛନ୍ତି। ଏନେଇ ୱାର୍ଡର କର୍ପୋରେଟର ବିପ୍ଳବ ବେହେରା କହିଛନ୍ତି ଯେ, ବର୍ତ୍ତମାନ ବର୍ଷାଦିନ ପାଇଁ ଅନାବନା ଘାସ ଭର୍ତ୍ତି ହୋଇଛି। ପୂର୍ବରୁ ମୁକ୍ତା ଯୋଜନାରେ ପଡ଼ିଆର ଉନ୍ନତିରକରଣ ହୋଇଥିବା ବେଳେ ବର୍ତ୍ତମାନ ମୁକ୍ତା ଯୋଜନା କୁ ବନ୍ଦ କରାଯାଇଛି। ତେବେ ଏଥିପାଇଁ ଏଯାଏଁ କୌଣସି ଆଲୋଚନା ହୋଇନାହିଁ।

# ଭୁବନେଶ୍ୱର ସିଟି



## ଜବରଦଖଲରୁ ଫୁଟୁଛି ଗୁଳି ଓ ବୋମା

# ଆଉ କେତେ କାଣ୍ଡହେଲେ ଚେତିବେ ?

ଭୁବନେଶ୍ୱର, ୧୨।୮ (ସମିସ)

ରାଜଧାନୀରେ ମାତିଛନ୍ତି ଜମି ମାଫିଆ। ବିଶେଷକରି ଭୁବନେଶ୍ୱର ଉପକଣ୍ଠସ୍ଥ ମଳିପଡ଼ା ଓ ଶ୍ୟାମପୁର ମୌଜାରେ ସକ୍ରିୟ ହୋଇଛନ୍ତି ଦୁଇଟି ଗୋଷ୍ଠୀ ମାଫିଆ। ରାତାରାତି ସରକାରୀ ଜମିକୁ ମାଡ଼ିବସି ଶାଗ ମାଛ ଦରରେ ବିକ୍ରି କରି ଦେଉଛନ୍ତି। କେବଳ ସରକାରୀ ନୁହେଁ, ବେସରକାରୀ ଜମିକୁ ମଧ୍ୟ ଛାଡ଼ୁ ନାହାନ୍ତି ମାଫିଆ। ଆଉ ଏହି ଜମି ଦଖଲରୁ ହିଁ ଆରମ୍ଭ ହେଉଛି ଗଣ୍ଡଗୋଳର ସୂତ୍ରପାତ। ଅନେକ ସମୟରେ ଦୁଇ ଗୋଷ୍ଠୀ ହାତାହାତି ହେଉଥିବା ବେଳେ ଗୁଳି ଓ ବୋମା ବର୍ଷଣ ହେଉଛି। କେତେବେଳେ ଗୋଡ଼ରେ ଗୁଳି ବାଜୁଛି ତ କେତେବେଳେ କେହି ବୋମାମାଡ଼ କରୁଛି। ସରକାରୀ ଜମିକୁ ନେଇ ବାରମ୍ବାର ଏଭଳି କାଣ୍ଡ ଘଟୁଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଗିରଫ କରୁଛି। ହେଲେ ଅଭିଯୁକ୍ତମାନେ ଜାମିନରେ ଆସି ପୁଣି ସମାନ କାଣ୍ଡ ଘଟାଉଛନ୍ତି। କେବଳ ପୁଲିସ ନୁହଁ, ବରଂ ତହସିଲ, ବିଡିଏ ଓ ଜିଏ କର୍ତ୍ତୃପକ୍ଷ ମଧ୍ୟ ହାତ ଟେକି ଦେଇଛନ୍ତି। ସରକାରୀ ଜମିକୁ ଅକ୍ତିଆର କରିବା ପରିବର୍ତ୍ତେ ଖୋଲା ଛାଡ଼ି ଦେଇଛନ୍ତି। ଫଳରେ ମାଫିଆମାନେ ମନଇଚ୍ଛା ପାଚେରି କରି ପ୍ଲଟିଂ କରୁଛନ୍ତି। ପ୍ରଶାସନର ନୀରବତା ପାଇଁ ତିଳକା ବାବା ଆଦିବାସୀ କଲୋନୀ ଭଳି ବସ୍ତି ରାତାରାତି ଗଢ଼ି ଉଠିଲା।

■ ୬୦୦ ବର୍ଗଫୁଟକୁ ୬୦ ହଜାର
■ ବାଦ୍ ପଡୁନି ଜଙ୍ଗଲ ଜମି
■ ସୁହାଉଛି ମାଲିକଙ୍କ ଅନୁପସ୍ଥିତି

ସରକାରୀ ଜମି ବିକ୍ରି ସେହି ଅଞ୍ଚଳର ସାଧାରଣ ଲୋକଙ୍କ ଜୀବନକୁ ବିପନ୍ନ କରିଦେଇଛି। ଜମି ଜବରଦଖଲକୁ ନେଇ ଅନ୍ଧାରୁଆ ଓ ଭରତପୁର ବଜରଙ୍ଗୀ କ୍ଲବର ସଦସ୍ୟମାନେ ବାରମ୍ବାର ମୁହାଁମୁହିଁ ହେଉଛନ୍ତି। ଗତ ମାର୍ଚ୍ଚ ମାସ ୯ ତାରିଖ ଦିନ ଭରତପୁର ବଜରଙ୍ଗୀ କ୍ଲବର ରାଜା ଓ ଅନ୍ୟ ସଦସ୍ୟମାନେ ଶ୍ୟାମପୁର ସଙ୍ଘର୍ଷ ବିହାର ଠାରେ ବସିଥିବା ବେଳେ ଅନ୍ଧାରୁଆର କିଛି ଯୁବକ ଆସି ଗୁଳିମାଡ଼ କରିଥିଲେ। ରାଜାର ଜଙ୍ଘରେ ଗୁଳି ବାଜି ସେ ଗୁରୁତର ହୋଇଥିଲା। ଇଏ ଗୋଟିଏ ଘଟଣା ନୁହଁ, ଗତ ରବିବାର ମଧ୍ୟ ଏହାର ପୁନରାବୃତ୍ତି ଘଟିଛି। ଲିଜ ରଦ୍ଦ ହୋଇଥିବା ଏକ ଜମିରେ ଅନ୍ଧାରୁଆ ପିଲା ପାଚେରି ନିର୍ମାଣ କରୁଥିଲେ। ସେହି ସମୟରେ ବଜରଙ୍ଗୀ କ୍ଲବର ସଦସ୍ୟମାନେ ଆସି ବୋମାମାଡ଼ କରିବା ସହ ଗାଡ଼ି ଗୁଡ଼ିକୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏହାର କିଛି ସମୟ ପରେ ଅନ୍ଧାରୁଆ ପିଲାମାନେ ଏକାଠି ହୋଇ ବଜରଙ୍ଗୀ କ୍ଲବ ସଦସ୍ୟଙ୍କ ୩ଟି ଗାଡ଼ି ଜାଳି ଦେଇଥିଲେ। ଏଇ ସବୁ ଘଟଣା ବାରମ୍ବାର ଘଟୁଥିଲେ ମଧ୍ୟ ଆଖି ଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ପ୍ରଶାସନର ନିଷ୍କ୍ରିୟତା ଯୋଗୁଁ ଛୋଟମୋଟ ଗଣ୍ଡଗୋଳ ଗ୍ୟାଙ୍ଗ ୱାର ଆଡ଼କୁ ମୁହାଁ ହେଉଛି।

ଶ୍ୟାମପୁର, ମଳିପଡ଼ା ଓ ଦାସପୁର ମୌଜାରେ ମଝିରେ ରହିଛି ଶହ ଶହ ଏକର ସରକାରୀ ଜମି। ସନ୍ଥ ବିନୋବା ଭାବେଙ୍କ ଭୂଦାନ ଜମି ମଧ୍ୟ ରହିଛି। ହେଲେ ତାହା ଆବଦ୍ଧ କରାଯାଇନଥିବାରୁ ମାଫିଆମାନେ ତାକୁ ରାତାରାତି ଦଖଲକୁ ନେଇ ଯାଉଛନ୍ତି। ଯୋଉଠି ରାଜଧାନୀରେ ଜମି ଦର ଆକାଶଛୁଆଁ, ସେଠି ଶସ୍ତାରେ ଜମି ଯୋଗାଉଛନ୍ତି ମାଫିଆ। ୩୦ ଫୁଟ ଲମ୍ବ ଓ ୨୦ ଫୁଟ ଓସାରର ପ୍ଲଟ୍ ବା ୬୦୦ ବର୍ଗଫୁଟର ଜମିକୁ ୬୦ ହଜାର ଟଙ୍କାରେ ବିକ୍ରି କରୁଛନ୍ତି। କେବଳ ନଗଦ ନୁହଁ, କିସ୍ତିରେ ମଧ୍ୟ ଜମି ବିକୁଛନ୍ତି ମାଫିଆ। ଖାଲି ବିକ୍ରି କରୁନାହାନ୍ତି, ବରଂ ନିଅଁ ଖୋଳିବା ଠାରୁ ଆରମ୍ଭ କରି ଆଜବେଷ୍ଟସ ପଡ଼ିବା ଯାଏଁ, ସବୁ ପ୍ରକାର ସୁରକ୍ଷା ଯୋଗାଇ ଦେଉଛନ୍ତି। ଏତେ ସବୁ ସୁବିଧା ମିଳୁଥିବାରୁ ଅନ୍ୟ ଜିଲ୍ଲାର ବିଭିନ୍ନ ଲୋକମାନେ କମ୍ ଦରରେ ସରକାରୀ ଜମି କିଣୁଛନ୍ତି।



ଆଜିକାଲି ନୁହଁ ଦୀର୍ଘ ଦୁଇ ବର୍ଷ ହେବ ମାଫିଆମାନେ ସମ୍ପୃକ୍ତ ଅଞ୍ଚଳକୁ କବଜାରେ ରଖିଛନ୍ତି। କେବଳ ଜିଏ, ବିଡିଏ ଜମି ନୁହେଁ, ବରଂ ଜଙ୍ଗଲ ଜମି ମଧ୍ୟ ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡ଼ିନାହିଁ। ଛୋଟ ଜଙ୍ଗଲ କିସମର ଜମିରୁ ହଜାର ହଜାର ଗଛ କାଟି ସଫା କରି ଦେଇଛନ୍ତି। ଏହାପରେ ମାପଚୁପ କରି ପ୍ଲଟିଂ କରି ବିକ୍ରି କରୁଛନ୍ତି। ଶହ ଶହ ଏକର ଜଙ୍ଗଲ ଜମି ବିକ୍ରି ହେଉଥିଲେ ମଧ୍ୟ ଏଯାଏଁ ସେଠାରେ ଜଙ୍ଗଲ ବିଭାଗର ପାଦ ପଡ଼ିନାହିଁ। ଗତ ଦୁଇ ବର୍ଷ ଭିତରେ ପ୍ରାୟ ୫୦ ଏକରରୁ ଅଧିକ ଜମି ବିକ୍ରି କରି ସାରିଲେଣି ମାଫିଆ।

ଶ୍ୟାମପୁର, ଦାସପୁର ଓ ପଣ୍ଡାକୁଦିଆକୁ ଲାଗି ଅନେକ ଲିଜ୍ ଓ ବେସରକାରୀ ଜମି ରହିଛି। କିଏ ୨୦ ବର୍ଷ ହେବ କିଣିଛି ତ ଆଉ କେହି ୫୦ ବର୍ଷ ପୂର୍ବେ ଜମି କିଣିଛନ୍ତି। କିଛି ବେସରକାରୀ ଜମି ସ୍ଥାନୀୟ ଲୋକଙ୍କ ମାଲିକାନାରେ ରହିଥିବାବେଳେ ଆଉ କିଛି ବାହାର ଲୋକ ମଧ୍ୟ ସେହି ଅଞ୍ଚଳରେ ବେସରକାରୀ ଜମି କିଣିଛନ୍ତି। ସେଥିମଧ୍ୟରୁ କେତେକ ଜମିରେ ଘର ନିର୍ମାଣ ହୋଇଥିବାବେଳେ ଅନେକ ବେସରକାରୀ ଜମି ଖାଲି ପଡ଼ିଛି। ବେସରକାରୀ ଜମି କିଣିଥିବା ମାଲିକମାନେ ନିଜ ନିଜର ପ୍ଲଟକୁ ପାଚେରି କରି ଦଖଲରେ ରଖିବା ସହିତ ଖଜଣା ମଧ୍ୟ ଦେଉଛନ୍ତି। ରାଜଧାନୀ ବାହାରର ଅନେକ ଲୋକ ସେହି ଅଞ୍ଚଳରେ ଜମି କିଣିଥିବାରୁ ମାଫିଆଙ୍କୁ ସହଜ ହେଉଛି। କେବଳ ସରକାରୀ ନୁହେଁ ତାକୁ ଲାଗିକରି ରହିଥିବା ବେସରକାରୀ ଜମିର ପାଚେରିକୁ ଭାଙ୍ଗି ଦେଉଛନ୍ତି। କେଇ ଘଣ୍ଟା ମଧ୍ୟରେ ବେସରକାରୀ ଜମିକୁ ସରକାରୀ ଜମିରେ ମିଶାଇ ଦେଉଛନ୍ତି। ସରକାରୀ ଓ ବେସରକାରୀ ଜମିରେ ରାତାରାତି ଘର ନିର୍ମାଣ କରି ସହଜରେ ଜବରଦଖଲ କରି ନେଉଛନ୍ତି।

## ଶ୍ୟାମପୁର ବୋମାମାଡ଼ ଘଟଣାରେ ୩ ଗିରଫ




ଭୁବନେଶ୍ୱର, ୧୨।୮ (ସମିସ): ଜମି ଦଖଲକୁ ନେଇ ଶ୍ୟାମପୁର ଅଞ୍ଚଳରେ ହୋଇଥିବା ବୋମାମାଡ଼ ଘଟଣାରେ ଉଭୟ ପକ୍ଷରୁ ୩ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ପଣ୍ଡାକୁଦିଆର ପ୍ରଫୁଲ୍ଲ ଦାସ ଓରଫ୍ କାବୁଲି (୩୫), ଅନ୍ଧାରୁଆର ଅମୀୟ ପ୍ରସାଦ ଛୋଟରାୟ ଓରଫ୍ ସିବୁନା (୩୬) ଓ ଭରତପୁରରେ ରହୁଥିବା ବିଜୟ କୁମାର ନାୟକ (୫୦)।

ପୁଲିସ ସୂଚନା ଅନୁସାରେ, ଗତ ରବିବାର ଅନ୍ଧାରୁଆର ଆକାଶ ରାୟ, ସିବୁନା, ବିଜୟ ଓ ଅନ୍ୟ ସହଯୋଗୀମାନେ ମିଶି ଭୂଦାନ ଅଞ୍ଚଳର ଏକ ବେସରକାରୀ ଜମିରେ ପାଚେରି ନିର୍ମାଣ କରୁଥିଲେ। ସେହି ସମୟରେ ବଜରଙ୍ଗୀ କ୍ଲବର ଅନିଲ, ସୁନିଲ, କରୁଣା, ଆଶୁତୋଷ ପାଢ଼ୀ, ଅଜୁ, କାବୁଲି, ରାଜା ସମେତ ୨୦ ଜଣ ସହଯୋଗୀ ଖଣ୍ଡା, କଟୁରି ବୁଲାଇ ଆତଙ୍କ ଖେଳାଇବା ସହ ବୋମାମାଡ଼ କରିଥିଲେ। ଫଳରେ ଆକାଶ ଓ ସହଯୋଗୀମାନେ ମୋଟରସାଇକେଲ ଛାଡ଼ି ପ୍ରାଣ ବଞ୍ଚାଇବା ପାଇଁ ଜଙ୍ଗଲକୁ ପଳାଇଥିଲେ। ଏହା ପରେ ଦୁର୍ବୃତ୍ତମାନେ ୪ଟି ବାଇକ୍ ଭଙ୍ଗାରୁଜା କରିଥିଲେ। ଏହାର କିଛି ସମୟ ପରେ ସିବୁନା, ବିଜୟ ଓ ଅନ୍ୟମାନେ ମିଶି ବଜରଙ୍ଗୀ କ୍ଲବର ସଦସ୍ୟଙ୍କ ବାଇକ୍ ପୋଡ଼ି ଦେଇଥିଲେ। ସେହି ରାସ୍ତାରେ ମାଆଙ୍କୁ ନେଇ ଯାଉଥିବା ମନୁଆ ଦାସଙ୍କ ବାଇକକୁ ମଧ୍ୟ ଜାଳି ଦେଇଥିଲେ। ଏନେଇ ଆକାଶ ଓ ମନୁଆ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁଇଟି ମାମଲା ରୁଜୁ କରିଥିଲା। ଆଜି କାବୁଲି, ସିବୁନା ଓ ବିଜୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ୪ ବ୍ରାଉନ୍‌ସୁଗର ବେପାରୀ ଗିରଫ




ଭୁବନେଶ୍ୱର, ୧୨।୮ (ସମିସ): ବ୍ରାଉନସୁଗର ବିକ୍ରି କରୁଥିବା ଅଭିଯୋଗରେ ୪ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ମମତାଜ୍ ଅଲ୍ଲୀ ହାଇସ୍କୁଲ ନିକଟରେ ରହୁଥିବା ଏମଡି ଜାୱେଦ ଓରଫ୍ ଲାଡେନ (୩୦), ଏସକେ ଅଜୁ (୧୯), ଯଦୁପୁରର ଏସକେ ରାଜୁ (୨୫) ଓ ଶିଖରଚଣ୍ଡୀ ନଗରର ମଣିରୁଲ ମାଲିଦା ଓରଫ୍ ମଣି (୨୮)।

ପୁଲିସ ସୂଚନା ଅନୁସାରେ, ସରକନ୍ତରା ଖଣ୍ଡୁଆଳ ମନ୍ଦିର ନିକଟରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଖଣ୍ଡଗିରି ଥାନା ପୁଲିସ ଖବର ପାଇଥିଲା। ଥାନାର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଚଢ଼ଉ କରି ଲାଡେନ, ଅଜୁ, ରାଜୁ ଓ ମଣିକୁ ଗିରଫ କରିଥିଲା। ଯାଞ୍ଚ ବେଳେ ସେମାନଙ୍କ ଠାରୁ ୫ ଗ୍ରାମ ଲେଖାଏଁ ବ୍ରାଉନସୁଗର ଜବତ ହୋଇଥିଲା। ମୋଟ ୨୦ ଗ୍ରାମ ତଥା ୨ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଥିଲା ପୁଲିସ। ଅଭିଯୁକ୍ତମାନେ ବାଲେଶ୍ୱରରୁ ବ୍ରାଉନସୁଗର ଆଣି ଭୁବନେଶ୍ୱରରେ ବିକ୍ରି କରୁଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରି ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

## ନିବେଶ ଆଳରେ ଦେଢ଼ କୋଟି ଠକେଇ; ଧୂର୍ତ୍ତ ଗିରଫ

ଭୁବନେଶ୍ୱର, ୧୨।୮ (ସମିସ): ଅଧିକ ଲାଭର ଲୋଭ ଦେଖାଇ ଦେଢ଼ କୋଟି ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ବଡ଼ଗଡ଼ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିଜେବି ନଗରରେ ରହୁଥିବା ଅବିନାଶ ସାହୁ ଓରଫ୍ ବୁଲୁ (୪୫)।

ପୁଲିସ ସୂଚନା ଅନୁସାରେ, ୨୦୨୨ ମସିହା ଫେବୃୟାରୀ ମାସରେ ଅଭିଯୋଗକାରୀ ସୁମନ ସ୍ୱାଇଁ ମଧ୍ୟସ୍ଥି ଜତିନ ସାହୁଙ୍କ ମାଧ୍ୟମରେ ଲ୍ୟାଣ୍ଡକ୍ଷସ୍କପ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍ ସହିତ ଏକ ଚୁକ୍ତି କରିଥିଲେ। ଅବିନାଶ ସାହୁଙ୍କ ପତ୍ନୀ ଶିଳ୍ପା ମିଶ୍ର ତତ୍କାଳୀନ ନିର୍ଦ୍ଦେଶକ ଥିଲେ। ମାସକୁ ୭.୫ ଲକ୍ଷ ଓ ୨୦ ପ୍ରତିଶତ ଲାଭର ଲୋଭ ଦେଖାଇଥିଲେ ଦେଢ଼ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ।



ଲୋଭନୀୟ ଅଫରରେ ଫସି ଯାଇଥିଲେ ସୁମନ୍ତ। ଦେଢ଼ କୋଟି ଟଙ୍କା ନିବେଶ କରିବା ସହ ଅତିରିକ୍ତ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପାଇଥିଲେ। ଏଥିସହିତ ଚୁକ୍ତିନାମା ସମୟରେ ଜତିନ୍ ସାହୁ ନଗଦ ୫ ଲକ୍ଷ ଟଙ୍କା ନେଇଥିଲେ।

ହେଲେ ସୁମନ୍ତଙ୍କୁ ଟଙ୍କାଟିଏ ନଦେଇ ଓଲଟି ଦାୟିତ୍ୱ ମୁକ୍ତ କରିଥିଲା। ଏନେଇ ସୁମନ୍ତ ବଡ଼ଗଡ଼ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶିଳ୍ପା ମିଶ୍ର ଲ୍ୟାଣ୍ଡକ୍ଷସ୍କପ୍ ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡର ଅଫିସିଆଲ୍ ନିର୍ଦ୍ଦେଶକ ଥିଲେ ମଧ୍ୟ ତାଙ୍କ ସ୍ୱାମୀ ଅବିନାଶ ସାହୁ କମ୍ପାନୀର ପରିଚାଳନା କରୁଥିଲେ ବୋଲି ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଆଜି ପୁଲିସ ଅବିନାଶକୁ ଗିରଫ କରିଥିଲା। ସୁମନ୍ତଙ୍କ ଠାରୁ ଶିଳ୍ପା ମିଶ୍ରଙ୍କ ସ୍ୱାକ୍ଷରିତ ୭୫ ଲକ୍ଷ ଟଙ୍କାର ଦୁଇଟି ଚେକ୍ ଜବତ କରିଥିଲା।

## ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ୫୦ ଲକ୍ଷର ଚୂନ

ଭୁବନେଶ୍ୱର, ୧୨।୮ (ସମିସ): ଅଧିକ ରିଟର୍ଣ୍ଣର ଲୋଭ ଦେଖାଇ ଅବସରପ୍ରାପ୍ତ ସେନା ଅଧିକାରୀଙ୍କ ଠାରୁ ୫୦ ଲକ୍ଷ ଟଙ୍କା ଠକି ନେଇଥିବା ଧୂର୍ତ୍ତକୁ ଗିରଫ କରିଛି ଖାରବେଳ ନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଏସକେ ମୁସ୍ତାକୁଦ୍ଦିନ (୫୦)।

ପୁଲିସ ସୂଚନା ଅନୁସାରେ, କଟକ ଓଡ଼ିଆ ବଜାରର ମୁସ୍ତାକୁଦ୍ଦିନ ୟୁନିଟ୍ ୧ ଓ ୟୁନିଟ୍ ୪ ଅଞ୍ଚଳରେ ମଟନ ବ୍ୟବସାୟ କରେ। ଅବସରପ୍ରାପ୍ତ ସେନା ଅଧିକାରୀ ବାସେନ୍ଦ୍ର କହଁର ତାଙ୍କ ବନ୍ଧୁ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ହେମନ୍ତ କୁମାର ସାହୁଙ୍କ ମାଧ୍ୟମରେ ମୁସ୍ତାକୁଦ୍ଦିନ ସଂସ୍ପର୍ଶରେ ଆସିଥିଲେ। ମୁସ୍ତାକୁଦ୍ଦିନ ବିଭିନ୍ନ ବ୍ୟବସାୟରେ ନିବେଶ କରିବା ପାଇଁ କିଛି କିଛି ଟଙ୍କା ନେଉଥିଲା ଓ କିଛି ଲାଭାଂଶ ସହ ଫେରାଇ ଦେଉଥିଲା। ଫଳରେ ବାସେନ୍ଦ୍ର ତାକୁ ବିଶ୍ୱାସ କରୁଥିଲେ। ମୁସ୍ତାକୁଦ୍ଦିନ ସାକ୍ଷୀମାନଙ୍କ ଉପସ୍ଥିତିରେ ବାସେନ୍ଦ୍ରଙ୍କ ଠାରୁ ୫୦ ଲକ୍ଷ ଟଙ୍କା ନେଇଥିଲା। ୫ ମାସ ମଧ୍ୟରେ ଟଙ୍କା ଫେରାଇବାକୁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଫୋନ ଉଠାଇ ନ ଥିଲା। ଏନେଇ ବାସେନ୍ଦ୍ର ଖାରବେଳ ନଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା।

ମୁସ୍ତାକୁଦ୍ଦିନ ୫୦ ଲକ୍ଷ ମଧ୍ୟରୁ ମାତ୍ର ୩ ଲକ୍ଷ ୯୦ ହଜାର ଟଙ୍କା ଫେରସ୍ତ କରିଥିଲା। ଆଜି ପୁଲିସ ମାଷ୍ଟର କ୍ୟାଣ୍ଟିନ ଅଞ୍ଚଳରୁ ମୁସ୍ତାକୁଦ୍ଦିନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

● ପାତ୍ରପଡ଼ା ଦୁର୍ଘଟଣାରେ ମା-ଝିଅଙ୍କ ମୃତ୍ୟୁ

## ବାତିଲ୍ ହେବ ଥାର୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ

ଭୁବନେଶ୍ୱର, ୧୨।୮ (ସମିସ): ପାତ୍ରପଡ଼ା ଭି-୨ ନିକଟରେ ମାଆ ଓ ଝିଅଙ୍କ ମୃତ୍ୟୁ ଘଟଣାରେ ଥାର୍ ଗାଡ଼ି ଜବତ ହୋଇଥିଲେ ମଧ୍ୟ ଚାଳକ କି ମାଲିକ ଏପର୍ଯ୍ୟନ୍ତ ଧରାପଡ଼ି ନାହାନ୍ତି। ଏହାରି ଭିତରେ ଗାଡ଼ି ମାଲିକ ସୋମନାଥ ବେହେରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆଉ ପାଦେ ଆଗେଇଛି। ତାଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ୍ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)-୨ ସନତ କୁମାର ଜେନା କହିଛନ୍ତି। ଥାର୍ ଗାଡ଼ି ଧକ୍କାରେ ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବାରୁ ପରିବହନ ବିଭାଗ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ୩ ମାସରୁ ୬ ମାସ ପର୍ଯ୍ୟନ୍ତ ତାଙ୍କ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ କରାଯିବ ବୋଲି ଶ୍ରୀ ଜେନା କହିଛନ୍ତି। ସେପଟେ ଦୁର୍ଘଟଣାକୁ ୪ ଦିନ ବିତି ଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ କାର ଚାଳକକୁ ଗିରଫ କରି ପାରିନାହିଁ।

ଗୃହରକ୍ଷୀ ଡ୍ରାଇଭର ଭାବେ କାମ କରୁଥିବା ଜଙ୍କିଆ ଅଞ୍ଚଳର ମାନସ କୁମାର ରାଉଳ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି। ଗତ ଶନିବାର ଦିନ ତାଙ୍କ ପତ୍ନୀ ରେବତୀ, ଝିଅ ରେଶମା ଓ ପୁଅ ମାହି ରାକ୍ଷୀ ବାନ୍ଧିବାକୁ ପଟିଆ ଯାଇଥିଲେ। ସେଠାରୁ ଫେରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ଏକ ଥାର୍ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୮ ବର୍ଷୀୟା ରେଶମାର ମୃତ୍ୟୁ ଘଟିଥିବା ବେଳେ ମାଆ ଓ ପୁଅକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଗତକାଲି ସକାଳୁ ରେବତୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

## ଅଭିନବ ଉପାୟରେ ବଢୁଛି ଠକେଇ

# ଗ୍ରାହକସେବା କେନ୍ଦ୍ର ଉପରେ ସାଇବର୍ ଠକଙ୍କ ନଜର

ଭୁବନେଶ୍ୱର, ୧୨।୮ (ସମିସ): ରାଜ୍ୟ ସରକାରଙ୍କ ପକ୍ଷରୁ ସାଇବର୍ ଠକେଇ ନେଇ ପ୍ରତିଦିନ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି। ବିଭିନ୍ନ ଗଣମାଧ୍ୟମରେ ମଧ୍ୟ ଏ ନେଇ ଖବର ପ୍ରକାଶ ପାଉଛି। ଏସବୁ ସତ୍ତ୍ୱେ ଠକେଇ କମିବା ବଦଳରେ ବଢ଼ି ବଢ଼ି ଚାଲିଛି। ସାଇବର୍ ଠକମାନେ ଏବେ ଭୁବନେଶ୍ୱର, କଟକ, ରାଉରକେଲା ଭଳି ବଡ଼ବଡ଼ ସ୍ମାର୍ଟ ସିଟି ଅପେକ୍ଷା କୋରାପୁଟର ଗ୍ରାମାଞ୍ଚଳକୁ ଠକେଇର କ୍ଷେତ୍ର ଭାବେ ବାଛି ନେଇଛନ୍ତି। ବିଶେଷକରି ସେଠାକାର ନିରୀହ ଲୋକ ଓ ଗ୍ରାହକସେବା କେନ୍ଦ୍ରକୁ ମୋହରା କରି ଲକ୍ଷ ଲକ୍ଷ ଟଙ୍କା ଠକି ନେଇଛନ୍ତି ସାଇବର୍ ଠକ। ଗତ ସପ୍ତାହରେ କୋରାପୁଟ ଜିଲ୍ଲାରୁ ଏଭଳି ୬ଟି ଗ୍ରାହକ ସେବା କେନ୍ଦ୍ରକୁ ଠାବ କରାଯାଇଥିଲା। ଯେଉଁଠାରେ ସାଇବର୍ ଠକମାନେ ଅଭିନବ ଉପାୟରେ ଗ୍ରାହକସେବା କେନ୍ଦ୍ରକୁ ମୋହରା କରି ପ୍ରାୟ ୩ ଲକ୍ଷ ୩୮ ହଜାର ଟଙ୍କା ଠକିଥିବା ଜଣାପଡ଼ିଥିଲା। ତଦନ୍ତ ବେଳେ ଜଣାପଡ଼ିଥିଲା ଯେ, ଠକମାନେ ବିଭିନ୍ନ ସେବାକେନ୍ଦ୍ରକୁ ଯାଇ ମେଡିକାଲ୍ ମାମଲାରେ ଜରୁରୀ ଟଙ୍କା ଆବଶ୍ୟକ ବୋଲି କହୁଥିଲେ। ଏଥିପାଇଁ ଗ୍ରାହକ ସେବା କେନ୍ଦ୍ରର କ୍ୟୁଆର୍ କୋଡ୍‌କୁ ଫଟୋ ଉଠାଇ ମାଷ୍ଟରମାଇଣ୍ଡ ଠକଙ୍କ ପାଖକୁ ପଠାଉଥିଲେ। ମାଷ୍ଟରମାଇଣ୍ଡ ଏବଂ ଲୋକଙ୍କଠାରୁ ଠକୁଥିବା ଟଙ୍କାକୁ ଗ୍ରାହକ ସେବା କେନ୍ଦ୍ର ମାଲିକଙ୍କ ଆକାଉଣ୍ଟକୁ ଆସୁଥିଲା ଏବଂ ଜରୁରୀ ଆବଶ୍ୟକତା ରହିଛି କହି ସେହି ଟଙ୍କାକୁ ନେଉଥିଲେ।

**ଆକର୍ଷଣୀୟ ଅଫର୍ ଲୋଭ ଦେଖାଇ ଲୁଟୁଛନ୍ତି ଲୁଟେରା**

**ଉପକଣ୍ଠ ଏବଂ ଛୋଟ ସହର ଉପରେ ଲୁଟେରାଙ୍କ ଟାର୍ଗେଟ**



ସେହିଭଳି ରାଜଧାନୀ ସମେତ ରାଜ୍ୟର ଛୋଟମୋଟ ସହରର ଅଭିନବ ଉପାୟରେ କୋଟି କୋଟି ଟଙ୍କା ଠକି ନେଉଛନ୍ତି ସାଇବର୍ ଠକ। ବିଭିନ୍ନ ଦୋକାନକୁ ଯାଇ ପ୍ରଥମେ ଜିନିଷ ମାର୍କେଟିଂ କରୁଛନ୍ତି। ସେହି ଯେତିକି ଟଙ୍କାର ମାର୍କେଟିଂ କରୁଛନ୍ତି ଅନୁଯାୟୀ ନିଜ ମୋବାଇଲରେ ପୂର୍ବରୁ ସ୍କ୍ରିନ୍‌ସର୍ଟ କରି ରଖୁଛନ୍ତି। ଜିନିଷ କିଣିବା ପରେ ମୋବାଇଲ୍‌ର ସ୍କ୍ରିନ୍‌ସର୍ଟକୁ ଦେଖାଇ ଖସି ଯାଉଛନ୍ତି। ଏହିଭଳି ରାଜଧାନୀର ଏକ ମଲ୍‌ରୁ ଗତ କିଛିଦିନ ତଳେ ଠକେଇ ହୋଇଥିବା ଜଣାପଡ଼ିଥିବା ବେଳେ ବାସନ ଦୋକାନରୁ ମଧ୍ୟ ସମାନ ଧରଣେ ଠକେଇ ହୋଇଥିଲା।

ଏବେ ପାର୍ବଣ ଋତୁ ଆରମ୍ଭ ହେବାକୁ ଯାଉଛି। ବିଭିନ୍ନ ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ପକ୍ଷରୁ ଅଫର୍ ବ୍ୟବସ୍ଥା ରହିଛି। ଏସବୁ ଅଫର୍‌କୁ ଦୃଷ୍ଟିରେ ରଖି ସାଇବର୍ ଠକମାନେ ଅଭିନବ ଉପାୟରେ ଠକେଇ ଆରମ୍ଭ କରିଥାନ୍ତି। ବିଶେଷକରି ଏବେଠାରୁ ଲୋକଙ୍କୁ ବିଭିନ୍ନ ଅଫର୍ ପ୍ରଲୋଭନ ଦେଖାଉଛନ୍ତି। ସେହି ଅନୁଯାୟୀ ଖାଇବା ସାମଗ୍ରୀ ଯୋଗାଇବାଠାରୁ ଆରମ୍ଭ କରି କମ୍ ଦାମ୍‌ରେ ପୋଷାକ ଏବଂ ଅନ୍ୟାନ୍ୟ ସାମଗ୍ରୀ ଯୋଗାଇବାର ପ୍ରଲୋଭନ ଦେଖାଉଛନ୍ତି। ଏଥିପାଇଁ ୟୁପିଆଇ ପେମେଣ୍ଟର ବାହାନା ଦେଖାଇ ଆକାଉଣ୍ଟ ଖାଲି କରିବାର ବହୁ ନଜିର୍ ରହିଛି।

ଏହିଭଳି ଏବେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଦୈନିକ ୧୩୦ ଜଣଙ୍କୁ ସାଇବର୍ ଠକମାନେ ଠକେଇ କରୁଥିବା ଜଣାପଡ଼ିଛି। ପୁଲିସ ପକ୍ଷରୁ ମିଳିଥିବା ରିପୋର୍ଟ ମୁତାବକ ଗତ ୪୫ ଦିନ ମଧ୍ୟରେ ୪୬ କୋଟି ଟଙ୍କା ଠକି ନେଇଛନ୍ତି ଏହି ଅଦୃଶ୍ୟ ଠକ। ସେହିପରି ଗତ ସାଢେ ୬ ମାସ ମଧ୍ୟରେ ସାଇବର୍ ଠକମାନେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ୧୯୦ କୋଟି ଟଙ୍କା ଉଡ଼ାଇ ନେଇଛନ୍ତି।

ଏ ନେଇ ବାରମ୍ବାର ସଚେତନତା ସତ୍ତ୍ୱେ ସାଇବର ଠକମାନେ ଭିନ୍ନଭିନ୍ନ ଉପାୟରେ ଠକେଇର ଜାଲ ବିଛାଉଛନ୍ତି। ମୋଟାମୋଟି ବିଚାର କଲେ ପୁଲିସ ଡାଳେଡାଳେ ଗଲେ ସାଇବର ଠକ ପତ୍ରେପତ୍ରେ ଯାଉଛନ୍ତି। ଗୋଟି ଚାଳନା ଆଗରେ ପୁଲିସର ରଣନୀତି ଏକପ୍ରକାର ଫେଲ୍ ମାରୁଛି। ଫଳରେ ରାଜ୍ୟରେ ସାଇବର ଠକେଇ ବଢୁଥିବା ବେଳେ ଗିରଫଦାରୀ ଓ ଟଙ୍କା ଜବତ ହାର ଆଖିଦୃଶିଆ ହେଉନାହିଁ। ଅପରପକ୍ଷେ ଗତ ସାଢେ ୬ ମାସ ମଧ୍ୟରେ ରାଜ୍ୟରୁ ପ୍ରାୟ ୧୯୦ କୋଟି ଟଙ୍କା ଠକେଇ ହୋଇଛି। ଚଳିତବର୍ଷ ଜାନୁୟାରୀରୁ ଜୁଲାଇ ୧୫ ତାରିଖ ମଧ୍ୟରେ ରାଜ୍ୟର ପ୍ରାୟ ୨୫ ହଜାର ଲୋକ ସାଇବର ଠକଙ୍କ ଠକେଇର ଶିକାର ହୋଇଛନ୍ତି। ଅଦୃଶ୍ୟ ଠକ ଗତ ସାଢ଼େ ୬ ମାସ ମଧ୍ୟରେ ୨୫ ହଜାର ୬୨୧ ଲୋକଙ୍କ ଠାରୁ ୧୯୦ କୋଟି ଟଙ୍କା ଠକି ନେଇଛନ୍ତି। ଯଦି ଏଇ ତଥ୍ୟକୁ ହିସାବକୁ ନିଆଯାଏ, ତେବେ ସାଇବର ଠକମାନେ ପ୍ରତିଦିନ ରାଜ୍ୟରୁ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟୁଥିବା କଥା ସ୍ପଷ୍ଟ ହୋଇଛି। ଆଉ ପ୍ରତିଦିନ ପ୍ରାୟ ୧୩୦ରୁ ଅଧିକ ଲୋକ ଠକେଇର ଶିକାର ହେଉଛନ୍ତି। ହେଲେ ସେଥିମଧ୍ୟରୁ ପୁଲିସ ମାତ୍ର ୨୧ କୋଟି ଟଙ୍କା ହୋଲ୍ଡ (ଫ୍ରିଜ୍) କରିଛି। ହେଲେ ତାହା ମୋଟ ଠକେଇ ହୋଇଥିବା ଟଙ୍କାର ୧୧ ପ୍ରତିଶତ।

## ନକଲି ସିଲେଇ ମେସିନ୍ ଜବତ

ଭୁବନେଶ୍ୱର, ୧୨।୮ (ସମିସ): ରାଜଧାନୀରୁ ଠାବ ହୋଇଛି ନକଲି ସିଲେଇ ମେସିନ୍। ଉଷା କମ୍ପାନୀର ଏକାଧିକ ସିଲେଇ ମେସିନ୍ ଜବତ କରିଛି ମଞ୍ଚେଶ୍ୱର ଥାନା ପୁଲିସ। ପୁଲିସ ସୂଚନା ଅନୁସାରେ, ବାପୁଜୀ ନଗରର ଜଣେ ବ୍ୟବସାୟୀ ଲୁଧିଆନାରୁ ଉଷା କମ୍ପାନୀର ସିଲେଇ ମେସିନ୍ ମଗାଇଥିଲେ। ହେଲେ ସେଗୁଡ଼ିକ ନକଲି ବୋଲି ଉଷା କମ୍ପାନୀର ସ୍ଥାନୀୟ ଅଧିକାରୀ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ଅନ୍ୟ କମ୍ପାନୀର ସିଲେଇ ମେସିନରେ ଉଷା କମ୍ପାନୀର ଲୋଗୋ ଲଗାଯାଇ ବିକ୍ରି କରାଯାଉଥିବା ଅଭିଯୋଗରେ ଦର୍ଶାଇଥିଲେ। ଅଭିଯୋଗ ଆଧାରରେ ମଞ୍ଚେଶ୍ୱର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ମଞ୍ଚେଶ୍ୱରସ୍ଥିତ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ ଚଢ଼ଉ କରିଥିଲା ପୁଲିସ। ସେଠାରୁ ୮ଟି ସିଲେଇ ମେସିନ୍ ଜବତ କରିଛି। ସେଗୁଡ଼ିକ ଅସଲି କି ନକଲି ଜାଣିବା ପାଇଁ ଯାଞ୍ଚ କରିବା ସହ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖାଯିବା ବୋଲି ପୁଲିସ କହିଛି।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Financial Results For the Quarter Ended 30th June 2025**
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

# ଗୋଟିଏ ୱାର୍ଡକୁ ଅର୍ଥ, ଅନ୍ୟ ୱାର୍ଡରେ ରାସ୍ତା କାମ

ଭୋଗରାଇ,୧୨।୮ (ସମିସ)



ଗ୍ରାମବାସୀଙ୍କ ଅସନ୍ତୋଷ, ଉଚ୍ଚସ୍ତରୀୟ ତଦନ୍ତ ଦାବି

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଦେଉଳା ପଞ୍ଚାୟତର ବିଭିନ୍ନ ଉନ୍ନୟନ ଯୋଜନାରେ ଆସୁଥିବା ଆର୍ଥିକ ଅନୁଦାନ ବ୍ୟାପକ ବାଟମାରଣା ହେଉଥିବାର ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା ବେଳେ ଗୋଟିଏ ୱାର୍ଡର ରାସ୍ତା କାର୍ଯ୍ୟ ଅନ୍ୟ ୱାର୍ଡ ରେ କାର୍ଯ୍ୟ କରାଯାଉଥିବାରୁ ଗ୍ରାମରେ ଉତ୍ତେଜନା ଲାଗିରହିଛି। ଏପରିକି କାର୍ଯ୍ୟ ହେଉଥିବା କଂକ୍ରିଟ ରାସ୍ତା ସହିତ ଗାର୍ଡୱାଲ କାର୍ଯ୍ୟ ନିମ୍ନ ମାନର ହେଉଥିବାରୁ ଗାଁ ଲୋକେ ମିଳିତ ହୋଇ ନିର୍ମାଣ ହେଉଥିବା ଗାର୍ଡ ୱାଲକୁ ଗତ ରବିବାର ଭାଙ୍ଗି ଦେଇ କାର୍ଯ୍ୟ ବନ୍ଦ କରିଛନ୍ତି। ଏଭଳି ସ୍ଥିତିରେ ଦେଉଳା ପଞ୍ଚାୟତ ଦକ୍ଷିଣ ଦେଉଳା ଗ୍ରାମର ୯ ନଂ ୱାର୍ଡର ଶ୍ୟାମ ପାତ୍ର ଘରଠାରୁ ଚଢେଇ ଗୁଡ଼ିଆ ପଡିଆ ପର୍ଯ୍ୟନ୍ତ ପଞ୍ଚମ ଏସ ଏଫ ସି ଅନୁମୋଦିତ ୨ ଲକ୍ଷ ଟଙ୍କା ବ୍ୟୟରେ ଗାଡ଼ୱାଲ କାର୍ଯ୍ୟ ନିମ୍ନମାନର ହେଉଥିବାରୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। କାର୍ଯ୍ୟ ହେଉଥିବା ସ୍ଥାନରେ ଗ୍ରାମବାସୀ ମିଳିତ ହୋଇ କେତେକ ନିମ୍ନ ମାନର କାର୍ଯ୍ୟକୁ ଭାଙ୍ଗି ଦେଇଛନ୍ତି। ହେଲେ ୧୦ ନଂ ୱାର୍ଡକୁ ଆସିଥିବା ଟଙ୍କା କେମିତି ୯ ନଂ ୱାର୍ଡରେ କାର୍ଯ୍ୟ ହୋଇଛି ବୋଲି ଗ୍ରାମବାସୀ ମାନେ କହିଛନ୍ତି। ଏ ନେଇ କନିଷ୍ଠ ଯନ୍ତ୍ରୀ ପି କେ ବେହେରା କହିଛନ୍ତି, ଗୋଟିଏ ୱାର୍ଡର କାର୍ଯ୍ୟ ଅନ୍ୟ ୱାର୍ଡରେ କାର୍ଯ୍ୟ ହେଲେ ମୁଁ ସେ କାର୍ଯ୍ୟର ବିଲ୍ କରିବି ନାହିଁ।

## ନୂତନ କଲ୍ୟାଣମଣ୍ଡପ କାର୍ଯ୍ୟ ତଦାରଖ

ଜଳେଶ୍ୱର ବ୍ଲକ, ୧୨।୮ (ସମିସ) : ଜଳେଶ୍ୱର ମ୍ୟୁନିସିପାଲିଟି ଅଧୀନ ଶାନ୍ତିଆ ଗ୍ରାମରେ ଚାଲିଥିବା ନୂତନ କଲ୍ୟାଣ ମଣ୍ଡପ କାର୍ଯ୍ୟ ତଦାରଖ କଲେ ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର ଓ ଜଳେଶ୍ୱର ପୌରପରିଷଦର ନଗରପାଳ ପ୍ରତାପ କୁମାର ପ୍ରଧାନ। ଏଥିସହିତ ଗ୍ରାମର ଜଗନ୍ନାଥ ମନ୍ଦିରର କାର୍ଯ୍ୟ ପୂର୍ଣାଙ୍ଗ କରିବା ପାଇଁ ବିଧାୟକଙ୍କ ପାଣ୍ଠିରୁ ୪ ଲକ୍ଷ ଟଙ୍କା, ଭାଗବତ ଟୁଙ୍ଗିକୁ ୨ ଲକ୍ଷ ଟଙ୍କା ମଞ୍ଜୁର କରିବା ସହିତ ଶାନ୍ତିଆ ଗ୍ରାମରୁ ୬୦ ନମ୍ବର ଜାତୀୟ ରାଜପଥକୁ ଗ୍ରାମବାସୀଙ୍କ ଦ୍ୱାରା ନିର୍ମାଣ ହୋଇଥିବା ରାସ୍ତାର ମରାମତି ପାଇଁ ପୂର୍ବରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା। ଉକ୍ତ ରାସ୍ତା ମରାମତି ପାଇଁ ଅର୍ଥ ମଞ୍ଜୁର କରିବେ ବୋଲି ବିଧାୟକ ଘୋଷଣା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

ଜଳେଶ୍ୱର,୧୨।୮ (ସମିସ): ଜଳେଶ୍ୱର ବଡ଼ ବଜାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମଙ୍ଗଳବାର ସଙ୍କୁଳ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ବୈଧିକ ମଣ୍ଡପରେ ଆୟୋଜିତ ବିଜ୍ଞାନ ସମ୍ବନ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସଭାପତି ଶଶିକାନ୍ତ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ରାଧା ରଞ୍ଜନ ବାଗ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ଜିଲ୍ଲା ବିଜ୍ଞାନ ସଂଯୋଜକ ହରମୋହନ ମହାନ୍ତ ଯୋଗଦେଇ ଶିକ୍ଷାର୍ଥୀଙ୍କ ସୁପ୍ତ ଚିନ୍ତାଧାରା ପ୍ରକଳ୍ପ ମାଧ୍ୟମରେ ପ୍ରତିଫଳନ ହେବା ସହ ଭବିଷ୍ୟତ ଦେଶହିତରେ ଲାଗିଥାଏ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ସଙ୍କୁଳ ପ୍ରମୁଖ ଶରତ କୁମାର ପରିଡା, ସମ୍ମାନୀତ ଅତିଥି ଭାବେ ଶିକ୍ଷାବିତ୍ ଅଜିତ୍ କୁମାର ମହାନ୍ତି,ସଙ୍କୁଳ ସଂଯୋଜକ ରବିନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ଭାସ୍କର ସ୍ୱାଇଁ ଯୋଗଦେଇ ନୂତନ ଉଦ୍ଭାବନ ଜନ କଲ୍ୟାଣରେ ଉପଯୋଗ ସମ୍ପର୍କରେ ସାରଗର୍ଭକ ଭାଷଣ ରଖିଥିଲେ। ୧୫ଟି ବିଦ୍ୟାମନ୍ଦିରର ୨୫୯ ଛାତ୍ରଛାତ୍ରୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ମୋଟ ସୁସଜ୍ଜିତ ୭୦ଟି ପ୍ରକଳ୍ପ ପ୍ରଦର୍ଶନୀରେ ସ୍ଥାନ ପାଇଥିଲା। ବିଜ୍ଞାନ ଶିକ୍ଷକ ଦେବୀଦତ୍ତ ବାରିକ୍, ହରିପଦ ସିଂ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ



ମୁରଲୀ ମୋହନ୍ ପ୍ରଧାନ, ଗୌରୀ ଶଙ୍କର ପରିଡ଼ା ପ୍ରମୁଖ ଶିକ୍ଷକ ପ୍ରକଳ୍ପ ମୂଲ୍ୟାଙ୍କନ ଓ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଳ ସଂରକ୍ଷଣ, ଟ୍ରାଫିକ ପରିଚାଳନା, ପୁଷ୍ଟିକର ଖାଦ୍ୟ ପଦାର୍ଥ, ବିଶ୍ୱ ତାପାୟନ, ଜଳବାୟୁ ପରିବର୍ତ୍ତନ, ଶକ୍ତି ସଂରକ୍ଷଣ, ପରିବେଶ ସୁରକ୍ଷା, ଜୀବ ଓ ଉଭିଦ ଜଗତ ସମ୍ପର୍କିତ ବହୁ ସୁଦୃଶ୍ୟ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟର ଗୁରୁ ମାଁ ଦେବୀରାଣୀ ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ଉପସଭାପତି ରାଜେନ୍ଦ୍ର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୀନକୃଷ୍ଣ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ଜଳେଶ୍ୱର, ୧୨।୮ (ସମିସ): ବିକଶିତ ଭାରତ ନିମନ୍ତେ ଜାତୀୟ ଶିକ୍ଷାନୀତି ୨୦୨୦ ଶିର୍ଷକ ଏକ ସେମିନାର ଜଳେଶ୍ୱରସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟ ର ଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷ ସୁକାନ୍ତ ଦାସ ସଭାପତିତ୍ୱ କରିଥିବାବେଳେ ଅଧ୍ୟାପକ ଡ. ସୁଶାନ୍ତ କୁମାର ଗିରି ଅତିଥି ପରିଚୟ ଓ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଏଥିରେ ଅବସରପ୍ରାପ୍ତ ଧ୍ୟାପକ ପ୍ରଦୀପ ବ୍ରହ୍ମ ଆଲୋଚକ ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ୨୦୨୦ କିପରି ବିକଶିତ ଭାରତ ଗଠନରେ ସହାୟକ ହୋଇପାରିବ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଅଧ୍ୟାପକ ଡ଼. ବିଜୟ କୁମାର ମଲ୍ଲିକଙ୍କୁ ବିଦାୟ ସମ୍ବର୍ଦ୍ଧନା ଏବଂ ପ୍ରାଧ୍ୟାପକ ସୁଶାନ୍ତ କୁମାର ସାହୁ ତଥା +୩ ପ୍ରଥମ ବର୍ଷର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ପ୍ରାଧ୍ୟାପକ ଡ. ଚିତ୍ତରଞ୍ଜନ ଭଞ୍ଜ ଏବଂ ଅଧ୍ୟାପକ ଲିପକ ପ୍ରଧାନ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ଛାତ୍ରଛାତ୍ରୀ ପରିଚଳନାରେ ସହଯୋଗ କରିଥିଲେ।

## ପଞ୍ଚ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଭୋଗରାଇ, ୧୨।୮ (ସମିସ) : ଭୋଗରାଇ ବ୍ଲକ ମଦାରସାହି ପଞ୍ଚାୟତ ଅଧୀନ କାଳାହି ଗ୍ରାମରେ ଥିବା କାଳାହି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚ ମହାପୁରୁଷ ଜାତିର ପିତା ମହା ଗାନ୍ଧୀ, ପଣ୍ଡିତ ଜବାହରଲାଲ ନେହେରୁ, ଉତ୍କଳମଣି ଗୋପବନ୍ଧୁ ଦାସ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୁଦନ ଦାସଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ ହୋଇଯାଇଛି। ଏହି ପ୍ରତିମୂର୍ତ୍ତି ଗୁଡିକ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଲକ୍ଷ୍ମୀନାରାୟଣ ଶତପଥୀ ଦାନ କରିଥିଲେ। ପରେ ବିଦ୍ୟାଳୟ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ଗୌତମ କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭୋଗରାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ମୁଖ୍ୟ ବକ୍ତା ମଦାରସାହି ପଞ୍ଚାୟତର



ସରପଞ୍ଚ ମମତା ସାହୁ, ସମ୍ମାନିତ ଅତିଥି ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ସାହୁ, ସମ୍ମାନିତ ବକ୍ତା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ବଂଶୀଧର ମହାନ୍ତି, ସୁଧାଂଶୁ ଶେଖର ଦତ୍ତ, ପୂର୍ବତନ ସିଆରସିସି ବେନୁଚରଣ ଜେନା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ପ୍ରଦୀପ କୁମାର ମହାନ୍ତି, ଶିକ୍ଷକ ଲଲାଟେନ୍ଦୁ ଗିରି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ପାଠପଢ଼ିବା ସହିତ ଭଲ ମଣିଷ ହେବା ପାଇଁ ପରାମର୍ଶ ଦେଇଥିଲେ ଏବଂ ପଞ୍ଚ ମହାପୁରୁଷଙ୍କ ଜୀବନୀ ଓ ନୀତିବାଣୀ ବାବଦରେ ବଖାଣି ଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଅରୁଣ ଜେନା, ଜୟନ୍ତୀ କରଣ, ସରସ୍ୱତୀ ମଣ୍ଡଳ, ପ୍ରାକ୍ତନ ଛାତ୍ର ହରିପଦ ସାହୁ ସହଯୋଗ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅନୁପମା ଦାସ ଅତିଥି ପରିଚୟ ଏବଂ ଶେଷରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ସରସ୍ୱତୀ ମଣ୍ଡଳ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୀମେଶ୍ୱର ମହାଦେବଙ୍କ ବାର୍ଷିକ ଅନାବୃଷ୍ଟି ଯଜ୍ଞ

ବାଲେଶ୍ୱର,୧୨।୮ (ସମିସ): ରେମୁଣା ବ୍ଲକ ପତ୍ରୀପାଳ ପଂଚାୟତ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ବାବା ଭୀମେଶ୍ୱର ମହାଦେବଙ୍କ ବାର୍ଷିକ ଅନାବୃଷ୍ଟି ଯଜ୍ଞ ଉତ୍ସବ ଭୀମେଶ୍ୱର ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶହ ଶହ ମାନସିକଧାରୀ ସୋନ ନଦୀରୁ ଜଳ ଭାର ଧରି ପ୍ରାତଃ ସମୟଠାରୁ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଏହି ପ୍ରସିଦ୍ଧ ଶୈବପୀଠରେ ପ୍ରତିବର୍ଷ ବର୍ଷା ପାଇଁ ଅନାବୃଷ୍ଟି ଯଜ୍ଞ କରାଗଲେ ଭଲ ବର୍ଷା ହୋଇଥାଏ ବୋଲି ଅଞ୍ଚଳବାସୀଙ୍କ ବିଶ୍ୱାସ ରହିଛି। ଶିବ ପୂଜକ ଦୀନବନ୍ଧୁ ପାଣିଗ୍ରାହୀ, ସହାୟକ ପ୍ରବୀର ପାଣିଗ୍ରାହୀ, ପୁସ୍ତକାଚାର୍ଯ୍ୟ ଆଦିତ୍ୟ କୁମାର ଆଚାର୍ଯ୍ୟ, ଯଜ୍ଞାଚାର୍ଯ୍ୟ ପଣ୍ଡିତ କାଶୀନାଥ ମହାପାତ୍ର, ଯଜ୍ଞ ପୁସ୍ତକାଚାର୍ଯ୍ୟ ସୁଧାଂଶୁ ଶେଖର ଷଡ଼ଙ୍ଗୀ, ଚଣ୍ଡୀ ପାଠକ ଅକ୍ଷୟ କୁମାର ପଣ୍ଡା, ଆଦ୍ୟାକାଣ୍ଡ ପାଠକ ପ୍ରଫୁଲ୍ଲ ନାରାୟଣ ଆଚାର୍ଯ୍ୟ, ବସନ୍ତ କୁମାର ପଣ୍ଡା, ଚାରୁଚନ୍ଦ୍ର ମହାପାତ୍ର ପ୍ରମୁଖ ପାଠ କରିଥିବାବେଳେ ରତିକାନ୍ତ ବରଜ ଓ ତାଙ୍କ ପତ୍ନୀ ଯଜ୍ଞକର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ପରିଷଦର ସଭାପତି ପ୍ରଭାତ ବିଶ୍ୱାଳ, ସମ୍ପାଦକ ଡ. ରତ୍ନାକର ସିଂହ, କାର୍ଯ୍ୟକାରୀ ସଭାପତି ଅଜୟ କୁମାର ମହାଳିକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଘରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ନୀଳଗିରି, ୧୨।୮ (ସମିସ): ପରିବାର ଲୋକଙ୍କ ଅନୁପସ୍ଥିତିରେ କଳା କନା ବୁଲାଇଲେ ଚୋର। ନୀଳଗିରି ଥାନା ଅନ୍ତର୍ଗତ ସଜନାଗଡ଼ ଗ୍ରାମର ରତ୍ନାକର ବାରିକ (୬୦) ଗତ ୧୧ ତାରିଖ ପ୍ରାୟ ରାତି ୮ଟାରେ ନୂଆ ଘରେ ତାଲା ପକାଇ ନିକଟ ପୁରୁଣା ଘରକୁ ରାତ୍ରି ଭୋଜନ ପାଇଁ ଯାଇଥିଲେ। ପ୍ରାୟ ଏକ ଘଣ୍ଟା ପରେ ନୂଆ ଘରକୁ ଫେରିବା ବେଳକୁ ଘର ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରକୁ ଯିବା ପରେ ଗଡ଼ରେଜ ଭଙ୍ଗା ଯାଇ ନଗଦ ୨୦ରୁ୨୨ହଜାର ଟଙ୍କା, ଇନଭର୍ଟର ମେସିନ, ବ୍ୟାଟେରୀ, ଦୁଇ ସେଟ ଡିନର ସେଟ, ଗ୍ରାଇଣ୍ଡର ମେସିନ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ନୀଳଗିରି ପୁଲିସକୁ ଖବର ଦେବା ପରେ ପ୍ରାୟ ରାତି ୧୧ ବେଳେ ଘଟଣା ସ୍ଥଳରେ ପୁଲିସ ପହଞ୍ଚି ଘଟଣା ବାବଦରେ ଅବଗତ ହୋଇଥିଲେ। ଏ ନେଇ ଆଜି ରତ୍ନାକର ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

## ପୂର୍ବତନ ବିଧାୟକ ଶଶିକାନ୍ତ ଭଞ୍ଜଙ୍କ ୧୦୫ତମ ଜୟନ୍ତୀ

ଚନ୍ଦନେଶ୍ୱର, ୧୨।୮ (ସମିସ): ଭୋଗରାଇର ପ୍ରଥମ ବିଧାୟକ ଦିବଙ୍ଗତ ଶଶିକାନ୍ତ ଭଞ୍ଜଙ୍କ ୧୦୫ତମ ଜୟନ୍ତୀ ଶ୍ରଦ୍ଧାପୁର ଠାରେ ପାଳିତ ହୋଇଯାଇଛି। ଶ୍ରଦ୍ଧାପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ସ୍ୱର୍ଗତ ଭଞ୍ଜଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ଆୟୋଜିତ ସଭାକୁ ପୂର୍ବତନ ସମିତି ସଭ୍ୟ ସୁଶାନ୍ତ ନାୟକ ସଂଚାଳନ କରିଥିଲେ। ଏହି ସଭାରେ ଭୋଗରାଇର ପ୍ରାକ୍ତନ ବିଧାୟକ ସୁଶାନ୍ତ କୁମାର ଚାନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦେଇ ଦିବଙ୍ଗତ ଶଶିକାନ୍ତ ଭଞ୍ଜଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସମିତି ସଭ୍ୟାଙ୍କ ପ୍ରତିନିଧି ଗୌରହରି ମଣ୍ଡଳ, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉଦୟ ହରି ନାୟକ, ସିଆରସିସି



ଦେବ କୁମାର ପାତ୍ର, ବ୍ରଜକିଶୋର ପାତ୍ର, କାର୍ତ୍ତିକ ଦେ, କବିତା ମହାକୁଡ଼, ଚନ୍ଦନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ ଯେ, ଶ୍ରଦ୍ଧାପୁର ପଞ୍ଚାୟତ ଅଧୀନ ସରବଣୀ ଗ୍ରାମରେ ଜନ୍ମିତ ଶଶିକାନ୍ତ ଭଞ୍ଜ ସ୍ୱାଧୀନତା ପରବର୍ତ୍ତୀ ପ୍ରଥମ ସାଧାରଣ ନିର୍ବାଚନରେ ସ୍ୱାଧୀନ ଭାବରେ ଲଢ଼ି ଭୋଗରାଇର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ। ଛାତ୍ର ଜୀବନରୁ ସାଧାରଣ ଜନତାଙ୍କ ସେବାରେ ନିଜକୁ ନିୟୋଜିତ କରିଆସିଥିଲେ। ଶଶୀବାବୁ ରେଭେନ୍ସା କଲେଜର ଛାତ୍ର ଥିବାବେଳେ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଭାବରେ ଯୋଗଦାନ କରିଥଲେ। ରାଜନୀତିରୁ ଅବସର ନେବାପରେ ଜଣେ ସରକାରୀ ଓକିଲ ଭାବେ ସେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ୧୯୯୦ ମସିହାରେ ତାଙ୍କର ତିରୋଧାନ ଘଟିଥିଲା।

## ସାଇକଲ ଓ ବାଇକ ଧକ୍କା, ମହିଳା ଗୁରୁତର

ଜଳେଶ୍ୱର,୧୨।୮ (ସମିସ) : ଜଳେଶ୍ୱର ବ୍ଲକ୍ ରାଇବଣିଆ ଥାନା ଅଧୀନସ୍ଥ କାଳିକ ପଞ୍ଚାୟତର ଗହିରାବନ୍ଧ ଗ୍ରାମର ଗୌରୀ ପଟ୍ଟନାୟକ ତାଙ୍କ ଘରୁ ଉଦୁଆ ପାଣି ପଂଚାୟତ ହାଉସକୁ ପାଣି ଛାଡ଼ିବା ପାଇଁ ଯିବା ସମୟରେ ତାରିଣୀ ମନ୍ଦିର ନିକଟରେ ଜଳେଶ୍ୱର ପଟୁ କାୟମ ଖାଁ ନାମକ ଯୁବକ ଓଲମରା ଯିବା ସମୟରେ ସାଇକଲକୁ ସାମ୍ନା ପଟୁ ଧକ୍କା ଦେଇଥିଲା। ଫଳରେ ଗୌରୀ ଦୂରକୁ ଛିଟିକି ପଡିଥିଲେ ପାଖରେ ଥିବା ଗ୍ରାମବାସୀ ତାଙ୍କୁ ମୂର୍ଚ୍ଛିତ ଅବସ୍ଥାରେ ଗୌରୀ ଏବଂ ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଗୌରୀ ପଟ୍ଟନାୟକଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଯୁବକ ହାତୀଗଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ଅଛନ୍ତି।

## ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ




ଭୋଗରାଇ,୧୨।୮ (ସମିସ): ଭୋଗରାଇ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ. ଶତୀଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନର ଅଧ୍ୟାପକ ଡ. ନୀଳକଣ୍ଠ ଖଣ୍ଡା ଯୋଗଦେଇ ସଂସ୍କୃତ ଭାଷାର ବୈଜ୍ଞାନିକ ମହନୀୟତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପଣ୍ଡିତ ଗୌରୀଶଙ୍କର ତ୍ରିପାଠୀ ଭାରତୀୟ ଭାଷା ସାହିତ୍ୟ ଉପରେ ସଂସ୍କୃତ ଭାଷାର ପ୍ରଭାବ ସଂକ୍ରାନ୍ତରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପକ ପଦ୍ମଲୋଚନ ପଣ୍ଡା ବେଦପାଠ ଓ ଅଧ୍ୟାପକ ସମୀର ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ପୂର୍ବାହ୍ନରେ ଶତାଧିକ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ଯାଇ ଗ୍ରାମ ପରିକ୍ରମା କରିଥିଲେ।

## ଫୁଲ ତୋଳିବାବେଳେ ଭାଲୁ ଆକ୍ରମଣ, ବର୍ତ୍ତିଲେ ବୃଦ୍ଧ

ନୀଳଗିରି, ୧୨।୮ (ସମିସ): ସକାଳେ ଫୁଲ ତୋଳିବା ସମୟରେ ଭାଲୁ ଆକ୍ରମାଣରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ବୃଦ୍ଧ ଜଣକ। ନୀଳଗିରି ଏନଏସି ୬ ନମ୍ବର ୱାର୍ଡ ନିଜଗଡ଼ ଗ୍ରାମର ରତନ ଦାଶ (୬୫) ରାମବାବୁ ଲୁଗା ଦୋକାନ ପାଖ ଗଳିରେ ସକାଳେ ଫୁଲ ତୋଳିବା ସମୟରେ ଭାଲୁ ହାବୁଡ଼ରେ ପଡ଼ିଥିଲେ। ଭାଲୁଟି ରତନଙ୍କ ଉପରକୁ ଲମ୍ଫ ପ୍ରଦାନ କରି ତଳେ ପକାଇଦେଇଥିଲା। ତାଙ୍କର ବାମ ହାତ, ପିଠିକୁ ନଖରେ ଆକ୍ରମଣ କରିଥିଲା। ରତନଙ୍କ ଚିତ୍କାର ଶୁଣି ପଡୋଶୀ ରୁଣ୍ଡ ହେବାରୁ ଭାଲୁ ତାଙ୍କୁ ଛାଡ଼ି ନିକଟ ସ୍ୱର୍ଣ୍ଣଚୂଡ଼ ଜଙ୍ଗଲ ଆଡ଼କୁ ପଳାଇଥିଲା। ତୁରନ୍ତ ତାଙ୍କୁ ନୀଳଗିରି ମେଡିକାଲକୁ ଅଣାଯାଇ ଚିକିତ୍ସା କରାଯାଉଛି।

## ଧର୍ମାନ୍ତରୀକରଣ ନାଁରେ ଆକ୍ରମଣକୁ ସିପିଏମ୍‌ର ଦୃଢ଼ ନିନ୍ଦା

ଜଳେଶ୍ୱର ବ୍ଲକ, ୧୨।୮ (ସମିସ) : ଧର୍ମାନ୍ତରୀକରଣ ମିଛ ଗୁଜବ ଉଠାଇ ଭିନ୍ନ ସମ୍ପ୍ରଦାୟ ଉପରେ ଆକ୍ରମଣ କରିବା ଏକ ଘୃଣା ଓ ଅସହିଷ୍ଣୁତାର ହୀନ ରାଜନୀତି। ଏହାରି ମାଧ୍ୟମରେ କିଛି ଧର୍ମୀୟ ସଂଗଠନ ସାମ୍ପ୍ରଦାୟିକ ଦଙ୍ଗା ଭିଆଇବାର ଚକ୍ରାନ୍ତ ଚଳାଇଛନ୍ତି ବୋଲି ସିପିଏମ ତରଫରୁ ଅଭିଯୋଗ କରାଯିବା ସହିତ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଅଗଷ୍ଟ ୬ ତାରିଖ ଦିନ ବାଲେଶ୍ୱର ଜିଲ୍ଲା ଗଙ୍ଗାଧରପୁର ଆଦିବାସୀ ସାହିରେ ଏକ ଶ୍ରାଦ୍ଧବାର୍ଷିକୀରେ ପ୍ରାର୍ଥନା ସଭା ସାରି ଫେରୁବା ବାଟରେ କେତେଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଘଟଣାର ସବିଶେଷ ତଥ୍ୟ ସଂଗ୍ରହ କରିବା ପାଇଁ ପାର୍ଟିର ବାଲେଶ୍ୱର ଜିଲ୍ଲା କମିଟି ନେତୃତ୍ୱରେ ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି, ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି, ରାଜପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଦିଲ୍ଲୀପ ପରିଡ଼ା, କୃଷକ ନେତା ରବିନ୍ଦ୍ର କୁମାର ବାରିକ, ଜୀବନ ପରିଡ଼ା, ଶ୍ରମିକ ନେତା ପଲ୍ଟୁ ଦାସଙ୍କୁ ନେଇ ଗଠିତ ଏକ ପ୍ରତିନିଧି ଦଳ ଘଟଣାସ୍ଥଳକୁ ଯାଇ ଆକ୍ରାନ୍ତ ବ୍ୟକ୍ତି ମାନଙ୍କ ସହିତ ଆଲୋଚନା କରିଥିଲେ। ଦଳ ପକ୍ଷରୁ ଉଦବେଗ ପ୍ରକାଶ କରି କୁହାଯାଇଛି ଓଡ଼ିଶା ଆଜି କେବଳ ଜାତୀୟ ସ୍ତରରେ ନୁହେଁ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ହେଉଛି। ପ୍ରଶାସନ ଚୁପ୍ ନରହି ସଂହତି, ସମ୍ପ୍ରିତି, ଶାନ୍ତି ଓ ଭାଇଚାରା ଫେରାଇ ଆଣିବା ପାଇଁ ଆକ୍ରମଣକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଦୋଷୀଙ୍କୁ ତୁରନ୍ତ ଗିରଫ କରୁ, ପୀଡ଼ିତା ମାନଙ୍କ ଠାରୁ ଛଡ଼ାଇ ନେଉଥିବା ମୋବାଇଲ ଓ ଅନ୍ୟାନ୍ୟ ଜିନିଷ ଫେରାଇବାର ବ୍ୟବସ୍ଥା କରୁ, ଏଥି ସହିତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିବା ପାର୍ଟିର ବାଲେଶ୍ୱର ଜିଲ୍ଲା ସମ୍ପାଦକ ଶିଶିର ହୁଇ, ରାଜ୍ୟ କମିଟି ସଭ୍ୟ ସୀତାଂଶୁ ସେନାପତି, ଜିଲ୍ଲା କମିଟି ସଦସ୍ୟ ଦିଲ୍ଲୀପ କୁମାର ଗିରି, ଆଞ୍ଚଳିକ କମିଟି ସମ୍ପାଦକ ଅକ୍ଷୟ କୁମାର ମିଶ୍ର, କୃଷକ ନେତା ଜୀବନ ପରିଡ଼ା, ଶ୍ରମିକ ନେତା ପଲ୍ଟୁ ଦାସ ଓ ସୁଶାନ୍ତ ରାଉତ ଦୃଢ଼ ଦାବି କରିଛନ୍ତି।

## ଶିବ ମନ୍ଦିର ସମ୍ମୁଖରୁ ନାଗ ଉଦ୍ଧାର

ନୀଳଗିରି, ୧୨।୮ (ସମିସ): ନୀଳଗିରିସ୍ଥିତ ବାବା ବୈଦ୍ୟନାଥ ଶିବ ମନ୍ଦିର ସମ୍ମୁଖ ରେ ଥିବା ସୂର୍ଯ୍ୟନାରାୟଣ ଷଡଙ୍ଗୀଙ୍କ ଘର ସାମ୍ନାରୁ ଏକ ୪ ଫୁଟ ଲମ୍ବର ନାଗ ସାପ ଉଦ୍ଧାର କରାଯାଇଛି। ସାପଟିକୁ ଶ୍ରୀ ଷଡ଼ଙ୍ଗୀଙ୍କ ପରିବାର ଲୋକ ଘର ସମ୍ମୁଖରେ ଦେଖିବାକୁ ପାଇ ତୁରନ୍ତ ସ୍ନେକ୍ ହେଲ୍ପଲାଇନକୁ ଖବର ଦେଇଥିଲେ। ସ୍ନେକ୍ ହେଲ୍ପଲାଇନ ସଦସ୍ୟ ହରେକୃଷ୍ଣ ରାଉତ ଘଟଣା ସ୍ଥଳରେ ପହଞ୍ଚି ସାପଟିକୁ ସୁରକ୍ଷିତ ଭାବେ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଦେଇଛନ୍ତି।



● ଭୋଗରାଇ ଉପନିବନ୍ଧକଙ୍କ ମନମୁଖୀ କାର୍ଯ୍ୟ

## ମୋହରୀର ସଂଘର ବିକ୍ଷୋଭ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ



ଭୋଗରାଇ, ୧୨।୮ (ସମିସ): ଭୋଗରାଇ ଉପନିବନ୍ଧକ କାର୍ଯ୍ୟାଳୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ମନମୁଖୀ କାର୍ଯ୍ୟ ଓ ୧୧ ଦଫା ଦାବି ନେଇ ମୋହରିର ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ପ୍ରଦୀପ କୁମାର ନାୟକଙ୍କ ନେତୃତ୍ୱରେ ସମସ୍ତ ମୋହରର ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୧ ଦଫା ଦାବି ଗୁଡିକ ମଧ୍ୟରେ ସ୍ଥାୟୀ ସବରେଜିଷ୍ଟ୍ରାଙ୍କ ନିଯୁକ୍ତି, ପାର୍ଟ ପ୍ଲଟ ରେଜେଷ୍ଟ୍ରୀ କରିବା, ଅବିଭକ୍ତ ସମ୍ପତ୍ତି ହସ୍ତାନ୍ତର କରିବା, ଉତ୍ତରାଧିକାରୀ ସାର୍ଟିଫିକେଟକୁ ଜୀବିତ ଥିବା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା, ଜାତି ପ୍ରମାଣପତ୍ର ସାରାଜୀବନ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବା, ଦଲିଲରୁ ଦଲିଲ ରେଜିଷ୍ଟ୍ରି କରିବା ଇତ୍ୟାଦିକୁ ନେଇ ସଂଘ ଆନ୍ଦୋଳନରେ ବସିଛନ୍ତି। ସଂଗ୍ରାମ ପାତ୍ର, ଶଶାଙ୍କ ଶେଖର ନାୟକ, ମାନସ ମହାନ୍ତି, ରାକେଶ ପାତ୍ର, ଗିରିଜା ଶଙ୍କର ମହାନ୍ତି, ବରେନ୍ଦ୍ର ସିଂ ଅଜୟ କର, ଅଞ୍ଜନ ଜେନା, ବିଜୟ ପାଣିଗ୍ରାହୀ, ଦିଲ୍ଲୀପ ଦେବ, ସୁଧାଂଶୁ ପାତ୍ର, ମାନସ ଗାଙ୍ଗୁଲି ପ୍ରମୁଖଙ୍କ ସହ ଅନ୍ୟମାନେ ଏହି ଆନ୍ଦୋଳନରେ ସାମିଲ ଥିଲେ।

## ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର: ସ୍ୱଚ୍ଛ ଭାରତ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ

କାଳିପଦା, ୧୨।୮ (ସମିସ)

ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏବେ ସ୍ୱଚ୍ଛ ଭାରତ ଓ ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। ଚାରିଆଡେ କୁଡ଼ କୁଡ଼ ମଇଳା ସାଙ୍ଗକୁ ଅନାବନା ବୃକ୍ଷ ଲତାରେ ପରିସରଟି ପୂରି ଯାଇଛି କହିଲେ ଚଳେ। ଡ୍ରେନ ମଧ ସଫା ହେଉନାହିଁ। ସ୍ୱାସ୍ଥ୍ୟକେନ୍ଦ୍ର ଉତ୍ତମ ପରିବେଶ ଓ ଉତ୍ତମ ପରିମଳ ପାଇଁ ଲୋକଙ୍କୁ ସଚେତନ କରୁଥିବା ବେଳେ ନିଜ ପରିବେଶ ସ୍ୱଚ୍ଛ ଓ ପରିଷ୍କାର ନ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରୋଗୀମାନେ ମଧ ଅସନ୍ତୋଷ ପ୍ରକାଶ କରିଛନ୍ତି। ଡେଙ୍ଗୁ, ଫାଇଲେରିଆ, କୁଷ୍ଠ ଆଦି ରୋଗର



ନିରାକରଣ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ର ତତ୍ପରତା ପ୍ରକାଶ କରୁଥିବା ବେଳେ ହସ୍ପିଟାଲ ଭିତରେ ଅପରିଷ୍କାର ଓ ଅପରିଚ୍ଛନ୍ନତା ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ? ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ କେତେକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର କାୟା କଳ୍ପ ପୁରସ୍କାର ପାଉଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକର ଏପରି ଅବସ୍ଥା ଦେଖି ସାଧାରଣ ଲୋକ ଆଶ୍ଚର୍ଯ୍ୟପ୍ରକଟ କରିଛନ୍ତି। ଡ୍ରେନ ସବୁ ଅଳିଆ ଆବର୍ଜନାରେ ପୂରି ଯାଇଛି। ବ୍ଲିଚିଙ୍ଗ ପାଉଡର, ଫିନାଇଲ, ଚୂନ ଆଦି ପକା ଯାଉ ନାହିଁ। ଏହି ସ୍ୱାସ୍ଥ୍ୟ କେନ୍ଦ୍ର ଉପରେ ବାଲିଆପାଳ ବ୍ଲକ ସମେତ ଜଳେଶ୍ୱର, ଭୋଗରାଇ ଏପରିକି ପଶ୍ଚିମ ବଙ୍ଗର ଲୋକ ମାନେ ନିର୍ଭର କରନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଅନା ବନା ବୃକ୍ଷ ଲତାରେ ପୂରି ଯାଇଥିବାରୁ ସନ୍ଧ୍ୟା ହେଲେ ରୋଗୀ ପଦାକୁ ବାହାରିବାକୁ ବିପଦ ମଣୁଛନ୍ତି। ଏଠାକୁ ରୋଗୀ ସହିତ ଆସିଥିବା ଲୋକ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସାପ କାମୁଡ଼ିବାର ଭୟ ଅଛି ବୋଲି କହିଛନ୍ତି। ସ୍ୱାସ୍ଥ୍ୟ କେନ୍ଦ୍ର ଇନଚାର୍ଜ ଡାକ୍ତର ପ୍ରୀତମ କୁମାର ସାହୁ ତୁରନ୍ତ ପଦକ୍ଷେପ ନିଅନ୍ତୁ ବୋଲି ବାଲିଆପାଳ ସୂଚନା ଅଧିକାର ଅଭିଯାନର ଅନୁଜ କୁମାର ମହାପାତ୍ର, ଗଗନ କୁମାର ସାହୁ, ସୁନନ୍ଦା ରାଣୀ ଜେନା, ମହେଶ୍ୱର ବେହେରା, ସୁନାମଣୀ ଦତ୍ତ, ମୁକୁନ୍ଦ ମୋରାରୀ ଜେନା, ସୃଷ୍ଟିଧର କୁହ୍ଲାରୀ, ଦୈତାରୀ ଦାସ, କୁମୁଦ ରଞ୍ଜନ ବାରିକ, ସୁମନ କୁମାର ମହୁରୀ ପ୍ରମୁଖ କହିଛନ୍ତି।

# ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣାକୁ ମାସେ ପୂରିଲା

**୬୦ ଜଣଙ୍କୁ ଜେରା, ୪ ଗିରଫ**

ବାଲେଶ୍ୱର, ୧୨।୮ (ସମିସ)

ଗତ ଜୁଲାଇ ୧୨ତାରିଖ ଶନିବାର ଦିନ ପ୍ରାୟ ୧୨ଟା୩୦ରେ ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଘଟିଥିଲା ବଡ଼ ଅଘଟଣ। ବିଏଡ ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଶି ବିଭାଗୀୟ ଏଚଓଡ଼ିଙ୍କ ଦ୍ୱାରା ନିର୍ଯାତିତା ହୋଇ ଶେଷରେ କଲେଜର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପେଟ୍ରୋଲ ଢ଼ାଳି ନିଜ ଦେହରେ ନିଆଁ ଲଗାଇଦେଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବାଲେଶ୍ୱର ଓ ପରେ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୧୪ ତାରିଖରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଏହି ଘଟଣାକୁ ଏକମାସ ପୂରିଛି। ଆଉ ଗିରଫ ହୋଇଛନ୍ତି ମାତ୍ର ଚାରିଜଣ। ସହଦେବଖୁଣ୍ଟା ପୁଲିସ କଲେଜ ଅଧ୍ୟକ୍ଷ ଦିଲ୍ଲୀପ କୁମାର ଘୋଷ ଏବଂ ଏଚଓଡ଼ି ସମୀର ସାହୁକୁ ଗିରଫ କରିଥିବା ବେଳେ କ୍ରାଇମବ୍ରାଂଚ ଏବିଭିପିର ଛାତ୍ର ନେତା ତଥା ଜଣେ ଛାତ୍ର ଓ ଜଣେ ପୂର୍ବତନ ଛାତ୍ରକୁ ଗିରଫ କରି ରହିଯାଇଛି।

ଛାତ୍ରୀ ଜଣଙ୍କ ଆତ୍ମହତ୍ୟା କରିବା ପରଠାରୁ କ୍ରାଇମବ୍ରାଞ୍ଚ ଟିମ ଏହି ଘଟଣାରେ ଆଜି ପର୍ଯ୍ୟନ୍ତ ତଦନ୍ତ କରୁଥିବା ବେଳେ ପାଖାପାଖି ୬୦ରୁ ଅଧିକ ଯାହାକି କଲେଜ କର୍ମଚାରୀ, ସିକ୍ୟୁରିଟି ଗାର୍ଡ, ଛାତ୍ରଛାତ୍ରୀ ଆଦିଙ୍କୁ ବିଭିନ୍ନ ଦିଗ ଉପରେ ପଚରା ଉଚରା କରିଥିଲା। ଏହାରି ମଧ୍ୟରେ ଛାତ୍ରୀଙ୍କ ମୃତ୍ୟୁମୁଖକୁ ଠେଲିଦେବା ପାଇଁ ପରୋକ୍ଷରେ ପ୍ରବର୍ତ୍ତାଇଥିବାରୁ ଦୁଇ ଜଣ ଛାତ୍ରକୁ ମଧ୍ୟ ବାନ୍ଧିଛି। ଏହାସହ ଏହି ଘଟଣାରେ ଉଚ୍ଚ ଶିକ୍ଷା ବିଭାଗର ଏକ ଟିମ୍ ସାଙ୍ଗକୁ ୟୁଜିସିର ଏକ ଉଚ୍ଚସ୍ତରୀୟ ଟିମ ଫକୀରମୋହନ କଲେଜକୁ ଆସି ତଦନ୍ତ ମଧ୍ୟ କରିଛନ୍ତି। ହେଲେ ଏହି ଘଟଣାକୁ ଏକ ମାସ ପୁରି ଯାଇଥିବା ବେଳେ ନା ଉଚ୍ଚ ଶିକ୍ଷା ବିଭାଗ କରିଥିବା ତଦନ୍ତର କୌଣସି ରିପୋର୍ଟ ଆସିଲା ନାଁ ୟୁଜିସି କରିଥିବା ତଦନ୍ତର କୌଣସି ରିପୋର୍ଟ ଆସିଲା। ଏପରିକି ୟୁଜିସି ପକ୍ଷରୁ ଜାରି ହୋଇଥିବା ଚିଟିରେ ସ୍ପଷ୍ଟ ଉଲ୍ଲେଖ ରହିଥିଲା ଯେ ତଦନ୍ତକାରୀ ଟିମ୍ ଗଠନ ହେବା ଠାରୁ ୧୫ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରାଯିବ। ହେଲେ ଏହି ରିପୋର୍ଟ ଏବେ କୁଆଡେ ଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଲେଜରେ ଗଠିତ ହୋଇଥିବା ଆଇସିସି ରିପୋର୍ଟ ବେଶ ବିବାଦୀୟ ହୋଇପଡ଼ିଥିଲା। ତେବେ ଏହି ଆଇସିସି ରିପୋର୍ଟ ପ୍ରସ୍ତୁତ କରୁଥିବା ସଦସ୍ୟଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ବେଳେ ରାଜ୍ୟ ସରକାର କେବଳ ପୂର୍ବତନ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ଏଚଓଡ଼ି ସମୀର ସାହୁଙ୍କୁ ନିଲମ୍ବିତ କରି ଚୁପ ବସିଯାଇଛି। ଅନ୍ୟପଟେ ଦେଖିବାକୁ ଗଲେ ମୃତ ଛାତ୍ରୀ ସୌମ୍ୟାଶ୍ରୀ ସାଂସଦ, ବିଧାୟକଙ୍କୁ ଏହି ଘଟଣା ସମ୍ପର୍କରେ ଜଣାଇଥିବା ବେଳେ କାହିଁକି ସେମାନେ ସଠିକ ସମୟରେ ଏହାର ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ତାହା ଆଜି ବି ଏକ ରହସ୍ୟ ଘେରରେ ରହିଯାଇଛି। ଅନ୍ୟପଟେ କ୍ରାଇମବ୍ରାଂଚ ଦୀର୍ଘ ଏକ ମାସ ଧରି ଏହି ଘଟଣାର ତଦନ୍ତ ଜାରି ରଖିଥିବା ବେଳେ ଏହି ଘଟଣାର ପଛରେ ଥିବା ମାଷ୍ଟର ମାଇଣ୍ଡକୁ କେବେ ଧରିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର

ବାଲେଶ୍ୱର,୧୨।୮ (ସମିସ): ରୋଟାରୀ କ୍ଲବ୍ ଅଫ୍ ବାଲେଶ୍ୱର ପକ୍ଷରୁ ଆଜି ଆନନ୍ଦମାର୍ଗ ସ୍କୁଲ, ଆକିନିଆ, ନିଧିପଣ୍ଡାରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତା ଶିବିର ଆୟୋଜନ କରାଗଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକ, ବିଶେଷତଃ ଗ୍ରାମ୍ୟ ଓ ଦୁରଗାମୀ ଅଞ୍ଚଳର ନାଗରିକମାନେ, ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଶିବିରରେ ଅଭିଜ୍ଞ ଡାକ୍ତରମାନଙ୍କ ଦ୍ୱାରା ରକ୍ତଚାପ, ଚରମ ରୋଗ ଶ୍ୱାସକୋଷ ପରୀକ୍ଷା, ଶାରୀରିକ ସ୍ୱାସ୍ଥ୍ୟ ନିରୀକ୍ଷଣ, ଓ ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଥିଲା। ଆବଶ୍ୟକୀୟ ଔଷଧ ମାଗଣାରେ ବଣ୍ଟନ କରାଗଲା। ରୋଟାରୀ କ୍ଲବ୍‌ର ସଭାପତି ଦେବାଶିଷ ଦାସ କହିଥିଲେ, ଆମର ଲକ୍ଷ୍ୟ କେବଳ




ଚିକିତ୍ସା ପ୍ରଦାନ କରିବା ନୁହେଁ, ବରଂ ଗ୍ରାମ୍ୟ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରିବା ଓ ପ୍ରାଥମିକ ସେବାର ପ୍ରାପ୍ୟତା ବୃଦ୍ଧି କରିବା’। ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଏହି ପ୍ରୟାସକୁ ସ୍ୱାଗତ କରି କହିଥିଲେ, ଗ୍ରାମୀଣ ଅଞ୍ଚଳରେ ଏପରି କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ।

## କଥାକାର ପଦ୍ମଜ ପାଳ ପାଇବେ ‘ଅକ୍ଷର’ କଥା ସମ୍ମାନ

ବାଲେଶ୍ୱର,୧୨।୮ (ସମିସ): ଓଡ଼ିଆ ଉପନ୍ୟାସ ଓ କ୍ଷୁଦ୍ରଗଳ୍ପ ରଚନାରେ ମଗ୍ନ ଓ ଲେଖକ ପାଠକଙ୍କ ମଧ୍ୟରେ ଆଦୃତ କଥାଶିଳ୍ପୀ ଔପନ୍ୟାସିକ ପଦ୍ମଜ ପାଳ ଚଳିତ ବର୍ଷ ପାଇଁ କରାଯାଉଥିବା ‘ଅକ୍ଷର କଥାକାର ସମ୍ମାନ-୨୦୨୫’ ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ସମ୍ମାନ ବାଲେଶ୍ୱରର ଶିକ୍ଷା ଓ ଜ୍ଞାନର ଦିବ୍ୟଦୃଷ୍ଟି ଅନୁଷ୍ଠାନ ପ୍ରଜାପତିର ସାହିତ୍ୟ ଶାଖା ‘ଅକ୍ଷର’ର ଏକ ରାଜ୍ୟସ୍ତରୀୟ ମର୍ଯ୍ୟାଦା ଜନକ ସମ୍ମାନ। ଆସନ୍ତା ଅଗଷ୍ଟ୨୪ତାରିଖ ରବିବାର ସନ୍ଧ୍ୟାରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ହେଉଥିବା ଏକ ମନୋଜ୍ଞ ସାରସ୍ୱତ ସମାବେଶରେ ଔପନ୍ୟାସିକ ପଦ୍ମଜ ପାଳଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ଦୀର୍ଘବର୍ଷର ସାହିତ୍ୟ ସାଧନାରେ ଥାଇ ଔପନ୍ୟାସିକ ପଦ୍ମଜ ପାଳ ଏଯାବତ ୨୧ଟି ଉପନ୍ୟାସ ଓ ୧୩ଟି ଗଳ୍ପ ସଂକଳନ ସାଙ୍ଗକୁ ସାହିତ୍ୟର ଅନ୍ୟାନ୍ୟ ଅଙ୍ଗ କ୍ଷେତ୍ରରେ ନିଜର ଲେଖନୀ ଜାରି ରଖି ଓଡିଆ ଉପନ୍ୟାସ ଓ ଗଳ୍ପ ପିପାସୁ



ପାଠକ ମହଲରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହା ପୂର୍ବରୁ ଏହି ସମ୍ମାନ କଥାଶିଳ୍ପୀ ଆର୍ଯ୍ୟଜଞ୍ଜ ଦତ୍ତ ଓ କଥାଶିଳ୍ପୀ ପ୍ରଦୋଷ ମିଶ୍ର ଗ୍ରହଣ କରିଛନ୍ତି ବୋଲି ପ୍ରଜାପତିର ପ୍ରତିଷ୍ଠାତା କବି ପ୍ରଶାନ୍ତ ଦାସ, ଆବାହକ ବିପ୍ଳବ ଦାସମହାପାତ୍ର ଓ ସମ୍ପାଦକ ରାଜେଶ ଗିରି ଜଣାଇଛନ୍ତି।

## ଜାତୀୟ କୃମିନାଶକ ଦିବସ ପାଳିତ



ବାଲେଶ୍ୱର,୧୨।୮ (ସମିସ): ଫକୀରମୋହନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଜି ୟୁଥ୍ ରେଡକ୍ରସ ତରଫରୁ ଜାତୀୟ କୃମିନାଶକ ଦିବସ ପାଳିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଶିଶୁ ରୋଗ ବିଶେଷଜ୍ଞ ଡ. ମୀନାକ୍ଷୀ ରାଏ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ କୃମି ରୋଗ ଓ ଏହାର ନିରାକରଣ ବିଷୟରେ ବାର୍ତ୍ତା ଦେବା ସହ ଔଷଧର କାର୍ଯ୍ୟକାରିତା ସମ୍ପର୍କରେ ସଚେତନ କରିଥିଲେ। ସଭାର ସଭାପତିତ୍ୱ ଅଧ୍ୟକ୍ଷ ପ୍ରଦୀପ କୁମାର ରଣା କରିଥିବା ବେଳେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ୟୁଥ୍ ରେଡ୍ କ୍ରସ୍ ଶାଖାର ମୁଖ୍ୟ ଅଧ୍ୟାପିକା ଡ. ଅଞ୍ଜନା ବେହେରା କହିଥିଲେ। ମହାବିଦ୍ୟାଳୟ ଉପାଧ୍ୟକ୍ଷ ଡ. ସନ୍ତୋଷ କୁମାର ରାଉତ ଓ ଏକାଡେମିକ ବର୍ଷର ଡ. ସୋନାଲିଶା ମହାନ୍ତି ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ମଞ୍ଚ ପରିଚାଳନା ମହାବିଦ୍ୟାଳୟର ୟୁଥ୍ ରେଡ୍ କ୍ରସ୍ ଶାଖା କାଉନସିଲର ଲକ୍ଷ୍ମୀନାରାଣ ନାୟକ କରିଥିବା ବେଳେ କାଉନସିଲର ଅଧ୍ୟାପକ ରାଜେଶ ଦେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅଧ୍ୟାପକ ସୁଜିତ୍ କୁମାର ଦାସ, କୁଞ୍ଜବିହାରୀ ମହାନ୍ତି, ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବାବେଳେ ଅଧ୍ୟାପିକା ଡ. ବୈଶାଳିନି ପଣ୍ଡା, ମିତାଲି ରାଉତ ରାଏ, ପ୍ରିୟଙ୍କା ପତି, ସୁଶ୍ରୀ ଶ୍ୱେତପଦ୍ମା, ଶୁଭଶ୍ରୀ ସ୍ୱାଇଁ, ବନିତା ମାଝୀ ପ୍ରମୁଖ କାର୍ଯକ୍ରମ ରେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ଆଗାମୀ ସପ୍ତାହରେ ଏହାର ୨ୟ ପାଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ୟୁଥ୍ ରେଡ କ୍ରସ୍ କାଉନସିଲର ଅଧ୍ୟାପକ ପ୍ରଦୀପ କୁମାର ଗଙ୍ଗାଇ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ବିପୁଳ ମଦ ଓ ପୋଚ ଜବତ, ଜଣେ ଗିରଫ

ବାଲେଶ୍ୱର,୧୨।୮ (ସମିସ): ଅବକାରୀ ଉପ ଆୟୁକ୍ତ ତଥା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଆଜି ସଦର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅର୍ନ୍ତଗତ କୁରୁକୁରା ଗ୍ରାମରେ ଚଢ଼ଉ କରାଯାଇଛି। ସେଠାରୁ ୩୪ଶହ ଲିଟର ପୋଚ ସାଙ୍ଗକୁ ୫ଶହ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହାସହ ଜଣେ ବେପୋରୀକୁ ମଧ୍ୟ ଗିରଫ କରାଯାଇଛି। ଗିରଫ ବେପାରୀ ଜଣକ ହେଉଛନ୍ତି କୁରୁକୁରା ଗ୍ରାମର ସୁଶାନ୍ତ ପ୍ରଧାନ(୪୮)। କୁରୁକୁରା ଗ୍ରାମରେ ବ୍ୟପାକ ଭାବେ ଦେଶୀ ମଦ କାରବାର ହେଉଥିବା ଖବର ପାଇ ସଦର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ସଦର ଅବକାରୀ ନିରୀକ୍ଷକ ଦିପ୍ତୀମୟୀ ସାହୁ, ଏସଆଇ ଭକ୍ତ ଚରଣ ସ୍ୱାଇଁ, ଅନିକ କୁମାର ସାଥୁଆ, କବିତା ସେନାପତି, ସେକ କଲିମ, ପଙ୍କଜ ମହାନ୍ତି, ରଶ୍ମୀରେଖା ପାତ୍ର, ସୁବ୍ରତ କୁମାର ଜେନା ସାମିଲ ଥିଲେ।

## ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟରେ ସଂସ୍କୃତ ସପ୍ତାହ




ବାଲେଶ୍ୱର,୧୨।୮ (ସମିସ): ବଲାଙ୍ଗୀ ଡିଗ୍ରୀ ମହାବିଦ୍ୟାଳୟ ସଭାଗୃହରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରତ୍ନାକର ସିଂହଙ୍କ ପୌରହିତ୍ୟରେ ବଲାଙ୍ଗୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ଉଜ୍ଜ୍ୱଳ ନାୟକ ମୁଖ୍ୟ ଅତିଥି ରୂପେ ଯୋଗଦେଇ ସଂସ୍କୃତର ମହତ୍ତ୍ୱ ଆଜିର ସମୟ ପାଇଁ କିଭଳି ପ୍ରାସଙ୍ଗିକ ହୋଇ ଉଠିଛି, ତାହା ବକ୍ତବ୍ୟରେ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ମନୋଜ କୁମାର ନାୟକ ସଂସ୍କୃତର ସୁଦୂର ପ୍ରସାରୀ ପ୍ରଭାବ ଉପରେ ଆଲୋଚନା କରିବା ସଙ୍ଗେସଙ୍ଗେ କେତେକ ଇଂରାଜୀ ଶବ୍ଦ ସଂସ୍କୃତରୁ ଉତ୍ସାରିତ ହୋଇଛି ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଣୀ ବିଜ୍ଞାନ ସମ୍ମାନର ଛାତ୍ରୀ ଫଗୁସ୍ନିଗ୍ଧା ସାହୁ ଓ ଗୃହ ବିଜ୍ଞାନର ଛାତ୍ରୀ ଦେବଶ୍ରୀ ଦାସ ସଂସ୍କୃତ ଶ୍ଳୋକ ଆବୃତ୍ତି କରିଥିଲେ। ଶେଷରେ ପ୍ରହ୍ଲାଦ କୁଅଁର ଧନ୍ୟବାଦ ଅର୍ପଣ କରିଥିଲେ। ନମିତା ଦତ୍ତ, ସୁରୁଚି ମହାନ୍ତି, ଇପ୍ସିତା ପାତ୍ର, ମନସ୍ୱିନୀ ଦାସ, ତନୁଶ୍ରୀ ପୋଥାଲ, ପ୍ରିୟଙ୍କା ପାତ୍ର, ପ୍ରୀତିରେଖା ପାତ୍ର, ସୁରେନ୍ଦ୍ର ପଣ୍ଡା, ବିଶ୍ୱଜିତ ପ୍ରଧାନ ନିର୍ମଳ ରାଉତ, ସନ୍ତୋଷ ପଣ୍ଡା, ହରେକୃଷ୍ଣ ବାରିକ, ସତ୍ୟବ୍ରତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଭୋଟ ଜାଲିଆତି କରି ବିଜେପି ସରକାରକୁ ଆସିଛି: କଂଗ୍ରେସ



ବାଲେଶ୍ୱର,୧୨।୮ (ସମିସ): ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏଥିରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ୨୦୧୪ରେ କେନ୍ଦ୍ରରେ ଶାସନକୁ ବିଜେପି ଆସିବା ପରଠାରୁ ଅନୁଷ୍ଠିତ ବିଭିନ୍ନ ନିର୍ବାଚନର ଫଳାଫଳ ଅତ୍ୟନ୍ତ ଅପ୍ରତ୍ୟାଶିତ ହେଉଥିବାରୁ ସମଗ୍ର ନିର୍ବାଚନ ପ୍ରକ୍ରିୟାରେ ହେରଫେର ହେଉଥିବା ଆଶଙ୍କା ପ୍ରକାଶ ପାଉଥିଲା। ତେବେ ଗତ ୭ତାରିଖରେ କଂଗ୍ରେସର ନେତା ରାହୁଲ ଗାନ୍ଧୀ ଦୀର୍ଘ ୧ଘଣ୍ଟା୧୧ମିନିଟର ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ପ୍ରମାଣ ରଖିବା ପରେ ଦେଶବାସୀ ସ୍ତବ୍ଧ ହୋଇଯାଇଛନ୍ତି। ଦେଢ଼ମାସ ତଳେ ରାହୁଲ ଗାନ୍ଧୀ ନିର୍ବାଚନ ଆୟୋଗ ମହାରାଷ୍ଟ୍ର କିପରି କୋଟିଏ ଭୋଟରଙ୍କୁ ୫ ମାସରେ ଯୋଡ଼ି ବିଧାନସଭା ନିର୍ବାଚନ ବିଜେପି ଜିତିବା ମାର୍ଗ ପ୍ରଶସ୍ତ କରିଥିଲା ତା’ର ବିସ୍ତୃତ ବିବରଣୀ ଦେଇ ତା ଉପରେ ଆଲୋଚନା କରିଥିଲେ। ପୂର୍ବ ୫ବର୍ଷରେ ମଧ୍ୟ ଏତେ ସଂଖ୍ୟକ ନୂଆ ଭୋଟରଙ୍କ ନାମ ତାଲିକାରେ ଯୋଡ଼ାହୋଇ ନ ଥିଲା,ଯେତେ ନୂଆ ଭୋଟର ବିଧାନସଭା ନିର୍ବାଚନର ୫ ମାସ ପୂର୍ବରୁ ଯୋଡ଼ିହୋଇଥିଲେ। ସ୍ପେସାଲ ଇଣ୍ଟେସିଭ୍ ରିଭିଜନ’ ନାମରେ ବିହାରରେ କିପରି ୬୫ ଲକ୍ଷ ଭୋଟରଙ୍କୁ ବାଦ ଦିଆଗଲା ତାହା ଉପରେ ମଧ୍ୟ ଅଭିଯୋଗ କରିଥିଲେ। ମହାରାଷ୍ଟ୍ର ପରି ଗୋଟିଏ ରାଜ୍ୟରେ ‘ଆଡିସନ’ ଯୋଗେ ବିଜେପିକୁ ଜିତେଇ ଦିଆଗଲା ଓ ଆଉ ଏକ ରାଜ୍ୟରେ ‘ଡିଲିସନ’ ଯୋଗେ କଂଗ୍ରେସକୁ ହରାଇବାର ଚକ୍ରାନ୍ତ ହୋଇଥିଲା ବୋଲି ଏଠାରେ ଆଲୋଚନା କରାଯାଇଥିଲା। ମହାରାଷ୍ଟ୍ରରେ ଲୋକସଭା ନିର୍ବାଚନରେ ରାଉଲ ଗାନ୍ଧୀଙ୍କୁ ସନ୍ଦେହ ହେବାରୁ ସେ ଏହାର ଖୋଳତାଡ କରିଥିଲେ। ଗତ ୭ତାରିଖରେ ରାହୁଲ ଗାନ୍ଧୀ ନିଜ ଅଭିଯୋଗର ପ୍ରମାଣ ଦେଇଛନ୍ତି, ଦେଶ ଆଗରେ ନିର୍ବାଚନ ଆୟୋଗର ଅଭିସନ୍ଧିର ପର୍ଦ୍ଦାଫାସ କରିଛନ୍ତି। ଏହାଛଡା ଗତ୨୦୨୪ରେ କର୍ଣ୍ଣାଟକରେ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବା ସ୍ପଷ୍ଟ ହୋଇଛି। ଶ୍ରୀ ଗାନ୍ଧି ପ୍ରମାଣ ସହ ବେଙ୍ଗାଲୁରୁ ସେଣ୍ଟ୍ରାଲ ଲୋକସଭା ନିର୍ବାଚନମଣ୍ଡଳୀର ଉଦାହରଣ ଦେଇଛନ୍ତି। ଡୁପ୍ଲିକେଟ ଭୋଟର୧୧,୯୬୫ (ଏଭଳି ଅନେକ ଭୋଟରଙ୍କ ନାମ ତାଲିକାରେ ଦେଖିବାକୁ ମିଳିଲା ଯେଉଁମାନେଙ୍କ ନାମ ଏକାଧିକ ବୁଥରେ ଥିଲା) ବୋଲି ପିସିସି ସାଧାରଣ ସମ୍ପାଦିକା ମଧୁମିତା ସେଠୀ ଏହି ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରିଙ୍କ ସମେତ ପୂର୍ବତନ ବିଧାୟକ ସୁଦର୍ଶନ ଜେନା, ନାରୀ ନେତ୍ରୀ ଅର୍ଚ୍ଚନା ନନ୍ଦୀ, ଜିଲ୍ଲା ଗଂଗ୍ରେସ ଉପସଭାପତି ଗୋପୀନାଥ ପାଢ଼ୀ, ଛାତ୍ର କଂଗ୍ରେସ ରାଜ୍ୟ ଉପସଭାପତି ଗୌତମ ସାହୁ, କୃଷ୍ଣ ଗୋପାଳ ପଣ୍ଡା, ଜୀବନ ମହାପାତ୍ର, ନବ କିଶୋର ଭୂୟାଁ, କେଶବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ନୀଳମଣି କଲେଜରେ ସଂସ୍କୃତ ସପ୍ତାହ ପାଳିତ

ବାଲେଶ୍ୱର,୧୨।୮ (ସମିସ): ସଦର ବ୍ଲକ ଅନ୍ତର୍ଗତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସଂସ୍କୃତ ବିଭାଗ ଆନୁକୂଲ୍ୟରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ସଂସ୍କୃତ ଭାଷା ସୁରକ୍ଷାରେ ଛାତ୍ରଛାତ୍ରୀଙ୍କ ଭୂମିକା ଶୀର୍ଷକରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ ବେହେରା ଅଧ୍ୟକ୍ଷତା କରିବା ସହ ଦେଶର ବିକାଶ କ୍ଷେତ୍ରରେ ସଂସ୍କୃତ ଭାଷାର ଭୂମିକା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ପିନାକ୍ଷୀ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ସୁରକ୍ଷା, ପ୍ରଚାର ତଥା ପ୍ରସାର ପାଇଁ ଛାତ୍ରଛାତ୍ରୀ ଆଗଭର ହେବା ଉଚିତ୍ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପିକା ଡ. ସୁଜାତାରାଣୀ ଗିରିଙ୍କ ସଂଯୋଜନାରେ ଶ୍ରୀମଦ ଭଗବତ ଗୀତା ଶ୍ଳୋକ ଆବୃତ୍ତି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗୀତାରେ ଲିପସ୍ମିତା ରାଜ, ହିମାନୀ ପ୍ରହରାଜ ଓ ବିବିଧା ଆହୁତି ପ୍ରିୟଦର୍ଶିନୀ ପ୍ରମୁଖ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଶାସନିକ ଅଧିକାରୀ ସରୋଜ ପାଣି ଓ ଅଧ୍ୟାପକ ଲକ୍ଷୀରାମ ହାଁସଦାଙ୍କ ତତ୍ତ୍ୱାବଧାନରେ ସଂସ୍କୃତ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଦୀନକୃଷ୍ଣ ଦାସ, ସୋହମ ସାହୁ, ଅମିଶା ପଣ୍ଡିତ, ପୂଜା ପ୍ରଧାନ, ସ୍ୱାତୀ ଦତ୍ତ, ସ୍ଥିତିପ୍ରଜ୍ଞା ରାଉତ, ବବିତା ନାୟକ, ବୀଣାପାଣି ଗିରି ଓ ସେବତୀ ବର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଛାତ୍ରୀ ଅଙ୍କିତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କନିଷ୍ଠ ଶିକ୍ଷକ ସଂଘର ବିକ୍ଷୋଭ

ବାଲେଶ୍ୱର,୧୨।୮ (ସମିସ)




ଓଡ଼ିଶା କନିଷ୍ଠ ଶିକ୍ଷକ ସଂଘର ବାଲେଶ୍ୱର ଶାଖା ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜ୍ୟର ସମସ୍ତ ବିଭାଗର କର୍ମଚାରୀ ନିୟମିତ ଥିବା ବେଳେ କେବଳ କନିଷ୍ଠ ଶିକ୍ଷକ ମାନେ ହିଁ ବହୁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ସରକାରଙ୍କ ଦ୍ୱାରା ଗଠିତ କମିଟିରେ ଥିବା ଅଧିକାରୀମାନେ ହୃଦବୋଧ କରିଥିଲେ। ସେଥିପାଇଁ ଶିକ୍ଷା ବିଭାଗରେ ଏକ ପରିବର୍ତ୍ତନ ଆଣିବା ପାଇଁ କମିଟି ଚଳିତ ମାସ ୨ତାରିଖରେ ଚିଠା ନମ୍ବର୨୧୨୬୮ରେ କନିଷ୍ଠ ଶିକ୍ଷକ,ଶିକ୍ଷୟିତ୍ରୀ (ଯୋଜନା ଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ନିଯୁକ୍ତି ଦେବା ୪୪ହଜାର ନୂତନ ଶିକ୍ଷକ ପଦବୀ ସୃଷ୍ଟି କରିବା ସହିତ ପୁରୁଣା ଶିକ୍ଷକମାନଙ୍କର ଚୁକ୍ତିଭିତ୍ତିକ ସମୟକୁ ଚାକିରୀ ସମୟ ଅବଧି ଭିତରେ ଗଣନା କରିବା ନିମନ୍ତେ ସୁପାରିସ କରିଥିଲେ ଏବଂ ଉପସ୍ଥିତ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ଅନୁମୋଦନ କ୍ରମେ ଗଣଶିକ୍ଷା ବିଭାଗ ଏକ ବିଜ୍ଞପ୍ତି ଜାରି କରିଥିଲା । ସରକାରଙ୍କ ଏହି ପଦକ୍ଷେପ ଫଳରେ ସେମାନଙ୍କ ମଧ୍ୟରେ ଏକ ନୂତନ ଆଶାର ସଂଚାର ହୋଇଥିଲା। କିନ୍ତୁ ଚଳିତ ମାସ ୭ତାରିଖରେ ବିଭାଗ ପକ୍ଷରୁ ଏହି ଚିଠିକୁ ଉପଯୁକ୍ତ ସ୍ତରରେ ଅନୁମୋଦିତ ହୋଇନାହିଁ ବୋଲି ଦର୍ଶାଇ ପ୍ରତ୍ୟାହାର କରି ନିଆଯାଇଛି। ଏ ସୁପାରିସକୁ ସରକାର ପ୍ରତ୍ୟାହାର କରିନେବା ଅତ୍ୟନ୍ତ ନିନ୍ଦନୀୟ ଓ ଦୁର୍ଭାଗ୍ୟଜନକ ବୋଲି ଶିକ୍ଷକମାନଙ୍କ ପକ୍ଷରୁ କୁହାଯାଇଛି। କନିଷ୍ଠଶିକ୍ଷକ (ଯୋଜନାଭିତ୍ତିକ) ମାନଙ୍କୁ ନିୟମିତ କରିବା, ଶିକ୍ଷା ବ୍ୟବସ୍ଥାରେ ଆରମ୍ଭରୁ ନିୟମିତ ନିଯୁକ୍ତି କରିବା ଓ ନୂତନ ଶିକ୍ଷକ ନିଯୁକ୍ତି କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ସେହି ସମାନ ସୁପାରିସକୁ ପୁନଃସ୍ଥାପନ କରିବା ପାଇଁ ସେମାନେ ଦାବି କରିଛନ୍ତି। ବିଶେଷ କରି ବିଧାନସଭା କମିଟି ଦ୍ୱାରା ସୁପାରିସ କରାଯାଇଥିବା ଐତିହାସିକ ନିଷ୍ପତ୍ତି ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଦ୍ୱାରା ପ୍ରକାଶିତ ଚିଠି ନଂ:୨୧୨୬୮ (୨/୮/୨୦୨୫) ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ କରାଯାଇ କାର୍ଯ୍ୟକାରୀ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି। ଯଦି ଏହି ଦାବି ଆସନ୍ତା ୫ଦିନ ମଧ୍ୟରେ ପୂରଣ ନ ହୁଏ ତେବେ ଆସନ୍ତା ୧୭ତାରିଖରେ ରାଜ ରାସ୍ତାରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଓଡ଼ିଶାରେ ୧୬ହଜାର୯ଜଣ କନିଷ୍ଠ ଶିକ୍ଷକ ରହିଥିବା ବେଳେ ବାଲେଶ୍ୱର ଜିଲ୍ଲାରେ ୬୫୦ଜଣ କନିଷ୍ଠ ଶିକ୍ଷକ କାର୍ଯ୍ୟ କରୁଛନ୍ତି। ସଂଘର ଜିଲ୍ଲା ସଭାପତି ବିନୟ ନାରାୟଣ ଷଡଙ୍ଗୀଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ସମାବେଶରେ ମହାସଚିବ ବିଜୟ କୁମାର ପ୍ରଧାନ, ସମ୍ପାଦକ ସୁବାଶିଷ ବାରିକ, କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ଦାସ, ଦେବସ୍ମିତା ପାତ୍ର, ଗଣମାଧ୍ୟମ ସଂଯୋଜକ ସବ୍ୟସାଚୀ ସେନ, ଉପଦେଷ୍ଟା ଦେବଜିତ ରାଉଳ, ଧନଞ୍ଜୟ ଦାସ ଉପସ୍ଥିତ ଥିଲେ।




● ଅଲ୍ ଓଡ଼ିଶା ଜୁନିୟର ଷ୍ଟେଟ୍ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟ

## ବାଲେଶ୍ୱରର ଅଶ୍ୱିତା ଓ ଓଜୋଦୀପଙ୍କ ସଫଳତା

ବାଲେଶ୍ୱର,୧୨।୮ (ସମିସ): ଢେଙ୍କାନାଳରେ ସଦ୍ୟ ସମାପ୍ତ ଅଲ୍ ଓଡ଼ିଶା ଜୁନିଅର ଷ୍ଟେଟ୍ ରାଙ୍କିଙ୍ଗ ଟୁର୍ଣ୍ଣାମେଣ୍ଟରେ ୧୭ ବର୍ଷରୁ କମ୍ ମିଶ୍ରିତ ଡବଲ୍ସ ଫାଇନାଲରେ ବାଲେଶ୍ୱର ଝିଅ ଅଶ୍ୱିତା ପରିଛା ଫାଇନାଲରେ ରନର୍ସ ଅପ୍ ହୋଇଛନ୍ତି। ଫାଇନାଲ ମ୍ୟାଚ୍‌ରେ ଅଶ୍ୱିତା ଏବଂ ତାଙ୍କ ସାଥୀ ଜୟକୃଷ୍ଣ ଗାର୍ଡିଆ ଫାଇନାଲ ମ୍ୟାଚ୍ ରେ ଭୁବନେଶ୍ୱର ଯୋଡ଼ି ଜେସିକା ସାହୁ ଏବଂ ସୌମ୍ୟଜିତ ସାହୁ। ଏହି ଟୁର୍ଣ୍ଣାମେଣ୍ଟ ଢେଙ୍କାନାଳ ବିକାଶ କମିଟି ଦ୍ୱାରା ଓଡ଼ିଶା ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନର ସହଯୋଗରେ ୮ ଅଗଷ୍ଟରୁ ୧୦ ଅଗଷ୍ଟ ପର୍ଯ୍ୟନ୍ତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ଆୟୋଜିତ ହୋଇଥିଲା। ଏହି ଇଭେଣ୍ଟରେ ସାରା ଓଡ଼ିଶାରୁ ୨୦୦ରୁ ଅଧିକ ଖେଳାଳି ଅଂଶଗ୍ରହଣ କରିଥିଲେ। ବାଲେଶ୍ୱରରୁ ୫ ଜଣ ଖେଳାଳି ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଅଶ୍ୱିତା ପରିଚା ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ରେ ତୃତୀୟ ସ୍ଥାନ ହାସଲ କରିଥିଲେ ଏବଂ ବାଲେଶ୍ୱରର ଅନ୍ୟ ଖେଳାଳି ଓଜୋଦୀପ ମାଝୀଙ୍କ ସହିତ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଶୃଙ୍ଖଳା ଖେଳାଳି ମଧ୍ୟ ହୋଇଥିଲେ। ଫାଇନାଲ ମ୍ୟାଚରେ କଟକ ଜିଲ୍ଲା ସମ୍ପାଦକ କମଳ ଦାସ, ଖୋର୍ଦ୍ଧା ଜିଲ୍ଲା ସଂଘ ସମ୍ପାଦକ ପ୍ରଦୀପ ମହାନ୍ତି ଉପସ୍ଥିତ ଥିଲେ। ସେମାନେ ସମସ୍ତ ଫାଇନାଲିଷ୍ଟଙ୍କୁ ଟ୍ରଫି, ପୁରସ୍କାର ଟଙ୍କା ଏବଂ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ତାଙ୍କୁ ଅଭିନନ୍ଦନ ଜଣାଉଛି।





## THE BISRA STONE LIME COMPANY LTD.

CIN: L14100OR1910GOI033904

Regd. Office :Plot No:255, Pristine Green, Pokhariput, Bhubaneswar-751020.

**Statement of Financial Results For the Quarter Ended 30th June 2025**

(Rs.in Lakhs)

| Sl. No. | Particulars | Quarter Ended | | Year Ended |
|---|---|---|---|---|
| | | 30.06.2025 | 30.06.2024 | 31.03.2025 |
| | | (Reviewed) | | (Audited) |
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

## ନିଖିଳ ଉତ୍କଳ ଲେଖିକା ମଞ୍ଚର ବାର୍ଷିକ ଉତ୍ସବ

କୁଜଙ୍ଗ,୧୨।୮ (ସମିସ): ଜେଲ୍ ରୋଡ୍‌ସ୍ଥ ଏମ୍ଆଇଆଇଟି କମ୍ପ୍ୟୁଟର ସଂସ୍ଥାନରେ ନିଖିଳ ଉତ୍କଳ ଲେଖିକା ମଞ୍ଚର ପ୍ରଥମ ବାର୍ଷିକ ଉତ୍ସବ ରାଜ୍ୟ ସମ୍ପାଦିକା ଆଇନଜୀବୀ ମଞ୍ଜୁଲତା ରାଉତଙ୍କ ପୌରୋହିତ୍ୟରେ ଓ ରାଜ୍ୟ ସଭାପତି ଶିକ୍ଷାବିତ୍ ଡ. ବସନ୍ତ ମଞ୍ଜରୀ ଦାସଙ୍କ



ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ସୌଭାଗିନୀ ରାୟ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଶିବାନୀ ଭଟ୍ଟାଚାର୍ଯ୍ୟ ଓ ମୁଖ୍ୟବକ୍ତା ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବିକା ପ୍ରେମଲତା ବାରିକ, ବରେଣ୍ୟ ଅତିଥି ଭାବେ ସୁସାହିତ୍ୟିକା ତିଳୋତ୍ତମା ଦାଶ, ଜଗତସିଂହପୁର ଜିଲ୍ଲା ଲେଖିକା ସଂସଦ ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର, ଡ. ଆରତୀ ତ୍ରିପାଠୀ, ଅଧ୍ୟାପିକା ରାଜଶ୍ରୀ ସ୍ୱାଇଁ, ଶିକ୍ଷାବିତ୍ ରୁନୁଲତା ମଲ୍ଲିକ ଯୋଗଦେଇଥିଲେ। ମଞ୍ଚ ସଂଯୋଜନା କରିଥିଲେ ସୁସାହିତ୍ୟିକା ସରୋଜିନୀ ମିଶ୍ର। କଳ୍ପନା ପଣ୍ଡା ଓ ମହାସ୍ମିତା ଓଝାଙ୍କ କବିତା ସଂଯୋଜନାରେ କବି ଗୀତା ଦାସ, ସଂହିତା ଜେନା, ମମତା ଦାସ, ଜୟନ୍ତୀ ଦାସ ପ୍ରମୁଖ କବିତାପାଠ କରିଥଲେ। ଅତିଥିଙ୍କ ଦ୍ୱାରା ସ୍ୱର୍ଣ୍ଣ ସମ୍ପୂର୍ଣ୍ଣା ପତ୍ରିକା ଉନ୍ମୋଚିତ ହୋଇଥିବାବେଳେ ବହୁ ପ୍ରତିଭାଧାରିଣୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାମ୍ବାଦିକ ଲିଲନପ୍ରଭା ପାଢ଼ୀ, ଶିଶୁ ନୃତ୍ୟଶିଳ୍ପୀ ଋତୁପର୍ଣ୍ଣା ପରିଡ଼ା, ପାଲା ଗାୟିକା ବାଣୀକଣ୍ଠ ଭାରତୀ ମିଶ୍ର, ଏମ୍ଆଇଆଇଟି ପ୍ରୋପାଇଟର କ୍ରାନ୍ତିମୟୀ ଜେନା, ସୁମିତ୍ରା ମହାନ୍ତିଙ୍କୁ ସ୍ୱର୍ଣ୍ଣସମ୍ପୂର୍ଣ୍ଣା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବାସନ୍ତୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭୂତମୁଣ୍ଡାଇରୁ ପାରାଦୀପଗଡ଼ ତ୍ରିରଙ୍ଗା ଶୋଭାଯାତ୍ରା

ପାରାଦୀପ,୧୨।୮ (ସମିସ): ଆଇନଜୀବୀ ସଞ୍ଜୟ ବେହେରାଙ୍କ ନେତୃତ୍ୱରେ ଭୂତମୁଣ୍ଡାଇରୁ ନୂଆଗଡ଼ ଦେଇ ପାରାଦୀପଗଡ଼ ପର୍ଯ୍ୟନ୍ତ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।



ଶୋଭାଯାତ୍ରାରେ ପାରାଦୀପଗଡ଼ ପଞ୍ଚାୟତ ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଦଳୀୟ କର୍ମୀ ସାମିଲ ହୋଇଥିଲେ। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଶୋଭାଯାତ୍ରାରର ଶୁଭାରମ୍ଭ କରିଥିଲେ। ମଣ୍ଡଳ ସଭାପତି ଗଗନ ରାଉତଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ପୂର୍ବତନ ସରପଞ୍ଚଙ୍କ ଧର୍ମପତ୍ନୀଙ୍କ ପରଲୋକ

ରଘୁନାଥପୁର,୧୨।୮ (ସମିସ): ରଘୁନାଥପୁର ଅନ୍ତର୍ଗତ ତାରପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦୁର୍ଯ୍ୟୋଧନ ରାଉତଙ୍କ ଧର୍ମପତ୍ନୀ ହାରାମଣି ରାଉତ(୯୯)ଙ୍କ ମଙ୍ଗଳବାର



ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ ଓ ପରୋପକାରୀ ମହିଳା ଥିଲେ। ତାଙ୍କ ବିୟୋଗରେ ତାରପୁର ଗ୍ରାମ ପଞ୍ଚାୟତରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ଅନ୍ତିମ ଶୋଭାଯାତ୍ରାରେ ତାରପୁର ପଞ୍ଚାୟତର ସରପଞ୍ଚ ସୁଷମା ମଲ୍ଲିକ, ପୂର୍ବତନ ସଭ୍ୟ ଅନ୍ତର୍ଯ୍ୟାମୀ ରାଉତ, ସରୋଜ କୁମାର ଦାଶ, ସମାଜସେବୀ ଲକ୍ଷ୍ମଣ କୁମାର ଦାଶ, ବିଜୟ କୁମାର ଦାଶ, ପ୍ରତାପ ରାଉତ, ପ୍ରଦୀପ ନାୟକ, ଝିଅ ସଞ୍ଜୁ ରାଉତ, ମୀରା ଲେଙ୍କା, ଜ୍ୱାଇଁମାନେ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ଜ୍ୟେଷ୍ଠପୁତ୍ର ଗଗନ ବିହାରୀ ରାଉତ ମୁଖାଗ୍ନି ଦେଇଥିବାବେଳେ ସାନପୁଅ ବିପିନ ରାଉତ ଉପସ୍ଥିତ ଥିଲେ।

## କାର୍ ସହିତ ବିପୁଳ ପରିମାଣର ମଦ ଜବତ

ଜଗତସିଂହପୁର,୧୨।୮ (ସମିସ): ରାଜ୍ୟ ଅବକାରୀ କମିଶନରଙ୍କ ନିର୍ଦ୍ଦେଶ ଓ ଜଗତସିଂହପୁର ଜିଲ୍ଲାପାଳଙ୍କ ପରାମର୍ଶ କ୍ରମେ ଜିଲ୍ଲା ଅବକାରୀ ଅଧୀକ୍ଷିକା ଅନିତା ପ୍ରଧାନଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଅବକାରୀ ବିଭାଗ ତରଫରୁ ନିୟମିତ ଚଢ଼ଉ ଜାରି ରହିଛି। ଏହି କ୍ରମରେ ଅବକାରୀ ମୋବାଇଲ୍ ୟୁନିଟ୍‌ର ନିରୀକ୍ଷକ, ବାଲିକୁଦା ଓ ଜଗତସିଂହପୁର ଅବକାରୀ ଥାନା ସହ ମିଳିତ ଅଭିଯାନରେ ନାଉଗାଁ ଥାନା ଅଧୀନ ଜାମୁଗାଁରେ ଚଢ଼ଉ କରାଯାଇ ୨୧ଟି ପେଟି ଦେଶୀ ମଦ (୧୦୫ ଲିଟର) ଓ ୭.୨୦୦ ଲିଟର ବିଦେଶୀ ମଦ ଥିବା ଏକ ଚାରିଚକିଆ ଯାନକୁ ଜବତ କରାଯାଇଛି। ଏହି ଅଭିଯାନରେ ନାଉଗାଁ ପୁଲିସ ପକ୍ଷରୁ ମଧ୍ୟ ଯଥେଷ୍ଟ ସହଯୋଗ ମିଳିଛି। କିନ୍ତୁ ଗାଡ଼ି ଚାଳକ ପ୍ରଶାନ୍ତ ସାହୁ ଓରଫ ହଡ଼ା ଯିଏ ପୂର୍ବରୁ ମଧ୍ୟ ଅନେକଥର ସମାନ ଅପରାଧରେ ଜଡ଼ିତ ଥିଲା, ଘଟଣାସ୍ଥଳରୁ ଖସି ପଳାଇବାରେ ସଫଳ ହୋଇଛି। ତାଙ୍କ ବିରୋଧରେ ଆବଶ୍ୟକୀୟ ଆଇନ ପ୍ରକ୍ରିୟା ଚାଲିଛି ଓ ତାଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଯୋଜନା ଚାଲିଛି ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଛୁଟିରେ ଅମଲା ସଂଘ; ସରକାରୀ ଅଫିସ ଅଚଳ

ରଘୁନାଥପୁର,୧୨।୮ (ସମିସ): ରଘୁନାଥପୁର ତହସିଲ୍, ବ୍ଲକ୍ ଓ ଆଇସିଡିଏସ୍‌ର ୧୨ ଜଣ ରାଜସ୍ୱ କର୍ମଚାରୀ ସୋମବାରଠାରୁ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଙ୍ଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତିକ୍ରମେ ଛୁଟିରେ ଅଛନ୍ତି। ଫଳରେ ଏହାର ପ୍ରଭାବ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ପରିଲକ୍ଷିତ ହୋଇଛି। ତହସିଲ୍‌ରେ ୮, ବ୍ଲକ୍‌ରେ ୩ ଓ ଆଇସିଡିଏସ୍‌ରେ ୧ କର୍ମଚାରୀ ଆନ୍ଦୋଳନରେ ସାମିଲ୍ ଥିବାରୁ କାର୍ଯ୍ୟ ଅଚଳ ହୋଇପଡ଼ିଛି। ବିଭିନ୍ନ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ ଅମଲାମାନେ ଆନ୍ଦୋଳନ ଜାରି ରଖିବେ ବୋଲି ପ୍ରକାଶ କରିଛନ୍ତି।

### କଟକ-ପାରାଦୀପ ରାସ୍ତା ପାଲଟିଛି ମରଣଯନ୍ତା

# ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର

ପାରାଦୀପ,୧୨।୮ (ସମିସ)



ଗତ ୩ଦିନ ତଳେ ବାପ-ଝିଅଙ୍କ ମୃତ୍ୟୁ ହୋଇଥିଲା

କଟକ-ପାରାଦୀପ ରାଜରାସ୍ତା ମରଣଯନ୍ତା ପାଲଟିଥିବାକୁ ନେଇ ସାଧାରଣ ଜନତାଙ୍କ ସ୍ୱାର୍ଥ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜଗତସିଂହପୁର ଉପଜିଲ୍ଲାପାଳଙ୍କୁ କୁଜଙ୍ଗ-ପାରାଦୀପ ଅଞ୍ଚଳର ବୁଦ୍ଧିଜୀବୀମାନେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କଟକ-ପାରାଦୀପ ରାସ୍ତା ଏବେ ଏକପ୍ରକାର ମରଣଯନ୍ତା ପାଲଟିଛି। ଯେଉଁଠି ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି, ଦୁର୍ଘଟଣାରେ କେହିନା କେହି ପ୍ରାଣ ହରାଉଛନ୍ତି। ନତୁବା ସବୁଦିନ ପାଇଁ ଶଯ୍ୟାଶାୟୀ ହେବାକୁ ପଡୁଛି। ଏହି ଦୁର୍ଘଟଣା ପାଇଁ ପ୍ରମୁଖ କାରଣଗୁଡ଼ିକ ମଧ୍ୟରେ ରହିଛି ରାସ୍ତାର ଦୁଇ ପାର୍ଶ୍ୱକୁ ବାଲି ଚଢ଼ିଯିବା ସହ ଗଛଲତାଗୁଡ଼ିକ ମଧ୍ୟ ରାସ୍ତାକଡ଼ରେ ମାଡ଼ିଯାଇଛି। ତା' ସହିତ କିଛି ଯୁବକ ବିନା ଲାଇସେନ୍ସରେ ଭାରୀଯାନ ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ବେପରୁଆ ଭାବେ ଦ୍ରୁତ ଗତିରେ ଗାଡ଼ି ଚଳାଇ ଦୁର୍ଘଟଣା ଘଟାଉଛନ୍ତି। ବେଆଇନି ପର୍କିଂ କରିବା ଦ୍ୱାରା ରାସ୍ତା ସଙ୍କୁଚିତ ହେବାରୁ ସୁରୁଖୁରୁରେ ଗାଡ଼ି ଯାତାୟାତ କରିପାରୁ ନାହିଁ, ଯାହା ଫଳରେ ଦୁର୍ଘଟଣା ଘଟୁଛି। ଲାଇସେନ୍ସ ନ ଥାଇ ଗାଡ଼ି ଚଳାଇବା, ମଦ୍ୟପାନ କରି ଗାଡ଼ି ଚଳାଇବା ଓ ରାସ୍ତାକୁ ଜବରଦଖଲ କରିବା ଦ୍ୱାରା ବାରମ୍ବାର କଟକ-ପାରାଦୀପ ରାସ୍ତାରେ ଦୁର୍ଘଟଣା ଘଟୁଛି। ନୂତନ ସରକାର ଆସିବା ପରେ କୁଜଙ୍ଗ-ପାରାଦୀପ ଅଞ୍ଚଳରେ ଏବେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁଲିସ ପ୍ରଶାସନଠାରୁ ଆରମ୍ଭକରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ଚାଲିଛି ଅରାଜକତା। ଯେଉଁଠିକି ଗଲେ ସାଧାରଣ ଲୋକଟିଏ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛି। ନ୍ୟାୟ ପାଇବା ବଦଳରେ ଧମକ ଦିଆଯାଉଛି। ତେଣୁ ସାଧାରଣ ଲୋକଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମଙ୍ଗଳବାର ସେମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ପ୍ରଦାନ କରିବା ନେଇ ଆସିଥିଲେ। ହେଲେ କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ସମେତ କୌଣସି ଅଧିକାରୀ ନ ଥିବାରୁ ସେମାନେ ୬୦ କିଲୋମିଟର ରାସ୍ତା ଅତିକ୍ରମ କରି ଜିଲ୍ଲା ହେଡ୍‌କ୍ୱାର୍ଟରରେ ଥିବା ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। କଟକ-ପାରାଦୀପ ରାସ୍ତାରୁ କିଭଳି ଭାବେ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇ ପାରିବ। ଗତ ୩ ଦିନ ତଳେ ଜଣେ ବ୍ୟକ୍ତି ତାଙ୍କ ଝିଅକୁ ସ୍କୁଲରୁ ଆଣି ଘରକୁ ଆସୁଥିବାବେଳେ ଟିପ୍‌ସବୋଝେଇ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହିଁ ବାପ-ଝିଅଙ୍କର ଜୀବନ ଚାଲିଯାଇଥିଲା। ଏହିସବୁ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ପାରାଦୀପ ଏଡିଏମ୍‌ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିଲେ। ଦାବିପତ୍ର ପ୍ରଦାନ ବେଳେ ଆଇନଜୀବୀ ଜିତେନ ବେହେରାଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ଗତିକୃଷ୍ଣ ଶତପଥୀ, ସତ୍ୟସୁନ୍ଦର ସାମନ୍ତରାୟ ଓ ସତ୍ୟ ପାଇଁ ଲଢ଼େଇ ପରିବାରର ଜିଲ୍ଲା ମୁଖ୍ୟ ଉମେଶ ଚନ୍ଦ୍ର ଜେନାଙ୍କ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

### ● ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ ଧମକ

## ବିଜୟୱାଡ଼ାରୁ ଯୁବକକୁ ଗିରଫକଲା ପାରାଦୀପ ପୁଲିସ

ପାରାଦୀପ,୧୨।୮ (ସମିସ): ଜଣେ ୧୬ ବର୍ଷୀୟା ନାବାଳିକାର ଅଶ୍ଳୀଳ ଫଟୋ ଭାଇରାଲ କରିବାର ଧମକ ଦେବା ଅଭିଯୋଗରେ ଜଣେ ଯୁବକକୁ ଲକ୍ ଥାନା ପୁଲିସ ବିଜୟୱାଡ଼ାରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଭଳି ସମ୍ବେଦନଶୀଳ ଘଟଣା ଏବେ ପାରାଦୀପ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଧୀନ ନାହଡ଼ିଆ ଗ୍ରାମର କାର୍ତ୍ତିକ ଜେନା (୨୩)।



ପୁଲିସ ସୂଚନା ମୁତାବକ, ପାରାଦୀପ ଲକ୍ ଥାନା ଅଧୀନ ଅଞ୍ଚଳର ଜଣେ ୧୬ ବର୍ଷୀୟା ନାବାଳିକା କେନ୍ଦ୍ରାପଡ଼ା ଅଞ୍ଚଳର ମାଉସୀ ଘରକୁ ଯାଇଥିବାବେଳେ ପଟ୍ଟାମୁଣ୍ଡାଇ ଅଞ୍ଚଳର କାର୍ତ୍ତିକ ଜେନା ନାମକ ଜଣେ ଯୁବକଙ୍କ ସହିତ ପରିଚୟ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ଯୁବକ ନାବାଳିକାଙ୍କ ଫଟୋକୁ ନେଇ ବ୍ଲାକ୍‌ମେଲ୍ ଆରମ୍ଭ କରିଥିଲା। ଦୀର୍ଘ ୧ ବର୍ଷ ହେବ ଏଭଳି ସମ୍ପର୍କ ଗଢ଼ିଉଠିବା ପରେ କାର୍ତ୍ତିକ ନାବାଳିକାଙ୍କୁ କିଛି ଟଙ୍କା ମାଗିଥିଲେ। ନଦେଲେ ଫଟୋ ଭାଇରାଲ କରିବାର ଧମକ ଦେଇଥିଲେ। ନାବାଳିକାଠାରୁ ଯୁବକ ଜଣକ ୨୦ରୁ ୩୦ ହଜାର ଟଙ୍କା ମଧ୍ୟ ଧମକାଇ ନେଇଯାଇଥିଲେ। ପରେ ଯୁବକ ଜଣକ ୫ ଲକ୍ଷ ଟଙ୍କା ଅଧିକ ଦାବି କରିଥିଲେ। ନଚେତ୍ ନାବାଳିକା ଇନ୍‌ଷ୍ଟାଗ୍ରାମ୍‌ରେ ଛାଡ଼ିଥିବା ଅଶ୍ଳୀଳ ଫଟୋକୁ ଯୁବକ ଭାଇରାଲ କରିଦେବା ନେଇ ଧମକ ଦେଇଥିଲେ। ଏଭଳି ଧମକରେ ଭୟଭୀତ ହୋଇ ନାବାଳିକା ତାଙ୍କ ମାଆଙ୍କୁ ସବୁ ସତକଥା କହିଦେଇଥିଲେ। ଏ ସମ୍ପର୍କରେ ମାଆ ପାରାଦୀପ ଲକ୍‌ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଲକ୍‌ଥାନା ଆଇଆଇସି ରଶ୍ମି ରଞ୍ଜନ ଦାସ ଘଟଣାକୁ ଗୁରୁତ୍ୱ ଦେବା ସହ ପୁଲିସର ଏକ ଟିମ୍ ଯୁବକକୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଥିଲେ। ପୁଲିସ ସୋମବାର କାର୍ତ୍ତିକଙ୍କୁ ବିଜୟୱାଡ଼ାରୁ ଉଠାଇ ଆଣିଥିଲା।

## ପାରାଦୀପ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




ପାରାଦୀପ,୧୨।୮ (ସମିସ): ପାରାଦୀପ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ ପାରାଦୀପ ମହାବିଦ୍ୟାଳୟ ଶୃଙ୍ଖଳାର ସହ ମୌଖିକ ପରିବେଶ ସୃଷ୍ଟି ହୋଇଥିବା ନେଇ ଧନ୍ୟବାଦ ଦେବା ସହ ଛାତ୍ରଛାତ୍ରୀଙ୍କୁ କଠିନ ପରିଶ୍ରମ କରି ସଫଳ ହେବା ପାଇଁ କହିବା ସହ ସହରକୁ ସ୍ୱଚ୍ଛତା ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରାଦୀପ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା ଯୋଗଦେଇ ଉଦ୍‌ବୋଧନ ଦେବା ଅବସରରେ ଛାତ୍ରଛାତ୍ରୀଙ୍କୁ ଭଲ ମଣିଷ ଓ ବଡ଼ ମଣିଷ ହେବା ପାଇଁ ଚେଷ୍ଟା ଜାରି ରଖିବା ପାଇଁ କହିଥିଲେ। ସମ୍ମାନିତ ଅତିଥି ଭାବେ ସମାଜସେବୀ ପ୍ରୀତି ଆରତୀ ପରିଜା ଯୋଗଦେଇ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଉତରୋତ୍ତର ଉନ୍ନତି କାମନା କରିବା ସହ ଗତବର୍ଷ ମହାବିଦ୍ୟାଳୟ ଶୃଙ୍ଖଳିତ ଭାବେ ସ୍ୱନକ୍ଷତ୍ର ଦିବସକୁ ପାଳନ କରିଥିବାରୁ ଛାତ୍ରଛାତ୍ରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶତପଥୀ ସ୍ୱାଗତ ଭାଷଣ ଦେଇଥିବାବେଳେ ଇଂରାଜୀ ଅଧ୍ୟାପକ ଗଣେଶ୍ୱର ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ରାସାୟନ ବିଭାଗର ପ୍ରାଧ୍ୟାପିକା ଡ. ସ୍ମିତା ବିଶ୍ୱାଳ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଅଧ୍ୟାପକ ଅକ୍ଷୟ ଚନ୍ଦ୍ର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିବା ସହ ଆଗାମୀ ବର୍ଷରେ ଅବସର ନେବାକୁ ଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ

ଜଗତସିଂହପୁର,୧୨।୮ (ସମିସ): ଜଗତସିଂହପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ମଙ୍ଗଳବାର ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କୃମିନାଶକ



କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଉପସ୍ଥିତ ଛାତ୍ରୀ ଓ ଶିକ୍ଷୟିତ୍ରୀମାନଙ୍କୁ ଏ ଦିଗରେ ସଚେତନ ରହିବା ଏବଂ କୃମିନାଶକ ବଟିକା ଖାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ୧ରୁ ୧୯ ବର୍ଷ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ଏହି ସିରପ ଓ ବଟିକା ସେବନ କରାଇବା ନିମନ୍ତେ ଆଶା କର୍ମୀ, ସ୍ୱାସ୍ଥ୍ୟକର୍ମୀ ଓ ଅଙ୍ଗନବାଡ଼ି ଦିଦି, ଶିକ୍ଷକ/ଶିକ୍ଷୟିତ୍ରୀ ତଥା ଅଭିଭାବକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ସେ କହିଥିଲେ। ଏହି ଅଭିଯାନ ଜିଲ୍ଲାର ୧୩୬୯ ସରକାରୀ, ବେସରକାରୀ ବିଦ୍ୟାଳୟ, ୧୭୪୨ ଅଙ୍ଗନବାଡ଼ି କେନ୍ଦ୍ରରେ ଆରମ୍ଭ ହୋଇଛି। ଜିଲ୍ଲାସ୍ତରୀୟ ଏହି କାର୍ଯ୍ୟକ୍ରମରେ ସିଡିଏମ୍ଓ ଡ. ରାଜେନ୍ଦ୍ର କୁମାର ପାଣିଗ୍ରାହୀ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଲୋକନାଥ ପାତ୍ର, ଡା. ଶତ୍ରୁଘ୍ନ ଦାସ, ଡା. ସରୋଜ କୁମାର ଜେନା, ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରା, ଡିଏସ୍‌ଡବ୍ଲୁଓ ବିଷ୍ଣୁପ୍ରିୟା ସେଠୀ, ନୋଡାଲ ଅଫିସର ତଥା ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବାସନ୍ତୀ ପାଲି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ, ଡିପିଏମ୍ ସୋନାଲି ସାହୁ, ଇତିଶ୍ରୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ରଘୁନାଥପୁର,୧୨।୮ (ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ୍ ଜ୍ୟୋତି ମହାସଂଘ ସଭାକକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୋଟ୍ ୯୭ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଅନ୍ତ୍ୟୋଦୋୟ ଯୋଜନାରେ ପକ୍କାଗୃହ, ରାସନକାର୍ଡ ଓ ଭତ୍ତା ସମ୍ପର୍କିତ ଅଭିଯୋଗ ସର୍ବାଧିକ ରହିଛି। ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଏଡିଏମ୍ ଜ୍ୟୋତିଶଙ୍କର ରାୟ, ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ରବିନାରାୟଣ ଜେଠୀ, ତହସିଲ୍‌ଦାର ରାଜଲକ୍ଷ୍ମୀ ନାୟକ, ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ସହ ଜିଲ୍ଲା ତଥା କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ରଘୁନାଥପୁର ସାମ୍ବାଦିକଙ୍କ ପକ୍ଷରୁ ପ୍ରଦୀପ୍ତ ନାୟକ ଲୋକଙ୍କ ଗମନାଗମନ ସୁବିଧା ନିମନ୍ତେ ଗଡ଼ମା ପର୍ଯ୍ୟନ୍ତ ଆସୁଥିବା ଆମ ବସ୍‌କୁ ରଘୁନାଥପୁର ବ୍ଲକ୍ ଅଧୀନସ୍ଥ କଟକ-ପାରାଦୀପ ରାସ୍ତାର ଜଇପୁର ଛକ ପର୍ଯ୍ୟନ୍ତ ଚଳାଚଳ ପାଇଁ ଲିଖିତ ଜଣାଇଥିଲେ।

## ଇଫ୍‌କୋ ପାରାଦୀପ ୟୁନିଟ୍‌କୁ 'ଶ୍ରେଷ୍ଠ ମାତୃ ଉଦ୍ଭିଦ' ପୁରସ୍କାର

ପାରାଦୀପ,୧୨।୮ (ସମିସ): ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସ୍ଏମ୍ଇ)ର ୪୦ତମ ପ୍ରତିଷ୍ଠା ଦିବସ ଅବସରରେ ବିଶ୍ୱର ସର୍ବବୃହତ୍ ସମବାୟଭିତ୍ତିକ ସାର ଉତ୍ପାଦନକାରୀ ସଂସ୍ଥା ଇଫ୍‌କୋ ପାରାଦୀପ ୟୁନିଟ୍‌କୁ "ଶ୍ରେଷ୍ଠ ମାତୃ ଉଦ୍ଭିଦ ପୁରସ୍କାର-୨୦୨୫' ପ୍ରଦାନ କରାଯାଇଛି। ଏହି ପୁରସ୍କାରକୁ ଶିଳ୍ପମନ୍ତ୍ରୀ ସମ୍ପଦ



ଚନ୍ଦ୍ର ସ୍ୱାଇଁ, ଏମ୍ଏସ୍ଏମ୍ଇ ବିଭାଗର ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଓଡ଼ିଶା ସରକାରଙ୍କ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମାଙ୍କ ଉପସ୍ଥିତିରେ ଇଫ୍‌କୋ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି ସମ୍ମାନରେ ସମ୍ମାନିତ ହେବା ପରେ ପାରାଦୀପ ୟୁନିଟ୍‌ର ନିର୍ବାହୀ ନିର୍ଦ୍ଦେଶକ ତଥା ୟୁନିଟ୍ ହେଡ୍ ପି.କେ.ମହାପାତ୍ର ରାଜ୍ୟ ସରକାରଙ୍କ ସମେତ ଓଏଏସ୍ଏମ୍ଇକୁ କୃତଜ୍ଞତା ଜଣାଇଛନ୍ତି।

## 'ମାଆ ପାଇଁ ଗଛଟିଏ' ଅଭିଯାନ

ନାଉଗାଁ,୧୨।୮ (ସମିସ): ମଙ୍ଗଳବାର ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଘୋଡ଼ାଶ ପଞ୍ଚାୟତର ସରପଞ୍ଚ ନିହାର ରଞ୍ଜନ ବସ୍ତିଆ ଏବଂ ପଞ୍ଚାୟତ ସମିତିସଭ୍ୟ ତରୁଣକାନ୍ତ ବାରିକଙ୍କ ନେତୃତ୍ୱରେ ଉକ୍ତ ପଞ୍ଚାୟତର ଘୋଡ଼ାଶସ୍ଥିତ ବାସୁଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ, ଓଡ଼ପଏଙ୍ଗା ଗ୍ରାମର ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ଚାଦଖା ପାଟଣ ଗ୍ରାମର ପ୍ରାଇମେରୀ ସ୍କୁଲ, ଜାମୁଦଣ୍ଡା ଗ୍ରାମର ପଞ୍ଚାୟତ ବିଦ୍ୟାପୀଠ, ତୋଟାପଟଣା ଗ୍ରାମର ପ୍ରାଇମେରୀ ସ୍କୁଲରେ ମାଆ ପାଇଁ ଗଛଟିଏ ଅଭିଯାନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ସରପଞ୍ଚ ଶ୍ରୀ ବସ୍ତିଆ ଉକ୍ତ ପଞ୍ଚାୟତକୁ ଏକ ସବୁଜ ପଞ୍ଚାୟତ କରିବା ଉଦ୍ଦେଶ୍ୟ ରଖି ୧ହଜାର ଚାରା ଯୋଗାଇବା ସହିତ ଉକ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକଶିକ୍ଷୟିତ୍ରୀ, ପଞ୍ଚାୟତର ମିଶନ ଶକ୍ତି ମହିଳା, ଅଙ୍ଗନବାଡ଼ି କର୍ମୀ, ସମାଜସେବୀମାନଙ୍କ ସହାୟତାରେ ଚାରାରୋପଣ କରିଥିବା ଦେଖାଯାଇଛି।

## ଭାଗବତ ଚେତନା ପରିଷଦର ବରିଷ୍ଠ ସଦସ୍ୟଙ୍କ ପରଲୋକ



ଜଗତସିଂହପୁର,୧୨।୮ (ସମିସ): ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ୱାର୍ଡ ନମ୍ବର ୧୦ ଜୟବଡ଼ ନିବାସୀ ସୁଖେନ ଚକ୍ରବର୍ତ୍ତୀଙ୍କର ୮୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁଷମା ଭଟ୍ଟାଚାର୍ଯ୍ୟ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଏବଂ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସୁଖେନ ଶିକ୍ଷକତା ବୃତ୍ତିରୁ ଅବସର ନେବାପରେ ଶ୍ରୀଜଗନ୍ନାଥ ଭାଗବତ ଚେତନା ପରିଷଦ ସହିତ ଜଡ଼ିତ ରହି ଶ୍ରୀମଦ୍ ଭାଗବତର ପ୍ରଚାରପ୍ରସାର ଦିଗରେ କାର୍ଯ୍ୟ କରୁଥିଲେ। ଏଥିସହିତ ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସେ ଜଣେ ସକ୍ରିୟ ସଦସ୍ୟ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ନାତି ଓମ୍ ଠାକୁର ମୁଖାଗ୍ନି ଦେଇଥିଲେ। ତାଙ୍କ ପରଲୋକ ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ।

### ଅଳକା ଆଶ୍ରମ ଦ୍ୱାରା ନିଶାମୁକ୍ତ ଯୁବଶକ୍ତି ଅଭିଯାନର ତୃତୀୟ ବର୍ଷ

# ନିଶାମୁକ୍ତ ସମାଜ ପାଇଁ ଛାତ୍ରଛାତ୍ରୀଙ୍କ ଶପଥ ଗ୍ରହଣ

ଜଗତସିଂହପୁର/କୁଜଙ୍ଗ,୧୨।୮ (ସମିସ)

ଜଗତସିଂହପୁରର ଅଳକା ଆଶ୍ରମ ଆନୁକୂଲ୍ୟରେ ନିଶାମୁକ୍ତ ଯୁବଶକ୍ତି କର୍ମଶାଳାର ତୃତୀୟ ବର୍ଷ କ୍ରାନ୍ତି ଦିବସରୁ ମୁକ୍ତି ଦିବସ ପର୍ଯ୍ୟନ୍ତ ଆୟୋଜିତ ହେଉଛି। ଏହି ଅବସରରେ ଜିଲ୍ଲାର କୁଜଙ୍ଗ ବ୍ଲକ୍ ଅଞ୍ଚଳରେ ଶତାଧିକ ଛାତ୍ରଛାତ୍ରୀ ଜୀବନରେ ନିଜେ ନିଶାସେବନ ନ କରିବା ସହିତ ନିଜ ପରିବାର ତଥା ପରିବେଶକୁ ନିଶାଠାରୁ ଦୂରେଇ ରଖିବା ପାଇଁ ଶପଥ ଗ୍ରହଣ କରିଛନ୍ତି। ଐତିହାସିକ ଅଳକା ଆଶ୍ରମ ଆନୁକୂଲ୍ୟରେ ଜଗତସିଂହପୁର ଡେଭଲପ୍‌ମେଣ୍ଟ ଫୋରମ୍ ଓ ଜିଲ୍ଲା ପ୍ରଶାସନ ସହଯୋଗରେ ଶିକ୍ଷାବିତ୍ ଦେବେନ୍ଦ୍ର ନାଥ ରାଉତଙ୍କ ଆବାହକତ୍ୱରେ ୨୦୨୩ ମସିହା କ୍ରାନ୍ତି ଦିବସରୁ ଆରମ୍ଭ ହୋଇଥିବା ନିଶାମୁକ୍ତି ଯୁବଶକ୍ତି




ଅଭିଯାନ ଦ୍ୱାରା କୋମଳମତି ଛାତ୍ରଛାତ୍ରୀଙ୍କୁ ନିଶାର କୁପ୍ରଭାବ ବିଷୟରେ ସଚେତନତା କରାଇ ସେମାନଙ୍କୁ ନିଶାଠାରୁ ଦୂରେଇ ରଖିବା ପାଇଁ ଏହି ଅଭିନବ କର୍ମଶାଳା ଶୃଙ୍ଖଳା ନିୟମିତ ଭାବରେ ଆୟୋଜିତ ହେଉଛି।

ଗତ ୧୧ ତାରିଖରେ ପ୍ରଥମାର୍ଦ୍ଧରେ କୁଜଙ୍ଗ ସଦରମହକୁମାସ୍ଥିତ ବନ ବିହାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ସହ ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ସେନାପତିଙ୍କ ପରିଚାଳନାରେ ଏହି କର୍ମଶାଳା ଆୟୋଜନ କରାଯାଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ପଙ୍କପାଳ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ତନୁପ୍ରଭା ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଳକା ଆଶ୍ରମ ପରିଚାଳନା କମିଟିର ସଭାପତି ଗୌରାଙ୍ଗ ଚରଣ ହୋତା, ବରିଷ୍ଠ ସଦସ୍ୟା ଆଶ୍ରମବାଳା ଦୁବେ, ସଂଯୋଜକ ନଗେନ୍ଦ୍ର ନାଥ ସ୍ୱାଇଁ, କମ୍ରେଡ୍ ବାବୁରାମ ଚୌଧୁରୀ ଓ କାର୍ଯ୍ୟକାରିଣୀ ସଦସ୍ୟ ଡ. ସୁରେଶ କୁମାର ପ୍ରଧାନ ପ୍ରମୁଖ ସାମ୍ପ୍ରତିକ ପରିସ୍ଥିତିରେ ଆମ ସମାଜର ଯୁବଶକ୍ତି କେମିତି ନିଶା ଦ୍ୱାରା କବଳିତ ହୋଇ ବିଭିନ୍ନ ପ୍ରକାରର ଅପରାଧ ଘଟାଇ ସମାଜର କ୍ଷତିସାଧନ କରୁଛନ୍ତି ତାହା ବର୍ଣ୍ଣନା କରିଥିଲେ। ଏହି କର୍ମଶାଳାରେ ମହାତ୍ମା ଗାନ୍ଧୀ ଓ ଜାତୀୟ ପତାକା ନାମରେ ୭୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ନିଶାଠାରୁ ଦୂରେଇ ରହିବା ପାଇଁ ଶପଥପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ଜ୍ୟୋତିରଞ୍ଜନ ପ୍ରଧାନ, ବିଜୟରଥ, ଅଳକା ଆଶ୍ରମର ସଦସ୍ୟମାନେ ତଥା ଅନୁଷ୍ଠାନର ଶିକ୍ଷକଶିକ୍ଷୟିତ୍ରୀଗଣ ପରିଚାଳନା କରିଥିଲେ।


**THE BISRA STONE LIME COMPANY LTD.**
CIN: L14100OR1910GOI033904
Regd. Office :Plot No:255, Pristine Green, Pokhariput, Bhubaneswar-751020.
**Statement of Financial Results For the Quarter Ended 30th June 2025**
(Rs.in Lakhs)

| Sl. No. | Particulars | Quarter Ended 30.06.2025 (Reviewed) | Quarter Ended 30.06.2024 (Reviewed) | Year Ended 31.03.2025 (Audited) |
|---|---|---|---|---|
| 1 | Total Income from Operation (including Other Income) | 2362.05 | 1248.11 | 6260.56 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | 415.91 | 336.55 | 6260.56 |
| 3 | Net Profit / (Loss) for the period Before Tax (after exceptional and / or extraordinary items) | 415.91 | 336.55 | 671.34 |
| 4 | Net Profit / (Loss) for the period after Tax (after exceptional and / or extra ordinary items) | 276.53 | 246.03 | 438.51 |
| 5 | Total Comprehenshive income for the period [comprising profit / (loss) for the period(after tax) and other comprehenshive income (after tax)] | 276.53 | 246.03 | 492.93 |
| 6 | Paid up Equity Share Capital (Face Value Rs. 10/- each) | 8,728.63 | 8,728.63 | 8,728.63 |
| 7 | Other Equity (Excluding Revaluation Reserve as per Balance Sheet) | (20,903.76) | (21,427.19) | (21,180.29) |
| 8 | Earning per share (Rs) | | | |
| | (i) Basic: | 0.32 | 0.28 | 0.50 |
| | (ii) Diluted | 0.32 | 0.28 | 0.50 |

1. The above results of the Company were approved by the Board of Directors at their respective meetings held on 11.08.2025.
2. The above is the extract of the detail format of Financial Result filed with the Stock Exchange under Regulation 33 and 52 of the SEBI (Listing Obligations and Disclosure Requirements) Regulations, 2015.

For and on behalf of the Board of Director
Sd/-
(A.K.Bagchi)
Managing Director-BSLC

Place: Bengaluru
Date: 11th August, 2025

# ସାର କଳାବଜାରୀ, ଦୁଇଗୁଣ ଦରରେ ବିକ୍ରି

## ପ୍ରଶାସନର ଚଢ଼ଉ; ବିନା ଟ୍ରେଡ ଲାଇସେନ୍ସରେ ଚାଲିଥିଲା ବ୍ୟବସାୟ

କାମାକ୍ଷାନଗର,୧୨।୮ (ସମିସ)

ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ସାରର ବ୍ୟାପକ କଳାବଜାର ଚାଲିଛି। ବର୍ତ୍ତମାନ ଚାଷକାମ ଜୋରସୋରରେ ଚାଲିଥିବା ବେଳେ ଏହାର ସୁଯୋଗ ନେଇ ସାର ବ୍ୟବସାୟୀମାନେ ବିଭିନ୍ନ କିସମର ସାରକୁ ନିର୍ଦ୍ଧାରିତ ମୂଲ୍ୟଠାରୁ ଦୁଇଗୁଣ ଅଧିକରେ ବିକ୍ରି କରୁଥିବା ଦେଖିବାକୁ ମିଳୁଛି। ୟୁରିଆ ସାରର ସରକାରୀ ମୂଲ୍ୟ ୨୮୦ରୁ ୩୦୦ ଟଙ୍କା ମଧ୍ୟରେ ଥିବାବେଳେ ବ୍ୟବସାୟୀମାନେ ୫୦୦ରୁ ୫୨୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି ଡିଏପି ମୂଲ୍ୟ ୧୨୫୦ରୁ ୧୨୮୦ ମଧ୍ୟରେ ଥିବାବେଳେ ୧୪୦୦ରୁ ୧୫୦୦ ଟଙ୍କାରେ ବିକ୍ରି କରାଯାଉଛି। ଏ ସମ୍ପର୍କରେ



କାମାକ୍ଷାନଗର ଏନଏସି ଅଧ୍ୟକ୍ଷ ଧର୍ମାନନ୍ଦ ପରିଡ଼ା ଉପଜିଲ୍ଲାପାଳଙ୍କୁ ଅଭିଯୋଗ କରିବା ପରେ ପ୍ରଶାସନ ପକ୍ଷରୁ ସହରର ଏକ ସାର ଦୋକାନରେ ଚଢ଼ଉ କରାଯାଇଥିଲା। ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଶୁଭଙ୍କର ମହାନ୍ତି, ସହକାରୀ କୃଷି ଅଧିକାରୀ ସୁମନ କୁମାର ରାଉତ ଚଢ଼ଉ କରିଥିଲେ। ଦୁଇ ଅଧିକାରୀଙ୍କ ସମ୍ମୁଖରେ ସମ୍ପୃକ୍ତ ବ୍ୟବସାୟୀ ବିନା ରସିଦରେ ଦୁଇ ଚାଷୀଙ୍କୁ ୟୁରିଆ ବ୍ୟାଗ ପିଛା ୫୦୦ ଟଙ୍କାରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ଏପରିକି ବ୍ୟବସାୟୀଙ୍କୁ ଏନସି ପକ୍ଷରୁ କୌଣସି ବ୍ୟବସାୟ ପ୍ରମାଣପତ୍ର ମିଳି ନ ଥିବା ବେଳେ ବ୍ୟାପକ ସାର ମହଜୁଦ ଥିବା ଦେଖିବାକୁ ମିଳିଥିଲା। ୟୁରିଆ ସାର ୪୯.୫ କିଗ୍ରାର କାଗଜପତ୍ର ଥିବା ବେଳେ ପ୍ରାୟ ୨୫ ଟନ (୫୭୨ ବସ୍ତା), ଡିଏପି ୭୫ ସ୍ଥାନରେ ପ୍ରାୟ ୧୦ ଟନ, ଏମଓପି (ପଟାସ) ୨ କ୍ୱିଣ୍ଟାଲ ୫୦ କିଗ୍ରା ସ୍ଥାନରେ ୧୧ କ୍ୱିଣ୍ଟାଲ ମହଜୁଦ ଥିବା ଦେଖିବାକୁ ମିଳିଥିଲା। ତଦନ୍ତକାରୀ ଅଧିକାରୀଙ୍କୁ ସମ୍ପୃକ୍ତ ବ୍ୟବସାୟୀ ସାରର ମହଜୁଦ ଓ ଆବଶ୍ୟକ କାଗଜପତ୍ର ଦେଖାଇପାରି ନ ଥିଲେ। ଏ ସମ୍ପର୍କରେ କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାଏକ କୁହନ୍ତି, ଖବର ପାଇ ଚଢ଼ଉ କରାଯାଉଛି, କିଛି ବ୍ୟବସାୟୀ ମଧ୍ୟ ଦୋକାନ ବନ୍ଦ କରିଥିବା ଦେଖିବାକୁ ମଳିଛି। ଚଢ଼ଉ ପରେ ତଦନ୍ତ ଆରମ୍ଭ ହୋଇଛି। ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ହାଇୱେ ଡକାୟତଙ୍କୁ ମାଡ଼ିବସିଲା ପୁଲିସ, ୫ ଗିରଫ

ଢେଙ୍କାନାଳ,୧୨।୮ (ସମିସ): ଢେଙ୍କାନାଳ ଟାଉନ ଥାନା ଅନ୍ତର୍ଗତ ମହିଷାପାଟ ଆରଟିଓ ପଡ଼ିଆରେ ହାଇୱେ ଲୁଟ୍ ପାଇଁ ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଟାଉନ ଥାନା ଗୋପବନ୍ଧୁବଜାର ଢଙ୍କୁଣିଆ ସାହିର ଦୈତାରୀ ମଲ୍ଲିକଙ୍କ ପୁଅ ଶ୍ରୀପତ ମଲ୍ଲିକ ଓରଫ ମିଲୁଆ (୨୮), କାମଦେବ ମଲ୍ଲିକଙ୍କ ପୁଅ ସୁଦାମ ମଲ୍ଲିକ (୨୩), କାରିଗର ସାହିର ରଘୁନାଥ ବେହେରାଙ୍କ ପୁଅ ଦେବାଶିଷ ବେହେରା ଓରଫ ମଣ୍ଟୁ (୩୨), ଚାନ୍ଦମାରି ସାହିର ଘନ ବାହାଦୁରଙ୍କ ପୁଅ ରଜତ ବାହାଦୁର ଓରଫ ଚିଲ୍ଲା (୨୨) ଏବଂ ମୁନା ବାହାଦୁରଙ୍କ ପୁଅ ରାଜେଶ ବାହାଦୁର ଓରଫ ରାଜା (୨୩)। ଅଭିଯୁକ୍ତଙ୍କଠାରୁ ପୁଲିସ ୨ଟି ଖଣ୍ଡା, ୨ଟି ଲୁହା ପାଇପ, ଲଙ୍କା ଗୁଣ୍ଡ, ମଦ ବୋତଲ, ଟର୍ଚ୍ଚ ଲାଇଟ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ବିଦ୍ୟୁତ୍ ଆଘାତରେ ପାଣିପମ୍ପ କର୍ମଚାରୀ ମୃତ

ଭୁବନ,୧୨।୮ (ସମିସ): ପାଣିପମ୍ପ ଚଳାଇବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତରେ ଠିକା କର୍ମଚାରୀଙ୍କ ମୃତ୍ୟୁ ହୋଇଛି। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରିଜଙ୍ଗ ଗ୍ରାମରେ ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ଭୁବନ ଜନସ୍ୱାସ୍ଥ୍ୟ ବିଭାଗ ଅଧୀନରେ କାର୍ଯ୍ୟରତ ବାରିଜଙ୍ଗ ଗ୍ରାମର ନିରଞ୍ଜନ ନାୟକ (୪୮)। ପୁଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ନିରଞ୍ଜନ ଗ୍ରାମରେ ଥିବା ପାଣି ପମ୍ପ ଚଳାଇବାକୁ ଯାଇଥିବା ବେଳେ ବିଦ୍ୟୁତ୍ ଆଘାତରେ ଚେତାଶୂନ୍ୟ ହୋଇଯାଇଥିଲେ। ଦୀର୍ଘ ସମୟ ପରେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନିରଞ୍ଜନଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଥିବାବେଳେ ସେ ମାସିକ ମାତ୍ର ୮୦୦୦ ଟଙ୍କା ଦରମାରେ ପରିବାର ପ୍ରତିପୋଷଣ କରୁଥିଲେ। ତେଣୁ ତାଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଫାଇଲେରିଆ ନିରାକରଣ ସମ୍ପର୍କିତ ସଚେତନତା



ପରଜଙ୍ଗ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ବସୋଇ ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ତଥା ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତତ୍ତ୍ୱାବଧାନରେ ରବିବାର ଫାଇଲେରିଆ ନିରାକରଣ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଇନଚାର୍ଜ ଡା. ସ୍ମୃତିରଞ୍ଜନ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟଅତିଥି, ସ୍ଥାନୀୟ ସରପଞ୍ଚ ଯୁଗଳ କିଶୋର ସାହୁ, ଆଶା ସୁପରଭାଇଜର ସନ୍ତୋଷ କୁମାର ନାୟକ, ପ୍ରୋଗ୍ରାମ ମ୍ୟାନେଜର ଲିଙ୍ଗରାଜ ମହାପାତ୍ର, ମ୍ୟାଲେରିଆ ବିଭାଗ କର୍ମଚାରୀ ସୁଶାନ୍ତ ପ୍ରଧାନ, ସେକ୍ଟର କର୍ମଚାରୀ ଶାନ୍ତନୁ ଧିର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଗଷ୍ଟ ୧୦ରୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ଏହା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶାକର୍ମୀ କିମ୍ବା ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତା ଘରକୁ ଘର ଯାଇ ଔଷଧ ବଣ୍ଟନ କରିବେ ବୋଲି ବିଶ୍ୱାଳ କହିଥିଲେ। ସମସ୍ତେ ବର୍ଷରେ ଥରେ ଔଷଧ ସେବନ କରି ସୁସ୍ଥ ରହିବାକୁ ମୁଖ୍ୟଅତିଥି ପ୍ରଧାନ କହିଥିଲେ।

## କପିଳାସରୁ ବାଜି ରାଉତ ପୀଠ ତ୍ରିରଙ୍ଗା ଯାତ୍ରା

ଭୁବନ,୧୨।୮ (ସମିସ): ଢେଙ୍କାନାଳ ନିର୍ବାଚନ ମଣ୍ଡଳୀର କପିଳାସଠାରୁ କାମାକ୍ଷାନଗର ନିର୍ବାଚନ ମଣ୍ଡଳୀ ଭୁବନସ୍ଥିତ ସହିଦ ବାଜି ରାଉତ ସ୍ମୃତିପୀଠ ପର୍ଯ୍ୟନ୍ତ ସୋମବାର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇଥିଲେ। ବାଜି ରାଉତ ସେତୁ ନିକଟରେ କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ଜିଲ୍ଲା ବିଜେପି ସଭାପତି ରାହସ ବିହାରୀ ବେହେରା ହାଜର ହାଜର କର୍ମୀଙ୍କ ସହ ତ୍ରିରଙ୍ଗା ଯାତ୍ରାକୁ ସ୍ୱାଗତ କରିଥିଲେ। ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ, ପୂର୍ବତନ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କୋଦଣ୍ଡଧର ସାହୁ, ପୋରୁହଖୋଜ ସରପଞ୍ଚ ରତିକାନ୍ତ ସାହୁ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ମହାଦୀପ ଯଶୋବନ୍ତ ମହିମା, ଭୁବନ ଆମ୍ବ କମିଟି ସଭାପତି ଜଗବନ୍ଧୁ ପୃଷ୍ଟି, ପ୍ରେମାନନ୍ଦ ଜେନାଙ୍କ ସମେତ ବହୁ ଜନସାଧାରଣ ଏଥିରେ ସାମିଲ ହୋଇଥିଲେ। ମହୁଲପାଳ ମଣ୍ଡଳ ସଭାପତି ଅଶୋକ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଯୁବ, ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟିରେ ସଫଳତା | ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ସମ୍ବର୍ଦ୍ଧିତ

ଢେଙ୍କାନାଳ,୧୨।୮ (ସମିସ): ଶ୍ରୀକ୍ଷେତ୍ର ପୁରୀରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନକୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନର ପ୍ରଥମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସମାରୋହରେ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ଦୀର୍ଘ ଅଢ଼େଇ ବର୍ଷ ଧରି ଅନାଲୋଚିତ ଐତିହ୍ୟ ସମ୍ପନ୍ନ ପୀଠଗୁଡ଼ିକୁ ଯାତ୍ରା କରି ସେଗୁଡ଼ିକ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଯୁବଗୋଷ୍ଠୀ ତଥା ଛାତ୍ରଛାତ୍ରୀଙ୍କ ଭିତରେ ସଚେତନତା ସୃଷ୍ଟି କରିବାରେ ସଫଳତା ହାସଲ କରିଛି। କୌଣସି ସରକାରୀ ବା ଆନୁଷ୍ଠାନିକ ସହଯୋଗ ବିନା ବ୍ୟକ୍ତିଗତ ଉଦ୍ୟମରେ ଢେଙ୍କାନାଳ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ନିରନ୍ତର ଭାବେ ଏହି ଅଭିଯାନ ଜାରି ରଖିଛି। ଏଥିପାଇଁ ପୁରୀ ଐତିହ୍ୟ ପଦଯାତ୍ରା ଅନୁଷ୍ଠାନ ପକ୍ଷରୁ ଏହି ଅନୁଷ୍ଠାନକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଶିଷ୍ଟ ଗବେଷକ ଅନୀଲ ଧୀର, ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଗବେଷକ ସାରଙ୍ଗଧର ରାୟଗୁରୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଢେଙ୍କାନାଳ ଐତିହ୍ୟ ପଦଯାତ୍ରାର ଆବାହକ ଅଧ୍ୟାପକ ସୁରେଶ ପ୍ରସାଦ ମିଶ୍ର, ବରିଷ୍ଠ ସଦସ୍ୟ ରମେଶ ଚନ୍ଦ୍ର ପତି, ବଦ୍ରିନାଥ ଜେନା, ଜ୍ଞାନରଞ୍ଜନ ସାହୁ ଓ ହୃଦାନନ୍ଦ ବେହେରା ପ୍ରମୁଖ ଅତିଥିଙ୍କ ନିକଟରୁ ଏହି ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ।




## ନାଗେଶ୍ୱରଜୀଉ ଭଜନ ସନ୍ଧ୍ୟା ପରିଷଦର ଭଜନ ପରିବେଷଣ

ଗଁଦିଆ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଲାଉଲଇ ନାଗେଶ୍ୱର ମନ୍ଦିର ପରିସରରେ ପବିତ୍ର ରକ୍ଷାବନ୍ଧନ ତଥା ପ୍ରଭୁ ବଳରାମଙ୍କ ଜନ୍ମତିଥି ଉପଲକ୍ଷେ ନାଗେଶ୍ୱରଜୀଙ୍କୁ ଭଜନ ସନ୍ଧ୍ୟା ପରିଷଦ ଗଠିତ ହେବା ସହ ଭଜନ ପରିବେଷଣ କରାଯାଇଛି। ମୁଖ୍ୟ ପରିଚାଳକ ପ୍ରାକ୍ତନ ଶିକ୍ଷକ ହେମନ୍ତ ବ୍ରହ୍ମ ଓ ଅତିଥି ଗଗନ ବିହାରୀ ରାଉତ କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। ସଂଗ୍ରାମ ବାରିକ, ରବୀନ୍ଦ୍ର ଜେନା, ସତ୍ୟଜିତ ଦାସ, ସୌମ୍ୟଜିତ ବାରିକ, ସଞ୍ଜୟ ନାୟକ, ଲୋକନାଥ ହାତୀ, ଅଜୟ ବାରିକ, ଚାନ୍ଦିନୀ, ବଟକୃଷ୍ଣ ବାରିକ, ଶିବାନୀ ଭୋଇ, ଅଞ୍ଜୁବାଳା ବ୍ରହ୍ମ, ହିରଣ୍ମୟୀ ବାରିକ, ଗୋଲେଖ ଗୁରୁ, କୈଳାସ ଦାସ ଓ ନରହରି ସେଠୀ ଭଜନ ପରିବେଷଣ କରିଥିବା ବେଳେ ରମେଶ ସାହୁ, ଟୁଲିଆ, ବସନ୍ତ ବ୍ରହ୍ମ, ଚନ୍ଦୁ, ସୋନୁ ବାଦ୍ୟଯନ୍ତ୍ରରେ ସହଯୋଗ କରିଥିଲେ।

## ସୁନାଚେନ୍ ଲୁଟେରା ଗିରଫ

### ୪୨ ଗ୍ରାମ ସୁନା ସହିତ ୩ ଗାଡ଼ି ଜବତ



ଢେଙ୍କାନାଳ,୧୨।୮ (ସମିସ): ଢେଙ୍କାନାଳ ଟାଉନ ଥାନା କୁଞ୍ଜକାନ୍ତ ଅଞ୍ଚଳରେ ଛିନତାଇ ଏବଂ ଚେନ୍‌ଲୁଟ ଘଟଣାରେ ସମ୍ପୃକ୍ତ ଜଣେ ପେସାଦାର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଟାଉନ ଥାନା ରଗଡ଼ି ସାହିର ପ୍ରଶାନ୍ତ କୁମାର ସାହୁଙ୍କ ପୁଅ ରାକେଶ ସାହୁ ଓରଫ ଆକା। ତାଙ୍କଠାରୁ ପୁଲିସ ୩୭ ଗ୍ରାମର ୩ଟି ସୁନାଚେନ, ୪.୫ ଗ୍ରାମର କଟାଯାଇଥିବା ସୁନା, ୨.୫ ଗ୍ରାମର କାନଫୁଲ, ଏକ ସ୍କୁଟି, ୩ଟି ବାଇକ୍ ଜବତ କରାଯାଇଛି। ମଙ୍ଗଳବାର ରାକେଶଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

## ଆଇଆଇଏମ୍‌ସିରେ ପାଠ ପଢ଼ାଇଲେ ଏସ୍‌ପି

### ଭାରତୀୟ ପୁଲିସ ବ୍ୟବସ୍ଥାର କର୍ତ୍ତବ୍ୟ, ଆହ୍ୱାନ ଏବଂ ସଂସ୍କାର ଶୀର୍ଷକ ଆଲୋଚନା



ଢେଙ୍କାନାଳ,୧୨।୮ (ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ (ଆଇଆଇଏମ୍‌ସି) ଆନୁକୂଲ୍ୟରେ ସ୍ୱତନ୍ତ୍ର ଅଧ୍ୟାପନା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ପ୍ରତିଷ୍ଠାନର ସ୍ପନ୍ଦନ ସଭାଗୃହରେ ଓଡ଼ିଆ ଓ ଇଂରାଜୀ ସାମ୍ବାଦିକତା, କର୍ପୋରେଟ କମ୍ୟୁନିକେସନ ଏବଂ ବ୍ରାଣ୍ଡ ମ୍ୟାନେଜମ୍ୟାଣ୍ଟ ବିଦ୍ୟାର୍ଥୀଙ୍କ ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏଥିରେ ଢେଙ୍କାନାଳ ଏସପି ଅଭିନବ ସୋନକର ଯୋଗଦେଇ ପିଲାମାନଙ୍କୁ ପାଠ ପଢ଼ାଇଛନ୍ତି। ଭାରତୀୟ ପୁଲିସ ବ୍ୟବସ୍ଥାର କର୍ତ୍ତବ୍ୟ, ଆହ୍ୱାନ ଏବଂ ସଂସ୍କାର ଉପରେ ବିଷଦ ଆଲୋଚନା କରିଛନ୍ତି। ଏସ୍‌ପି ସୋନକର ପ୍ରଥମେ ଅପରାଧିକ ନ୍ୟାୟ ବ୍ୟବସ୍ଥାରୁ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ ଆରମ୍ଭ କରିଥିଲେ। ସମାଜ, ଅଭିଯୁକ୍ତ, ଅଭିଯୋଗକାରୀ, ପୀଡ଼ିତ, ନ୍ୟାୟାଳୟ, ଅନ୍ୟାନ୍ୟ ଆଇନ ପ୍ରବର୍ତ୍ତନ ସଂସ୍ଥା ଏବଂ ସଂସ୍କାରମୂଳକ ପ୍ରତିଷ୍ଠାନ ଆଦି ବାବଦରେ ଆଲୋଚନା କରିଥିଲେ। ସେହିପରି ରାଜ୍ୟ ପୁଲିସ, କେନ୍ଦ୍ରୀୟ ଆଇନ ପ୍ରବର୍ତ୍ତନ ସଂସ୍ଥା, ଆରପିଏଫ ଓ ଜିଆରପି, ସେମାନଙ୍କ କାର୍ଯ୍ୟଧାରା, ପୁଲିସ ଅଧିକାରୀଙ୍କ ଗଠନ ଓ କ୍ରମିକତା ଆଦି ବାବଦରେ ଆଲୋଚନା କରିଥିଲେ। ଏହାଛଡ଼ା ସାଇବର ଅପରାଧ ତଥା ବିଭିନ୍ନ ଅପରାଧ ସହ ଜଡ଼ିତ ହେଲ୍ପଲାଇନ ଆଦି ବିଷୟରେ ବିଦ୍ୟାର୍ଥୀଙ୍କୁ ଅବଗତ କରିଥିଲେ। ପ୍ରାରମ୍ଭରେ ଆଇଆଇଏମସିର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ସ୍ୱାଗତ ଅଭିଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ପୂର୍ବତନ ସାଂସଦଙ୍କ ସହାୟତା



ଖଜୁରିଆକଟା,୧୨।୮ (ସମିସ): ହିନ୍ଦୋଳ ବ୍ଲକ ରାସୋଳ ପଞ୍ଚାୟତ ନୂଆପାଟଣା ଗ୍ରାମର ସୁଦାମ ସାହୁ (୪୨)ଙ୍କର କଟକ ଜିଲ୍ଲା ଆଠଗଡ଼ଠାରେ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ ସୁଦାମଙ୍କ ନୂଆପାଟଣାସ୍ଥିତ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇବା ସହ ସହାୟତା ପ୍ରଦାନ କରିଛନ୍ତି। ଏଥିସହ ସୁଦାମଙ୍କ ଦୁଇ ଛୋଟପିଲାଙ୍କ ଶିକ୍ଷାଭାର ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ମହେଶଙ୍କ ଏହି ମହନୀୟତାକୁ ଗ୍ରାମବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

## ସାହିତ୍ୟ ସଂସଦର ଶ୍ରାବଣ ଉତ୍ସବ ପାଳିତ

ଢେଙ୍କାନାଳ,୧୨।୮ (ସମିସ): ସ୍ଥାନୀୟ ଶିଳ୍ପ ଓ ବାଣିଜ୍ୟ ପ୍ରତିଷ୍ଠାନ ସଭାଗୃହରେ ବାଙ୍କିର ପର୍ବତେଶ୍ୱର ସାହିତ୍ୟ ଓ ସାଂସ୍କୃତିକ ସଂସଦ ତରଫରୁ ଶ୍ରାବଣ ଉତ୍ସବ ପାଳିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ରାଜ୍ୟ ସଦସ୍ୟ, ୟୁନେସ୍କୋର ରାଜ୍ୟ ସଂଯୋଜକ କବି ବାହାଦୁର ପାଟସାହାଣୀ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ, ଶିକ୍ଷାବିତ ଓ ଗବେଷକ ପ୍ରଫେସର ଡ. ବିମ୍ବାଧର ବେହେରା, ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ସମ୍ମାନିତ ଅତିଥି ଭାବେ ବୋଲଗଡ଼ର କବି ତଥା ସାହିତ୍ୟିକା ଗୀତାଞ୍ଜଳି ମହାପାତ୍ର, ଅନୁଷ୍ଠାନର ସମ୍ପାଦକ କବି ବିଦ୍ୟାଧର ଖଟୁଆ ଯୋଗଦେଇଥିଲେ। ବର୍ଷା ଉପରେ ଆଧାରିତ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ସଞ୍ଜୁକ୍ତା କରଣ ଓ ମମତା ମିଶ୍ର କବିତାଗୁଡ଼ିକୁ ସଂଯୋଜନା କରିଥିଲେ। ୩୦ରୁ ଊର୍ଦ୍ଧ୍ୱ କବି ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାକ୍ତନ ଢେଙ୍କାନାଳ ଜିଲ୍ଲା ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ଡ. ପୁଷ୍ପଲତା ରଥ, ଥିଙ୍କର୍ସ ଫୋରମ ସମ୍ପାଦକ କବି ପ୍ରକାଶଚନ୍ଦ୍ର ରାଉତ, ସନ୍ଧ୍ୟାତାରା ସାହିତ୍ୟ ସଂସଦ ସମ୍ପାଦକ କବି ବିଭୂତି ଭୂଷଣ ବେହେରା, ଛ'ଦେଶ ସାହିତ୍ୟ ସଂସଦ ସମ୍ପାଦକ କବି ଇଂ ଫକୀର ମୋହନ ସାହୁ, ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଅନୁଗୋଳ ଜିଲ୍ଲା ସମ୍ପାଦକ କବି ଦୁର୍ଯ୍ୟୋଧନ ସାହୁ, କବି ଜୟକୃଷ୍ଣ ମହାପାତ୍ର, ପ୍ରଫେସର ବିଶ୍ୱନାଥ ମହାପାତ୍ର, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର ନାୟକ, କବି ଲିଙ୍କୁ ପତି, କାହ୍ନୁଚରଣ ବାରିକ, କାହ୍ନୁ ଚରଣ ମୁଦୁଲି, ଚନ୍ଦ୍ରମଣି ନାୟକ ଓ ସର୍ବୋଦୟ ମଣ୍ଡଳର ଜିଲ୍ଲା ସଂଯୋଜକ ଇଂ ଲଳିତ ମୋହନ ବେହେରା ଯୋଗଦେଇଥିଲେ। କବି ଲିଙ୍କୁ ପତି ଭଜନ ପରିବେଷଣ କରିଥିଲେ। ସମ୍ପାଦକ ବିଦ୍ୟାଧର ଖଟୁଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କବି ଗୋଲକ ବିହାରୀ ବେହେରା, ଅଧ୍ୟାପକ ବିଜୟ କୁମାର ସାହୁ ଓ କବି ପରମାନନ୍ଦ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସହ ସମ୍ପାଦକ ପ୍ରଫୁଲ୍ଲ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।



## କପିଳାସ ପ୍ରାଣୀ ଉଦ୍ୟାନରେ ବିଶ୍ୱ ହାତୀ ଦିବସ



ଗଁଦିଆ,୧୨।୮ (ସମିସ): ଢେଙ୍କାନାଳ ଜିଲ୍ଲା କପିଳାସ ପ୍ରାଣୀ ଉଦ୍ୟାନ ପ୍ରାଙ୍ଗଣରେ ମଙ୍ଗଳବାର ବିଶ୍ୱ ହାତୀ ଦିବସ ପାଳିତ ହୋଇଛି। ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୬ଟି ହାତୀ ଥିବାବେଳେ ୨ଟି ବଡ଼ ହାତୀ (ନାମ-ରାକେଶ, ଟୁଙ୍ଗୁରୁ) ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସି ନ ଥିବାରୁ ଅନ୍ୟ ୪ ହାତୀ (ନାମ-ପଦ୍ମା, ଶ୍ୟାମା, ଶିବା, କପିଳ)ଙ୍କୁ ଚନ୍ଦନ, ସିନ୍ଦୂର ଲଗାଇ ପୂଜାର୍ଚ୍ଚନା କରି ପ୍ରାଣୀ ଉଦ୍ୟାନ ପରିସରରେ ବୁଲାଯାଇଥିଲା। ସମସ୍ତ ହାତୀଙ୍କୁ କଦଳୀ, ସେଓ, ନଡ଼ିଆ ଆଦି ଖାଇବାକୁ ଦିଆଯାଇଥିଲା। ହାତୀମାନେ ପର୍ଯ୍ୟଟକମାନଙ୍କୁ ଉତ୍ସାହିତ କରିଥିଲେ। କପିଳାସ ରେଞ୍ଜ ପରିସରରେ ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ସହକାରୀ ବନ ସଂରକ୍ଷକ ଶ୍ୟାମା ଭାରତୀ, କପିଳାସ ରେଞ୍ଜ ଅଧିକାରୀ ଗିରୀଶ ନାୟକ, ଡ. ଅସିତ ଚକ୍ରବର୍ତ୍ତୀ, ବାୟୋଲୋଜିଷ୍ଟ ଆଲୋକ ନାୟକ ଏବଂ ସମସ୍ତ ହାତୀ ସ୍କ୍ୱାଡ୍ ଓ ବନ କର୍ମଚାରୀ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

## ଋଣ ବୋଝ ଯୋଗୁଁ ମହିଳା ନିଜ ଶରୀରରେ ନିଆଁ ଲଗାଇବା ଘଟଣା | ଘଟଣାସ୍ଥଳରେ ଢେଙ୍କାନାଳ ଏସ୍‌ପିଙ୍କ ତଦନ୍ତ

ଭୁବନ,୧୨।୮ (ସମିସ): ଭୁବନ ଏନ୍‌ଏସି ପୁରୁଣା ଥାନା ସମ୍ମୁଖରେ ଦେହରେ କିରୋସିନ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ମହିଳାଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକର। ଗୁରୁତର ମହିଳା ପ୍ରେମଲତା ନାୟକ ଏବେ କଟକ ଏସ୍‌ସିବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ପ୍ରେମଲତାଙ୍କ ସ୍ୱାମୀ ଅଜୟ ବେହେରା ଡ୍ରାଇଭର ଭାବେ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରନ୍ତି। ଆଜକୁ ୨ ବର୍ଷ ପୂର୍ବେ ଏଲ ଆଣ୍ଡ ଟି ଫାଇନାନ୍ସ କମ୍ପାନୀରୁ ୮୦ହଜାର ଟଙ୍କା ଋଣ କରିଥିଲେ। ଏ ବାବଦ ମାସିକ ପାଖାପାଖି ୩୮୫୦ ଟଙ୍କା ଶୁଝିବାକୁ ପଡୁଥିଲା। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ଗତ ୨/୩ ମାସର କିସ୍ତି ବାକି ରହିଥିଲା। ତେବେ ଫାଇନାନ୍ସ କମ୍ପାନୀ ଅଧିକାରୀ ଟଙ୍କା ପାଇଁ ଜୁଲମ କରିବାରୁ ଲୋକଲଜ୍ଜା ଭୟରେ



ସୋମବାର ସନ୍ଧ୍ୟାରେ ପ୍ରେମଲତା ଆତ୍ମହତ୍ୟା ଉଦ୍ୟମ କରିଥିବା ଜଣାପଡ଼ିଛି। ମଙ୍ଗଳବାର ଏସପି ସୋନକର ପ୍ରେମଲତାଙ୍କ ଘରେ ପହଞ୍ଚି ତଦନ୍ତ କରିଛନ୍ତି। ଏ ସମ୍ପର୍କରେ ପ୍ରତ୍ୟକ୍ଷଦର୍ଶୀ (ପ୍ରେମଲତାଙ୍କ ଦେହରୁ ନିଆଁ ଲିଭାଇଥିବା ମହିଳା) ମମତା ନାୟକ କହିଛନ୍ତି ଘଟଣା ଦିନ ଫାଇନାନ୍ସ କମ୍ପାନୀ ଅଧିକାରୀ ଟଙ୍କା ପାଇଁ ଆସିଥିଲେ। କିସ୍ତି ଦେଇ ନ ପାରିବାରୁ ପ୍ରେମଲତା ମାନସିକ ଚାପରେ ଥିଲେ। ସନ୍ଧ୍ୟା ସାଢ଼େ ୭ଟାରେ ହଠାତ ତାଙ୍କ ଘରେ ନିଆଁ ଦେଖି ସେଠାରେ ପହଞ୍ଚିବାରୁ ପ୍ରେମଲତା ଜଳିଯାଉଥିବା ଦେଖିଥିଲେ। ତୁରନ୍ତ ପାଣି ଢାଳି ନିଆଁ ଲିଭାଇବା ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିଲା ବୋଲି ମମତା କହିଛନ୍ତି। ସେହିପରି ଗ୍ରୁପ ସଦସ୍ୟା ଲଳିତା ବେହେରା କୁହନ୍ତି, ୨୦୨୩ରେ ଆମେ ଋଣ ନେଇଥିଲୁ। ପ୍ରେମଲତା ୨ ମାସର କିସ୍ତି ଦେଇପାରି ନାହାନ୍ତି। ତେଣୁ ଘରେ ଟଙ୍କା ପାଇଁ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୁଏ ବୋଲି ଲଳିତା କହିଛନ୍ତି। ପ୍ରେମଲତାଙ୍କ ସ୍ୱାମୀ କୁହନ୍ତି ମୁଁ ଡୁବୁରୀରୁ ଗାଡ଼ି ପାଖରୁ ଆସୁଥିଲି। ଫାଇନାନ୍ସ ବାଲା ଆସିଥିବା ପ୍ରେମଲତା କହିଲେ। ପରେ ମୋତେ ଚା' କରି ଦେଲେ। ଏହି ସମୟରେ ଦୁଆର ମୁହଁରେ ଚିତ୍କାର କରିବାରୁ ଦେଖିଲି ସେ ପୋଡ଼ିଯାଉଛି। ଏସପି ସୋନେକର କୁହନ୍ତି, ସମସ୍ତଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ। ଅନ୍ୟପଟେ ଭୁବନ ଏନ୍‌ଏସି ୱାର୍ଡ ନମ୍ବର ୨ର କାଉନସିଲର କୃପାସିନ୍ଧୁ ବେହେରାଙ୍କଠାରୁ ଖବର ପାଇ ଏତଲା ଦାଏର କରାଯାଇଥିବା ଥାନାଧିକାରୀ ଧୀରେନ ସ୍ୱାଇଁ କହିଛନ୍ତି।

## ଆଦୃତ ଶିଶୁ ସଦନରେ ଅନ୍ତେବାସୀଙ୍କ ସାମୂହିକ ଜନ୍ମଦିନ ପାଳିତ

ଢେଙ୍କାନାଳ,୧୨।୮ (ସମିସ): ପବିତ୍ର ଗହ୍ମାପୂର୍ଣ୍ଣିମା ଅବସରରେ ଶ୍ୟାମାଚରଣପୁରସ୍ଥିତ ଆଦୃତ ଶିଶୁ ସଦନରେ ଅନ୍ତେବାସୀଙ୍କ ସାମୂହିକ ଜନ୍ମଦିନ ଓ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଆଦିତ୍ୟ ମହାନ୍ତିଙ୍କ ତତ୍ତ୍ୱାବଧାନରେ ରାଜ୍ୟର ୧୧ ଜିଲ୍ଲାରେ ଥିବା ଆଦୃତ ଶିଶୁ ସଦନରେ ଏହି ଉତ୍ସବ ଅନୁଷ୍ଠିତ ହୋଇଆସୁଛି। ଚଳିତ ବର୍ଷ ନିଆରା ଢଙ୍ଗରେ ପ୍ରତ୍ୟେକ ଶିଶୁଙ୍କୁ ଜଣେ ଜଣେ ମାଆ ଫୁଲଚନ୍ଦନ ସହ ବିଜୟ ତିଳକ ଲଗାଇଥିଲେ। ମୁଖ୍ୟଅତିଥି ଭାବେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଆଇନଜୀବୀ ପୁଷ୍ପକ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ଶିଶୁ ସାହିତ୍ୟିକ ଶୁଭନାରାୟଣ ଶତପଥୀ, ଅବସରପ୍ରାପ୍ତ ୱିଂ କମାଣ୍ଡର ଭବାନୀ ଶଙ୍କର ସିଂଦେଓ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ରେଡକ୍ରସ କାର୍ଯ୍ୟକର୍ତ୍ତା ବିରଞ୍ଚି ନାରାୟଣ ପାଣି, ଡିଏସପି କୁମାରୀ ଯୀଶା, ଲେଫ୍ଟନାଣ୍ଟ କମାଣ୍ଡାଣ୍ଟ ଆର୍‌କେ ବଳ ପ୍ରମୁଖ ଯୋଗଦେଇଥିଲେ। ଶିଶୁମାନେ ଅତିଥିଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଅନୁଷ୍ଠାନର ଅନ୍ତେବାସୀ ସୌମ୍ୟରଞ୍ଜନ ବେଜ ବୈଷୟିକ ଶିକ୍ଷା ସମାପ୍ତ କରି ଚାକିରି ପାଇଥିବାରୁ ତାଙ୍କୁ ସମ୍ମାନିତ କରାଯାଇଥିଲା। ଅବସରପ୍ରାପ୍ତ ଶିକ୍ଷାବିତ ପରେଶ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ସମାଜସେବୀ ଶିବପ୍ରସାଦ ପଣ୍ଡା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନୁଷ୍ଠାନର ଅଧୀକ୍ଷକ ନୀଳମଣି ମହାପାତ୍ର ଓ ଗୃହ ପରିଚାଳକ ସୁଶାନ୍ତ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରୋଟାରିଆନ ରାଜକିଶୋର ବେହେରା, ସଞ୍ଜୀବ ବିହାରୀ, ରୋଜାଲିନ ସ୍ୱାଇଁ, କାଦମ୍ବିନୀ ମହାକୁଡ଼, ରଶ୍ମିତା ରଥ, ଶ୍ରଦ୍ଧା ପଟ୍ଟନାୟକ, ଗୀତା ମହାପାତ୍ର, ଯୋଗୀନାଥ ମହାନ୍ତି, ମହମ୍ମଦ ନସିମ, ଅନୁସୂୟା ମିଶ୍ର, ମନସ୍ୱିନୀ ମିଶ୍ର, ଜ୍ଞାନରଞ୍ଜନ ଭୁତିଆ, ସଞ୍ଜୀବ ମହାପାତ୍ର, ଅନିତା ରଥ ପ୍ରମୁଖ ସହଯୋଗ କରିଥିଲେ।



## ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲା

# ବିଜେଡି ପକ୍ଷରୁ ବିକ୍ଷୋଭ ଓ ରାସ୍ତାରୋକ





ଜିଲ୍ଲାପାଳଙ୍କ ଗାଡ଼ିକୁ ଛାଡ଼ିଲେନି

**ରାଜନଗର, ୧୨।୮ (ସମିସ)**

ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ମାମଲାକୁ ନେଇ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି। ମଙ୍ଗଳବାର ବିଜେଡି ଏହାକୁ ନେଇ ରାଜରାସ୍ତାକୁ ଓହ୍ଲାଇଛି। ରାଜନଗର ହଂସୁଆ ସେତୁ ନିକଟରେ ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାସ୍ତାରୋକ କରାଯାଇଛି। ସରକାର ବିରୋଧୀ ନାରା ଦେବା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ରାସ୍ତାରେ ଟାୟାର ଜାଳି ରାସ୍ତା ଅବରୋଧ ଯୋଗୁଁ ଶହ ଶହ ଗାଡ଼ିମୋଟର ଅଟକି ରହିଥିଲା। ଏଥିସହ ରାଜନଗର ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିବାକୁ ଆସିଥିବା କେନ୍ଦ୍ରାପଡ଼ା ଜିଲ୍ଲାପାଳ, ଉପଜିଲ୍ଲାପାଳ ଗାଡ଼ି ବିକ୍ଷୋଭ ସମୟରେ ଆସିଥିଲେ ମଧ୍ୟ ବିକ୍ଷୋଭକାରୀ ଜିଲ୍ଲାପାଳଙ୍କ ଗାଡ଼ିକୁ ଛାଡ଼ିନଥିଲେ। ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଘଟଣାସ୍ଥଳକୁ ଆସି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ବିକ୍ଷୋଭକାରୀ ଶୁଣିନଥିଲେ। ଜିଲ୍ଲାପାଳ ଗାଡ଼ି ବୁଲାଇ ବ୍ଲକ କାର୍ଯ୍ୟାଳୟକୁ ଫେରିଯାଇଥିଲେ। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ଓ ପୀଡ଼ିତାକୁ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତଙ୍କ ନେତୃତ୍ୱରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ମହିଳା ବିଜେଡି ସଭାପତି ରଶ୍ମି ରଞ୍ଜିତା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, କୈଳାସ ଚନ୍ଦ୍ର ପରିଡ଼ା, ଦେବେନ୍ଦ୍ର ଜେନା, ରଞ୍ଜନ ମହାନ୍ତି, ପ୍ରମୋଦ ପ୍ରଧାନ, ଅଶୋକ ପ୍ରଧାନ, ଦାମୋଦର ମହାନ୍ତି, ଉରୋଜ ରାଉତ, ଛାତ୍ର ନେତା ରବୀନ୍ଦ୍ର କୁମାର ସିଂ, ସୁଶାନ୍ତ ବେହେରା, ସୁରଜ ପୁହାଣ, ବିଚିତ୍ର ମଲିକ, ପରମେଶ୍ୱର ଦାସ, ସାଗର ବଳ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ୍ ହୋଇଥିଲେ।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା ବିଜେଡି ପ୍ରତିନିଧି ଦଳ



**ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଇସା ଓ ଅନ୍ୟ ୪ ଜଣ ଯୁବକ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ ବିଜେଡି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସଭାନେତ୍ରୀ ଲିଲିତା ଦାସ, କେନ୍ଦ୍ରାପଡ଼ା ଜିଲ୍ଲା ମହିଳା ସଭାନେତ୍ରୀ ରୋସନା ସାହୁ, ବିଜେଡି ମାଇନର ସେଲ ସହ ସଂଯୋଜକ ରିଜୁଆନା ବେଗମ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତ୍ସ୍ନା ପରିଡ଼ା, ରାଜ୍ୟ ସାଧାରଣ ସମ୍ପାଦିକା ଅଂଶୁ ତ୍ରିପାଠୀ, ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ରାଜନଗର ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଘଟଣାକୁ ଯେତେ ନିନ୍ଦା କାଲେ କମ୍ ହେବ। ପୀଡ଼ିତା ପରିବାର ଅତ୍ୟନ୍ତ ଗରିବ। ତ୍ୱରିତ ନ୍ୟାୟ ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ପୀଡ଼ିତାଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

## ପୀଡ଼ିତାଙ୍କ ପରିବାରକୁ ଭେଟିଲା କଂଗ୍ରେସ ପ୍ରତିନିଧି ଦଳ



**ରାଜନଗର, ୧୨।୮ (ସମିସ):** ରାଜନଗର ଥାନା ଅଞ୍ଚଳରେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପିଇସା ଓ ଅନ୍ୟ ୪ ଜଣ ଯୁବକ ଗଣଦୁଷ୍କର୍ମ କରିବା ଘଟଣା ସମଗ୍ର ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏହି ଘଟଣାରେ ମଙ୍ଗଳବାର ସନ୍ଧ୍ୟାରେ କଂଗ୍ରେସ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ରାଜନଗର ଥାନାରେ ଆଇଆଇସିଙ୍କ ସହିତ ଘଟଣା ସମ୍ପର୍କରେ ଆଲୋଚନା କରିଛନ୍ତି। ପୂର୍ବତନ ମନ୍ତ୍ରୀ ନଗେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ କେନ୍ଦ୍ରାପଡ଼ା ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପିସିସି ସମ୍ପାଦିକା ସସ୍ମିତା ପଣ୍ଡା, ଶିଳ୍ପୀଶ୍ରୀ ହରିଚନ୍ଦନ, ମଧୁସ୍ମିତା ଆଚାର୍ଯ୍ୟ, ସମସିତା ତଯାବ, ଅମ୍ରିତା ଦାସ, ପ୍ରଦୀପ ପ୍ରଧାନ, ପ୍ରଶାନ୍ତ ରାଉତ, ସତ୍ୟପ୍ରିୟ ସାମଲ ପ୍ରମୁଖ ପୀଡ଼ିତାଙ୍କ ପରିବାରକୁ ଭେଟିବା ସହିତ ରାଜନଗର ଥାନାରେ ପହଞ୍ଚି ଆଲୋଚନା କରିଛନ୍ତି। ଘଟଣାକୁ ନିନ୍ଦା କରିବା ସହିତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ଓ ପୀଡ଼ିତାଙ୍କ ପରିବାରକୁ ସହାୟତା ପ୍ରଦାନ କରିବାକୁ ପ୍ରତିନିଧି ଦଳ ଦାବି କରିଛି।

## ଦୂଷିତ ପାଣିପିଇ ୬ ଛାତ୍ରଛାତ୍ରୀ ଜଣ୍ଡିସ୍‌ରେ ଆକ୍ରାନ୍ତ



ପହଞ୍ଚିଲା ମେଡିକାଲ ଟିମ୍

**ଆଳି, ୧୨।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଅନ୍ତର୍ଗତ ଗୋପାଳପୁର ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଗତ କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟରେ ଥିବା ନଳକୂଅର ଦୂଷିତ ପାଣିକୁ ବ୍ୟବହାର କରିବା ଦ୍ୱାରା ଜଣ୍ଡିସ ରୋଗରେ ପୀଡ଼ିତ ହୋଇଛନ୍ତି। ଯାହାକୁ ନେଇ ସୋମବାର ଅଭିଭାବକମାନେ ଅଭିଯୋଗ କରିବା ପରେ ମଙ୍ଗଳବାର ପ୍ରଶାସନ ପକ୍ଷରୁ ଆଳି ମେଡିକାଲର ଏକ ଟିମ୍ ତତ୍‌ସହିତ ଜଳ, ପରିମଳ ଓ ଯୋଗାଣ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ପ୍ରକାଶ ଯେ, ଉକ୍ତ ବିଦ୍ୟାଳୟରେ ପଢୁଥିବା ଗୋପାଳପୁର ଏବଂ ପତ୍ରପୁର ଗ୍ରାମ ପିଲାଙ୍କଠାରେ ଜଳଜନିତ ରୋଗ ଯଥା- ହଇଜା, ବାନ୍ତି, ପେଟ ସମସ୍ୟା ଦେଖାଦେଇଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରୁ ସ୍ୱାସ୍ଥ୍ୟ ପରୀକ୍ଷା କରିବା ଦ୍ୱାରା ମଙ୍ଗଳବାର ୬ ଜଣ ଛାତ୍ରଛାତ୍ରୀ ସୌଭାଗ୍ୟ ସେଠୀ, ଅଂଶୁମାନ ନାୟକ, ପାୟଲ ଦାସ, ଝରଣା ଜେନା, ସୋନାଲି ଜେନା, ଜୟଶ୍ରୀ ନାଥଙ୍କର ରକ୍ତ ନମୁନାରେ ତାଙ୍କୁ ଜଣ୍ଡିସ ହୋଇଥିବା ଜଣାପଡ଼ିଛି।

ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟରେ ୨୫୦ରୁ ଉର୍ଦ୍ଧ୍ୱ ପିଲା ପାଠ ପଢୁଥିବାବେଳେ ନଳକୂଅଟି ଦୀର୍ଘ ଦିନ ହେବ ଖରାପ ହୋଇ ସେଥିରୁ କଳଙ୍କି ପାଣି, ଗୋଳିଆ ଓ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଥିବା ନେଇ ବାରମ୍ବାର ଅଭିଯୋଗ ହେବା ପରେ ବିଦ୍ୟାଳୟରେ ଏକ ଆକ୍ୱାଗାର୍ଡ ଲାଗିଥିଲା। କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଆକ୍ୱାଗାର୍ଡଟି ଖରାପ ହୋଇଯିବାରୁ କୌଣସି ବିକଳ୍ପ ନ ଥାଇ ପିଲାମାନେ ଏହି ନଳକୂଅ ପାଣିକୁ ପାନୀୟ ଭାବେ ବ୍ୟବହାର କରିବା ସହିତ ମଧ୍ୟାହ୍ନ ଭୋଜନ ପାଇଁ ମଧ୍ୟ ଏହି ନଳକୂଅର ଜଳ ବ୍ୟବହାର ହେଉଛି। ଯାହାକୁ ବ୍ୟବହାର କରିବା ଫଳରେ ପିଲାମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରେ ଲାଗିଛି। ପିଲାମାନଙ୍କ ଆଖି ହଳଦିଆ ପଡ଼ିବା, ବାନ୍ତି ହେବା, ଆଂଶିକ ଜ୍ୱର ହେବା ଆଦି ଲକ୍ଷଣ ଦେଖାଦେଉଥିବା ୫ ଜଣ ଛାତ୍ରଛାତ୍ରୀଙ୍କଠାରୁ ମଙ୍ଗଳବାର ରକ୍ତ ନମୁନା ସଂଗ୍ରହ ହୋଇଥିଲା। ତତ୍‌ସହିତ ବିଦ୍ୟାଳୟର ଏବଂ ଗ୍ରାମରେ ଥିବା ଅଙ୍ଗନବାଡ଼ି ଓ ଅନ୍ୟ ୪ଟି ସ୍ଥାନରୁ ପିଏଚ୍‌ଇଓ ରଶ୍ମି ରଞ୍ଜନ ବାରିକଙ୍କ ଦ୍ୱାରା ପାଣି ନମୁନା ସଂଗ୍ରହ କରାଯାଇଥିବା ନେଇ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ପ୍ରଣବ ଶୁକ୍ଳା ସୂଚନା ଦେଇଛନ୍ତି। ଏଥିସହିତ ମୋଟ୍ ୩୫ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିବା ନେଇ ମଧ୍ୟ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ ଖୁବ୍‌ଶୀଘ୍ର ବିଡିଓ ଅବିନାଶ ବିଶ୍ୱଜିତ୍ ସେଠୀଙ୍କ ସହ ଆଲୋଚନା କରାଯାଇ ଏହି ଅଞ୍ଚଳର ପାନୀୟଜଳ ସମସ୍ୟାର ଦୂରୀକରଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବା ନେଇ ଜଳ, ପରିମଳ ଓ ଯୋଗାଣ ବିଭାଗର ଯନ୍ତ୍ରୀ ଅଶୋକ ସାହୁ ସୂଚନା ଦେଇଛନ୍ତି।

## ହାଇସ୍କୁଲ ପିଅନଙ୍କ ନାମରେ ଅସଦାଚରଣ ଅଭିଯୋଗ

**କେନ୍ଦ୍ରାପଡ଼ା, ୧୨।୮ (ସମିସ):** କେନ୍ଦ୍ରାପଡ଼ା ସହରର ଏକ ହାଇସ୍କୁଲର ପିଅନ ସମ୍ପୃକ୍ତ ସ୍କୁଲର ପାଚିକାଙ୍କୁ ଅସଦାଚରଣ କରିଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ପିଅନ ଜଣକ ସେହି ବିଦ୍ୟାଳୟର ପାଚିକାଙ୍କୁ ବିଭିନ୍ନ ସମୟରେ ହଇରାଣ ହରକତ କରିବା ସହ ଅସଦାଚରଣ କରୁଥିବା ନେଇ ପାଚିକା ସଂଘ କେନ୍ଦ୍ରାପଡ଼ା ମଣ୍ଡଳ ଶିକ୍ଷା ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛି। ମଣ୍ଡଳ ଶିକ୍ଷାଧିକାରୀ ଅଭିଯୋଗ ପାଇବା ପରେ ସେହି ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି।

ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ପ୍ରସାଦ ମନ୍ତ୍ରୀଙ୍କ କହିଛନ୍ତି ଯେ ସମ୍ପୃକ୍ତ ସ୍କୁଲରେ ଛାତ୍ରଛାତ୍ରୀଙ୍କ ତୁଳନାରେ ଆବଶ୍ୟକ ସଂଖ୍ୟକ ପାଚିକା ରୋଷେଇ କରିବା ପାଇଁ ନାହାନ୍ତି। ତେଣୁ ପାଚିକାମାନେ ବିଭିନ୍ନ ସମୟରେ ଏହି ଘଟଣାକୁ ନେଇ ଅଭିଯୋଗ କରିଥାନ୍ତି। ବିଭିନ୍ନ ସମୟରେ ଅଧିକ ପାଚିକା ନିଯୁକ୍ତି ପାଇଁ ଦାବି ମଧ୍ୟ ହୋଇଆସିଛି। ତେବେ ପାଚିକାଙ୍କୁ ରୋଷେଇ କାର୍ଯ୍ୟରେ ସହଯୋଗ କରିବା ପାଇଁ ସେହି ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ(ପିଅନ)ଙ୍କୁ ନିୟୋଜିତ କରାଯାଇଥିବାବେଳେ ସମ୍ପୃକ୍ତ ପିଅନ ପାଚିକାଙ୍କୁ ଅସଦାଚରଣ କରିଥିଲେ। ଫଳରେ ପାଚିକାମାନେ ନବମ ଓ ଦଶମ ଶ୍ରେଣୀ ଛାତ୍ରୀଙ୍କ ପାଇଁ ରୋଷେଇ କରିବାକୁ ମନାକରି ଦେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀ ମନ୍ତ୍ରୀ କହିଛନ୍ତି ଯେ ଆମେ ଏନେଇ ଅଭିଯୋଗ ପାଇଛୁ। ଏହାର ତଦନ୍ତପୂର୍ବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ନୂଆ ପାଚିକା ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ଅନ୍ୟ କାହାକୁ ପାଚିକା ନିଯୁକ୍ତି କରିବା ପାଇଁ ପ୍ରଧାନଶିକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମଣ୍ଡଳ ଶିକ୍ଷାଧିକାରୀ କହିଛନ୍ତି।

## କେନାଲରେ ବୁଡ଼ି ବୃଦ୍ଧ ମୃତ

**ରାଜନଗର, ୧୨।୮ (ସମିସ):** ମଙ୍ଗଳବାର ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖଣତା ପଞ୍ଚାୟତ ଡିମିରିଆ ଗାଁର ହରେକୃଷ୍ଣ ରାଉତ(୬୭)ଙ୍କର କେନାଲ ପାଣିରେ ବୁଡ଼ି ମୃତ୍ୟୁ ହୋଇଛି। ସକାଳେ ହରେକୃଷ୍ଣ ଚାଷ କାମ କରିବାକୁ ବିଲକୁ ଯାଉଥିଲେ। ବିଲରେ ଥିବା ସମୟରେ ଅସହ୍ୟ ଗୁଳୁଗୁଳି ଓ ଗରମ ଯୋଗୁଁ ମୁଣ୍ଡ ବୁଲାଇ ଦେଇଥିଲା। ଫଳରେ ନିକଟରେ ଥିବା କେନାଲ ମଧ୍ୟରେ ପଡ଼ିଯାଇଥିଲେ। ପାଖ ବିଲରେ କାମ କରୁଥିବା ଲୋକମାନେ ଦେଖି ତୁରନ୍ତ ଆସି ତାଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ରାଜନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ସହ ଶବବ୍ୟବଚ୍ଛେଦ ପାଇଁ ଆଳି ପଠାଯାଇଛି।

## ନାବାଳିକାକୁ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ପାରାଦ୍ୱୀପ, ୧୨।୮ (ସମିସ):** ଜଗତସିଂହପୁର ଜିଲ୍ଲା ପାରାଦୀପ ଅଭୟଚାନ୍ଦପୁର ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ସୋମବାର ଘରେ କେହି ନ ଥିବାବେଳେ ଜଣେ ୧୭ ବର୍ଷୀୟା ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ପଡ଼ୋଶୀ କୁମର ଦଳେଇ (୩୫) ନାମକ ଜଣେ ଯୁବକ ଦୁଷ୍କର୍ମ ଉଦ୍ୟମ କରିଥିବା ନେଇ ପୀଡ଼ିତା ମଙ୍ଗଳବାର ଅଭୟଚାନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ଦୁଷ୍କର୍ମ ଉଦ୍ୟମକାରୀ ଯୁବକକୁ ଗାଁରୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରିବା ସହିତ ଅଧିକ ତଦନ୍ତ କରୁଛି।

## ସଫେଇ ଆଳରେ ମହିଳାଙ୍କଠାରୁ ସୁନା ଲୁଟ୍

**ଡେରାବିଶ, ୧୨।୮ (ସମିସ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡ୍ଡାମୂଳ ଗ୍ରାମରେ ସୋମବାର ଅପରାହ୍ନରେ ଦୁଇଜଣ ବ୍ୟକ୍ତି ଏକ ବାଇକ୍‌ରେ ଆସି ପହଞ୍ଚି ଗ୍ରାମର ମହିଳାମାନଙ୍କୁ ମଇଳା ଓ କଳା ପଡ଼ିଯାଇଥିବା ସୁନା ଅଳଙ୍କାର ସଫେଇ କରିଦେବେ ବୋଲି କହିଥିଲେ। ଏହି କଥାରେ ପ୍ରଲୋଭିତ ହୋଇ ଗ୍ରାମର ଜଣେ ମହିଳା ତାଙ୍କ ସୁନା କାନଫୁଲକୁ ଉକ୍ତ ଯୁବକ ଦୁଇଜଣଙ୍କୁ ସଫା କରିବାକୁ ଦେଇଥିଲେ। ଏହି ସମୟରେ ଯୁବକ ଦୁଇଜଣ ସୁନା ସଫେଇ ଆଳରେ ମହିଳାଙ୍କ ସୁନା କାନଫୁଲକୁ କୌଶଳ କ୍ରମେ ନେଇଯାଇ ଏକ ନକଲି କାନଫୁଲକୁ ଚତୁରତାର ସହିତ ଦେଇ ସେଠାରୁ ତୁରନ୍ତ ଛୁ ମାରିଥିଲେ। ପରେ ମହିଳା ଜଣକ ତାଙ୍କ ସୁନା କାନଫୁଲ ବଦଳରେ ଅନ୍ୟ ଏକ ନକଲି କାନଫୁଲ ଦେଖି ଉକ୍ତ ଯୁବକ ଦୁଇଜଣଙ୍କୁ ଖୋଜିଲା ବେଳକୁ ସେମାନେ ଆଉ ପାଇନଥିଲେ।

## ସାପ କାମୁଡ଼ାରେ ବୃଦ୍ଧ ମୃତ

**ଆଳି, ୧୨।୮ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ ଭୂଇଁପୁର ପଞ୍ଚାୟତ ମାନପୁର ଗ୍ରାମ ହରିଜନ ସାହିର ଜଣେ ବୃଦ୍ଧ ଚାଷୀ ଅଲେଖ ଜେନା (୫୫)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଚାଷ କାର୍ଯ୍ୟ ନିମନ୍ତେ ସେ ବିଲକୁ ଯାଇଥିବାବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଲେଖଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଜଣାପଡ଼ିଛି।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଦଳୀୟ ସଭାକୁ ବିରୋଧ



**କେନ୍ଦ୍ରାପଡ଼ା, ୧୨।୮ (ସମିସ):** ମଙ୍ଗଳବାର କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ ଏକ ପ୍ରତିନିଧିମଣ୍ଡଳୀ ତୁଳସୀ ମହିଳା ମହାବିଦ୍ୟାଳୟର ସଭାପତି ତଥା କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ସାକ୍ଷାତ୍ କରି ମହିଳା ବିଦ୍ୟାଳୟର ଏକ ସଭାକୁ ଦଳୀୟ ସଭାରେ ପରିଣତ କରିବା ବିରୋଧରେ ପ୍ରତିବାଦ କରିଛନ୍ତି।

ଘଟଣାରୁ ପ୍ରକାଶ ଯେ, ଗତ ୧୦ ତାରିଖରେ ମହିଳା ମହାବିଦ୍ୟାଳୟରେ ଏକ ବାର୍ଷିକ ଉତ୍ସବ ସହିତ ରାଜ୍ୟ ସରକାରଙ୍କ ଭିତ୍ତିଭୂମି ଉନ୍ନୟନ ପାଣ୍ଠି ଦ୍ୱାରା ନିର୍ମିତ ଶ୍ରେଣୀଗୃହ ଉଦ୍‌ଘାଟନ ହୋଇଥିଲା। ଉକ୍ତ ଉଦ୍‌ଘାଟନ କିମ୍ବା ସଭାରେ ସ୍ଥାନୀୟ ବିଧାୟକ ଗଣେଶ୍ୱର ବେହେରା, ପୌରାଧ୍ୟକ୍ଷା ସରିତା ସାହୁ ଓ ସ୍ଥାନୀୟ କାଉନ୍‌ସିଲରଙ୍କ ନାମ ଉଲ୍ଲେଖ କରାଯାଇ ନ ଥିଲା କିମ୍ବା ସେମାନଙ୍କୁ ଡକାଯାଇ ନ ଥିଲା। ଯାହାକି ବିଜୁ ଜନତା ଦଳର ଜନପ୍ରତିନିଧିଙ୍କୁ ଜାଣିଶୁଣି ବେଖାତିର୍ କରି ଉକ୍ତ ସଭାକୁ ଅଧ୍ୟକ୍ଷ ପରିଚାଳନା କରିଥିଲେ। ଅଧ୍ୟକ୍ଷ ମହିଳା ମହାବିଦ୍ୟାଳୟ କ'ଣ ଏମିତି କାର୍ଯ୍ୟ କରିଛନ୍ତି ଯାହାକି ସରକାରଙ୍କ ନୀତି ନିୟମକୁ ଉଲ୍ଲଂଘନ କରି ବିଜେପି ଦଳୀୟ କର୍ମକର୍ତ୍ତାମାନଙ୍କୁ ସଭା ମଞ୍ଚରେ ବସାଇଥିଲେ। ମହିଳା ମହାବିଦ୍ୟାଳୟରେ ଖଣ୍ଡେ ଇଟା ପକାଇ ନ ଥିବା ବ୍ୟକ୍ତି ନାମଫଳକରେ ରହିବା ଏହା କେତେ ଦୂର ଠିକ୍ ବୋଲି ସଭାପତି ଶ୍ରୀ ଭଳ ପ୍ରଶ୍ନ କରିଥିଲେ। ତେଣୁ ଆଜି ଏହି ସମସ୍ତ ବିଷୟ ଜିଲ୍ଲାପାଳଙ୍କୁ ଜଣାଇବା ସହିତ କଲେଜରେ ଉନ୍ନତିମୂଳକ କାର୍ଯ୍ୟକୁ ପୁଙ୍ଖାନୁପୁଙ୍ଖ ଅନୁସନ୍ଧାନ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବେ ନଚେତ୍ ଆଗାମୀ ଦିନରେ କଲେଜ ପରିସରରେ ବିଜୁ ଜନତା ଦଳର ସାଧାରଣ ସଭା ଅନୁଷ୍ଠିତ ହେବ ବୋଲି କର୍ମୀମାନେ ଚେତାଇ ଦେଇଛନ୍ତି। ଏହି ପ୍ରତିବାଦରେ ପୂର୍ବତନ କାଉନ୍‌ସିଲର ହିରଣ୍ୟ ପଣ୍ଡା, ନଗର ସଭାପତି ଯଯାତି ମହାନ୍ତି, ମାଇନର ସେଲ ସଭାପତି ସେକ୍ ଇନାୟତ, ଛାତ୍ର ସଭାପତି ପ୍ରକାଶ ସାହୁ, ମୋହନ ଆଚାର୍ଯ୍ୟ, ମାନସ ଦାସ, ସମ୍ବିତ ଶ୍ରୀଚନ୍ଦନ, ରଞ୍ଜନ ସାହୁ, ଅକ୍ଷୟ ମେକାପ, ନିରଞ୍ଜନ ବାରିକ, ସାହେବ ସାହିଲ ରାଉତ, ସେକ୍ ମୁସ୍ତାକିମ୍ ପ୍ରମୁଖ ଉପସ୍ଥିତ ରହି ଦାବି ଜଣାଇଥିଲେ।

## ଥାନା ମନ୍ଦିରରେ ପ୍ରେମୀଯୁଗଳ ପିନ୍ଧିଲେ ବରଣମାଳା



**ମହାକାଳପଡ଼ା, ୧୨।୮ (ସମିସ):** ମହାକାଳପଡ଼ା ଥାନା ଅଧୀନ ଜଅଁରା ଗ୍ରାମରେ ରାତି ଅଧରେ ଗ୍ରାମବାସୀଙ୍କ ଦ୍ୱାରା ଧରାପଡ଼ିଥିବା ପ୍ରେମୀଯୁଗଳ ମହାକାଳପଡ଼ା ଥାନା ପରିସରରେ ଥିବା ମନ୍ଦିରରେ ବରଣମାଳା ପିନ୍ଧିଛନ୍ତି। ଏହି ବ୍ଲକ ଅନ୍ତର୍ଗତ କଂସାରବଡ଼ ଦାଣ୍ଡୁଆ ପଞ୍ଚାୟତ ରଡ଼ିଆ ଗ୍ରାମର ପ୍ରେମିକ ସୁଧାଂଶୁ ରାଉତ ରବିବାର ରାତି ପ୍ରାୟ ୧ଟାରେ ଜଅଁରା ଗ୍ରାମରେ ପ୍ରେମିକାଙ୍କ ଘରେ ପଶି ପ୍ରେମିକାକୁ ଡାକୁଥିବାବେଳେ ପ୍ରେମିକାଙ୍କ ମାଆ ଉଠିପଡ଼ି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମର ଲୋକମାନେ ଯୁବକକୁ କାବୁ କରିବା ସହିତ ଉଭୟ ପ୍ରେମୀଯୁଗଳଙ୍କୁ ମହାକାଳପଡ଼ା ଥାନାକୁ ନେଇଥିଲେ। ସୋମବାର ସକାଳେ ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ଉଭୟ ପରିବାରର ଅଭିଭାବକଙ୍କୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା କରିଥିଲେ। ଉଭୟ ପରିବାରର ସହମତିରେ ବିବାହ ପାଇଁ ନିଷ୍ପତ୍ତି ନେଇ ଥାନା ପରିସରରେ ଥିବା ତ୍ରିନାଥ ମନ୍ଦିରରେ ପ୍ରେମୀଯୁଗଳ ବରଣମାଳା ପିନ୍ଧିଥିଲେ। ପ୍ରେମିକାର ମଥାରେ ସିନ୍ଦୂର ଏବଂ ହାତରେ ଶଙ୍ଖା ପିନ୍ଧାଇଥିଲେ ପ୍ରେମିକ ସୁଧାଂଶୁ। ଉଭୟ ପତି-ପତ୍ନୀ ହୋଇ ରହିବେ ବୋଲି ଲିଖିତ ସ୍ୱୀକାରୋକ୍ତି ପ୍ରଦାନ କରିଛନ୍ତି ବୋଲି ପୁଲିସ ସୂଚନା ଦେଇଛି।

## ବିଜେପି ପକ୍ଷରୁ ସ୍ୱଚ୍ଛଭାରତ ଅଭିଯାନ

**ପଟ୍ଟାମୁଣ୍ଡାଇ, ୧୨।୮ (ସମିସ):** ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ପୌରାଞ୍ଚଳ ଅନ୍ତର୍ଗତ ୧୯ ନଂ ୱାର୍ଡ ବେଲତଳଠାରେ ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ଉପସଭାପତି ସଞ୍ଜୟ ସାହୁ, ବରିଷ୍ଠ ବିଜେପି ନେତା ଭାରତ ଭୂଷଣ ଦାସ, ଜିଲ୍ଲା ବିଜେପି ସମ୍ପାଦକ ଚନ୍ଦନ ପାତ୍ର, ନଗର ବିଜେପି ସଭାପତି ଅଶୋକ ସାହୁ, ପୂର୍ବତନ ସଭାପତି ପଦ୍ମନାଭ ପଣ୍ଡା, ଯୁବନେତା ମିଟୁ ମନୋଜ ନାୟକ, ସନ୍ତୋଷ ସ୍ୱାଇଁ, ସମୀର ପାତ୍ର, ରବି ବିଶ୍ୱାଳ, ପାରେଶ୍ୱର ପାତ୍ର, ପୀତାମ୍ବର କର, ଯୋଗେନ୍ଦ୍ର ବେହେରା, ମନୋଜ ସ୍ୱାଇଁ, ଗୁନା ସେଠୀ, ଉତ୍ତମ ମଲିକ, ବୀରେନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ବେଲତଳ ବେଲେଶ୍ୱର ମହାଦେବ ମନ୍ଦିର ଓ ସୁଭାଷ ବୋଷ କ୍ଲବ୍ ପରିସର ସଫେଇ କରିଥିଲେ।

## କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

# ୩,୭୧,୨୯୮ ଜଣଙ୍କୁ ଔଷଧ ପ୍ରଦାନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ

**କେନ୍ଦ୍ରାପଡ଼ା/ରାଜନଗର, ୧୨।୮ (ସମିସ)**



ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ଜାତୀୟ କୃମିନାଶକ କାର୍ଯ୍ୟକ୍ରମ ମଙ୍ଗଳବାର କେନ୍ଦ୍ରାପଡ଼ା ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ସହିତ ଜିଲ୍ଲାପାଳ ରଘୁରାମ ଆର୍ ଆୟାର ରାଜନଗର ବ୍ଲକ ଅନ୍ତର୍ଗତ ବଳରାମପୁର ୟୁପି ସ୍କୁଲଠାରେ ବ୍ଲକସ୍ତରୀୟ କୃମିନାଶକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲ୍ଲାର ସମସ୍ତ ୧ରୁ ୧୯ ବର୍ଷୀୟ ଶିଶୁ ଏବଂ କିଶୋର କିଶୋରୀ ଏବଂ ଯୁକ୍ତ ୨ର ଛାତ୍ରଛାତ୍ରୀମାନେ କୃମିନାଶକ ସିରପ ଏବଂ ବଟିକା ସେବନ କରିବେ। ୧ରୁ ୨ ବର୍ଷ ପିଲାମାନେ ୫ ମିଲି ସିରପ, ୨ରୁ ୫ ବର୍ଷ ପିଲାମାନେ ୧୦ ମିଲି ସିରପ ଓ ୨୦ରୁ ୨୪ ବର୍ଷୀୟା ଝିଅମାନେ ମଧ୍ୟ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମିନାଶକ ବଟିକା ଅଙ୍ଗନବାଡ଼ି କେନ୍ଦ୍ରରେ ସେବନ କରିବେ। ସେହିପରି ବିଦ୍ୟାଳୟସ୍ତରରେ ପ୍ରଥମରୁ ପଞ୍ଚମ ଶ୍ରେଣୀ, ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପିଲାମାନେ ପ୍ରତ୍ୟେକ ଗୋଟିଏ ଲେଖାଏଁ କୃମିନାଶକ ବଟିକା ସେବନ କରିବେ। ଏହି କାର୍ଯ୍ୟକ୍ରମରେ ଶତ ପ୍ରତିଶତ ପିଲା ଯେପରି କୃମିନାଶକ ସିରପ ଓ ବଟିକା ସେବନ କରିବେ ଏଥିପାଇଁ ଜିଲ୍ଲାପାଳ ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଏବଂ ମହିଳା ଓ ଶିଶୁ ବିଭାଗର ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି। ଜିଲ୍ଲାର ମୋଟ୍ ୩ ଲକ୍ଷ ୩୦ ହଜାର ୬୦୫ ସଂଖ୍ୟକ ପିଲା ୧ରୁ ୧୯ ବର୍ଷ ଏବଂ ୨୦ରୁ ୨୪ ବର୍ଷ ବୟସ୍କା (ଗର୍ଭବତୀ ହୋଇ ନ ଥିବା ଓ ପ୍ରସୂତି ହୋଇ ନ ଥିବା) ମଧ୍ୟରେ ୪୦ ହଜାର ୬୯୩ ଜଣ ଏହି କାର୍ଯ୍ୟକ୍ରମର କୃମିନାଶକ ବଟିକା ଓ ସିରପ ଖାଇବେ ବୋଲି ଲକ୍ଷ୍ୟ ରଖାଯାଇଛି।

ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋରଞ୍ଜନ ରାଉତ ସ୍ୱାଗତ ଅଭିଭାଷଣ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ସଚ୍ଚିଦାନନ୍ଦ ମିଶ୍ର, ଡ. ଶ୍ୟାମସୁନ୍ଦର ଟୁଡୁ, ଏଡିଏମ୍‌ଓ ମେଡିକାଲ ଡା. ପ୍ରମୋଦ କୁମାର ପ୍ରହରାଜ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ କୁମାର ନାୟକ, ଫାଇନାନ୍ସିଆଲ୍ ଅଫିସର ଆଶୁତୋଷ ତ୍ରିପାଠୀ, ଡିପିଏମ୍ ଡ. ମନୋରଞ୍ଜନ ସାହୁ, ଡିପିଏଚ୍‌ସିଓ ଶୁଭ ନାରାୟଣ ନାୟକ, ଜିଲ୍ଲା ଆକାଉଣ୍ଟ୍ସ ମ୍ୟାନେଜର ସର୍ବେଶ୍ୱର ପ୍ରଧାନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସୁଷମା ମହାନ୍ତି, ଜିଲ୍ଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାୟ, ଅତିରିକ୍ତ ଶିକ୍ଷା ଅଧିକାରିଣୀ ଶୁଭସ୍ମିତା ତ୍ରିପାଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀଙ୍କ ସମେତ ଜାତୀୟ ସ୍ୱାସ୍ଥ୍ୟ ମିଶନର ସମସ୍ତ କର୍ମକର୍ତ୍ତା ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଇନ୍‌ଚାର୍ଜ ଉପସ୍ଥିତ ଥିଲେ। ସର୍ବପ୍ରଥମେ ବିଦ୍ୟାଳୟର ଛାତ୍ରୀମାନେ ଜିଲ୍ଲାପାଳ ତଥା ସମସ୍ତ ଅତିଥିଙ୍କ ଉଦ୍ଦେଶ୍ୟରେ ସ୍ୱାଗତ ସଙ୍ଗୀତ ଗାନକରିଥିଲେ। ଶେଷରେ ସୁକାନ୍ତ କୁମାର ପ୍ରଧାନ, ଡେପୁଟି ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଧିବାମନଜୀଉ ପୂଜକଙ୍କ ପରଲୋକ

**ଡେରାବିଶ, ୧୨।୮ (ସମିସ):** ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟସ୍ଥିତ ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ପୂଜକ ବଂଶୀଧର ପଣ୍ଡା (୭୨)ଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି।



ବଂଶୀଧର ତାଙ୍କ ଦୁମୁକାହାଟସ୍ଥିତ ବାସଭବନରେ ଶୋଇଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ବିଳମ୍ବିତ ରାତିରେ ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା ବେଳେ ବଡ଼ ଭାଇଁ ଚନ୍ଦ୍ରମଣି କର ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ଶ୍ରୀ କର ବଂଶାନୁକ୍ରମିକ ଭାବେ ପିଲାବେଳୁ ଶ୍ରୀଦଧିବାମନଜୀଉଙ୍କ ପୂଜକ ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୪ ଝିଅ ଓ ୪ ଭାଇଙ୍କ ସମେତ ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।